# ବେଦ ସଂହିତା, ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦ

## ଏକ ସଂକ୍ଷିପ୍ତ ପରିଚୟ

(Veda, Brahmana, Aranyaka and Upanishad - An Introduction)

**वेद संहिता, ब्रह्मण, अरण्यक और उपनिषद - एक संक्षिप्त परिचय**


ସଂପାଦନ - ଶ୍ରୀ ପ୍ରକାଶ ପ୍ରଧାନ

Editor – Prakash Pradhan


ଭାଷା - ଓଡିଆ

Language – Odia


ଉପଦେଷ୍ଟା ଓ ଶୁଦ୍ଧିକରଣ

ପଣ୍ଡିତ ଶ୍ରୀ ସନ୍ତୋଷ କୁମାର ମିଶ୍ର



**ଶ୍ରୀ ପ୍ରକାଶ ପ୍ରଧାନ**

ସଂପାଦକ

prakash@scholarshoppe.com

ଉପଦେଷ୍ଟା ଓ ଶୁଦ୍ଧିକରଣ



**ପଣ୍ଡିତ ଶ୍ରୀ ସନ୍ତୋଷ କୁମାର ମିଶ୍ର**

ସଂପାଦକ, ହିନ୍ଦୁ ମହାସଭା,

ଓଡ଼ିଶା ଶାଖା

astrosant@gmail.com

Not for Commercial Use

# ପୂର୍ବାଭାଷ

ଶ୍ରୀ ମହାଗଣପତୟେ ନମଃ ।
ମାତାପିତୃଭ୍ୟାଂ ନମଃ ।
ସର୍ବଭ୍ୟୋ ଗୁରୁଭ୍ୟୋ ନମଃ ।
ଶ୍ରୀ ସରସ୍ୱତ୍ୟୈ ନମଃ ।
ସର୍ବଭ୍ୟୋ ଦେବେଭ୍ୟୋ ନମଃ ।
ଶ୍ରୀ ବେଦାୟ ନମଃ ।
ଶ୍ରୀ ବେଦପୁରୁଷାୟ ନମଃ ।

**୩୦ ଅକ୍ଟୋବର ୨୦୨୦**, ଭାରତରେ ଏବେ କୋଭିଡ୍-୧୯ ଲକଡାଉନ ଚାଲୁଅଛି, କିନ୍ତୁ ଅନେକ ବ୍ୟବସ୍ଥା ମାନଙ୍କରେ କୋହଳ ଦିଆଗଲାଣି । ମୋର ବୃତ୍ତି ଶିକ୍ଷାସଂସ୍ଥା ମାନଙ୍କ ସହିତ ସଂଯୁକ୍ତ ଥିବାରୁ, ମୋ ପାଇଁ ସଂପୂର୍ଣ୍ଣ ଲକଡାଉନ ଭଳି, ତେଣୁ ଘରେ ବସିବା ଛଡା କୌଣସି ଗୁରୁତ୍ୱପୂର୍ଣ୍ଣ କାମ ନାହିଁ । ଏହି ଅବସରରେ, "**ଋକ୍-ବେଦ**"କୁ **ଓଡିଆ ଭାଷାରେ ଲିପିବଦ୍ଧ** କରିବା ପରେ, ମୋର କିଛି ବନ୍ଧୁ, ସ୍ୱଜନ ମାନଙ୍କ ମନରେ "**ବେଦ**"କୁ ନେଇ ଅନେକ ମୌଳିକ ପ୍ରଶ୍ନ ଆସିଲା, ଓ ସେମାନେ ଏହାର ଉତ୍ତର ଯାଣିବାକୁ ଇଚ୍ଛୁକ ହେଲେ । ଯେପରିକି, "**ବେଦ**"କୁ କିଏ ଆଉ କେବେ ରଚନା କରିଥିଲେ? କାହିଁକି କରିଥିଲେ? ସେମାନଙ୍କର ଉଦ୍ଦେଶ୍ୟ କ'ଣ ଥିଲା? ଏହା ୪ଟି କାହିଁକି ? ଏହାର ବିଷୟବସ୍ତୁ କ'ଣ? ଏହାର ବାସ୍ତବିକ ଜୀବନରେ ଉପଯୋଗ କ'ଣ? ଇତ୍ୟାଦି ଇତ୍ୟାଦି... ? ଏ ପ୍ରକାରର ପ୍ରଶ୍ନ ସମସ୍ତଙ୍କ ମନରେ ଆସିବା ସ୍ୱାଭାବିକ । ୧୦-୧୨ ବର୍ଷ ପୂର୍ବରୁ ମୁଁ ମଧ୍ୟ ଏହି ମୌଳିକ ପ୍ରଶ୍ନ ମାନଙ୍କର ଉତ୍ତର ଜାଣି ନ ଥିଲି । ଏଥିରେ କାହାର ଦୋଷ ମଧ୍ୟ ନାହିଁ, କାରଣ ଆମକୁ କେବେ ଏହାକୁ ଜାଣିବାର ସୁଯୋଗ ମିଳିନାହିଁ, ନାଁ ଏହାର **ମୌଳିକ ଶିକ୍ଷା** (ସଂଜ୍ଞା ଓ ସାଙ୍ଗଠନିକ, ଆନ୍ତରିକ ବିଷୟବସ୍ତୁ ନୁହେଁ) ସ୍କୁଲ, କଲେଜରେ ଦିଆଯାଇଥିଲା, ନାଁ ସମାଜର କୌଣସି ବର୍ଗ ବା ଜ୍ଞାନୀ ବା ପଣ୍ଡିତ ଙ୍କ ଦ୍ୱାରା ମିଳିଥିଲା, ନାଁ ସରକାରଙ୍କର ଏହାକୁ ପ୍ରଚାର

Not for Commercial Use

ବା ପ୍ରସାର କରିବାରେ ଭୂମିକା ଥିଲା । ଆମକୁ କେବଳ ଏତିକି ଜଣା ଥିଲା ଯେ, ଆମର "ବେଦ" ନାମକ ଧର୍ମଗ୍ରନ୍ଥ ଅଛି ଓ ଏହା ୪ଟି, ଯଥା, '**ଋକ୍-ବେଦ**', '**ଯଜୁର୍ବେଦ**', '**ସାମବେଦ**', ଓ '**ଅଥର୍ବବେଦ**' । ଆମର ଏହି ଅଜ୍ଞାନତା, ଏକ ଦୁର୍ଭାଗ୍ୟର ବିଷୟ ନିଶ୍ଚିତ, ଆମେ ଯେଉଁ ଧର୍ମକୁ ନେଇ ନିଜକୁ ଗର୍ବିତ ଅନୁଭବ କରୁ, ସେ ଧର୍ମ ବିଷୟରେ ଆମକୁ କିଛି ଜଣାନାହିଁ । ସେଥିପାଇଁ ଚିନ୍ତାକଲି ଯେ, ଏ ସମସ୍ତ ମୌଳିକ ପ୍ରଶ୍ନ, ତଥା ସାଙ୍ଗଠନିକ ଓ ସଂଜ୍ଞା ବିଷୟରେ ଏକ ପୁସ୍ତକ ଲେଖିବା ଜରୁରୀ ଅଟେ । ତେଣୁ ସେଇଥିପାଇଁ ଏହି ପୁସ୍ତକ "**ବେଦ ସଂହିତା, ବ୍ରାହ୍ମଣ, ଆରଣ୍ୟକ, ଓ ଉପନିଷଦ - ଏକ ସଂକ୍ଷିପ୍ତ ପରିଚୟ**" ଲେଖିବାକୁ ପ୍ରୟାସ କରିଛି ।

ପ୍ରତ୍ୟେକ "ବେଦ" ଏକ ବିଶାଳ ସମୁଦ୍ର ଭଳି ଅଟେ । ତେଣୁ, ୪ଟି "ବେଦ"ର ସାରାଂଶ, ଏକ ଅତି ଛୋଟ ପୁସ୍ତକରେ ଉପସ୍ଥାପନ କରିବା ଏକ କାଠିକର ପାଠ । ଏଥିପାଇଁ ଅନେକ ଅନୁସନ୍ଧାନ କଲି, ହେଲେ କୌଣସି ଗୋଟିଏ ପୁସ୍ତକ (ମୁକ୍ତ ବା ପୈଠ) ପାଇଲି ନାହିଁ, ଯେଉଁଠି ଏହି ୪ଟି "ବେଦ" ମାନଙ୍କ ବିଷୟରେ ଗୋଟିଏ ପୁସ୍ତକରେ ଉପଲବ୍ଧ ଥିବ । ଯାହା କିଛି ଉପଲବ୍ଧ ଥିଲା ବା ଅଛି, ସେ ସବୁ ଗୋଟିଏ ଗୋଟିଏ ବିଷୟ ସଂବନ୍ଧୀୟ, ଅର୍ଥାତ, "ଋକ୍-ବେଦ" ବିଷୟ ଗୋଟିଏ ସ୍ଥାନରେ ବା ଗୋଟିଏ ଗ୍ରନ୍ଥରେ ଉପଲବ୍ଧ ରହିଅଛି, ସେହିପରି ଅନ୍ୟ"ବେଦ" ଗୁଡିକ ମଧ୍ୟ । ଏହାର କାରଣ,

- "ବେଦ" ବିଭାଜନ ପୂର୍ବରୁ, ଏହା ଗୋଟିଏ ଓ ବିଶାଳ ଥିଲା, ମନୁଷ୍ୟ ମାନଙ୍କର ବୟସ ଓ ମେଧା ଶକ୍ତି ହ୍ରାସ ଯୋଗୁ, "ବେଦବ୍ୟାସ" ଏହାକୁ ୪ଟି ଭାଗରେ ବିଭକ୍ତ କରିଥିଲେ ଓ ତାଙ୍କର ୪ଟି ମୁଖ୍ୟ ଶିଷ୍ୟଙ୍କୁ ଗୋଟିଏ ଗୋଟିଏ "ବେଦ" ଶିକ୍ଷା ଦେଇଥିଲେ । ପର ସମୟରେ ଏହା "ଗୁରୁକୁଳ" ରୂପେ ଜଣାହେଲେ ।
- ଗୁରୁକୁଳ ବା ତାଙ୍କ ଅନୁସରଣକାରୀ ଗୋଟିଏ "ବେଦ"କୁ ଅନୁସରଣ ଓ ପ୍ରୟୋଗ କରୁଥିଲେ, ସେଥିପାଇଁ ଏହାର ଗ୍ରନ୍ଥ ଓ ଏହା ସଂବନ୍ଧୀୟ ଜ୍ଞାନ ସେହି ସ୍ଥାନରେ ମିଳି ପାରୁଥିଲା ।
- ଯଦିଓ ଗୁରୁକୁଳ ମାନଙ୍କରେ, ଅନ୍ୟ "ବେଦ" ମାନଙ୍କର ବ୍ୟବହାର ହୋଉଥିଲା, କିନ୍ତୁ ଏହା ସେହି ଗୁରୁକୁଳର ମୁଖ୍ୟ ବିଷୟ ନଥିଲା ।

Not for Commercial Use

- ଏହି ପରମ୍ପରା,ଏବେବି ଚାଲିଆସୁଅଛି । ଗୋଟିଏ ଗୋଟିଏ "ବେଦ" ଏତେ ବିଶାଳ ଯେ, ଏଥିରେ ଅନ୍ୟ ବିଷୟ ମାନଙ୍କର ଆଲୋଚନା ସମ୍ଭବ ନୁହେଁ ବା ଅବୈଧ ଅଟେ ।

ତେଣୁ ପ୍ରତ୍ୟେକ "ବେଦ"ର ବିଷୟ ଗୁଡିକୁ ପଢି, ସେଥିରୁ ସାରାଂଶକୁ ସଂକ୍ଷିପ୍ତ କରି, ଏହି ପୁସ୍ତକରେ ଉପସ୍ଥାପନ କରିବାକୁ ଚେଷ୍ଟା କରାଯାଇଛି । ତେଣୁ ଏହି ପୁସ୍ତକ, ଏକ ଭିନ୍ନ ଓ ପ୍ରଥମ ପ୍ରକାରର । ଏହାକୁ ଏକ ପାଠ୍ୟ ପୁସ୍ତକ ଶୈଳୀରେ ପ୍ରସ୍ତୁତ କରାଯାଇଛି । ଏହି ପୁସ୍ତକରେ କେବଳ "ବେଦ" ଗୁଡିକର ସାଙ୍ଗଠନିକ ତଥ୍ୟ ଓ କିଛି ବୈଦିକ ଶବ୍ଦ ବା ବିଶେଷତ୍ୱ ବାକ୍ୟ ମାନଙ୍କର ସଂଜ୍ଞା ଗୁଡିକ ରହିଅଛି । ଏଥିରେ "ବେଦ"ର ଇତିହାସ, ବିଭାଜନ, ଶାଖା, ବିବର୍ତ୍ତନ, ଓ ଏହାର ଅଙ୍ଗ, ପ୍ରତ୍ୟଙ୍ଗ ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଛି । ଏହାକୁ ଆପଣାମାନେ, "ବେଦ"ର ଏକ ଢାଞ୍ଚା ପୁସ୍ତକ କହିପାରିବେ ।

ମୁଁ ବେଦ ବିଷୟରେ କିଛି ଜାଣି ନାହିଁ, **ମୋର ବେଦ ବିଷୟରେ କୌଣସି ଜ୍ଞାନ ନାହିଁ** । ମୋ ପାଇଁ ଏହା ଏକ ରୁଚିର ବିଷୟ ହୋଇଥିବାରୁ, ଏହା ଉପରେ ୭ ବର୍ଷ ହେବ, ଗବେଷଣା କରିବାର ସୁଯୋଗ ପାଇଛି । ଏହି ପୁସ୍ତକରେ ମୋର କୌଣସି ନିଜ ଲେଖ ବା ନିଜ ବକ୍ତବ୍ୟ ନାହିଁ । ମୁଁ କେବଳ ମୁନୀଋଷି, ସାଧକ, ଆଚାର୍ଯ୍ୟ, ଗୁରୁ, ଅଧ୍ୟାପକ, ଗବେଷକ, ଇତିହାସକାର ଓ ଅନେକ ମହାନୁଭବ ମାନଙ୍କର ଲେଖ ବା ବକ୍ତବ୍ୟ ମାନଙ୍କ ମଧ୍ୟରୁ ସାମାନ୍ୟ କିଛି ଓଡିଆ ଭାଷାରେ ଆପଣମାନଙ୍କ ପାଇଁ ଉପସ୍ଥାପନ କରିବାର ସୁଯୋଗ ନେଇଛି । ତେଣୁ ମୁଁ କେବଳ, କେବଳ **ଜଣେ ଉପସ୍ଥାପକ ମାତ୍ର** । ଏଥିପାଇଁ ସେମାନଙ୍କର ଅନେକ ପାଣ୍ଡୁଲିପି, ମାଦଳାପାଞ୍ଜି, ଗ୍ରନ୍ଥ, ପୁସ୍ତକ, ଦସ୍ତାବିଜ, ଡିଭିଡି , ଭିଡିଓ, ଇବୁକ୍, ବ୍ଲଗ୍ ଇତ୍ୟାଦି ବ୍ୟବହାର କରିଛି । ସେମାନଙ୍କୁ ମୋର ଶତ ଶତ ନମସ୍କାର । ସେ ସବୁର, ଯଥାସମ୍ଭବ ତାଲିକା ତଳେ ଦେବାକୁ ଚେଷ୍ଟା କରିଛି । ଏଥି ସହିତ ମୋର ଗୁରୁମାନଙ୍କ ସହିତ ଆଲୋଚନା ଓ ତାଙ୍କର ଉପଦେଷ ଏସବୁ ଲେଖିବା ପାଇଁ ମୋତେ ଉତ୍ସାହ ପ୍ରଦାନ କରିଆସୁଅଛି ।

Not for Commercial Use

ଏଥିରେ ବ୍ୟବହୃତ ହୋଇଥିବା ସୂତ୍ର (Sources) ଗୁଡିକ, ପ୍ରାମାଣିକ ଓ ବିଶ୍ୱସ୍ତ ସୂତ୍ରରୁ ନିଆଯାଇଛି । ଏହି ସୂତ୍ରଗୁଡିକ ମଧ୍ୟରେ, ମୁଖ୍ୟତଃ, 'ମୂଳ ଗ୍ରନ୍ଥ ବା ମୂଳଗ୍ରନ୍ଥର ଅନୁବାଦ, ଇଉନିଭରସିଟି ପ୍ରକାଶିତ ପୁସ୍ତକ ବା ଦସ୍ତାବିଜ, ଗବେଷଣା ଦସ୍ତାବିଜ, ଆଚାର୍ଯ୍ୟ ବା ପଣ୍ଡିତ ମାନଙ୍କର ଲେଖ ବା ବକ୍ତବ୍ୟ, ଇତ୍ୟାଦି ରହିଅଛି । ଏଥି ମଧ୍ୟରୁ, ଅଧିକାଂଶ ଦସ୍ତାବିଜ ବା ପୁସ୍ତକ ଅତି ପୁରୁଣା, ଓ  କିଛି ପାଣ୍ଡୁଲିପି ମଧ୍ୟ ରହିଅଛି । ବେଳେ ବେଳେ ୩, ୪ଟି ଦସ୍ତାବିଜ ବା ପୁସ୍ତକ ଗୁଡିକ ପଢି, ସେଥିରୁ ପ୍ରାମାଣିକ ତଥ୍ୟ ନିଆଯାଇଛି ।

ମୋ, ଜ୍ଞାନ ଅବଧିରେ, ଧ୍ୟାନ ପୂର୍ବକ, ଯଥାସମ୍ଭବ ସାବଧାନ ଓ ଯତ୍ନର ସହିତ, ତଥ୍ୟ ଗୁଡିକୁ ଏହି ପୁସ୍ତକରେ ଉପସ୍ଥାପନ କରିବାକୁ ପ୍ରୟାସ କରିଛି । ତଥାପି, ଏଥିରେ ଭୂଲ ବା ତୃଟି ରହିଥାଇ ପାରେ । ତେଣୁ କୃପାଳୁ ପାଠକ, କ୍ଷମା କରିବା ସଙ୍ଗେ ସଙ୍ଗେ, ସଂପାଦକଙ୍କ ଦୃଷ୍ଟି ଗୋଚରକୁ ଆଣିବାକୁ ଅନୁରୋଧ ।

ଆଶାକରୁଛି, ଏହି ପୁସ୍ତକ, ହିନ୍ଦୁଧର୍ମକୁ ଗୌରବାନିତ୍ୱ କରିବା ସଙ୍ଗେ ସଙ୍ଗେ,  ଜ୍ଞାନର ପ୍ରସାର କରିବା କାମରେ ଆସିବ ଓ ଏହାକୁ ଭବିଷ୍ୟତ ପିଢି ପର୍ଯ୍ୟନ୍ତ ପହଞ୍ଚାଇ, ଭାରତର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବେ ।

ଅପେକ୍ଷା କରିବି ଆପଣ ମାନଙ୍କର ମନ୍ତବ୍ୟ ଓ ବକ୍ତବ୍ୟକୁ । ଧନ୍ୟବାଦ ।

**ତାରିଖ - ୧୬.୦୨.୨୦୨୧,**
**ବସନ୍ତ ପଞ୍ଚମୀ,**

**ଶ୍ରୀ ପ୍ରକାଶ ପ୍ରଧାନ,**
**ସଂପାଦକ,**
ସଂସାରଫଳ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା, ଓଡ଼ିଶା, ଭାରତ,
ବର୍ତ୍ତମାନ ସ୍ଥିତି - ଚେନ୍ନାଇ, ତାମିଲନାଡୁ, ଭାରତ ।

Not for Commercial Use

# ଏହି ପୁସ୍ତକ ରଚନାରେ ବ୍ୟବହୃତ ହୋଇଥିବା ଗ୍ରନ୍ଥ, ପୁସ୍ତକ, ଦସ୍ତାବିଜ ଇତ୍ୟାଦିର ତାଲିକା

**Websites (ୱେବସାଇଟ)**

www.vedicheritage.gov.in
www.wikipedia.org
www.archive.org
www.academia.edu
www.docs.google.com
www.researchgate.net
www.vedicreserve.miu.edu
www.oursanskrit.com
www.hindupedia.com
www.bharatvani.org
www.tatvavada.org

**Dictionaries (ଶବ୍ଦକୋଷ)**

Digital Dictionaries of South Asia
PurnaChandra Bhasakosha
Google, Translate Tool
Glosbe - The Multilingual Online Dictionary
Oxford Online Dictionary

**Bhasya (ଭାଷ୍ୟ)**

- **Rk Veda Samhita - Bhasyam** - Pt. Jayadevaji Sharma, Vidyaalankar, Mimamsatirha, Arya Sahitya Mandala, Ajmer, UP - 1966
- **Yajur Veda Samhita - Bhasyam** - Pt. Jayadevaji Sharma, Vidyaalankar, Mimamsatirha, Arya Sahitya Mandala, Ajmer, UP - 1966
- **Saama Veda Samhita - Bhasyam** - Pt. Jayadevaji Sharma, Vidyaalankar, Mimamsatirha, Arya Sahitya Mandala, Ajmer, UP - 1966
- **Atharva Veda Samhita - Bhasyam** - Pt. Jayadevaji Sharma, Vidyaalankar, Mimamsatirha, Arya Sahitya Mandala, Ajmer, UP - 1966
- **Saama Veda Bhasa Kavyaanubaad**, Pt. Prakashvati Bugga, Shaastri, 1988
- **Yajur Veda Bhasyam** - Pt. Gyna Prakash Shastri, Arya Samaja, 2008
- **Sukla Yadur Veda Samhita** - Madhyndini Sakhaa - Basudev Laxman Shastri, Nirnaya Sagar Press, Bombay - 1929
- **Atharva Veda Bhasyam** - Pt. Hari Sharana Sidhantalankar, Arya Samaj, 2007
- **Rk Veda Bhasyam** - Arya Samaj - 2005

Not for Commercial Use

## Books (ପୁସ୍ତକ)

- **Rigveda - Shakala Shakhaa** - Sir Max F. Muller - Oxford University, London, Year- 1854
- **Rigveda - Ashvalayana Shakhaa** - Prof. Braja Bihari Chaubey, IGNCA, New Delhi
- **Sanatan Dharma - An Elementary Text-Book** - Hindu Religion and Ethics - Central Hindu Collage Trustees, Varanasi Year - 1916
- **Veda gyanam** - by Gyanam - year-2003, archive.org
- **Vedic Phonetics** - Peter Franklin Freund, Graduate School, Maharshi University of Management, Fairfield, Iowa, Year - 2006
- **Theory and Practice of Hindu Ritual** - Pt. Sriram Ramanuja Achaari, Year - 2013
- **Veda, Brahmanas and Arayanka** - Dr. N. Gopalakrishnan, Scientist & Director - Indian Institute of Scientific Heritage, Tiruvanthapuram, Kerala - Year - 2008
- **Introduction to Vedic Chanting** - Pt. Sriram Ramanuja Achaari, Year - 2016
- **Nirukta of Yaaska** - By Prof. Uma Shankar Sharma, Sahityaratna, Lecturer in Sanskrit, Patna College, Patna, Chowkhamba Vidya Bhavan - Varanasi, Year - 1961
- **The Basics of Vedanta Philosophy** - Pt. Sriram Ramanuja Achaari, Year - 2016
- **The Secret of the Veda** - Sri Aurovindo - Sri Aurobindo Ashram Trust, Year-1998
- **Vedic Evolution -Its Philosophy and Science** - Chandra Mouli MS - 2018
- **Saam Veda** - Dr. Rekha Vyas, MA Phd, Samskruta Sahitya Prakashan, New Delhi, 2015
- **Rig Veda - Praatishakhya** - Pragya Singh, MA,Phd, Dept. of Sanskrit, Punjab University – 2010

## Documents (ଦସ୍ତାବିଜ)

- **Vedic Chanting** - Aperfectly Formulated Oral Tradition - Dr. S. Yegnasubramanian, President - SVBF (Sringeri Vidya Bharati Foundation Inc, USA), Scientist at Bell Lab, 2007
- **Documents of Vedic Traditions in Southern part of India - Retrospect and Prospect** - Dr. K. Varalakshmi, Deputy Director, Sanskrit Academy, Osmanina University, - 2015
- **Rules of Chanting in Samskritam** - Swamini Svatmabodhananda Saraswati, Swami Dayananda Saraswati, Arsha Vidya Gurukulam, Malleshwaram, Bangalore - 2014
- **Vaidika Devata** - Dr. Sri RajivaJi prachandiya, IGNCA - New Delhi, Year-2015
- **Veda aur Veda Vyasa** - Dr. Sri Vedaprakashji Shastri, IGNCA - New Delhi, Year-2015
- **Vedaungmaya - Parichaya evam ApauruSheyavaada** - Dandiswami Srimad Dattayogeshwar devatirtha Ji Maharaj, IGNCA, New Delhi, Year-2015
- **Mantradrasta Rushi** - Pt. SriJanakinaathaJi Sharma - Year - 2015
- **Veda ke vivdha chanda aur chandonushasan - Grantha** - Dr. Acharya Sriramkishora Ji Mishra - IGNCA - 2015
- **Veda main Yotish** - Sri Omprakash Ji Palivaala - IGNCA - 2015
- **Vedic Accents** - Wikner@nac.ac.za, 25th June, 1997

Not for Commercial Use

- **The Four Veda** - The Oral Tradition of Hymns, Chants, Sacrificial, and Magical Formula - Prof. J.F. Staal, Smithsonian Institution. USA
- **Vedic Perspectives on Acoustics** - Dr. MG Prasad, Professor, Department of Mechanical Engineering, Stevens Institute of Technology, Hoboken, New Jerssy, USA (Reseachgate.com)
- **Vedic Extensions - Unicode Characters for Vedic symbols** - The Unicode Standard 13.0; www.unicode.org
- **Vedas and Vedic Hymns** - Vedanta Spiritual Library, www.celextel.org
- **Veda Mantras - Pronunciation Type - Prakriti and Vkriti Patha** - Sri Sri KishoreJi Mishra, IGNCA, New Delhi - 2015
- **Vaidika Rushi, Devata, Chanda aur Viniyoga** - Pt. shri Yogindra Ji Jha, Veda Vyakaranaacharya, IGNCA, New Delhi - 2015
- **A COMPARISON OF MODERN SCIENCE WITH VEDIC SCIENCE** - Suvendu Das, 2019, PhD, Los Angeles, California, USA
- **Soma is Yajnasya Atmaa**, www.academia.org
- **Sulba Sastras, The source book of Vedic Geometry** - Dr.N.K.Sundareswaran, Department of Sanskrit, University of Calicut, Kerala, 2016
- **Atharva Veda ka Samkshipta Parichaya**, Pt. Sri Rushiramji Regmi, AtharVadedaShastri, IGNCA - 2015
- **Saama Veda ka Parichaya o Vaishisthya** - Acharya Sriram Adhikariji, Vedacharya, IGNCA, 2013
- **MEMORY OF THE WORLD REGISTER – Veda** - Bhandarkar Oriental Research Institute, Pune, 2003
- **Vedic Accent and Lexicography** - Felix Rau, University of Cologne – Lazarus Project, Germany – 2017


## Blogs (ବ୍ଲଗ୍)


- https://sreenivasaraos.com/
- https://medium.com/@philosophy.vedas/
- https://tamilandvedas.com/


## Journal (ପତ୍ରିକା)


- **PURANA** - All India Kashiraj Trust, Fort Ram Nagar, Varanasi - Year - 1965


Not for Commercial Use

# ଉତ୍ସର୍ଗ

ଏହି ପୁସ୍ତକ "**ବେଦ ସଂହିତା, ବ୍ରାହ୍ମଣ, ଆରଣ୍ୟକ, ଓ ଉପନିଷଦ - ଏକ ସଂକ୍ଷିପ୍ତ ପରିଚୟ**" ଓଡିଆ ଭାଷୀ ସମସ୍ତ ଜନସାଧାରଣଙ୍କ ସେବାରେ ଓ ସାର୍ବଜନୀନ ଜ୍ଞାନ ପ୍ରସାର ନିମନ୍ତେ ଉତ୍ସର୍ଗ କରୁଛି ।

ବଶମ୍ବଦ

**ଶ୍ରୀ ପ୍ରକାଶ ପ୍ରଧାନ,**

**ସଂପାଦକ**

# ନିବେଦନ

ଏହି ପୁସ୍ତକ "**ବେଦ ସଂହିତା, ବ୍ରାହ୍ମଣ, ଆରଣ୍ୟକ, ଓ ଉପନିଷଦ - ଏକ ସଂକ୍ଷିପ୍ତ ପରିଚୟ**" ଟି ବ୍ୟକ୍ତିଗତ ପଠନ ଉଦ୍ଦେଶ୍ୟରେ ତିଆରି କରାଯାଇଛି ଓ ଏହା ସମସ୍ତଙ୍କୁ ଡିଜିଟାଲ ରୂପରେ ମୁକ୍ତ ଉପଲବ୍ଧ ହେବ । ଏହାର କୌଣସି **ବ୍ୟାପାରୀକରଣ ନ କରିବାକୁ** ଅନୁରୋଧ । ଯଦି କେହି ଏହାର ପ୍ରକାଶନ କରିବାକୁ ଚାହୁଁଛନ୍ତି, ସଂପାଦକଙ୍କ ସହିତ ଯୋଗାଯୋଗ କରିବାକୁ ଅନୁରୋଧ ।

**ଶ୍ରୀ ପ୍ରକାଶ ପ୍ରଧାନ,**

**ସଂପାଦକ,**

Not for Commercial Use

# ବେଦ ଦର୍ଶନ

**ହରି ଓମ୍** ।। ସମଗ୍ର ବିଶ୍ୱର ନିୟନ୍ତାଙ୍କ ଶ୍ରୀ ଚରଣ ରେ ଅଭିବନ୍ଦନ ।। ଅନୁଜ, ଶ୍ରୀ ପ୍ରକାଶ ପ୍ରଧାନ ଙ୍କ ସଂପାଦନା ରେ "**ବେଦ, ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦ**" ର ପୂର୍ବାଭାସ ସମଗ୍ର ବର୍ତମାନ ଏବଂ ଆଗାମୀ ଦିନର ମନୁଷ୍ୟ ସମାଜ ପାଇଁ ଏକ କାଳଜୟୀ ଉପକ୍ରମ । ଏହାଦ୍ୱାରା ସରଳତମ ଉପାୟରେ ବେଦ ଭଗବାନଙ୍କ ବିଷୟରେ ଅଳ୍ପ ସମୟ ଏବଂ ସ୍ୱଳ୍ପ ଶବ୍ଦରେ ଆଗାମୀ ପିଢ଼ି ପାଇଁ ଆଧ୍ୟାତ୍ମିକ ଓ ଭୌତିକ ମାର୍ଗ ଦର୍ଶନ କରାଯାଇଛି । "ବେଦ" କିଏ, କ'ଣ ଓ କାହିଁକି ର ସରଳ ସମାଧାନ ର ସୂତ୍ରକୁ ସରଳ ଭାଷାରେ ବୁଝାଇବାକୁ ଶ୍ରୀ ପ୍ରଧାନ ଯତ୍ପରୋନାସ୍ତି ଚେଷ୍ଟା କରିଛନ୍ତି ।

ପ୍ରଥମତଃ ଏହା ଦିବ୍ୟ ବୈଦିକ ଚିନ୍ତନ ଓ ସମଗ୍ର ବିଶ୍ୱର ମାନବ ସମାଜର ସର୍ବତୋଭଦ୍ର କଲ୍ୟାଣ ଉଦ୍ଦେଶ୍ୟରେ ଏକ ମହନୀୟ ପ୍ରୟାସ ଏବଂ ଏହାର ବିଶେଷ ଗୁଣଗାନ କରିବା ପାଇଁ ଅଧୀନ ନିକଟରେ ଶବ୍ଦାବଳୀ ଅନେକ ସ୍ୱଳ୍ପ । ତେଣୁ ବିଜ୍ଞ ପାଠକ ମଣ୍ଡଳୀ ହିଁ ଏହି ରଚନା ର ସର୍ବୋତ୍କୃଷ୍ଟ ବିଚାରକ । ମୋ ମତରେ ଏକ ଦିବ୍ୟ ଆହ୍ୱାନର ଅଗ୍ରମାରମ୍ଭକାରୀ ଶ୍ରୀ ପ୍ରକାଶ ପ୍ରଧାନ ବିଶ୍ୱର ସମସ୍ତ ବ୍ରାହ୍ମଣ ସମାଜ ସହିତ ମାନବ ଜାତିର ସମସ୍ତ ସଦସ୍ୟ ଙ୍କ ନିକଟରୁ ଧନ୍ୟବାଦ ର ପାତ୍ର । "ବେଦ"(ଋକ୍, ଯଜୁସ୍, ସାମ ଓ ଅଥର୍ବ) ଭଳି ଅପୌରୁଷେୟ ଭଗବତ୍ ବାଣୀ କୁ ଲୋକାଦୃତ ଏବଂ ଲୋକାର୍ପଣ କରିବାପାଇଁ ଯେଉଁ ଅଭିନବ ମହନୀୟ ଉଦ୍ୟମ ସେ ମହାଶୟ କରିଛନ୍ତି, ସେଥିପାଇଁ ତାଙ୍କୁ ସାଧୁବାଦ ।

ବୈଦିକ ଋଷି ପରମ୍ପରା ର ଅନୁସରଣ କରି ଭଗବତ୍ ବିମୁଖ ବର୍ତମାନ ର ଯୁବପିଢ଼ି ନିମନ୍ତେ ସେ ଏକ ଉଦାହରଣ ପ୍ରସ୍ତୁତ କରିଛନ୍ତି ଏବଂ ପ୍ରମାଣ ସିଦ୍ଧ କରିଛନ୍ତି ଯେ, "ଅନାଦି କାଳରୁ ଅପୌରୁଷେୟ ବେଦ ରହିଥିଲା, ଅଛି ଏବଂ ସୁରକ୍ଷିତ ରହିବ । ବିଶେଷତଃ ଏହା ଓଡ଼ିଆ ଭାଷାରେ ପ୍ରସ୍ତୁତ ହୋଇ ଥିବାରୁ ପ୍ରତିଟି ଓଡ଼ିଶାବାସୀ ଆଜି ଗର୍ବିତ ଏବଂ ଶ୍ରୀ ପ୍ରକାଶ ପ୍ରଧାନ ଙ୍କ ନିକଟରେ ଏହି ଅନବଦ୍ୟ କୃତି ନିମନ୍ତେ ଋଣୀ ।

ପରମ କାରୁଣିକ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଆଶୀର୍ବାଦ ଓ କରୁଣାରୁ, ଶ୍ରୀ ପ୍ରକାଶ ପ୍ରଧାନ ଦୀର୍ଘାୟୁ ହେବା ସହ, ଏହି ଭଳି ପ୍ରୟାସ ରେ ସତତ ବ୍ରତୀ ରହିଥାନ୍ତୁ ।

।। ଇତି ।।

**ପଣ୍ଡିତ ଶ୍ରୀ ସନ୍ତୋଷ କୁମାର ମିଶ୍ର**

("ସାଧାରଣ ସଂପାଦକ, ବିଶ୍ୱ ବ୍ରାହ୍ମଣ ମଂଚ"), ବାଜପୁର, ଖୋର୍ଦ୍ଧା, ଓଡ଼ିଶା

Not for Commercial Use

# ସୂଚୀପତ୍ର

| ବିଷୟ | ପୃଷ୍ଠା |
|---|---|


ହିନ୍ଦୁ ଧର୍ମ ସାହିତ୍ୟ ର ଭିତ୍ତିଭୂମି ........................................... 16-20
    ବୈଦିକ ସାହିତ୍ୟ ରଚନା ର ସମୟ ............................... 17-18
    ହିନ୍ଦୁ ସାହିତ୍ୟ ର ରଚୟିତା ......................................... 19
    ହିନ୍ଦୁ ସାହିତ୍ୟ ର ପରମ ଲକ୍ଷ୍ୟ ..................................... 20

ବେଦ ଓ ତା'ର ଶାଖା ...................................................... 20-25
    ବେଦ ର ଇତିହାସ ................................................... 20-23
    ବେଦ ଶାଖା ........................................................... 24-25

ବେଦ ସଂହିତା ............................................................. 25-29
    ଶାଖା ସଂହିତା ...................................................... 26-29

ବେଦ ବ୍ରାହ୍ମଣ ............................................................. 30-33
ବେଦ ଆରଣ୍ୟକ .......................................................... 34-35
ବେଦ ଉପନିଷଦ .......................................................... 36-39
ବେଦ ସଙ୍ଗଠନ ........................................................... 40-41
ବେଦାଙ୍ଗ ................................................................... 42-63
    ଶିକ୍ଷା ................................................................. 43-51
    କଳ୍ପ .................................................................. 52-53
    ବ୍ୟାକରଣ ............................................................ 54-55
    ନିରୁକ୍ତ ............................................................... 55-56
    ଛନ୍ଦ ................................................................. 56-60
    ଜ୍ୟୋତିଷ ........................................................... 60-61


Not for Commercial Use

| ବିଷୟ | ପୃଷ୍ଠା |
| --- | --- |


ବେଦ ପଠନ ........................................................ 64-97

ʻବେଦାଙ୍ଗʼ ର ପ୍ରକୃତ ପ୍ରୟୋଗ ..................................... 65-74

କେତେ ପ୍ରକାର ସ୍ୱର ................................................ 67

ବେଦ ପଠନ ର ପ୍ରକାର ............................................. 74-95

ପ୍ରକୃତି ପାଠ .................................................. 76-78

ବିକୃତି ପାଠ .................................................. 79-95

ବେଦପଠନ ରେ ମୁଦ୍ରା ଓ ଅବସ୍ଥାନ ................................ 95-96

ଭାରତ ରେ ବେଦ ପଠନ ର ପଦ୍ଧତି ଓ ଶୈଳୀ .................. 96-97

ବୈଦିକ ମନ୍ତ୍ର, ତାହାର ଅର୍ଥ ଓ ସଂଦେଶ .................................. 98-101

ବୈଦିକ ମନ୍ତ୍ର ........................................................ 98-99

ବୈଦିକ ମନ୍ତ୍ରର ଅର୍ଥ ଓ ସଂଦେଶ ................................. 100-101

ବୈଦିକ ଋଷି, ଛନ୍ଦ ଓ ଦେବତା ........................................... 101-110

ବୈଦିକ ଋଷି ........................................................ 101-105

ବୈଦିକ ଛନ୍ଦ ........................................................ 105

ବୈଦିକ ଦେବତା .................................................. 106-109

ମନ୍ତ୍ରରେ ଦେବତା ............................................ 106-107

ଦେବତାଙ୍କ ଲକ୍ଷଣ ଓ ସ୍ୱରୂପ ............................... 107-109

ନ୍ୟାସ ଓ ବିନିଯୋଗ ............................................... 110

ବେଦ .............................................................. 110-115

ବେଦର ମହତ୍ୱ .................................................... 112-114

ବେଦର ସଂରକ୍ଷଣ ................................................. 114

ବେଦର ବୟସ ..................................................... 114-115


Not for Commercial Use

| ବିଷୟ | ପୃଷ୍ଠା |
|---|---|


ଋକ୍-ବେଦ ........................................................................ 116-144

'ଋକ୍-ବେଦ' ପ୍ରବନ୍ଧନ .................................................. 117-118

'ଋକ୍-ବେଦ' - ମନ୍ତ୍ର ଓ ଛନ୍ଦ ........................................... 118

'ଋକ୍-ବେଦ' - ମନ୍ତ୍ର ଓ ଦେବତା ..................................... 119

'ଋକ୍-ବେଦ' - ରଚନା ଓ ସଙ୍ଗଠନ ................................ 120-122

'ଋକ୍-ବେଦ' - ବେଦ ପଠନ ଓ ସଞ୍ଚାରଣ ......................... 122

'ଋକ୍-ବେଦ' - ଶାଖା ସଂହିତା ......................................... 122-125

'ଋକ୍-ବେଦ' – ପାଣ୍ଡୁଲିପି ................................................ 125-126

'ଋକ୍-ବେଦ' - ରଚୟିତା ଓ ବିଷୟବସ୍ତୁ ............................. 127-140

'ଋକ୍-ବେଦ' ଭାଷ୍ୟ ......................................................... 140-143

'ଋକ୍-ବେଦ' ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦ .................... 143

'ଋକ୍-ବେଦ' ଓ ଅନ୍ୟ ୩ଟି ବେଦ ....................................... 144

ଯଜୁର୍ବେଦ ........................................................................ 145-162

'ଯଜୁର୍ବେଦ' ପ୍ରବନ୍ଧନ ...................................................... 145

ଯଜୁର୍ବେଦ ସଂହିତା ଶାଖା .............................................. 146

ଶୁକ୍ଳ ଯଜୁର୍ବେଦ .............................................................. 146-152

'ଶୁକ୍ଳ ଯଜୁର୍ବେଦ' ବିଷୟବସ୍ତୁ ................................ 147

ଶୁକ୍ଳ ଯଜୁର୍ବେଦ ବ୍ରାହ୍ମଣ ...................................... 148-149

ଶୁକ୍ଳ ଯଜୁର୍ବେଦ ଆରଣ୍ୟକ .................................. 149

ଶୁକ୍ଳ ଯଜୁର୍ବେଦ ଉପନିଷଦ ................................. 149

ଶୁକ୍ଳ ଯଜୁର୍ବେଦ କଳ୍ପ ସୂତ୍ର, ଓ ଅନ୍ୟ ଗ୍ରନ୍ଥ .................. 150-152


Not for Commercial Use

## ବିଷୟ                                                                 ପୃଷ୍ଠା


କୃଷ୍ଣ ଯଜୁର୍ବେଦ …………………………………………… 153-162

କୃଷ୍ଣ ଯଜୁର୍ବେଦ ବିଷୟବସ୍ତୁ ଓ ଶାଖା ………………… 154-158

କୃଷ୍ଣ ଯଜୁର୍ବେଦୀୟ ବ୍ରାହ୍ମଣ …………………………… 159

କୃଷ୍ଣ ଯଜୁର୍ବେଦୀୟ ଆରଣ୍ୟକ ଓ ଉପନିଷଦ ………….. 160

କୃଷ୍ଣ ଯଜୁର୍ବେଦୀୟ କଳ୍ପସୂତ୍ର ଓ ଅନ୍ୟ ଗ୍ରନ୍ଥ …………… 160-162

ଯଜୁର୍ବେଦ ପାଣ୍ଡୁଲିପି ଓ ଅନୁବାଦ ……………………… 162

ସାମବେଦ …………………………………………………… 163-169

ସାମବେଦ ସଂଗଠନ …………………………………… 164-165

ସାମବେଦ ଶାଖା ………………………………………… 165-166

ସାମବେଦ ବ୍ରାହ୍ମଣ, ଆରଣ୍ୟକ, ଉପନିଷଦ, କଳ୍ପସୂତ୍ର ଓ ଅନ୍ୟ ଗ୍ରନ୍ଥ 167-169

ସମବେଦ ପାଣ୍ଡୁଲିପି ଓ ଅନୁବାଦ ………………………… 169

ଅଥର୍ବବେଦ ………………………………………………… 170-179

ଅଥର୍ବବେଦ ବିଷୟବସ୍ତୁ …………………………………. 172-175

ଅଥର୍ବବେଦ ଶାଖା ……………………………………….. 175-176

ଅଥର୍ବବେଦ ବ୍ରାହ୍ମଣ, ଆରଣ୍ୟକ, ଉପନିଷଦ, କଳ୍ପସୂତ୍ର ଓ ଅନ୍ୟ ଗ୍ରନ୍ଥ 176-178

ଅଥର୍ବବେଦ ପାଣ୍ଡୁଲିପି ଓ ଅନୁବାଦ …………………….. 179

ବୈଦିକ ସାହିତ୍ୟ …………………………………………….. 180-183

ବେଦ ଓ ବିଜ୍ଞାନ ……………………………………………… 184-185

ବେଦ ଓ ଗଣିତ ……………………………………………… 186

ବେଦ ଓ ଜ୍ୟାମିତି ……………………………………………. 186-187

ଭାରତରେ ବେଦ ଅଧ୍ୟୟନ କେନ୍ଦ୍ର …………………………….. 188-195

ବିଶ୍ୱରେ ବେଦ ଅଧ୍ୟୟନ ସ୍ଥାନ ………………………………… 195-196


Not for Commercial Use

# ହିନ୍ଦୁ ଧର୍ମ ସାହିତ୍ୟ ର ଭିତ୍ତିଭୂମି

କୌଣସି ଦେଶର ସଂସ୍କୃତିର ପୂରା ଜ୍ଞାନ ସେ'ଦେଶର ସାହିତ୍ୟରୁ ଜାଣି ହୁଏ । ଯେଉଁ ଦେଶର ସାହିତ୍ୟ ଯେତେ ପୁରୁଣା, ଗମ୍ଭୀର ଓ ବିସ୍ତୃତ ହୋଇଥାଏ, ସେ'ଦେଶର ସଂସ୍କୃତି ସେତେ ଉଚ୍ଚ । ସାହିତ୍ୟକୁ ସମାଜର ଦର୍ପଣ ବୋଲି କୁହନ୍ତି, ଅର୍ଥାତ ସାହିତ୍ୟ ଦ୍ୱାରା ଆମକୁ କୌଣସି ଜାତିର ସଭ୍ୟତା, ସଂସ୍କୃତି, ସମ୍ପତ୍ତି ଓ ଉଦାରତା ଇତ୍ୟାଦି ବିଷୟରେ ସମ୍ୟକ ଜ୍ଞାନ ପ୍ରାପ୍ତ ହୋଇଥାଏ । ଆଜି ବିଶ୍ୱରେ ଭାରତବର୍ଷର ଯେଉଁ ପ୍ରତିଷ୍ଠା ଅଛି, ତାହା ଭରତୀୟ ପ୍ରାଚୀନ ସାହିତ୍ୟର ଅଧିକାଂଶ ଯୋଗଦାନର ପ୍ରତିବିମ୍ବ । ପ୍ରାୟ ସମସ୍ତ ବିଶ୍ୱ ଏହା ସ୍ପଷ୍ଟରୂପେ ସ୍ୱୀକାର କରିସାରିଛି ଯେ ସର୍ବପ୍ରଥମେ ସାହିତ୍ୟ ଭାରତରେ **'ବେଦ'** ରୂପରେ ଅବତିର୍ଣ୍ଣ ହୋଇଥିଲା, ଯାହାକୁ ଆମେ "**ପ୍ରାଚୀନ ଭାରତୀୟ ବୈଦିକ ସାହିତ୍ୟ**" ରୂପରେ ଜାଣୁ ।

ସେହିଭଳି ଯେଉଁ ଧର୍ମର ସାହିତ୍ୟ ଯେତେ ପୁରୁଣା, ଗମ୍ଭୀର ଓ ବିସ୍ତୃତ, ସେ'ଧର୍ମ ସେତେ ପ୍ରତିଷ୍ଠିତ, ଉଚ୍ଚ ଓ ସମୃଦ୍ଧ ଅଟେ । ହିନ୍ଦୁ ଧର୍ମ ବିଶ୍ୱର ସବୁଠୁ ପୁରୁଣା ଧର୍ମ ଅଟେ, ଯାହାକୁ ଇତିହାସକାର ୧୦୦୦୦ ବର୍ଷରୁ ଉର୍ଦ୍ଧ୍ୱ ବୋଲି ମାନନ୍ତି । ହିନ୍ଦୁଧର୍ମ ଏତେ ବିସ୍ତୃତ ଯେ ଏହାକୁ ଏକ ଜନ୍ମରେ ଆୟତ୍ତ କରିବା କୌଣସି ସାଧାରଣ ମନୁଷ୍ୟ ପକ୍ଷରେ ସମ୍ଭବ ନୁହେଁ । ହିନ୍ଦୁଧର୍ମ ସମସ୍ତ ମାନବଜାତି ପାଇଁ ଜ୍ଞାନ ବିଦ୍ୟା, ଶିକ୍ଷା ବିଦ୍ୟା, ଦର୍ଶନ ବିଦ୍ୟା, ମନସ୍ତତ୍ୱ ବିଦ୍ୟା, ଚିକିତ୍ସା ବିଦ୍ୟା, ଜ୍ୟୋତିଷ ବିଦ୍ୟା, ସମାଜବିଜ୍ଞାନ, ଧନୁର୍ବିଦ୍ୟା, ଅର୍ଥଶାସ୍ତ୍ର, ଯୋଗ ବିଦ୍ୟା, ଶାରିରିକ ବିଦ୍ୟା, ଇତ୍ୟାଦି ଅନେକ କ୍ଷେତ୍ରରେ ଯୋଗଦାନ କରିଆସୁଅଛି ।

ଉଦାହରଣ ସ୍ୱରୂପ - ଆମେ ସମସ୍ତେ ଜାଣୁ ଯେ ଖ୍ରିଷ୍ଟିୟାନ ଧର୍ମ ହେଉ ବା ଇସଲାମ୍ ଧର୍ମ ହେଉ, ସେମାନଙ୍କର ଧାର୍ମିକ ସାହିତ୍ୟ ବା ଗ୍ରନ୍ଥ କହିଲେ କେବଳ ଗୋଟିଏ ଧାର୍ମିକ ଗ୍ରନ୍ଥ ବିଷୟରେ ଜଣା । ଖ୍ରିଷ୍ଟିୟାନଙ୍କର - ବାଇବେଲ୍ ଓ ଇସଲାମଙ୍କର କୁରାନ, କିନ୍ତୁ ହିନ୍ଦୁ ଧର୍ମର ଧାର୍ମିକ ସାହିତ୍ୟ ବା ଗ୍ରନ୍ଥ ଗୋଟେ କିମ୍ବା ବାରୋଟି ନୁହେଁ । ସେମାନେ ଶତାଧିକ, ପ୍ରାଚୀନ ଭାରତୀୟ ଧାର୍ମିକ  ସାହିତ୍ୟ ଓ ସଂସ୍କୃତି, ବିଧିବଦ୍ଧ ଭାବରେ ଗଠନ ଓ ବିଭକ୍ତ କରାଯାଇଛି ।


Not for Commercial Use

ପ୍ରକୃତ ମୂଳଗ୍ରନ୍ଥ ସମୁହକୁ  ଭିତ୍ତିକରି ଏହି ପ୍ରାଚୀନ ସାହିତ୍ୟିକ ଗ୍ରନ୍ଥମାନଙ୍କରେ ଅବିରତ ଯୋଗ, ବିୟୋଗ, ପରିବର୍ତ୍ତନ ଓ ସଂଶୋଧନ ହୋଇ ଆସୁଅଛି । କିନ୍ତୁ ସର୍ବଦା ପ୍ରକୃତ ମୂଳ ବିଷୟକୁ ପ୍ରତ୍ୟେକ ସଂସ୍କରଣର ଭିତ୍ତି ଭାବରେ ସଂରକ୍ଷିତ ରଖାଯାଇଛି । ଯେଉଁମାନେ ପ୍ରାଚୀନ ସଂସ୍କରଣ ପଠନ ବା ଅନୁସରଣ କରିବାକୁ ଚାହୁଁଛନ୍ତି, ସେମାନେ ପ୍ରାଚୀନ ସଂସ୍କରଣ ପଠନ ବା ଅନୁସରଣ କରି ପାରିବେ ତଥା ସେଥିରେ ଯୋଗଦାନ ଓ ବିଶ୍ଳେଷଣ ମଧ୍ୟ କରିପାରିବେ । ଯେଉଁମାନେ ପରିବର୍ତ୍ତିତ ସଂସ୍କରଣ ପଠନ ବା ଅନୁସରଣ କରିବାକୁ ଚାହୁଁଛନ୍ତି, ସେମାନେ ବୈଦିକ ସଂସ୍କୃତ ପଣ୍ଡିତମାନଙ୍କ ଦ୍ଵାରା ପରିବର୍ତ୍ତିତ ସଂସ୍କରଣ ପଠନ ବା ଅନୁସରଣ କରି ପାରିବେ । ଏପର୍ଯ୍ୟନ୍ତ ସନାତନ ଧର୍ମର ୧୨୮୦ ପ୍ରାମାଣିକ ଭିତ୍ତିଭୂମି ସାହିତ୍ୟିକ ଦସ୍ତାବିଜର ପ୍ରାୟ ୧୦୦୦୦ ସଂସ୍କୃତ ବିଶ୍ଳେଷିତ ଦସ୍ତାବିଜ ଓ ୧୦୦୦୦୦ ରୁ ଊର୍ଦ୍ଧ୍ଵ ଅନ୍ୟ ଭାଷାରେ ଉପ ବିଶ୍ଳେଷିତ ଦସ୍ତାବିଜ ଉପଲବ୍ଧ ଅଛି ।

## ବୈଦିକ ସାହିତ୍ୟ ରଚନା ର ସମୟ

ପ୍ରକୃତରେ ହିନ୍ଦୁ ଧର୍ମର ଉତ୍ପତ୍ତି କେବେଠୁ ଏହା କହିବା ଅସମ୍ଭବ । କେହି ଠିକ୍ ଭାବରେ କହି ପାରିବେ ନାହିଁ ଯେ ଏହି ସବୁ ଧର୍ମିକ ଦସ୍ତାବିଜ ବା ଗ୍ରନ୍ଥର ରଚନା କେବେଠୁ ଆରମ୍ଭ ହୋଇଛି । କିନ୍ତୁ ସଧାରଣ ଜ୍ଞାନ ହିସାବରେ ଖ୍ରୀ. ପୂ. ୮୦୦୦ (8000 BC) ବର୍ଷ ପୂର୍ବରୁ ଏହି ସବୁ ଦସ୍ତାବିଜ ଗୁଡିକର ରଚନା ଆରମ୍ଭ ହୋଇଥିଲା । (କେହି କେହି ମାନନ୍ତି ଯେ, ଏହାଠୁ ବି ପୁରୁଣା ସମୟରୁ ଏ ସବୁର ରଚନା ଆରମ୍ଭ ହୋଇଥିଲା) ପ୍ରତ୍ନତାତ୍ତ୍ୱିକ ପ୍ରମାଣ (Archeological Evidence) ମଧ୍ୟ ଏହା କିଛି ମାତ୍ରାରେ ପ୍ରମାଣିତ କରିଛି । ହିନ୍ଦୁ ସାହିତ୍ୟ ଅନାଦି ଭାବରେ ଜଣା, କାରଣ ଏହାର ଆଦି ଅଥବା ଆରମ୍ଭ କେଉଁଠୁ କାହାକୁ ଜଣାନାହିଁ । ଏହା ମଧ୍ୟ ଅପୌରୁଷେୟ ଭାବରେ ଜଣା, ଅର୍ଥାତ ଏହା କୌଣଷି ମନୁଷ୍ୟର ଶକ୍ତି ଓ ସାମର୍ଥ୍ୟ ର ବାହାରେ । ତେଣୁ ଆମେ ସଠିକ ଭାବରେ କହିପାରିବା ନାହିଁ ଯେ ଏହାର କେବେଠୁ ରଚନା ଆରମ୍ଭ ହୋଇଥିଲା । ମୋ ମତରେ ଏସବୁ ଧାର୍ମିକ ଦସ୍ତାବିଜ ବା ଗ୍ରନ୍ଥର ଏବେ ବି ଯୋଗ, ବିଯୋଗ, ପରିବର୍ତ୍ତନ ଓ ସଂଶୋଧନ ହୋଇଆସୁଅଛି । ତେଣୁ ଏହା ଏକ କ୍ରମିକ ପଦ୍ଧତିରେ ରଚିତ ହୋଇଆସୁଅଛି ।

Not for Commercial Use




ବେଦ ଯେତେବେଳେ ଲିପିବଦ୍ଧ ହେଉଥିଲା, ସେ ସମୟର ଏହା **ଅଖଣ୍ଡ ଭାରତ**ର ମାନଚିତ୍ର (ମ୍ୟାପ୍) । ମାନଚିତ୍ରରେ ଆନୁମାନିକ ସ୍ଥାନ ଗୁଡିକୁ ଦେଖାଇ ଦିଆଯାଇଛି ।

**ସୂଚକ :-**

- କଳା ବଡ଼ ଅକ୍ଷର (କ୍ୟାପିଟାଲ୍ ଲେଟର୍) ଶବ୍ଦ - ଉପଖଣ୍ଡ / ଅନୁଖଣ୍ଡ (ଦେଶ) ଗୁଡିକ।
- ଗାଢ଼ ନାରଙ୍ଗି (ଡିପ୍ ଅରେଞ୍ଜ) ରଙ୍ଗ ଶବ୍ଦ - ବୈଦିକ ଯୁଗ ପରେ ଋଷିକୁଳ ଗୁଡିକ, ଯେଉଁଠି ବେଦ ରଚନାର ପ୍ରସ୍ତାର, ଅଭ୍ୟାସ, ଓ ପ୍ରୟୋଗ କରାଯାଉଥିଲା ।
- ଘନ ନୀଳ (ବ୍ଲୁ) ରଙ୍ଗ ଶବ୍ଦ - ନଦୀ ଗୁଡିକ ।

# ହିନ୍ଦୁ ସାହିତ୍ୟ ର ରଚୟିତା

ହିନ୍ଦୁ ସାହିତ୍ୟର ରଚନା ହଜାର ହଜାର ମୁନି ଋଷି ମାନଙ୍କ ଦ୍ୱାରା ବିଭିନ୍ନ ସ୍ଥାନ ଓ ବିଭିନ୍ନ ସମୟରୁ ହୋଇଆସୁଅଛି । ଆମ ମୁନି ଋଷିମାନେ ଭଲ ଭାବରେ ଜାଣିଥିଲେ ଯେ, କେବଳ ଗୋଟିଏ କିମ୍ବା ଡ଼ଜନ ଦସ୍ତାବିଜ ବା ଗ୍ରନ୍ଥ ମନୁଷ୍ୟ ମାନଙ୍କର ଜ୍ଞାନର ପ୍ରସାର ପାଇଁ ଯଥେଷ୍ଟ ନୁହେଁ । ତେଣୁ ସେମାନେ ପ୍ରତ୍ୟେକ ବିଷୟରେ ସାହିତ୍ୟିକ ଗ୍ରନ୍ଥର ରଚନା ଆରମ୍ଭ କରିଥିଲେ ଓ ସମୟ ଅନୁସାରେ ଅନ୍ୟ ମୁନି ଋଷି ମାନେ ଏହାକୁ ଆଗକୁ ବଢେଇବାରେ ଯୋଗଦାନ ଦେଲେ ଏବଂଏବେ ବି ଏହାର ଯୋଗ, ବିୟୋଗ, ପରିବର୍ତ୍ତନ ଓ ସଂଶୋଧନ ହୋଇଆସୁଅଛି। ଆମ ମୁନି ଋଷି ମାନେ ଜାଣିଥିଲେ ଯେ, ପ୍ରତ୍ୟେକ ବିଷୟର ଆବଶ୍ୟକ ଜ୍ଞାନର ପ୍ରସାରଣ ପାଇଁ ଜଣେ ମୁନି ଋଷି ବା ୧୦-୧୨ ଜଣ ମୁନି ଋଷି ଯଥେଷ୍ଟ ନୁହଁନ୍ତି, କାରଣ ଜ୍ଞାନ ଏତେ ବ୍ୟାପକ ଯେ, ଏଥି ପାଇଁ ଅନେକ ମୁନି ଋଷି ମାନଙ୍କର ଯୋଗଦାନ ଆବଶ୍ୟକ । ତେଣୁ ଏଥିରେ ଶତ ଶତ ମୁନି, ଋଷି, ଗବେଷକ, ପଣ୍ଡିତ, ଛାତ୍ର, ଜ୍ଞାନୀ ମାନଙ୍କର ଯୋଗଦାନ ରହିଛି, ଯାହାର ଲାଭ ଆମେ ଏବେ ପ୍ରାପ୍ତ କରୁଛୁ ଏବଂ ଆଗାମୀ ପିଢି ମଧ୍ୟ ପ୍ରାପ୍ତ କରିବେ ।

ଏପରିକି ଅନେକ ଜ୍ଞାନ, ଯେଉଁ ଗୁଡିକ ନିର୍ଦ୍ଦିଷ୍ଟ ସମୟରେ ରଚନା କରାଯାଇଥିଲା, ସମୟ ଅନୁକ୍ରମେ ତାହାର ପ୍ରୟୋଗର ଆବଶ୍ୟକ ରହିଲା ନାହିଁ । ସେଥି ପାଇଁ ଶୁଦ୍ଧିକରଣର ଆବଶ୍ୟକ ରହିଛି, ନ ହେଲେ ଏହା ଅବୈଧ ହୋଇଯିବ । ତେଣୁ ଜ୍ଞାନର ସଂଶୋଧନ ଆବଶ୍ୟକତା ରହିଆସୁଅଛି । ଏଣୁ ହିନ୍ଦୁ ଧାର୍ମିକ ସାହିତ୍ୟ ଏକ କ୍ରମିକ ରଚନା ପ୍ରକ୍ରିୟା, ସମୟ ଅନୁସାରେ ଏହାର ଯୋଗ, ବିୟୋଗ, ପରିବର୍ତ୍ତନ ଓ ସଂଶୋଧନ ହୋଇଆସୁଛି । ଏହା ଆଜି ଏବଂ ଆଗାମୀ ସମୟ ମାନଙ୍କରେ ଜ୍ଞାନର ରଚନା ଜାରି ରହିବ କାରଣ ଜ୍ଞାନର ପରିସୀମା ନାହିଁ ।

Not for Commercial Use

## ହିନ୍ଦୁ ସାହିତ୍ୟ ର ପରମ ଲକ୍ଷ୍ୟ

ସମସ୍ତ ହିନ୍ଦୁ ସାହିତ୍ୟର ଲକ୍ଷ୍ୟ ହେଲା ପ୍ରତ୍ୟେକ ମନୁଷ୍ୟ ଭିତରେ ଇଚ୍ଛା, ଜ୍ଞାନ ଓ କ୍ରିୟା ଶକ୍ତି ତିଆରି କରିବା, ଯାହାକି ସେମାନଙ୍କୁ ସୁଖଯୁକ୍ତ ଓ ଶାନ୍ତିମୟ ଜୀବନ ଯାପନ କରିବା ପାଇଁ ସାହାଯ୍ୟ କରିଥାଏ, ଏବଂ ଭୂଲୋକକୁ ସ୍ୱର୍ଗ ପରି ରଖିବା ପାଇଁ ପ୍ରବର୍ତ୍ତାଏ ।

ହିନ୍ଦୁ ସାହିତ୍ୟ ଦସ୍ତାବିଜ ବା ଗ୍ରନ୍ଥ ମାନଙ୍କ ଭିତରେ **ବେଦ**ର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମାହାତ୍ମ୍ୟ ରହିଅଛି । **ସଂହିତା, ବ୍ରାହ୍ମଣ, ଆରଣ୍ୟକ** ଓ **ଉପନିଷଦ** ଗୁଡିକ ବେଦର ଅନ୍ତର୍ଗତ ଅଟେ, ଏହା (Vedic Literature) ବୈଦିକ ସାହିତ୍ୟର ମୁଖ୍ୟ ଅଂଶ ଭାବରେ ଜଣା । ଭାରତର ପ୍ରତ୍ୟେକ ସାଂସ୍କୃତିକ ଗ୍ରନ୍ଥମାନଙ୍କର ମୂଳ ଆଧାର ହେଉଛି **ବୈଦିକ ସାହିତ୍ୟ** ।

## ବେଦ ଓ ତା'ର ଶାଖା

ବେଦ  'ବିଦ୍' ଶବ୍ଦ ରୁ ଆସିଅଛି । ବିଦ୍ ଅର୍ଥାତ 'ଜାଣିବା କୁ' । ବେଦଃ ଅର୍ଥ 'ଜ୍ଞାନ' । ଜ୍ଞାନର ଆଦି ନାହିଁ କି ଅନ୍ତ ନାହିଁ, ଅର୍ଥାତ ଏହାର ଆରମ୍ଭ ଓ ଶେଷ କେଉଁଠି କେହି ଜାଣିନାହାଁନ୍ତି । ଜ୍ଞାନ ମଧ୍ୟ ଅପୌରୁଷେୟ, ଅର୍ଥାତ ଏହାକୁ ସଂପୂର୍ଣ୍ଣ ଜାଣିବା କୌଣଷି ମନୁଷ୍ୟର ଶକ୍ତି ଓ ସାମର୍ଥ୍ୟର ବାହାରେ । '**ବେଦ**' ଭାରତୀୟ ପ୍ରାଚୀନ ସାହିତ୍ୟର **ମୂଳବିନ୍ଦୁ** ଅଟେ ।

## ବେଦ ର ଇତିହାସ

ବେଦ ହେଉଛି ମାନବ ଇତିହାସର **ସବୁଠୁ ପ୍ରାଚୀନ** ସାହିତ୍ୟିକ ଧର୍ମ ଗ୍ରନ୍ଥ । ବେଦ ହେଉଛି ବ୍ରହ୍ମାଣ୍ଡର ଉତ୍ପତ୍ତି, ତାହାର କ୍ରମାଗତ ଉନ୍ନତି ଓ କାର୍ଯ୍ୟକଳାପ ପଦ୍ଧତି ସମ୍ବନ୍ଧୀୟ "**ଜ୍ଞାନ**"ର ଉତ୍ସ । ପ୍ରାଚୀନ କାଳରେ ଏହି ଜ୍ଞାନ କିଛି ଦିବ୍ୟ ପୁରୁଷମାନଙ୍କ ମନରେ ଧ୍ୟାନ ଓ ସାଧନା ସମୟରେ ଉଦୟ ହେଲା, ସେମାନଙ୍କୁ "**ଋଷି**" କୁହାଗଲା । ଯେତେବେଳେ ସେହି ଦିବ୍ୟ ଜ୍ଞାନ ସମୁହ ସେହି ମହାତ୍ମା ଋଷିମାନଙ୍କ ଦ୍ୱାରା ମୌଖିକ ରୂପରେ ଅଭିବ୍ୟକ୍ତ ହେଲା, ତାହାକୁ "**ବ୍ରାହ୍ମଣ**" କୁହାଗଲା, ଯେଉଁଟା "**ମନ୍ତ୍ର**" ବା ଶ୍ଳୋକ ଭାବରେ ଜଣା ।

Not for Commercial Use

ସେଥିପାଇଁ ବୈଦିକ ଋଷିମାନଙ୍କୁ "**ମନ୍ତ୍ର ଦ୍ରଷ୍ଟା**" ମଧ୍ୟ କୁହନ୍ତି । ସେହି ମନ୍ତ୍ର ସମୁହ '**ତ୍ରିଗୁଣ**' ଆକାର (**ଋକ୍, ଯଜୁସ୍** ଓ **ସାମନ୍**) ରେ ଓ '୩ଟି ଶୈଳୀ' (**ପଦ୍ୟ, ଗଦ୍ୟ** ଓ **ସଂଗୀତ**) ରେ ଅଭିବ୍ୟକ୍ତ ହେଲା । ସେହି ତ୍ରିଗୁଣ ମନ୍ତ୍ର ସମୁହ "**ବେଦତ୍ରୟୀ**" ଭାବରେ ଜଣା ହେଲା । ସମୟ କ୍ରମେ ସେହି ମହର୍ଷିମାନେ ତାଙ୍କର ବେଦତ୍ରୟୀ ମନ୍ତ୍ରମାନଙ୍କୁ ତାଙ୍କର ପୁତ୍ର ଓ ପୌତ୍ରମାନଙ୍କୁ ମୌଖିକ ପରମ୍ପରାରେ "**ଉପଦେଶ**" ଆକାରରେ ଦେଲେ । ତାଙ୍କର ପୁତ୍ର ଓ ପୌତ୍ର ସେହି ବେଦତ୍ରୟୀ ମନ୍ତ୍ରମାନଙ୍କୁ ସ୍ମୃତିରେ ସାଇତି ରଖିବା ସଙ୍ଗେ ସଙ୍ଗେ, ସେମାନେ ମଧ୍ୟ ଧ୍ୟାନ ଓ ସାଧନା ବଳରେ ଅନେକ ମନ୍ତ୍ର ସମୁହ ସେଥିରେ ଯୋଗ କଲେ, ଏବଂ '**ଋଷି**' ରୂପରେ ଜଣା ହେଲେ । ଯେଉଁ ପୁତ୍ର ଓ ପୌତ୍ରମାନେ କେବଳ ବେଦତ୍ରୟୀ ମନ୍ତ୍ରମାନଙ୍କୁ ସ୍ମୃତିରେ ସାଇତି ରଖିଲେ କିନ୍ତୁ ସେଥିରେ କିଛି ଯୋଗ କରିପାରିଲେ ନାହିଁ, ସେମାନେ "**ଅନୂଚାନ**" ରୂପରେ ଜଣା ହେଲେ ।

ପ୍ରାଚୀନ ଅତୀତରେ ଏହିଭଳି ଅନେକ ମହର୍ଷି 'ପରିବାର' ବା 'ବଂଶ' ବା '**କୁଳ**' ଥିଲେ ଯେଉଁମାନେ ଅନେକ ବେଦତ୍ରୟୀ ମନ୍ତ୍ର ସମୁହର ଅଧିକାରୀ ଥିଲେ, ସେମାନଙ୍କ ମଧ୍ୟରୁ ମହତ୍ୱପୂର୍ଣ୍ଣ କୁଳମାନେ ହେଲେ - **କଶ୍ୟପ, ଭୃଗୁ, ବିଶ୍ୱାମିତ୍ର, ଅତ୍ରି, ଅଙ୍ଗିରା, ବସିଷ୍ଠ, ଭରଦ୍ୱାଜ, ଗୌତମ** ଓ **କାଣ୍ୱ** । ଏହି ବଂଶ ବା କୁଳମାନଙ୍କ ପାଖରେ ଅନେକ ବେଦତ୍ରୟୀ ମନ୍ତ୍ର ଥିଲା, ଏହାକୁ ସେମାନେ ବଡ଼ ଶ୍ରଦ୍ଧା ଓ ଭକ୍ତିର ସହିତ ପିଢି ରୁ ପିଢି ପର୍ଯ୍ୟନ୍ତ ସାଇତି ରଖିଆସୁଥିଲେ । ଏହାକୁ ସେମାନେ ପୂର୍ବ ପୁରୁଷମାନଙ୍କର "**ଋଣ**" ବୋଲି ଭାବି ସାଇତି ରଖିଆସୁଥିଲେ । ଏଥିରୁ ଜଣାଯାଏ ଯେ, ଏହି ସମୟ ପର୍ଯ୍ୟନ୍ତ "**ସଂହିତା**" ନ ଥିଲା ।

ସମୟ ଅନୁକ୍ରମେ ଋଷିମାନେ ବେଦତ୍ରୟୀ ମନ୍ତ୍ର ସମୁହର ଉପଯୁକ୍ତ ସଂରକ୍ଷଣ କରିବାର ଆବଶ୍ୟକତା ଅନୁଭବ କଲେ ଓ ଏହାର ଲିପି କରଣ କରିବା କଥା ଚିନ୍ତା କଲେ । ସେଥିପାଇଁ ସେମାନେ ଏହାର ବିଭକ୍ତିକରଣ କରିବାର ଆବଶ୍ୟକତା ଅନୁଭବ କଲେ । ଇତିହାସକାରଙ୍କ ଅନୁସାରେ ସେମାନେ ଏହାର ଚେଷ୍ଟା ତ୍ରେତୟା ଯୁଗରୁ ଆରମ୍ଭ କରିଥିଲେ । ତେଣୁ ଏହି ବେଦତ୍ରୟୀ ମନ୍ତ୍ରସମୁହ (ଋକ୍, ଯଜୁସ୍, ସାମନ୍)ର ବିଷୟବସ୍ତୁ ଓ ତାହାର କର୍ମ ଅନୁସାରେ



Not for Commercial Use

ବିଭକ୍ତିକରଣ ପାଇଁ ଚିନ୍ତା କଲେ | ଏଥିପାଇଁ ସେମାନେ ୪ଜଣ  ମୁଖ୍ୟ  ଋଷି ବା ପୁରୋଧା ମାନଙ୍କୁ ନିଯିକ୍ତି କଲେ, ସେମାନଙ୍କୁ "**ଋତ୍ୱିକ୍**" କୁହାଗଲା |  ସେମାନେ ହେଲେ - '**ହୋତା**', '**ଅଧ୍ୱର୍ଯ୍ୟୁ**', '**ଉଦ୍ଗାତା**' ଓ '**ବ୍ରହ୍ମା**' | ଏଥିପାଇଁ 'ହୋତା'ଙ୍କୁ ଋକ୍ ମନ୍ତ୍ର, 'ଅଧ୍ୱର୍ଯ୍ୟୁ'ଙ୍କୁ ଯଜୁସ୍ ମନ୍ତ୍ର, 'ଉଦ୍ଗାତା'ଙ୍କୁ ସାମନ୍ ର ଋକ୍ ମନ୍ତ୍ର ଉଚ୍ଚାରଣର ଦାୟୀତ୍ୱ ଦିଆଗଲା, କିନ୍ତୁ ଚତୁର୍ଥ ଋତ୍ୱିକ୍ 'ବ୍ରହ୍ମା'   ସିଧାସଳଖ ଭାବରେ କୌଣସି  ବେଦତ୍ରୟୀ ମନ୍ତ୍ର ସହିତ ଯୋଡା ନଥିଲେ, ତାଙ୍କୁ ସେହି ୩ଜଣ ଋତ୍ୱିକ୍ ମାନଙ୍କର ପର୍ଯ୍ୟବେକ୍ଷଣ କରିବାର ଦୟୀତ୍ୱ ଦିଆଗଲା | ସେହି ୪ଜଣ ମୁଖ୍ୟ "ଋତ୍ୱିକ୍" ମାନଙ୍କର ସଙ୍ଗଠିତ ହେବା ଋକ୍-ବେଦର ମନ୍ତ୍ର (ଋ.ବେ - ୧୦.୭୧.୧୧) ରୁ ସୂଚନା ମିଳେ, ତଥା ସେମାନଙ୍କର କାର୍ଯ୍ୟ, ଦାୟୀତ୍ୱ, ଓ ସମୟ   ବିଷୟରେ ପୌରାଣିକ ସାହିତ୍ୟରେ ପ୍ରମାଣ ମଧ୍ୟ ମିଳେ|

ଏହି ପ୍ରକ୍ରିୟା ଚାଲୁଥିବା ବେଳେ, ସେମାନେ କିଛି ସ୍ୱତନ୍ତ୍ର ମନ୍ତ୍ର '**ଅଥର୍ବଣ**' ଋଷି ଓ '**ଅଙ୍ଗିରସ**' ଋଷିଙ୍କ ଠାରୁ ପାଇଲେ | ସେ ମନ୍ତ୍ର ସମୂହ ଶାନ୍ତି ଓ ଅଖଣ୍ଡତା ରଖିବା, ଦୁଷ୍ଟାତ୍ମାମାନଙ୍କର ଦୁଷ୍ଟ ଶକ୍ତିର ନିବାରଣ, ଓ ଶତ୍ରୁ ଜୟ ଇତ୍ୟାଦି ବିଷୟରେ ଆଧାରିତ ଥିଲା| ସେସବୁ ମନ୍ତ୍ର ମାନଙ୍କୁ ନେଇ "**ଅଥର୍ବବେଦ**"ର ଭିତ୍ତିଭୂମି ସ୍ଥାପନ ଆରମ୍ଭ କରାଯାଇଥିଲା ବୋଲି କୁହାଯାଏ|

ଆଉ ଏକ ପ୍ରମାଣ ମିଳେ ଯେ-ମହାଭାରତ ଅନୁସାରେ "**ଅପାନ୍ତରତମା**" ନାମଙ୍କ ଋଷି ତ୍ରେତୟା ଯୁଗ ପ୍ରାରମ୍ଭରେ ୪ଟି ବେଦମାନଙ୍କର ବିଭକ୍ତିକରଣର ପ୍ରୟାସ ମଧ୍ୟ କରିଥିଲେ |

ଦ୍ୱାପର ଯୁଗରେ "**କୃଷ୍ଣଦ୍ୱୈପାୟନ ବ୍ୟାସ**" ପ୍ରଥମଥର ପାଇଁ ସମସ୍ତ ମନ୍ତ୍ର ସମୂହକୁ ସଂଗ୍ରହ କରି ୪ ଭାଗରେ ବିଭକ୍ତ କରିଥିଲେ, ଯଥା ଋକ୍, ସାମ, ଯଜୁର୍  ଓ ଅଥର୍ବ | ଏହିଠାରୁ ଏହା "**ଚତୁର୍ବେଦ**" ନାମରେ ପରିଚିତି ହୋଇଆସୁଅଛି | ବେଦର ବିଭାଜନ କରିଥିବାରୁ କୃଷ୍ଣଦ୍ୱୈପାୟନ ବ୍ୟାସ "**ବେଦ ବ୍ୟାସ**" ନାମରେ ପରିଚିତ ହେଲେ | ଯେହେତୁ;  ଏହି କାମ କରିବା କେବଳ ଦେବତାମାନଙ୍କ ଦ୍ୱାରା ସମ୍ଭବ ଥିଲା, ସେଥିପାଇଁ ତାଙ୍କୁ "**ବ୍ୟାସଦେବ**" ମଧ୍ୟ କୁହନ୍ତି|

Not for Commercial Use

ବ୍ୟାସଦେବ ତାଙ୍କର ୪ଟି ପ୍ରମୁଖ ଶିଷ୍ୟଙ୍କୁ ଏହା ଶିକ୍ଷା ଦେଲେ, ଯଥା - "**ପୈଲ**"ଙ୍କୁ ଋକ୍-ବେଦ, "**ବୈଶମ୍ପାୟନ**"ଙ୍କୁ ଯଜୁର୍ବେଦ, "**ଜୈମିନି**"ଙ୍କୁ ସାମବେଦ ଓ "**ସୁମନ୍ତ**"ଙ୍କୁ ଅଥର୍ବବେଦ ଶିକ୍ଷା ଦେଲେ ।

ସାଧାରଣ ଓ ସରଳ ଭାଷାରେ ଜାଣିବାକୁ ହେଲେ,
'**ବେଦ**', ବେଦକାଳ ଅର୍ଥାତ ବୈଦିକ ଯୁଗରେ ବେଦପୁରୁଷ, ଅର୍ଥାତ ବୈଦିକ ଋଷି ମୁନୀ ମାନଙ୍କ ଦ୍ୱାରା ରଚନା କରାଯାଇଥିଲା, ଏହାକୁ ଆଗକୁ ବଢାଇବାରେ ଅନ୍ୟ ମୁନି ଋଷି ମାନେ ଯୋଗଦାନ ଦେଇ ଆସୁଛନ୍ତି ।

'ବେଦ' ପ୍ରଥମେ ଗୋଟିଏ ଥିଲା, ଦ୍ୱାପରଯୁଗରେ ମହର୍ଷି ବେଦବ୍ୟାସ ବେଦ ମନ୍ତ୍ର ମାନଙ୍କର ବିଷୟବସ୍ତୁ, ମହତ୍ୱ ଓ ପ୍ରାଧାନ୍ୟ ଅନୁସାରେ ଏହାକୁ ୪ ଭାଗରେ ବିଭକ୍ତ କରାଇଥିଲେ । ଯାହାକୁ ଆମେ ଋକ୍-ବେଦ, ସାମବେଦ, ଯଜୁର୍ବେଦ ଓ ଅଥର୍ବବେଦ ନାମରେ ଜାଣୁଛୁ । ଏଥିରୁ ଋକ୍-ବେଦକୁ **ଜ୍ଞାନକାଣ୍ଡ** କୁହାଯାଏ, ସାମବେଦକୁ **ସଙ୍ଗୀତ ଓ କଳା କାଣ୍ଡ**, ଯଜୁର୍ବେଦକୁ **କର୍ମକାଣ୍ଡ**, ଅଥର୍ବବେଦକୁ **ସାମାଜିକ ରିତୀ କାଣ୍ଡ** କୁହାଯାଏ । (ଆଗକୁ ଏହି ପୁସ୍ତକରେ, ପ୍ରତ୍ୟେକ ବେଦ ବିଷୟରେ ଅଳ୍ପ ଅଧିକ ଜାଣିବା)

ଆମକୁ ଜଣା ଯେ ଆମର ୪ଟି ବେଦ ଅଛି - ଯଥା
୧ - ଋକ୍-ବେଦ,
୨ - ଯଜୁର୍ବେଦ,
୩ - ସାମବେଦ
୪ - ଅଥର୍ବବେଦ
ଯଜୁର୍ବେଦରେ ୨ଟି ଭାଗ ଅଛି ଯଥା - ଶୁକ୍ଳ ଯଜୁର୍ବେଦ ଓ କୃଷ୍ଣ ଯଜୁର୍ବେଦ ଥିବାରୁ ସମ୍ପୂର୍ଣ୍ଣ ବେଦକୁ **୪+୧ ବେଦ** ମଧ୍ୟ କୁହାଯାଏ, ଅର୍ଥାତ ଋକ୍-ବେଦ, ଶୁକ୍ଳ ଯଜୁର୍ବେଦ, କୃଷ୍ଣ ଯଜୁର୍ବେଦ, ସାମବେଦ, ଓ ଅଥର୍ବବେଦ ।

Not for Commercial Use

## ବେଦ ଶାଖା

ବହୁ ବିଦ୍ୱାନ ବିଶେଷ କରି ବିଦେଶୀମାନେ ଭୂଲ୍ ଭାବରେ ଅନୁବାଦ କରିଛନ୍ତି ଯେ, ଏହା (ବ୍ରାଞ୍ଚ) ଅର୍ଥାତ ଗଛର ଶାଖା ଭଳି, କିନ୍ତୁ ଏହା ବେଦର ଶାଖା ନୁହେଁ, ଏହା ଶାଖା ସଂହିତା । ପତଞ୍ଜଳି ମହାଭାଷ୍ୟ ଅନୁସାରେ, 'ଋକ୍-ବେଦ'ରେ ୨୧ଟି ଶାଖା ଥିଲା । 'ଯଜୁର୍ବେଦ'ରେ ୧୦୧ଟି ଶାଖା ('କୃଷ୍ଣ ଯଜୁର୍ବେଦ'ରେ ୮୬ଟି ଓ 'ଶୁକ୍ଳ ଯଜୁର୍ବେଦ'ରେ ୧୫ଟି) ଥିଲା । 'ସାମବେଦ'ରେ ୧୦୦୦ଟି ଶାଖା ଥିଲା ଓ 'ଅଥର୍ବବେଦ'ରେ ୯ଟି ଶାଖା ଥିଲା । ଏମାନଙ୍କ ଭିତରୁ ଅନେକ ସଂପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଇଛି । ଏଥିରୁ ମାତ୍ର ଅଳ୍ପ କେତୋଟିର ଉଦ୍ଧାର ହୋଇପାରିଛି ।

ଏମାନଙ୍କ ଭିତରୁ - ଋକ୍-ବେଦର ୫ ଟି ଶାଖା, ଯଜୁର୍ବେଦର ୬ଟି ଶାଖା, ସାମବେଦର ୩ଟି ଶାଖା, ଓ ଅଥର୍ବବେଦର ୨ଟି ଶାଖାର ସଂପୂର୍ଣ୍ଣ ଅଥବା ଆଂଶିକ ଉଦ୍ଧାର ହୋଇପାରିଛି ।

(ଏ ବିଷୟରେ ଆଗକୁ ଅଳ୍ପ ଅଧିକ ଜାଣିବା)

ଏହିଭଳି ଶାଖାର ବିଧିବଦ୍ଧ ବିଭକ୍ତିକରଣ ଅନ୍ୟ କୌଣସି ଧର୍ମର ଧର୍ମଗ୍ରନ୍ଥରେ ଦେଖିବାକୁ ମିଳେ ନାହିଁ ।

**ପ୍ରତ୍ୟେକ ବେଦରେ ୪ଟି ସ୍ତର** ବା ଅଂଶ ଅଛି, ସେଗୁଡିକ ହେଲେ -

୧ - ସଂହିତା

୨ - ବ୍ରାହ୍ମଣ

୩ - ଆରଣ୍ୟକ

୪ - ଉପନିଷଦ

ତେଣୁ ବେଦ କହିଲେ, ବେଦର ୪ଟି ସ୍ତରର ମିଶ୍ରଣକୁ ବୁଝାଯାଏ ।

ତଳେ ଟେବୁଲରେ ଏହାର ପ୍ରତିପାଦନ କରାଯାଇଅଛି ।

Not for Commercial Use

| ବେଦ | ସଂହିତା | ବ୍ରାହ୍ମଣ | ଆରଣ୍ୟକ | ଉପନିଷଦ |
|---|---|---|---|---|
| **ଋକ୍-ବେଦ** | ଋକ୍-ବେଦ ସଂହିତା | ଋକ୍-ବେଦ ବ୍ରାହ୍ମଣ | ଋକ୍-ବେଦ ଆରଣ୍ୟକ | ଋକ୍-ବେଦ ଉପନିଷଦ |
| **ସାମବେଦ** | ସାମବେଦ ସଂହିତା | ସାମବେଦ ବ୍ରାହ୍ମଣ | ସାମବେଦ ଆରଣ୍ୟକ | ସାମବେଦ ଉପନିଷଦ |
| **ଶୁକ୍ଳ ଯଜୁର୍ବେଦ** | ଶୁକ୍ଳ ଯଜୁର୍ବେଦ ସଂହିତା | ଶୁକ୍ଳ ଯଜୁର୍ବେଦ ବ୍ରାହ୍ମଣ | ଶୁକ୍ଳ ଯଜୁର୍ବେଦ ଆରଣ୍ୟକ | ଶୁକ୍ଳ ଯଜୁର୍ବେଦ ଉପନିଷଦ |
| **କୃଷ୍ଣ ଯଜୁର୍ବେଦ** | କୃଷ୍ଣ ଯଜୁର୍ବେଦ ସଂହିତା | କୃଷ୍ଣ ଯଜୁର୍ବେଦ ବ୍ରାହ୍ମଣ | କୃଷ୍ଣ ଯଜୁର୍ବେଦ ଆରଣ୍ୟକ | କୃଷ୍ଣ ଯଜୁର୍ବେଦ ଉପନିଷଦ |
| **ଅଥର୍ବବେଦ** | ଅଥର୍ବବେଦ ସଂହିତା | ଅଥର୍ବବେଦ ବ୍ରାହ୍ମଣ | ଅଥର୍ବବେଦ ଆରଣ୍ୟକ | ଅଥର୍ବବେଦ ଉପନିଷଦ |

## ବେଦ ସଂହିତା

ସଂହିତା ଏକ ସଂସ୍କୃତ ଶବ୍ଦ - ଯାହା 'ସମ୍', 'ହିତ' ଓ 'ଧା' ମିଶି ତିଆରି ହୋଇଛି । ଏହା କ୍ରମାଗତ ଅତୀତର ସ୍ତ୍ରୀଲିଙ୍ଗ ହୋଇଥିବାରୁ ଏହା '**ସଂହିତା**' । ସଂହିତାର ଅର୍ଥ - ସମାହିତ ଅର୍ଥାତ ସଂଯୋଗ, ଯୋଗଦାନ ଓ ସଂଗଠନ ।

ବିଭିନ୍ନ କାଳରେ ବିଭିନ୍ନ ମୁନୀଋଷି ମାନଙ୍କ ଦ୍ୱାରା ଲିଖିତ ମନ୍ତ୍ର ବା ଶ୍ଳୋକମାନଙ୍କୁ ସଂହିତାରେ ଏକତ୍ରୀତ କରାଯାଇଛି ।

ପ୍ରତ୍ୟେକ ସଂହିତାରେ ଅନେକ '**ସୂକ୍ତ**' ରହିଛି । ପ୍ରତ୍ୟେକ ସୂକ୍ତରେ ଦୁଇ, ବା ଦୁଇ ରୁ ଅଧିକ ମନ୍ତ୍ର ବା ଶ୍ଳୋକ ସମୂହ ଅଛି ।

Not for Commercial Use

ପ୍ରତ୍ୟେକ ସୂକ୍ତ, ଏକ, ବା ଏକ ରୁ ଅଧିକ '**ଋଷି**' ମାନଙ୍କ ଦ୍ୱାରା; ଏକ, ବା ଏକ ରୁ ଅଧିକ ବୈଦିକ '**ଦେବତା**'ଙ୍କ ଉଦ୍ଦେଶ୍ୟରେ; ଏକ, ବା ଏକ ରୁ ଅଧିକ '**ଛନ୍ଦ**'ରେ ଲେଖାଯାଇଛି । (ଏ ବିଷୟରେ ପରେ ଅଳ୍ପ ଅଧିକ ଜାଣିବା)

ପ୍ରତ୍ୟେକ ସୂକ୍ତ ତାହାର ବିଷୟବସ୍ତୁ, ପ୍ରାଧାନ୍ୟ ଓ ମହତ୍ତ୍ୱ ଅନୁସାରେ ୪ଟି ବେଦରେ ବିଭକ୍ତିକୃତ ହୋଇଛି । ଏଣୁ ପ୍ରତ୍ୟେକ ବେଦର ସଂହିତା ଅଛି । ସଂହିତା ବେଦର **ପ୍ରଥମ ସ୍ତର** ବା ଅଂଶ ଅଟେ ।

ବେଦ ଶାଖା, ଅନେକ, ବିଶେଷ କରି ବିଦେଶୀମାନେ ଭୂଲ୍ ଭାବରେ ଅନୁବାଦ କରିଛନ୍ତି ଯେ ଏହା (ବ୍ରାଞ୍ଚ) ଅର୍ଥାତ ଗଛର ଶାଖା ଭଳି, କିନ୍ତୁ ଏହା ବେଦର ଶାଖା ନୁହେଁ, ଏହା "ଶାଖା ସଂହିତା" ।

## ତେବେ ଶାଖା ସଂହିତା କ'ଣ ?

ଶାଖା ସଂହିତା ହେଲେ, ବିଭିନ୍ନ ଋଷି କୁଳର ବେଦ ସଂସ୍କରଣ, ଅର୍ଥାତ ବେଦ ସେହି ୪ଟି, କିନ୍ତୁ ଅଲଗା ଋଷି ମାନଙ୍କର ଏହା ଏକ ସଂସ୍କରଣ ବା ନକଲ, ବା କପି ।  ଉଦାହରଣ ସ୍ୱରୂପ – ଋକ୍-ବେଦ 'ପୈଲ', ଯଜୁର୍ବେଦ 'ବୈଶମ୍ପାୟନ', ସାମବେଦ 'ଜୈମିନି', ଓ ଅଥର୍ବଦେବ 'ସୁମନ୍ତୁ' ବ୍ୟାସଦେବଙ୍କ ଠାରୁ ଶିକ୍ଷା କଲେ, ଏହିପରଠାରୁ ଏକ ଲମ୍ବା ଗୁରୁ-ଶିଷ୍ୟ ପରମ୍ପରା ଆରମ୍ଭ ହେଲା ।

ଏହି ୪ଟି ମୁଖ୍ୟଶିଷ୍ୟ ଯାହା ଶିକ୍ଷା କଲେ, ତାହା ହେଲା '**ମୂଳ ସଂସ୍କରଣ**' । ସମୟ ଅନୁକ୍ରମେ ବେଦ ଶିକ୍ଷାର ପ୍ରସାର ବଢିଲା ଓ ଅନେକ ଅନୁସରଣକାରି ବଢିଲେ, ବେଦର ପ୍ରସାର ର ଆବଶ୍ୟକ ଅନୁଭୁତ ହେଲା । ସମୟାନୁକ୍ରମେ ଏହି ୪ଟି ମୁଖ୍ୟଋଷି ମାନଙ୍କର ଶିଷ୍ୟମାନେ ନିଜ ନିଜ  ନାମରେ ତାଙ୍କର ସଂସ୍କରଣ ତିଆରି କଲେ ଓ ତାହାକୁ ଅନୁସରଣ କଲେ । ତେଣୁ ଶିଷ୍ୟଋଷିମାନେ ମୂଳ ସଂସ୍କରଣରେ ସେମାନଙ୍କର କିଛି ଯୋଗଦାନ କଲେ, ତଥା ଏହାର ପଠନ ପଦ୍ଧତି ଓ କର୍ମ ପଦ୍ଧତିରେ ପରିବର୍ତ୍ତନ କରିଥିଲେ ।

Not for Commercial Use

ପ୍ରତ୍ୟେକ ଶାଖା ସଂହିତାରେ ମୂଳ ସଂସ୍କରଣ ନିଶ୍ଚିତ ଅଛି, ଯାହାକି ପ୍ରାୟ ୯୦ଭାଗ, ଆଉ ୧୦ଭାଗ ଶିଷ୍ୟଋଷି ମାନଙ୍କର ଯୋଗଦାନ । ତେଣୁ ପ୍ରତ୍ୟେକ ଶାଖା ସଂହିତା ମାନଙ୍କ ଭିତରେ ବିଶେଷ ପାର୍ଥକ୍ୟ ନାହିଁ । ପାର୍ଥକ୍ୟ କହିଲେ କେବଳ ସୂକ୍ତ ଓ ମନ୍ତ୍ର ମାନଙ୍କର କ୍ରମିକ ସଂଖ୍ୟାର ପ୍ରବନ୍ଧନ, ସେମାନଙ୍କର ଯୋଗଦାନ ଓ କର୍ମ ପଦ୍ଧତି ।

ଖ୍ରୀ. ପୂ - ୩୨୫, 'ପତଞ୍ଜଳି' ସମୟରେ (ଯୋଗ ସୂତ୍ର), 'ପାତଞ୍ଜଳି ମହାଭାଷ୍ୟ' ଅନୁସାରେ ସମୁଦାୟ ୧୧୩୧ଟି ବେଦ ସଂହିତା ଥିଲା, ସେଥିରୁ ଋକ୍-ବେଦରେ ୨୧ଟି ଶାଖା ଥିଲା । ଯଜୁର୍ବେଦରେ ୧୦୧ଟି ଶାଖା (କୃଷ୍ଣ ଯଜୁର୍ବେଦରେ ୮୬ଟି ଓ ଶୁକ୍ଳ ଯଜୁର୍ବେଦରେ ୧୫ଟି) ଥିଲା । ସାମବେଦରେ ୧୦୦୦ଟି ଶାଖା ଥିଲା ଓ ଅଥର୍ବ ବେଦରେ ୯ଟି ଶାଖା ଥିଲା ।

ଏହା କୁହାଯାଏ ଯେ, ଖ୍ରୀ. ପୂ ୧୭୦୦ – ୧୫୦୦ ରେ ବେଦ ସଂହିତା ମାନଙ୍କର ଲିପିବଦ୍ଧ ଆରମ୍ଭ ହୋଇଥିଲା, କିନ୍ତୁ ଏହା ପୂର୍ବରୁ ଗୁରୁଶିଷ୍ୟ ପରମ୍ପରାରେ କହିବା ଓ ଶୁଣିବା ପ୍ରଥାର ପ୍ରଚଳନ ଥିଲା । ତେଣୁ ସମୟାନୁକ୍ରମେ ସଂହିତା ମାନକର ଲିପିବଦ୍ଧ ହେବା ପୂର୍ବରୁ ଅନେକ ସ୍ମୃତି ସଂପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିଲା, ତଥା ଲିପିବଦ୍ଧ ପାଣ୍ଡୁଲିପି ମାନଙ୍କର ଉପଯୁକ୍ତ ସଂରକ୍ଷଣ ଅଭାବରୁ ମଧ୍ୟ ଅନେକ ସଂପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିଲା ।

ସମୟାନୁକ୍ରମେ ବେଦ ସଂହିତାମାନଙ୍କ ଭିତରୁ ଅନେକ ସଂପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଇଛି । ଏଥିରୁ ମାତ୍ର ଅଳ୍ପ କେତୋଟିର ଉଦ୍ଧାର ହୋଇପାରିଛି । ଏମାନଙ୍କ ଭିତରୁ – ଋକ୍-ବେଦର ୫ଟି ଶାଖା, ଯଜୁର୍ବେଦର ୬ଟି ଶାଖା, ସାମବେଦର ୩ଟି ଶାଖା, ଓ ଅଥର୍ବବେଦର ୨ଟି ଶାଖା ସଂପୂର୍ଣ୍ଣ ଅଥବା ଆଂଶିକ ଉଦ୍ଧାର ହୋଇପାରିଛି ।

**ସଂହିତା ସଂରଚନା**




Not for Commercial Use

**ସଂହିତା** ବେଦର **ପ୍ରଥମ ସ୍ତର**, ଉଦ୍ଧାର ହୋଇଥିବା ସଂହିତା ଗୁଡିକ ତାଙ୍କର ବିଷୟବସ୍ତୁ, ପ୍ରାଧାନ୍ୟ ଓ ମହତ୍ତ୍ୱ ଅନୁସାରେ ପ୍ରତ୍ୟେକ ବେଦ ଅଧିନରେ ବିଭକ୍ତ କରାଯାଇଛି । ଯଥା - ଋକ୍-ବେଦ ସଂହିତା, ଯଜୁର୍ବେଦ ସଂହିତା, ସାମବେଦ ସଂହିତା ଓ ଅଥର୍ବବେଦ ସଂହିତା ।

**ଋକ୍ ବୈଦିକ ସଂହିତା (୫ଟି) -**

ଋକ୍-ବେଦରେ ୫ଟି ସଂହିତା ପୂର୍ଣ୍ଣ ବା ଆଂଶିକ ଭାବରେ ଉଦ୍ଧାର ହୋଇପାରିଛି ।

୧ - ଶାକଲ ସଂହିତା

୨ - ବାଶକଲ ସଂହିତା

୩ - ଅଶ୍ୱଲାୟନ ସଂହିତା

୪ - ଶଙ୍ଖାୟନ ସଂହିତା

୫ - ମାଣ୍ଡୁକାୟନ ସଂହିତା

ଏଥି ମଧ୍ୟରୁ, ଶାକଲ-ସଂହିତା ଶାଖାର ସଂପୂର୍ଣ୍ଣ ଉଦ୍ଧାର ହୋଇପାରିଛି, ଏହା ପ୍ରସିଦ୍ଧ ଓ ପ୍ରଚଳିତ । ଅନ୍ୟ ସଂହିତା ଶାଖା ଗୁଡିକ ଆଂଶିକ ଭାବରେ ଉଦ୍ଧାର ହୋଇପାରିଛି ।

**ଯଜୁର୍ବୈଦିକ ସଂହିତା - (୬ଟି) -**

ଯଜୁର୍ବେଦରେ ୬ଟି ସଂହିତା ପୂର୍ଣ୍ଣ ବା ଆଂଶିକ ଭାବରେ ଉଦ୍ଧାର ହୋଇପାରିଛି ।

ସେଥି ମଧ୍ୟରୁ ଶୁକ୍ଳ ଯଜୁର୍ବେଦର ୨ଟି ଓ କୃଷ୍ଣ ଯଜୁର୍ବେଦର ୪ଟି ।

**ଶୁକ୍ଳ ଯଜୁର୍ବେଦ ସଂହିତା**

୧ - ମାଧ୍ୟନ୍ଦିନୀ ସଂହିତା

୨ - କାଣ୍ୱ ସଂହିତା

Not for Commercial Use

**କୃଷ୍ଣ ଯଜୁର୍ବେଦ ସଂହିତା**

୧ - ତୈତ୍ତିରୀୟ ସଂହିତା

୨ - କାଠକ ସଂହିତା

୩ - କଠ-କପିଷ୍ଠଲ ସଂହିତା

୪ - ମୈତ୍ରାୟଣୀ ସଂହିତା

**ସାମବୈଦିକ ସଂହିତା (୩ଟି) -**

ସାମବେଦରେ ୩ଟି ସଂହିତା ପୂର୍ଣ୍ଣ ବା ଆଂଶିକ ଭାବରେ ଉଦ୍ଧାର ହୋଇପାରିଛି ।

୧ - କୌଥୁମ ସଂହିତା

୨ - ରାଣାୟନୀୟ ସଂହିତା

୩ - ଜୈମିନୀୟ ସଂହିତା

**ଅଥର୍ବବୈଦିକ ସଂହିତା (୨ଟି) -**

ଅଥର୍ବବେଦରେ ୨ଟି ସଂହିତା ପୂର୍ଣ୍ଣ ବା ଆଂଶିକ ଭାବରେ ଉଦ୍ଧାର ହୋଇପାରିଛି ।

୧ - ଶୌନକ ସଂହିତା

୨ - ପୈପ୍ପଲାଦ ସଂହିତା

**ବେଦ ସଂହିତା ସଙ୍ଗଠନ**

| | ଋକ୍-ବେଦ | ଶୁକ୍ଳ ଯଜୁର୍ବେଦ | କୃଷ୍ଣ ଯଜୁର୍ବେଦ | ସାମବେଦ | ଅଥର୍ବବେଦ |
|---|---|---|---|---|---|
| **ସଂହିତା** | ଶାକଲ, ବାଶକଲ, ଅଶ୍ୱଲାୟନ, ଶଙ୍ଖାୟନ, ମାଣ୍ଡୁକାୟନ | ମାଧ୍ୟନ୍ଦିନୀ, କାଣ୍ୱ | ତୈତ୍ତିରୀୟ, କାଠକ, କଠ-କପିଷ୍ଠଲ, ମୈତ୍ରାୟଣୀ | କୌଥୁମ, ରାଣାୟନୀୟ, ଜୈମିନୀୟ | ଶୌନକ, ପୈପ୍ପଲାଦ |

Not for Commercial Use

# ବେଦ ବ୍ରାହ୍ମଣ

ବ୍ରାହ୍ମଣ 'ବ୍ରହ୍ମ' ଶବ୍ଦରୁ ଉତ୍ପତ୍ତି । ବ୍ରହ୍ମର ଅର୍ଥ ବିସ୍ତାର ବା ପ୍ରସ୍ତାରଣ, ଅର୍ଥାତ ଜ୍ଞାନର ବିସ୍ତାର । ବେଦ ସଂହିତା ଜ୍ଞାନକାଣ୍ଡ ଓ କର୍ମକାଣ୍ଡ ହେଲାବେଳେ ବ୍ରାହ୍ମଣ ହେଉଛି ଜ୍ଞାନକାଣ୍ଡର ବିସ୍ତୃତ ବିବରଣୀ । ଏଥିରେ ଜ୍ଞାନକୁ ବିସ୍ତୃତ ଭାବରେ ବୁଝାଇ ଦିଆଯାଇଛି । ବ୍ରାହ୍ମଣ ଗୁଡିକ ବୈଦିକ ସାହିତ୍ୟର ଏକ ଗ୍ରନ୍ଥ ଅଟେ । ଏଠାରେ 'ବ୍ରାହ୍ମଣ'ର ଅର୍ଥ ବ୍ରାହ୍ମଣ ଜାତି ସହିତ କୌଣସି ସମ୍ପର୍କ ନାହିଁ । ବେଳେ ବେଳେ ବ୍ରାହ୍ମଣର ଅର୍ଥ  'ଗଦ୍ୟ' ବୋଲି ମାନନ୍ତି । ସେଥି ପାଇଁ ବେଳେ ବେଳେ ଆମେ କହୁ, ଏହି ବହିଟି ବ୍ରାହ୍ମଣ ଶୈଳୀରେ ରଚନା କରାଯାଇଛି, ଅଥାର୍ଥ ବହିଟି ଗଦ୍ୟ ଆକାରରେ ଲେଖାଯାଇଛି । ଏହି ୪ଟି ବେଦ ଅଧୀନରେ ବ୍ରାହ୍ମଣ ଗୁଡିକର ବିଭକ୍ତିକରଣ କରାଯାଇଛି । **ବ୍ରାହ୍ମଣ**କୁ ବେଦର **୨ୟ ସ୍ତର** ବା ଅଂଶ ବୋଲି ମାନନ୍ତି ।

'ବ୍ରାହ୍ମଣ ଗ୍ରନ୍ଥ' ସମୁହ ପ୍ରଥମରେ ଯଜ୍ଞ ଅନୁଷ୍ଠାନ କରିବା ଉଦ୍ଦେଶ୍ୟରେ ଲେଖାଯାଇଛି । ବ୍ରାହ୍ମଣର ରଚନାରେ ମୁଖ୍ୟତଃ ୬ଟି ବିଷୟରେ ଉଲ୍ଲେଖ କରାଯାଇଛି, ଯଥା – **'ବିଧି'**, **'ଅର୍ଥବାଦ'**, **'ନିନ୍ଦା'**, **'ପ୍ରଶଂସା'**, **'ପୁରକଳ୍ପ'**, ଓ **'ପରକ୍ରିତୀ'** ବିଷୟରେ ଆଲୋଚନା କରଯାଇଛି । ଏ ସବୁ ବ୍ରାହ୍ମଣ ଗୁଡିକ ପ୍ରତ୍ୟେକ ବେଦ ଅଧୀନରେ ବିଭକ୍ତ କରାଯାଇଛି, ଅର୍ଥାତ ଋକ୍ ବୈଦିକ ବ୍ରାହ୍ମଣ 'ଋକ୍-ବେଦ' ଅଧୀନରେ, ଯଜୁର୍ବୈଦିକ ବ୍ରାହ୍ମଣ 'ଯଜୁର୍ବେଦ' ଅଧୀନରେ, ସାମବୈଦିକ ବ୍ରାହ୍ମଣ 'ସାମବେଦ' ଅଧୀନରେ, ଓ ଅଥର୍ବବୈଦିକ ବ୍ରାହ୍ମଣ  'ଅଥର୍ବବେଦ' ଅଧୀନରେ ବିଭକ୍ତ କରାଯାଇଛି ।

**ଋକ୍ ବୈଦିକ ବ୍ରାହ୍ମଣ**

ଋକ୍-ବେଦରେ ୩ଟି ବ୍ରାହ୍ମଣ ଅଛି, ଯଥା -

୧ - ଐତରେୟ ବ୍ରାହ୍ମଣ,

୨ - ଶଙ୍ଖାୟନ ବ୍ରାହ୍ମଣ

୩ - କୌଷୀତକି ବ୍ରାହ୍ମଣ ।

Not for Commercial Use

ମହୀଦସ ଐତରେୟ ଋଷିଙ୍କ ଦ୍ୱାରା ଐତରେୟ ବ୍ରାହ୍ମଣ ରଚନା କରାଯାଇଥିଲା ।
ମହର୍ଷି ଶଙ୍ଖାୟନଙ୍କ ଦ୍ୱାରା ଶଙ୍ଖାୟନ ବ୍ରାହ୍ମଣ ରଚନା କରାଯାଇଥିଲା ।
ମହର୍ଷି କୌଷୀତକିଙ୍କ ଦ୍ୱାରା କୌଷୀତକି ବ୍ରାହ୍ମଣ ରଚନା କରାଯାଇଥିଲା ।

**ଶୁକ୍ଳ ଯଜୁର୍ବୈଦିକ ବ୍ରାହ୍ମଣ**

ଶୁକ୍ଳ ଯଜୁର୍ବେଦରେ କେବଳ ଗୋଟିଏ ବ୍ରାହ୍ମଣ ଅଛି, ଯଥା - ଶତପଥ ବ୍ରାହ୍ମଣ । ଏହି ଶତପଥ ବ୍ରାହ୍ମଣର ୨ଟି ସଂସ୍କରଣ ଅଛି, ଯଥା

୧ - ବାଜସନେୟୀ ମାଧ୍ୟନ୍ଦିନୀ ଯଜୁର୍ବେଦ ଶାଖା

୨ - କାଣ୍ୱ ଯଜୁର୍ବେଦ ଶାଖା ।

ବାଜସନେୟୀ ମାଧ୍ୟନ୍ଦିନୀ ଯଜୁର୍ବେଦ ଶାଖାରେ ୧୦୦ଟି ଅଧ୍ୟାୟ ଅଛି ଓ କାଣ୍ୱ ଯଜୁର୍ବେଦ ଶାଖାରେ ୧୦୪ଟି ଅଧ୍ୟାୟ ଅଛି ।

**କୃଷ୍ଣ ଯଜୁର୍ବୈଦିକ ବ୍ରାହ୍ମଣ**

କୃଷ୍ଣ ଯଜୁର୍ବେଦରେ ୪ଟି ବ୍ରାହ୍ମଣ ଅଛି, ଯଥା -

୧ - ତୈତ୍ତିରୀୟ ବ୍ରାହ୍ମଣ,

୨ - ମୈତ୍ରାୟଣୀ ବ୍ରାହ୍ମଣ,

୩ - କାଠକ ବ୍ରାହ୍ମଣ,

୪ - କଠ-କପିଷ୍ଠଲ ବ୍ରାହ୍ମଣ ।

ଏଥିରୁ ମହର୍ଷି ଯଜ୍ଞବଲ୍କ୍ୟଙ୍କ ଦ୍ୱାରା ତୈତ୍ତିରୀୟ ବ୍ରାହ୍ମଣ ରଚନା କରାଯାଇଥିଲା ଓ ମହର୍ଷି ମୈତ୍ରେୟଙ୍କ ଦ୍ୱାରା ମୈତ୍ରାୟଣୀ ବ୍ରାହ୍ମଣ ରଚନା କରାଯାଇଥିଲା ।

Not for Commercial Use

## ସାମବୈଦିକ ବ୍ରାହ୍ମଣ

ସାମବେଦରେ ଅନେକ ବ୍ରାହ୍ମଣ ଅଛି, ସେଥି ମଧ୍ୟରୁ କିଛି ଉଲ୍ଲେଖ କରୁଛି, ଯଥା -

୧ - କୌଥୁମ ବ୍ରାହ୍ମଣ,

୨ - ତାଣ୍ଡ୍ୟ ବ୍ରାହ୍ମଣ ବା ପଞ୍ଚବିଂଶ ବ୍ରାହ୍ମଣ,

୩ - ଷଢ଼ବିଂଶ ବ୍ରାହ୍ମଣ,

୪ - ସାମବିଧାନ  ବ୍ରାହ୍ମଣ,

୫ - ଆର୍ଷେୟ ବ୍ରାହ୍ମଣ,

୬ - ଦେବତଧ୍ୟାୟ ବ୍ରାହ୍ମଣ ବା ଦୈବତ ବ୍ରାହ୍ମଣ,

୭ - ଛାନ୍ଦୋଗ୍ୟୋପନିଷଦ ବ୍ରାହ୍ମଣ,

୮ - ସଂହିତୋପନିଷଦ ବ୍ରାହ୍ମଣ,

୯ - ବଂଶ ବ୍ରାହ୍ମଣ,

୧୦ - ଜୈମିନୀୟ ବ୍ରାହ୍ମଣ,

୧୧ - ଜୈମିନୀୟଆର୍ଷେୟ ବ୍ରାହ୍ମଣ,

୧୨ - ଜୈମିନୀୟୋପନିଷଦ ବ୍ରାହ୍ମଣ,

୧୩ - ଅଦ୍-ଭୁତ ବ୍ରାହ୍ମଣ,

୧୪ - ମନ୍ତ୍ର ବ୍ରାହ୍ମଣ, ଇତ୍ୟାଦି ।

## ଅଥର୍ବ ବୈଦିକ ବ୍ରାହ୍ମଣ

ଅଥର୍ବବେଦରେ କେବଳ ଗୋଟିଏ ବ୍ରାହ୍ମଣ ଅଛି, ଯଥା – "ଗୋପଥ ବ୍ରାହ୍ମଣ" ।

'ଗୋପଥ'ର ଅର୍ଥ ଗଭିର / ଗୋପନ / ଗଭିର ଅର୍ଥର ଅଧିକାରୀ, 'ଗୋ'ର ଅର୍ଥ ଗାଈ ଆଉ ବେଦ ମଧ୍ୟ । 'ଗୋପଥ ବ୍ରାହ୍ମଣ'ର ଅର୍ଥ ବେଦର ମୂଳକୁ ଅନୁସରଣ କରିବା ।

ତଳେ ଟେବୁଲରେ ବ୍ରାହ୍ମଣ ମାନଙ୍କର ସଙ୍ଗଠନ ଦିଆଯାଇଛି ।

Not for Commercial Use

## ବେଦ ବ୍ରାହ୍ମଣ ସଙ୍ଗଠନ

| ବେଦ | ଋକ୍-ବେଦ | ଶୁକ୍ଳ ଯଜୁର୍ବେଦ | କୃଷ୍ଣ ଯଜୁର୍ବେଦ | ସାମବେଦ | ଅଥର୍ବବେଦ |
|---|---|---|---|---|---|
| **ବ୍ରାହ୍ମଣ** | ଐତରେୟ, ଶଙ୍ଖାୟନ, କୌଷୀତକି | ଶତପଥ (ମାଧ୍ୟନ୍ଦିନୀ, କାଣ୍ୱ ) | ତୈତ୍ତିରୀୟ, ମୈତ୍ରାୟଣୀ, କାଠକ, କଠ-କପିସ୍ଥଳା | କୌଥୁମ, ତାଣ୍ଡ୍ୟ, ଷଡ଼ବିଂଶ, ସାମବିଧାନ, ଆର୍ଷେୟ, ଦେବତଧ୍ୟାୟ, ଛାନ୍ଦୋଗ୍ୟୋପନିଷଦ, ସଂହିତୋପନିଷଦ, ବଂଶ, ଜୈମିନୀୟ, ଜୈମିନୀୟଆର୍ଷେୟ, ଜୈମିନୀୟୋପନିଷଦ, ଅଦ୍-ଭୁତ, ମନ୍ତ୍ର | ଗୋପଥ |

Not for Commercial Use

# ବେଦ ଆରଣ୍ୟକ

ଆରଣ୍ୟକ 'ଅରଣ୍ୟ' ଶବ୍ଦରୁ ଉଦ୍ଭୁତ, ଅର୍ଥାତ ଜଙ୍ଗଲ । ଏହାର ଲିଖିତ ସଂସ୍କାର ଓ ନୀତି ଅରଣ୍ୟରେ ପାଳନକରିବା ଉଦ୍ଦେଶ୍ୟରେ ରଚନା କରାଯାଇଛି । ଯେଉଁମାନେ ନିଜର ସାଂସାରିକ ଦାୟିତ୍ୱ ପାଳନ କରିସାରିବା ପରେ **ବାନପ୍ରସ୍ତ** ଗ୍ରହଣ କରନ୍ତି, ଅର୍ଥାତ ଶେଷ ଜୀବନ, ଜଙ୍ଗଲରେ ଇଶ୍ୱରଙ୍କ ତପ କରିବାପାଇଁ ଯାଆନ୍ତି, ଅଥବା ଯେଉଁମାନେ **ସନ୍ୟାସ** ଗ୍ରହଣକରି ଅରଣ୍ୟକୁ ଯାଆନ୍ତି, ସେମାନଙ୍କ ପାଇଁ ଆରଣ୍ୟକ ପ୍ରପୁଜ୍ୟ ଅଟେ ।

**ଆରଣ୍ୟକ**କୁ ବୈଦିକ ସାହିତ୍ୟର **ତୃତୀୟ ସ୍ତର** ବା ତୃତୀୟ ଅଂଶ ଭାବରେ ଜଣାଯାଏ । କେତେକ ବେଦର ବ୍ରାହ୍ମଣର ଶେଷ ଭାଗରେ ଆରଣ୍ୟକର ରଚନା କରାଯାଇଛି, ଆଉ କେତେକ ବେଦର ସ୍ୱତନ୍ତ୍ର ଆରଣ୍ୟକ ଅଛି ।

ଆରଣ୍ୟକର ଅଧିକାଂଶ ବିଷୟ '**ବ୍ରହ୍ମବିଦ୍ୟା**', '**ଉପାସନା**' ଓ '**ପ୍ରାଣବିଦ୍ୟା**' ଉପରେ ଦର୍ଶାଯାଇଛି । ଏଥିରେ ବିଶ୍ୱର ସୃଷ୍ଟି, ସର୍ବଶକ୍ତିମାନର ଶକ୍ତି, ଓମ୍, ଆତ୍ମା, ଜନ୍ମ ଓ ମୃତ୍ୟୁଚକ୍ର ବିଷୟରେ ବୁଝାଇ ଦିଆଯାଇଛି । ଏପରିକି, ଏମିତିକା ଗୁପ୍ତ ରହସ୍ୟ ଆଜି ପର୍ଯ୍ୟନ୍ତ କୌଣସି ଦେଶ, ଧର୍ମଗ୍ରନ୍ଥ, ବିଜ୍ଞାନରେ, ଆତ୍ମା ଓ ସର୍ବଶକ୍ତିମାନର ସଂବନ୍ଧ ବିଷୟରେ ଦେଖିବାକୁ ମିଳିନାହିଁ । ସେଇଥି ପାଇଁ ଆରଣ୍ୟକର ଅନ୍ୟ ନାମ '**ରହସ୍ୟ**' ।

ବ୍ରାହ୍ମଣ ଭଳି ଆରଣ୍ୟକ ମଧ୍ୟ ପ୍ରତ୍ୟେକ ବେଦ ଅଧୀନରେ ବିଭକ୍ତ କରାଯାଇଛି ।

**ଋକ୍ ବେଦୀୟ ଆରଣ୍ୟକ** – ଋକ୍-ବେଦରେ ୨ଟି ସ୍ୱତନ୍ତ୍ର ଆରଣ୍ୟକ ଅଛି, ଯଥା -
୧ - ଐତରେୟ ଆରଣ୍ୟକ
୨ - କୌଷୀତକି/ ଶଙ୍ଖାୟନ ଆରଣ୍ୟକ ।

**ଯଜୁର୍ବେଦୀୟ ଆରଣ୍ୟକ** - ଶୁକ୍ଳ ଯଜୁର୍ବେଦରେ ୧ଟି ଓ କୃଷ୍ଣ ଯଜୁର୍ବେଦରେ ୨ଟି ସ୍ୱତନ୍ତ୍ର ଆରଣ୍ୟକ ଅଛି ।

**ଶୁକ୍ଳ ଯଜୁର୍ବେଦ ଆରଣ୍ୟକ** -

୧ - ବୃହଦାରଣ୍ୟକ

**କୃଷ୍ଣ ଯଜୁର୍ବେଦ ଆରଣ୍ୟକ** -

୧ - ତୈତ୍ତିରୀୟ ଆରଣ୍ୟକ

୨ - ମୈତ୍ରାୟଣୀୟ ଆରଣ୍ୟକ

**ସାମ ବେଦୀୟ ଆରଣ୍ୟକ** - ସାମ ବେଦରେ ୨ଟି ସ୍ୱତନ୍ତ୍ର ଆରଣ୍ୟକ ଅଛି, ଯଥା -

୧ - ଜୈମିନୀୟ-ଉପନିଷଦ ଆରଣ୍ୟକ

୨ - ଛାନ୍ଦୋଗ୍ୟ ଆରଣ୍ୟକ

**ଅଥର୍ବ ବେଦୀୟ ଆରଣ୍ୟକ** - ଅଥର୍ବ ବେଦର କୌଣଷି ସ୍ୱତନ୍ତ୍ର ଆରଣ୍ୟକ ନାହିଁ, କିନ୍ତୁ 'ଅଥର୍ବ ବେଦ' ଆରଣ୍ୟକ ବିଷୟରେ 'ଅଥର୍ବ ବେଦ ବ୍ରାହ୍ମଣର' ଶେଷ ଭାଗରେ ଲେଖାଯାଇଛି ।

ତଳେ ଟେବୁଲରେ ଆରଣ୍ୟକ ମାନଙ୍କର ସଙ୍ଗଠନ ଦିଆଯାଇଛି ।

**ବେଦ ଆରଣ୍ୟକ ସଙ୍ଗଠନ**

| ବେଦ | ଋକ୍-ବେଦ | ଶୁକ୍ଳ ଯଜୁର୍ବେଦ | କୃଷ୍ଣ ଯଜୁର୍ବେଦ | ସାମବେଦ | ଅଥର୍ବବେଦ |
|---|---|---|---|---|---|
| **ଆରଣ୍ୟକ** | ଐତରେୟ, କୌଷୀତକି/ ଶଙ୍ଖାୟନ | ବୃହଦାରଣ୍ୟକ | ତୈତ୍ତିରୀୟ , ମୈତ୍ରାୟଣୀୟ | ଜୈମିନୀୟ-ଉପନିଷଦ, ଛାନ୍ଦୋଗ୍ୟ | - |

Not for Commercial Use

# ବେଦ ଉପନିଷଦ

ଉପନିଷଦ ସମୁହ 'ବେଦଯୁଗ'ର ଶେଷ ଆଡ଼କୁ ରଚନା କରାଯାଇଥିଲା । ଉପନିଷଦ 'ଷଦ' ଶବ୍ଦରୁ ଆସିଅଛି, ଷଦ ଅର୍ଥାତ 'ବସିବା', ଏଥିରେ ପୂର୍ବରେ 'ଉପ' ଓ 'ନି' କୁ ଯୋଡା ଯାଇଛି । ଅର୍ଥାତ 'ଉପ' ର ଅର୍ଥ ପାଖରେ , 'ନି' ର ଅର୍ଥ ସମ୍ପୁର୍ଣ୍ଣ ଭାବରେ, ତେଣୁ ଉପ-ନି-ଷଦ, ଯାହାର ଅର୍ଥ ହେଲା, ସମ୍ପୁର୍ଣ୍ଣ ଭାବରେ ଗୁରୁଙ୍କ ପାଖରେ ବସିବା, ଅର୍ଥାତ ସମ୍ପୁର୍ଣ୍ଣ ସମର୍ପଣ ସହିତ ଗୁରୁଙ୍କ ପାଖରେ ବସି ବେଦର ଶେଷ ଭାଗ ଅଧ୍ୟୟନ କରିବା । **ଉପନିଷଦ**କୁ ବେଦର **ଚତୁର୍ଥ ସ୍ତର** ବା ଅଂଶ ବୋଲି କୁହାଯାଏ ।

ଯେହେତୁ ଉପନିଷଦ ସମୁହ ବେଦର ଅନ୍ତ ଆଡ଼କୁ ରଚନା କରାଯାଇଥିଲା, ସେଥିପାଇଁ ଏହାକୁ '**ବେଦାନ୍ତ**' ମଧ୍ୟ କୁହାଯାଏ । ଅଧିକାଂଶ ଉପନିଷଦ ମାନଙ୍କର ବିଷୟବସ୍ତୁ '**ଆତ୍ମବିଦ୍ୟା**' ଓ '**ବ୍ରହ୍ମବିଦ୍ୟା**' ଉପରେ ଆଧାରିତ । ଏହାକୁ ଅନେକ ଗବେଷକ ବା ପଣ୍ଡିତ ବା ଜ୍ଞାନୀମାନେ ଅନେକ ଆଖ୍ୟା ଦେଇଛନ୍ତି ଯଥା – 'ଆଦି ଶଙ୍କରାଚାର୍ଯ୍ୟ' ଏହାକୁ 'ଆତ୍ମ ଓ ବ୍ରହ୍ମବିଦ୍ୟା' କହିଛନ୍ତି, 'ମାକ୍ସ ମୁଲ୍ଲେର୍' ଓ 'ପାଉଲ୍ ଦେଉସାନ୍' ଏହାକୁ 'ଗୁପ୍ତ ଶିକ୍ଷା', ଓ 'ପାଟ୍ରିକ୍ ଓଲିଭେଲ୍ଲେ' 'ଲୁକ୍କାୟିତ ଅର୍ଥ', ବୋଲି କହିଛନ୍ତି ।

ଏହା କୁହାଯାଏ ଯେ, ଯେଉଁ ଶିଷ୍ୟମାନଙ୍କର ଚରିତ୍ର, ଶିକ୍ଷା ଓ ଗୁରୁଭକ୍ତି ଠିକ୍ ରହୁଥିଲା, ସେଇମାନଙ୍କୁ କେବଳ ଉପନିଷଦ ଶିକ୍ଷା ଗ୍ରହଣ କରିବାର ସୁଯୋଗ ମିଳୁଥିଲା । ସେଇଥିପାଇଁ ଉପନିଷଦମାନଙ୍କୁ "**ଗୁପ୍ତ ବିଦ୍ୟା**" କୁହାଯାଏ ।

ଇତିହାସକାର ଓ ଗବେଷକମାନଙ୍କ ଅନୁସାରେ ବେଦରେ ସମୁଦାୟ **୧୦୮**ଟି ଉପନିଷଦ ଅଛି । ଏହିସବୁ ଉପନିଷଦ ମାନଙ୍କୁ ପ୍ରତ୍ୟେକ ବେଦ ଅଧୀନରେ ସେମାନଙ୍କର ପ୍ରାଧାନ୍ୟ ଓ ବିଷୟବସ୍ତୁ ଅନୁସାରେ ବିଭକ୍ତ କରାଯାଇଛି । ବିଭକ୍ତିକରଣର ପଦ୍ଧତି ଗୁଡିକ ହେଲା - **ମୁଖ୍ୟ, ସାମାନ୍ୟ, ସନ୍ନ୍ୟାସ, ଶାକ୍ତ, ବୈଷ୍ଣବ, ଶୈବ**, ଓ **ଯୋଗ** । ଅର୍ଥାତ ପ୍ରତ୍ୟେକ ବେଦର ମୁଖ୍ୟ, ସାମାନ୍ୟ, ସନ୍ନ୍ୟାସ, ଶାକ୍ତ, ବୈଷ୍ଣବ, ଶୈବ, ଓ ଯୋଗ ଉପନିଷଦ ସମୁହ ଅଛି ।

(ତଳେ ଦିଆଯାଇଥିବା ଟେବୁଲରେ ଏହାର ସଂକ୍ଷିପ୍ତକରଣ ପାଇ ପାରିବେ)

Not for Commercial Use

ଏସବୁ ଉପନିଷଦ ଭିତରୁ **ଦଶୋପନିଷଦ,** ଅର୍ଥାତ ୧୦ଟି ଉପନିଷଦକୁ 'ମୁଖ୍ୟ ଉପନିଷଦ' ଭାବରେ ମାନନ୍ତି, ଏଥିରେ, ପରେ ଆଉ ୩ଟି ଉପନିଷଦ ଯୋଗ କରାଯାଇ ଏହାକୁ ୧୩ଟି କରିଦିଆଗଲା । ତେଣୁ **୧୩ଟି ମୁଖ୍ୟ ଉପନିଷଦ**, ସେଗୁଡିକ ହେଲେ - (ଦଶୋପନିଷଦ) - ଈଶ, କେନ, କଠ, ପ୍ରଶ୍ନ, ମୁଣ୍ଡକ, ମାଣ୍ଡୁକ୍ୟ, ତୈତ୍ତିରୀୟ, ଐତରେୟ, ଛାନ୍ଦୋଗ୍ୟ ଓ ବୃହଦାରଣ୍ୟକ, (ଅତିରିକ୍ତ) - କୌଷୀତକି, ଶ୍ୱେତାଶ୍ୱତର ଓ ମୈତ୍ରାୟଣୀୟ ।

**ଋକ୍ ବେଦୀୟ ଉପନିଷଦ (୧୦ଟି)** – ଋକ୍-ବେଦରେ ସମୁଦାୟ ୧୦ଟି ଉପନିଷଦ ଅଛି, ଯଥା - ଐତରେୟ, କୌଷୀତକି, ଆତ୍ମବୋଧ, ମୁଦ୍ଗଲ, ନିର୍ବାଣ, ତ୍ରିପୁରା, ସୌଭାଗ୍ୟଲକ୍ଷ୍ମୀ, ବହ୍ୱୃଚ, ଅକ୍ଷମାଳିକା, ନାଦବିନ୍ଦୁ ।

**ଯଜୁର୍ବେଦୀୟ ଉପନିଷଦ (୫୦ଟି)** - ଯଜୁର୍ବେଦରେ ସମୁଦାୟ ୫୦ଟି ଉପନିଷଦ ଅଛି, ସେଥିରୁ ୧୮ଟି ଉପନିଷଦ ଶୁକ୍ଳ ଯଜୁର୍ବେଦରେ ଓ ୩୨ଟି ଉପନିଷଦ କୃଷ୍ଣ ଯଜୁର୍ବେଦରେ ଅଛି ।

**ଶୁକ୍ଳ ଯଜୁର୍ବେଦ ଉପନିଷଦ (୧୮ଟି)** - ଈଶ, ବୃହଦାରଣ୍ୟକ, ସୁବାଲ, ମନ୍ତ୍ରିକ, ନିରାଲମ୍ବ, ପୈଙ୍ଗଲ, ଅଧ୍ୟାତ୍ମ, ମୁକ୍ତିକା, ଜାବାଲ, ଭିକ୍ଷୁକ, ତୁରୀୟାତୀତ ଅବଧୂତ, ଯାଜ୍ଞବଲ୍କ୍ୟ, ଶାଟ୍-ୟାୟନୀୟ, ତାରସାର, ଅଦ୍-ବୟ ତାରକ, ହଂସ, ତ୍ରିଶିଖ-ବ୍ରାହ୍ମଣ, ମଣ୍ଡଲ-ବ୍ରାହ୍ମଣ ।

**କୃଷ୍ଣ ଯଜୁର୍ବେଦ ଉପନିଷଦ (୩୨ଟି)** - କଠ, ତୈତ୍ତିରୀୟ, ଶ୍ୱେତାଶ୍ୱତର, ମୈତ୍ରାୟଣୀୟ, ସର୍ବସାର, ଶୁକରହସ୍ୟ, ସ୍କନ୍ଦ, ଗର୍ଭ, ଶାରୀରକ, ଏକାକ୍ଷର, ଅକ୍ଷି, ବ୍ରହ୍ମ, ଅବଧୂତ, କଠଶ୍ରୁତି, ସରସ୍ୱତୀ ରହସ୍ୟ, ନାରାୟଣ, କଳି ସନ୍ତରଣ, କୈବଲ୍ୟ, କାଳାଗ୍ନି ରୁଦ୍ର, ଦକ୍ଷିଣାମୂର୍ତ୍ତି, ରୁଦ୍ରହୃଦୟ, ପଞ୍ଚବ୍ରହ୍ମ, ଅମୃତବିନ୍ଦୁ, ତେଜୋବିନ୍ଦୁ, ଅମୃତନାଦ, କ୍ଷୁରିକା, ଧ୍ୟାନବିନ୍ଦୁ, ବ୍ରହ୍ମବିଦ୍ୟା, ଯୋଗତତ୍ତ୍ୱ, ଯୋଗଶିଖା, ଯୋଗକୁଣ୍ଡଳିନୀ, ବରାହ ।

Not for Commercial Use

**ସାମବେଦ ଉପନିଷଦ (୧୬ଟି)** - ସାମବେଦରେ ସମୁଦାୟ ୧୬ଟି ଉପନିଷଦ ଅଛି, ଯଥା - ଛାନ୍ଦୋଗ୍ୟ, କେନ, ବଜ୍ରସୂଚୀ, ମହା, ସାବିତ୍ରୀ, ଆରୁଣେୟ, ମୈତ୍ରେୟ, ସଂନ୍ୟାସ, କୁଣ୍ଡିକା, ବାସୁଦେବ, ଅବ୍ୟକ୍ତ, ରୁଦ୍ରାକ୍ଷଜାବାଲ, ଜବାଲି, ଯୋଗଚୂଡାମଣି, ଦର୍ଶନ ।

**ଅଥର୍ବ ବେଦ ଉପନିଷଦ (୩୨ଟି)** - ଅଥର୍ବ ବେଦରେ ସମୁଦାୟ ୩୨ଟି ଉପନିଷଦ ଅଛି, ଯଥା - ମୁଣ୍ଡକ, ମାଣ୍ଡୁକ୍ୟ, ପ୍ରଶ୍ନ, ଆତ୍ମା, ସୂର୍ଯ୍ୟ, ପ୍ରାଣାଗ୍ନିହୋତ୍ର, ଆଶ୍ରମ, ନାରଦପରିବ୍ରାଜକ, ପରମହଂସ, ପରମହଂସ ପରିବ୍ରଜକ, ପରଂବ୍ରହ୍ମ, ସୀତା, ଦେବୀ, ତ୍ରିପୁରାତାପିନୀ, ଭାବନ, ନୃସିଂହ ତାପନୀୟ, ମହାନାରାୟଣ, ରାମ ରହସ୍ୟ, ରାମ ତାପନୀୟ, ଗୋପାଳ-ତାପନୀ, କୃଷ୍ଣ, ହୟଗ୍ରୀବ, ଦତ୍ତାତ୍ରେୟ, ଗରୁଡ଼, ଅଥର୍ବସିରସ୍, ଅଥର୍ବଶିଖା, ବୃହଜ୍ଜାବାଲ, ଶରଭ, ଭସ୍ମଜାବାଲ, ଗଣପତ୍ୟର୍ଥବଶୀର୍ଷ, ଶାଣ୍ଡିଲ୍ୟ, ପଶୁପତିବ୍ରହ୍ମ, ମହାବାକ୍ୟ ।

## ବେଦ - ଉପନିଷଦ ସଂଗଠନ

| ବେଦ | ସଂଖ୍ୟା | ମୁଖ୍ୟ | ସାମାନ୍ୟ | ସନ୍ନ୍ୟାସ | ଶାକ୍ତ | ବୈଷ୍ଣବ | ଶୈବ | ଯୋଗ |
|---|---|---|---|---|---|---|---|---|
| ଋକ୍-ବେଦ | ୧୦ | ଐତରେୟ, କୌଷୀତକି | ଆତ୍ମବୋଧ, ମୁଦ୍ଗଲ | ନିର୍ବାଣ | ତ୍ରିପୁରା, ସୌଭାଗ୍ୟଲକ୍ଷ୍ମୀ, ବହ୍ବୃଚ, | - | ଅକ୍ଷମାଳିକା | ନାଦବିନ୍ଦୁ |
| ସାମବେଦ | ୧୬ | ଛାନ୍ଦୋଗ୍ୟ, କେନ | ବଜ୍ରସୂଚୀ, ମହା, ସାବିତ୍ରୀ, | ଆରୁଣେୟ, ମୈତ୍ରେୟ, ସଂନ୍ୟାସ, କୁଣ୍ଡିକା | - | ବାସୁଦେବ, ଅବ୍ୟକ୍ତ | ରୁଦ୍ରାକ୍ଷଜାବାଲ, ଜବାଲି | ଯୋଗଚୂଡାମଣି, ଦର୍ଶନ |
| କୃଷ୍ଣ ଯଜୁର୍ବେଦ | ୩୨ | କଠ, ତୈତ୍ତିରୀୟ, ଶ୍ୱେତାଶ୍ବତର, ମୈତ୍ରାୟଣୀୟ, | ସର୍ବସାର, ଶୁକରହସ୍ୟ, ସ୍କନ୍ଦ, ଗର୍ଭ, ଶାରୀରକ, ଏକାକ୍ଷର, ଅକ୍ଷି | ବ୍ରହ୍ମ, ଅବଧୂତ, କଠଶ୍ରୁତି | ସରସ୍ବତୀ ରହସ୍ୟ | ନାରାୟଣ, କଳି ସନ୍ତରଣ | କୈବଲ୍ୟ, କାଳାଗ୍ନି ରୁଦ୍ର, ଦକ୍ଷିଣାମୁର୍ତି, ରୁଦ୍ରହୃଦୟ, ପଞ୍ଚବ୍ରହ୍ମ | ଅମୃତବିନ୍ଦୁ, ତେଜୋବିନ୍ଦୁ, ଅମୃତନାଦ, କ୍ଷୁରିକା, ଧ୍ୟାନବିନ୍ଦୁ, ବ୍ରହ୍ମବିଦ୍ୟା, ଯୋଗତତ୍ତ୍ୱ, ଯୋଗଶିଖା, ଯୋଗକୁଣ୍ଡଳିନୀ, ବରାହ |

Not for Commercial Use

| ବେଦ | ସଂଖ୍ୟା | ମୁଖ୍ୟ | ସାମାନ୍ୟ | ସନ୍ନ୍ୟାସ | ଶାକ୍ତ | ବୈଷ୍ଣବ | ଶୈବ | ଯୋଗ |
|---|---|---|---|---|---|---|---|---|
| ଶୁକ୍ଳ ଯଜୁର୍ବେଦ | ୧୮ | ଈଶ, ବୃହଦାରଣ୍ୟକ | ସୁବାଲ, ମନ୍ତ୍ରିକ, ନିରାଲମ୍ବ, ପୈଙ୍ଗଲ, ଅଧ୍ୟାତ୍ମ, ମୁକ୍ତିକା | ଜାବାଲ, ଭିକ୍ଷୁକ, ତୁରୀୟାତୀତ ଅବଧୂତ, ୟାଜ୍ଞବଲ୍କ୍ୟ, ଶାଟ୍-ୟାୟନୀୟ, | - | ତାରସାର | - | ଅଦ୍-ବୟ ତାରକ, ହଂସ, ତ୍ରିଶିଖ-ବ୍ରାହ୍ମଣ, ମଣ୍ଡଲ-ବ୍ରାହ୍ମଣ |
| ଅଥର୍ବ ବେଦ | ୩୨ | ମୁଣ୍ଡକ, ମାଣ୍ଡୁକ୍ୟ, ପ୍ରଶ୍ନ, | ଆତ୍ମା, ସୂର୍ୟ୍ୟ, ପ୍ରାଣାଗ୍ନିହୋତ୍ର | ଆଶ୍ରମ, ନାରଦପରିବ୍ରା ଜକ, ପରମହଂସ, ପରମହଂସ ପରିବ୍ରଜକ, ପରଂବ୍ରହ୍ମ, | ସୀତା, ଦେବୀ, ତ୍ରିପୁରାତାପିନୀ, ଭାବନ | ନୃସିଂହ ତାପନୀୟ, ମହାନାରାୟଣ, ରାମ ରହସ୍ୟ, ରାମ ତାପନୀୟ, ଗୋପାଳ-ତାପନୀ, କୃଷ୍ଣ, ହୟଗ୍ରୀବ, ଦତ୍ତାତ୍ରେୟ, ଗରୁଡ଼ | ଅଥର୍ବସିରସ୍, ଅଥର୍ବଶିଖା, ବୃହଜ୍ଜାବାଲ, ଶରଭ, ଭସ୍ମଜାବାଲ, ଗଣପତ୍ୟର୍ଥବ ଶୀର୍ଷ | ଶାଣ୍ଡିଲ୍ୟ, ପଶୁପତିବ୍ରହ୍ମ, ମହାବାକ୍ୟ |
| ସର୍ବମୋଟ | ୧୦୮ | ୧୩ | ୨୧ | ୧୯ | ୮ | ୧୪ | ୧୩ | ୨୦ |

ବେଦର ସ୍ତର ମାନଙ୍କ ବିଷୟରେ ସମ୍ୟକ ଜାଣିଲେ । ତଳେ ଟେବୁଲରେ **ବେଦ ସଙ୍ଗଠନ**ର ସମସ୍ତ ସ୍ତର ଓ ଏହାର ସଦସ୍ୟ ମାନଙ୍କୁ ଏକାଠି କରଯାଇଛି, ଯେଉଁଟା ଏକ ନଜରରେ ଦେଖିହେବ ଓ ଜାଣିହେବ ।

Not for Commercial Use

# ବେଦ ସଙ୍ଗଠନ

| ବେଦ | ସଂହିତା | ବ୍ରାହ୍ମଣ | ଆରଣ୍ୟକ | ଉପନିଷଦ |
|---|---|---|---|---|
| ଋଗ୍‌-ବେଦ | ଶାକଲ, ବାଶକଲ, ଅଶ୍ୱଲାୟନ, ଶଙ୍ଖାୟନ, ମାଣ୍ଡୁକାୟନ | ଐତରେୟ, ଶଙ୍ଖାୟନ, କୌଷୀତକି | ଐତରେୟ, କୌଷୀତକି/ ଶଙ୍ଖାୟନ | ଐତରେୟ, କୌଷୀତକି, ଆତ୍ମବୋଧ, ମୁଦ୍ଗଲ, ନିର୍ବାଣ, ତ୍ରିପୁରା, ସୌଭାଗ୍ୟଲକ୍ଷ୍ମୀ, ବହ୍ବୃଚ, ଅକ୍ଷମାଳିକା, ନାଦବିନ୍ଦୁ |
| ଶୁକ୍ଳ ଯଜୁର୍ବେଦ | ମାଧ୍ୟନ୍ଦିନୀ, କାଣ୍ୱ | ଶତପଥ (ମାଧ୍ୟନ୍ଦିନୀ, କାଣ୍ୱ ) | ବୃହଦାରଣ୍ୟକ | ଈଶ, ବୃହଦାରଣ୍ୟକ, ସୁବାଲ, ମନ୍ତ୍ରିକ, ନିରାଲମ୍ବ, ପୈଙ୍ଗଲ, ଅଧ୍ୟାତ୍ମ, ମୁକ୍ତିକା, ଜାବାଲ, ଭିକ୍ଷୁକ, ତୁରୀୟାତୀତ ଅବଧୂତ, ଯାଜ୍ଞବଲ୍କ୍ୟ, ଶାଟ୍‌-ୟାୟନୀୟ, ତାରସାର, ଅଦ୍‌-ବୟ ତାରକ, ହଂସ, ତ୍ରିଶିଖ-ବ୍ରାହ୍ମଣ, ମଣ୍ଡଲ-ବ୍ରାହ୍ମଣ |
| କୃଷ୍ଣ ଯଜୁର୍ବେଦ | ତୈତ୍ତିରୀୟ, କାଠକ, କଠ-କପିଷ୍ଠଲ, ମୈତ୍ରୟଣୀ | ତୈତ୍ତିରୀୟ, ମୈତ୍ରୟଣୀ, କାଠକ, କଠ-କପିସ୍ଥଳା | ତୈତ୍ତିରୀୟ , ମୈତ୍ରାୟଣୀୟ | କଠ, ତୈତ୍ତିରୀୟ, ଶ୍ୱେତାଶ୍ୱତର, ମୈତ୍ରାୟଣୀୟ, ସର୍ବସାର, ଶୁକରହସ୍ୟ, ସ୍କନ୍ଦ, ଗର୍ଭ, ଶାରୀରକ, ଏକାକ୍ଷର, ଅକ୍ଷି, ବ୍ରହ୍ମ, ଅବଧୂତ, କଠଶ୍ରୁତି, ସରସ୍ୱତୀ ରହସ୍ୟ, ନାରାୟଣ, କଳି ସନ୍ତରଣ, କୈବଲ୍ୟ, କାଳାଗ୍ନି ରୁଦ୍ର, ଦକ୍ଷିଣାମୂର୍ତ୍ତି, ରୁଦ୍ରହୃଦୟ, ପଞ୍ଚବ୍ରହ୍ମ, ଅମୃତବିନ୍ଦୁ, ତେଜୋବିନ୍ଦୁ, ଅମୃତନାଦ, କ୍ଷୁରିକା, ଧ୍ୟାନବିନ୍ଦୁ, ବ୍ରହ୍ମବିଦ୍ୟା, ଯୋଗତତ୍ତ୍ୱ, ଯୋଗଶିଖା, ଯୋଗକୁଣ୍ଡଳିନୀ, ବରାହ |

Not for Commercial Use

| ବେଦ | ସଂହିତା | ବ୍ରାହ୍ମଣ | ଆରଣ୍ୟକ | ଉପନିଷଦ |
|---|---|---|---|---|
| ସାମବେଦ | କୌଥୁମ, ରାଣାୟନୀୟ, ଜୈମିନୀୟ | କୌଥୁମ, ତାଣ୍ଡ୍ୟ, ଷଡ୍‌ବିଂଶ, ସାମବିଧାନ, ଆର୍ଷେୟ, ଦେବତଧ୍ୟାୟ, ଛାନ୍ଦୋଗ୍ୟୋପନିଷଦ, ସଂହିତୋପନିଷଦ, ବଂଶ, ଜୈମିନୀୟ, ଜୈମିନୀୟଆର୍ଷେୟ, ଜୈମିନୀୟୋପନିଷଦ, ଅଦ୍‌-ଭୁତ, ମନ୍ତ୍ର | ଜୈମିନୀୟ-ଉପନିଷଦ, ଛାନ୍ଦୋଗ୍ୟ | ଛାନ୍ଦୋଗ୍ୟ, କେନ, ବଜ୍ରସୂଚୀ, ମହା, ସାବିତ୍ରୀ, ଆରୁଣେୟ, ମୈତ୍ରେୟ, ସଂନ୍ୟାସ, କୁଣ୍ଡିକା, ବାସୁଦେବ, ଅବ୍ୟକ୍ତ, ରୁଦ୍ରାକ୍ଷଜାବାଲ, ଜବାଲି, ଯୋଗଚୂଡାମଣି, ଦର୍ଶନ |
| ଅଥର୍ବ ବେଦ | ଶୌନକ, ପୈପ୍ପଲାଦ | ଗୋପଥ | - | ମୁଣ୍ଡକ, ମାଣ୍ଡୁକ୍ୟ, ପ୍ରଶ୍ନ, ଆତ୍ମା, ସୂର୍ଯ୍ୟ, ପ୍ରାଣାଗ୍ନିହୋତ୍ର, ଆଶ୍ରମ, ନାରଦପରିବ୍ରାଜକ, ପରମହଂସ, ପରମହଂସ ପରିବ୍ରଜକ, ପରଂବ୍ରହ୍ମ, ସୀତା, ଦେବୀ, ତ୍ରିପୁରାତାପିନୀ, ଭାବନ, ନୃସିଂହ ତାପନୀୟ, ମହାନାରାୟଣ, ରାମ ରହସ୍ୟ, ରାମ ତାପନୀୟ, ଗୋପାଳ-ତାପନୀ, କୃଷ୍ଣ, ହୟଗ୍ରୀବ, ଦତ୍ତାତ୍ରେୟ, ଗରୁଡ଼, ଅଥର୍ବସିରସ୍, ଅଥର୍ବଶିଖା, ବୃହଜ୍ଜାବାଲ, ଶରଭ, ଭସ୍ମଜାବାଲ, ଗଣପତ୍ୟର୍ଥବଶୀର୍ଷ, ଶାଣ୍ଡିଲ୍ୟ, ପଶୁପତିବ୍ରହ୍ମ, ମହାବାକ୍ୟ |

Not for Commercial Use

ଏବେ ପ୍ରତ୍ୟେକ ବେଦ ବିଷୟରେ ଜାଣିବା ଓ ବୁଝିବା ପୂର୍ବରୁ ବେଦାଙ୍ଗ ଓ ଅନ୍ୟ ମହତ୍ୱପୂର୍ଣ୍ଣ ସୂଚନା ବିଷୟରେ ଜାଣିବା ଆବଶ୍ୟକ ।

## ବେଦାଙ୍ଗ

ବେଦାଙ୍ଗକୁ ବୈଦିକ ସାହିତ୍ୟର ଶେଷ ଗ୍ରନ୍ଥ ବୋଲି କୁହାଯାଏ । ପାଣିନୀୟ ଶିକ୍ଷା (୪୧-୪୨) ଅନୁସାରେ, ଯଦି ବେଦ ଏକ ପୁରୁଷ ହୁଏ, ବେଦାଙ୍ଗ ତାହାର ୬ଟି ଅଙ୍ଗ ।

"**ଛନ୍ଦ**" ଗୁଡିକ ତାହାର ୨ଟି 'ପାଦ', "**କଳ୍ପ**" ତାହାର ୨ଟି 'ହାତ', "**ଜ୍ୟୋତିଷ**" ତାହାର ୨ଟି 'ଆଖି', "**ନିରୁକ୍ତ**" ତାହାର ୨ଟି 'କାନ', "**ଶିକ୍ଷା**" ତାହାର 'ନାକ' ଓ "**ବ୍ୟାକରଣ**" ତାହାର 'ମୁଖ' ଅଟେ । ମୁଣ୍ଡକ ଉପନିଷଦ (୧.୧.୫)ରେ ସେମାଙ୍କର ନାମ ଗୁଡିକର ଉଲ୍ଲେଖ ମଧ୍ୟ ଅଛି । ଯଥା -

୧ - ଶିକ୍ଷା - (ବର୍ଣ୍ଣ, ସ୍ୱର ଓ ଉଚ୍ଚାରଣ ବିଷୟରେ)
୨ - କଳ୍ପ - (କର୍ମ ବିଷୟରେ)
୩ - ବ୍ୟାକରଣ (ବ୍ୟାକରଣ ବା ଭାଷା / ଶବ୍ଦର ନିୟମ ବିଷୟରେ)
୪ - ନିରୁକ୍ତ (ଶବ୍ଦର ଉତ୍ପତ୍ତି ବିଷୟରେ)
୫ - ଛନ୍ଦ ( ପଦ ଓ ପାଦ ବିଷୟରେ)
୬ - ଜ୍ୟୋତିଷ ( ଗଣନା ବା ସମୟ ବିଷୟରେ)

ଏବେ ଏମାନଙ୍କ ବିଷୟରେ ସଂକ୍ଷେପରେ ଜାଣିବା ।

Not for Commercial Use

# ୧ – ଶିକ୍ଷା

ଏହି ୬ଟି ବେଦାଙ୍ଗମାନଙ୍କ ମଧ୍ୟରେ ଶିକ୍ଷା ହେଉଛି ସବୁଠାରୁ ମହତ୍ୱପୂର୍ଣ୍ଣ । ଶିକ୍ଷାକୁ ବେଦପୁରୁଷର "ନାକ" ବୋଲି ମାନନ୍ତି । କାରଣ ଶବ୍ଦର ବିଳୟ ନାସିକାରେ ଘଟେ, ଉଦାହରଣ ସ୍ୱରୂପ - ଯଦି ନାକା'ର ଦୁଇ ପୁଡାକୁ ବନ୍ଦକରି କୌଣସି ବର୍ଣ୍ଣ ବା ଶବ୍ଦର ଉଚ୍ଚାରଣ କରାଯାଏ, ଏହା ଅସ୍ପଷ୍ଟ ଉଚ୍ଚାରଣ ହୁଏ । ବର୍ଣ୍ଣ ବା ଅକ୍ଷର ବା ଶବ୍ଦର ସଠିକ ଉଚ୍ଚାରଣ ନହେଲେ, ବେଦରେ ଏହାର ଅର୍ଥ, ଏହାର ଫଳାଫଳ ଓ ଏହାର ଶକ୍ତି ର ପରିବର୍ତ୍ତନ ହେବ, ସେଇଥିପାଇଁ ଏହା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଅଙ୍ଗ । ଉଦାହରଣ ସ୍ୱରୂପ - "ଶୁର", "ସୁର", "ସୂର", "ସ୍ୱର", "ସୁଅର" ଇତ୍ୟାଦି ପ୍ରାୟ ଏକ ପ୍ରକାରର ଉଚ୍ଚାରଣ ହୋଇଥାଏ, କିନ୍ତୁ ଯଦି ଏହାର ସଠିକ ଉଚ୍ଚାରଣ ନହୁଏ, ଏହାର ଅର୍ଥ, ଫଳାଫଳ ଓ ଶକ୍ତି ବଦଳି ଯିବ । ସେଥିପାଇଁ '**ଶିକ୍ଷା**' ବେଦପୁରୁଷର ସବୁଠୁ ମହତ୍ୱପୂର୍ଣ୍ଣ ଅଙ୍ଗ ଅଟେ ।

"ଶିକ୍ଷା-ସୂତ୍ର" ଗ୍ରନ୍ଥ ଗୁଡିକ ଉଚ୍ଚାରଣ ସମ୍ବନ୍ଧିତ ଓ ଏହା ସଂହିତାମାନଙ୍କ ସହିତ ସଂଶ୍ଲିଷ୍ଟ । ଶିକ୍ଷା-ସୂତ୍ର "କଳ୍ପ-ସୂତ୍ର" ଭଳି ମଧ୍ୟ ପୁରୁଣା ।

ଯେହେତୁ ଏହା ସବୁଠୁ ମହତ୍ୱପୂର୍ଣ୍ଣ ଅଙ୍ଗ, ଏହାର ମହତ୍ୱ ବିଷୟରେ ଅଳ୍ପ ଅଧିକ ଜାଣିବା ।

'ତୈତ୍ତିରୀୟ ଉପନିଷଦ'ର, 'ଶିକ୍ଷାବଳି' ଅନୁଖଣ୍ଡ'ର, ୨ୟ ଅନୁବାକ ଅନୁସାରେ ଶିକ୍ଷା-ସୂତ୍ର ବା ଉଚ୍ଚାରଣ ବିଜ୍ଞାନରେ ୬ଟି ଅଙ୍ଗ ଅଛି । ଯଥା - (କ) - **ବର୍ଣ୍ଣ**, (ଖ) - **ସ୍ୱର**, (ଗ) - **ମାତ୍ରା**, (ଘ) - **ବଲମ୍**, (ଙ) - **ସାମ**, (ଚ) - **ସନ୍ତାନ** ।

ଏବେ ଶିକ୍ଷାର ଅଙ୍ଗ ମାନଙ୍କ ବିଷୟରେ ସମ୍ୟକ ଜ୍ଞାନ ଆହରଣ କରିବା ।

Not for Commercial Use

**(କ) – ବର୍ଣ୍ଣ**

ବର୍ଣ୍ଣ ଅର୍ଥାତ ବର୍ଣ୍ଣମାଳାର ଅକ୍ଷର ଗୁଡିକ, ଏଥିରେ ସମସ୍ତ ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନ ବର୍ଣ୍ଣର ସମାହିତ (ଅ - ଯ୍ଯ ପର୍ଯ୍ୟନ୍ତ) । ମୂଖର ବିଭିନ୍ନ ଅଂଶର ବ୍ୟବହାର ଦ୍ୱାରା ଏହାର ଉଚ୍ଚାରଣ କରାଯାଏ । ଉଚ୍ଚାରଣ ହିସାବରେ ଅକ୍ଷରମାନଙ୍କୁ ୫ଟି ମୁଖ୍ୟ ଶ୍ରେଣୀରେ ବିଭକ୍ତ କରାଯାଇଛି। ଯଥା – **"କଣ୍ଠ୍ୟ"**, **"ତାଲବ୍ୟ"**, **"ମୂର୍ଧନ୍ୟ"**, **"ଦନ୍ତ୍ୟ"**, ଓ **"ଔଷ୍ଠ୍ୟ"** ।

ପ୍ରକୃତରେ ସଂସ୍କୃତ ବର୍ଣ୍ଣମାଳା ଏକ ବୈଜ୍ଞାନିକ ପଦ୍ଧତିରେ ସଙ୍ଗଠିତ କରାଯାଇଛି । ପ୍ରତ୍ୟେକ ଅକ୍ଷରର ସ୍ଥାନ ଓ ଉଦ୍ଦେଶ୍ୟ ବୈଜ୍ଞାନିକ ପଦ୍ଧତିରେ ରଖାଯାଇଛି । ବିଶ୍ୱର କୌଣସି ଭାଷାର ବର୍ଣ୍ଣମାଳା ଏଭଳି ବୈଜ୍ଞାନିକ ପଦ୍ଧତିରେ ଥିବାର ସୂଚନା ମିଳେନାହିଁ ।

ଏହା ଏକ ସ୍ୱତନ୍ତ୍ର ବିଷୟ, ଏ ବିଷୟରେ ଏକ ପୁସ୍ତକ ଲେଖିହେବ ।

ତଥାପି ତଳେ ଦିଆଯାଇଥିବା ଟେବୁଲରୁ ସମ୍ୟକ ବୁଝିହେବ।

Not for Commercial Use

# ବର୍ଣ୍ଣମାଳା ସଙ୍ଗଠନ

| | | | | | | | | | | | | |
|---|---|---|---|---|---|---|---|---|---|---|---|---|
| | Consonants ବ୍ୟଞ୍ଜନ (ହଲ୍) | | | | | | | | Vowels ସ୍ୱର (ଅଚ୍) | | | |
| | Voiceless (surds) ଶ୍ୱାସ | | | Voiced (sonants) ନାଦ | | | | | | | | |
| | | Mutes ସ୍ୱର୍ଶ | | | | | | Vocalic ସ୍ୱରିତ | | | | |
| | | Khay (ଖୟ୍) | | | | | | | simple (ଅକ୍) | | diphthong (ଏଚ୍) | |
| | Fricatives (Sibilants) ଅବ୍ୟାହତ (ଉଷ୍ମନ୍) (ଶର୍) | Not aspirated ଅଳ୍ପପ୍ରାଣ (ଚୟ୍) | Aspirated ମହାପ୍ରାଣ | Not aspirated ଅଳ୍ପପ୍ରାଣ (ଜଶ୍) | Aspirated ମହାପ୍ରାଣ (ଝଷ୍) | Nasal ଅନୁନାସିକା (ଞମ୍) | Aspiration ମହାପ୍ରାଣ ଅବ୍ୟାହତ | Semi vowels ଅର୍ଦ୍ଧସ୍ୱର ଅନ୍ତସ୍ଥ (ହଣ୍) | Short ହ୍ରସ୍ୱ | Long ଦୀର୍ଘ | | |
| Open ମୁକ୍ତ | ଃ | | | | | ଂ ँ | | | ଅ अ | ଆ आ | | |
| Guttural କଣ୍ଠ୍ୟ (ଜିହ୍ୱାମୂଳ) | ଃ | କ क | ଖ ख | ଗ ग | ଘ घ | ଙ ङ | ହ ह | | | | | |
| Palatal ତାଲବ୍ୟ (ଜିହ୍ୱାମଧ୍ୟ) | ଶ श | ଚ च | ଛ छ | ଜ ज | ଝ झ | ଞ ञ | ଯ | ୟ य | ଇ इ | ଈ ई | ଏ ए | ଐ ऐ |
| Lingual ମୂର୍ଦ୍ଧନ୍ୟ (ଜିହ୍ୱାଗ୍ର) | ଷ ष | ଟ ट | ଠ ठ | ଡ଼ ड | ଢ଼ ढ | ଣ ण | | ଳ ର ळ र | ଋ ऋ | ୠ ॠ | | |
| Alveolar | | | | | | ନ न | | ର ଲ र ल | | | | |
| Dental ଦନ୍ତ୍ୟ (ଜିହ୍ୱାଗ୍ର) | ସ स | ତ त | ଥ थ | ଦ द | ଧ ध | ନ न | | ଲ ल | ଌ ऌ | | | |
| Labial ଔଷ୍ଠ୍ୟ (ଅଧୋଷ୍ଠ) | ଃ | ପ प | ଫ फ | ବ ब | ଭ भ | ମ म | | ବ व | ଉ उ | ଊ ऊ | ଓ ओ | ଔ औ |

ଉପର ଟେବୁଲରୁ ଜାଣିହୁଏ ଯେ, ସଂସ୍କୃତ ବର୍ଣ୍ଣମାଳା କିପରି ବୈଜ୍ଞାନିକ ପଦ୍ଧତିରେ ଗଢା ହୋଇଛି ।

Not for Commercial

ଏହା ମଧ୍ୟ ଜାଣିହେଉଛି ଯେ - ଓଡିଆ ବର୍ଣ୍ଣମାଳା ଓ ସଂସ୍କୃତ ବର୍ଣ୍ଣମାଳା ମଧ୍ୟରେ କ୍ୱଚିତ୍ ପାର୍ଥକ୍ୟ ଅଛି ।

ସ୍ୱରବର୍ଣ୍ଣ "**ପ୍ରାଣ ଅକ୍ଷର**" ଭାବରେ ମଧ୍ୟ ଜଣା, କାରଣ ଏହା ବିନା ଭାଷ୍ୟ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ । ପାଣିନୀ ଏହାକୁ "**ଅଚ୍ ପ୍ରତ୍ୟହାର**" କହିଛନ୍ତି ।

ବ୍ୟଞ୍ଜନର ଅର୍ଥ ଅଳଙ୍କୃତ, ବ୍ୟଞ୍ଜନବର୍ଣ୍ଣ "**ପ୍ରାଣୀ ଅକ୍ଷର**" ଭାବରେ ମଧ୍ୟ ଜଣା । ଅର୍ଥାତ ବ୍ୟଞ୍ଜନବର୍ଣ୍ଣ ଶରୀର ହେଲେ, ସ୍ୱରବର୍ଣ୍ଣ ଏହାର ପ୍ରାଣ ବା ଜୀବନ । ପାଣିନୀ ଏହାକୁ "**ହଲ୍ ପ୍ରତ୍ୟହାର**" କହିଛନ୍ତି ।

**(ଖ) – ସ୍ୱର**

ପ୍ରତ୍ୟକ ଅକ୍ଷର ବା ଶବ୍ଦର ସ୍ୱର ଉଚ୍ଚାରଣ ସାଧାରଣତଃ ସ୍ୱରବର୍ଣ୍ଣ ଉପରେ ନିର୍ଭର କରେ । ସ୍ୱରବର୍ଣ୍ଣର ଉଚ୍ଚାରଣକୁ ୩ଟି ଭାଗରେ ବିଭକ୍ତ କରାଯାଇଛି । ଯଥା - ଉଦାତ୍ତ, ଅନୁଦାତ୍ତ ଓ ସ୍ୱରିତ ।

**ଉଦାତ୍ତ** - ଉଚ୍ଚ ସ୍ୱର ଉଚ୍ଚାରଣ ।

**ଅନୁଦାତ୍ତ** – ନୀଚ ବା ଗମ୍ଭୀର ସ୍ୱର ଉଚ୍ଚାରଣ ।

**ସ୍ୱରିତ** - ମଧ୍ୟମ ସ୍ୱର ଉଚ୍ଚାରଣ ।

ଏହାର ସୂଚୀ ବା ଚିହ୍ନ (', _, -) ବୈଦିକ ମନ୍ତ୍ରମାନଙ୍କରେ ମିଳେ, ଯାହାକୁ ଦେଖି ଶବ୍ଦ, ପଦ ଓ ପାଦ ର ଉଚ୍ଚାରଣ କରାଯାଏ ।

**(ଗ) – ମାତ୍ରା**

ଏକ ସ୍ୱରବର୍ଣ୍ଣର ଉଚ୍ଚାରଣ କେତେ ଲମ୍ବା ସମୟ ହେବା ଦରକାର, ଏହାର ମାପକୁ 'ମାତ୍ରା' କୁହନ୍ତି । ମାତ୍ରା କହିଲେ ପ୍ରାୟ ୦.୪ ସେକେଣ୍ଡ ସମୟ । ଏକ ଛୋଟ ସ୍ୱରବର୍ଣ୍ଣର ସଠିକ ଉଚ୍ଚାରଣ ସମୟକୁ ୧ ମାତ୍ରା ବୋଲି କୁହନ୍ତି, ଯାହାକୁ ଆମେ "**ହ୍ରସ୍ୱ**" ସ୍ୱର କହୁ । ସେହିଭଳି ଲମ୍ବା ସ୍ୱରବର୍ଣ୍ଣ ଉଚ୍ଚାରଣ ସମୟକୁ ୨ ମାତ୍ରା ବା "**ଦୀର୍ଘ**" ସ୍ୱର କହୁ ଓ ଲମ୍ବୀତ ସ୍ୱରବର୍ଣ୍ଣ ଉଚ୍ଚାରଣ ସମୟକୁ ୩ ମାତ୍ରା ବା "**ପ୍ଲୁତ**" ସ୍ୱର କହୁ ।

Not for Commercial Use

**(ଘ) – ବଳମ୍**

ସଠିକ ଭାବରେ ଉଚ୍ଚାରଣ କରିବାପାଇଁ ଜଣେ ବକ୍ତା ତା'ର ସ୍ୱରତନ୍ତ୍ର ଉପରେ କେତେ ଶକ୍ତି ପ୍ରୟୋଗ କରେ, ତାହାକୁ "ବଳମ୍" କୁହନ୍ତି । ସ୍ୱର ବିଜ୍ଞାନରେ ଏହାକୁ ୨ଟି ଭାଗରେ ବିଭକ୍ତ କରାଯାଇଛି, ଯଥା - "**ଅର୍ନ୍ତବଳ**" ଓ "**ବାର୍ହ୍ୟବଳ**" । "ଅର୍ନ୍ତବଳ" ୫ ପ୍ରକାରର ଓ "ବାର୍ହ୍ୟବଳ" ୧୧ ପ୍ରକାରର ।

**(ଙ) – ସାମ**

"ସାମ" ଅର୍ଥ ସମାନ ଭାବରେ ଉଚ୍ଚାରଣ କରିବା । ଅର୍ଥାତ ସମସ୍ତ କାଳେ, ସମସ୍ତ ସ୍ଥିତିରେ ଉଚ୍ଚାରଣର ସମତା । ଉଦାହରଣ ସ୍ୱରୂପ - ଉଦ୍ଦାତ, ଅନୁଦ୍ଦାତ, ସ୍ୱରିତ ଓ ଶବ୍ଦ ମାନଙ୍କର ଉଚ୍ଚାରଣ ସବୁ ସମୟରେ ଏକ ପ୍ରକାର ହେବା ଉଚିତ । ତେଣୁ ଏହା ଶବ୍ଦ ଓ ସ୍ୱରର ଏକ ନିୟମିତ ମିଶ୍ରଣ ।

**(ଚ) – ସନ୍ତାନ**

ଅବିଚ୍ଛିର୍ଣ୍ଣ ଉଚ୍ଚାରଣ କରିବା ବା ସନ୍ଧି କରି ଉଚ୍ଚାରଣ କରିବାକୁ "ସନ୍ତାନ" କୁହାଯାଇଛି । ଠିକ୍ ଭାବରେ ଅକ୍ଷର ଗୁଡିକର ସନ୍ଧି ନକରି ପାରିଲେ ଶବ୍ଦର ଅର୍ଥ ମଧ୍ୟ ବଦଳି ଯିବ । ଉଦାହରଣ ସ୍ୱରୂପ - "ଆଜମେର ଗୟା" ର ଅର୍ଥ, ଓ "ଆଜ୍ ମର ଗୟା" ର ଅର୍ଥ ସମ୍ପୂର୍ଣ୍ଣ ଅଲଗା, ତେଣୁ ସଠିକ ସନ୍ଧି ନହେଲେ ଶବ୍ଦର ଅର୍ଥ ବଦଳି ଯିବ ।

ଉପରୋକ୍ତ ଆଲୋଚନାରୁ ଶିକ୍ଷାର ଅଙ୍ଗମାନଙ୍କ ବିଷୟରେ ସମ୍ୟକ ଜାଣିଲେ ।

ଶିକ୍ଷା ବିଷୟ, ବେଦର ସ୍ୱର, ବ୍ୟଞ୍ଜନ ବର୍ଣ୍ଣ ଆଦିର ସମୁହ; ଉଦ୍ଦାତ, ଅନୁଦ୍ଦାତ ଆଦି ଉଚ୍ଚାରଣର ଶିକ୍ଷଣ, ମୁଖାଦି ଓ ଶରୀରାଦି ଗୁଡିକର ଶିକ୍ଷଣ, ଅଧ୍ୟୟନ ବିଧି, ଗୁରୁଶିଷ୍ୟ ଧର୍ମର ଉପଦେଶ, ଏସବୁ "**ଶିକ୍ଷା**" ର ବିଷୟ ।

Not for Commercial Use

"ଶିକ୍ଷା" ବିଷୟରେ ଏକ ପ୍ରାସଙ୍ଗିକ ବିଷୟ ଅଛି, ଯେ, ମୁନୀର୍ଷି ଏହାକୁ ୨ଟି ଭାଗ ବୋଲି ମାନନ୍ତି, ଯଥା - ୧ - **ଶିକ୍ଷା** ଓ ୨ - **ପ୍ରାତିଶାଖ୍ୟ** |

କିଛି ଆଚାର୍ଯ୍ୟ "ପ୍ରାତିଶାଖ୍ୟ"କୁ ଶିକ୍ଷାର ଅନ୍ତର୍ଗତ ମାନନ୍ତି, ଆଉ କିଛି କୁହନ୍ତି ଯେ - ଏହା ଅନୁପଯୁକ୍ତ, "ପ୍ରାତିଶାଖ୍ୟ" ଏତେ ବିଶାଳ ଅଟେ ଯେ ଏହାକୁ "**ଉପାଙ୍ଗ**" ବୋଲି ମାନିବା ଦରକାର | ଏବେ, ଏଠାରେ ଏ ମତ ଗୁରୁତ୍ୱପୂର୍ଣ୍ଣ ନୁହେଁ | କିନ୍ତୁ ମୂଳ କଥା ହେଲା – '**ଶିକ୍ଷା ଗ୍ରନ୍ଥ**'ର ବିଷୟ - ସନ୍ଧି, ଉଚ୍ଚାରଣ ବ୍ୟବସ୍ଥା, ଗୁରୁଶିଷ୍ୟ ଧର୍ମର ଉପଦେଶ ଇତ୍ୟାଦି, ପରନ୍ତୁ, "ବିକୃତି ପାଠ"ରେ 'ପଦପଦ'ର ସ୍ୱରୂପ, 'ପଦପାଠ'ର ସ୍ୱରୂପ, 'କ୍ରମପାଠ'ର ସ୍ୱରୂପ ଇତ୍ୟାଦି '**ପ୍ରାତିଶାଖ୍ୟ ଗ୍ରନ୍ଥ**'ର ବିଷୟ |

ଏହିଭଳି ଏ ୨ଟି ବିଷୟର ବିଭାଜନ ହୋଇଥାଏ | ସେଥିପାଇଁ '**ପ୍ରାତିଶାଖ୍ୟ ଗ୍ରନ୍ଥ**' ମାନଙ୍କୁ ପ୍ରତ୍ୟେକ ବେଦ ଅଧିନରେ ଭାଗ କରାଯାଇଛି |

**ଋକ୍-ବେଦ ପ୍ରାତିଶାଖ୍ୟ ଗ୍ରନ୍ଥ :-**

- ଋଗ୍-ବେଦ ପ୍ରାତିଶାଖ୍ୟ (ସବୁଠୁ ବଡ଼ ଓ ପ୍ରାଚୀନ, କର୍ତ୍ତା - ମହର୍ଷି ଶୌନକ)

**ଶୁକ୍ଳ ଯଜୁର୍ବେଦ ପ୍ରାତିଶାଖ୍ୟ ଗ୍ରନ୍ଥ :-**

- ବାଜସନେୟୀ ପ୍ରାତିଶାଖ୍ୟ (କର୍ତ୍ତା - ମହର୍ଷି କାତ୍ୟାୟନ)

**କୃଷ୍ଣ ଯଜୁର୍ବେଦ ପ୍ରାତିଶାଖ୍ୟ ଗ୍ରନ୍ଥ :-**

- ତୈତ୍ତିରୀୟ ପ୍ରାତିଶାଖ୍ୟ ( କର୍ତ୍ତା - ଅଜ୍ଞାତ)

**ସାମ ବେଦ ପ୍ରାତିଶାଖ୍ୟ ଗ୍ରନ୍ଥ :-**

- ଋକ୍-ତନ୍ତ୍ର ପ୍ରାତିଶାଖ୍ୟ
- ସାମ-ତନ୍ତ୍ର ପ୍ରାତିଶାଖ୍ୟ
- ଅକ୍ଷର-ତନ୍ତ୍ର ପ୍ରାତିଶାଖ୍ୟ
- ପୁଷ୍ପ-ତନ୍ତ୍ର ପ୍ରାତିଶାଖ୍ୟ

Not for Commercial Use

**ଅଥର୍ବବେଦ ପ୍ରାତିଶାଖ୍ୟ ଗ୍ରନ୍ଥ :-**

- ଅଥର୍ବ ପ୍ରାତିଶାଖ୍ୟ
- ଶୌନକୀୟ ପ୍ରାତିଶାଖ୍ୟ (କର୍ତ୍ତା - ମହର୍ଷି କୌତ୍ସ)

ସେହିଭଳି ବିଭିନ୍ନ ବେଦ ପାଇଁ ବିଭିନ୍ନ **ଶିକ୍ଷାଗ୍ରନ୍ଥ** ଗୁଡିକ ଅଛି ।

**ଋକ୍-ବେଦ ଶିକ୍ଷାଗ୍ରନ୍ଥ :-**

ସ୍ୱରଙ୍କୁଶ ଶିକ୍ଷା, ଷୋଡ଼ଶଶ୍ଳୋକୀ ଶିକ୍ଷା, ଶୈଶିରୀୟ ଶିକ୍ଷା, ଅପିଶଲି ଶିକ୍ଷା, ପାଣିନୀୟ ଶିକ୍ଷା, ଶୌନକ ଶିକ୍ଷା, ସ୍ୱରବ୍ୟଞ୍ଜନ ଶିକ୍ଷା,

**ଶୁକ୍ଳ ଯଜୁର୍ବେଦ ଶିକ୍ଷାଗ୍ରନ୍ଥ :-**

ଯାଜ୍ଞବଲ୍କ୍ୟ ଶିକ୍ଷା, ବାସିଷ୍ଠ୍ୟ ଶିକ୍ଷା, କାତ୍ୟାୟନୀ ଶିକ୍ଷା, ପାରାଶରୀ ଶିକ୍ଷା, ମାଣ୍ଡବ୍ୟ ଶିକ୍ଷା, ଅମୋଘାନନ୍ଦିନୀ ଶିକ୍ଷା, ଲଘୁ ଅମୋଘାନନ୍ଦିନୀ ଶିକ୍ଷା, ମାଧ୍ୟନ୍ଦିନୀ ଶିକ୍ଷା, ଲଘୁ ମାଧ୍ୟନ୍ଦିନୀ ଶିକ୍ଷା, ବର୍ଣ୍ଣରତ୍ନପ୍ରଦୀପିକା ଶିକ୍ଷା, କେଶବୀ ଶିକ୍ଷା, ହସ୍ତସ୍ୱରପ୍ରକ୍ରିୟା ଶିକ୍ଷା, ଅୟାବସାନନିର୍ଣ୍ଣୟ ଶିକ୍ଷା, ସ୍ୱରଭକ୍ତିଲକ୍ଷଣପରିଶିଷ୍ଟ ଶିକ୍ଷା, କ୍ରମସନ୍ଧାନ ଶିକ୍ଷା, ମନଃସ୍ୱାର ଶିକ୍ଷା, ଯଜୁର୍ବିଧାନ ଶିକ୍ଷା, ସ୍ୱରାଷ୍ଟକ ଶିକ୍ଷା, କ୍ରମକାରିକା ଶିକ୍ଷା, କୌଷିକ ଶିକ୍ଷା, ତ୍ରୈସ୍ୱରୀୟ ଶିକ୍ଷା, ପରିଭାଷାଙ୍କସୂତ୍ର ଶିକ୍ଷା, ନବାଙ୍କସୂତ୍ର ଶିକ୍ଷା, କାରିକାବଲୀ ଶିକ୍ଷା, ବର୍ଣ୍ଣ ଉଚ୍ଚାରଣ ପ୍ରକାର ଶିକ୍ଷା, ସ୍ୱରଭକ୍ତି ଶିକ୍ଷା, ସମ୍ପ୍ରଦାୟ ପ୍ରବୋଧିନୀ ଶିକ୍ଷା, ବେଦପରିଭାଷାସୂତ୍ର ଶିକ୍ଷା, ବେଦପରିଭାଷାକାରିକା ଶିକ୍ଷା, କ୍ରମସନ୍ଧାନ ଶିକ୍ଷା, ମଲଶ୍ରମକୃତ ଶିକ୍ଷା, ଗଲଦ୍ଦୃଗ ଶିକ୍ଷା, ପଦ୍ମକାରିକାରତ୍ନମାଳା ଶିକ୍ଷା, ଇତ୍ୟାଦି ।

**କୃଷ୍ଣ ଯଜୁର୍ବେଦ ଶିକ୍ଷାଗ୍ରନ୍ଥ :-**

ଚାରାୟଣ ଶିକ୍ଷା, ଭାରଦ୍ୱାଜ ଶିକ୍ଷା, ବ୍ୟାସ ଶିକ୍ଷା, ଶମ୍ଭୁ ଶିକ୍ଷା, ପାଣିନୀୟ ଶିକ୍ଷା (ଯଜୁସ୍), କୌହଲ୍ୟ ଶିକ୍ଷା, ବୋଧାୟନ ଶିକ୍ଷା, ବାସିଷ୍ଠ ଶିକ୍ଷା, ବାଲ୍ମିକୀ ଶିକ୍ଷା, ହାରିତ୍ ଶିକ୍ଷା,

Not for Commercial Use

ଆତ୍ତରେୟ ଶିକ୍ଷା, କୌଣ୍ଡନୀୟ ଶିକ୍ଷା, ସର୍ବସମ୍ମତ ଶିକ୍ଷା, ଆରଣ୍ୟ ଶିକ୍ଷା, ସିଦ୍ଧାନ୍ତ ଶିକ୍ଷା, ଆପିଶଲି ଶିକ୍ଷା, କାଳନିର୍ଣ୍ଣୟ ଶିକ୍ଷା, ପାରି ଶିକ୍ଷା, ଲକ୍ଷ୍ମୀକାନ୍ତ ଶିକ୍ଷା, ନବ ଶିକ୍ଷା, ଶିକ୍ଷାସମୁଚ୍ଚୟ ଇତ୍ୟାଦି ।

**ସାମ ବେଦ ଶିକ୍ଷାଗ୍ରନ୍ଥ :-**

ନାରଦୀୟ ଶିକ୍ଷା (ମୁଖ୍ୟ), ଲୋମଶୀ ଶିକ୍ଷା, ଗୌତମୀ ଶିକ୍ଷା

**ଅଥର୍ବବେଦ ଶିକ୍ଷାଗ୍ରନ୍ଥ :-**

ମାଣ୍ଡୁକୀ ଶିକ୍ଷା (ମୁଖ୍ୟ), ବର୍ଣ୍ଣପଟଳ ଶିକ୍ଷା, ଦନ୍ତୋଷ୍ଠବିଧୀ ଶିକ୍ଷା

ଏହି 'ଶିକ୍ଷାଗ୍ରନ୍ଥ' ଗୁଡିକ ଅତିରିକ୍ତ କିଛି ସାଧାରଣ (Common) 'ଶିକ୍ଷାଗ୍ରନ୍ଥ' ଅଛି, ଯାହାକି ସମସ୍ତ ବେଦ ମାନଙ୍କ ପାଇଁ ପ୍ରପୁଜ୍ୟ ।

**ସାଧାରଣ ଶିକ୍ଷାଗ୍ରନ୍ଥ :-**

ଆପଶଲି ଶିକ୍ଷା (ଗଦ୍ୟ), ପାଣିନୀ ଶିକ୍ଷା (ଗଦ୍ୟ), ଗାଲବ ଶିକ୍ଷା, ଚନ୍ଦ୍ରବରଣ ଶିକ୍ଷା, ଷୋଡ଼ଷଶ୍ଳୋକୀ ଶିକ୍ଷା, ବିକାରବିବେକ ଶିକ୍ଷା, ସପ୍ତସ୍ୱରସିନ୍ଧୁ ଶିକ୍ଷା, ଉଦାତସ୍ୱର ନିର୍ଣ୍ଣୟ ଶିକ୍ଷା ଇତ୍ୟାଦି ।

ଏକ ଦୃଷ୍ଟିରେ ଦେଖିବାପାଇଁ ତଳେ ଟେବୁଲରେ ସମସ୍ତ 'ଶିକ୍ଷା ଗ୍ରନ୍ଥ' ଓ 'ପ୍ରାତିଶାଖ୍ୟ ଗ୍ରନ୍ଥ' ମାନଙ୍କୁ ରଖାଯାଇଛି ।

Not for Commercial Use

## ଶିକ୍ଷା ଓ ପ୍ରାତିଶାଖ୍ୟ ସଙ୍ଗଠନ

| ବେଦ | ପ୍ରାତିଶାଖ୍ୟ | ଶିକ୍ଷା |
|---|---|---|
| **ଋକ୍-ବେଦ** | ଋଗ୍ ବେଦ ପ୍ରାତିଶାଖ୍ୟ | ସ୍ୱରଙ୍କୁଶ ଶିକ୍ଷା, ଷୋଡ଼ଶଶ୍ଲୋକୀ ଶିକ୍ଷା, ଶୈଶିରୀୟ ଶିକ୍ଷା, ଅପିଶଲି ଶିକ୍ଷା, ପାଣିନୀୟ ଶିକ୍ଷା, ଶୌନକ ଶିକ୍ଷା, ସ୍ୱରବ୍ୟଞ୍ଜନ ଶିକ୍ଷା, |
| **ଶୁକ୍ଳ ଯଜୁର୍ବେଦ** | ବାଜସନେୟୀ ପ୍ରାତିଶାଖ୍ୟ | ଯଜ୍ଞବଲ୍କ୍ୟ ଶିକ୍ଷା, ବାସିଷ୍ଠ୍ୟ ଶିକ୍ଷା, କାତ୍ୟାୟନୀ ଶିକ୍ଷା, ପାରାଶରୀ ଶିକ୍ଷା, ମାଣ୍ଡବ୍ୟ ଶିକ୍ଷା, ଅମୋଘାନନ୍ଦିନୀ ଶିକ୍ଷା, ଲଘୁ ଅମୋଘାନନ୍ଦିନୀ ଶିକ୍ଷା, ମାଧ୍ୟନ୍ଦିନୀ ଶିକ୍ଷା, ଲଘୁ ମାଧ୍ୟନ୍ଦିନୀ ଶିକ୍ଷା, ବର୍ଣ୍ଣରତ୍ନପ୍ରଦୀପିକା ଶିକ୍ଷା, କେଶବୀ ଶିକ୍ଷା, ହସ୍ତସ୍ୱରପ୍ରକ୍ରିୟା ଶିକ୍ଷା, ଅଯାବସାନନିର୍ଣ୍ଣୟ ଶିକ୍ଷା, ସ୍ୱରଭକ୍ତିଲକ୍ଷଣପରିଶିଷ୍ଟ ଶିକ୍ଷା, କ୍ରମସନ୍ଧାନ ଶିକ୍ଷା, ମନଃସ୍ୱାର ଶିକ୍ଷା, ଯଜୁର୍ବିଧାନ ଶିକ୍ଷା, ସ୍ୱରାଷ୍ଟକ ଶିକ୍ଷା, କ୍ରମକାରିକା ଶିକ୍ଷା, କୌଷିକ ଶିକ୍ଷା, ତ୍ରୈସ୍ୱରୀୟ ଶିକ୍ଷା, ପରିଭାଷାଙ୍କସୂତ୍ର ଶିକ୍ଷା, ନବାଙ୍କସୂତ୍ର ଶିକ୍ଷା, କାରିକାବଲୀ ଶିକ୍ଷା, ବର୍ଣ୍ଣ ଉଚ୍ଚାରଣ ପ୍ରକାର ଶିକ୍ଷା, ସ୍ୱରଭକ୍ତି ଶିକ୍ଷା, ସମ୍ପ୍ରଦାୟ ପ୍ରବୋଧିନୀ ଶିକ୍ଷା, ବେଦପରିଭାଷାସୂତ୍ର ଶିକ୍ଷା, ବେଦପରିଭାଷାକାରିକା ଶିକ୍ଷା, କ୍ରମସନ୍ଧାନ ଶିକ୍ଷା, ମଲଶ୍ରମକୃତ ଶିକ୍ଷା, ଗଲଦୃଗ ଶିକ୍ଷା, ପଦ୍ମକାରିକାରତ୍ନମାଳା ଶିକ୍ଷା |
| **କୃଷ୍ଣ ଯଜୁର୍ବେଦ** | ତୈତ୍ତିରୀୟ ପ୍ରାତିଶାଖ୍ୟ | ଚାରାୟଣ ଶିକ୍ଷା, ଭାରଦ୍ୱାଜ ଶିକ୍ଷା, ବ୍ୟାସ ଶିକ୍ଷା, ଶମ୍ଭୁ ଶିକ୍ଷା, ପାଣିନୀୟ ଶିକ୍ଷା (ଯଜୁସ୍), କୌହଲ୍ୟ ଶିକ୍ଷା, ବୋଧାୟନ ଶିକ୍ଷା, ବାସିଷ୍ଠ ଶିକ୍ଷା, ବାଲ୍ମିକୀ ଶିକ୍ଷା, ହାରିତ୍ ଶିକ୍ଷା, ଆତ୍ତରେୟ ଶିକ୍ଷା, କୌଣ୍ଡନୀୟ ଶିକ୍ଷା, ସର୍ବସମ୍ମତ ଶିକ୍ଷା, ଆରଣ୍ୟ ଶିକ୍ଷା, ସିଦ୍ଧାନ୍ତ ଶିକ୍ଷା, ଆପିଶଲି ଶିକ୍ଷା, କାଳନିର୍ଣ୍ଣୟ ଶିକ୍ଷା, ପାରି ଶିକ୍ଷା, ଲକ୍ଷ୍ମୀକାନ୍ତ ଶିକ୍ଷା, ନବ ଶିକ୍ଷା, ଶିକ୍ଷାସମୁଚ୍ଚୟ |
| **ସାମ ବେଦ** | ଋକ୍ ତନ୍ତ୍ର ପ୍ରାତିଶାଖ୍ୟ<br>ସାମ ତନ୍ତ୍ର ପ୍ରାତିଶାଖ୍ୟ<br>ଅକ୍ଷର ତନ୍ତ୍ର ପ୍ରାତିଶାଖ୍ୟ<br>ପୁଷ୍ପ ତନ୍ତ୍ର ପ୍ରାତିଶାଖ୍ୟ | ନାରଦୀୟ ଶିକ୍ଷା (ମୁଖ୍ୟ), ଲୋମଶୀ ଶିକ୍ଷା, ଗୌତମୀ ଶିକ୍ଷା |
| **ଅଥର୍ବବେଦ** | ଅଥର୍ବ ପ୍ରାତିଶାଖ୍ୟ<br>ଶୌନକୀୟ ପ୍ରାତିଶାଖ୍ୟ | ମାଣ୍ଡୁକୀ ଶିକ୍ଷା (ମୁଖ୍ୟ), ବର୍ଣ୍ଣପଟଳ ଶିକ୍ଷା, ଦନ୍ତୋଷ୍ଠବିଧୀ ଶିକ୍ଷା |
| **ସାଧାରଣ (Common)** | - | ଆପଶଲି ଶିକ୍ଷା (ଗଦ୍ୟ), ପାଣିନୀ ଶିକ୍ଷା (ଗଦ୍ୟ), ଗାଲବ ଶିକ୍ଷା, ଚନ୍ଦ୍ରବରଣ ଶିକ୍ଷା, ଷୋଡ଼ଷଶ୍ଲୋକୀ ଶିକ୍ଷା, ବିକାରବିବେକ ଶିକ୍ଷା, ସପ୍ତସ୍ୱରସିନ୍ଧୁ ଶିକ୍ଷା, ଉଦାତସ୍ୱର ନିର୍ଣ୍ଣୟ ଶିକ୍ଷା |

**|| ଇତି "ଶିକ୍ଷା" ||**

Not for Commercial Use

## ୨ – କଳ୍ପ

"କଳ୍ପ" (ଆନୁଷ୍ଠାନିକ) ବେଦାଙ୍ଗର ୨ୟ ଅଂଶ ଅଟେ । ଏହାକୁ ବେଦପୁରୁଷର "ହାତ" ବୋଲି କୁହାଯାଏ । ବେଦରେ 'କଳ୍ପ'ର ଅର୍ଥ ସଂରଚନା, ଅର୍ଥାତ ନିର୍ମାଣ କରିବା, ସଜାଇବା, ପାଳନକରିବା ଆଦି କର୍ମଗୁଡିକ । କର୍ମ କରିବା କେବଳ ହସ୍ତ ଦ୍ୱାରା ସମ୍ଭବ, ସେଇଥିପାଇଁ ଏହାକୁ ବେଦପୁରୁଷର 'ହାତ' ବୋଲି କୁହାଯାଏ । ଏହାର ଉଦ୍ଦେଶ୍ୟ ହେଉଛି - ବିଶେଷରୂପେ, ସଠିକ ଭାବରେ ବୈଦିକ ରଚନାର ଆନୁଷ୍ଠାନିକ ପ୍ରୟୋଗର ନିର୍ଦ୍ଦେଶାବଳୀ ବା ନିୟମାବଳୀ । ଅର୍ଥାତ ବେଦମନ୍ତ୍ର ମାନଙ୍କରେ ଯାହା କୁହାଯାଇଛି, ତାକୁ ବାସ୍ତବରେ ପ୍ରୟୋଗ କରିବାର ନିୟମ ଗୁଡିକ । ପ୍ରାଚୀନ କର୍ମକାଣ୍ଡ ଗୁଡିକର ବିଷୟବସ୍ତୁ ସିଧାସଳଖ ବ୍ରାହ୍ମଣ ଓ ଆରଣ୍ୟକ ସହିତ ସଂଶ୍ଳିଷ୍ଟ ଥିଲା, ତଥା ଏହା ବ୍ରାହ୍ମଣର ମୁଖ୍ୟ ବିଷୟ ଥିଲା । ପରେ ଏହାକୁ ବିଧିବଦ୍ଧ ଭାବରେ ଗଠନ କରାହେଲା, ଯେଉଁଟା "**କଳ୍ପସୂତ୍ର**" ନାମରେ ଜଣାହେଲା । ଏଥିରେ ଯଜ୍ଞନୁଷ୍ଠାନର ନିୟମ ଗୁଡିକ 'ସୂତ୍ର ଶୈଳୀ'ରେ ଲେଖାହେଲା, ତଥା ଯଜ୍ଞନୁଷ୍ଠାନରେ ଯେଉଁ ଜିନିଷ ଗୁଡିକ ଅତ୍ୟନ୍ତ ଆବଶ୍ୟକ ନୁହେଁ ସେଗୁଡିକୁ ବାଦ୍ ଦିଆଗଲା । ଏହି ନିୟମ ଗୁଡିକ ଆଧ୍ୟାତ୍ମିକ, ଐତିହାସିକ, ପୌରାଣିକ, ଶବ୍ଦୋତ୍ପତି, ଓ ଧର୍ମଶାସ୍ତ୍ରୀୟ ବିଷୟରେ ଆଲୋଚନା କରି ବ୍ରାହ୍ମଣରୁ ନିଆଗଲା, ଯାହାକି ବ୍ରାହ୍ମଣ ଠାରୁ ଅଧିକ ବାସ୍ତବିକ ହେଲା । ଏବଂ ଏହା ବୈଦିକ ପରମ୍ପରା ଓ ସମାଜ ବିଷୟରେ ଅଧ୍ୟୟନ କରିବାରେ ମହତ୍ୱପୂର୍ଣ୍ଣ ଭୂମିକା ମଧ୍ୟ ନେଲା । "କଳ୍ପସୂତ୍ର"କୁ ୪ଟି ଭାଗରେ ବିଭକ୍ତ କରାଯାଇଛି, ଯଥା –

**(କ) - ଶ୍ରୌତ ସୂତ୍ର** (ଶ୍ରୌତ ଯଜ୍ଞ ବିଷୟରେ, ଯଥା - ଦଶପୂର୍ଣ୍ଣମାସ ଯଜ୍ଞ, ଚତୁର୍ମାସ୍ୟ ଯଜ୍ଞ, ସୋମ ଯଜ୍ଞ, ବାଜପେୟ ଯଜ୍ଞ, ରାଜସୂୟ ଯଜ୍ଞ, ଅଶ୍ୱମେଧ ଯଜ୍ଞ, ପୁରୁଷମେଧ ଯଜ୍ଞ ଇତ୍ୟାଦି )

**(ଖ) - ଗୃହ୍ୟ ସୂତ୍ର** (ଗୃହସ୍ଥ ପର୍ବ ବିଷୟରେ, ଯଥା - ସଂସ୍କାର, ବିଧି, ନିୟମ ଓ ସଂସ୍କାର ର ସମୟ, - ଜନ୍ମ ରୁ ମୃର୍ତ୍ୟୁ ପର୍ଯ୍ୟନ୍ତ ୪୦ଟି ସଂସ୍କାର - ଗର୍ଭାଧାନ ଠାରୁ ମୃର୍ତ୍ୟୁ ପର୍ଯ୍ୟନ୍ତ, ଯଥା - ଦେବଯଜ୍ଞ, ପିତୃଯଜ୍ଞ, ଭୁତଯଜ୍ଞ, ବ୍ରହ୍ମଯଜ୍ଞ ଇତ୍ୟାଦି )

**(ଗ) - ଧର୍ମ ସୂତ୍ର** (ଧାର୍ମିକ ଓ ସାମାଜିକ ନିୟମ ବିଷୟରେ - ଗୃହସୂତ୍ର ଭଳି, କିନ୍ତୁ ଏଥିରେ ସାମାଜିକ ଓ ଧାର୍ମିକ ତତ୍ତ୍ୱ କୁ ପ୍ରାଧାନ୍ୟ ଦିଆଯାଇଛି )

**(ଘ) - ଶୁଲ୍ବ ସୂତ୍ର** (ମାପ ବିଷୟ ରେ, ଯଥା - ଯଜ୍ଞକୁଣ୍ଡ, ଯଜ୍ଞବେଦୀ, ଯଜ୍ଞମଣ୍ଡପ, ଯଜ୍ଞଶାଳା ଇତ୍ୟାଦି ର ମାପ)

Not for Commercial Use

ପ୍ରତ୍ୟେକ ବେଦରେ, ଏହି ୪ଟି ସୂତ୍ରବିଭାଗ ଅଧୀନରେ "**କଳ୍ପସୂତ୍ର ଗ୍ରନ୍ଥ**"ଗୁଡିକ ଅଛି, ତାହାର ତାଲିକା ତଳ ଟେବୁଲରେ ଦିଆଯାଇଛି ।

## କଳ୍ପସୂତ୍ର ସଙ୍ଗଠନ

| ବେଦ | ଶ୍ରୌତସୂତ୍ର | ଶୁଲ୍ବସୂତ୍ର | ଗୃହ୍ୟସୂତ୍ର | ଧର୍ମସୂତ୍ର |
|---|---|---|---|---|
| **ଋକ୍-ବେଦ** | ଅଶ୍ୱଲାୟନ ଶ୍ରୌତସୂତ୍ର,<br>ଶଙ୍ଖାୟନ ଶ୍ରୌତସୂତ୍ର, | | ଅଶ୍ୱଲାୟନ ଗୃହ୍ୟସୂତ୍ର,<br>କୌଷୀତକି ଗୃହ୍ୟସୂତ୍ର,<br>ଶଙ୍ଖାୟନ ଗୃହ୍ୟସୂତ୍ର, | ବସିଷ୍ଠ ଧର୍ମସୂତ୍ର, |
| **ଶୁକ୍ଳ ଯଜୁର୍ବେଦ** | କାତ୍ୟାୟନ ଶ୍ରୌତସୂତ୍ର, | କାତ୍ୟାୟନ ଶୁଲ୍ବସୂତ୍ର, | ପାରସ୍କାର ଗୃହ୍ୟସୂତ୍ର,<br>କାତ୍ୟାୟନ ଗୃହ୍ୟସୂତ୍ର, | ବିଷ୍ଣୁ ଧର୍ମସୂତ୍ର, |
| **କୃଷ୍ଣ ଯଜୁର୍ବେଦ** | ବୌଦ୍ଧାୟନ ଶ୍ରୌତସୂତ୍ର,<br>ବାଧୂଳା ଶ୍ରୌତସୂତ୍ର,<br>ମାନବ ଶ୍ରୌତସୂତ୍ର,<br>ଭରଦ୍ୱାଜ ଶ୍ରୌତସୂତ୍ର,<br>ଆପସ୍ତମ୍ବ ଶ୍ରୌତସୂତ୍ର,<br>ହିରଣ୍ୟକେଶି ଶ୍ରୌତସୂତ୍ର,<br>ବରାହ ଶ୍ରୌତସୂତ୍ର,<br>ବୈଖାନସ ଶ୍ରୌତସୂତ୍ର, | ବୌଦ୍ଧାୟନ ଶୁଲ୍ବସୂତ୍ର,<br>ମାନବ ଶୁଲ୍ବସୂତ୍ର,<br>ଆପସ୍ତମ୍ବ ଶୁଲ୍ବସୂତ୍ର, | ବୌଦ୍ଧାୟନ ଗୃହ୍ୟସୂତ୍ର,<br>ବାଧୂଳା ଗୃହ୍ୟସୂତ୍ର,<br>ମାନବ ଗୃହ୍ୟସୂତ୍ର,<br>ଭରଦ୍ୱାଜ ଗୃହ୍ୟସୂତ୍ର,<br>ଆପସ୍ତମ୍ବ ଗୃହ୍ୟସୂତ୍ର,<br>ହିରଣ୍ୟକେଶି ଗୃହ୍ୟସୂତ୍ର,<br>ବରାହ ଗୃହ୍ୟସୂତ୍ର,<br>ବୈଖାନସ ଗୃହ୍ୟସୂତ୍ର,<br>ଆଗ୍ନିବେଶ୍ୟ ଗୃହ୍ୟସୂତ୍ର,<br>କାଠକ ଗୃହ୍ୟସୂତ୍ର,<br>କଠ-କପିସ୍ଥଳା ଗୃହ୍ୟସୂତ୍ର, | ବୌଦ୍ଧାୟନ ଧର୍ମସୂତ୍ର,<br>ଆପସ୍ତମ୍ବ ଧର୍ମସୂତ୍ର, |
| **ସାମବେଦ** | ଲାତ୍ୟାୟନ ଶ୍ରୌତସୂତ୍ର,<br>ଦ୍ରାହ୍ୟାୟନ ଶ୍ରୌତସୂତ୍ର,<br>ଜୈମିନୀୟ ଶ୍ରୌତସୂତ୍ର, | | ଗୋଭିଲ ଗୃହ୍ୟସୂତ୍ର,<br>ଖାଦିର ଗୃହ୍ୟସୂତ୍ର,<br>ଜୈମିନୀୟ ଗୃହ୍ୟସୂତ୍ର,<br>କୌଥୁମ ଗୃହ୍ୟସୂତ୍ର, | ଗୌତମ ଧର୍ମସୂତ୍ର, |
| **ଅଥର୍ବବେଦ** | ବୈତାନା ଶ୍ରୌତସୂତ୍ର, | | କୌଶିକ ଗୃହ୍ୟସୂତ୍ର, | |

**।। ଇତି କଳ୍ପ ।।**

Not for Commercial Use

## ୩ – ବ୍ୟାକରଣ

"ବ୍ୟାକରଣ" ବେଦାଙ୍ଗର ୩ୟ ଅଂଶ ଅଟେ । ଏହାକୁ ବେଦପୁରୁଷର "ମୁଖ" ବୋଲି କୁହାଯାଇଛି । ଯେଉଁଭଳି ଶବ୍ଦକୁ ଉଚ୍ଚାରଣ କରିବାକୁ ମୁଖର ଆବଶ୍ୟକ ହୁଏ, ସେହିଭଳି ବ୍ୟାକରଣ ବେଦପୁରୁଷର ମୁଖ । ବ୍ୟାକରଣ ବେଦକୁ ବୁଝିବାରେ ସାହାଯ୍ୟ କରିଥାଏ । **ବ୍ୟାକରଣର ଇତିହାସ** - ତୈତ୍ତିରୀୟ ସଂହିତାର ଏକ ଆଖ୍ୟାନ ଅନୁସାରେ ପ୍ରଥମେ ବାଣି ଅବ୍ୟାକୃତ ପ୍ରାଦୁର୍ଭୁତ ହେଲା, ଏହା ବୁଝିବା କଷ୍ଟ ଥିଲା, ସେଥିପାଇଁ ଦେବତାମାନେ ଇନ୍ଦ୍ରଙ୍କୁ ଏହାକୁ ବ୍ୟାକୃତ ବା ସରଳ କରିବା ପାଇଁ ଅନୁରୋଧ କଲେ ଓ ଇନ୍ଦ୍ର ଏହାର ବ୍ୟାକୃତୀକରଣ କରିଥିଲେ ଯଥା – '**ବ୍ୟାକୃତି**' ଓ '**ବାକ୍**' । ତେଣୁ 'ଅବ୍ୟାକୃତ ବାଣି' ଯେବେ ବର୍ଣ୍ଣ, ପଦ ଓ ବାକ୍ୟ ରୂପରେ ପ୍ରତିପାଦିତ ହୁଏ, ତା'କୁ "**ବ୍ୟାକରଣ**" କୁହନ୍ତି । ଋଷି ଜୈମିନିଙ୍କ ଅନୁସାରେ **୬୪**ଟି ବ୍ୟାକରଣ ଥିଲା, ପ୍ରାଚୀନ ଲେଖ ଅନୁସାରେ ଆଉ ୯ଟି ବ୍ୟାକରଣ ଗୁଡିକର ନାମ ମିଳେ - ଯଥା - **ଐନ୍ଦ୍ରମ୍, ଚାନ୍ଦ୍ରମ୍, କାଶିକୃଷ୍ଣମ୍, କୌମାରମ୍, ଶାକଟାୟନମ୍, ସାରସ୍ୱତମ୍, ଚାପିଶଲମ୍, ସାକଲମ୍, ଓ ପାଣିନୀୟକମ୍** । ପ୍ରାଚୀନ ବେଦାଙ୍ଗର 'ବ୍ୟାକରଣ ଗ୍ରନ୍ଥ' ଗୁଡିକ ସମ୍ପୁର୍ଣ୍ଣ ଭାବରେ ନଷ୍ଟ ହୋଇଯାଇଛି । ଯଦିଓ ବ୍ରାହ୍ମଣ, ଆରଣ୍ୟକ ଓ ପ୍ରାତିଶାଖ୍ୟ ରେ ବ୍ୟାକରଣର କିଛି କିଛି ତାତ୍ତ୍ୱିକୀ ଯୁକ୍ତି ମିଳେ କିନ୍ତୁ ଏହା ସମ୍ପୁର୍ଣ୍ଣ ବ୍ୟାକରଣ ଗ୍ରନ୍ଥ ନୁହେଁ । ଏହାର ପର ସମୟଠାରୁ **"ପାଣିନିଙ୍କ ଅଷ୍ଟଧ୍ୟାୟୀ ବ୍ୟାକରଣ** (400 BC)**"** ଗ୍ରନ୍ଥ ବେଦାଙ୍ଗର ପ୍ରତିନିଧିତ୍ୱ କରିଆସୁଅଛି ଓ ଏହା ଏବେ ସବୁଠୁ ପ୍ରସିଦ୍ଧ ଓ ପ୍ରଚଳିତ ।

ପାଣିନିଙ୍କ ବ୍ୟାକରଣ କୌଣସି ବୈଦିକ ଗୁରୁକୁଳ ସହିତ ସଂଶ୍ଳିଷ୍ଟ ନୁହେଁ, କିନ୍ତୁ ଏହା କୁହାଯାଏ ଯେ - ଏହାର ମହାନ ଗୁଣ ପାଇଁ ପୂର୍ବଲିଖିତ ବ୍ୟାକରଣ ମାନଙ୍କୁ ଅତିକ୍ରମଣ କରି ପ୍ରସିଦ୍ଧ ହୋଇପାରିଛି । ଏଥିରେ ୮ଟି ଅଧ୍ୟାୟ ଥିବାରୁ ଏହାକୁ '**ଅଷ୍ଟାଧ୍ୟାୟୀ**' କୁହନ୍ତି । ମହାଭାଷ୍ୟକାରଙ୍କ ଅନୁସାରେ ବ୍ୟାକରଣ ଗୁଡିକ ବେଦର ରକ୍ଷା କରିବା ପାଇଁ ତିଆରି କରାଯାଇଥିଲା, ପରେ ସମୟାନୁକ୍ରମେ ଏହା ଦୈନନ୍ଦିନ ଜୀବନରେ ଯୋଗ ହେଲା । ଶବ୍ଦର ଗଠନ (ଉଚ୍ଚାରଣ, ଅର୍ଥ ଓ ପ୍ରତିପାଦନ) ହେଉଛି ବ୍ୟାକରଣର ମୁଖ୍ୟ ବିଷୟବସ୍ତୁ । ଏଥିରେ ମୂଳ ("**ପ୍ରକୃତି**") ଓ ଅନୁଲଗ୍ନ ("**ପ୍ରତ୍ୟୟ**")ର ଆଲୋଚନା କରାଯାଇ ଶବ୍ଦର ଅର୍ଥ ନିର୍ଣ୍ଣୟ କରାଯାଏ । ପାଣିନିଙ୍କ ବ୍ୟାକରଣ, ସୂତ୍ର ଶୈଳୀରେ ଲେଖାଯାଇଛି । ଏହା ସହିତ ଆଉ

Not for Commercial Use

ଦୁଇଟି ବ୍ୟାକରଣ ମଧ୍ୟ ମିଳେ, 'କାତ୍ୟାୟନ'ଙ୍କ "**ବାର୍ତିକ**" ଓ 'ପତଞ୍ଜଳି'ଙ୍କ "**ମହାଭାଷ୍ୟ**" । କିନ୍ତୁ ଏମାନଙ୍କ ମଧ୍ୟରୁ 'ପାଣିନି'ଙ୍କ "**ଅଷ୍ଟାଧ୍ୟାୟୀ**" ପ୍ରସିଦ୍ଧ । ବ୍ୟାକରଣରେ ୧୪ଟି ସୂତ୍ର ଅଛି ଯାହାକୁ "**ମହେଶ୍ୱର ସୂତ୍ର**" କୁହନ୍ତି । ଆଚାର୍ଯ୍ୟ ପତଞ୍ଜଳିଙ୍କ ଭାଷ୍ୟ ଅନୁସାରେ ଏହା ମହେଶ୍ୱରଙ୍କ ଡ଼ମ୍ବରୁ ରୁ ଉତ୍ପନ୍ନ, ଯାହକୁ ବ୍ୟାକରଣର ମୂଳଦୁଆ ବୋଲି ମାନନ୍ତି ।

**।। ଇତି ବ୍ୟାକରଣ ।।**

## ୪ – ନିରୁକ୍ତ

"ନିରୁକ୍ତ" ବେଦାଙ୍ଗର ୪ର୍ଥ ଅଂଶ, ଏହାକୁ ବେଦପୁରୁଷର 'କାନ' ବା 'ଶ୍ରୋତ' ବୋଲି କୁହାଯାଏ । ଯେପରି କୌଣସି ଶବ୍ଦ ଶୁଣି ସାରିଲା ପରେ, ତାହାର ଅର୍ଥ ଓ ରୂପରେଖା ବର୍ଣ୍ଣନା କରାଯାଇଥାଏ, ସେହି ଭଳି 'ନିରୁକ୍ତ' ବେଦପୁରୁଷର କର୍ଣ୍ଣ ।
'ନିରୁକ୍ତ'ର ଅର୍ଥ "ଶବ୍ଦର ଉତ୍ପତ୍ତି" । ନିରୁକ୍ତ ଦର୍ଶାଇଥାଏ ଯେ, କାହିଁକି ବା କ'ଣ ପାଇଁ ଗୋଟିଏ ନିର୍ଦ୍ଧିଷ୍ଟ ଶବ୍ଦ ବ୍ୟବହାର କରାଯାଇଛି । ନିରୁକ୍ତରେ ବୈଦିକ ଶବ୍ଦମାନଙ୍କର ସଂଗ୍ରହ ବା କୋଷ ଅଛି, ଯାହାକୁ "**ନିଘଣ୍ଟୁ**" କୁହନ୍ତି । ନିରୁକ୍ତ ମୁଖ୍ୟତଃ ୨ଟି ବିଷୟ ଉପରେ ଆଧାରିତ - ଯଥା - କୋଷାତ୍ମକ ଓ ବ୍ୟାଖ୍ୟାତ୍ମକ । "**କୋଷାତ୍ମକ**"ର ଅର୍ଥ - କୌଣସି ଶାସ୍ତ୍ରର ସାହାଯ୍ୟ ନ ନେଇ ଆମେ ନିଘଣ୍ଟୁ ଦ୍ୱାରା ଦିଆଯାଇଥିବା ଶବ୍ଦକୁ ନେଇ ତାହାର ଅର୍ଥ କରିପାରିବା । "**ବ୍ୟାଖ୍ୟାତ୍ମକ**"ର ଅର୍ଥ - ଯେଉଁ ଶବ୍ଦମାନଙ୍କର ଏକରୁ ଅନେକ ଅର୍ଥ ବା ମାନେ ଅଛି, ଆମେ ନିଘଣ୍ଟୁ ଦ୍ୱାରା ଦିଆଯାଇଥିବା ଶବ୍ଦମାନଙ୍କ ମଧ୍ୟରୁ ସଠିକ ଶବ୍ଦ ଚୟନ କରିପାରିବା, ଯାହାକୁ "**ନିର୍ବଚନ**" କୁହନ୍ତି ।

**ଆଚାର୍ଯ୍ୟ ଯକ୍ଷ**ଙ୍କ 'ନିରୁକ୍ତ' କେବଳ ଗୋଟିଏ ମାତ୍ର ଗ୍ରନ୍ଥ, ଯାହାର ଉଦ୍ଧାର ହୋଇପାରିଛି । ଆଚାର୍ଯ୍ୟ ଯକ୍ଷଙ୍କ ନିରୁକ୍ତରେ ୫ ପ୍ରକାରର ବୈଦିକ ଶବ୍ଦମାନଙ୍କର ତାଲିକା ଅଛି, ଯଥା - **ନାମ**, **ଆଖ୍ୟାନ**, **ଉପସର୍ଗ**, **ନିପାତ**, ଓ **ଦେବତା** । ଏମାନଙ୍କୁ ୩ଟି କାଣ୍ଡରେ ବିଭକ୍ତ କରାଯାଇଛି, ଯଥା - **ନିଘଣ୍ଟୁ**, **ନୈଗମ**, ଓ **ଦୈବତ** । ପ୍ରଥମ କାଣ୍ଡରେ, ୩ ପ୍ରକାର ବୈଦିକ

Not for Commercial Use

ଶବ୍ଦମାନଙ୍କର ତାଲିକାକୁ ଅନ୍ତର୍ଭୁକ୍ତ କରାଯାଇଛି, ତଥା ଏହି ବୈଦିକ ଶବ୍ଦମାନଙ୍କୁ ଏକ ନିର୍ଦ୍ଦିଷ୍ଟ ବିଚାର ବା ଉଦ୍ଦେଶ୍ୟରେ ସଂଗ୍ରହ କରାଯାଇଛି । ଦ୍ୱିତୀୟ କାଣ୍ଡରେ, ଯେଉଁ ବୈଦିକ ଶବ୍ଦମାନଙ୍କର ଏକରୁ ଅନେକ ଅର୍ଥ ଅଛି, ଓ କଠିନ ଶବ୍ଦମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି । ତୃତୀୟ କାଣ୍ଡରେ ବୈଦିକ ଦେବତାମାନଙ୍କର ସ୍ଥାନ (ଭୂ, ଭୁବ ଓ ସ୍ୱଃ) ଅନୁସାରେ ବର୍ଗୀକରଣ କରାଯାଇଛି । 'ଆଚାର୍ଯ୍ୟ ଯକ୍ଷ ' ଏସବୁ ତାଲିକା ଗୁଡିକ ୧୨ଟି ପୁସ୍ତକରେ ବୁଝାଇଛନ୍ତି, ସେଥିମଧ୍ୟରୁ ପ୍ରଥମ, ଦ୍ୱିତୀୟ ଓ ସପ୍ତମ ପୁସ୍ତକରେ ବେଦ ଅଧ୍ୟୟନ ବିଷୟରେ ବୁଝାଇଛନ୍ତି । 'ଆଚାର୍ଯ୍ୟ ଯକ୍ଷ' କହିଛନ୍ତି ଯେ – "ନିରୁକ୍ତ ବିନା ବୈଦିକ ମନ୍ତ୍ର ସମୁହର ସ୍ୱଷ୍ଟ ଅର୍ଥ ବୁଝିବା ସମ୍ଭବ ନୁହେଁ" ।

**।। ଇତି ନିରୁକ୍ତ ।।**

## ୫ – ଛନ୍ଦ

"ଛନ୍ଦ" ବେଦାଙ୍ଗର ୫ମ ଅଂଶ ଅଟେ । ଛନ୍ଦକୁ ବେଦପୁରୁଷର 'ପାଦ' କୁହଯାଏ । ପାଦ ବେଦଶରୀରର ମୂଳ ଅଟେ । ପାଦର ଚଳନ ଓ ଗତି ଅନୁସାରେ ଶରୀରର ସଂଚାଳନ ହୋଇଥାଏ । ସେହିପରି ଛନ୍ଦ ବେଦପୁରୁଷର ସଂଚାଳନ ନିର୍ଧାରୀତ କରିଥାଏ । ତେଣୁ ଛନ୍ଦ ବେଦପୁରୁଷର ମହତ୍ୱପୂର୍ଣ୍ଣ ଅଙ୍ଗ ଅଟେ ।

ଏହା କୁହାଯାଏ ଯେ, ଦେବତାମାନେ ମୃତ୍ୟୁ ଭୟରେ ମନ୍ତ୍ରମାନଙ୍କୁ ଦେହରେ ଆବରଣକରି ରଖିଥିଲେ, ସେଥିପାଇଁ ଏହାକୁ "ଛନ୍ଦ" କୁହନ୍ତି । 'ନିରୁକ୍ତ' ଅନୁସାରେ ଛନ୍ଦ 'ଛଦ୍' ଶବ୍ଦରୁ ଉତ୍ପନ୍ନ, 'ଛଦ୍'ର ଅର୍ଥ ଆବରଣ କରିରଖିବା । ଅର୍ଥାତ, 'ଛନ୍ଦ' ବେଦମନ୍ତ୍ରର **ରସ, ଭାବ, ବିଚାର** ଓ **ପ୍ରାକାର୍ଥ** କୁ ଆଚ୍ଛାଦିତ କରିରଖିଥାଏ । 'ପାଣିନି'ଙ୍କ ଅନୁସାରେ 'ଛନ୍ଦ' ବେଦମନ୍ତ୍ରକୁ **ପ୍ରକାଶିତ** ଓ **ପ୍ରସନ୍ନିତ** କରେ । ଅର୍ଥାତ, ଛନ୍ଦ ବେଦମନ୍ତ୍ରର ଭାବ ଓ ବିଚାରକୁ ଆଚ୍ଛାଦିତକରି ରଖିବା ସଙ୍ଗେ ସଙ୍ଗେ, ବେଦମନ୍ତ୍ରର ଭାବ ଓ ବିଚାରକୁ ବକ୍ତା ମାଧ୍ୟମରେ ପ୍ରକାଶିତ କରିଥାଏ, ତଥା ଶ୍ରୋତାର ମନକୁ ଭାବ ଓ ବିଚାର ଦ୍ୱାରା ପ୍ରସନ୍ନିତ କରିଥାଏ । ସମ୍ପୂର୍ଣ୍ଣ ବୈଦିକ ସାହିତ୍ୟ 'ଛନ୍ଦ' ରୂପରେ ଜଣାଯାଏ । ପଦ୍ୟ ହେଉ ବା ଗଦ୍ୟ ହେଉ ଏଥିରେ

Not for Commercial Use

ଛନ୍ଦ ଥାଏ । ପଦ୍ୟରେ **ବର୍ଣ୍ଣିକ ଛନ୍ଦ** ଥିଲା ବେଳେ, ଗଦ୍ୟରେ **ମାତ୍ରିକ ଛନ୍ଦ** ଥାଏ । **ଛନ୍ଦ** ଓ **ଲୟ** ଉଭୟ, ଉଭୟଙ୍କର ପରିପୁରକ । ଏହି ଦୁଇଟିର ମିଶ୍ରଣ ବେଦମନ୍ତ୍ରର ଶୋଭା ବଢାଇଥାଏ ଓ ଏହା ଦ୍ୱାରା ମନ୍ତ୍ରର ରସ, ଭାବ, ବିଚାର ଓ ପ୍ରାକାର୍ଥ ବିକଶିତ ହୋଇ ଉଭୟ ବକ୍ତା ଓ ଶ୍ରୋତାଙ୍କୁ ଆନନ୍ଦିତ କରାଇଥାଏ ।

ଛନ୍ଦର ବ୍ୟବହାର ଦ୍ୱାରା ମନ୍ତ୍ର ବା ଶ୍ଳୋକର ପ୍ରାକାର୍ଥ ଅନେକ ପ୍ରକାରର ହୋଇପାରେ । ଉଦାହରଣ ସ୍ୱରୂପ – (ଋ.ବେ. - ୪.୫୮.୩)

"ଚତ୍ୱାରି ଶୃଙ୍ଗା ତ୍ରୟୋ ଅସ୍ୟ ପାଦା ଦ୍ୱେ ଶୀର୍ଷେ ସପ୍ତ ହସ୍ତାସୋ ଅସ୍ୟ ।
ତ୍ରିଧା ବଦ୍ଧୋ ବୃଷଭୋ ରୋରବୀତି ମହୋ ଦେବୋ ମର୍ତ୍ତ୍ୟା ଆ ବିବେଶ ।।"

ଉପରୋକ୍ତ ମନ୍ତ୍ରର ଛନ୍ଦ 'ପଠିତ' ରହସ୍ୟରୁ ବ୍ୟାକରଣ ତାହାର ପ୍ରାକାର୍ଥ ପ୍ରତିପାଦନକଲା, ସାହିତ୍ୟ ତାହାର ପ୍ରାକାର୍ଥ ପ୍ରତିପାଦନକଲା, ଭାସ୍କର ରାଏ ଏହାର ଛନ୍ଦ ପ୍ରାକାର୍ଥ ପ୍ରତିପାଦନକଲେ, ଶ୍ରୀମଦଭାଗବତ ତାହାର, ଭଗବତ ପ୍ରାକାର୍ଥ ପ୍ରତିପାଦନକଲା, ଶତପଥ ବ୍ରାହ୍ମଣ ତାହାର ଯଜ୍ଞ ପ୍ରାକାର୍ଥ ପ୍ରତିପାଦନକଲା, ପୁନହଃ ଶତପଥ ବ୍ରାହ୍ମଣ ତାହାର ସୋମଯଜ୍ଞ ପ୍ରାକାର୍ଥ ପ୍ରତିପାଦନକଲା, ପୁନହଃ ଶତପଥ ବ୍ରାହ୍ମଣ ତାହାର ହବିର୍ଯଜ୍ଞ ପ୍ରାକାର୍ଥ ପ୍ରତିପାଦନକଲା, ମଧୁସୁଦନ ଆଚାର୍ଯ୍ୟ ତାହାର ଦର୍ଶନ ପ୍ରାକାର୍ଥ ପ୍ରତିପାଦନକଲେ, ଏହିଭଳି ଏହାର ଶାଙ୍ଖ୍ୟ ଯୋଗ ପ୍ରାକାର୍ଥ, ବୈଷିକ ପ୍ରାକାର୍ଥ, ଭକ୍ତି ପ୍ରାକାର୍ଥ, ଯୋଗ ପ୍ରାକାର୍ଥ, ଯଜ୍ଞ ପ୍ରାକାର୍ଥ ଇତ୍ୟାଦି ଅନେକ ହୋଇପାରେ ।

ବ୍ରାହ୍ମଣ ଗ୍ରନ୍ଥମାନଙ୍କ ଅନୁସାରେ ୭ଟି 'ବୈଦିକ ଛନ୍ଦ'ମାନଙ୍କୁ **"ମୂଖ୍ୟଛନ୍ଦ"** କୁହାଯାଇଛି, ଯଥା - **ଗାୟତ୍ରୀ, ଉଷ୍ଣିକ୍, ଅନୁଷ୍ଟୁପ୍, ବୃହତୀ, ପଙ୍କ୍ତି, ତ୍ରିଷ୍ଟୁପ୍ ଓ ଜଗତୀ** । ମହର୍ଷି ପତଞ୍ଜଳିଙ୍କ ଅନୁସାରେ ଦ୍ୱାପରଯୁଗ ଅନ୍ତ ପର୍ଯ୍ୟନ୍ତ ୨୬ଟି ବୈଦିକ ମୂଳଛନ୍ଦ ଓ ତାହାର ୨୨୪ଟି ଭେଦ-ପ୍ରଭେଦ ଲକ୍ଷଣମାନଙ୍କର ପ୍ରମାଣ ମିଳିଥାଏ । ଏହି ବୈଦିକ ମୂଳଛନ୍ଦମାନଙ୍କ ଭିତରୁ - 'ଋକ୍-ବେଦ'ରେ ୧୩ଟି, 'ଯଜୁର୍ବେଦ'ରେ ୮ଟି ଓ 'ଅଥର୍ବବେଦ'ରେ ୫ଟି ମୂଳଛନ୍ଦ ଅଛି ।

ବେଦ ଅନୁସାରେ 'ବୈଦିକ-ଛନ୍ଦ'ମାନଙ୍କର ନାମ, ସେଥିରେଥିବା ଅକ୍ଷର ସଂଖ୍ୟା ଓ ଉଦାହରଣ ଶ୍ଳୋକ, ତଳେ ଟେବୁଲରେ ଦିଆଯାଇଛି ।

Not for Commercial Use

| ବେଦ | ସଂଖ୍ୟା | ଛନ୍ଦ | ବର୍ଣ୍ଣ ସଂଖ୍ୟା | ଉଦାହରଣ ଶ୍ଳୋକ |
|---|---|---|---|---|
| ଅଥର୍ବବେଦ | ୫ | ଉକ୍ତା | ୪ | (ଅ.ବେ - ୨.୧୨୧.୮) |
| | | ଅତ୍ୟୁକ୍ତା | ୮ | (ଅ.ବେ - ୨.୧୨୧.୧) |
| | | ମଧ୍ୟା | ୧୨ | (ଅ.ବେ - ୨୦.୧୨୧.୧୩) |
| | | ପ୍ରତିଷ୍ଠା | ୧୬ | (ଅ.ବେ - ୨୦.୧୩୧.୫) |
| | | ସୁପ୍ରତିଷ୍ଠା | ୨୦ | (ଅ.ବେ - ୨୦.୧୩୪.୨) |
| ଋକ୍-ବେଦ | ୧୩ | ଗାୟତ୍ରୀ | ୨୪ | (ଋ.ବେ - ୧.୧.୧) |
| | | ଉଷ୍ଣିକ୍ | ୨୮ | (ଋ.ବେ - ୧.୯୧.୧୭) |
| | | ଅନୁଷ୍ଟୁପ୍ | ୩୨ | (ଋ.ବେ - ୧.୧୦.୬) |
| | | ବୃହତୀ | ୩୬ | (ଋ.ବେ - ୧.୩୬.୭) |
| | | ପଙ୍କ୍ତି | ୪୦ | (ଋ.ବେ - ୧.୨୯.୧) |
| | | ତ୍ରିଷ୍ଟୁପ୍ | ୪୪ | (ଋ.ବେ - ୧.୨୪.୧) |
| | | ଜଗତୀ | ୪୮ | (ଋ.ବେ - ୧.୮୩.୧) |
| | | ଅତିଜଗତୀ | ୫୨ | (ଋ.ବେ - ୪.୧.୨) |
| | | ଶକ୍ୱରୀ | ୫୬ | (ଋ.ବେ - ୮.୩୬.୧) |
| | | ଅତିଶକ୍ୱରୀ | ୬୦ | (ଋ.ବେ - ୬.୧୫.୬) |
| | | ଆଷ୍ଟି | ୬୪ | (ଋ.ବେ - ୧.୧୨୯.୧୧) |
| | | ଅତ୍ୟାଷ୍ଟି | ୬୮ | (ଋ.ବେ - ୧.୧୨୭.୧) |
| | | ଧୃତି | ୭୨ | (ଋ.ବେ - ୧.୧୩୩.୬) |
| ଯଜୁର୍ବେଦ | ୮ | ଅତିଧୃତି | ୭୬ | (ଯ.ବେ - ୨୨.୪) |
| | | କୃତି | ୮୦ | (ଯ.ବେ - ୧.୩୨) |
| | | ପ୍ରକୃତି | ୮୪ | (ଯ.ବେ - ୧୫.୧୬) |
| | | ଆକୃତି | ୮୮ | (ଯ.ବେ - ୧୫.୬୪) |
| | | ବିକୃତି | ୯୨ | (ଯ.ବେ - ୧୫.୧୫) |
| | | ସଂକୃତି | ୯୬ | (ଯ.ବେ - ୨୪.୧-୨) |
| | | ଅଭିକୃତି | ୧୦୦ | (ଯ.ବେ - ୨୬.୧) |
| | | ଉତ୍କୃତି | ୧୦୪ | (ଯ.ବେ - ୧୧.୫୮) |
| ସାମବେଦ | | ସମସ୍ତ ଋକ୍-ବେଦ ଛନ୍ଦ ଓ ଯଜୁର୍ବେଦ ଛନ୍ଦ ସମୁହ । | | |

Not for Commercial Use

ଉପରୋକ୍ତ ତାଲିକାରୁ ଲକ୍ଷ୍ୟ କରିହେବ ଯେ, ଛନ୍ଦମାନଙ୍କର ମଧ୍ୟରେ ୪ଟି ବର୍ଣ୍ଣ ବା ଅକ୍ଷର ସଂଖ୍ୟାର ପ୍ରଭେଦ ଅଛି । ଏହା ୪ଟି ଅକ୍ଷରରୁ ଆରମ୍ଭ ହୋଇ ୧୦୪ଟି ଅକ୍ଷରରେ ଶେଷ ହୋଇଛି ।

ଏହା ସହିତ 'ସାମବେଦ' ଓ 'ଅଥର୍ବବେଦ'ରେ, 'ଋକ୍-ବେଦ' ଓ 'ଯଜୁର୍ବେଦର' ଛନ୍ଦ ମାନଙ୍କର ପ୍ରୟୋଗ ଦେଖିବାକୁ ମିଳିଥାଏ, ଯାହାର ୨୬୨ଟି ଭେଦ-ପ୍ରଭେଦ ମିଳେ । ଭେଦ-ପ୍ରଭେଦ କହିଲେ, ମୁଖ୍ୟତଃ ଛନ୍ଦର ଅକ୍ଷର ସଂଖ୍ୟାରେ ପରିବର୍ତ୍ତନକୁ ବୁଝାଯାଏ । ଏହାର ଲକ୍ଷଣ ଛନ୍ଦ ପୂର୍ବରୁ ଯୋଡାଯାଇଥିବା ଶବ୍ଦରୁ ଜାଣିହୁଏ, ଯାହକୁ ଛନ୍ଦର "**ଉପନାମ**" କୁହନ୍ତି । "ଉପନାମ" ଗୁଡିକ - **ଏକପଦା, ଦ୍ୱିପଦା, ତ୍ରିପଦା, ପୁରଃ, କକୁଭ୍, ବିରାଟ୍, ସ୍ୱରାଟ୍, ସତଃ, ନିଚୃତ୍, ଓ ଭୁରିକ୍** ଇତ୍ୟାଦି । ଉଦାହରଣ ସ୍ୱରୂପ - ଗୋଟିଏ ଅକ୍ଷର କମ ହେଲେ "ନିଚୃତ୍" ଓ ଗୋଟିଏ ଅକ୍ଷର ଅଧିକ ହେଲେ "ଭୁରିକ୍" ଉପନାମ ବ୍ୟବହୃତ ହୋଇଥାଏ, ସେହିପରି ୨ଟି ଅକ୍ଷର କମ ହେଲେ "ବିରାଟ୍" ଓ ୨ଟି ଅକ୍ଷର ଅଧିକ ହେଲେ "ସ୍ୱରାଟ୍" ଉପନାମ ବ୍ୟବହୃତ ହୋଇଥାଏ । ବୈଦିକ ଛନ୍ଦ ସମୁହର ବିବରଣୀ ୩ ପ୍ରକାରର ଗ୍ରନ୍ଥ ମାନଙ୍କରୁ ମିଳିଥାଏ ।

**ପ୍ରଥମ** – ସେ' ଗ୍ରନ୍ଥମାନଙ୍କରେ ଅନ୍ୟ ବିଷୟ ସହିତ ଛନ୍ଦମାନଙ୍କର ବିବରଣ ମଧ୍ୟ ଉପସ୍ଥିତ ଥାଏ, ସେମାନେ ହେଲେ,

୧ - ନିଦାନସୂତ୍ର (ମହର୍ଷି ପତଞ୍ଜଳି ଦ୍ୱାରା)

୨ - ଋକ୍ପ୍ରାତିଶାଖ୍ୟ (ଆଚାର୍ଯ୍ୟ ଶୌନକ ଦ୍ୱାରା)

୩ – ଅଗ୍ନିପୂରାଣ (ବ୍ୟାସଦେବ)

**ଦ୍ୱିତୀୟ** – ସେ' ଗ୍ରନ୍ଥ ସମୁହ ଅନୁକ୍ରମଣୀ-ସାହିତ୍ୟର ଅନ୍ତର୍ଗତ, ସେଥିରେ ଛନ୍ଦମାନଙ୍କର ବିବରଣ ଉପସ୍ଥିତ ଥାଏ, ସେମାନେ ହେଲେ,

୧ - ଛନ୍ଦଃନୁକ୍ରମଣୀ (ଆଚାର୍ଯ୍ୟ ବେଂକଟମାଧବ ଦ୍ୱାରା)

୨ - ଋକ୍ଷବାନୁର୍କର୍ମଣୀ (ଆଚାର୍ଯ୍ୟ କାତ୍ୟାୟନ ଦ୍ୱାରା)

Not for Commercial Use

**ତୃତୀୟ** – ସେ' ଗ୍ରନ୍ଥମାନଙ୍କରେ ସ୍ୱତନ୍ତ୍ରରୂପେ ଛନ୍ଦମାନଙ୍କର ବିବରଣ କରାଯାଇଛି, ସେମାନେ ହେଲେ,

୧ - ଛନ୍ଦ-ସୂତ୍ର (ମହର୍ଷି ପିଙ୍ଗଳ ଦ୍ୱାରା)

୨ - ଉପନିଦାନସୂତ୍ର (ଅଜ୍ଞାତ)

୩ - ଜୟଦେବଛନ୍ଦ (ଆଚାର୍ଯ୍ୟ ଜୟଦେବ ଦ୍ୱାରା)

୪ - ବୃତ୍ତମୁକ୍ତାବଳି (ଆଚାର୍ଯ୍ୟ ଶ୍ରୀକୃଷ୍ଣଭଟ୍ଟ ଦ୍ୱାରା)

୫ - ଶ୍ରୌତସୂତ୍ର (ଆଚାର୍ଯ୍ୟ ଶାଙ୍ଖାୟନ ଦ୍ୱାରା)

ଏମାନଙ୍କ ମଧ୍ୟରୁ ପିଙ୍ଗଳ'ଙ୍କ 'ଛନ୍ଦସୂତ୍ର' ବେଦାଙ୍ଗର ପ୍ରକୃତ ପ୍ରତିନିଧୀତ୍ୱ କରିଥାଏ । ଏଥିରେ ପ୍ରଥମ ୩ଟି ଅଧ୍ୟାୟରେ 'ବୈଦିକ-ଛନ୍ଦ' ବିଷୟରେ ଓ ଏହାର ପର ଅଧ୍ୟାୟ ଠାରୁ 'ଲୌକିକ-ଛନ୍ଦ' ବିଷୟରେ ଆଲୋଚନା କରାଯାଇଛି ।

୭ଟି ମୂଖ୍ୟ ଛନ୍ଦମାନଙ୍କ ମଧ୍ୟରୁ କେଉଁ ଛନ୍ଦ, କେଉଁ ଉଦ୍ଦେଶ୍ୟରେ ବ୍ୟବହାର ହେବା ଦରକାର, ତାହାର ଲକ୍ଷଣ 'ଆଚାର୍ଯ୍ୟ ଯକ୍ଷ' 'ନିରୁକ୍ତ'ର ୩ୟ କାଣ୍ଡରେ ଆଲୋଚନା କରିଛନ୍ତି । ଯଥା - ଗାୟତ୍ରୀ (ବ୍ରହ୍ମ ସଂବନ୍ଧୀୟ), ଉଷ୍ଣିକ୍ (ଦୀର୍ଘଜୀବନ ସଂବନ୍ଧୀୟ), ତ୍ରିଷ୍ଟୁପ୍ (ଶକ୍ତି, ରାଜବଳ ସଂବନ୍ଧୀୟ), ଜଗତୀ (ଯୁଦ୍ଧ ଓ ଅକ୍ରିୟାର ସଂବନ୍ଧୀୟ), ପଙ୍କ୍ତି (ଯୁଦ୍ଧ ଓ ଅକ୍ରିୟାର ସଂବନ୍ଧୀୟ), ବୃହତୀ (ନାମ ଓ ଯଶ ସଂବନ୍ଧୀୟ), ଅନୁଷ୍ଟୁପ୍ (ସ୍ୱର୍ଗରେ ସ୍ଥାନ ସଂବନ୍ଧୀୟ) ।

**|| ଇତି ଛନ୍ଦ ||**

## ୬ – ଜ୍ୟୋତିଷ

"ଜ୍ୟୋତିଷ" ବେଦାଙ୍ଗର ୬ମ ଓ ଶେଷ ଅଂଶ ଅଟେ । ଜ୍ୟୋତିଷକୁ ବେଦପୁରୁଷର "ନେତ୍ର" ବୋଲି କୁହନ୍ତି । ନେତ୍ର ବିନା ଆଗକୁ ଗମନ କରିବା ସମ୍ଭବ ନୁହେଁ । ଜ୍ୟୋତିଷ ଶାସ୍ତ୍ର ପ୍ରତ୍ୟକ୍ଷ ଶାସ୍ତ୍ର ଅଟେ, ଯେମିତି ସୂର୍ଯ୍ୟ ଓ ଚନ୍ଦ୍ର ଆମ ଆଗରେ ପ୍ରତ୍ୟକ୍ଷ ବିଦ୍ୟମାନ, ସେଥିପାଇଁ

Not for Commercial Use

ଜ୍ୟୋତିଷ ଶାସ୍ତ୍ରକୁ ନେତ୍ର କୁହାଯାଏ । ଏହା କୁହାଯାଏ ଯେ - ଯିଏ ଜ୍ୟୋତିଷ ଶାସ୍ତ୍ରକୁ ବୁଝିପାରେ, ସେହି ହିଁ ବେଦର ପ୍ରକୃତ ଅର୍ଥ ବୁଝିପାରେ ।

ଏଠାରେ "**ବେଦାଙ୍ଗ ଜ୍ୟୋତିଷ**" ର ଅର୍ଥ '**ଖଗୋଳ**' ଶାସ୍ତ୍ର (Astronomy) ନୁହେଁ । ଏହା କେବଳ ଯଜ୍ଞାନୁଷ୍ଠାନ, ପ୍ରୟୋଗାନୁଷ୍ଠାନ ଓ ସଂସ୍କାରବିଧି ପାଇଁ ଏକ ବିଶେଷ କାଳ ବା ସମୟର ନିର୍ଦ୍ଦେଶ, ଯାହାକି ଆମର ଅନୁକୁଳ ଓ ଫଳଦାୟକ ହେବା ଦରକାର । 'ଜ୍ୟୋତିଷ ଶାସ୍ତ୍ର'ର ଉଲ୍ଲେଖ ବେଦର ମନ୍ତ୍ର ବା ଶ୍ଳୋକ ମାନଙ୍କରେ ମିଳିଥାଏ, ଉଦାହରଣ ସ୍ୱରୂପ - ଅଥର୍ବବେଦ (ଅ.ବେ - ୧୧.୭.୧, ଅ.ବେ - ୧୧.୮.୧ - ୧୧.୮.୨) । ବେଦରୁ ଗ୍ରହ ଓ ନକ୍ଷତ୍ର ମାନଙ୍କର ଆକାର ଓ ସ୍ଥିତି, ଗଣିତ, ଜ୍ୟାମିତି ଇତ୍ୟାଦିର ପ୍ରମାଣ ମିଳିଥାଏ, ଏସବୁ 'ଜ୍ୟୋତିଷ ଶାସ୍ତ୍ର'ର ମୂଳ । ବ୍ରାହ୍ମଣ ଓ ଆରଣ୍ୟକରୁ କାଳ ନିର୍ଣ୍ଣୟ, ଓ ଗ୍ରହ-ନକ୍ଷତ୍ରମାନଙ୍କ ବିଷୟରେ ଅନେକ ଆଲୋଚନା କରାଯାଇଛି । ଏହିସବୁକୁ ମୂଳକରି 'ଜ୍ୟୋତିଷ ଶାସ୍ତ୍ର'ର ବିସ୍ତାର ହୋଇଛି । 'ଜ୍ୟୋତିଷ ଶାସ୍ତ୍ର' ଶୁଭାଶୁଭ କର୍ମ ଓ ଫଳାଫଳ ର ନିର୍ଦ୍ଦେଶ କରିଥାଏ ।

'ବେଦାଙ୍ଗ ଜ୍ୟୋତିଷ ଶାସ୍ତ୍ର'ମାନଙ୍କ ଭିତରେ 'ମହର୍ଷି ଲଗଧ'ଙ୍କ ରଚିତ '**ଆର୍ଚଜ୍ୟୋତିଷ**' ଉପଲବ୍ଧ ଅଛି, ଏଥିରେ ୨ଟି ଅଧ୍ୟାୟ ଅଛି, ପ୍ରଥମ ଅଧ୍ୟାୟରେ ୩୬ଟି ଶ୍ଳୋକ ଓ ଦ୍ୱିତୀୟ ଅଧ୍ୟାୟରେ ୩୦ଟି ଶ୍ଳୋକ ଅଛି । ସେହିଭଳି '**ୟଯୁସ୍ ଜ୍ୟୋତିଷ**' ମଧ୍ୟ ଉପଲବ୍ଧ ଅଛି, ଏଥିରେ ୨ଟି ଅଧ୍ୟାୟ ଅଛି, ପ୍ରଥମ ଅଧ୍ୟାୟରେ ୧୬୨ଟି ଶ୍ଳୋକ ଓ ଦ୍ୱିତୀୟ ଅଧ୍ୟାୟରେ ୧୬୫ଟି ଶ୍ଳୋକ ଅଛି । ଏସବୁ ଭାରତୀୟ 'ଜ୍ୟୋତିଷ-ଶାସ୍ତ୍ର'ର ମୂଳଗ୍ରନ୍ଥ ଅଟେ । ଏସବୁ ବେଦରୁ ଆରମ୍ଭ ହୋଇ, ବ୍ରାହ୍ମଣ ଓ ଆରଣ୍ୟକ ରେ ବିସ୍ତୃତ ହୋଇ, 'ଜ୍ୟୋତିଷ-ଶାସ୍ତ୍ର'ର ପରିପୁଷ୍ଟ ହେଲା ।

'ବେଦାଙ୍ଗ ଜ୍ୟୋତିଷ-ଶାସ୍ତ୍ର' ଗୁଡିକର ରଚନା ଟିକେ ବୁଝିବା କଷ୍ଟକର ଥିଲା, ସେଥିପାଇଁ ଏହାର ଆଦର କମ ହେଲା । ପର ସମୟରେ **ଭାସ୍କରାଚାର୍ଯ୍ୟ ବରାହମିହିର, ଓ ଆର୍ଯ୍ୟଭଟ୍ଟ**ଙ୍କ ଦ୍ୱାରା ରଚିତ ଜ୍ୟୋତିଷ-ଶାସ୍ତ୍ର ଗୁଡିକ ବ୍ୟବହୃତ ହୋଇଆସୁଅଛି ।

**।। ଇତି ଜ୍ୟୋତିଷ ।।**

Not for Commercial Use

ଉପରୋକ୍ତ ବେଦାଙ୍ଗର ଆଲୋଚନାରୁ ଜାଣି ହେଉଛି ଯେ - ବେଦ ପଠନ ଓ ବେଦକୁ ବୁଝିବାରେ ବେଦାଙ୍ଗ କିପରି ଏକ ମହତ୍ୱପୂର୍ଣ୍ଣ ଭୂମିକା ଅର୍ପଣ କରିଆସୁଅଛି । ଏହା କୁହାଯାଏ ଯେ, ଯଦି ବେଦକୁ ପ୍ରକୃତରେ ବୁଝିବାକୁ ଚାହୁଁଛନ୍ତି, ତେବେ ବେଦାଙ୍ଗକୁ ପ୍ରଥମେ ବୁଝିବା ନିହାତି ଆବଶ୍ୟକ । ବେଳେ ବେଳେ ଆମକୁ ଆଶ୍ଚର୍ଯ୍ୟ ହୁଏ ଯେ, ଦୀର୍ଘ ୧୦୦୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟରୁ କିପରି ବେଦ ପଠନର ଶୈଳୀରେ ପରିବର୍ତ୍ତନ ହୋଇନାହିଁ, ଅର୍ଥାତ ୧୦୦୦୦ ବର୍ଷ ପୂର୍ବେ ଯେପରି ବେଦ ପଠନ ହେଉଥିଲା, ଏବେବି ସେହିପରି ବେଦ ପଠନ ହେଉଅଛି । ତାହାର କାରଣ ହେଉଛି '**ବେଦାଙ୍ଗ**' । ତେଣୁ ଏହା ସ୍ୱଷ୍ଟରୂପେ ବୁଝିହୁଏ ଯେ ବେଦପଠନ ଓ ବେଦାର୍ଥ ରେ ବେଦାଙ୍ଗର ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ।

ବେଦାଙ୍ଗ ପାଇଁ ହିଁ ସଂସ୍କୃତ ସୁନ୍ଦର । ବିଶ୍ୱର କୌଣସି ଭାଷାରେ ଏଭଳି ବୈଜ୍ଞାନିକ ପଦ୍ଧତିରେ ବିଧିବଦ୍ଧ ସଙ୍ଗଠନର ସୂଚନା ମିଳେନାହିଁ । ବିଶ୍ୱରେ ଯେତେବେଳେ 'କଥା କହିବା କମ୍ପ୍ୟୁଟର' (Talkative Computer) ତିଆରି କରିବାପାଇଁ ଭାଷାର ଚୟନ କରାଗଲା, ସେତେବେଳେ ବୈଜ୍ଞାନିକମାନେ ସଂସ୍କୃତ ଭାଷାକୁ ହିଁ ଚୟନ କରିଥିଲେ, କାରଣ ବିଶ୍ୱରେ ସଂସ୍କୃତ ହିଁ ଏକ ମାତ୍ର ଭାଷା, ଯାହା ଦ୍ୱାରା ସମସ୍ତ ଭାଷାର ଉଚ୍ଚାରଣ ଠିକ୍ ଭାବରେ କରାଯାଇପାରିବ ।

ଆଉ ଗୋଟିଏ କଥା ଲକ୍ଷ୍ୟ କରିହେବ ଯେ, - ବେଦାଙ୍ଗର 'ଶିକ୍ଷା' ଓ 'ବ୍ୟାକରଣ' ରୁ ଏହା ଜାଣିହୁଏ, - '**ଓଡିଆ**' ଭାଷାର ବର୍ଣ୍ଣ ବା ଅକ୍ଷର ଓ ସେମାନଙ୍କର ଉଚ୍ଚାରଣ, 'ସଂସ୍କୃତ' ଭାଷାର ବର୍ଣ୍ଣ ଓ ଉଚ୍ଚାରଣ ମଧ୍ୟରେ କ୍ୱଚିତ ପାର୍ଥକ୍ୟ ଅଛି । ଏହାର ବାସ୍ତବିକତା ଆମେ ଅନୁଭବ କରିପାରିବା । ତେଣୁ ବର୍ଣ୍ଣ ଓ ସେମାନଙ୍କର ଉଚ୍ଚାରଣ ଦୃଷ୍ଟିକୋଣରୁ ଭାରତର ୧୩ଟି ପ୍ରମୁଖ ଭାଷାମାନଙ୍କ ମଧ୍ୟରୁ କେବଳ '**ଓଡିଆ**' ହେଉଛି ସଂସ୍କୃତର **ଅତ୍ୟନ୍ତ ନିକଟତ୍ତମ** । 'ସଂସ୍କୃତ' ଶବ୍ଦର ଉଚ୍ଚାରଣ ଓ 'ଓଡିଆ' ଶବ୍ଦର ଉଚ୍ଚାରଣ ମଧ୍ୟରେ କ୍ୱଚିତ ପାର୍ଥକ୍ୟ ଥାଏ, ଏହା ଆମ ମାନଙ୍କ ପାଇଁ ଏକ ଗର୍ବର ବିଷୟ । ତେଣୁ, ଯଦି 'କଥା କହିବା କମ୍ପ୍ୟୁଟର' (Talkative Computer)ର ଭାଷା ଚୟନ ଦୃଷ୍ଟିକୋଣରୁ ଦେଖିବା, ତେବେ 'ଓଡିଆ' ବିଶ୍ୱର ଭାଷା ମାନଙ୍କ ମଧ୍ୟରୁ '**୨ୟ ସ୍ଥାନ**'ରେ ରହିବ ।

Not for Commercial Use

**ଓଡିଆ ଭାଷା** କାହିଁକି ସଂସ୍କୃତର ନିକଟତ୍ତମ ଓ ଏହାର କେଉଁ ବିଶେଷତ୍ୱ ଗୁଡିକ ଅନ୍ୟ ଭାଷା ମନଙ୍କଠାରୁ ଅଲଗା କରିପାରିଛି, ଏହାର ଆଲୋଚାନା "**ପୂର୍ଣ୍ଣଚନ୍ଦ୍ର ଭାଷାକୋଷ**"ରେ ମଧ୍ୟ କରାଯାଇଛି । ସେଥିରେ ଏହା ଲେଖାଯାଇଛି - " କେବଳ ପ୍ରାକୃତ ଭାଷାର ଶବ୍ଦାବଳୀ ପୂର୍ଣ୍ଣମନୋଭାବ ପ୍ରକାଶ କରିବା ବିଷୟରେ ସଂପୂର୍ଣ୍ଣରୂପେ ଅକ୍ଷମ, ତେଣୁ ସଂସ୍କୃତ ଭାଷାରୁ ଅନେକ ଶବ୍ଦ ଆମ୍ଭମାନଙ୍କ ପ୍ରାକୃତ ଭାଷାରେ ଗୃହୀତ ହୋଇଅଛି । ସେ ହିସାବରେ 'ସଂସ୍କୃତ' ଭାଷାକୁ ଓଡିଆ ଭାଷାର ଜନନୀରୂପେ ନିର୍ଦ୍ଦେଶ କାରାଯାଇ ପାରେ । ହିନ୍ଦି, ବଙ୍ଗଳା ବା ଅନ୍ୟ ଭାଷାରେ ସଂସ୍କୃତରୁ ଗୃହୀତ ହୋଇଥିବା ଅକାରାନ୍ତ ଶବ୍ଦର ଶେଷ ବର୍ଣ୍ଣ ଯେପରି ବିକୃତ ହୋଇ ହସନ୍ତ-ବର୍ଣ୍ଣବତ୍ ଉଚ୍ଚାରିତ ହୁଏ, ଓଡିଆ ଭାଷାରେ ସେପରି  ହୁଏ ନାହିଁ । ଏହାହିଁ ଓଡିଆ ଭାଷାର ପ୍ରଧାନ ବିଶେଷଃ । ମନୁଷ୍ୟ ପ୍ରକୃତି ପ୍ରଭାବରୁ ଯେଉଁସବୁ ଧ୍ୱନି ଉଚ୍ଚାରଣ କରି ପାରେ, ସଂସ୍କୃତ ଭାଷାର ମୌଳିକ ବର୍ଣ୍ଣସମୂହ ବୈଜ୍ଞାନିକ ନିୟମରେ ସେହିସବୁ ଧ୍ୱନି ଉପରେ ପ୍ରତିଷ୍ଠିତ । ଅନ୍ୟ କୌଣସି ଭାଷାରେ ମୌଳିକ ଧ୍ୱନିକୁ ଅବଲମ୍ବନ କରି ଏପରି ବର୍ଣ୍ଣ-ସୃଷ୍ଟି ହୋଇ ନ ଥିବା କଥା ଆଧୁନିକ ଭାଷାତତ୍ତ୍ୱବିଦ୍ ପଣ୍ଡିତମାନେ ସ୍ୱୀକାର କରିଅଛନ୍ତି । ଭାରତର ପ୍ରାଦେଶିକ ଆର୍ଯ୍ୟ ଭାଷାମାନଙ୍କ ମଧ୍ୟରେ ଓଡିଆ ଭାଷାହିଁ ଏ ବିଶେଷତ୍ୱକୁ ଅକ୍ଷୂର୍ଣ୍ଣ ଭାବରେ ରକ୍ଷା କରିଅଛି ।"

ସଂସ୍କୃତ ଭାଷାରେ 'ନ, ଣ', 'ଡ଼, ଢ଼', 'ତ, ଥ', 'ଶ, ସ', 'ଜ, ଯ', 'ଳ, ଲ', ଏହି ସଦୃଶ ବର୍ଣ୍ଣମାନଙ୍କର ଉଚ୍ଚାରଣରେ ଯେଉଁ ବିଶେଷତ୍ୱ ପରିଲକ୍ଷିତ ହୁଏ, ଓଡିଆଭାଷୀ ଅଶିକ୍ଷିତ ଲୋକେ ମଧ୍ୟ ସେହି ବିଶେଷତ୍ୱ ରକ୍ଷା କରି ଶବ୍ଦମାନଙ୍କର ଉଚ୍ଚାରଣ କରନ୍ତି ।

କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ, ଆମମାନଙ୍କ ପାଖରେ ନିଜ ଭାଷାକୁ ନେଇ ଗର୍ବ କରିବାର ଯଥେଷ୍ଟ କାରଣ ଥିଲା ବେଳେ, ଆମେ, ଆମ ମାତୃଭାଷାକୁ ପଛରେ ପକାଇ ଅନ୍ୟ ଭାଷା ପ୍ରତି ଆକୃଷ୍ଟ ହେଉଛୁ ।

**।। ଇତି ବେଦାଙ୍ଗ ।।**

Not for Commercial Use

ଏବେ ବେଦାଙ୍ଗ ବିଷୟରେ ସମ୍ୟକ ଜାଣିଲେ, ଆଗକୁ ପ୍ରତ୍ୟେକ ବେଦ ବିଷୟରେ ଜାଣିବା ପୂର୍ବରୁ ଆଉ କେତୋଟି ମହତ୍ୱପୂର୍ଣ୍ଣ ବିଷୟରେ ଜାଣିବାର ଆବଶ୍ୟକତା ଅଛି ।

## ବେଦ ପଠନ

"ବୃହଦାରଣ୍ୟକ ଉପନିଷଦ" (ବୃ.ଉପ. ୨.୪.୨୦) ଅନୁସାରେ, ବେଦକୁ **ପରଂବ୍ରହ୍ମଙ୍କ ନିଃଶ୍ୱାସ** କୁହାଯାଇଛି, "ଆଚାର୍ଯ୍ୟ ଶାୟଣ" ତାଙ୍କ 'ବେଦଭାଷ୍ୟ'ରେ ମଧ୍ୟ ଏହା କହିଛନ୍ତି । ସେଇ ବିଶ୍ୱାସ ସହିତ ଆମ ମହର୍ଷିମାନେ ବଡ଼ ଯତ୍ନର ସହିତ ଏହାର ଉଚ୍ଚାରଣ ଗୁଡିକୁ ସାଇତି ରଖି ଆସୁଛନ୍ତି । ଏପରିକି ଯେଉଁ ସମୟରେ ଲିଖିତ ପ୍ରଥା ପ୍ରଚଳିତ ନଥିଲା ସେ ସମୟଠାରୁ ପିତା-ପୁତ୍ର-ପୌତ୍ର, ଓ ଗୁରୁ-ଶିଷ୍ୟ ପରମ୍ପରାରେ ମୌଖିକରୂପେ ସଞ୍ଚାରଣକରି ସାଇତି ରଖି ଆସୁଥିଲେ । ବଡ଼ ଆଶ୍ଚର୍ଯ୍ୟ ଲାଗେ ଯେ, ହଜାର ହଜାର ବର୍ଷ ପରେବି ସେଗୁଡିକର ସେହି ସମୟରେ ଯେଉଁପରି ଉଚ୍ଚାରଣ ଥିଲା, ଏବେବି ସେହିପରି ତାହାର ଉଚ୍ଚାରଣ ଅଛି । ପରେ ଯେତେବେଳେ ବେଦର ଲିପିକରଣ ହେଲା, ଏହାର ସଂରକ୍ଷଣ ପାଇଁ 'ବେଦାଙ୍ଗ' ଓ 'ପ୍ରାତିଶାଖ୍ୟ' ମାନଙ୍କୁ ରଚନା କରାଗଲା ।

୨୦୦୩ ମସିହାରେ, ଭୂତପୂର୍ବ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟ ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଦ୍ୱାରା 'ଇନ୍ଦିରା ଗାନ୍ଧୀ ନାସନାଲ ବେଦିକ ହେରିଟେଜ ସେଣ୍ଟର' ମାଧ୍ୟମରେ **"ବେଦ ପଠନ"** କୁ '**ବିଶ୍ୱର ଉତ୍କୃଷ୍ଟ ପରମ୍ପରା**'ରେ ସାମିଲ କରିବା ପାଇଁ **'UNESCO'** (United Nations Educational, Scientific and Cultural Organization)କୁ ଆବେଦନ କରିଥିଲେ । ନଭେମ୍ବର ୭, ୨୦୦୮ରେ ଏହାକୁ 'UNESCO' ଦ୍ୱାରା ମାନ୍ୟତା ମିଳିଲା । 'UNESCO' ଏହା ଘୋଷଣା କଲା ଯେ - "ଭାରତର ବେଦପଠନ ପରମ୍ପରା, ମାନବଜାତିର ଏକ ଅତିଶ୍ରେଷ୍ଠ ମୌଖିକ ଓ ଅବର୍ଣ୍ଣନୀୟ ଉତ୍କୃଷ୍ଟ ପରମ୍ପରା ଅଟେ" ("The tradition of Vedic chant a Masterpiece of the Oral and Intangible Heritage of Humanity") ।

Not For Commercial Use

ଇଉରୋପର ସଂସ୍କୃତ ବିଦ୍ୱାନ 'ମାକ୍ସ ମୁଲ୍ଲେର' କହିଛନ୍ତି ଯେ - "ଏତେ ପୁରୁଣା କାଳରୁ ବେଦ ସମୁହ, ଏତେ ବିଶୁଦ୍ଧ ଓ ଯତ୍ନର ସହିତ ଆମ ହାତକୁ ଆସିଅଛି ଯେ, ଏଥିରେ କ୍ୱଚିତ ତ୍ରୁଟି ଥାଇପାରେ" ।

ସଂସ୍କୃତ ବିଦ୍ୱାନ 'ଵାୟନେ ହେୱାର୍ଡ' ବେଦ ଉଚ୍ଚାରଣ ବିଷୟରେ ଏକ ପୁସ୍ତକ ଲେଖିଛନ୍ତି ("Veda Recitation in Varanasi"), ସେ କହିଛନ୍ତି ଯେ - "ବେଦସମୁହ କଣ୍ଠୋଚ୍ଚାରଣ ମନ୍ତ୍ରର ସମୁହ, ଏହା ସମ୍ମୋହକ ଜଟିଳ ସଙ୍ଗୀତର ଭଣ୍ଡାର, ଯାହା କେବଳ ମୂଖ ଦ୍ୱାରା ହିଁ ସିଦ୍ଧ କରାଯାଇପାରିବ, ଏହାର ପୁସ୍ତକୀକରଣ ପ୍ରସ୍ତୁତି, ଏହାର ପ୍ରକୃତ ରୂପ ପ୍ରତିପାଦନ କରିପାରିବ ନାହିଁ " ।

'ବେଦାଙ୍ଗ'ରୁ ଆମେ ଜାଣିଲେ ଯେ, ଯଦି ବେଦ-ମନ୍ତ୍ରର ସଠିକ ଉଚ୍ଚାରଣ ନ ହୁଏ, ତେବେ ଏହାର ଅର୍ଥ, ଶକ୍ତି ଓ ଫଳାଫଳ ବଦଳି ଯିବ । ଉପରୋକ୍ତ ବିଦ୍ୱାନମାନଙ୍କ ମତରୁ ମଧ୍ୟ ଜାଣିହୁଏ ଯେ, ମନ୍ତ୍ରର ସଠିକ ଉଚ୍ଚାରଣ କେତେ ମହତ୍ୱପୂର୍ଣ୍ଣ, ଏବଂ ଆମ ପୂର୍ବପୁରୁଷମାନେ ଯେଉଁ ଉଚ୍ଚାରଣକୁ ହଜାର ହଜାର ବର୍ଷ ହେବ ଅପରିବର୍ତ୍ତିତ ରଖିଆସିଛନ୍ତି, ଆମକୁ ମଧ୍ୟ ଏହାକୁ ଆଗକୁ ସେହିଭଳି ଏବଂ ସେହି ରୂପରେ ଜାରି ରଖିବାକୁ ହେବ ।

## ବର୍ତ୍ତମାନ ଠାରୁ ଆମେ 'ବେଦାଙ୍ଗ'ର ପ୍ରକୃତ ପ୍ରୟୋଗ ଦେଖିବା ।

"**ବେଦ ପଠନ**" ବିଷୟଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । 'ବେଦ ପଠନ' ପାଇଁ ଗୁରୁଙ୍କର ନିହାତି ଆବଶ୍ୟକ ଅଟେ । ସଂପାଦକ ଏଇଠୁ ସାବଧାନ କରାଇଦେଉଛନ୍ତି ଯେ - **"ବେଦ ପଠନ ପାଇଁ ସଠିକ ବୈଦିକ ଗୁରୁ ବା ଆଚାର୍ଯ୍ୟଙ୍କର ଅତ୍ୟନ୍ତ ଜରୁରୀ, ଏଠାରେ କେବଳ ଜ୍ଞାନ ଉଦ୍ଦେଶ୍ୟରେ 'ବେଦ ପଠନ'ର ଆଲୋଚନା କରାଯାଇଛି"** ।

ବେଦପଠନକୁ "**ସ୍ୱାଧ୍ୟାୟ**" କୁହାଯାଏ, କାରଣ ଏହାକୁ ନିଜକୁ ହିଁ ସାଧନା କରିବାକୁ ପଡିଥାଏ।

Not for Commercial Use

ବେଦ-ମନ୍ତ୍ରର ମୌଖିକ ଉଚ୍ଚାରଣକୁ ବୈଦିକ ଭାଷାରେ "**ଶ୍ରୁତି**" କୁହନ୍ତି । ଶ୍ରୁତି ହେଉଛି ମନ୍ତ୍ରର '**ପ୍ରାଣ**', ଅର୍ଥାତ ଯଦି ଆମେ ମନ୍ତ୍ରମାନଙ୍କୁ ସଠିକ ଉଚ୍ଚାରଣ ଓ ବୈଦିକ ସ୍ୱରରେ ପଠନ ନକରିବା, ତା' ହେଲେ ଏହା ଏକ ସାଧାରଣ ମନ୍ତ୍ରରେ ପରିବର୍ତ୍ତନ ହୋଇଯିବ । ନା'ତ ଏହାର ଶକ୍ତି ରହିବ, ନା'ତ ଏହାର ଅର୍ଥ ରହିବ, ନା'ତ ଏହାର ଫଳ ମିଳିବ ।

ସ୍ୱରବର୍ଣ୍ଣର ସଠିକ **ଆରୋହ, ଅବରୋହ** (intonation) ଓ **ସ୍ୱରାଘାତ** (stress)ର ଜ୍ଞାନ, ସଠିକ ଉଚ୍ଚାରଣ ପାଇଁ ମହତ୍ୱପୂର୍ଣ୍ଣ ଅଟେ । ଆଉ ଏହି ଆରୋହ, ଅବରୋହ ଓ ସ୍ୱରାଘାତ ହିଁ ଶବ୍ଦର ଅର୍ଥ ପରିବର୍ତ୍ତନର ଉତ୍ତରଦାୟୀ ଅଟେ । ଏହା କାହିଁକି ଗୁରୁତ୍ୱପୂର୍ଣ୍ଣ - "**ଇନ୍ଦ୍ରଶତ୍ରୁର୍ବର୍ଦ୍ଧସ୍ୱ**" ଏକ ବଡ଼ ଉଦାହରଣ, ଥରେ ଅସୁରମାନଙ୍କର ଗୁରୁ ଶୁକ୍ରାଚାର୍ଯ୍ୟ ଯଜ୍ଞରେ ଅସୁର 'ବୃତ୍ରାସୁର'କୁ ଇନ୍ଦ୍ରଙ୍କୁ ସମାପ୍ତ କରିବାପାଇଁ ଆଜ୍ଞା ଦେଲେ, ସେଥିପାଇଁ ସେ ଏହି "ଇନ୍ଦ୍ରଶତ୍ରୁର୍ବର୍ଦ୍ଧସ୍ୱ" - ଅର୍ଥ "ହେ ଇନ୍ଦ୍ରର ଶତ୍ରୁ ! ତୁମେ ଶକ୍ତି ପ୍ରାପ୍ତ କର" ମନ୍ତ୍ର ବ୍ୟବହାର କରୁଥିଲେ । କିନ୍ତୁ, ସେ ଏହି ମନ୍ତ୍ରର ଶେଷ ସ୍ୱରବର୍ଣ୍ଣର ଆରୋହ, ଅବରୋହ ଓ ସ୍ୱରାଘାତକୁ ବଢାଇବା ବଦଳରେ ପ୍ରଥମ ସ୍ୱରବର୍ଣ୍ଣକୁ ବଢାଇ ଦେଲେ, ଯାହାଦ୍ୱାରା ଏହି ମନ୍ତ୍ରର ଅର୍ଥ ବଦଳି ଗଲା, ଫଳରେ ବୃତ୍ରାସୁର ଇନ୍ଦ୍ରଙ୍କ ହାତରେ ସମାପ୍ତ ହୋଇଗଲା ।

ତେଣୁ ବେଦମନ୍ତ୍ରମାନଙ୍କୁ ସଠିକ ଉଚ୍ଚାରଣ ଓ ସ୍ୱରାବୃତ୍ତି କରିବା ନିହାତି ଆବଶ୍ୟକ । 'ବୈଦିକ ସ୍ୱର ଗ୍ରନ୍ଥ'ରେ ଜଣେ ପାଠକର **୬ଟି ଭଲ ଗୁଣ** ଓ ୬ଟି **ଖରାପ ଗୁଣ** ବିଷୟରେ କୁହାଯାଇଛି ।

ଜଣେ ଶିଷ୍ଟ **ପାଠକର ଭଲଗୁଣ** ଗୁଡିକ ହେଲେ - ମଧୁରତା, ସ୍ୱଷ୍ଟତା, ଶବ୍ଦ ପୃଥକୀକରଣ, ସଠିକ ଉଚ୍ଚାରଣ, ଧୈର୍ଯ୍ୟ, ଓ ସମୟକୁ ପାଳନ କରିବାର ଦକ୍ଷତା ।

ଜଣେ ଅଶିଷ୍ଟ **ପାଠକର ଖରାପଗୁଣ** ଗୁଡିକ ହେଲେ - ଗୀତ ଭଳି ପଢିବା, ଶିଘ୍ର ପଢିବା, ସ୍ୱରର ଆରୋହ ଅବରୋହ ବଦଳରେ ମୁଣ୍ଡ ହଲାଇବା, ବହି ଦେଖି ପଢିବା, ଅର୍ଥ ନ ବୁଝି ପଢିବା, ଓ ଅଳ୍ପସ୍ୱର ।

ତେଣୁ ଜଣେ ପାଠକର "**ବେଦାଙ୍ଗ ଶିକ୍ଷା**" ବିଷୟରେ ଯଥେଷ୍ଟ ଜ୍ଞାନ ରହିବା ଆବଶ୍ୟକ ।

Not for Commercial Use

ଏବେ ଆମେ **ବୈଦିକ-ସ୍ୱର**ମାନଙ୍କ ବିଷୟରେ ଜାଣିବା ।

ସ୍ୱରବର୍ଣ୍ଣର ଉଚ୍ଚାରଣରୁ ହିଁ ସ୍ୱରର ଉତ୍ପତ୍ତି ହୁଏ, କାରଣ ବ୍ୟଞ୍ଜନବର୍ଣ୍ଣ ଏକୁଟିଆ ସ୍ୱର ଉତ୍ପନ୍ନ କରିପାରିବ ନାହିଁ । ସ୍ୱରବର୍ଣ୍ଣର ଉଚ୍ଚାରଣ ବିଭିନ୍ନ ସମୟରେ, ବିଭିନ୍ନ ପରିସ୍ଥିତିରେ ଅଲଗା ଅଲଗା ହୋଇଥାଏ । ଏହିପାଇଁ ସଠିକ ଆରୋହ, ଅବରୋହ ଓ ସ୍ୱରାଘାତର ଆବଶ୍ୟକ ହୁଏ ।

## କେତେ ପ୍ରକାର ସ୍ୱର ଉଚ୍ଚାରଣ ଅଛି ?

'ସ୍ୱର ଉଚ୍ଚାରଣର ପ୍ରକାର', ବିଭିନ୍ନ 'ଶିକ୍ଷା' ଓ 'ସଂହିତା'ରେ, ଏହାର ପ୍ରକାର ନିର୍ଧାରିତ କରାଯାଇଛି । ଯେଉଁଭଳି 'ପାଣିନୀୟ ଶିକ୍ଷା'ରେ ଏହାର ୯ଟି ପ୍ରକାର, 'ମାଣ୍ଡୁକୀ ଶିକ୍ଷା'ରେ ୭ଟି ପ୍ରକାର, ଓ 'କାତ୍ୟାୟନ ଶିକ୍ଷା'ରେ ୮ଟି ପ୍ରକାର ଉଲ୍ଲେଖ ଅଛି । ସେହିଭଳି କେତୋଟି ସଂହିତାରେ ୫ଟି ପ୍ରକାରର ଉଲ୍ଲେଖ ଅଛି ।

ଏହା କୁହାଯାଏ ଯେ, ସମୁଦାୟ ୧୦ଟି ପ୍ରକାର 'ସ୍ୱର' ବେଦ ପଠନରେ ବ୍ୟବହୃତ ହୋଇଆସୁଅଛି, ଯଥା - **ଉଦାତ୍ତ, ଅନୁଦାତ୍ତ, ସ୍ୱରିତ, ହର୍ସ୍ୱ, ଦୀର୍ଘ, ପ୍ଲୁତ, ରେଫ, ପ୍ରଚୟ, ଅନୁନାସିକା,** ଓ **କମ୍ପ** ।

ଏଥି ମଧ୍ୟରୁ 'ଋକ୍-ବେଦ'ରେ ୩ଟି, 'ଯଜୁର୍ବେଦ'ରେ ୫ଟି ପର୍ଯ୍ୟନ୍ତ, ଓ 'ସାମବେଦ'ରେ ୭ଟି ସ୍ୱର ବ୍ୟବହୃତ ହୁଏ । କିନ୍ତୁ ସ୍ୱର ଉଚ୍ଚାରଣ ସାଧାରଣତଃ ଓ ମୁଖ୍ୟତଃ ୩ ପ୍ରକାରର, ଯଥା **ଉଦାତ୍ତ** (ଉଚ୍ଚ), **ଅନୁଦାତ୍ତ** (ନୀଚ), ଓ **ସ୍ୱରିତ** (ମଧ୍ୟମ) ।

ତୈତ୍ତିରୀୟ ଉପନିଷଦ ଅନୁସାରେ 'ଶିକ୍ଷାବଲି'ର ୬ଟି ତତ୍ତ୍ୱକୁ ସ୍ୱର ଉଚ୍ଚାରଣ ପାଇଁ ବିଚାରକୁ ନିଆଯିବା ଦରକାର । ଆମେ ଆଗରୁ ବେଦାଙ୍ଗର '**ଶିକ୍ଷା**'ରେ ଏହି ୬ଟି ତତ୍ତ୍ୱର ଆଲୋଚନା କରିସାରିଛେ, କିନ୍ତୁ ଏଠାରେ ଆମେ ସେହି ୬ଟି ତତ୍ତ୍ୱର ଏକ **ଅନ୍ୟ ଦୃଷ୍ଟିକୋଣ**ରୁ ଆଲୋଚନା କରିବା, ଯାହାକି ସ୍ୱର ଉଚ୍ଚାରଣର ନିୟମମାନଙ୍କ ମଧ୍ୟରୁ ଅଳ୍ପ କିଛି । ଏହା ନିଶ୍ଚିତ ଭାବରେ ବଡ଼ ରୋଚକ ବିଷୟ ।

(ତଳେ ଦିଆଯାଇଥିବା ଉଦାହରଣ ଠିକ୍ ରେ ବୁଝିବାକୁ ହେଲେ, ପୂର୍ବରୁ ଦିଆଯାଇଥିବା **ବେଦାଙ୍ଗ "ଶିକ୍ଷା"ର ବର୍ଣ୍ଣ ଟେବୁଲକୁ** ଦେଖନ୍ତୁ ।)

Not for Commercial Use

## ୧. ବର୍ଣ୍ଣ

- ବର୍ଣ୍ଣମାଳାର ଅକ୍ଷର ର ସଠିକ ଉଚ୍ଚାରଣ କରିବା ।
- ହର୍ସ୍ୱ ଓ ଦୀର୍ଘ ସ୍ୱରବର୍ଣ୍ଣର ଉଚ୍ଚାରଣର ପ୍ରଭେଦ ଜାଣିବା ।

**ସନ୍ଧି** - ବର୍ଣ୍ଣମାନଙ୍କର ଯୋଗକରିବା ସମୟରେ, ସେଥିରେ ଆମେ **'ଅନୁସ୍ୱାର'** (ଂ) ବ୍ୟବହାର କରିଥାଉ । ଯେତେବେଳେ ଅନୁସ୍ୱାର ଅକ୍ଷରରେ ବ୍ୟବହାର ହୁଏ, ଏହାର ଉଚ୍ଚାରଣ କିପରି ବଦଳିଯାଏ, ଆସନ୍ତୁ ଦେଖିବା ।

| ଅନୁସ୍ୱାର ପରେ ଲାଗିଲେ | ଂ ବଦଳିଯାଏ |
|---|---|
| କ ଖ ଗ ଘ ଙ | ଙ୍ |
| ଚ ଛ ଜ ଝ ଞ | ଞ୍ |
| ଟ ଠ ଡ଼ ଢ଼ ଣ | ଣ୍ |
| ତ ଥ ଦ ଧ ନ | ନ୍ |
| ପ ଫ ବ ଭ ମ | ମ୍ |
| ସମସ୍ତ ସ୍ୱରବର୍ଣ୍ଣ | ଗ୍ଂ |
| ସ ଶ ଷ ହ ଯ୍ବ ର | ଗମ୍ |
| ସଂଯୁକ୍ତ ଅକ୍ଷର | ଗ୍ମ |

"ଶିକ୍ଷା"ର **ବର୍ଣ୍ଣ ଟେବୁଲ**କୁ ଲକ୍ଷ୍ୟକଲେ ଜାଣିହେବ ଯେ, ଏହା ସେହି ଧାଡିର - "**ଅନୁନାସିକା**"

- ଯଦି 'ଅନୁସ୍ୱାର' **ଅ, ହ, ସ, ଶ**, ଓ **ର** ପୂର୍ବରୁ ଆସେ, 'ଅନୁସ୍ୱାର'ର ଉଚ୍ଚାରଣ "**ଗମ୍**" ହୋଇଯାଏ ।

  ଉଦାହରଣ - ସଂହିତା → ସଗ୍ଁହିତା, ପାଦଂ ସଦା → ପାଦଗ୍ଁ ସଦା
- ଯଦି 'ଅନୁସ୍ୱାର' **ଯୁକ୍ତାକ୍ଷର** ପୂର୍ବରୁ ଆସେ, 'ଅନୁସ୍ୱାର'ର ଉଚ୍ଚାରଣ "ଗମ୍" ରୁ "**ଗ୍ମ**" ହୋଇଯାଏ । ଉଦାହରଣ - ହୂତ୍ୟାଗ୍ଁ ସ୍ୱାହା → ହୁତ୍ୟାଗ୍ମ ସ୍ୱାହା

Not for Commercial Use

**ଚନ୍ଦ୍ରବିନ୍ଦୁ** (ँ), ଯଦିଓ ଏହା ଅନୁସ୍ୱାର ଠାରୁ ଭିନ୍ନ, ବାସ୍ତବରେ ଏହାର ଉଚ୍ଚାରଣ ମଧ୍ୟ ଅନୁସ୍ୱାର ଭଳି, କେବଳ ଉଚ୍ଚାରଣ ସାମାନ୍ୟ ଦୀର୍ଘ ଓ ମୁକ୍ତ ହୋଇଥାଏ । ବେଦରେ ଏହାର ପ୍ରୟୋଗ କମ ଦେଖିବାକୁ ମିଳେ ।

**ବିସର୍ଗ** - ସେହିଭଳି ବିସର୍ଗ (ଃ) ମଧ୍ୟ ଉଚ୍ଚାରଣକୁ ବଦଳାଇ ଥାଏ ।

- ଯେତେବେଳେ 'ବିସର୍ଗ' "ସ, ଶ, ଷ" ପରେ ଲାଗେ, ସେମାନଙ୍କର ଉଚ୍ଚାରଣ ସେହି ଅକ୍ଷର ରହେ ।
- ଯେତେବେଳେ 'ବିସର୍ଗ' "ପ" ପରେ ଲାଗେ, ତାହାର ଉଚ୍ଚାରଣ "ଫ" ହୋଇଯାଏ ।

## ୨. ସ୍ୱର

- ବେଦ ପଠନରେ ସାମବେଦରେ ୭ଟି ସ୍ୱର ବ୍ୟବହାର ହୋଇଥାଏ ।
- ବେଦ ପଠନରେ 'ଋକ୍-ବେଦ', 'ଯଜୁର୍ବେଦ' ଓ 'ଅଥର୍ବବେଦ'ରେ ମୁଖ୍ୟତଃ ୩ଟି ସ୍ୱର ବ୍ୟବହୃତ ହୋଇଥାଏ ।

**ଉଦାତ୍ତ –** ଏହା ଉଚ୍ଚ ସ୍ୱର, ଏହାର ସୂଚକ ବେଦରେ ଅକ୍ଷରର ଉପରେ ଏକ ସିଧା ଗାର ଥାଏ, / ଅକ୍ଷର ଉପରେ ସଂଖ୍ୟା ଥାଏ, / କୌଣସି ସୂଚନା ନ ଥାଏ । (इन्द्रा॑य)

**ଅନୁଦାତ୍ତ –** ଏହା ନୀଚ ସ୍ୱର , ଏହାର ସୂଚକ ବେଦରେ ଅକ୍ଷରର ତଳେ ଏକ ଲାମ୍ବା ଗାର ବା ଅନ୍ୟ ଚିହ୍ନ ଥାଏ, / ଅକ୍ଷର ଉପରେ ସଂଖ୍ୟା ଥାଏ । (द्र॒वो)

**ସ୍ୱରିତ –** ଏହା ମଧ୍ୟମ / ମିଶ୍ରିତ ସ୍ୱର , ଏହାର ସୂଚକ ବେଦରେ ଅକ୍ଷରର ଉପରେ ଏକ ସିଧା ଗାର ଥାଏ / ଅକ୍ଷରର ତଳେ ଏକ ଲାମ୍ବା ଗାର ବା ଅନ୍ୟ ଚିହ୍ନ ଥାଏ / ଅକ୍ଷର ଉପରେ ସଂଖ୍ୟା ଥାଏ/ କୌଣସି ସୂଚନା ନ ଥାଏ ।(म्ना)

**(ବିଭିନ୍ନ ବେଦ/ସଂହିତା/ବ୍ରାହ୍ମଣ/ଉପନିଷଦ ରେ ଉଦାତ୍ତ, ଅନୁଦାତ୍ତ, ଓ ସ୍ୱରିତ ର ସୂଚକ କିପରି ଥାଏ, ତାହା ତଳେ ନୋଟେସନ୍ ଟେବୁଲରେ ଦିଆଯାଇଛି)**

Not for Commercial Use

**ହ୍ରସ୍ୱ, ଦୀର୍ଘ, ପ୍ଳୁତ –** (ତଳେ "ମାତ୍ରା" ରେ ଆଲୋଚନା କରାଯାଇଛି।)

**ରେଫ –** ଯେଉଁ ଶବ୍ଦର ଅକ୍ଷରରେ ରେଫ୍ ବ୍ୟବହାର ହୋଇଥାଏ, ତାହାର ଉଚ୍ଚାରଣ, ତାହାର ପୂର୍ବ ଅକ୍ଷରର ସ୍ୱରବର୍ଣ୍ଣ ସହିତ "ର୍" ଯୋଡାଯାଇ, ଓ, ର୍ ରେ ବଳଦେଇ, ସ୍ୱରାଘାତ କରାଯାଇ, ସେହି ଅକ୍ଷରର ସ୍ୱରବର୍ଣ୍ଣ ସହିତ ଯୋଡା ଯାଇଥାଏ ।
(ବର୍ଦ୍ଧ – ବ୍ + ଅର୍ + ଦ୍ଧ → ଅ + ର୍ + ଅ, । ପୁଷ୍ଟି – ପ୍ + ଉର୍ + ଷ୍ଟି → ଉ + ର୍ + ଇ, ଇତ୍ୟାଦି)

**ପ୍ରଚେୟ୍ୱ –** କ୍ରମାଗତ ବାକ୍ୟରେ ସମସ୍ତ 'ଅନୁଦାତ୍ତ' 'ସ୍ୱରିତ' ପୂର୍ବରୁ ଆସିଥାଏ, ତାହାକୁ "ପ୍ରଚେୟ୍ୱ" କୁହନ୍ତି, ଏହା ଏକସ୍ୱରା ହୋଇଥାଏ, ଏହାକୁ "**ଏକଶୃତି**" କୁହନ୍ତି (ଋ.ବେ - ୧.୨.୩୨) । କିନ୍ତୁ ଯଦି 'ଅନୁଦାତ୍ତ', 'ସ୍ୱରିତ' ବା 'ଉଦାତ୍ତ' ପରେ ଆସେ, ତାହାକୁ "**ସନ୍ନତର**" କୁହନ୍ତି, ଏହା ଅନୁଦାତ୍ତଠୁ କମ ଉଚ୍ଚାରିତ ହୋଇଥାଏ (ଋ.ବେ - ୧.୨.୪୦) ।

**ଅନୁନାସିକା –** (ଉପରେ "ବର୍ଣ୍ଣ"ରେ ଆଲୋଚନା କରାଯାଇଛି ।)

**କମ୍ପ –** "କମ୍ପ", 'ପ୍ଳୁତ' ଭଳି, କିନ୍ତୁ ପ୍ଳୁତରେ ଲହରି ନଥାଏ ଓ କେବଳ ୩ ମାତ୍ରା ଥାଏ (୧ ମାତ୍ରା - ୦.୪ ସେକେଣ୍ଡ) । **କମ୍ପ (ଲହରି)**ରେ ୧, ୨ ଓ ୩ ମାତ୍ରା ବ୍ୟବହାର କରିହୁଏ, ଏହା ସ୍ୱରବର୍ଣ୍ଣ ପରେ ସଂଖ୍ୟା ଦ୍ୱାରା ଲେଖାଯାଇଥାଏ ଓ ସଂଖ୍ୟା ଉପରେ ସିଧା ଗାର, ଓ ତଳେ ଲମ୍ବା ଗାର ଦ୍ୱାର ଚିହ୍ନିତ କରାଯାଇଥାଏ । ସଂଖ୍ୟା ସ୍ୱରବର୍ଣ୍ଣର 'ମାତ୍ରା' ନିର୍ଦ୍ଧାରିତ କରିଥାଏ । ଯଦି ଏହା ପୂର୍ବରେ ଥିବା ସ୍ୱରବର୍ଣ୍ଣ ତଳେ ଲମ୍ବା ଗାର ଥାଏ, ଏହାକୁ "**ଦୀର୍ଘକମ୍ପ**" କୁହନ୍ତି । (ତଳେ ନୋଟେସନ୍ ଟେବୁଲ ରେ ଦେଖନ୍ତୁ)

**ନିଘାଧ –** ଏହା ଏକ ଅସାଧାରଣ ଉଦାତ୍ତ ସ୍ୱର ଭଳି, କହିବାକୁ ଗଲେ ଏହା ଦ୍ୱିଗୁଣ ଉଦାତ୍ତ, ଯେଉଁଥିରେ ଦ୍ୱିତୀୟଟି ପ୍ରଥମ ଠାରୁ ସାମାନ୍ୟ ଅଧିକ ଉଚ୍ଚ ଉଚ୍ଚାରଣ କରାଯାଏ । 'କୃଷ୍ଣ ଯଜୁର୍ବେଦ'ରେ ଏହାର ପ୍ରୟୋଗ ଦେଖିବାକୁ ମିଳିଥାଏ । ଏହାର ସୂଚକ ଅକ୍ଷର ଉପରେ ଦୁଇଟି ସିଧା ଗାର ଥାଏ । (a")



Not for Commercial Use

'ଉଦାତ୍ତ' ଟା 'ନିଘାଧ'କୁ ପରିବର୍ତ୍ତନ ହୋଇଯାଏ, ଯେତେବେଳେ -

୧ - ଯେତେବେଳେ ମନ୍ତ୍ର ଲମ୍ବା ଉଦାତ୍ତରେ ଶେଷ ହୁଏ ।

୨ - ଯେତେବେଳେ ମନ୍ତ୍ରର ଶେଷରେ ଅନୁସ୍ୱାର ସହିତ ଉଦାତ୍ତ ଥାଏ ।

୩ - ଯେତେବେଳେ ମନ୍ତ୍ରରେ ସଂଯୁକ୍ତ ଅକ୍ଷର ପୂର୍ବରୁ ଉଦାତ୍ତ ଥାଏ (କ୍ୱ, ଷ୍ଣ, ତ୍ୱ, ଶ୍ର ଇତ୍ୟାଦି)।

## ୩. ମାତ୍ରା

ଉଚ୍ଚାରଣ କରିବା ପାଇଁ କେତେ ସମୟ ଦରକାର ।

- **ଅର୍ଧ** - ଅଧା ଉଚ୍ଚାରଣ - ଯେତେବେଳେ ଶବ୍ଦ 'ହଲନ୍ତ'ରେ ଶେଷ ହୁଏ ।
- **ହର୍ସ୍ୱ** - କ୍ଷୁଦ୍ର ବା ଛୋଟ ଉଚ୍ଚାରଣ ( ସ୍ୱରବର୍ଣ୍ଣ - ଅ, ଇ, ଉ, ଋ, ଌ) ।
- **ଦୀର୍ଘ** - ଲମ୍ବା ଉଚ୍ଚାରଣ ( ସ୍ୱରବର୍ଣ୍ଣ - ଆ, ଈ, ଊ, ଏ, ଐ, ଓ, ଔ) ।
- **ପ୍ଲୁତ** - ଅଳ୍ପ ଲମ୍ବା ଉଚ୍ଚାରଣ, ଏହାର ସୂଚକ ବେଦରେ ଅକ୍ଷର ପରେ ୩ ସଂଖ୍ୟା ଦିଆଯାଇଥାଏ । (अधस्विदासि३द् )

## ୪. ବଲମ୍

- ବର୍ଣ୍ଣ ଉଚ୍ଚାରଣ କରିବା ପାଇଁ କେତେ ବଳ ଦରକାର ।

  **ଅଳ୍ପପ୍ରାଣ** – ହାଲକା - ସମସ୍ତ ସଧାରଣ ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନବର୍ଣ୍ଣ ( ଅ,ଆ,ଇ,ଈ... କ, ଗ, ଚ, ପ ଇତ୍ୟାଦି)

  **ମହାପ୍ରାଣ** – ସାମାନ୍ୟ ଅଧିକ - ସାମାନ୍ୟ ଅଧିକ ଉଚ୍ଚାରିତ ବ୍ୟଞ୍ଜନବର୍ଣ୍ଣ (ଖ, ଘ, ଛ, ଫ, ଇତ୍ୟାଦି) ଓ ଶ, ହ ମଧ୍ୟ ।

## ୫. ସାମ

- ବେଦ ଉଚ୍ଚାରଣ କ୍ରମାଗତ ଓ ସରଳତା ସହିତ ଜାରି ରଖିବା ଦରକାର ।

Not for Commercial Use

## ୬. ସନ୍ତାନଃ

- ଅକ୍ଷରଗୁଡିକୁ ଯୋଡି ଯୁଗ୍ମଶବ୍ଦ ବା ଯୁକ୍ତାକ୍ଷର ତିଆରି କରିବା ।
- ଯୁକ୍ତାକ୍ଷର ହେବା ବେଳେ, ସ୍ୱରବର୍ଣ୍ଣର ଗୁଣିତ ବା ବର୍ଦ୍ଧିତ ହୋଇଥାଏ । (ତଳେ ଟେବୁଲରେ ଦିଆଯାଇଛି) । ଉଦାହରଣ ସ୍ୱରୂପ - ମାତ୍ର ଅଧିକ → ମାତ୍ରାଧିକ, କଣ୍ଠ ଉଚ୍ଚାରଣ → କଣ୍ଠୋଚ୍ଚାରଣ, ପଦ ଇତି → ପଦେିତି ଇତ୍ୟାଦି ।

**ସ୍ୱରବର୍ଣ୍ଣ ମୂଲ୍ୟାଙ୍କନ**

| ସରଳ ସ୍ୱରବର୍ଣ୍ଣ | ଅ ଆ | ଇ ଈ | ଉ ଊ | ଋ ୠ |
|---|---|---|---|---|
| ଗୁଣ | ଅ ଆ | ଏ | ଓ | ଅର୍ ର |
| ବୃଦ୍ଧି | ଆ | ଐ | ଔ | ଆର୍ ରା |

## ଏହା ସହିତ କେତେବେଳେ ବିରାମ ନେବା ଦରକାର ?

**ବିରାମ** - ଯେତେବେଳେ (।)ର ସୂଚନା ମିଳେ, ସେଠି ବିରାମ ନେବା ଦରକାର ।

**ଅଳ୍ପ ବିରାମ** - ଟିକେ ଅଟକି ଆରମ୍ଭ କରିବା, ତଳେ ଦିଆଯାଇଥିବା ଅବସ୍ଥାରେ ଅଳ୍ପ ବିରାମ ନେବା ଦରକାର ।

- ଓମ୍ ଉଚ୍ଚାରଣ କରିସାରିବା ପରେ ।
- ଯେତେବେଳେ ଶବ୍ଦ ଶେଷରେ ସ୍ୱରବର୍ଣ୍ଣ ଥାଏ ଓ ପରେ ସ୍ୱରବର୍ଣ୍ଣ ଥାଏ ।
- ଯେତେବେଳେ କ୍ଷ ପରେ ଃ (କ୍ଷଃ) ଥାଏ ।

ଶେଷ ବା ସଂପୂର୍ଣ୍ଣର ସୂଚନା (।।), ଇତି, ସମାପ୍ତମ୍, ସମାପ୍ତଃ ଇତ୍ୟାଦିରୁ ମିଳିଥାଏ ।

ବିଭିନ୍ନ ବେଦରେ ସ୍ୱରର ସୂଚନା (ନୋଟେସନ୍) କିପରି ଦିଆଯାଇଥାଏ, ତଳେ ଟେବୁଲରେ ଦିଆଯାଇଛି ।

Not for Commercial Use

| ନୋଟେସନ୍ | ଉଦାତ୍ତ | ସ୍ୱରିତ | ଅନୁଦାତ୍ତ | ସ୍ୱତନ୍ତ୍ର |
|---|---|---|---|---|
| ଋକ୍-ବେଦ | | अ॑ अ॒१॑ अ॒३॑ अ३॑ | अ॒ | |
| ସାମବେଦ | अ[1] | अ[2] | अ[3] | अ[२उ] अ[२र] अ[३क] |
| ଶତପଥ ବ୍ରାହ୍ମଣ | | अ॒ | | |
| ମୈତ୍ରାୟଣୀ ସଂହିତା (କୃଷ୍ଣ ଯଜୁର୍ବେଦ) | अ॑ | अ॒ अ᳚ अ़ | अ॒ | |
| କାଠକ ସଂହିତା (କୃଷ୍ଣ ଯଜୁର୍ବେଦ) | अ॑ | अ॒ अ᳝ अ़ | अ॒ अ् | |
| ତୈତ୍ତିରୀୟ ସଂହିତା, ବ୍ରାହ୍ମଣ, ଆରଣ୍ୟକ (କୃଷ୍ଣ ଯଜୁର୍ବେଦ) | | अ॑ अ॒१ | अ॒ | |
| ଅଥର୍ବବେଦ | | अ᳡ अ॑ अ॒१॑ अ॒३॑ अ३॑ | अ॒ | |
| ବାଜସନେୟି ସଂହିତା (ଶୁକ୍ଳ ଯଜୁର୍ବେଦ) | | अ॑ अ॒१॑ अ॒३॑ अ३॑ | अ॒ | |
| ତୈତ୍ତିରୀୟ ଉପନିଷଦ (କୃଷ୍ଣ ଯଜୁର୍ବେଦ) | | अ॑ अ᳚ | अ॒ | |
| ଶୁକ୍ଳ ଯଜୁର୍ବେଦ | | अ᳡ | | |
| ଯଜୁର୍ବେଦ (ଅବନ୍ଧା) | | अ॒ | | |
| ବାକ୍ୟ ଶେଷ | अ᳒ | | | |

ଏଠାରେ କେବଳ ଉଦାହରଣ ସ୍ୱରୂପ ନୋଟେସନ୍ ଦିଆଯାଇଛି, ଯଦିଓ ଏହା ପ୍ରାୟ ସମସ୍ତ ଅବସ୍ଥାରେ ମିଳି ଯାଇପାରିବ, କିନ୍ତୁ ଏହା ସଂପୂର୍ଣ୍ଣ ତାଲିକା ନୁହେଁ । ଏଥି ସହିତ ମନ୍ତ୍ରରେ ଅନେକ ସ୍ୱତନ୍ତ୍ର ସୂଚକ ବା ଚିହ୍ନ ଦେଖିବାକୁ ମିଳେ, କିନ୍ତୁ ସମସ୍ତ ସୂଚକ ଏଠାରେ ଆଲୋଚନା କରିବା ସମ୍ଭବ ନୁହେଁ ।

ଏଠାରେ ସ୍ୱର ଉଚ୍ଚାରଣ ବିଷୟରେ ପଢିବା ପରେ, ବୋଧହୁଏ କିଛି ବୁଝା ପଡୁନଥିବ ବା ବୁଝିବା କଷ୍ଟକର ହେଉଥିବ । ଏହା ହେବା ସ୍ୱାଭାବିକ, କାରଣ "**ସ୍ୱର ଉଚ୍ଚାରଣ**", ଅଭ୍ୟାସ ଓ ଅନୁଭବର ବିଷୟ, ଏହାକୁ ଲିଖିତରେ ପରିପ୍ରକାଶ କରିହେବ ନାହିଁ, ଏହା କେବଳ ନିୟମ ମନେରଖିବା ପାଇଁ କାମରେ ଆସିପାରିବ । ଏଥିପାଇଁ ଗୁରୁଙ୍କର ନିହାତି ଆବଶ୍ୟକ ।

ଉପରୋକ୍ତ ବିଷୟରେ ସମସ୍ତ ଜ୍ଞାନ ଆମେ 'ବେଦାଙ୍ଗ'ର **"ଶିକ୍ଷା"** ଓ 'ଉପାଙ୍ଗ'ର **"ପ୍ରାତିଶାଖ୍ୟ"**ରୁ ପାଇପାରିବା । କିନ୍ତୁ ଗୁରୁଙ୍କର ସାହାଯ୍ୟ ନିତାନ୍ତ ଆବଶ୍ୟକ ଅଟେ ।

ଏବେ ଆମେ ବର୍ଣ୍ଣ, ଓ ଶବ୍ଦର ଉଚ୍ଚରଣ, ତାହାର ଶୈଳୀ ଓ ବୈଦିକ ସ୍ୱରମାନଙ୍କ ବିଷୟରେ ଜାଣିଲେ, ଓ ସେମାନଙ୍କର ମହତ୍ୱ ମଧ୍ୟ ବୁଝିଲେ, ଏବେ 'ବେଦପଠନ' ବିଷୟରେ ଆଗକୁ ଆଗେଇବା ।

## 'ବେଦପଠନ'ର ପ୍ରକାର

'ବେଦମନ୍ତ୍ର'ମାନଙ୍କୁ ୧୧ଟି ଶୈଳୀରେ ପାଠ କରାଯାଇଥାଏ । ଏହି 'ବେଦପାଠ'ଗୁଡିକ ୨ଟି ପ୍ରକାରରେ ବିଭକ୍ତ କରାଯାଇଛି, ଯଥା - **ପ୍ରକୃତି ପାଠ** ଓ **ବିକୃତି ପାଠ** ।

**ପ୍ରକୃତି ପାଠ** - ଏହି ପ୍ରକାରରେ ବେଦପାଠ ସରଳ ହୋଇଥାଏ ଓ ପ୍ରାକୃତିକ ଶୈଳୀରେ ପାଠ କରାଯାଏ । ଏହାକୁ 'ବେଦପଠନ'ର ମୂଳ ବା ମୂଳଦୁଆ ପଠନ ମଧ୍ୟ କୁହନ୍ତି । ଏହା ବେଦମନ୍ତ୍ରମାନଙ୍କୁ ମନେ ରଖିବାପାଇଁ ବ୍ୟବହୃତ ହୋଇଥାଏ । ଏଥିରେ ବୈଦିକ ସ୍ୱରର ବ୍ୟବହାର ହୋଇଥାଏ ବା ନହୋଇ ମଧ୍ୟ ଥାଏ, ଅର୍ଥାତ ବୈଦିକ-ସ୍ୱର ବାଧ୍ୟତାମୂଳକ ନୁହେଁ । ପ୍ରକୃତିପାଠକୁ ୩ଟି ଭାଗରେ ବିଭକ୍ତ କରାଯାଇଛି । ଯଥା –

**ପ୍ରକୃତି ପାଠ**

୧ - ସଂହିତା ପାଠ

୨ - ପଦପାଠ

୩ - କ୍ରମପାଠ

**ବିକୃତି ପାଠ** – 'ପଦପାଠ'ର ବିଭିନ୍ନ ଶୈଳୀରେ ସ୍ୱତନ୍ତ୍ର ପଠନକୁ "ବିକୃତିପାଠ" କୁହନ୍ତି । ଏଥିରେ ପଦ(ଶବ୍ଦ)ଗୁଡିକୁ 'ଆଗକୁ' ବା 'ପଛକୁ' ବା 'ଆନୁକ୍ରମିକ' ବା 'ନିରନ୍ତର' ଭାବରେ, ବିଶେଷ ମିଶ୍ରଣରେ ଉଚ୍ଚାରଣ କରାଯାଇଥାଏ । ଏହି ପ୍ରକାରରେ ବେଦପାଠ ଜଟିଳ ହୋଇଥାଏ ଓ ଅପ୍ରାକୃତିକ ଶୈଳୀରେ ପାଠ କରାଯାଏ । ଏହାକୁ 'ପ୍ରକୃତିପାଠ'ର ଉପ-ପ୍ରକାର ମଧ୍ୟ କୁହାଯାଏ, କାରଣ 'ପ୍ରକୃତିପାଠ'ରେ ଅଭ୍ୟସ୍ତ ହୋଇସାରିଲା ପରେ ହିଁ 'ବିକୃତପାଠ'ର ସୁଯୋଗ ମିଳିଥାଏ । 'ବିକୃତିପାଠ'କୁ ୮ଟି ଭାଗରେ ବିଭକ୍ତ କରାଯାଇଛି । ଯଥା –

**ବିକୃତି-ପାଠ**

୧ - ଜଟା ପାଠ

୨ - ମାଳା ପାଠ

୩ - ଶୀଖା ପାଠ

୪ - ରେଖା ପାଠ

୫ - ଧ୍ୱଜ ପାଠ

୬ - ଦଣ୍ଡ ପାଠ

୭ - ରଥ ପାଠ

୮ - ଘନ ପାଠ

ଏବେ ଆମେ ପ୍ରତ୍ୟେକ ପାଠ ବିଷୟରେ ସାମାନ୍ୟ ଅଧିକ ଜାଣିବା, ଏଥିପାଇଁ ଆମେ 'ଋକ୍-ବେଦ'ରୁ ଏକ ମନ୍ତ୍ର ନେବା ଓ ଦେଖିବା ସେହି ମନ୍ତ୍ର କିପରି ପତ୍ୟେକ ପାଠରେ ପଠିତ ହୁଏ ।

{ଋ.ବେ - ୧୦.୯୭.୨୨ (କ)}

"ଓଷଧୟଃ ସଂ ବଦନ୍ତେ ସୋମେନ ସହ ରାଜ୍ଞା ।"

ଉପରୋକ୍ତ ମନ୍ତ୍ରରେ ଶବ୍ଦଗୁଡିକୁ କ୍ରମାନୁସାରେ ସଂଖ୍ୟାକୃତ ଉପସ୍ଥାପନ କଲେ - **ଓଷଧୟଃ - ୧, ସଂ - ୨, ବଦନ୍ତେ - ୩, ସୋମେନ - ୪, ସହ - ୫, ରାଜ୍ଞା - ୬** । ଆଗକୁ

Not for Commercial Use

ଆମେ ପାଠର ପଦର୍ଶନ କରିବା ପାଇଁ ଏହି **ସଂଖ୍ୟା ଗୁଡିକୁ ସୂଚୀରୂପେ** ବ୍ୟବହାର କରିବା ଓ ଅଳ୍ପ ବିରାମ ପାଇଁ ("।") ବ୍ୟବହାର କରିବା ।

## ପ୍ରକୃତି ପାଠ

ଏବେ ଦେଖିବା, ଉପରୋକ୍ତ ମନ୍ତ୍ରଟି ପ୍ରାକୃତପାଠରେ କିପରି ପଠନ କରାଯାଉଛି ।

**୧. ସଂହିତା ପାଠ –** "ସଂହିତା-ପାଠ"ରେ ମନ୍ତ୍ରରେ ଶବ୍ଦଗୁଡିକ କ୍ରମିକ ଅନୁସାରେ ପଢାଯାଏ, ଅର୍ଥାତ, ମନ୍ତ୍ର ଯେମିତି ଲେଖା ଯାଇଛି, ସେମିତି ପଢାଯାଏ । ଏହାକୁ "**ବାକ୍ୟ-ପାଠ**" ମଧ୍ୟ କୁହାଯାଏ, କାରଣ ଏହାକୁ ବାକ୍ୟ ଭଳି ସଂପୂର୍ଣ୍ଣ ଧାଡିକୁ, ନଅଟକି ପଢାଯାଏ । ଏହି ପାଠରୁ, ପାଠକକୁ "**ବାକ୍ୟ**" ସଂବନ୍ଧୀୟ ବିଷୟରେ ଜ୍ଞାନ ପ୍ରାପ୍ତ ହୁଏ । ଏଥିରେ ବୈଦିକ ସ୍ୱରର ବ୍ୟବହାର ହୋଇଥାଏ । ପଠନ ସମୟରେ ଯୁକ୍ତାକ୍ଷରୀକରଣ ବା ଯୁଗ୍ମ ଶବ୍ଦୀକରଣ ବା ଶବ୍ଦ ପୃଥକୀକରଣ ହୋଇଥାଏ ।

ଯଦି ଏହି ପଦ୍ଧତିରେ ବୈଦିକସ୍ୱର ବ୍ୟବହାର ନକରାଯାଏ, ତାହାକୁ "**ମନ୍ତ୍ର-ପାଠ**" କୁହନ୍ତି ।

ଏହି ଶୈଳୀରେ ଉପରୋକ୍ତ ମନ୍ତ୍ର ଉଚ୍ଚାରଣ କିପରି ହୁଏ, ତଳେ ଦିଆଗଲା ।

- **ସୂଚକ** - ୧-୨-୩-୪-୫-୬
- **ମନ୍ତ୍ର** - ଓଷଧୟଃ ସଂ ବଦନ୍ତେ ସୋମେନ ସହ ରାଜ୍ଞା ।

**୨. ପଦପାଠ** - "ପଦପାଠ" ଶୈଳୀରେ ଶବ୍ଦ ପରେ ଶବ୍ଦ ଗୁଡିକୁ ପଢାଯାଏ, ଓ ପ୍ରତି ଶବ୍ଦ ପରେ ଅଳ୍ପ ବିରାମ ଥାଏ । ଏହି ପାଠରେ, ପାଠକକୁ "**ଶବ୍ଦ**" ସଂବନ୍ଧୀୟ ବିଷୟରେ ଜ୍ଞାନ ପ୍ରାପ୍ତ ହୁଏ । ପଠନ ସମୟରେ ଯୁକ୍ତାକ୍ଷରୀକରଣ ବା ଯୁଗ୍ମ ଶବ୍ଦୀକରଣ ବା ଶବ୍ଦ ପୃଥକୀକରଣ କରାଯାଏ ନାହିଁ । ଅର୍ଥାତ ଶବ୍ଦ ଯେମିତି ଅଛି, ସେମିତି ପଢାଯାଏ ।

ଏହି ଶୈଳୀରେ ଉପରୋକ୍ତ ମନ୍ତ୍ର ଉଚ୍ଚାରଣ କିପରି ହୁଏ, ତଳେ ଦିଆଗଲା ।

Not for Commercial Use

- **ସୂଚକ** - ୧ | ୨ | ୩ | ୪ | ୫ | ୬ |
- **ମନ୍ତ୍ର** - ଓଷଧୟଃ | ସଂ | ବଦନ୍ତେ | ସୋମେନ | ସହ | ରାଜ୍ଞା |

**୩. କ୍ରମପାଠ** - "କ୍ରମପାଠ" ଶୈଳୀରେ ଶବ୍ଦ ପରେ ଶବ୍ଦ ପଢାଯାଏ, କିନ୍ତୁ ଶବ୍ଦ ଗୁଡିକୁ ଆଗକୁ, ପଛକୁ, ଆଗକୁ, ପଛକୁ ଶୈଳୀରେ ପାଢାଯାଏ ଅର୍ଥାତ ପ୍ରଥମ ଶବ୍ଦ ସହିତ ୨ୟ ଶବ୍ଦ, ୨ୟ ଶବ୍ଦ ସହିତ ୩ୟ ଶବ୍ଦ, ୩ୟ ଶବ୍ଦ ସହିତ ୪ର୍ଥ ଶବ୍ଦ..... ଏହିଭଳି ପଢାଯାଏ | ଓ ବାକ୍ୟ ଶେଷରେ **ଇତିକରଣ** କରାଯାଇଥାଏ | ପଠନ ସମୟରେ ଯୁକ୍ତାକ୍ଷରୀକରଣ ବା ଯୁଗ୍ମ ଶବ୍ଦୀକରଣ ବା ଶବ୍ଦ ପୃଥକୀକରଣ ହୋଇଥାଏ | ଏହି ପାଠରୁ ପାଠକକୁ **୩ଟି ବିଷୟ**ରେ ଜ୍ଞାନ ପ୍ରାପ୍ତ ହୁଏ - ଯଥା –

**(କ) ବ୍ୟାକରଣାତ୍ମକ ସନ୍ଧି**, ଅର୍ଥାତ, କେମିତି ଯୁକ୍ତାକ୍ଷର ଓ ଯୁଗ୍ମଶବ୍ଦ ତିଆରି କରାଯାଏ |

**(ଖ) ସ୍ୱରାତ୍ମକ ସନ୍ଧି**, ଅର୍ଥାତ, ଯୁକ୍ତାକ୍ଷର ଓ ଯୁଗ୍ମଶବ୍ଦ ତିଆରି ହେଲେ, କେମିତି ଉଦାତ୍ତ, ଅନୁଦାତ୍ତ ଓ ସ୍ୱରିତ ର ପରିବର୍ତ୍ତନ ହୁଏ |

**(ଗ) ଅନୁକ୍ରମଣୀ ଶବ୍ଦ** ଜ୍ଞାନ, ଅର୍ଥାତ, ଶବ୍ଦର ପରବର୍ତ୍ତି ଶବ୍ଦ କ'ଣ ହେବ, ଏହା ମନେରଖି ହୁଏ |

ଏହି ଶୈଳୀରେ ଉପରୋକ୍ତ ମନ୍ତ୍ର ଉଚ୍ଚାରଣ କିପରି ହୁଏ, ତଳେ ଦିଆଗଲା |

- **ସୂଚକ** - ୧-୨ | ୨-୩ | ୩-୪ | ୪-୫ | ୫-୬ | ୬ ଇତି ୬ |
- **ମନ୍ତ୍ର** - ଓଷଧୟଃ ସଂ | ସଂ ବଦନ୍ତେ | ବଦନ୍ତେ ସୋମେନ | ସୋମେନ ସହ | ସହ ରାଜ୍ଞା | ରାଜ୍ଞେତି ରାଜ୍ଞା |

'**ପାଣିନି**'ଙ୍କ ଅନୁସାରେ 'କ୍ରମପାଠ' ପଦ୍ଧତିରେ ମନ୍ତ୍ରମାନଙ୍କର ସ୍ପଷ୍ଟତା ପାଇଁ ବୈଦିକ ଋଷି '**ଗାର୍ଗ୍ୟ**' ଓ '**ଶାକଲ୍ୟ**'ଙ୍କ ଦ୍ୱାରା ତିଆରି କରାଯାଇଥିଲା |

**ପରିବର୍ତ୍ତିତ କ୍ରମପାଠ** - "ପରିବର୍ତ୍ତିତ କ୍ରମପାଠ", 'କ୍ରମପାଠ' ଭଳି କିନ୍ତୁ ଏଥିରେ ପଠନ ସମୟରେ ଯୁକ୍ତାକ୍ଷରୀକରଣ ବା ଯୁଗ୍ମ ଶବ୍ଦୀକରଣ ବା ଶବ୍ଦ ପୃଥକୀକରଣ ହୁଏ ନାହିଁ |

'**ପାଣିନି**'ଙ୍କ ଅନୁସାରେ ଏହି ପଦ୍ଧତିରେ ଶବ୍ଦର ସ୍ପଷ୍ଟତା ରଖିବା ପାଇଁ ବୈଦିକ ଋଷି '**ବାଭ୍ରବ୍ୟ**' ଓ '**ଗାଲଭ**'ଙ୍କ ଦ୍ୱାରା ତିଆରି କରାଯାଇଥିଲା |

Not for Commercial Use

**ପଞ୍ଚସନ୍ଧି କ୍ରମପାଠ** - ଏଥି ସହିତ ପରକାଳରେ ଆଉ ଏକ 'କ୍ରମପାଠ' ର ଉପଲବ୍ଧ ହୁଏ, ଯାହକୁ "**ପଞ୍ଚସନ୍ଧି କ୍ରମପାଠ**" କୁହନ୍ତି । ଏହି ପଦ୍ଧତି 'କ୍ରମପାଠ' ଭଳି କିନ୍ତୁ ଏଥିରେ ପଠନ ସମୟରେ ଯୁକ୍ତାକ୍ଷରୀକରଣ ବା ଯୁଗ୍ମ ଶବ୍ଦୀକରଣ ବା ଶବ୍ଦ ପୃଥକୀକରଣ ହୋଇଥାଏ ଓ ଏଥିରେ ଶବ୍ଦଗୁଡିକର ପାଞ୍ଚ ପ୍ରକାରର ମିଶ୍ରଣ ହୋଇଥାଏ ।

ଏହି ଶୈଳୀରେ ଉପରୋକ୍ତ ମନ୍ତ୍ର ଉଚ୍ଚାରଣ କିପରି ହୁଏ, ତଳେ ଦିଆଗଲା ।

**ସୂଚକ** –

୧-୨ । ୨-୨ । ୨-୧ । ୧-୧ । ୧-୨ ।

୨-୩ । ୩-୩ । ୩-୨ । ୨-୨ । ୨-୩ ।

୩-୪ । ୪-୪ । ୪-୩ । ୩-୩ । ୩-୪ ।

୪-୫ । ୫-୫ । ୫-୪ । ୪-୪ । ୪-୫ ।

୫-୬ । ୬-୬ । ୬-୫ । ୫-୫ । ୫-୬ । ୬ ଇତି ୬ ।

**ମନ୍ତ୍ର** –

ଓଷଧୟଃ ସଂ । ସଂ ସଂ । ସଂ ଓଷଧୟଃ । ଓଷଧୟଃ ଓଷଧୟଃ । ଓଷଧୟଃ ସଂ ।

ସଂ ବଦନ୍ତେ । ବଦନ୍ତେ ବଦନ୍ତେ । ବଦନ୍ତେ ସଂ । ସଂ ସଂ । ସଂ ବଦନ୍ତେ ।

ବଦନ୍ତେ ସୋମେନ । ସୋମେନ ସୋମେନ । ସୋମେନ ବଦନ୍ତେ । ବଦନ୍ତେ ବଦନ୍ତେ । ବଦନ୍ତେ ସୋମେନ।

ସୋମେନ ସହ । ସହ ସହ । ସହ ସୋମେନ । ସୋମେନ ସୋମେନ । ସୋମେନ ସହ ।

ସହ ରାଜ୍ଞା । ରାଜ୍ଞା ରାଜ୍ଞା । ରାଜ୍ଞା ସହ । ସହ ସହ । ସହ ରାଜ୍ଞା । ରାଜ୍ଞେତି ରାଜ୍ଞା ।

ଏହା ଏକ ଜଟିଳ ପାଠ, ଏଥିପାଇଁ ଗୁରୁଙ୍କ ପଥପଦର୍ଶନ ନିତ୍ୟାନ୍ତ ଆବଶ୍ୟକ ।

Not for Commercial Use

## ବିକୃତି ପାଠ

'ବିକୃତିପାଠ'ରେ ଶବ୍ଦ (ପଦ) ମାନଙ୍କର ବିଭିନ୍ନ ପ୍ରକାରର ମିଶ୍ରଣ, ସନ୍ଧି ଓ କ୍ରମ ଯୋଗ କରାଯାଇଥାଏ । 'କ୍ରମପାଠ' ଏହାର ମୂଳ ଅଟେ, ସେଇଥି ପାଇଁ 'ବିକୃତିପାଠ'କୁ '**ପ୍ରକୃତିପାଠ**'ର ଉପ ପାଠ ପଦ୍ଧତି କୁହାଯାଏ । 'କ୍ରମପାଠ'ର ସମସ୍ତ ନିୟମ ଏଥିରେ ଲାଗୁ ହୋଇଥାଏ । ବିକୃତିପାଠ ଏକ ଜଟିଳ ପଠନ ପଦ୍ଧତି, ସେଥିପାଇଁ ଗୁରୁଙ୍କର ନିତାନ୍ତ ଆବଶ୍ୟକ ଅଟେ । ଏଥିରେ ୮ଟି ପ୍ରକାର ର ପଦ୍ଧତି ବା ଶୈଳୀ ଅଛି ।

ଏବେ ଦେଖିବା, ଉପରୋକ୍ତ ମନ୍ତ୍ରଟି 'ବିକୃତିପାଠ'ରେ କିପରି ପଠନ କରାଯାଉଛି ।

**୧. ଜଟାପାଠ** - 'ଜଟାପାଠ' ଜଟ ବା ବେଣୀ ପାରିବା ଭଳି । ଏଥିରେ ଦୁଇଟି ଶବ୍ଦକୁ ପଛକୁ ଆଗକୁ, ଆଗକୁ ପଛକୁ ଓ ପଛକୁ ଆଗକୁ ପଢାଯାଏ । ଏହିଭଳି ବାକ୍ୟ (ପଦ) ଶେଷ ହେବା ପର୍ଯ୍ୟନ୍ତ ପଢାଯାଏ ଓ ଶେଷରେ ଏହାର **ଇତିକରଣ** କରାଯାଇଥାଏ ।

ଏହି ଶୈଳୀରେ ଉପରୋକ୍ତ ମନ୍ତ୍ର ଉଚ୍ଚାରଣ କିପରି ହୁଏ, ତଳେ ଦିଆଗଲା ।

**ସୂଚକ** -

୧-୨, ୨-୧, ୧-୨ ।

୨-୩, ୩-୨, ୨-୩ ।

୩-୪, ୪-୩, ୩-୪ ।

୪-୫, ୫-୪, ୪-୫ ।

୫-୬, ୬-୫, ୫-୬ ୬ ଇତି ୬ ।

Not for Commercial Use

**ମନ୍ତ୍ର -**

ଓଷଧୟଃ ସଂ, ସଂ ଓଷଧୟଃ, ଓଷଧୟଃ ସଂ ।

ସଂ ବଦନ୍ତେ, ବଦନ୍ତେ ସଂ, ସଂ ବଦନ୍ତେ ।

ବଦନ୍ତେ ସୋମେନ, ସୋମେନ ବଦନ୍ତେ, ବଦନ୍ତେ ସୋମେନ ।

ସୋମେନ ସହ, ସହ ସୋମେନ, ସୋମେନ ସହ ।

ସହ ରାଜ୍ଞା, ରାଜ୍ଞା ସହ, ସହ ରାଜ୍ଞା, ରାଜ୍ଞେତି ରାଜ୍ଞା ।

**୨. ମାଳାପାଠ** - 'ମାଳାପାଠ' ମାଳ ଗୁନ୍ଥିବା ଭଳି । ଏଥିରେ ପ୍ରଥମ ଓ ଦିତୀୟ ଶବ୍ଦ ପରେ ଇତିକରଣ କରାଯାଏ, ତା'ପରେ ଦ୍ୱିତୀୟ ଓ ତୃତୀୟ ଶବ୍ଦ କ୍ରମାନୁସାରେ ଓ ଶେଷରୁ ଓଲଟା ୨ଟି ଶବ୍ଦ ଗୁଡିକୁ ପଡାଯାଏ, ଏହିଭଳି ଯେ ପର୍ଯ୍ୟନ୍ତ ଆଗକୁ ଓ ପଛକୁର ମିଳନ ନ ହୋଇଛି । ଶେଷରେ ମାଳାରେ ଗଣ୍ଠି ପକାଇବା ଭଳି ଦ୍ୱିତୀୟ ଓ ପ୍ରଥମ ଶବ୍ଦକୁ ଯୋଡାଯାଏ । 'ମାଳାପାଠ' ୨ଟି ପ୍ରକାରର - **(କ) କ୍ରମ ମାଳାପାଠ** ଓ **(ଖ) ପୁଷ୍ପ ମାଳାପାଠ** ।

ଏହି ଶୈଳୀରେ ଉପରୋକ୍ତ ମନ୍ତ୍ର ଉଚ୍ଚାରଣ କିପରି ହୁଏ, ତଳେ ଦିଆଗଲା ।

**(କ) କ୍ରମ ମାଳାପାଠ**

**ସୂଚକ -**

୧-୨, ୬ ଇତି ୬ । ୨-୩ । ୬-୫ । ୩-୪ । ୫-୪ । ୪-୫ । ୪-୩ । ୫-୬ । ୩-୨ । ୬-୬ । ୨-୧ ।

**ମନ୍ତ୍ର -**

ଓଷଧୟଃ ସଂ, ରାଜ୍ଞେତି ରାଜ୍ଞା । ସଂ ବଦନ୍ତେ । ରାଜ୍ଞା ସହ । ବଦନ୍ତେ ସୋମେନ । ସହ ସୋମେନ । ସୋମେନ ସହ । ସୋମେନ ବଦନ୍ତେ । ସହ ରାଜ୍ଞା । ବଦନ୍ତେ ସଂ । ରାଜ୍ଞା ରାଜ୍ଞା । ସଂ ଓଷଧୟଃ ।

ଯେପରି ମାଳା ବିଭିନ୍ନ ପ୍ରକାରରେ ତିଆରି କରାଯାଇ ପାରେ, ସେହିପରି 'ମାଳାପାଠ' ବିଭିନ୍ନ ପ୍ରକାରରେ ପାଠ କରାଯାଇଥାଏ । ସେମାନଙ୍କ ମଧ୍ୟରୁ "**ପୁଷ୍ପ ମାଳାପାଠ**"ର ପଠନ ଶୈଳୀ ବା ପଦ୍ଧତି ଉପରୋକ୍ତ ' କ୍ରମ ମାଳାପାଠ' ଠାରୁ ଅଲଗା ।

Not for Commercial Use

**(ଖ) ପୁଷ୍ପ ମାଳାପାଠ** - 'ପୁଷ୍ପ ମାଳାପାଠ' 'ଜଟାପାଠ' ଭଳି ହୋଇଥାଏ, କିନ୍ତୁ ପ୍ରତି ମିଶ୍ରଣ ବିରାମରେ ଇତିକରଣ ଓ ଶେଷରେ ଇତିକରଣ କରାଯାଇଥାଏ ।

ଏହି ଶୈଳୀରେ ଉପରୋକ୍ତ ମନ୍ତ୍ର ଉଚ୍ଚାରଣ କିପରି ହୁଏ, ତଳେ ଦିଆଗଲା ।

**ସୂଚକ -**

୧-୨, ୨-୧, ୧-୨ ଇତି ।

୨-୩, ୩-୨, ୨-୩ ଇତି ।

୩-୪, ୪-୩, ୩-୪ ଇତି ।

୪-୫, ୫-୪, ୪-୫ ଇତି ।

୫-୬, ୬-୫, ୫-୬ ଇତି ୬ ଇତି ୬ ।

**ମନ୍ତ୍ର -**

ଓଷଧୟଃ ସଂ, ସଂ ଓଷଧୟଃ, ଓଷଧୟଃ ସଂ ଇତି ।

ସଂ ବଦନ୍ତେ, ବଦନ୍ତେ ସଂ, ସଂ ବଦନ୍ତେ ଇତି ।

ବଦନ୍ତେ ସୋମେନ, ସୋମେନ ବଦନ୍ତେ, ବଦନ୍ତେ ସୋମେନ ଇତି ।

ସୋମେନ ସହ, ସହ ସୋମେନ, ସୋମେନ ସହ ଇତି ।

ସହ ରାଜ୍ଞା, ରାଜ୍ଞା ସହ, ସହ ରାଜ୍ଞା ଇତି । ରାଜ୍ଞେତି ରାଜ୍ଞା ।

**୩. ଶିଖାପାଠ** - 'ଶିଖାପାଠ' ପ୍ରଜ୍ଜ୍ୱଳୀତ ଦୀପର ଶିଖା ଭଳି, ଦୀପର ଶିଖା ଯେପରି ଆରମ୍ଭ ହୋଇ, ପ୍ରସାର ହୋଇ, ଅନ୍ତରେ ଶେଷ ହୁଏ, ସେହିଭଳି । ଶେଷରେ **ଇତିକରଣ** କରାଯାଏ ।

ଏହି ଶୈଳୀରେ ଉପରୋକ୍ତ ମନ୍ତ୍ର ଉଚ୍ଚାରଣ କିପରି ହୁଏ, ତଳେ ଦିଆଗଲା ।

Not for Commercial Use

**ସୂଚକ -**

୧-୨, ୨-୧, ୧-୨ - ୩ ।

୨-୩, ୩-୨, ୨-୩ - ୪ ।

୩-୪, ୪-୩, ୩-୪ - ୫ ।

୪-୫, ୫-୪, ୪-୫ - ୬ ।

୫-୬, ୬-୫, ୫-୬, - ୬ ଇତି ୬ ।

**ମନ୍ତ୍ର -**

ଓଷଧୟଃ ସଂ, ସଂ ଓଷଧୟଃ, ଓଷଧୟଃ ସଂ ବଦନ୍ତେ ।

ସଂ ବଦନ୍ତେ, ବଦନ୍ତେ ସଂ, ସଂ ବଦନ୍ତେ ସୋମେନ ।

ବଦନ୍ତେ ସୋମେନ, ସୋମେନ ବଦନ୍ତେ, ବଦନ୍ତେ ସୋମେନ ସହ ।

ସୋମେନ ସହ, ସହ ସୋମେନ, ସୋମେନ ସହ ରାଜ୍ଞା ।

ସହ ରାଜ୍ଞା, ରାଜ୍ଞା ସହ, ସହ ରାଜ୍ଞା, ରାଜ୍ଞେତି ରାଜ୍ଞା ।

**୪. ରେଖାପାଠ** - 'ରେଖାପାଠ', ଶବ୍ଦ ଗୁଡିକର ଯୋଗ ୨ଟି ଶବ୍ଦର ଆରମ୍ଭ ହୁଏ, ତାପରେ ୩ଟି ଶବ୍ଦ, ତାପରେ ୪ଟି ଶବ୍ଦ..... ଏହିଭଳି ବାକ୍ୟର ଶେଷ ପର୍ଯ୍ୟନ୍ତ ପଠନ କରାଯାଏ ।

ଏହି ଶୈଳୀରେ ଉପରୋକ୍ତ ମନ୍ତ୍ର ଉଚ୍ଚାରଣ କିପରି ହୁଏ, ତଳେ ଦିଆଗଲା ।

**ସୂଚକ -**

୧-୨, ୨-୧, ୧-୨ ।

୨-୩-୪, ୪-୩-୨, ୨-୩ ।

୩-୪-୫-୬, ୬-୫-୪-୩, ୩-୪ ।

୪-୫-୬, ୬-୫-୪, ୪-୫ ।

୫-୬, ୬-୬, ୫-୬, ୬ ଇତି ୬ ।



Not for Commercial Use

**ମନ୍ତ୍ର -**

ଓଷଧୟଃ ସଂ, ସଂ ଓଷଧୟଃ, ଓଷଧୟଃ ସଂ ।

ସଂ ବଦନ୍ତେ ସୋମେନ , ସୋମେନ ବଦନ୍ତେ ସଂ, ସଂ ବଦନ୍ତେ ।

ବଦନ୍ତେ ସୋମେନ ସହ ରାଜ୍ଞା, ସହ ରାଜ୍ଞା ସୋମେନ ବଦନ୍ତେ, ବଦନ୍ତେ ସୋମେନ ।

ସୋମେନ ସହ ରାଜ୍ଞା, ରାଜ୍ଞା ସହ ସୋମେନ, ସୋମେନ ସହ ।

ସହ ରାଜ୍ଞା, ରାଜ୍ଞା ରାଜ୍ଞା, ସହ ରାଜ୍ଞା, ରାଜ୍ଞେତି ରାଜ୍ଞା ।

**୫. ଧ୍ୱଜପାଠ** - 'ଧ୍ୱଜପାଠ' ରଥର ଧ୍ୱଜା ବା ପତାକାର ଆକୃତି ଭଳି । ଯେଭଳି ଧ୍ୱଜ ବା ପତାକା ଛୋଟ ଆକୃତିରୁ ଆରମ୍ଭ ହୋଇ ପ୍ରସାରିତ ଆକୃତିରେ ଶେଷ ହୁଏ । ଯେଭଳି ୨ଟି ତ୍ରିକୋଣ ଆକୃତିର ଯୋଗ  ଦେଖିବାକୁ ମିଳେ ।

ପୂର୍ବ ଉଦାହରଣ ମାନଙ୍କରେ ନିଆଯାଇଥିବା ମନ୍ତ୍ରରେ କେବଳ ଗୋଟିଏ ଧାଡି ଥିଲା । କିନ୍ତୁ ଏହି ‘ପାଠ’କୁ ବୁଝିବାକୁ ହେଲେ, ଆମକୁ ସଂପୂର୍ଣ୍ଣ ମନ୍ତ୍ର ନେବାକୁ ହେବ ।

ଓଷଧୟଃ ସଂ ବଦନ୍ତେ ସୋମେନ ସହ ରାଜ୍ଞା ।

ୟସ୍ମୈ କୃଣୋତି ବ୍ରାହ୍ମଣସ୍ତଂ ରାଜନ୍ ପାରୟାମସି ।।(ଋ.ବେ - ୧୦.୯୭.୨୨)

(ଏହାର ସଂଖ୍ୟାକରଣ - ଓଷଧୟଃ - ୧, ସଂ - ୨, ବଦନ୍ତେ - ୩,  ସୋମେନ - ୪, ସହ - ୫, ରାଜ୍ଞା - ୬ ।  ୟସ୍ମୈ - ୭, କୃଣୋତି - ୮, ବ୍ରାହ୍ମଣ - ୯, ତଂ - ୧୦, ରାଜନ୍ - ୧୧, ପାରୟାମସି - ୧୨ ।। )

ଏହି ଶୈଳୀରେ ଉପରୋକ୍ତ ମନ୍ତ୍ର ଉଚ୍ଚାରଣ କିପରି ହୁଏ, ତଳେ ଦିଆଗଲା ।

**ସୂଚକ -**

୧-୨, ୧୨ ଇତି ୧୨, ୨-୩, ୧୧-୧୨ ।

୩-୪, ୧୦-୧୧, ୪-୫, ୯-୧୦ ।

୫-୬, ୮-୯, ୬-୭, ୭-୮ ।

୭-୮, ୬-୭, ୮-୯, ୫-୬ ।

୯-୧୦, ୪-୫, ୧୦-୧୧, ୩-୪ ।

୧୧-୧୨, ୨-୩, ୧୨ ଇତି ୧୨, ୧-୨ ।

Not for Commercial Use

**ମନ୍ତ୍ର -**

ଓଷଧୟଃ ସଂ, ପାରୟାମସି ଇତି ପାରୟାମସି, ସଂ ବଦନ୍ତେ, ରାଜନ୍ ପାରୟାମସି ।

ବଦନ୍ତେ ସୋମେନ, ତଂ ରାଜନ୍, ସୋମେନ ସହ, ବ୍ରାହ୍ମଣସ୍ତଂ ।

ସହ ରାଜ୍ଞା, କୃଣୋତି ବ୍ରାହ୍ମଣ, ରାଜ୍ଞା ୟସ୍ମୈ, ୟସ୍ମୈ କୃଣୋତି ।

ୟସ୍ମୈ କୃଣୋତି, ରାଜ୍ଞା ୟସ୍ମୈ, କୃଣୋତି ବ୍ରାହ୍ମଣ, ସହ ରାଜ୍ଞା ।

ବ୍ରାହ୍ମଣସ୍ତଂ, ସୋମେନ ସହ, ତଂ ରାଜନ୍, ବଦନ୍ତେ ସୋମେନ ।

ରାଜନ୍ ପାରୟାମସି, ସଂ ବଦନ୍ତେ, ପାରୟାମସି ଇତି ପାରୟାମସି, ଓଷଧୟଃ ସଂ ।

**୬. ଦଣ୍ଡପାଠ** - 'ଦଣ୍ଡପାଠ', 'କ୍ରମପାଠ' ଭଳି, କିନ୍ତୁ ପ୍ରତି ପାଦ ଶେଷରେ, ପାଦ ସଂଖ୍ୟା ଅନୁସାରେ ଶବ୍ଦମାନଙ୍କର ଅନୁକ୍ରମଣୀ ଥାଏ, ଓ ଶେଷ ପାଦରେ 'କ୍ରମପାଠ' କରାଯାଇ **ଇତିକରଣ** କରାଯାଏ ।

ଏହି ଶୈଳୀରେ ଉପରୋକ୍ତ ମନ୍ତ୍ର ଉଚ୍ଚାରଣ କିପରି ହୁଏ, ତଳେ ଦିଆଗଲା ।

**ସୂଚକ -**

୧-୨, ୨-୧, ।

୧-୨, ୨-୩, ୩-୨-୧ ।

୧-୨, ୨-୩, ୩-୪, ୪-୩-୨-୧ ।

୧-୨, ୨-୩, ୩-୪, ୪-୫, ୫-୪-୩-୨-୧ ।

୧-୨, ୨-୩, ୩-୪, ୪-୫, ୫-୬, ୬-୫-୪-୩-୨-୧ ।

୧-୨, ୨-୩, ୩-୪, ୪-୫, ୫-୬, ୬ ଇତି ୬ ।

Not for Commercial Use

**ମନ୍ତ୍ର -**

ଓଷଧୟଃ ସଂ, ସଂ ଓଷଧୟଃ, ।

ଓଷଧୟଃ ସଂ, ସଂ ବଦନ୍ତେ, ବଦନ୍ତେ ସଂ ଓଷଧୟଃ, ।

ଓଷଧୟଃ ସଂ, ସଂ ବଦନ୍ତେ, ବଦନ୍ତେ ସୋମେନ, ସୋମେନ ବଦନ୍ତେ ସଂ ଓଷଧୟଃ, ।

ଓଷଧୟଃ ସଂ, ସଂ ବଦନ୍ତେ, ବଦନ୍ତେ ସୋମେନ, ସୋମେନ ସହ, ସହ ସୋମେନ ବଦନ୍ତେ ସଂ ଓଷଧୟଃ, ।

ଓଷଧୟଃ ସଂ, ସଂ ବଦନ୍ତେ, ବଦନ୍ତେ ସୋମେନ, ସୋମେନ ସହ, ସହ ରାଜ୍ଞା, ରାଜ୍ଞା ସହ ସୋମେନ ବଦନ୍ତେ ସଂ ଓଷଧୟଃ, ।

ଓଷଧୟଃ ସଂ, ସଂ ବଦନ୍ତେ, ବଦନ୍ତେ ସୋମେନ, ସୋମେନ ସହ, ସହ ରାଜ୍ଞା, ରାଜ୍ଞେତି ରାଜ୍ଞା ।

**୭. ରଥପାଠ** - 'ରଥପାଠ' ଲେଖି ବୁଝାଇବା ଅତି କଷ୍ଟକର, କାରଣ ଏହା ଏକ ଅତି ଜଟିଳ ପଦ୍ଧତି । 'ରଥପାଠ' ୩ଟି ପ୍ରକାରର, ଯଥା - (କ) - **ଦ୍ୱିଚକ୍ର ରଥପାଠ**, (ଖ) - **ତ୍ରିଚକ୍ର ରଥପାଠ**, ଓ (ଗ) - **ଚତୁଷ୍ଚକ୍ର ରଥପାଠ** ।

ଯଦିଓ ଏହା ଲେଖି ବୁଝାଇବା କଷ୍ଟକର, କିନ୍ତୁ ଏହାର ସଂଖ୍ୟା ସୂଚକ କରି ବୁଝାଇବାକୁ ଚେଷ୍ଟା କରାଯାଇଛି ।

**(କ) - ଦ୍ୱିଚକ୍ର ରଥପାଠ** - ଏହି ପଠନ ପଦ୍ଧତି ବୁଝିବାକୁ ହେଲେ, ଋ.ବେ - ୧୦.୯୭.୨୨ ର ୨ଟି ଧାଡି ମନ୍ତ୍ରକୁ ଉଦାହରଣ ରୂପେ ନିଆଯାଇଛି ।

ଓଷଧୟଃ ସଂ ବଦନ୍ତେ ସୋମେନ ସହ ରାଜ୍ଞା ।
ଯସ୍ମୈ କୃଣୋତି ବ୍ରାହ୍ମଣସ୍ତଂ ରାଜନ୍ ପାରୟାମସି ।।

(ଏହାର ସଂଖ୍ୟାକରଣ - ଓଷଧୟଃ - ୧, ସଂ - ୨, ବଦନ୍ତେ - ୩, ସୋମେନ - ୪, ସହ - ୫, ରାଜ୍ଞା - ୬ । ଯସ୍ମୈ - ୭, କୃଣୋତି - ୮, ବ୍ରାହ୍ମଣ - ୯, ତଂ - ୧୦, ରାଜନ୍ - ୧୧, ପାରୟାମସି - ୧୨ ।। )

ଏହି ଶୈଳୀରେ ଉପରୋକ୍ତ ମନ୍ତ୍ର ଉଚ୍ଚାରଣ କିପରି ହୁଏ, ତଳେ ଦିଆଗଲା ।

Not for Commercial Use

**ସୂଚକ -**

୧-୨, ୭-୮ ୨-୧, ୮-୭ ।

୧-୨, ୭-୮ ୨-୩, ୮-୯, ୩-୨-୧, ୯-୮-୭ ।

୧-୨, ୭-୮ ୨-୩, ୮-୯, ୩-୪, ୯-୧୦, ୪-୩-୨-୧, ୧୦-୯-୮-୭ ।

୧-୨, ୭-୮ ୨-୩, ୮-୯, ୩-୪, ୯-୧୦, ୪-୫, ୧୦-୧୧, ୫-୪-୩-୨-୧, ୧୧-୧୦-୯-୮-୭ ।

୧-୨, ୭-୮ ୨-୩, ୮-୯, ୩-୪, ୯-୧୦, ୪-୫, ୧୦-୧୧, ୫-୬, ୧୧-୧୨, ୬ ଇତି ୬, ୧୨ ଇତି ୧୨ ।

**ମନ୍ତ୍ର -**

ଓଷଧୟଃ ସଂ, ୟସ୍ମୈ କୃଣୋତି, ସଂ ଓଷଧୟଃ, କୃଣୋତି ୟସ୍ମୈ ।

ଓଷଧୟଃ ସଂ, ୟସ୍ମୈ କୃଣୋତି, ସଂ ବଦନ୍ତେ, କୃଣୋତି ବ୍ରାହ୍ମଣ, ବଦନ୍ତେ ସଂ ଓଷଧୟଃ, ବ୍ରାହ୍ମଣ କୃଣୋତି ୟସ୍ମୈ, ।

ଓଷଧୟଃ ସଂ, ୟସ୍ମୈ କୃଣୋତି, ସଂ ବଦନ୍ତେ, କୃଣୋତି ବ୍ରାହ୍ମଣ, ବଦନ୍ତେ ସୋମେନ, ବ୍ରାହ୍ମଣ ତଂ, ସୋମେନ ବଦନ୍ତେ ସଂ ଓଷଧୟଃ, ତଂ ବ୍ରାହ୍ମଣ କୃଣୋତି ୟସ୍ମୈ, ।

ଓଷଧୟଃ ସଂ, ୟସ୍ମୈ କୃଣୋତି, ସଂ ବଦନ୍ତେ, କୃଣୋତି ବ୍ରାହ୍ମଣ, ବଦନ୍ତେ ସୋମେନ, ବ୍ରାହ୍ମଣ ତଂ, ସୋମେନ ସହ, ତଂ ରାଜନ୍ ସହ ସୋମେନ ବଦନ୍ତେ ସଂ ଓଷଧୟଃ, ରାଜନ୍ ତଂ ବ୍ରାହ୍ମଣ କୃଣୋତି ୟସ୍ମୈ, ।

ଓଷଧୟଃ ସଂ, ୟସ୍ମୈ କୃଣୋତି, ସଂ ବଦନ୍ତେ, କୃଣୋତି ବ୍ରାହ୍ମଣ, ବଦନ୍ତେ ସୋମେନ, ବ୍ରାହ୍ମଣ ତଂ, ସୋମେନ ସହ, ତଂ ରାଜନ୍, ସହ ରାଜ୍ଞା, ରାଜନ୍ ପାରୟାମସି, ରାଜ୍ଞେତି ରାଜ୍ଞା, ପାରୟାମସି ଇତି ପାରୟାମସି ।

**(ଖ) - ତ୍ରିଚକ୍ର ରଥପାଠ** - ଏହି ପଠନ ପଦ୍ଧତି ବୁଝିବାକୁ ହେଲେ, ଋ.ବେ - ୧.୨୨.୧୯ ର ୨ଟି ଧାଡି ମନ୍ତ୍ରକୁ ଉଦାହରଣ ରୂପେ ନିଆଯାଇଛି ।

ଏହି ଶୈଳୀରେ ଉପରୋକ୍ତ ମନ୍ତ୍ର ଉଚ୍ଚାରଣ କିପରି ହୁଏ, ତଳେ ଦିଆଗଲା ।

Not for Commercial Use

ବିଷ୍ଣୋଃ କର୍ମାଣି ପଶ୍ୟତ ୟତୋ ବ୍ରତାନି ପସ୍ପଶେ ।

ଇନ୍ଦ୍ରସ୍ୟ ୟୁଜ୍ୟଃ ସଖା ।।

(ଏହାର ସଂଖ୍ୟାକରଣ - ବିଷ୍ଣୋଃ - ୧ କର୍ମାଣି - ୨ ପଶ୍ୟତ - ୩ ୟତୋ - ୪ ବ୍ରତାନି - ୫ ପସ୍ପଶେ - ୬ । ଇନ୍ଦ୍ରସ୍ୟ - ୭ ୟୁଜ୍ୟଃ - ୮ ସଖା - ୯ ।।)

**ସୂଚକ -**

୧-୨, ୪-୫, ୭-୮, ।
୨-୧, ୫-୪, ୮-୭, ।

୧-୨, ୪-୫, ୭-୮, ।
୨-୩, ୫-୬, ୮-୯, ।
୩-୨-୧, ୬-୫-୪, ୯-୮-୭, ।

୧-୨, ୨-୩, ୩ ଇତି ୩, ।
୪-୫, ୫-୬, ୬ ଇତି ୬, ।
୭-୮, ୮-୯ ୯ ଇତି ୯, ।

**ମନ୍ତ୍ର -**

ବିଷ୍ଣୋଃ କର୍ମାଣି, ୟତୋ ବ୍ରତାନି, ଇନ୍ଦ୍ରସ୍ୟ ୟୁଜ୍ୟଃ, ।
କର୍ମାଣି ବିଷ୍ଣୋଃ, ବ୍ରତାନି ୟତୋ, ୟୁଜ୍ୟଃ ଇନ୍ଦ୍ରସ୍ୟ, ।

ବିଷ୍ଣୋଃ କର୍ମାଣି, ୟତୋ ବ୍ରତାନି, ଇନ୍ଦ୍ରସ୍ୟ ୟୁଜ୍ୟଃ, ।
କର୍ମାଣି ପଶ୍ୟତ, ବ୍ରତାନି ପସ୍ପଶେ, ୟୁଜ୍ୟଃ ସଖା, ।
ପଶ୍ୟତ କର୍ମାଣି ବିଷ୍ଣୋଃ, ପସ୍ପଶେ ବ୍ରତାନି ୟତୋ, ସଖା ୟୁଜ୍ୟଃ ଇନ୍ଦ୍ରସ୍ୟ, ।

ବିଷ୍ଣୋଃ କର୍ମାଣି, କର୍ମାଣି ପଶ୍ୟତ, ପଶ୍ୟତୈତି ପଶ୍ୟତ, ।
ୟତୋ ବ୍ରତାନି, ବ୍ରତାନି ପସ୍ପଶେ, ପସ୍ପଶେ ଇତି ପସ୍ପଶେ, ।
ଇନ୍ଦ୍ରସ୍ୟ ୟୁଜ୍ୟଃ, ୟୁଜ୍ୟଃ ସଖା, ସଖୈତି ସଖା, ।

Not for Commercial Use

**(ଗ) - ଚତୁଷ୍ଟକ୍ର ରଥପାଠ** - ଏହି ପଠନ ପଦ୍ଧତି ବୁଝିବା ପାଇଁ, ଋ.ବେ - ୧୦.୯୭.୨୨ ର ୨ଟି ଧାଡି ମନ୍ତ୍ରକୁ ଉଦାହରଣ ରୂପେ ନିଆଯାଇଛି ।

ଓଷଧୟଃ ସଂ ବଦନ୍ତେ ସୋମେନ ସହ ରାଜ୍ଞା ।
ୟସ୍ମୈ କୃଣୋତି ବ୍ରାହ୍ମଣସ୍ତଂ ରାଜନ୍ ପାରୟାମସି ।।

(ଏହାର ସଂଖ୍ୟାକରଣ - ଓଷଧୟଃ - ୧, ସଂ - ୨, ବଦନ୍ତେ - ୩, ସୋମେନ - ୪, ସହ - ୫, ରାଜ୍ଞା - ୬ । ୟସ୍ମୈ - ୭, କୃଣୋତି - ୮, ବ୍ରାହ୍ମଣ - ୯, ତଂ - ୧୦, ରାଜନ୍ - ୧୧, ପାରୟାମସି - ୧୨ ।। )

ଏହି ଶୈଳୀରେ ଉପରୋକ୍ତ ମନ୍ତ୍ର ଉଚ୍ଚାରଣ କିପରି ହୁଏ, ତଳେ ଦିଆଗଲା ।

**ସୂଚକ -**

୧-୨, ୪-୫, ୭-୮, ୧୦-୧୧, ।
୨-୧, ୫-୪, ୮-୭, ୧୧-୧୦, ।

୧-୨, ୪-୫, ୭-୮, ୧୦-୧୧, ।
୨-୩, ୫-୬, ୮-୯, ୧୧-୧୨, ।
୩-୨-୧, ୬-୫-୪ ୯-୮-୭, ୧୨-୧୧-୧୦, ।

୧-୨, ୨-୩, ୩ ଇତି ୩, ।
୪-୫, ୫-୬, ୬ ଇତି ୬, ।
୭-୮, ୮-୯, ୯ ଇତି ୯, ।
୧୦-୧୧, ୧୧-୧୨, ୧୨ ଇତି ୧୨, ।

Not for Commercial Use

**ମନ୍ତ୍ର -**

ଓଷଧୟଃ ସଂ, ସୋମେନ ସହ, ୟସ୍ମୈ କୃଣୋତି, ତଂ ରାଜନ୍, ।
ସଂ ଓଷଧୟଃ, ସହ ସୋମେନ, କୃଣୋତି ୟସ୍ମୈ, ରାଜନ୍ ତଂ, ।

ଓଷଧୟଃ ସଂ, ସୋମେନ ସହ, ୟସ୍ମୈ କୃଣୋତି, ତଂ ରାଜନ୍, ।
ସଂ ବଦନ୍ତେ, ସହ ରାଜ୍ଞା, କୃଣୋତି ବ୍ରାହ୍ମଣ, ରାଜନ୍ ପାରୟାମସି, ।
ବଦନ୍ତେ ସଂ ଓଷଧୟଃ, ରାଜ୍ଞା ସହ ସୋମେନ, ବ୍ରାହ୍ମଣ କୃଣୋତି ୟସ୍ମୈ, ପାରୟାମସି ରାଜନ୍ ତଂ, ।

ଓଷଧୟଃ ସଂ, ସଂ ବଦନ୍ତେ, ବଦନ୍ତ ଇତି ବଦନ୍ତେ, ।
ସୋମେନ ସହ, ସହ ରାଜ୍ଞା, ରାଜ୍ଞେତି ରାଜ୍ଞା, ।
ୟସ୍ମୈ କୃଣୋତି, କୃଣୋତି ବ୍ରାହ୍ମଣ, ବ୍ରାହ୍ମଣ ଇତି ବ୍ରାହ୍ମଣ, ।
ତଂ ରାଜନ୍, ରାଜନ୍ ପାରୟାମସି, ପାରୟାମସୀତି ପାରୟାମସି, ।

୮. **ଘନପାଠ** - 'ଘନପାଠ' ସବୁଠୁ ଜଟିଳ ଓ କଷ୍ଟ ପାଠ । ଏହାକୁ ମଧ୍ୟ ଲେଖି ବୁଝାଇବା ସମ୍ଭବ ନୁହେଁ । ତେଣୁ ଏଠାରେ ମନ୍ତ୍ରପାଠ ଦ୍ୱାରା ଏହାକୁ ବୁଝିବାକୁ ଚେଷ୍ଟା କରିବା । ଏଥିପାଇଁ ଅନ୍ୟ ଏକ ମନ୍ତ୍ର ନିଆଯାଇଛି, ବୁଝେଇବା ପାଇଁ ।

ଗାୟନ୍ତି ତ୍ୱା ଗାୟତ୍ରିଣୋଽର୍ଚନ୍ତ୍ୟର୍କମର୍କିଣଃ . {ଋ.ବେ - ୧.୧୦.୧(କ)}

ଏହି ଶୈଳୀରେ ଉପରୋକ୍ତ ମନ୍ତ୍ର ଉଚ୍ଚାରଣ କିପରି ହୁଏ, ତଳେ ଦିଆଗଲା ।

**ମନ୍ତ୍ର -**

ଗାୟନ୍ତି ତ୍ୱା, ତ୍ୱା ଗାୟନ୍ତି, ଗାୟନ୍ତି ତ୍ୱା, ଗାୟତ୍ରିଣୋ, ଗାୟତ୍ରିଣସ୍ତ୍ୱା ଗାୟନ୍ତି, ଗାୟନ୍ତି ତ୍ୱା ଗାୟତ୍ରିଣଃ ।
ତ୍ୱା ଗାୟତ୍ରିଣୋ, ଗାୟତ୍ରିଣସ୍ତ୍ୱା, ତ୍ୱା ଗାୟତ୍ରିଣୋ, ଽର୍ଚଂତ୍ୟ, ଽର୍ଚଂନ୍ତି ଗାୟତ୍ରିଣସ୍ତ୍ୱା, ତ୍ୱା ଗାୟତ୍ରିଣୋଽର୍ଚଂନ୍ତି ।
ଗାୟତ୍ରିଣୋଽର୍ଚଂନ୍ତ୍ୟ, ଽର୍ଚଂନ୍ତି ଗାୟତ୍ରିଣୋ, ଗାୟତ୍ରିଣୋଽର୍ଚଂନ୍ତ୍ୟର୍କମ, ଽକର୍ମର୍ଚନ୍ତି ଗାୟତ୍ରିଣୋ ଗାୟତ୍ରିଣୋଽର୍ଚତ୍ୟର୍କମ୍।
ଅର୍ଚଂତ୍ୟର୍କମ ଽର୍କମର୍ଚଂତ୍ୟ ଽର୍ଚଂତ୍ୟର୍କମଽର୍କିମଣୋ ଽର୍କିଣୋଽର୍କମର୍ଚଂତ୍ୟ ଽର୍ଚଂତ୍ୟର୍କମର୍କିଣ ।

Not for Commercial Use

‘ଘନପାଠ’ରେ ଆଉ ଏକ ପାଠ ଉପଲବ୍ଧ ହୁଏ, ତାହା 'ପଞ୍ଚସନ୍ଧି ଘନପାଠ' ।

**ପଞ୍ଚସନ୍ଧି ଘନପାଠ** - 'ପଞ୍ଚସନ୍ଧି ଘନପାଠ' ସବୁଠୁ କଠିନତ୍ତମ ପାଠ ଅଟେ । ଏହାକୁ ମଧ୍ୟ ଲେଖି ବୁଝାଇବା କଷ୍ଟକର, ତେଣୁ କେବଳ ମନ୍ତ୍ରକୁ କିପରି ପାଠ କରାଯାଏ ଦେଖିବା । ଏଥିପାଇଁ ‘ଋକ୍-ବେଦ’ର ଅନ୍ୟ ଏକ ମନ୍ତ୍ରର ଉଦାହରଣ ନେବା । (ଋ.ବେ - ୧.୨୫.୧୬)

ପରା ମେ ଯନ୍ତି ଧୀତୟୋ ଗାବୋ ନ ଗବ୍ୟୂତୀରନୁ ।
ଇଚ୍ଛନ୍ତୀରୁରୁଚକ୍ଷସମ୍ ।।

**ମନ୍ତ୍ର -**

ପରା ମେ । ମେ ମେ । ମେ ପରା । ପରା ପରା । ପରା ମେ ।।
ପରା ମେ, ମେ ପରା, ପରା ମେ, ଯନ୍ତି; ଯନ୍ତି ମେ ପରା ପରା, ମେ ଯନ୍ତି ।।
ମେ ଯନ୍ତି । ଯନ୍ତି ଯନ୍ତି । ଯନ୍ତି ମେ । ମେ ମେ । ମେ ଯନ୍ତି ।।
ମେ ଯନ୍ତି, ଯନ୍ତି ମେ, ମେ ଯନ୍ତି, ଧିତୟୋ; ଧିତୟୋ ଯନ୍ତି ମେ, ମେ ଯନ୍ତି ଧିତୟଃ ।।
ଯନ୍ତି ଧିତୟଃ । ଧିତୟୋ ଧିତୟଃ । ଧିତୟୋ ଯନ୍ତି । ଯନ୍ତି ଯନ୍ତି । ଯନ୍ତି ଧିତୟଃ ।।
ଯନ୍ତି ଧିତୟୋ, ଧିତୟୋ ଯନ୍ତି, ଯନ୍ତି ଧିତୟୋ, ଗାବୋ ଗାବୋ, ଧିତୟୋ ଯନ୍ତି, ଯନ୍ତି ଧିତୟୋ ଗାବଃ ।।
ଧିତୟୋ ଗାବଃ । ଗାବୋ ଗାବଃ । ଗାବୋ ଧିତୟଃ । ଧିତୟୋ ଧିତୟଃ । ଧିତୟୋ ଗାବଃ ।
ଧିତୟୋ ଗାବୋ, ଗାବୋ ଧିତୟୋ, ଧିତୟୋ ଗାବୋ; ନ; ନ ଗାବୋ ଧିତୟୋ ଧିତୟୋ ଗାବୋ ନ ।।
ଗାବୋ ନ । ନ ନ । ନ ଗାବଃ । ଗାବୋ ଗାବଃ । ଗାବୋ ନ ।।
ଗାବୋ ନ, ନ ଗାବୋ, ଗାବୋ ନ, ଗବ୍ୟୂତୀଃ; ର୍ଗବ୍ୟୂତୀର୍ନ ଗାବୋ, ଗାବୋ ନ ଗବ୍ୟୂତୀଃ ।।
ନ ଗବ୍ୟୂତୀଃ । ଗବ୍ୟୂତୀର୍ଗବ୍ୟୂତୀଃ । ଗବ୍ୟୂତୀର୍ନ । ନ ନ । ନ ଗବ୍ୟୂତୀଃ । ନ ଗବ୍ୟୂତୀ, ର୍ଗବ୍ୟୂତୀର୍ନ, ନ ଗବ୍ୟୂତୀରଂନୁ ଗବ୍ୟୂତୀର୍ନ, ନ ଗବ୍ୟୂତୀରନୁ ।।
ଗବ୍ୟୂତୀରନୁ । ଅନ୍ୱନୁ । ଅନୁ ଗବ୍ୟୂତୀଃ । ଗବ୍ୟୂତୀଗବ୍ୟୂତୀଃ । ଗବ୍ୟୂତୀରନୁ ।।
ଗବ୍ୟୂତୀରନ୍ୱଂନୁଗବ୍ୟୂତୀଗବ୍ୟୂତୀରନୁ ।। ଅନ୍ୱିତ୍ୟନୁ ।।
ଇଚ୍ଛଂତୀରୁରୁଚକ୍ଷସଂ । ଉରୁଚକ୍ଷସମୁରୁଚକ୍ଷସଂ । ଉରୁଚକ୍ଷସମିଚ୍ଛଂତୀଃ । ଇଚ୍ଛଂତୀରିଚ୍ଛଂତୀଃ ।
ଇଚ୍ଛଂତୀରୁରୁଚକ୍ଷସଂ । ଇଚ୍ଛଂତୀରୁରୁଚକ୍ଷସଂ ।। ଉରୁଚକ୍ଷସମିତ୍ୟୁରୁଂଚକ୍ଷସଂ ।।

Not for Commercial Use

'ଘନପାଠ' ବିଭିନ୍ନ ବେଦରେ ବିଭିନ୍ନ ପ୍ରକାରର ହୋଇଥାଏ ଓ ସ୍ୱର ମଧ୍ୟ ଅଲଗା ହୋଇଥାଏ, ଯଦିଓ ସେମାନଙ୍କ ମଧ୍ୟରେ ଅଳ୍ପ ପାର୍ଥକ୍ୟ ଅଛି । ବିନା ଗୁରୁରେ ଏହାକୁ ଅଭ୍ୟାସ କରିବା ସମ୍ଭବ ନୁହେଁ । ମଧୁର ବେଦ ହେଉଛି 'ସାମବେଦ', ଯଦି ସାମବେଦକୁ 'ଘନପାଠ' ରେ ପଢ଼ାଯାଏ, ଏହା ଏକ ଅବର୍ଣ୍ଣନୀୟ ଅନୁଭୁତି ପ୍ରଦାନ କରିଥାଏ ।

ଏହି ଭଳି 'ଜଟାପାଠ'ରେ ବି **"ପଞ୍ଚସନ୍ଧି ଜଟାପାଠ"** ଅଛି । ଉପରୋକ୍ତ ମନ୍ତ୍ର କିପରି 'ପଞ୍ଚସନ୍ଧି ଜଟାପାଠ'ରେ ପଠନ କରାଯାଏ, ତଳେ ଦିଆଯାଇଛି ।

**ପଞ୍ଚସନ୍ଧି ଜଟାପାଠ** -

ପରା ମେ ୟନ୍ତି ଧୀତୟୋ ଗାବୋ ନ ଗବ୍ୟୂତୀରନୁ ।
ଇଚ୍ଛନ୍ତୀରୁରୁଚକ୍ଷସମ୍ ।।

**ମନ୍ତ୍ର** -

ପରା ମେ । ମେ ମେ । ମେ ପରା । ପରା ପରା । ପରା ମେ ।। ପରା ମେ, ମେ ପରା, ପରା ମେ ।।
ମେ ୟନ୍ତି । ୟନ୍ତି ୟନ୍ତି । ୟନ୍ତି ମେ । ମେ ମେ । ମେ ୟନ୍ତି ।। ମେ ୟନ୍ତି, ୟନ୍ତି ମେ, ମେ ୟନ୍ତି ।।
ୟନ୍ତି ଧିତୟଃ । ଧିତୟୋ ଧିତୟଃ । ଧିତୟୋ ୟନ୍ତି । ୟନ୍ତି ୟନ୍ତି । ୟନ୍ତି ଧିତୟଃ ।। ୟନ୍ତି ଧିତୟୋ, ଧିତୟୋ ୟନ୍ତି, ୟନ୍ତି ଧିତୟୋ ।।
ଧିତୟୋ ଗାବଃ । ଗାବୋ ଗାବଃ । ଗାବୋ ଧିତୟଃ । ଧିତୟୋ ଧିତୟଃ । ଧିତୟୋ ଗାବଃ ।। ଧିତୟୋ ଗାବୋ, ଗାବୋ ଧିତୟୋ, ଧିତୟୋ ଗାବୋଃ ।।
ଗାବୋ ନ । ନ ନ । ନ ଗାବଃ । ଗାବୋ ଗାବଃ । ଗାବୋ ନ ।। ଗାବୋ ନ, ନ ଗାବୋ, ଗାବୋ ନ ।।
ନ ଗବ୍ୟୂତୀଃ । ଗବ୍ୟୂତୀର୍ଗବ୍ୟୂତୀଃ । ଗବ୍ୟୂତୀର୍ନ । ନ ନ । ନ ଗବ୍ୟୂତୀଃ ।। ନ ଗବ୍ୟୂତୀର୍ଗବ୍ୟୂତୀର୍ନ, ନ ଗବ୍ୟୂତୀଃ ।।
ଗବ୍ୟୂତୀରନୁ । ଅନ୍ୱନୁ । ଅନୁ ଗବ୍ୟୂତୀଃ । ଗବ୍ୟୂତୀର୍ଗବ୍ୟୂତୀଃ । ଗବ୍ୟୂତୀରନୁ ।।
ଗବ୍ୟୂତୀରନ୍ୱନୁ ଗବ୍ୟୂତୀଗବ୍ୟୂତୀରନୁ ।। ଅନ୍ୱିତ୍ୟନୁ ଅନ୍ୱିତ୍ୟନୁ ।।
ଇଚ୍ଛଂତୀରୁରୁଚକ୍ଷସଂ । ଉରୁଚକ୍ଷସମୁରୁଚକ୍ଷସଂ । ଉରୁଚକ୍ଷସମିଚ୍ଛଂତୀଃ । ଇଚ୍ଛଂତୀରିଚ୍ଛଂତୀଃ । ଇଚ୍ଛଂତୀରୁରୁଚକ୍ଷସଂ ।।
ଇଚ୍ଛଂତୀରୁରୁଚକ୍ଷସମୁରୁଚକ୍ଷସମିଚ୍ଛଂତୀରିଚ୍ଛଂତୀରୁରୁଚକ୍ଷସଂ ।।

Not for Commercial Use

- ଯେଉଁମାନେ ବେଦପାଠ କରନ୍ତି, ସେମାନଙ୍କୁ "**ପାଠିନୀ**" କୁହନ୍ତି ।
- ଯେଉଁମାନେ "କ୍ରମପାଠ" କରନ୍ତି, ସେମାନଙ୍କୁ "**କ୍ରମବିଦ୍**" କୁହନ୍ତି ।
- ଯେଉଁମାନେ "ବିକୃତିପାଠ" କରନ୍ତି, ସେମାନଙ୍କୁ "**ପଙ୍କ୍ତିପାବନ**" କୁହନ୍ତି ।
- ଯେଉଁମାନେ ବେଦପାଠରେ ସ୍ନାତକ (ମାଷ୍ଟର) କରିଛନ୍ତି, ଅର୍ଥାତ ଯେଉଁମାନେ "ଘନପାଠ" ପଠନ କରିଜାଣିଛନ୍ତି, ସେମାନଙ୍କୁ "**ଘନପାଠିନୀ**" ବା "**ଘନପାଠୀ**" କୁହନ୍ତି।

ଏଠାରେ 'ପାଠିନୀ'ର ଅର୍ଥ, ବେଦମନ୍ତ୍ରମାନଙ୍କୁ ମୁଖସ୍ଥ କରି ପାଠ କରିବା । ସେଇଥିପାଇଁ ବେଦପାଠର "**ପ୍ରକୃତିପାଠ**" ଦ୍ୱାରା ବେଦମନ୍ତ୍ରମାନଙ୍କୁ ମନେରଖାଯାଏ । "**ବିକୃତପାଠ**"ଗୁଡିକୁ ବେଦମନ୍ତ୍ରସମୁହର ସଠିକ ଉଚ୍ଚାରଣ ଶୈଳୀର ଅକ୍ଷୁର୍ଣ୍ଣତା ରଖିବାପାଇଁ ବା ବେଦମନ୍ତ୍ରସମୁହର ରକ୍ଷା କରିବାପାଇଁ ତିଆରି କରାଯାଇଥିଲା । ସେଥିପାଇଁ ବେଦମନ୍ତ୍ରସମୁହ ଆଦିକାଳରୁ ଯେପରି ଉଚ୍ଚାରଣ ହେଉଥିଲା, ସେହିପରି ଏବେ ମଧ୍ୟ ଉଚ୍ଚାରଣ ହୋଇଆସୁଅଛି । ତେଣୁ ଉପରୋକ୍ତ ବେଦପଠନ ପଦ୍ଧତିରୁ ବୁଝିହୁଏ ଯେ, - ବେଦପଠନ ସହଜ ନୁହେଁ ଓ ଏଥିପାଇଁ ଗୁରୁଙ୍କର କିପରି ଅତ୍ୟନ୍ତ ଆବଶ୍ୟକତା ରହିଛି । ଆଉ ବୁଝିହୁଏ ଯେ - ଯଦି ଜଣେ ସଂପୂର୍ଣ୍ଣ ଜୀବନ ଉତ୍ସର୍ଗ ନକରେ, ତେବେ ଏକ ଜନ୍ମ ମଧ୍ୟ ପର୍ଯ୍ୟାପ୍ତ ନୁହେଁ ଏସବୁ ପଦ୍ଧତିରେ ପଠନ କରିବାପାଇଁ ।

ଆପଣମାନେ ଲକ୍ଷ୍ୟ କରିଥିବେ, ବେଦପାଠ ହେଲା ବେଳେ, ବେଦମନ୍ତ୍ରମାନଙ୍କ ସହିତ, ଅନେକ ଅନ୍ୟ ମନ୍ତ୍ରସମୁହ ପଢାଯାଇଥାଏ, ବିଶେଷକରି ଅଧ୍ୟାୟ ଆରମ୍ଭରେ, ବା ଅଧ୍ୟାୟ ବା ଅଷ୍ଟକ ଶେଷରେ ବା ବେଳେ ବେଳେ ବେଦମନ୍ତ୍ର ମଧ୍ୟରେ ପଢାଯାଇଥାଏ । ଏହାକୁ "**ପରିଶିଷ୍ଟ ମନ୍ତ୍ର**" କୁହନ୍ତି । 'ପରିଶିଷ୍ଟ ମନ୍ତ୍ର' ସମୁହ ବେଦମନ୍ତ୍ର ନୁହଁନ୍ତି । ଏହାକୁ ବେଦପାଠର ସଂସ୍କାର କୁହାଯାଏ ।

ଏହିସବୁ ପଠନ ପଦ୍ଧତି, ଅତି ଛୋଟ ବୟସରୁ ଶିକ୍ଷା କରାଯାଇଥାଏ, ସେଥିପାଇଁ ଛାତ୍ରମାନେ ଭଲକରି ବୁଝି ସାରିଥାଆନ୍ତି ଯେ, ଭବିଷ୍ୟତରେ ବେଦରୁ କଣ ସଂଗ୍ରହ କଲେ ଏକ ବେଦବିଷାରଦ ହୋଇହେବ । ସେଥିପାଇଁ ପର ସମୟରେ ସେମାନେ, ବ୍ୟାକରଣ, ଛନ୍ଦ

Not for Commercial Use

ଶାସ୍ତ୍ର, ସଂସ୍କୃତ ଶବ୍ଦର ଉତ୍ପତ୍ତି, ଶବ୍ଦ ନିର୍ବାଚନ, ତାହାର ଅର୍ଥ, କର୍ମକାଣ୍ଡ, ଅନୁଷ୍ଠାନ ପରମ୍ପରା, ଓ ଦର୍ଶନଶାସ୍ତ୍ର ଇତ୍ୟାଦିର ଶିକ୍ଷା କରିଥାନ୍ତି । ସେଥିରୁ ସେମାନେ ବେଦମନ୍ତ୍ର – କ'ଣ, କିଏ, କହିଁକି, କେତେବେଳେ, କିପରି, କେଉଁଥିପାଇଁ ଇତ୍ୟାଦିର ଜ୍ଞାନ ହାସଲ କରିଥାନ୍ତି, ଯାହାକି  ବେଦମନ୍ତ୍ରର ପ୍ରୟୋଗ କରିବାରେ ସାହାଯ୍ୟ କରେ । ବେଦମନ୍ତ୍ରର ପ୍ରୟୋଗ ଏକ ନିର୍ଦ୍ଦିଷ୍ଟ ବୟସ ପରେ ଶିକ୍ଷା ଦିଆଯାଇଥାଏ ।

ଉପରୋକ୍ତ ପଠନ ପଦ୍ଧତି '**ମନ୍ଦିର ପୂଜାରୀ**' ବା '**ଗୃହକର୍ମ ପୁରୋହିତ**' ମାନଙ୍କପାଇଁ ପ୍ରଯୁଜ୍ୟ ନୁହେଁ । ସେମାନେ ବେଦମନ୍ତ୍ର ଉଚ୍ଚାରଣ ଗୁଡିକ ସରଳ ଭାବରେ, ସ୍ୱର ସହିତ, ସମ୍ପୂର୍ଣ୍ଣ ବା ଅଳ୍ପ କିଛି ଶ୍ଳୋକ ଶିକ୍ଷା କରିବା ଉଚିତ ।

ଏହା କୁହାଯାଏ ଯେ - ଏହି ବେଦପଠନ ପଦ୍ଧତିରୁ ସଂଗୀତର ସୃଷ୍ଟି ହୋଇଛି । ଏହାର ପ୍ରମାଣ ମଧ୍ୟ ବାସ୍ତବିକ ଜୀବନରେ ମିଳେ । ଆପଣମାନେ ଲକ୍ଷ୍ୟ କରିଥିବେ ଯେ - ଯେଉଁମାନେ ସଂଗୀତ ସାଧନା କରନ୍ତି ସେମାନେ ଠିକ୍ ଏହିପରି ବେଦପଠନ ପଦ୍ଧତିରେ ସାଧନା କରନ୍ତି । ଉଦାହରଣ ସ୍ୱରୂପ - **ସା ରେ ଗା ମା ପା ଧା ନି ସା** । ଏହାକୁ "**ସଂହିତା ପାଠ**" କଲେ - ସା-ରେ-ଗା-ମା-ପା-ଧା-ନି-ସା । ଏହାକୁ "**କ୍ରମ ପାଠ**" କଲେ - ସା,ରେ । ରେ, ଗା । ଗା, ମା । ମା, ପା । ପା, ଧା । ଧା, ନି । ନି, ସା ।। ଏହିଭଳି ବେଦପଠନର ସମସ୍ତ ପଦ୍ଧତିରେ ଅନେକ ପ୍ରକାରର ମିଶ୍ରଣ ହୋଇଥାଏ;  ଯଥା - ସାସା, ରେରେ, ଗାଗା, ମାମା....., ସାରେଗା, ରେଗାମା, ଗାମାପା ......, ସାଗା, ରେମା, ଗାପା ....., ସାମା, ରେଧା, ଗାନି..... , ଏହିଭଳି ଅନେକ ।

ଆଗରୁ ଆମେ ଆଲୋଚନା କରିସାରିଛେ ଯେ - ଯଦି ବେଦମନ୍ତ୍ର ମାନଙ୍କର ସଠିକ ଉଚ୍ଚାରଣ କରାନଯାଏ, ତାହାର ଅର୍ଥ, ଶକ୍ତି, ଓ ଫଳ ବଦଳିଯିବ ବା ନଷ୍ଟ ହୋଇଯିବ । ତେଣୁ ଏଥିରୁ ବୁଝି ହୁଏ ଯେ - ମୂଳ ହେଉଛି "**ଧ୍ୱନି**", ଏହି ବେଦମନ୍ତ୍ରର ଉଚ୍ଚାରଣକୁ "**ଦୈବଧ୍ୱନି**" କୁହନ୍ତି । ସେଇଥିପାଇଁ ଏହି ମନ୍ତ୍ରମାନଙ୍କର ଧ୍ୱନିକୁ ସବୁଦିନ ପାଇଁ ବଞ୍ଚେଇ ରଖିବାର ପ୍ରୟାସର ରୂପ ହେଉଛି, ସଠିକ ବେଦପଠନ, ଓ ସେଥିପାଇଁ ଉପରୋକ୍ତ ପଠନ ପଦ୍ଧତିର

Not for Commercial Use

ଅତ୍ୟନ୍ତ ଆବଶ୍ୟକ ଥିଲା । ସେଇଥିପାଇଁ ପର ସମୟରେ ଏହାର ରକ୍ଷା ପାଇଁ "**ବେଦାଙ୍ଗ**" ଓ ପରେ "**ପ୍ରାତିଶାକ୍ଷ୍ୟ**" ରଚନା କରାଗଲା ।

ବେଦମନ୍ତ୍ରର ଶକ୍ତି ତାହାର '**ଦୈବଧ୍ୱନି**'ରେ ଅଛି । ବେଦାନ୍ତ ସାହିତ୍ୟ ସ୍ୱଷ୍ଟ ଭାବରେ ଏହି ଦୈବଧ୍ୱନିକୁ ଅଧ୍ୟାତ୍ମିକ ଚେତନାରେ ବ୍ୟବହାର କରିଆସୁଅଛି । ବୃହଦାରଣ୍ୟକ ଉପନିଷଦ (୧.୨.୪) ରେ କୁହାଯାଇଛି ଯେ -"**ତାଙ୍କ** (ବ୍ରହ୍ମ) **ଉଚ୍ଚାରଣରୁ ବ୍ରହ୍ମାଣ୍ଡର ସୃଷ୍ଟି**" । ଏହି ମନ୍ତ୍ର ବା ପବିତ୍ରଧ୍ୱନି ଦ୍ୱାରା ମନୁଷ୍ୟର ଆନୁଭୁତିକ, ମାନସିକ ତଥା ବୁଦ୍ଧିସ୍ତରକୁ ଜାଗ୍ରତ ଓ ପବିତ୍ର କରି ଆଧ୍ୟାତ୍ମିକତାକୁ ଉଜାଗର କରାଯାଏ । ଏକଥା "ବେଦାନ୍ତ-ସୂତ୍ର" (୪.୨୨) ରେ ମଧ୍ୟ କୁହାଯାଇଛି - "**ଧ୍ୱନିର କମ୍ପନରୁ ହିଁ ମୁକ୍ତି ବା ମୋକ୍ଷ ମିଳେ**" । "ମୈତ୍ରି ଉପନିଷଦ" (୬.୨୨)ରେ ଏହାକୁ "**ଶବ୍ଦବ୍ରହ୍ମ**" ଅର୍ଥାତ, "ଶବ୍ଦରୁ ବ୍ରହ୍ମାଣ୍ଡ ତିଆରି" । ଏହା କୁହାଯାଇଛି - "**ଯିଏ ବ୍ରହ୍ମଶବ୍ଦ** (ଦୈବଧ୍ୱନି)**କୁ ସଠିକ ଉଚ୍ଚାରଣ କରିପାରେ, ସେ ପରଂବ୍ରହ୍ମକୁ ପ୍ରାପ୍ତ କରେ**"।

'ଆଚାର୍ଯ୍ୟ କାତ୍ୟାୟନ' ଶବ୍ଦବ୍ରହ୍ମ ଉପରେ ଋକ୍-ବେଦର ୪.୫୮.୩ ଶ୍ଲୋକ ବ୍ୟବହାର କରି ଏହାର ବ୍ୟାଖ୍ୟା କରିଛନ୍ତି ।

"ଚତ୍ୱାରି ଶୃଙ୍ଗା ତ୍ରୟୋ ଅସ୍ୟ ପାଦା ଦ୍ୱେ ଶୀର୍ଷେ ସପ୍ତ ହସ୍ତାସୋ ଅସ୍ୟ ।
ତ୍ରିଧା ବଦ୍ଧୋ ବୃଷଭୋ ରୋରବୀତି ମହୋ ଦେବୋ ମର୍ତ୍ତ୍ୟା ଆ ବିବେଶ ।।"

"ତା'ର ୪ଟି ଶିଙ୍ଗ, ୩ଟି ପାଦ, ୨ଟି ମୁଣ୍ଡ ଓ ୭ଟି ହାତ ଅଛି, ଯିଏ ବୃଷ ଭଳି ୩ଗୁଣ ଉଚ୍ଚ ଶବ୍ଦ କରେ, ପରଂବ୍ରହ୍ମ ତାଙ୍କ (ମନୁଷ୍ୟ) ମଧ୍ୟରେ ପ୍ରବେଶ କରେ" ।

'ଆଚାର୍ଯ୍ୟ କାତ୍ୟାୟନ' ଏହାକୁ ବ୍ୟାଖ୍ୟା କରିଛନ୍ତି ଯେ - '୪ଟି ଶିଙ୍ଗ' ହେଉଛି "୪ଟି ଶବ୍ଦର ପ୍ରକାର - **କର୍ତ୍ତା**, **କ୍ରୀୟା**, **ପୂର୍ବସର୍ଗ**, ଓ **ନିୟତ** ବା କଣ"; ଏହାର "୩ଟି ପାଦ" ହେଉଛି "୩ଟି କାଳ - **ଅତୀତ**, **ବର୍ତମାନ**, ଓ **ଭବିଷ୍ୟତ**"; "୨ଟି ମୁଣ୍ଡ" ହେଉଛି "**ଚିରଂତନ** ଓ **ଅସ୍ଥାୟୀ** ଶବ୍ଦ - **ପ୍ରକଟିତ** ଓ **ପ୍ରକଟିତକାରୀ** ବୋଲି ଦର୍ଶାଯାଇଛି"; ""୭ଟି ହାତ" ହେଉଛି "**୭ଟି ପ୍ରତ୍ୟୟର**



Not for Commercial Use

**ଯୋଗ**"; "୩ଗୁଣ" ହେଉଛି "୩ଟି ଅଙ୍ଗ - **ଛାତି**, **କଣ୍ଠ** ଓ **ମୁଣ୍ଡ**"; "ବୃଷ" ସେ କଲ୍ପନା କରିଛନ୍ତି "**ଜ୍ଞାନ ଦ୍ୱାରା ଯେ ଫଳ ପ୍ରଦାନ କରେ**"; "ଉଚ୍ଚଶବ୍ଦ" ହେଉଛି "**ବଡ଼ ପାଟିରେ ଧ୍ୱନି ଉଚ୍ଚାରଣ କରିବା**"; "ପରଂବ୍ରହ୍ମ ମନୁଷ୍ୟ ମଧ୍ୟରେ ପ୍ରବେଶ କରେ" ଅର୍ଥାତ, "**ଯେ ଏ ସମସ୍ତ ବ୍ୟବହାର କରି ଧ୍ୱନି ଉଚ୍ଚାରଣ କରେ, ତାଙ୍କ ଶରୀରରେ ପରଂବ୍ରହ୍ମ ପ୍ରବେଶ କରନ୍ତି**" ।

## ବେଦପଠନ ରେ ମୁଦ୍ରା ଓ ଅବସ୍ଥାନ

ଏବେ ଆମେ 'ବେଦପଠନ'ର ପଦ୍ଧତି ଓ ମହତ୍ୱ ବିଷୟରେ ସମ୍ୟକ ଜାଣିଲେ । 'ବେଦପାଠ' ସମୟରେ କିଛି ଆଚାର, ଅନୁଶାସନ ଓ ନିୟମ ଅନୁସରଣ କରିବାକୁ ପଡିଥାଏ । ସେମାନଙ୍କ ମଧ୍ୟରେ "**ମୁଦ୍ରା**" ଅନ୍ୟତମ । ବେଦପଠନ ପଦ୍ଧତିର ଶିକ୍ଷା କରିବା ବେଳେ ଅବସ୍ଥାନ, ହସ୍ତ, ମୁଣ୍ଡ, ପାପୁଲି ଓ ଆଙ୍ଗୁଳିର ସଂଚାଳନା ହୋଇଥାଏ, ଯାହା ମନ୍ତ୍ର ମନେରଖିବା ପାଇଁ ସାହାଯ୍ୟ କରିଥାଏ । ଏହା ବେଦପଠନର ସ୍ୱର ସହିତ ସଂଶ୍ଲିଷ୍ଟ । ବେଦପଠନ ସମୟରେ ଅଙ୍ଗ ଚାଳନା କେମିତି ହୋଇଥାଏ ତଳେ ଦିଆଗଲା ।

**ଅବସ୍ଥାନ –**

- **ଗମ୍ଭୀରତା** - ବସିବା ଶୈଳୀ, ଯୋଗାସନ ହେବା ଦରକାର । ବେକ ଓ ପିଠି ସିଧା ହେବା ଦରକାର । ଶରୀରର ସଂଚାଳନ (ମୁଭମେଣ୍ଟ୍) ନହେବା ଦରକାର ।

**ସ୍ୱର ପ୍ରବଳତା –**

- **ଉଚ୍ଚ** - ଯେତେବେଳେ ସମୁଦାୟରେ ପଢାଯାଏ । ଯେତେବେଳେ ମନ୍ତ୍ର ପ୍ରୟୋଗ କରାଯାଏ ।
- **ମଧ୍ୟମ** - ଯେତେବେଳେ ଅଭ୍ୟାସ କରାଯାଏ ।
- **ସ୍ୱଳ୍ପ** - ଯେତେବେଳେ ନିଜ ପାଇଁ ପଢାଯାଏ ।

**ମୁଦ୍ରା –**

**ହସ୍ତ:**- (ହସ୍ତର ସ୍ଥିତି - ଶରୀର ସହିତ ୯୦ ଡିଗ୍ରି)

- **ଉଦାତ୍ତ** - ଦକ୍ଷିଣ ହସ୍ତରୁ କାନ୍ଧ ଆଡ଼କୁ ।
- **ଅନୁଦାତ୍ତ** - ହସ୍ତ ଆଣ୍ଠୁ ଆଡ଼କୁ ।
- **ସ୍ୱରିତ** - ହସ୍ତ ୪୫ ଡିଗ୍ରିରେ ଶରୀର ଆଡ଼କୁ ।

Not for Commercial Use

**ମୁଣ୍ଡ:-**

- **ଉଦାତ୍ତ** - ମୁଣ୍ଡ ଟିକେ ଉପରକୁ ସଂଚାଳନ କରିବା ।
- **ଅନୁଦାତ୍ତ** - ମୁଣ୍ଡ ଟିକେ ତଳକୁ ସଂଚାଳନ କରିବା ।
- **ସ୍ୱରିତ** - ମୁଣ୍ଡ ଟିକେ ପାର୍ଶ୍ୱକୁ ସଂଚାଳନ କରିବା ।

**ପାପୁଲି:-**

- **ଉଦାତ୍ତ** - ପାପୁଲି ଟିକେ ଉପରକୁ ସଂଚାଳନ କରିବା ।
- **ଅନୁଦାତ୍ତ** - ପାପୁଲି ଟିକେ ତଳକୁ ସଂଚାଳନ କରିବା ।
- **ସ୍ୱରିତ** - ପାପୁଲି ସମାନ୍ତରାଳରେ ଦକ୍ଷିଣକୁ ସଂଚାଳନ କରିବା ।

**ଅଙ୍ଗୁଳି:-**

- **ଉଦାତ୍ତ** - ବୃଦ୍ଧାଙ୍ଗୁଷ୍ଠି ତର୍ଜନୀ ଅଙ୍ଗୁଷ୍ଠି ଉପରେ ରଖିବା ।
- **ଅନୁଦାତ୍ତ** - ବୃଦ୍ଧାଙ୍ଗୁଷ୍ଠି କନିଷ୍ଠାଙ୍ଗୁଷ୍ଠି ଉପରେ ରଖିବା ।
- **ସ୍ୱରିତ** - ବୃଦ୍ଧାଙ୍ଗୁଷ୍ଠି ଅନାମିକାଙ୍ଗୁଷ୍ଠି ବା ମୁଦ୍ରିକାଙ୍ଗୁଷ୍ଠି ଉପରେ ରଖିବା ।

**ଖାଦ୍ୟପେୟ** - ସାତ୍ତ୍ୱିକ ଆହାର ।

## ଭାରତରେ ବେଦପଠନର ପଦ୍ଧତି ଓ ଶୈଳୀ

ଭାରତରେ 'ବେଦପଠନ'ର ପଦ୍ଧତି ଓ ଶୈଳୀ ମୁଖ୍ୟତଃ ୩ଟି ଭାଗରେ ଜଣା ।

**ଉତ୍ତର ଭାରତୀୟ** - (ମହାରାଷ୍ଟ୍ର, ଗୁଜୁରାଟ, ଓଡ଼ିଶା, ବିହାର, ଉତ୍ତର ଭାରତ ଓ ଉତ୍ତରପୂର୍ବ ଭାରତ ଇତ୍ୟାଦି )

**ଦକ୍ଷିଣ ଭାରତୀୟ** - ( ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ, ତାମିଲନାଡୁ )

**କେରଳ** - (ନମ୍ବୁଦ୍ରି ବ୍ରାହ୍ମଣ)

**ଉତ୍ତର ଭାରତୀୟ –** ଉତ୍ତର ଭାରତରେ ମୁଖ୍ୟତଃ "ନାରାୟଣ ଶିକ୍ଷା" ଅନୁସରଣ କରିଥାନ୍ତି । ଏଠାରେ ମୁଖ୍ୟତଃ 'ଯଜୁର୍ବେଦ'ର ମାଧ୍ୟନ୍ଦିନୀ ସଂହିତା, 'ଋକ୍-ବେଦ'ର 'ଶାକଲ ସଂହିତା', 'ସାମବେଦ'ର 'କୌଥୁମ ଓ ରଣାୟନୀୟ ସଂହିତା', ଓ 'ଅଥର୍ବବେଦ' ପଠନ କରାଯାଏ । ଅନ୍ୟ ସଂହିତାମାନଙ୍କର ମଧ୍ୟ ପଠନ କରାଯାଇଥାଏ, କିନ୍ତୁ ମୁଖ୍ୟତଃ ଉପରୋକ୍ତ ଗୁଡିକ ।

Not for Commercial Use

**ଦକ୍ଷିଣ ଭାରତୀୟ –** ଦକ୍ଷିଣ ଭାରତରେ ମୁଖ୍ୟତଃ "ଯାଜ୍ଞବଲ୍କ୍ୟ ଶିକ୍ଷା" ଅନୁସରଣ କରିଥାନ୍ତି । ଏଠାରେ ମୁଖ୍ୟତଃ 'ଯଜୁର୍ବେଦ'ର 'ତୈତ୍ତିରୀୟ ସଂହିତା', 'ଋକ୍-ବେଦ'ର 'ଶାକଲ ସଂହିତା', 'ସାମବେଦ'ର 'ଜୈମିନୀୟ ସଂହିତା' ପଠନ କରାଯାଏ । 'ଅଥର୍ବବେଦ'ର ପଠନ କରାଯାଏ ନାହିଁ । ଅନ୍ୟ ସଂହିତାମାନଙ୍କର ମଧ୍ୟ ପଠନ କରାଯାଇଥାଏ, କିନ୍ତୁ ମୁଖ୍ୟତଃ ଉପରୋକ୍ତ ଗୁଡିକ ।

**କେରଳ –** କେରଳ (ନମ୍ବୁଦ୍ରି ବ୍ରାହ୍ମଣ)ରେ ମୁଖ୍ୟତଃ "ଶୌନକ ଶିକ୍ଷା" ଅନୁସରଣ କରିଥାନ୍ତି । ଏଠାରେ ମୁଖ୍ୟତଃ 'ଯଜୁର୍ବେଦ'ର 'ତୈତ୍ତିରୀୟ ସଂହିତା', 'ଋକ୍-ବେଦ'ର 'ବାଶକଲ ସଂହିତା', 'ସାମବେଦ'ର 'ଜୈମିନୀୟ ସଂହିତା' ପଠନ କରାଯାଏ ଓ 'ଅଥର୍ବବେଦ'ର ପଠନ କରାଯାଏ। କିନ୍ତୁ ଏଠିକାର ଉଚ୍ଚାରଣ ଓ ଶୈଳୀ ଦକ୍ଷିଣ ଭାରତୀୟଙ୍କ ଉଚ୍ଚାରଣ ଓ ଶୈଳୀ ଠାରୁ ଅଲଗା । ଅନ୍ୟ ସଂହିତାମାନଙ୍କର ମଧ୍ୟ ପଠନ କରାଯାଇଥାଏ, କିନ୍ତୁ ମୁଖ୍ୟତଃ ଉପରୋକ୍ତ ଗୁଡିକ ।

ଜଣେ ସାଧାରଣ ମଣିଷ, ଯାହାର 'ବେଦପଠନ' ବିଷୟରେ ଜ୍ଞାନ ନାହିଁ, ସେ, ଏମାନଙ୍କ ବେଦପଠନରୁ କିଛି ପାର୍ଥକ୍ୟ ଜାଣିପାରିବ ନାହିଁ ।

## ।। ଇତି ବେଦପଠନ ।।

ଏବେ ଆମେ ବେଦପଠନର ପ୍ରକାର, ପଦ୍ଧତି, ତା'ର ମହତ୍ୱ, ଅନୁଶାସନ, ଓ ମୁଦ୍ରା ବିଷୟରେ ଜାଣିଲେ । ଏବେ ଆଗକୁ ପ୍ରତ୍ୟେକ 'ବେଦ' ଆଲୋଚନା କରିବା ପୂର୍ବରୁ, ଆଉ କିଛି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଜାଣିବା ଅତ୍ୟନ୍ତ ଆବଶ୍ୟକ ।

Not for Commercial Use

# ବୈଦିକ ମନ୍ତ୍ର, ତାହାର ଅର୍ଥ ଓ ସଂଦେଶ

ସଂସ୍କୃତର '**ଅମରକୋଷ**'ରେ 'ମନ୍ତ୍ର'ର ୨ଟି ଅଂଶ ଅଛି ବୋଲି କୁହାଯାଇଛି । ସେ ହେଲେ - "**ଧାତୁ**" (ମନ୍) ଓ କ୍ରିତ୍ "**ପ୍ରତ୍ୟୟ**" (ଘଞ୍) । "**ପାଣିନି**" 'ଧାତୁ ମନ୍'କୁ - "ଗୁପ୍ତ ପରିଭାଷଣ" ଅର୍ଥାତ, "**ସୁରକ୍ଷିତ ବା ଗୁପ୍ତ ବାଣୀ**" ଓ 'କ୍ରିତ୍ ପ୍ରତ୍ୟୟ ଘଞ୍', **କର୍ମ ବା ଭାବ**କୁ ଦର୍ଶାଇଥାଏ ବୋଲି କହିଛନ୍ତି । ସରଳରେ ବୁଝିବାକୁ ହେଲେ - 'ମନ୍ତ୍ର' ହେଉଛି - ଏକ ସୁରକ୍ଷିତ ବା/ଓ ଗୁପ୍ତ ବାଣୀ, ଯାହାକି ଭାବ ପ୍ରକାଶ କରିଥାଏ, ବା କର୍ମରେ ବ୍ୟବହାର କରାଯାଇଥାଏ ।

ଆଉ କେହି କେହି ଏହାକୁ ଏହିଭଳି ବ୍ୟାଖ୍ୟା କରିଛନ୍ତି ଯେ - "ମନ୍ତ୍ର" ହେଉଛି ୨ଟି ଶବ୍ଦର ମିଶ୍ରଣ । "**ମନ୍**" (ମାନସ)ର ଅର୍ଥ "ଜାଣିବାକୁ" "**ତ୍ର**"ର ଅର୍ଥ "ଉପକରଣ ବା ରକ୍ଷା କରିବା" । ଅର୍ଥାତ 'ମାନସର ରକ୍ଷାକରିବା' ବା 'ଜିଜ୍ଞାସାକୁ ରକ୍ଷାକରିବା' ବା 'ମାନସର ଉପକରଣ'।

## ବୈଦିକ ମନ୍ତ୍ର

ପ୍ରାଚୀନ କାଳରେ, ବ୍ରହ୍ମାଣ୍ଡର ଉତ୍ପତ୍ତି, ତାହାର କ୍ରମାଗତ ଉନ୍ନତି ଓ ତାହାର କାର୍ଯ୍ୟକଳାପ ପଦ୍ଧତି ସମ୍ବନ୍ଧୀୟ "ଜ୍ଞାନ" କିଛି ଦିବ୍ୟପୁରୁଷମାନଙ୍କ ମନରେ ଧ୍ୟାନ ଓ ସାଧନା ସମୟରେ ଉଦୟ ହେଲା । ଯେତେବେଳେ ସେହି 'ଦିବ୍ୟ-ଜ୍ଞାନ' ସମୁହ ସେହି ମହାନଆତ୍ମା ଋଷିମାନଙ୍କ ଦ୍ଵାରା ମୌଖିକ ରୂପରେ ଅଭିବ୍ୟକ୍ତ ହେଲା, ତାହାକୁ "ବ୍ରହ୍ମଣ" କୁହାଗଲା, ଯେଉଁଟା "ମନ୍ତ୍ର" ବା “ଶ୍ଳୋକ” ଭାବରେ ଜଣାହେଲା । ସେହି ମନ୍ତ୍ରମାନଙ୍କୁ "**ବୈଦିକମନ୍ତ୍ର**" କୁହାଯାଏ ଓ ଯେଉଁମାନେ ସେ ସବୁ ମନ୍ତ୍ରମାନଙ୍କୁ ପରିପ୍ରକାଶ କରିଥିଲେ, ସେମାନଙ୍କୁ "ବୈଦିକଋଷି" ବା "ମନ୍ତ୍ରଦ୍ରଷ୍ଟା" କୁହାଯାଏ । ପ୍ରଥମେ ସେହି ମନ୍ତ୍ରସମୁହ "**ବେଦତ୍ରୟୀ**" (ଋକ୍, ସାମନ୍, ଯଜୁସ୍) ଭାବରେ ଜଣାହେଲେ, ଓ ସମୟାନୁକ୍ରମେ ସେଥିରେ 'ଅଥର୍ବ' ମନ୍ତ୍ରସମୁହ ଯୋଗ ହେଲା ପରେ, ଏହା "**ଚତୁର୍ବେଦ**" ନାମରେ ପରିଚିତ ହୋଇଆସୁଅଛି ।

Not for Commercial Use

ଏହି ୪ଟି ବେଦ - ଋକ୍-ବେଦ, ସାମବେଦ, ଯଜୁର୍ବେଦ ଓ ଅଥର୍ବବେଦ ମାନଙ୍କର ମନ୍ତ୍ର ସମୁହ "**ବେଦମନ୍ତ୍ର**" ଭାବରେ ଜଣା । ଏ ସମସ୍ତ ବେଦର 'ବେଦମନ୍ତ୍ର'ମାନଙ୍କରେ ମୁଖ୍ୟତଃ **୯ ପ୍ରକାରର ଭାବ** ଅନ୍ତର୍ନିହିତ ଥାଏ । ସେଗୁଡିକ ହେଲେ - **ପ୍ରଶଂସା, ନିନ୍ଦା, ପରକ୍ରିତୀ, ଦୌରାତ୍ମ୍ୟ, କାଳ, ସନ୍ଦେହ, ଉତ୍କଣ୍ଠା, ଉପାଖ୍ୟାନ,** ଓ **ଆଶା** । ଏହି ୯ ପ୍ରକାରର ଭାବ, **୨୪ଟି ଲକ୍ଷଣ** ଦ୍ଵାରା ବିଭିନ୍ନ ମାର୍ଗରେ ପରିପ୍ରକାଶ ହୋଇଥାଏ - ଯଥା ପ୍ରଶଂସା, ସ୍ତୁତି, କୃର,ଉପହସ, ବିବେକ, ଆବେଗ, ପ୍ରତିଷ୍ଠା, ପ୍ରଶ୍ନ, ଉତ୍ସର୍ଗ, ସତ୍ୱ, ଆକ୍ଷେପ, ନିର୍ବଚନ, ପ୍ରତିବାଦ, ତ୍ୟାଗ, ଅଭ୍ୟାସ, ଆଖ୍ୟାନ, ସଙ୍ଗଠନ, ଶ୍ରେଷ୍ଠ, କାଳ, ପ୍ରତିବନ୍ଧ, ପ୍ରଚାର, ପ୍ରାର୍ଥନା, ଅଳ୍ପହାସ, ଓ ବିଷାଦ । ଏସବୁ ଲକ୍ଷଣଗୁଡିକ ମନ୍ତ୍ରର ଅର୍ଥ ବ୍ୟାଖ୍ୟା କରିବାରେ ସାହାଯ୍ୟ କରିଥାଏ ।

ଆଚାର୍ଯ୍ୟ ଯକ୍ଷଙ୍କ 'ନିରୁକ୍ତ' ଅନୁସାରେ, ବେଦମନ୍ତ୍ରମାନଙ୍କ ମଧ୍ୟରେ -

- କିଛି ମନ୍ତ୍ରରେ କେବଳ ସ୍ତୁତି ରହିଥାଏ କିନ୍ତୁ କାମନା ରହି ନଥାଏ । ଉଦାହରଣ (ଋ.ବେ - ୧.୩୨.୧) ।
- କିଛି ମନ୍ତ୍ରରେ କେବଳ କାମନା ରହିଥାଏ କିନ୍ତୁ ସ୍ତୁତି ରହି ନଥାଏ । ଏହି ପ୍ରକାରର ମନ୍ତ୍ରମାନ ଯଜୁର୍ବେଦ ବା ଯାଜ୍ଞିକ ମନ୍ତ୍ରମାନଙ୍କରେ ଅଧିକାଂଶ ମିଳିଥାଏ । ଉଦାହରଣ ( ମାନବ. ଗୃ - ୧.୯.୨୫) ।
- ବେଳେ ବେଳେ ମନ୍ତ୍ରରେ ଶପଥ ନେବା ଓ ଅଭିଶାପ ଦେବା କଥା ରହିଥାଏ । ଉଦାହରଣ (ଋ.ବେ - ୭.୧୦୪.୧୫) ।
- ବେଳେ ବେଳେ ମନ୍ତ୍ରର ଅବସ୍ଥା ବିଶେଷର ବର୍ଣ୍ଣନ ଇଛା ରହିଥାଏ । ଉଦାହରଣ (ଋ.ବେ - ୧୦.୧୨୯.୨) ।
- ବେଳେ ବେଳେ ମନ୍ତ୍ରର ଅବସ୍ଥା ବିଶେଷରୁ ଜ୍ଞାନ ଉତ୍ପନ୍ନ ହୋଇଥାଏ । ଉଦାହରଣ (ଋ.ବେ - ୧୦.୯୫.୧୪) ।
- ବେଳେ ବେଳେ ମନ୍ତ୍ରରେ ନିନ୍ଦା ଓ ପ୍ରଶଂସା ରହିଥାଏ । ଉଦାହରଣ (ଋ.ବେ - ୧୦.୧୧୭.୬) ।

ଏହିପରି ବେଦମନ୍ତ୍ର ବିଷୟରେ, ଋଷିମାନଙ୍କର ଭିନ୍ନ ଭିନ୍ନ ପଭିପ୍ରାୟ ରହିଥାଏ ।

Not for Commercial Use

## ବୈଦିକ ମନ୍ତ୍ରର ଅର୍ଥ ଓ ସଂଦେଶ

ପ୍ରତ୍ୟେକ ବେଦମନ୍ତ୍ରରେ ୩ଟି ପ୍ରକାର ଅର୍ଥ ଓ ସଂଦେଶ ଅନ୍ତର୍ନିହିତ ଥାଏ । ଯଥା -

**୧. ଆଦିଭୌତିକ**

**୨. ଆଦିଦୈବତ**

**୩. ଆଧ୍ୟାତ୍ମିକ**

ଏହାର ବ୍ୟାଖ୍ୟା '**ଆଚାର୍ଯ୍ୟ ଯକ୍ଷ**', "ନିରୁକ୍ତ"ରେ ବର୍ଣ୍ଣନା କରିଛନ୍ତି ଯେ - ପ୍ରତ୍ୟେକ ବେଦମନ୍ତ୍ରର ୩ଟି ଅର୍ଥ ଓ ସଂଦେଶ ଅନ୍ତର୍ନିହିତ ଅଛି । ସେ ଏହାକୁ "**ଯାଜ୍ଞିକ**", "**ଦୈବତ**" ଓ "**ଆତ୍ମେୟ**" ବୋଲି କହିଛନ୍ତି ।

**୧. ଆଦିଭୌତିକ / ଯାଜ୍ଞିକ** – ଯେତେବେଳେ ଆମେ ମନ୍ତ୍ରକୁ 'ଆଦିଭୌତିକ' ବା 'ଯାଜ୍ଞିକ' ଅର୍ଥରେ ନେଲେ, ସେତେବେଳେ ଏହାର ଅର୍ଥ ହୁଏ - "ଯାହାକିଛି ଆମ ପାଖରେ ଅଛି, ତାହାକୁ ଆମେ ଐଶ୍ୱରୀୟ ଶକ୍ତି ପାଖରେ ସମର୍ପଣକଲେ" । ଆମେ ତାହାକୁ ତ୍ୟାଗକଲେ ଓ ସେଥିରୁ ମୁକ୍ତହେଲେ ।

**୨. ଆଦିଦୈବତ / ଦୈବତ** – ଯେତେବେଳେ ଆମେ ମନ୍ତ୍ରକୁ 'ଆଦିଦୈବତ' ବା 'ଦୈବତ' ଅର୍ଥରେ ନେଲେ, ସେତେବେଳେ ଏହାର ଅର୍ଥ ହୁଏ - "ଇଶ୍ୱର ଓ ଐଶ୍ୱରୀୟ ଶକ୍ତିକୁ ଖୁସିକରି ଆଶ୍ରିର୍ବାଦ ପାଇବା ଉଦ୍ଦେଶ୍ୟରେ, ଆମେ ଯାହାକିଛି କଲେ" ।

**୩. ଆଧ୍ୟାତ୍ମିକ / ଆତ୍ମେୟ** – ଯେତେବେଳେ ଆମେ ମନ୍ତ୍ରକୁ 'ଆଧ୍ୟାତ୍ମିକ' ବା 'ଆତ୍ମେୟ' ଅର୍ଥରେ ନେଲେ, ସେତେବେଳେ ଏହାର ଅର୍ଥ ହୁଏ - "ଆମେ ଏହାକୁ ଆତ୍ମା ଓ ପରଂଆତ୍ମାର ସମ୍ବନ୍ଧ ବୋଲି ମାନିଲେ ଓ ଅଧ୍ୟାତ୍ମିକ ଚେତନା ବା ସିଦ୍ଧି ପାଇଁ ମନ୍ତ୍ର ବ୍ୟବହାର କଲେ" ।

ଉଦାହରଣ ସ୍ୱରୂପ - ଯଦି ମନ୍ତ୍ରରେ "ପଶୁବଳି" କଥା ଲେଖାଅଛି; ଏହାର ଅର୍ଥ "**ଆଦିଭୌତିକ**"ରେ "ମଣିଷର ପଶୁ ପ୍ରବୃତିର ବଳି ଦେବା - ଯଥା - କ୍ରୋଧ, ଅହଂକାର, ହିଂସା, ଇତ୍ୟାଦି ପଶୁତ୍ୱ ଗୁଣଗୁଡିକୁ ତ୍ୟାଗ କରିବା" । ଏହାର ଅର୍ଥ "**ଆଦିଦୈବତ**"ରେ "କୁଶଳ ପାଇଁ

Not for Commercial Use

ପଶୁ ବଳିଦାନ କରିବା ବା ପଶୁ ସାଂକେତିକ (ବଡ଼ ଫଳ) ବଳିଦାନ କରିବା" । ଏହାର ଅର୍ଥ "**ଆଧ୍ୟାତ୍ମିକ**"ରେ "ପଶୁର ଜୀବାତ୍ମା, ପରଂଆତ୍ମାରେ ଲିନ ହେବା" ।

ଆଉ କେହି କେହି ଏହାକୁ ଏହିଭଳି ବ୍ୟାଖ୍ୟା କରିଛନ୍ତି ଯେ - "ମନ୍ତ୍ର" ଯେପରି ଲେଖାଯାଇଛି, ତାହାର ଅର୍ଥ ସେହିପରି ନେବା" ଯାହାକି "**ଆଦିଦୈବତ**" । "ମନ୍ତ୍ରର ବ୍ୟାଖ୍ୟା କରି, ତାହାର ଐଶ୍ୱରୀୟ ଅର୍ଥ କ'ଣ ହୋଇପାରେ, ତାହାର ଅର୍ଥ ସେହିପରି ନେବା" ଯାହାକି "**ଆଦିଭୌତିକ**"। "ମନ୍ତ୍ରର ବ୍ୟାଖ୍ୟା କରି, ତାହାର ଆଧ୍ୟାତ୍ମିକ ମୂଲ୍ୟ କ'ଣ ହୋଇପାରେ, ତାହାର ଅର୍ଥ ସେହିପରି ନେବା" ଯାହାକି "**ଆଧ୍ୟାତ୍ମିକ**" ।

ଅନେକ ଏହା ମାନନ୍ତି ଯେ, ସେଇଥିପାଇଁ ଆମେ ମନ୍ତ୍ର ଶେଷରେ **୩ଥର** ଶାନ୍ତିଃପାଠ କରିଥାଉ । ଯଥା - ଆଦିଭୌତିକ ଶାନ୍ତିଃ, ଆଦିଦୈବତ ଶାନ୍ତିଃ ଓ ଆଧ୍ୟାତ୍ମିକ ଶାନ୍ତିଃ ।

## ବୈଦିକ ଋଷି, ଛନ୍ଦ ଓ ଦେବତା

ପ୍ରତ୍ୟେକ ସୂକ୍ତ ବା ମନ୍ତ୍ର ବା ଶ୍ଳୋକ, ଏକ ବା ଏକ ରୁ ଅଧିକ ବୈଦିକ '**ଋଷି**'ମାନଙ୍କ ଦ୍ୱାରା, ଏକ ବା ଏକ ରୁ ଅଧିକ ବୈଦିକ '**ଦେବତା**'ଙ୍କ ଉଦେଶ୍ୟରେ, ଏକ ବା ଏକ ରୁ ଅଧିକ ବୈଦିକ '**ଛନ୍ଦ**'ରେ ଲେଖାଯାଇଛି ।

ତେଣୁ ବୈଦିକ ଋଷି, ବୈଦିକ ଦେବତା ଓ ବୈଦିକ ଛନ୍ଦ ବିଷୟରେ ଅଳ୍ପ ଅଧିକ ଜାଣିବା ।

### ବୈଦିକ ଋଷି

"ଋଷି"ଙ୍କର ସଂଜ୍ଞା ଅନେକ ଆଚାର୍ଯ୍ୟ, ବ୍ୟାକରଣଜ୍ଞ, ପଣ୍ଡିତ, ଓ ଋଷିମାନେ କରିଛନ୍ତି । "ଋଷି"ଙ୍କର ସଂଜ୍ଞା, 'ଋକ୍-ବେଦ' 'ସ୍ୱରାନୁକ୍ରମାଣୀ'ରେ (୧.୪), ଆଚାର୍ଯ୍ୟ ଶାୟଣଙ୍କ 'ବେଦଭାଷ୍ୟ'ରେ, ଆଚାର୍ଯ୍ୟ ଯକ୍ଷଙ୍କ 'ନିରୁକ୍ତ'ରେ (୨.୧୧), 'ଶତପଥ ବ୍ରାହ୍ମଣ'ରେ, 'ତୈତ୍ତିରୀୟ ଆରଣ୍ୟକା'ରେ, ପାଣିନିଙ୍କ 'ଅଷ୍ଟଧ୍ୟାୟୀ'ରେ, ଓ 'ଭାଗବତଗୀତା' ଇତ୍ୟାଦିରେ ଉପଲବ୍ଧ ଅଛି ।

Not for Commercial Use

ଏ ସମସ୍ତ ସାରାଂଶରୁ ଏହା ବୁଝିହୁଏ ଯେ, - ଋଷି ଜଣେ ଅସାଧାରଣ ମନୁଷ୍ୟ; ଯାହାଙ୍କ ନିକଟରେ ବୈଦିକମନ୍ତ୍ର ସମୁହ ପ୍ରକଟିତ ହୋଇଥିଲା; ଯିଏ ବୈଦିକମନ୍ତ୍ରମାନଙ୍କୁ ରଚନା କରିଥିଲେ; ଯିଏ ବୈଦିକମନ୍ତ୍ରମାନଙ୍କୁ ପାଠକରୁଥିଲେ, ଶୁଣୁଥିଲେ ଓ ପ୍ରୟୋଗ କରୁଥିଲେ; ଜଣେ ସାଧକ; ଜଣେ ତପସ୍ୱୀ; ଜଣେ କବି; ସେମାନଙ୍କର ନିର୍ଣ୍ଣାୟକ ଦୂରଦୃଷ୍ଟି ଥିଲା; ସେମାନଙ୍କର ଇନ୍ଦ୍ରିୟଗମ୍ୟ ଶକ୍ତିର ଜ୍ଞାନ ଥିଲା ଓ ପରମାନନ୍ଦ ଥିଲେ ।

ଋଷିମାନଙ୍କର **୭ଟି ପ୍ରମୁଖ ଗୁଣ** ବା ଚରିତ୍ର ଥାଏ ।

**୧. ଦୀର୍ଘଜୀବୀ** - ସେମାନଙ୍କର ଜୀବନ ସୀମା ସାଧାରଣ ମନୁଷ୍ୟଙ୍କ ଠାରୁ ଅଧିକ ।

**୨. ମନ୍ତ୍ରଦ୍ରଷ୍ଟା** - ତପ ଓ ସାଧନା ଦ୍ୱାରା ମନ୍ତ୍ରମାନଙ୍କୁ ଦେଖିପାରନ୍ତି ବା ଉପଲବ୍ଧି କରିପାରନ୍ତି।

**୩. ଐଶ୍ୱରୀୟ ଶକ୍ତି** - ସେମାନଙ୍କ ପାଖରେ ଇଶ୍ୱରଙ୍କ ପରି ଶକ୍ତି ଥାଏ, କିନ୍ତୁ କେବେ ନିଜପାଇଁ ବ୍ୟବହାର କରନ୍ତି ନାହିଁ ।

**୪. ଉଚ୍ଚପଦ** - ସମାଜରେ ସେମାନେ, ସେମାନଙ୍କର ଗୁଣ, ବୈଦିକ ଶିକ୍ଷା, ବୟସ ଓ ଅଭିଜ୍ଞତା ପାଇଁ ସର୍ବଦା ଉଚ୍ଚରେ ରୁହନ୍ତି ।

**୫. ଅଭ୍ୟସ୍ତବିଦ୍ୟ** - ସେମାନେ ଯାହା କୁହନ୍ତି ତାହା ପାଳନ କରନ୍ତି ଓ ଯାହା ପାଳନ କରନ୍ତି ତାହା କୁହନ୍ତି । ସେମାନଙ୍କର ବିଚାର, ବକ୍ତବ୍ୟ ଓ କର୍ମ ଗୋଟିଏ, ଯାହାକୁ **'ତ୍ରି କରଣ ଶୁଦ୍ଧି"** କୁହନ୍ତି ।

**୬. ଦିବ୍ୟ ଦୃଷ୍ଟି** - ସେମାନଙ୍କର ନିର୍ଣ୍ଣାୟକ ଦୂରଦୃଷ୍ଟି ଥାଏ, ଓ ସର୍ବଦା ସମାଜର ମଙ୍ଗଳ ପାଇଁ କାମ କରନ୍ତି ।

**୭. ଗୋତ୍ରପ୍ରବର୍ତ୍ତକ** - ମନୁଷ୍ୟର ବିବର୍ତ୍ତନ ସପ୍ତର୍ଷିମାନଙ୍କ ଠାରୁ ଆରମ୍ଭ, ସେମାନେ ଗୋତ୍ର, ବଂଶ ବା କୁଳର ଅଧିକାରୀ ।

Not for Commercial Use

## ଋଷିମାନଙ୍କର ପ୍ରକାର

'ବୁଦ୍ଧାୟନ ଧର୍ମଶାସ୍ତ୍ର' ଅନୁସାରେ ୧୧ ପ୍ରକାରର ଋଷି ଅଛନ୍ତି ।

**୧. ଶ୍ରୁତ ଋଷି** (ଶ୍ରୁତର୍ଷି) - ଯେଉଁମାନେ ବେଦମନ୍ତ୍ର ଗୁରୁଙ୍କ ଠାରୁ ଶ୍ରୁତି କରନ୍ତି ଓ ପାଠ କରନ୍ତି ।

**୨. କାଣ୍ଡ ଋଷି** (କାଣ୍ଡର୍ଷି) - ବେଦର ବିଭିନ୍ନ କାଣ୍ଡ, ବା ମଣ୍ଡଳ, ବା ଅଧ୍ୟାୟ ବା ଅଷ୍ଟକର ଅଧିକାରୀ ଋଷି ।

**୩. ତପ ଋଷି** (ତପର୍ଷି) - ଯେଉଁମାନେ ମୋକ୍ଷ ପାଇଁ ତପସ୍ୟା କରନ୍ତି ।

**୪. ସତ୍ୟ ଋଷି** (ସତ୍ୟର୍ଷି) - ଯେଉଁମାନେ ସତ୍ୟତାର ଶିକ୍ଷା କରନ୍ତି ।

**୫. ଦେବ ଋଷି** (ଦେବର୍ଷି) - ଋଷି, ଯେଉଁମାନେ ଦେବଙ୍କ ବା ଈଶ୍ୱରଙ୍କ ସମକକ୍ଷ ।

**୬. ସପ୍ତ ଋଷି** (ସପ୍ତର୍ଷି) - ମହାନ ୭ଟି ଋଷି (ବ୍ରହ୍ମା ବା ଈଶ୍ୱରଙ୍କର ମାନସ ପୁତ୍ର) ।

**୭. ମହା ଋଷି** (ମହର୍ଷି) - ଋଷି, ଯେଉଁମାନେ ମହାନ ବା ଉଚ୍ଚପଦବୀରେ ଥାଆନ୍ତି ।

**୮. ପରମ ଋଷି** (ପରଂର୍ଷି) - ଶ୍ରେଷ୍ଠ ଋଷି ।

**୯. ବ୍ରହ୍ମ ଋଷି** (ବ୍ରହ୍ମର୍ଷି) - ବ୍ରାହ୍ମଣ ସମାଜର ଋଷି ।

**୧୦. ରାଜା ଋଷି** (ରାଜର୍ଷି) - କ୍ଷତ୍ରିୟ ସମାଜର ଋଷି (ରାଜା ଋଷି ଜନକ) ।

**୧୧. ଜନ ଋଷି** (ଜନର୍ଷି) - ସାଧାରଣ ଲୋକ ଯେତେବେଳେ ଋଷି ହୋଇଯାଅନ୍ତି ।

ଆଚାର୍ଯ୍ୟ ପତଞ୍ଜଳି, ପାଣିନିଙ୍କ 'ଅଷ୍ଟଧ୍ୟାୟୀ'ରୁ ଏ ସମସ୍ତ ଋଷିମାନଙ୍କୁ ୨ ଭାଗରେ ବିଭକ୍ତ କରିଛନ୍ତି । ଯଥା -

**୧. ମନ୍ତ୍ରକୃତ୍** - ବେଦ ରଚୟୀତା ବା ମନ୍ତ୍ରଦ୍ରଷ୍ଟା ଋଷିମାନେ ।

**୨. ମନ୍ତ୍ରକୃତ୍ତମ** - ଋଷିମାନେ, ଯେଉଁମାନେ ବ୍ରାହ୍ମଣ, ଆରଣ୍ୟକ, ଉପନିଷଦ ଓ ବେଦାଙ୍ଗ ଗ୍ରନ୍ଥସମୁହ ରଚନା କଲେ ।

ତେଣୁ ଯେଉଁ ଋଷିମାନେ ଧ୍ୟାନ ଓ ତପସ୍ୟା ବଳରେ ବେଦମନ୍ତ୍ରମାନଙ୍କୁ ଦେଖିପାରି ବା ଉପଲବ୍ଧି କରିପାରି, ବକ୍ତବ୍ୟ ମାଧ୍ୟମରେ ମାନବ ହିତରେ ପରିପ୍ରକାଶ କରିଥିଲେ, ସେମାନଙ୍କୁ "**ବୈଦିକ ଋଷି**" ବା "ମନ୍ତ୍ରଦ୍ରଷ୍ଟା" ବା "ମନ୍ତ୍ରକୃତ୍" କୁହାଯାଏ ।

Not for Commercial Use

ଅନେକ ବୈଦିକ ଋଷି ଓ ଋଷିକୁଳ, ଏହି "ବୈଦିକ-ମନ୍ତ୍ର"ମାନଙ୍କର ଅଧିକାରୀ ଥିଲେ । ସେମାନଙ୍କ ମଧ୍ୟରୁ ମହତ୍ୱପୂର୍ଣ୍ଣ ଋଷିମାନଙ୍କର ନାମ - **କଶ୍ୟପ**, **ଭୃଗୁ**, **ବିଶ୍ୱାମିତ୍ର**, **ଅତ୍ରି**, **ଅଙ୍ଗିରା**, **ବସିଷ୍ଠ**, **ଭରଦ୍ୱାଜ**, **ଗୌତମ**, **କଣ୍ୱ**, **ଅଙ୍ଗିରସ**, ଓ **ଅଥର୍ବଣ** ଇତ୍ୟାଦି ।

## ଶ୍ରୁତର୍ଷି

'ଶ୍ରୁତର୍ଷି' - ଯେଉଁମାନେ ଗୁରୁମାନଙ୍କ ଠାରୁ ଶ୍ରୁତି ଦ୍ୱରା ବେଦପଠନ କରିଥିଲେ । ବୈଦିକଯୁଗରେ ବା ତାହାପର ସମୟରେ ସେମାନଙ୍କର ସଂଖ୍ୟା ପ୍ରାୟ ୮୦ ଥିଲା ବୋଲି କୁହାଯାଏ । ସେମାନଙ୍କୁ ବିଭିନ୍ନ ପ୍ରକାର ଆଖ୍ୟା ମଧ୍ୟ ଦିଆଯାଇଥିଲା । ସେମାନେ ହେଲେ-

ଉଦ୍ରେଚ, ଭାରଗର୍ଭ, ପୈଲ, ସଙ୍କର୍ତ୍ୟ, ଜବାଲି, ସନ୍ଧ୍ୟଷ୍ଟି, ମଥରା, ଯଜ୍ଞବଲ୍କ୍ୟ, ପରାଶର, ଉପମନ୍ୟୁ, ଇନ୍ଦ୍ର ପ୍ରମଥି, ମାଣ୍ଡୁକି, ଶାକଲ, ବାଶକଲ, ଶକପୁନି, ନିଲ, ଆଲକ, ପନଗ, ପକ୍ଷଗନ୍ତ ଇତ୍ୟାଦି । ଉପରୋକ୍ତ 'ଶ୍ରୁତର୍ଷି', ଯେଉଁମାନେ **'ବହ୍ଵୃଚ ଗୁରୁକୁଳ'**କୁ ଅନୁସରଣ କରନ୍ତି, ସେମାନଙ୍କପାଇଁ ମହତ୍ୱପୁର୍ଣ୍ଣ ।

ବୈଶମ୍ପାୟନ, ଲୌହିତ୍ୟ, କଣ୍ଠକଲ, ଆବଶ, ଶ୍ୟାମପତି, ପାର୍ଲୌନ୍ଧୁ, ଆଲମ୍ବି, କମଳାପତି ଓ ସେମାନଙ୍କର ଶିଷ୍ୟମାନେ, ଏମାନଙ୍କୁ "**ଚରକଧ୍ୱର୍ଯ୍ୟୁ**" କୁହାଯାଉଥିଲା ।

ଯେଉଁମାନେ 'ସାମବେଦ' ପଠନ କରୁଥିଲେ, ସେମାନଙ୍କୁ "**ସାମବେଦ ଶ୍ରୁତର୍ଷି**" କୁହାଯାଉଥିଲା। ସେମାନେ ହେଲେ - ଜୈମିନି, ଭରଦ୍ୱାଜ, କାବ୍ୟ, ପୌଶଞ୍ଜି, ହିରଣ୍ୟନଭ, କୌଶିଲ୍ୟ, ଲୌଗକ୍ଷି, କୁସୁମି, ଲୋଙ୍ଗଳି, ଶଲିହୋତ୍ର, ଶକ୍ତରଜ, ଭାର୍ଗଭ, ଓ ଇଳ ପରୁରବରଜ, ଏହିପରି ୪୬ଜଣ ସେମାନଙ୍କର ସହପାଠୀଗଣ ଓ ଶିଷ୍ୟମାନେ ।

Not for Commercial Use

ବିଜ୍ଞ ଲୋକମାନେ କହିଛନ୍ତି, ୧୯ଜଣ ଋଷି, ଏମାନଙ୍କ ମଧ୍ୟରୁ "**ହୌତ୍ରବେଦ**" ଶିକ୍ଷା କରିଥିଲେ ଓ ପ୍ରଚାର କରିଥିଲେ । ସେମାନେ ହେଲେ - କୌଶିତି, କୁଣ୍ଡକା, ପରାଶର, ଲୋଭା, ଅଲୋଭା, ଧର୍ମାତ୍ମା, ବ୍ରହ୍ମବଳ, କ୍ରନ୍ଥଳା, ମଦ୍ଗଳ, ମାର୍କଣ୍ଡେୟ ଓ ଧର୍ମବିତ୍ ଇତ୍ୟାଦି । ଯେଉଁ 'ଚରକଧାରୀ' ଋଷିମାନେ ବ୍ରାହ୍ମଣ ଗ୍ରନ୍ଥ ସମୁହ ପଠନ ଓ ପ୍ରଚାର କରୁଥିଲେ, ସେମାନେ ହେଲେ - ଚୁଲୁଭି, ସୁମତି, ଦେବବର, ଅଙ୍କ୍ରିଶ୍ନ, ଆୟୁ, ଅନୁଭୂମି, ଅପ୍ରିତ, କ୍ଷଷ୍ଟ, ସୁମାଲି, ଓ ବାଶକଲ । ଏମାନଙ୍କୁ "**ବେଦ ପ୍ରବଚନାଧିକାରୀ**" କୁହାଯାଉଥିଲା ।

ଶୁକୃଶି, ଭୁରିଶ୍ରବ, ସୋମାନି, ଋତୁନନ୍ତକ୍ୟ, ଧୁମ୍ୟ, କଶ୍ୟପ, ଆରଣ୍ୟ, ଇଳକା ଉପମନ୍ୟୁ, ବିଦ, ଭାର୍ଗଭ, ମଧୁକା, ପିଙ୍ଗ, ଶ୍ୱେତକେତୁ, ପ୍ରଜାଦର୍ପ, କହୋଡ଼, ଯଜ୍ଞବଲ୍କ୍ୟ, ଶୌନକ, ଅନଙ୍ଗ, ଓ ନିରାତଳ, ଏମାନେ "**ମଧ୍ୟ-ବର୍ଯ୍ୟ**" ନାମରେ ଜଣାଥିଲେ ।

ବେଦ ରଚନା ଓ ପଠନରେ ନାରୀ ଋଷିମାନଙ୍କର **(ଋଷିକା)** ମଧ୍ୟ ଯୋଗଦାନ ଥିଲା । ସେମାନେ ହେଲେ - ଆଦିତୀ, ଦେବମାତା, ଜଳପା, ମାନବୀ, ମହାତପା, ଲୋପାମୁଦ୍ରା, ଧର୍ମାଗ୍ନା, କୋସିତୈକା ଇତ୍ୟାଦି, ଏମାନେ "**ବ୍ରହ୍ମବାଦିନୀ**" ନାମରେ ଜଣାଥିଲେ ।

**।। ଇତି ବୈଦିକ ଋଷି ।।**

## ବୈଦିକ ଛନ୍ଦ

ବେଦ 'ଛନ୍ଦ' ନାମରେ ହିଁ ଜଣା । ସମସ୍ତ ବେଦମନ୍ତ୍ର 'ଛନ୍ଦ' ଦ୍ୱାରା ଆଚ୍ଛାଦିତ କରାଯାଇଛି । ବେଦାଙ୍ଗର 'ଛନ୍ଦ', ଏ ବିଷୟରେ ଆମେ ଏହି ପୁସ୍ତକରେ ଆଲୋଚନା କରିସାରିଛେ । (ପୂର୍ବରେ ବେଦାଙ୍ଗ ବିଭାଗରେ ଦେଖନ୍ତୁ) ।

**।। ଇତି ବୈଦିକ ଛନ୍ଦ ।।**

Not for Commercial Use

## ବୈଦିକ ଦେବତା

ଆଚାର୍ଯ୍ୟ ଯକ୍ଷ 'ନିରୁକ୍ତ'ର ୩ୟ କାଣ୍ଡ "**ଦୈବତ**"ରେ ଦେବତାମାନଙ୍କର ଲକ୍ଷଣ ଓ ସ୍ୱରୂପ ବର୍ଣ୍ଣନ କରିଛନ୍ତି ।

"ଦେବୋ ଦାନାଦ୍ୱା ଦୀପନାଦ୍ୱା ଦୌତ୍ତନାଦ୍ୱା ଦ୍ୟୁସ୍ଥାନଃ ଭବନ୍ତି । ଇତି ଦେବୋ ।।"

ଅର୍ଥାତ - ସେ ଅନୁଗ୍ରହ ପ୍ରଦାନ କରନ୍ତି, ସେ ସ୍ୱୟଂ ପ୍ରକାଶିତ ଅଟନ୍ତି, ସେ ଚିନ୍ମୟ ଅଟନ୍ତି, ସେ ଆମକୁ ପ୍ରକାଶିତ କରନ୍ତି, ସେ ଚିତ୍ତତତ୍ତ୍ୱ ଧାରଣ କରିଥାଆନ୍ତି, ସେ ସ୍ୱର୍ଗରେ ରୁହନ୍ତି, ସେ ହେଉଛନ୍ତି ଦେବ । ଏହା ସିଦ୍ଧରୂପି ଦେବତାଙ୍କର ବର୍ଣ୍ଣନା, କିନ୍ତୁ ପ୍ରକୃତିରୂପି ଦେବତା (ପୃଥିବୀ, ଅଗ୍ନି, ଜଳ ଇତ୍ୟାଦି) ଯେଉଁମାନଙ୍କର ବେଦରେ ଉଲ୍ଲେଖ ଅଛି, ସେମାନଙ୍କର ବର୍ଣ୍ଣନ କ'ଣ? ଏହାର ବର୍ଣ୍ଣନା **'ବାଦ୍ରାୟଣ ବ୍ୟାସ'** କରିଛନ୍ତି ଯେ - ପ୍ରକୃତିରୂପି ଦେବତାମାନଙ୍କ ମଧ୍ୟରେ ଥିବା ଚିତ୍ତ ବା ଆତ୍ମା ହିଁ ତାହାର ପ୍ରକୃତ ଦେବତା । ଏହାର ଉଲ୍ଲେଖ ଆଚାର୍ଯ୍ୟ ଯକ୍ଷ 'ନିରୁକ୍ତ'ରେ ମଧ୍ୟ କରିଛନ୍ତି ।

## ମନ୍ତ୍ରରେ ଦେବତା

'ନିରୁକ୍ତ' ଅନୁସାରେ, ଯେଉଁ ମନ୍ତ୍ରରେ, କାମନା ପାଇଁ, ଋଷି, ଯେଉଁ ଦେବତାଙ୍କର ସ୍ତୁତି କରିଥାଆନ୍ତି, ସେହି ଦେବତା, ସେହି ମନ୍ତ୍ରର ଦେବତା ଅଟନ୍ତି । ଦେବତାମାନଙ୍କ ଉଦ୍ଦେଶ୍ୟରେ ପଠନ ବା ପ୍ରୟୋଗ କରାଯାଉଥିବା ବେଦମନ୍ତ୍ର ମାନଙ୍କରେ ଦେବତାଙ୍କ ସ୍ତୁତି ୩ ପ୍ରକାର ହୋଇଥାଏ ।

**୧. ପରୋକ୍ଷତଃ** - ମନ୍ତ୍ରରେ ନାମ (ଦେବତା) ସମସ୍ତ ବିଭକ୍ତି ଗୁଡିକରେ ଓ କ୍ରିୟାରେ ପ୍ରଥମ ପୁରୁଷ ରହିଥାଏ । ଉଦାହରଣ - (ଋ.ବେ - ୧୦.୮୧.୧୦) ।

**୨. ପ୍ରତ୍ୟକ୍ଷତଃ** - ମନ୍ତ୍ରରେ ନାମ (ଦେବତା) ମଧ୍ୟମ ପୁରୁଷ ରୁହନ୍ତି ଓ 'ତୁମ' (ତ୍ୱମ) ସର୍ବନାମ ସହିତ ସଂଯୁକ୍ତ ରହିଥାଏ । ଉଦାହରଣ (ଋ.ବେ - ୧୦.୧୫୩.୨) ।

Not for Commercial Use

**୩. ସ୍ୱୟଂ** - ମନ୍ତ୍ରରେ ବା ସୂକ୍ତରେ ନାମ (ଦେବତା) ଉତ୍ତମ ପୁରୁଷ ରୁହନ୍ତି ଓ 'ମୁଁ' (ଅହଂ) ସର୍ବନାମ ସହିତ ସଂଯୁକ୍ତ ରହିଥାଏ । ଉଦାହରଣ (ଋ.ବେ - ୧୦.୪୮ । ୧୦.୧୧୯ ।୧୦.୧୨୫) ।

ବେଦମନ୍ତ୍ରରେ ପରୋକ୍ଷତଃ ଓ ପ୍ରତ୍ୟକ୍ଷତଃ ମନ୍ତ୍ର ଅଧିକ ଥାଏ, ଓ ସ୍ୱୟଂ ମନ୍ତ୍ର ବା ସୂକ୍ତସମୁହ ବହୁତ କମ ଥାଏ ।

'ନିରୁକ୍ତ' ଅନୁସାରେ, ଯେଉଁ ମନ୍ତ୍ର ସମୁହରେ ଦେବତାଙ୍କର ଉପଲବ୍ଧି ନାହିଁ, ସେଠି ଦେବତାଙ୍କର ନିରୂପଣ ନିମ୍ନ ଲିଖିତ ରୂପରେ ହୁଏ ।

**୧.** ଯେଉଁ ଦେବତାଙ୍କ ଉଦ୍ଦେଶ୍ୟରେ ଯଜ୍ଞ ବା ଯଜ୍ଞଖଣ୍ଡ କରାଯାଉଥାଏ, ସେହି ଦେବାତାଙ୍କୁ ସେହି ମନ୍ତ୍ରର ଦେବତା ମାନନ୍ତି ।

**୨.** ଯଜ୍ଞଠୁ ଭିନ୍ନ ସ୍ଥାନଗୁଡିକରେ, ଯାଜ୍ଞିକ ଅନୁସାରେ 'ପ୍ରଜାପତି'ଙ୍କୁ, ନିରୁକ୍ତ ଅନୁସାରେ 'ନରାଶଂସ'ଙ୍କୁ ସେହି ମନ୍ତ୍ରର ଦେବତା ମାନନ୍ତି । ଅଥବା ଇଛାପୂର୍ବକ ବେଦତାଙ୍କୁ ବା ଦେବତା ସମୁହଙ୍କୁ ସେହି ମନ୍ତ୍ରର ଦେବତା ମାନନ୍ତି ।

**୩.** ବେଳେ ବେଳେ, ଯଜ୍ଞରେ ଦେବତାଙ୍କ ପାଇଁ, ଅତିଥିଙ୍କ ପାଇଁ, ପିତୃଙ୍କ ପାଇଁ ପବିତ୍ର ବସ୍ତୁଗୁଡିକ ଦିଆଯାଏ, ସେ ସ୍ଥିତିରେ, ଯେଉଁ ଦେବତାଙ୍କ ଉଦ୍ଦେଶ୍ୟରେ ଯଜ୍ଞ ବା ଯଜ୍ଞଖଣ୍ଡ କରାଯାଉଥାଏ, ସେହି ଦେବାତାଙ୍କୁ  ସେହି ମନ୍ତ୍ରର ଦେବତା ମାନନ୍ତି କିନ୍ତୁ ଅ-ଦେବତା ମାନଙ୍କର ସ୍ତୁତି ଦେବତାଙ୍କ ସମାନ ମଧ୍ୟ ସ୍ତୁତି କରାଯାଇଥାଏ । ଉଦାହରଣ - ଅଶ୍ୱ, ଔଷଧୀ, ଆଠ ଯୋଡା, ଇତ୍ୟାଦି ।

## ଦେବତାଙ୍କ ଲକ୍ଷଣ ଓ ସ୍ୱରୂପ

ନିରୁକ୍ତ ଅନୁସାରେ, ଦେବତାମାନଙ୍କର ଲକ୍ଷଣ ଏହିଭଳି ହୋଇଥାଏ - ଦେବତା, ପ୍ରତ୍ୟକ୍ଷ ଅଟନ୍ତି, ଚିନ୍ମୟ ଅଟନ୍ତି, ତେଜରୂପୀ ଅଟନ୍ତି, ଓ ଅନୁଭୁତ ହୋଇଥାଆନ୍ତି ।

Not for Commercial Use

ସମସ୍ତଙ୍କୁ ଦେବତା ମାନିବା ଉଚିତ ନୁହେଁ, ଦେବତା ପ୍ରତ୍ୟକ୍ଷ ରୂପେ ଦେଖାଯିବା ଦରକାର । ଦେବତାମାନଙ୍କ ଉଚ୍ଚ ମହିମା କାରଣରୁ ଗୋଟିଏ ଆତ୍ମାର ସ୍ତୁତି ଭିନ୍ନ ଭିନ୍ନ ହୋଇଥାଏ । ପ୍ରକୃତି ଦେବତା ଗୋଟିଏ ଅତ୍ମାର ଭିନ୍ନ ଭିନ୍ନ ଅଙ୍ଗ ଅଟନ୍ତି । ଅଥବା ବସ୍ତୁଗୁଡିକର (ନାମ) ପ୍ରକୃତିର ବିଭିନ୍ନତା ଓ ସର୍ବବ୍ୟାପକତା କାରଣରୁ ଋଷିଗଣ ସ୍ତୁତି କରିଥାଅନ୍ତି । ସେମାନଙ୍କର ଜନ୍ମ କର୍ମରୁ ବା ଆତ୍ମାରୁ ହୋଇଥାଏ, ତେଣୁ ଆତ୍ମା ଏହାର ରଥ, ଶସ୍ତ୍ର, ଓ ବାଣ ଅଟେ । ଆତ୍ମା ହିଁ ଦେବତାଙ୍କର ସବୁକିଛି ।

ନିରୁକ୍ତକାରଙ୍କ ମତରେ ବେଦତା ୩ଟି ହିଁ ଅଟନ୍ତି ।
**୧.** ପୃଥିବୀ ସ୍ଥିତ **ଅଗ୍ନି** ।
**୨.** ଅନ୍ତରିକ୍ଷ (ଆକାଶ) ସ୍ଥିତ **ବାୟୁ** ବା/ଓ **ଇନ୍ଦ୍ର** ।
**୩.** ସ୍ୱର୍ଗ ସ୍ଥିତ **ଆଦିତ୍ୟ** ବା **ସୂର୍ଯ୍ୟ** ।

ଏମାନଙ୍କର ଉଚ୍ଚ ମହିମା କାରଣରୁ ଏମାନଙ୍କର ଅନେକ ନାମ ଅଛି । ଅଥବା ସେମାନଙ୍କର କର୍ମ ଭିନ୍ନ ଭିନ୍ନ ହୋଇଥିବାରୁ, ଅଥବା ସେମାନେ ଭିନ୍ନ ଭିନ୍ନ ହୋଇଥିବାରୁ, ସେମାନଙ୍କର ସ୍ତୁତି ସେମାନଙ୍କର ନାମରେ କରାଯାଇଥାଏ । କିନ୍ତୁ ସେମାନେ ଏକ - ଏହା ଉଦ୍ଗାତା, ବ୍ରହ୍ମା ଓ ଅଧ୍ୱର୍ଯ୍ୟୁ କହିଛନ୍ତି ।

ଦେବତାମାନଙ୍କର ସ୍ୱରୂପ ମନୁଷ୍ୟ ମାନଙ୍କପରି କୁହାଯାଇଛି, କାରଣ ସେମାନଙ୍କର ସ୍ତୁତି ବା ସମ୍ବୋଧନ ଚେତନ ଜୀବ ମାନଙ୍କପରି ହୋଇଥାଏ । କିନ୍ତୁ ପ୍ରକୃତିରୂପି ଦେବତା (ପୃଥିବୀ, ଅଗ୍ନି, ବାୟୁ ଇତ୍ୟାଦି) ଓ ଅ-ଦେବତା (ବସ୍ତୁ, ଦ୍ରବ୍ୟାଦି) ମାନଙ୍କର ସ୍ତୁତି ମଧ୍ୟ ଦେବତା ସମାନ ହୋଇଥାଏ, କାରଣ ଏମାନଙ୍କର ଚିତ୍ତ ବା ଆତ୍ମା କୁ ଦେବତା ମାନାଯାଏ ।

ଆଗରୁ କୁହାଯାଇଛି ଯେ, ବୈଦିକ ଦେବତା ୩ଟି ଅଟନ୍ତି, **ନିରୁକ୍ତ**ରେ ସେମାନଙ୍କର, **ସ୍ଥାନ**, **କର୍ମ**, **ସହଚର**, **ବିଭାଗ**, **କାଳ**, **ସାମ** ଇତ୍ୟାଦିର ଅନେକ ବ୍ୟାଖ୍ୟା ନିପୁଣ ଭାବରେ କରାଯାଇଛି, ସେସବୁର ସାରାଂଶ ଏକ ଟେବୁଲରେ ପ୍ରସ୍ତୁତି କରିବାକୁ ଚେଷ୍ଟା କରିଛି ।

Not for Commercial Use

# ବୈଦିକ ଦେବତା, ତା'ଙ୍କର ବିଭାଗ ଓ ସହଚର

| ବିଭାଗ | ଅଗ୍ନି | | ଇନ୍ଦ୍ର | | ଆଦିତ୍ୟ | |
|---|---|---|---|---|---|---|
| | | ଅତିରିକ୍ତ | | ଅତିରିକ୍ତ | | ଅତିରିକ୍ତ |
| **ଲୋକ** | ପୃଥିବୀ | | ଅନ୍ତରିକ୍ଷ | | ସ୍ୱର୍ଗ | |
| **ସମୟ** | ପ୍ରାତଃ | | ମଧ୍ୟାହ୍ନ | | ସନ୍ଧ୍ୟା | |
| **ଋତୁ** | ବସନ୍ତ | ଶରତ | ଗ୍ରୀଷ୍ମ | ହେମନ୍ତ | ବର୍ଷା | ଶିଶିର |
| **ଛନ୍ଦ** | ଗାୟତ୍ରୀ | ଅନୁଷ୍ଟୁପ୍ | ତ୍ରିଷ୍ଟୁପ୍ | ପଙ୍କ୍ତି | ଜଗତୀ | ବୃହତୀ |
| **ପ୍ରାର୍ଥନା** | ୩ଥର | ୨୧ଥର | ୧୫ଥର | ୨୭ଥର | ୧୭ଥର | ୩୩ଥର |
| **ସାମ** | ରଥନ୍ତର | ବୈରାଜ | ବୃହତ | ଶାକ୍କର | ବୈରୂପ | ରୈବନ |
| **ଦେବଗଣ** | ପ୍ରଥମ ସ୍ଥାନୀୟ ଓ ସ୍ତ୍ରୀ - ଅଗ୍ନି, ପୃଥିବୀ, ଇଳା | | ମଧ୍ୟ ସ୍ଥାନୀୟ ଓ ସ୍ତ୍ରୀ | | ଉତ୍ତମ ସ୍ଥାନୀୟ ଓ ସ୍ତ୍ରୀ | |
| **କାମ** | ହବିଃ ପହଁଚାଇବା, ଦେବତାଙ୍କୁ ଆମନ୍ତ୍ରଣ କରିବା, ଯାହା ଦୃଷ୍ଟିର ବିଷୟ | | ରସ ଦାନକରିବା, ବୃତ୍ରକୁ ମାରିବା ଓ ଯାହା ବଳର ବିଷୟ | | ରସ ଗ୍ରହଣ କରିବା, କିରଣରେ ତାକୁ ଧାରଣ କରିବା, ଓ ଯାହାକିଛି ଗୁପ୍ତ-ଅର୍ଥର ବିଷୟ | |
| **ସହିତ ସ୍ତୁତି** | ଇନ୍ଦ୍ର, ବରୁଣ, ସୋମ, ପର୍ଜନ୍ୟ, ଋତୁ | | ଅଗ୍ନି, ସୋମ, ବରୁଣ, ପୁଷା, ବୃହସ୍ପତି, ବ୍ରହ୍ମଣସ୍ପତି, ପର୍ବତ, କୁତ୍ସ, ବିଷ୍ଣୁ ଓ ବାୟୁ | | ଚନ୍ଦ୍ର, ବାୟୁ, ଓ ସଂବତ୍ସର | |
| **ପୁନଃ ସ୍ତୁତି / ସଂଯୁକ୍ତହବିଃ** | ଅଗ୍ନି ଓ ବିଷ୍ଣୁ, ଅଗ୍ନି ଓ ପୁଷା | | ମିତ୍ର ବରୁଣ, ସୋମ ପୁଷା, ସୋମ ରୁଦ୍ରା, ପୁଷା ଅଗ୍ନି, ପର୍ଜନ୍ୟ ବାତ | | | |

ସାମ - ନାଶ ବା ନଷ୍ଟ କରିବା

ହବିଃ - ହୋମ, ଘୃତ, ଆହୁତି

ସଂବତ୍ସର - ୧୨ ମାସ

ବୃତ୍ର - ଶତ୍ରୁ, ରାକ୍ଷସ, ଅସୁର ଇତ୍ୟାଦି

**|| ଇତି ଦେବତା ||**

Not for Commercial Use

## ନ୍ୟାସ ଓ ବିନିଯୋଗ

କୌଣସି ବେଦମନ୍ତ୍ର ବା ବେଦସୂକ୍ତ ପଠନ କରିବାପୂର୍ବରୁ, ସେହି ମନ୍ତ୍ର ବା ସୂକ୍ତରେ ଥିବା ରଚୟିତା 'ଋଷି, ଦେବତା ଓ ଛନ୍ଦ' ମାନଙ୍କୁ ବିନିଯୋଗ କରି ମନ୍ତ୍ର ବା ସୂକ୍ତ ପଢିବା ନିହାତି ଆବଶ୍ୟକ, ଏହା ନକଲେ ମନ୍ତ୍ର ବା ସୂକ୍ତ ନଷ୍ଟ ହୋଇଯାଏ । ଏହାର ଉଲ୍ଲେଖ ଶୌନକଙ୍କ ଅନୁକ୍ରମଣୀରେ (ଅନୁକ୍ରମଣୀ ୧.୧) ମଧ୍ୟ କୁହାଯାଇଛି । ତାଙ୍କ ଅନୁସାରେ ଯେଉଁ ମନୁଷ୍ୟ ଋଷି, ଛନ୍ଦ, ଦେବତା ଓ ବିନିଯୋଗକୁ ଜାଣିବା ବିନା ବେଦ ଅଧ୍ୟୟନ, ଅଧ୍ୟାପନ, ଜପ, ଯଜ୍ଞ, ଯଜନ, ଯାଜନ ଇତ୍ୟାଦି କରନ୍ତି, ତାଙ୍କର ବେଦାଧ୍ୟୟନ ନିଷ୍ଫଳ ହୁଏ ଓ ଏହା ଦୋଷଯୁକ୍ତ ଅଟେ । ତେଣୁ ଋଷ୍ୟାଦି ବିନିଯୋଗ ନିତାନ୍ତ ଆବଶ୍ୟକ ।

**।। ଇତି ଋଷି, ଛନ୍ଦ, ଓ ଦେବତା ।।**

ଏବେ ଆମେ ପ୍ରତ୍ୟେକ ବେଦ ମାନଙ୍କ ବିଷୟରେ ସମ୍ୟକ ଜାଣିବା । କିନ୍ତୁ ତା'ପୂର୍ବରୁ 'ବେଦ' ବିଷୟରେ କିଛି ଗୁରୁତ୍ୱପୂର୍ଣ୍ଣ ସୂଚନା ଜାଣିବା ଦରକାର ।

## ବେଦ

"ଯଜ୍ଞବଲ୍କ୍ୟ ସ୍ମୃତି" ଅନୁସାରେ ଜ୍ଞାନ ୧୪ଟି ସୂତ୍ରରୁ ପ୍ରାପ୍ତ ହୋଇଥାଏ । **ବେଦ** (ଋକ୍-ବେଦ, ଯଜୁର୍ବେଦ, ସାମବେଦ ଓ ଅଥର୍ବବେଦ), **ବେଦାଙ୍ଗ** (ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଛନ୍ଦ ଓ ଜ୍ୟୋତିଷ), **ପୁରାଣ**, **ନ୍ୟାୟ**, **ମୀମାଂସା**, ଓ **ଧର୍ମଶାସ୍ତ୍ର** ।

"ପୁରାଣନ୍ୟାୟମୀମାଂସା ଧର୍ମଶାସ୍ତ୍ରାଂଗ ମିଶ୍ରିତାଃ। ବେଦାଃ ସ୍ଥାନାନି ବିଦ୍ୟାନାଂ ଧର୍ମସ୍ୟ ଚ ଚତୁର୍ଦଶ ।।"

"ମଣ୍ଡୁକ ଉପନିଷଦ"ରେ ବିଦ୍ୟାକୁ ମୁଖ୍ୟତଃ ୨ଭାଗରେ ବିଭକ୍ତ କରାଯାଇଛି, ଯଥା - **ପାର** ଓ **ଅପାର** । ଅର୍ଥାତ ପୌରୁଷେୟ ଓ ଅପୌରୁଷେୟ ।

Not for Commercial Use

"ଦ୍ୱେ ବିଦ୍ୟେ ବେଦିତବ୍ୟେ ଇତି ହ ସ୍ମ ଯଦ୍‌-ବ୍ରହ୍ମବିଦୋ ବଦନ୍ତି ପରା ଚୈବାପରା ଚ ।।୪।।
ତତ୍ରାପରା, ଋଗ୍ୱେଦୋ ଯଜୁର୍ବେଦଃ ସାମବେଦୋଽଥର୍ବବେଦଃ
ଶିକ୍ଷା କଳ୍ପୋ ବ୍ୟାକରଣଂ ନିରୁକ୍ତଂ ଛନ୍ଦୋ ଜ୍ୟୋତିଷମିତି ।
ଅଥ ପରା ଯୟା ତଦକ୍ଷରମଧିଗମ୍ୟତେ ।। ୫।।"

ଜ୍ଞାନ **ଅପାରବିଦ୍ୟା**ରୁ ପ୍ରାପ୍ତ ହୋଇଥାଏ । '**ବେଦ**' ସମୁହ ଧର୍ମଗ୍ରନ୍ଥ ଅଟନ୍ତି । '**ବେଦାଙ୍ଗ**' ସମୁହ ଧ୍ୱନି ବିଜ୍ଞାନର ସହାୟକ ଗ୍ରନ୍ଥ ଅଟନ୍ତି । ପ୍ରତ୍ୟେକ ବେଦଗ୍ରନ୍ଥରେ ୪ ପ୍ରକାର ରଚନା - ସଂହିତା, ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦ ଅଛି । ପ୍ରତ୍ୟେକ ଶାଖାର ଅନେକ ବ୍ୟାକରଣ ନିୟମ ଅଛି, ଯାହା '**ପ୍ରାତିଶାକ୍ଷ୍ୟ**' ରୂପରେ ଜଣା, ଓ ଅନେକ ଧ୍ୱନି ନିୟମଗୁଡିକ ଅଛି, ଯାହା '**ଶିକ୍ଷା**' ରୂପରେ ଜଣା । '**ମିମାଂସା**' ସୂତ୍ରରେ ବେଦ ରଚନାର ବ୍ୟାଖ୍ୟା କରିବା ନିୟମ ରହିଥାଏ । '**ନ୍ୟାୟ ଓ ବୈଶେଷିକ**' ସୂତ୍ରରେ ଯୁକ୍ତି ଯୁକ୍ତ ତଥ୍ୟ, ତାହାର ବିଭକ୍ତ, ମନୁଷ୍ୟର ବୋଧଶକ୍ତି ବିଷୟରେ ଉଲ୍ଲେଖ ରହିଥାଏ । '**ପୁରାଣ**'ରେ ସଂଦେଶ ସମୁହର ବ୍ୟାଖ୍ୟା ଓ ବେଦ ଶିକ୍ଷାର ସଂଦେଶ ରହିଥାଏ । ଓ '**ଧର୍ମଶାସ୍ତ୍ର**'ରେ ବ୍ରହ୍ମ ସଂବଧୀୟ ବ୍ୟାବହାରିକ ସାମାଞ୍ଜସର ନିୟମଗୁଡିକ ରହିଥାଏ ।

"ବେଦ"; ପରମଜ୍ଞାନ, ବିଜ୍ଞାନ, ପରମ୍ପରା, ଓ ସଂସ୍କୃତିର ଉତ୍ସ । ସେଗୁଡିକ ବ୍ରହ୍ମାଣ୍ଡର କ୍ରମ ବିବର୍ତ୍ତନର, ମୌଳିକ ବିଶୁଦ୍ଧ ପରମଜ୍ଞାନ ଅଟେ । ସେଗୁଡିକ କେବଳ 'ଧର୍ମଗ୍ରନ୍ଥ' ରୂପରେ ଚିହ୍ନିତ କରାଯାଇନାହିଁ, ସେଗୁଡିକ '**ଭାରତୀୟ ସଂସ୍କୃତି ଓ ସଭ୍ୟତା**'ର ମୁଖ୍ୟ ଉତ୍ସ ମଧ୍ୟ ।

ବେଦର ଅର୍ଥ ଜ୍ଞାନ । ବେଦ କେବଳ ଗୋଟିଏ ସାହିତ୍ୟିକ ଧର୍ମଗ୍ରନ୍ଥ ନୁହେଁ, ଏହା ଅନେକ ସାହିତ୍ୟିକ ଧର୍ମଗ୍ରନ୍ଥର ସମାହାର । ଏହା ହଜାର ହଜାର ବର୍ଷର କ୍ରମାଗତ ରଚନା, ଯାହା ପିଢି ରୁ ପିଢି ମୌଖିକ ରୂପରେ ଆସି ଆମ ହାତରେ ପହଁଚିଛି ।

ଆଗରୁ ଆମେ ଆଲୋଚନା କରିସାରିଛେ ଯେ, ଋଷିମାନଙ୍କର ଧ୍ୟାନ ଓ ତପସ୍ୟା ସମୟରେ ବେଦମନ୍ତ୍ର ସମୁହ ସେମାନଙ୍କୁ ପ୍ରକଟିତ ହୋଇଥିଲା । ସେଇଥିପାଇଁ ବେଦକୁ "**ଶ୍ରୁତି**" ମଧ୍ୟ

Not for Commercial Use

କୁହାଯାଏ, ଶ୍ରୁତି ଅର୍ଥାତ ଯାହା ଶୁଣାଯାଇଥିଲା । ପରସମୟରେ ଋଷିମାନେ  ଯାହାକିଛି ରଚନାକରି ଏଥିରେ ଯୋଗ କଲେ ତାହାକୁ "**ସ୍ମୃତି**" କୁହାଯାଏ । ତାହା ସବୁ କହିବା-ଶୁଣିବା ପଦ୍ଧତିରେ ସଂରକ୍ଷଣ କରାଯାଇ ଆସୁଥିଲା ।

ଭରତୀୟ ସଂସ୍କୃତିର ଚିନ୍ତାଧାରା ଅନୁସାରେ "ବେଦ" ଏକ **ପ୍ରକଟିତ ଧର୍ମଗ୍ରନ୍ଥ** ଅଟେ । ଏହା ସ୍ୱତଃସିଦ୍ଧ, ସ୍ୱତଃ ପ୍ରମାଣିକ ଓ ସ୍ୱତଃ  ପ୍ରକାଶିତ । ଏହା କୌଣସି ମନୁଷ୍ୟ ଦ୍ୱାରା ରଚନା କରାଯାଇ ନାହିଁ । ବୈଦିକ ସୂକ୍ତ ବା ମନ୍ତ୍ର ସମୁହ ମୁନୀଋଷିମାନଙ୍କୁ ପ୍ରକଟିତ ହୋଇଥିଲା ଓ ସେମାନେ ଏହାକୁ ମାନବ ଜାତିର ହିତ ପାଇଁ ପ୍ରକାଶିତ କରିଥିଲେ ।  ସେମାନେ ଏହାର ରଚୟୀତା ନୁହଁନ୍ତି ଓ ମନ୍ତ୍ର ସମୁହରେ ଲେଖାଯାଇଥିବା ବିଷୟବସ୍ତୁ ପାଇଁ ସେମାନେ ଉତ୍ତରଦାୟୀ ନୁହଁନ୍ତି । ସେଇଥିପାଇଁ ବେଦକୁ **'ଅପୌରୁଷେୟ'** କୁହନ୍ତି, କାରଣ ଏହା ମନୁଷ୍ୟର ଶକ୍ତି ଓ ସାମର୍ଥ୍ୟ ବାହାରେ । 'ଆଚାର୍ଯ୍ୟ ଯକ୍ଷ' ମଧ୍ୟ ଏହି କଥା କହିଛନ୍ତି ।

'ଆଚାର୍ଯ୍ୟ ଶାୟଣ' କହିଛନ୍ତି ଯେ –

"ଇସତପ୍ରପ୍ତିଅନିସତପରିହର୍ୟୋରଲୌକିକମୁପୟମ୍ ୟୋ ଗ୍ରନ୍ଥୋ ବେଦୟତି ସ ବେଦଃ"

ଏହାର ଅର୍ଥ, ଯେଉଁ ଧର୍ମଗ୍ରନ୍ଥରେ ଐଶ୍ୱରିକ ପଦ୍ଧତିଗୁଡିକର ବର୍ଣ୍ଣନ କରାଯାଇଛି, ବାଞ୍ଛନୀୟକୁ ଗ୍ରହଣକରିବା ପାଇଁ ଓ  ଅବାଞ୍ଛନୀୟକୁ ତ୍ୟାଗକରିବା ପାଇଁ, ସେ ହେଉଛି ବେଦ । ସରଳରେ କହିଲେ - ବେଦ, ଏକ ସର୍ବୋଚ୍ଚ, ପବିତ୍ର, ନିତ୍ୟ, ଓ ଐଶ୍ୱରିକ ଜ୍ଞାନ, ଯାହା ତା'ର ରଚନାରେ ଅନ୍ତର୍ନିହିତ ଅଛନ୍ତି ।

## ବେଦର ମହତ୍ୱ

ବେଦର ମହତ୍ୱ ଅନେକ

- ବିଶ୍ୱରେ ସମସ୍ତେ ସ୍ୱୀକାର କରିଛନ୍ତି ଯେ, 'ବେଦ' ମାନବ ଇତିହାସର **ସର୍ବପ୍ରଥମ ସାହିତ୍ୟ** ଭାବରେ ଉପଲବ୍ଧ ।



Not for Commercial Use

- 'ବେଦ' ସଂସ୍କୃତ ଭାଷାରେ ପଦ୍ୟ, ଗଦ୍ୟ ଓ ସଂଗୀତ ଆକାରରେ ରଚନା କରାଯାଇଛି । ଏହା ଏକ ସ୍ୱୟଂସିଦ୍ଧ ଜ୍ଞାନ ଭାବରେ ସମ୍ମାନ  ପାଇଆସୁଅଛି । ହଜାର ହଜାର ବର୍ଷ ହେବ ଏହାର ପ୍ରଭୁତ୍ୱ ଉପରେ କୌଣସି ପ୍ରଶ୍ନବାଚୀ ଲାଗିନାହିଁ । ଭାରତୀୟ ଦର୍ଶନଶାସ୍ତ୍ରରେ,  ଯେଉଁମାନେ 'ବେଦ'କୁ ବିଶ୍ୱାସ କରନ୍ତି, ସେମାନଙ୍କୁ "**ଆସ୍ତିକ**" କୁହାଯାଇଛି ଓ ଯେଉଁମାନେ 'ବେଦ'କୁ ବିଶ୍ୱାସ କରନ୍ତି ନାହିଁ,  ସେମାନଙ୍କୁ "**ନାସ୍ତିକ**" କୁହାଯାଇଛି ।
- ହିନ୍ଦୁମାନଙ୍କର ଧର୍ମ ଓ ସଂସ୍କୃତି 'ବେଦ'ରୁ ସୃଷ୍ଟି । ଆଜି ପର୍ଯ୍ୟନ୍ତ ସେମାନଙ୍କର ପୂଜାପଦ୍ଧତି, ଯଜ୍ଞ, ରିତି ଓ ବ୍ୟବହାର 'ବେଦ' ଦ୍ୱାରା ପ୍ରେରିତ ।
- 'ବେଦ' ସର୍ବୋଚ୍ଚ ଐଶ୍ୱରିକଜ୍ଞାନ (ପାରବିଦ୍ୟା) ଓ ବ୍ରହ୍ମାଣ୍ଡଜ୍ଞାନ (ଅପାରବିଦ୍ୟା)ର ଉତ୍ସ । ସେଇଥିପାଇଁ 'ବେଦ'ରୁ ଦର୍ଶନଶାସ୍ତ୍ର  ଅତିରିକ୍ତ ଅନ୍ୟ ବିଷୟମାନଙ୍କର ଜ୍ଞାନ ପ୍ରାପ୍ତ ହୋଇଥାଏ, ଯଥା - ବିଜ୍ଞାନ, ସମାଜବିଜ୍ଞାନ, ରାଜନୀତିବିଜ୍ଞାନ, ଶିକ୍ଷାବିଦ୍ୟା, ଚିକିତ୍ସାବିଦ୍ୟା, ମନସ୍ତତ୍ୱବିଦ୍ୟା, ଯୋଗବିଦ୍ୟା, ଶାରିରୀକବିଦ୍ୟା, କୃଷି, କାବ୍ୟ, କଳା ଓ ସଂଗୀତ ଇତ୍ୟାଦି ।
- 'ବେଦ', ତାହାର ପବିତ୍ରୀକରଣ ଓ ପ୍ରତିଷ୍ଠାରେ ଅଦ୍ୱିତୀୟ । ହଜାର ହଜାର ବର୍ଷ ପରେ 'ବେଦ'ର ରଚନାଗୁଡିକ ତା'ର ମୂଳ ରଚନା ପରି  ଏବେ ବି ଅପରିବର୍ତ୍ତିତ ରହିଆସିଅଛି । 'ବେଦ' ହିଁ କେବଳ ବିଶୁଦ୍ଧ ଅଧ୍ୟାତ୍ମିକ ଜ୍ଞାନର ଭଣ୍ଡାର । ଏହା ଏତେ ବିଶୁଦ୍ଧ ଯେ - **'UNESCO'** ଏହାକୁ  ସ୍ୱୀକୃତି ପ୍ରଦାନ କରିଛି । 'UNESCO' ଏହା ଘୋଷଣା କଲା ଯେ - "ଭାରତର ବେଦପଠନ ପରମ୍ପରା, ମାନବଜାତିର ଏକ ଅତିଶ୍ରେଷ୍ଠ ମୌଖିକ ଓ ଅବର୍ଣ୍ଣନୀୟ ଉତ୍କୃଷ୍ଟ ପରମ୍ପରା ଅଟେ" ("The tradition of Vedic chant a Masterpiece of the Oral and Intangible Heritage of Humanity") । 'ବେଦ' ରଚନାରେ ଅନେକ ଲୁକ୍କାୟିତ ଅର୍ଥ ଲୁଚି ରହିଛି । ଏଥିରେ ଅନେକ ରହସ୍ୟମୟ ସତ୍ୟର ଗଭୀର ଅର୍ଥ  ଛପି ରହିଛି । ବେଳେ ବେଳେ ଏଥିରେ ସାଂକେତିକ ସୂଚନା ରହିଥାଏ । ବିଜ୍ଞ ଲୋକମାନେ, ବୈଦିକଯୁଗ ପର ଋଷିମାନଙ୍କ ଠାରୁ ଆରମ୍ଭ କରି ଏବେ ପର୍ଯ୍ୟନ୍ତ ବୈଦିକ ରଚନାର ଗଭୀର ସତ୍ୟ ଅନ୍ୱେଷଣ ଓ

Not for Commercial Use

ଆବିଷ୍କାର କରିଆସୁଅଛନ୍ତି । ଏପରିକି ଅଧୁନିକ ବିଜ୍ଞାନ, ବ୍ରହ୍ମାଣ୍ଡ ସଂବଧୀୟ ଯାହା କିଛି ଆବିଷ୍କାର କରୁଛି, ସେ ସବୁ ଆଗରୁ 'ବେଦ'ରେ ଉଲ୍ଲେଖ ଅଛି । ସେହି କାରଣରୁ 'ବେଦ' ରଚନାର ଅର୍ଥ ଓ ତାହାର ଧାରଣା ବା ବିବୃତି ବୁଝିବା ପାଇଁ, ଅନେକ ପ୍ରାଚୀନ ଓ ଆଧୁନିକ ବିଦ୍ୱାନମାନଙ୍କ ଦ୍ୱାରା ଅନେକ ଭାଷ୍ୟ, ଅନେକ ପ୍ରାସଙ୍ଗିକ ପୁସ୍ତକ, ଓ ଅନେକ ପ୍ରାସଙ୍ଗିକ ଦସ୍ତାବିଜଗୁଡିକ ଲେଖା ହୋଇଅଛି । 'ବେଦ'ର ଅନେକ ଭାଷ୍ୟ ବା ପ୍ରାସଙ୍ଗିକ ପୁସ୍ତକ ବା ଦସ୍ତାବେଜ୍ ଗୁଡିକର ଉପଲବ୍ଧତା 'ବେଦ'ର ମହତ୍ୱକୁ ପ୍ରମାଣ କରୁଛି ।

## ବେଦର ସଂରକ୍ଷଣ

'ବେଦ', ଏତେ ପ୍ରାଚୀନ ସତ୍ୱେ ବି ଏ ପର୍ଯ୍ୟନ୍ତ ଏହା ଅକ୍ଷୁର୍ଣ୍ଣ ଓ ଅପରିବର୍ତ୍ତିତ ରହିଛି । ଏହାର ପୁରୁଷାର୍ଥ ବୈଦିକ ଋଷିମାନଙ୍କୁ ଦିଆଯାଏ, ଯେଉଁମାନେ 'ବେଦ'ର ରକ୍ଷା କରିବା ଓ ଏହାର ରଚନାର ଅକ୍ଷରେ ଅକ୍ଷରେ, ସମସ୍ତ ଅଳଙ୍କାର ସହିତ ସଂରକ୍ଷିତ ରଖିବାକୁ ଉପାୟ ଉଦ୍ଭାବନ କରିଥିଲେ । ବେଦମନ୍ତ୍ରର ସ୍ୱର ପାଇଁ ଶବ୍ଦ ଗଠନର ମୌଳିକତା ସଂରକ୍ଷଣ ହୋଇପାରିଛି । ବୈଦିକ କାଳର ପରସମୟରେ 'ବେଦାଙ୍ଗ' ଓ 'ପ୍ରାତିଶାକ୍ଷ୍ୟ' ଗ୍ରନ୍ଥମାନଙ୍କର ରଚନା ବେଦର ରକ୍ଷା ଓ ସଂରକ୍ଷଣ କରିବାରେ ମହତ୍ୱପୂର୍ଣ୍ଣ ଭୂମିକା ଅର୍ପଣ କରିଆସୁଅଛି । ଆଦିକାଳରୁ "ବେଦପାଠ" ଓ ତାହାର ପଦ୍ଧତିଗୁଡିକ ବେଦର ସଂରକ୍ଷଣ କରିଆସୁଅଛି । ଏହାର "ପ୍ରକୃତିପାଠ" ଦ୍ୱାରା ବେଦମନ୍ତ୍ରମାନଙ୍କୁ ମନେରଖିବା ପାଇଁ ଓ "ବିକୃତିପାଠ" ଦ୍ୱାରା ଶବ୍ଦ ଗଠନ ସହିତ ବୈଦିକ ସ୍ୱରର ଆରୋହ, ଅବରୋହ ଓ ସ୍ୱରାଘାତ ଶିକ୍ଷା କରାଯାଏ ।

(ଏହି ବିଷୟରେ ଆମେ ପୂର୍ବରୁ "ବେଦପଠନ" ବିଭାଗରେ ଆଲୋଚନା କରିସାରିଛେ ।)

## ବେଦର ବୟସ

'ଋକ୍-ବେଦ' ମାନବ ଇତିହାସର **ସବୁଠୁ ପ୍ରାଚୀନ ଗ୍ରନ୍ଥ** ଅଟେ, ଏହା ନିଃସନ୍ଦେହ । କିନ୍ତୁ ଏହାର ବୟସ ଠିକ୍ କରିବା ବଡ଼ କଷ୍ଟକର । ଏହାର କାରଣ ଅନେକ ।

୧. ବେଦ ଅପୌରୁଷେୟ ।

୨. ବେଦମନ୍ତ୍ରରେ କୌଣସି ତାରିଖ ଲେଖା ନାହିଁ ।

୩. କୌଣସି ବାହ୍ୟ ପ୍ରାସଙ୍ଗିକ ଦସ୍ତାବେଜ୍ ନାହିଁ ।

Not for Commercial Use

୪. ଭାରତୀୟ ଓ ବିଦେଶୀ ବିଦ୍ୱାନ ମାନଙ୍କର ମତ ଭିନ୍ନ ଭିନ୍ନ ।

ପ୍ରକୃତରେ ଏହାର ଆରମ୍ଭ କେଉଁଠୁ ଏହା କହିହେବ ନାହିଁ । ଏହାର ଲିପିବଦ୍ଧ ହେବା ପୂର୍ବରୁ ହଜାର ହଜାର ବର୍ଷ ମୌଖିକ ପରମ୍ପରାରେ ପିଢି ରୁ ପିଢି ପର୍ଯ୍ୟନ୍ତ ସଞ୍ଚାରଣ ହୋଇଆସୁଥିଲା । ତେଣୁ ଅତୀତର ମୌଖିକ ବକ୍ତବ୍ୟର ସମୟକୁ ମାପିବା ପାଇଁ ବିଜ୍ଞାନ ନାହିଁ । ବେଦର ଲିପିବଦ୍ଧ ଖ୍ରୀ.ପୂ ୧୭୦୦ ରୁ ୧୫୦୦ ମଧ୍ୟରେ ହୋଇଥିଲା । ତେଣୁ ଇତିହାସକାର, ଭାଷ୍ୟକାର, ଗବେଷକ, ଜ୍ୟୋତିଷ, ଓ ବିଦ୍ୱାନମାନେ ମିଳିଥିବା ପାଣ୍ଡୁଲିପିରୁ ଏହାର ବୟସର ଅନୁମାନ କରିଥିଲେ । ତେଣୁ ଏମାନଙ୍କ ମଧ୍ୟରୁ ଯେଉଁମାନେ ଏହାର ଆକଳନ କରିଥିଲେ, ତାହାର ତଲିକା ତଳେ ଦିଆଯାଇଛି ।

| ନାମ | ସୂତ୍ର | ବେଦର ବୟସ |
|---|---|---|
| ସ୍ୱାମୀ ଦୟାନନ୍ଦ ସରସ୍ୱତୀ | ବେଦମନ୍ତ୍ର | ସୃଷ୍ଟି ଆରମ୍ଭରୁ |
| ଦୀନାନାଥ ଶାସ୍ତ୍ରୀ | ଜ୍ୟୋତିଷ | ୩ ଲକ୍ଷ ବର୍ଷ ପୂର୍ବରୁ |
| ଅବିନାଶ ଚନ୍ଦ୍ର ଦାସ | ଭୂତତ୍ତ୍ୱ | ଖ୍ରୀ.ପୂ ୨୫୦୦୦ |
| ବାଲଗଙ୍ଗାଧର ତିଳକ | ଜ୍ୟୋତିଷ | ଖ୍ରୀ.ପୂ ୬୦୦୦ |
| ଆର୍ ଜି ଭଣ୍ଡାରକର | ବେଦମନ୍ତ୍ର | ଖ୍ରୀ.ପୂ ୬୦୦୦ |
| ଶଙ୍କର ବାଲକୃଷ୍ଣ ଦିକ୍ଷୀତ | ଜ୍ୟୋତିଷ | ଖ୍ରୀ.ପୂ ୩୫୦୦ |
| ଏଚ୍ ଜ୍ୟାକୋବ୍ | ଜ୍ୟୋତିଷ | ଖ୍ରୀ.ପୂ ୪୫୦୦ |
| ଏମ୍ ଭିଣ୍ଟରନିଜ୍ | ବୋଘଜକୋଇ | ଖ୍ରୀ.ପୂ ୨୫୦୦ |
| ଏଫ୍ ମାକ୍ସ ମୁଲ୍ଲେର୍ | ବୈଦ୍ଧିକ ସାହିତ୍ୟ | ଖ୍ରୀ.ପୂ ୧୨୦୦ |

ସମସ୍ତଙ୍କର ସାଧାରଣ ବୁଝାମଣାରୁ ଜାଣିହୁଏ ଯେ, 'ବେଦ'ର ବୟସ ଅତି କମରେ ୫୦୦୦ ବର୍ଷରୁ ଉର୍ଦ୍ଧ ।

ଏବେ ଆମେ ପ୍ରତ୍ୟେକ ବେଦ ମାନଙ୍କ ବିଷୟରେ ସମ୍ୟକ ଜାଣିବା ।

Not for Commercial Use

# ଋକ୍-ବେଦ

'ଋକ୍-ବେଦ' ବିଶ୍ୱର ମାନବ ଇତିହାସର **ସବୁଠୁ ପ୍ରାଚୀନ** ଧର୍ମଗ୍ରନ୍ଥ ଓ ବିଶ୍ୱର **ସର୍ବପ୍ରଥମ** ସାହିତ୍ୟ ଅଟେ । ଇତିହାସକାର, ଭାଷ୍ୟକାର, ବ୍ୟାକରଣଜ୍ଞ, ଗବେଷକ ଓ ପଣ୍ଡିତମାନଙ୍କର ସାଧାରଣ ବୁଝାମଣା ହିସାବରେ 'ଋକ୍-ବେଦ' **୫୦୦୦ ବର୍ଷରୁ** ମଧ୍ୟ ପ୍ରାଚୀନ । କେହି କେହି ଏହାକୁ, ଏହାଠାରୁ ଅନେକ ପୁରୁଣା ବୋଲି ମାନନ୍ତି । 'ଋକ୍-ବେଦ' ସଂହିତା କହିଲେ, ଏହା ମନ୍ତ୍ର ସମୁହର ସମାହାର । ତେଣୁ ଏହା ଗୋଟିଏ ପୁସ୍ତକ ନୁହେଁ । ଏଥିରେ ଥିବା ମନ୍ତ୍ର ସମୁହ ବିଭିନ୍ନ ସମୟରେ ରଚନା କରାଯାଇଥିଲା, ସେଗୁଡିକ ମଧ୍ୟରେ କିଛି ପୁରୁଣା ଓ ନୂତନ ରଚନା ଅଛି । ଏହାର ଭାଷା, ଶୈଳୀ, ଓ ବିଚାର, ଏହାର ପ୍ରମାଣ କରିଥାଏ । ଏହି ସଂହିତାର ମନ୍ତ୍ର ସମୁହର ବିଧିବଧ ସଙ୍ଗଠିତ ହେବା ପୂର୍ବରୁ, ସେଗୁଡିକ ଅନେକ ବର୍ଷ ପୂର୍ବରୁ ରଚନା କରାଯାଇଥିଲା । ସେଇଥିପାଇଁ ଏହା ଅନ୍ୟ ବେଦମାନଙ୍କ ଠାରୁ ଅଧିକ ପ୍ରାକୃତିକ ଚରିତ୍ରର ରଚନା ଅଟେ ।

'ଋକ୍-ବେଦ', ୪ଟି ବେଦମାନଙ୍କ ମଧ୍ୟରୁ **ସବୁଠୁ ପୁରୁଣା ଓ ବଡ଼** ଅଟେ । ଏହା ଭାରତର ସର୍ବପ୍ରଥମ ପବିତ୍ର ଧର୍ମଗ୍ରନ୍ଥ ଅଟେ । ଏଥିରେ ପ୍ରାଚୀନ ସଂସ୍କୃତର ପଦ୍ୟଗୁଡିକ ଦେଖିବାକୁ ମିଳିଥାଏ । ଏହା ଭାରତର ଧର୍ମ ଓ ଦାର୍ଶନିକ କ୍ରମାଗତ ଉନ୍ନତିର ମୂଳ ଅଟେ । ତେଣୁ ଏହାର ପଦ୍ୟ, ଏହାର ଧାର୍ମିକତା ଓ ଏହାର ଦାର୍ଶନିକତା  ମହତ୍ୱ ପାଇଁ, ଯେଉଁମାନେ ଭାରତୀୟ ସାହିତ୍ୟ ଓ ଐଶ୍ୱରିକ ସଂସ୍କୃତି ବୁଝିବାକୁ ଚାହୁଁଛନ୍ତି, ସେମାନେ 'ଋକ୍-ବେଦ' ପଢିବା ଆବଶ୍ୟକ । ଆଜି 'ଋକ୍-ବେଦ'ର ମହତ୍ୱ କେବଳ ଭାରତ ପର୍ଯ୍ୟନ୍ତ ସୀମିତ ନୁହେଁ, ଏହାର ସର୍ବ ସଂରକ୍ଷିତ ଭାଷା, ଓ ପୌରାଣିକତା ପାଇଁ, ଏହା ବିଶ୍ୱର ଭାଷା, ସାହିତ୍ୟ, ଓ ସଂସ୍କୃତିକୁ ଅଧିକ ବୁଝିବାରେ ସାହାଯ୍ୟ କରିଆସୁଅଛି ।

Not for Commercial Use

"ଋକ୍-ବେଦ" ଦୁଇଟି ଶବ୍ଦରୁ ଉତ୍ପନ୍ନ ହୋଇଛି । ଋକ୍ ଓ ବେଦ । "ଋକ୍", ଋଚ୍ ଶବ୍ଦରୁ ତିଆରି, ଋଚ୍ ର ଅର୍ଥ ପ୍ରଶଂସା ବା ସ୍ତୁତି କରିବା । ସ୍ତୁତିକୁ ପଦ୍ୟ ଓ ଛନ୍ଦ ଆକାରରେ ଲେଖିଲେ ବା ବ୍ୟକ୍ତ କଲେ, ତାହା ଋକ୍ ବା ମନ୍ତ୍ର ହୁଏ । "ବେଦ"ର ଅର୍ଥ ଜ୍ଞାନ ।
ତେଣୁ "ଋକ୍-ବେଦ"ର ଅର୍ଥ ଏହା କରାଯାଇପାରେ ଯେ, ସ୍ତୁତି ସଂବଧୀୟ ଜ୍ଞାନ ଯେଉଁଠୁ ପ୍ରାପ୍ତ ହୁଏ, ତାହା "ଋକ୍-ବେଦ" । ସଂପୁର୍ଣ୍ଣ 'ଋକ୍-ବେଦ' **ପଦ୍ୟ** ଆକାରରେ ରଚନା କରାଯାଇଛି । 'ଋକ୍-ବେଦ' ୪ଟି ବେଦ ମଧ୍ୟରୁ ସବୁଠୁ ପୁରୁଣା ଓ ସବୁଠୁ ବଡ଼ । ସେଥିରେ ୧,୦୨୮ଟି "ସୂକ୍ତ" ଅଛି । ସେଥିରେ ସମୁଦାୟ **୧୦,୫୫୨**ଟି "**ଶ୍ଲୋକ** ବା ମନ୍ତ୍ର", ୨୧,୦୩୫ଟି "ପଦ" (ଲାଇନ୍), ୩୯,୮୩୯ଟି "ପାଦ", ୧,୬୩,୫୫୭ଟି "ଶବ୍ଦ", ଓ ୩,୮୪,୧୬୭ଟି "ଅକ୍ଷର" ଅଛି ।

## 'ଋକ୍-ବେଦ' ପ୍ରବନ୍ଧନ

ଅକ୍ଷରରୁ ଶବ୍ଦ, ଶବ୍ଦରୁ ପାଦ, ପାଦରୁ ପଦ, ପଦରୁ ମନ୍ତ୍ର, ମନ୍ତ୍ରରୁ ସୂକ୍ତ, ସୂକ୍ତରୁ ଅନୁବାକ ବା ବର୍ଗ ତିଆରି ହୁଏ, ତଥା ଅନୁବାକରୁ **ମଣ୍ଡଳ** ବା ବର୍ଗରୁ ଅଧ୍ୟାୟ ଓ ଅଧ୍ୟାୟରୁ **ଅଷ୍ଟକ** ତିଆରି ହୋଇଥାଏ ।

'ଋକ୍-ବେଦ'ରେ ସୂକ୍ତ ବା ଅଧ୍ୟାୟଗୁଡିକ ଦୁଇ ପ୍ରକାରର ପ୍ରବନ୍ଧ ଦ୍ୱାରା ବ୍ୟବସ୍ଥିତ କରାଯାଇଛି, ଯଥା - **ମଣ୍ଡଳ** ଓ **ଅଷ୍ଟକ** ।

**୧. ମଣ୍ଡଳ** - ଏହି ପ୍ରବନ୍ଧରେ ୧୦ଟି ମଣ୍ଡଳ (ପୁସ୍ତକ) ଅଛି । ପ୍ରତ୍ୟେକ ମଣ୍ଡଳରେ ଅନୁବାକ, ପ୍ରତ୍ୟେକ ଅନୁବାକରେ ସୂକ୍ତ, ଓ ପ୍ରତ୍ୟେକ ସୂକ୍ତରେ ମନ୍ତ୍ରସମୁହ ଥାଏ । ମଣ୍ଡଳ ପ୍ରବନ୍ଧ ସବୁଠୁ ପ୍ରସିଦ୍ଧ ଓ ପ୍ରଚଳିତ । ମନ୍ତ୍ରମାନଙ୍କର ଇଙ୍ଗିତ ବା ସୂଚନା ପାଇଁ ଏହି ପ୍ରବନ୍ଧ ବିଦ୍ୱାନମାନେ ବ୍ୟବହାର କରିଥାନ୍ତି । ଉଦାରଣ ସ୍ୱରୂପ - ଋ.ବେ - ୧.୨୫.୧୮ ର ଅର୍ଥ, 'ଋକ୍-ବେଦ'ର ପ୍ରଥମ ମଣ୍ଡଳର ୨୫ତମ ସୂକ୍ତର ୧୮ତମ ମନ୍ତ୍ର ।

Not for Commercial Use

**୨. ଅଷ୍ଟକ** - ଏହି ପ୍ରବନ୍ଧରେ ୮ଟି ଅଷ୍ଟକ (ପୁସ୍ତକ) ରହିଥାଏ । ପ୍ରତ୍ୟେକ ଅଷ୍ଟକରେ ୮ଟି ଅଧ୍ୟାୟ, ପ୍ରତ୍ୟେକ ଅଧ୍ୟାୟରେ ବର୍ଗ ଓ ପ୍ରତ୍ୟେକ ବର୍ଗରେ ମନ୍ତ୍ର ସମୁହ ଥାଏ । ଏହି ପଦ୍ଧତି ବିଦ୍ୱାନମାନଙ୍କ ମଧ୍ୟରେ ସେତେ ପ୍ରଚଳିତ ନୁହେଁ ।

'ଋକ୍-ବେଦ'ର ସମସ୍ତ ଶାଖା ସଂହିତାରେ ଏହି ପ୍ରବନ୍ଧ ନିୟମ ଅନୁସରଣ କରାଯାଇଥାଏ । ମଣ୍ଡଳ ପ୍ରବନ୍ଧରେ, ଏହାର ସୂକ୍ତ, ମନ୍ତ୍ର, ପଦ, ପାଦ, ଶବ୍ଦ ଓ ଅକ୍ଷର ସଂଖ୍ୟା ଗୁଡିକ ତଳେ ଟେବୁଲରେ ଦିଆଯାଇଛି ।

| | ମଣ୍ଡଳ ୧ | ମଣ୍ଡଳ ୨ | ମଣ୍ଡଳ ୩ | ମଣ୍ଡଳ ୪ | ମଣ୍ଡଳ ୫ | ମଣ୍ଡଳ ୬ | ମଣ୍ଡଳ ୭ | ମଣ୍ଡଳ ୮ | ମଣ୍ଡଳ ୯ | ମଣ୍ଡଳ ୧୦ | ସମୁଦାୟ |
|---|---|---|---|---|---|---|---|---|---|---|---|
| **ସୂକ୍ତ** | ୧୯୧ | ୪୩ | ୬୨ | ୫୮ | ୮୭ | ୭୫ | ୧୦୪ | ୧୦୩ | ୧୧୪ | ୧୯୧ | ୧,୦୨୮ |
| **ମନ୍ତ୍ର** | ୨୦୦୬ | ୪୨୯ | ୬୧୭ | ୫୮୯ | ୭୨୭ | ୭୬୫ | ୮୪୧ | ୧୭୧୬ | ୧୧୦୮ | ୧୭୫୪ | ୧୦,୫୫୨ |
| **ପଦ** | ୪୦୪୦ | ୮୫୯ | ୧୨୩୪ | ୧୧୭୮ | ୧୪୪୭ | ୧୫୨୬ | ୧୬୪୨ | ୩୪୧୯ | ୨୧୯୨ | ୩୪୯୮ | ୨୧,୦୩୫ |
| **ପାଦ** | ୭୭୪୫ | ୧୬୯୪ | ୨୩୫୭ | ୨୨୪୯ | ୨୮୬୦ | ୨୯୧୯ | ୩୧୯୦ | ୬୦୭୧ | ୬୦୭୧ | ୬୯୯୬ | ୩୯,୮୩୯ |
| **ଶବ୍ଦ** | ୩୨୨୬୩ | ୭୬୯୮ | ୯୮୯୯ | ୯୬୭୩ | ୧୧୫୩୭ | ୧୨୫୨୯ | ୧୪୧୭୮ | ୨୧୮୧୭ | ୧୪୦୭୬ | ୨୯୮୮୭ | ୧,୬୩,୫୫୭ |
| **ଅକ୍ଷର** | ୭୫୭୪୯ | ୧୭୯୨୬ | ୨୩୯୫୧ | ୨୨୫୨୯ | ୨୭୨୨୩ | ୨୯୦୧୦ | ୩୨୯୩୯ | ୫୦୬୯୪ | ୩୪୦୫୭ | ୭୦୦୩୯ | ୩,୮୪,୧୭୭ |

## 'ଋକ୍-ବେଦ' - ମନ୍ତ୍ର ଓ ଛନ୍ଦ

'ଋକ୍-ବେଦ' ସଂପୂର୍ଣ୍ଣ ପଦ୍ୟ ଆକାରରେ ଲେଖାଯାଇଛି । ତେଣୁ ଏହାର ମନ୍ତ୍ରସମୁହ ମଧ୍ୟ ପଦ୍ୟ ଆକାରରେ ଅଛି । ପଦ୍ୟ ଛନ୍ଦର ନିୟମ ଅନୁସାରେ ଲେଖାଯାଏ, ତେଣୁ 'ଋକ୍-ବେଦ'ରେ ଥିବା ମନ୍ତ୍ରସମୁହ ମଧ୍ୟ ଛନ୍ଦ ନିୟମ ଅନୁସାରେ ଲେଖାଯାଇଛି । 'ଋକ୍-ବେଦ'ରେ ୧୩ଟି ଛନ୍ଦ ବ୍ୟବହାର କରାଯାଇଛି, ସେଥିମଧ୍ୟରୁ ୭ଟି 'ମୁଖ୍ୟଛନ୍ଦ' ଗୁଡିକ ଅଧିକ ବ୍ୟବହୃତ ହୋଇଅଛି । ଏହି ୭ଟି ମୁଖ୍ୟ ଛନ୍ଦମାନଙ୍କ ମଧ୍ୟରୁ ତ୍ରିଷ୍ଟୁପ୍ ଓ ଗାୟତ୍ରୀ ଛନ୍ଦ ସର୍ବାଧିକ ବ୍ୟବହାର କରାଯାଇଛି । ମନ୍ତ୍ରମାନଙ୍କ ସଂଖ୍ୟା ଦୃଷ୍ଟିରୁ, ୭ଟି ମୁଖ୍ୟ ଛନ୍ଦମାନଙ୍କର ମନ୍ତ୍ର ସଂଖ୍ୟା ଏହି ପ୍ରକାରର –

Not for Commercial Use

| ଛନ୍ଦ | ମନ୍ତ୍ର | ଛନ୍ଦ | ମନ୍ତ୍ର | ଛନ୍ଦ | ମନ୍ତ୍ର | ଛନ୍ଦ | ମନ୍ତ୍ର |
|---|---|---|---|---|---|---|---|
| ଗାୟତ୍ରୀ | ୨୪୫୧ | ଉଷ୍ଣିକ୍ | ୩୪୧ | ଅନୁଷ୍ଟୁପ୍ | ୮୫୫ | ବୃହତୀ | ୧୮୧ |
| ପଙ୍କ୍ତି | ୩୧୨ | ତ୍ରିଷ୍ଟୁପ୍ | ୪୨୫୩ | ଜଗତୀ | ୧୩୪୮ | ଅନ୍ୟ ଛନ୍ଦ | ୮୧୧ |

## 'ଋକ୍-ବେଦ' - ମନ୍ତ୍ର ଓ ଦେବତା

ନିରୁକ୍ତ ଅନୁସାରେ ବେଦରେ ୩ଟି ମୁଖ୍ୟ ଦେବତା ଅଛନ୍ତି । ଭୂଃ ସ୍ଥାନର ଦେବତା ଅଗ୍ନି, ଭୁବଃ ସ୍ଥାନର ଦେବତା ବାୟୁ ଓ/ବା ଇନ୍ଦ୍ର, ସ୍ୱଃ ସ୍ଥାନର ଦେବତା ଆଦିତ୍ୟ । ଅନ୍ୟ ଦେବତାମାନେ 'ମୁଖ୍ୟ ଦେବତା'ମାନଙ୍କର ଅଲଗା ଅଲଗା ନାମରେ ବା ସେମାନଙ୍କର କର୍ମ ବା ଆତ୍ମା ଅନୁସାରେ ସ୍ତୁତି କରାଯାଇଥାନ୍ତି । 'ଋକ୍-ବେଦ'ରେ ୧୦୨୮ଟି ସୂକ୍ତ ଅଛି । ସେମାନଙ୍କ ମଧ୍ୟରୁ ଅନେକ ସୂକ୍ତ ସ୍ୱତନ୍ତ୍ରରୂପେ ମୁଖ୍ୟ ଦେବତାମାନଙ୍କ ସ୍ତୁତି ଉଦ୍ଦେଶ୍ୟରେ ରଚନା କରାଯାଇଛି । ଆଉ କିଛି ସୂକ୍ତ ମଧ୍ୟରେ, ମନ୍ତ୍ରସମୂହ ଅନେକ ଦେବତାଙ୍କ ସ୍ତୁତି ଉଦ୍ଦେଶ୍ୟରେ ରଚନା କରାଯାଇଛି । ଆଉ କିଛି ମନ୍ତ୍ର ମଧ୍ୟ ଯୁଗ୍ମ ଦେବତା, ଅର୍ଥାତ ୨ଟି ଦେବତାଙ୍କ ସ୍ତୁତି ଉଦ୍ଦେଶ୍ୟରେ ରଚନା କରାଯାଇଛି ।

'ଋକ୍-ବେଦ'ରେ ପ୍ରାୟ ୫୦ରୁ ଉର୍ଦ୍ଧ ଦେବତାମାନଙ୍କର ସ୍ତୁତି କରାଯାଇଛି । ସେହି ଦେବତା ମାନଙ୍କର ନାମ ଓ (ସୂକ୍ତ ସଂଖ୍ୟା) ତଳେ ଦିଆଗଲା ।

| |
|---|
| ଇନ୍ଦ୍ର (୨୫୦), ଅଗ୍ନି (୨୦୦), ସୋମ (୧୨୩), ବିଶ୍ୱଦେବା (୭୦), ଅଶ୍ୱିନୌ (୫୬), ବରୁଣ (୪୬), ମରୁତ (୩୮), ମିତ୍ର (୨୮), ଉଷା (୨୧), ବାୟୁ (୨୧), ସବିତୃ (୧୧), ଋଭୁ (୧୧), ପୁଷଣ୍ (୧୦), ଆପ୍ରୀ (୯), ବୃହସ୍ପତି (୮), ସୂର୍ଯ୍ୟ (୮), ଦ୍ୟୌଷ୍ପିତୃ ଓ ପୃଥିବୀ (୬), ଆପଃ (୬), ଆଦିତ୍ୟ (୬), ବିଷ୍ଣୁ (୬), ବ୍ରହ୍ମଣସ୍ପତି (୬), ରୁଦ୍ର (୫), ଦଧିକ୍ରା (୪), ଯମ (୪), ସରସ୍ୱତୀ (୩), ବାଚ୍ (୨), ବାସ୍ତୋଷ୍ପତି (୨), ବିଶ୍ୱକର୍ମନ (୨), ମନ୍ୟୁ (୨), କପିଞ୍ଜଲ (୨), ମାନସ, ଦକ୍ଷିଣା, ପୁରୁଷ, ଆଦିତି, ଭଗଃ, କ୍ଷେତ୍ରପତି, ଘୃତ, ନିର୍ଋତି, ସରମା, ପଣୟଃ, ଉର୍ବଶୀ, ପୁରୁରବା, ବେନଃ, ଅରଣ୍ୟାନୀ, ମାୟାଭେଦଃ, ତର୍କ୍ଷ୍ୟ, ତ୍ୱଷ୍ଟୃ, ସରନ୍ୟୂ ଇତ୍ୟାଦି । |

Not for Commercial Use

ଦେବତା ମାନଙ୍କର ମନ୍ତ୍ର ଓ ସ୍ତୁତିରୁ ଲକ୍ଷ୍ୟ କଲେ ଜାଣିହୁଏ ଯେ, - ଭୁଃ ସ୍ଥାନର ଦେବତା ଅଗ୍ନି ହୋଇଥିବାରୁ, ଅଗ୍ନିଙ୍କୁ ପ୍ରଥମ ସୂକ୍ତ ଦିଆଯାଇଛି । ଅଗ୍ନି ଓ ଅଗ୍ନି ସଂବନ୍ଧୀୟ ଦେବତା ମାନଙ୍କର ସୂକ୍ତ ଓ ମନ୍ତ୍ର ସଂଖ୍ୟା ଅଧିକ ଅଛି । ଭୁବଃ ସ୍ଥାନର ଦେବତା ଇନ୍ଦ୍ର ବା/ଓ ବାୟୁ ହୋଇଥିବାରୁ, ଇନ୍ଦ୍ର, ବାୟୁ ଓ ସେମାନଙ୍କର ସଂବନ୍ଧୀୟ ସୂକ୍ତ ଓ ମନ୍ତ୍ର ସଂଖ୍ୟା ଅଧିକ ଅଛି । ସେହିପରି ସ୍ୱଃ ସ୍ଥାନର ଦେବତା ଆଦିତ୍ୟ ହୋଇଥିବାରୁ, ଆଦିତ୍ୟ ଓ ଆଦିତ୍ୟ ସଂବନ୍ଧୀୟ ସୂକ୍ତ ଓ ମନ୍ତ୍ର ସଂଖ୍ୟା ଅଧିକ ଅଛି । ଅଦେବତା ବା ସେମାନଙ୍କର ଆତ୍ମାଙ୍କ ସୂକ୍ତ ସଂଖ୍ୟା ଅଳ୍ପ ଅଛି ।

## 'ଋକ୍-ବେଦ' - ରଚନା ଓ ସଙ୍ଗଠନ

ଅଗରୁ ଆମେ ଏହି ପୁସ୍ତକରେ ଆଲୋଚନା କରିଛେ ଯେ, କିଛି ମହାନ ଆତ୍ମାଙ୍କ ଧ୍ୟାନ ଓ ତପସ୍ୟା ସମୟରେ ବୈଦିକ ମନ୍ତ୍ରସମୁହ ସେମାନଙ୍କୁ ପ୍ରକଟିତ ହୋଇଥିଲା, ଓ ସେହି ମନ୍ତ୍ରମାନଙ୍କୁ '**ବେଦବ୍ୟାସ**' ତାହାର ବିଷୟବସ୍ତୁ ଓ ପ୍ରାଧ୍ୟାନ୍ୟ ଅନୁସାରେ ୪ଟି ଭାଗରେ ବିଭକ୍ତ କରିଥିଲେ, ଯାହାକି 'ଚତୁର୍ବେଦ' ନାମରେ ଜଣା । ସେଥିରୁ 'ଋକ୍-ବେଦ' ମନ୍ତ୍ରସମୁହ ମୁଖ୍ୟତଃ **୧୦**ଟି **ଋଷିକୁଳ**ମାନଙ୍କର, ଯାହା ପ୍ରାୟ ୯୫ଭାଗ, ଓ ଏହା ସହିତ ଅନ୍ୟ ଋଷିମାନଙ୍କର ମନ୍ତ୍ରସମୁହ ମଧ୍ୟ ଥିଲା । ସେ, ଯେଉଁ ଋଷିକୁଳମାନଙ୍କର ମନ୍ତ୍ରସମୁହ ଏଥିପାଇଁ ବ୍ୟବହାର କରିଥିଲେ, ସେମାନଙ୍କର ମନ୍ତ୍ର ସଂଖ୍ୟା, ତଥା ସେଗୁଡିକ ଅଖଣ୍ଡ ଭାରତର କେଉଁ ସ୍ଥାନ ବା ପ୍ରାନ୍ତଭୂମି ମାନଙ୍କରେ ରଚନା କରାଯାଇଥିଲା, ତାହାର ତାଲିକା ତଳେ ଟେବୁଲରେ ଦିଆଯାଇଛି ।

**ଋଷି, ସେମାନଙ୍କର ମନ୍ତ୍ର ସଂଖ୍ୟା ଓ ରଚନା ସ୍ଥାନ / ନଦୀ**

| ଋଷି | ମନ୍ତ୍ର ସଂଖ୍ୟା | ରଚନା ସ୍ଥାନ / ନଦୀ |
|---|---|---|
| ଅଗସ୍ତ୍ୟ | ୩୧୬ | ଉତ୍ତର-ପଶ୍ଚିମ ଭାରତ, ଗୋଦାବରୀ |
| ଗୃତ୍ସମଦ | ୪୦୧ | ଉତ୍ତର-ପଶ୍ଚିମ ଭାରତ, ପଞ୍ଜାବ |
| ବିଶ୍ୱାମିତ୍ର | ୯୮୩ | ପଞ୍ଜାବ, ସରସ୍ୱତୀ |
| ବାମଦେବ | ୫୮୯ | ଉତ୍ତର-ପଶ୍ଚିମ ଭାରତ, ପଞ୍ଜାବ |
| ଅତ୍ରି | ୮୮୫ | ଉତ୍ତର-ପଶ୍ଚିମ ଭାରତ, ପଞ୍ଜାବ, ଯମୁନା |

Not for Commercial Use

| | | |
|---|---|---|
| ଭରଦ୍ୱାଜ | ୩୬୧୯ | ଉତ୍ତର-ପଶ୍ଚିମ ଭାରତ, ପଞ୍ଜାବ, ସରସ୍ୱତୀ, ଗଙ୍ଗା |
| ବସିଷ୍ଠ | ୧୨୭୬ | ପଞ୍ଜାବ, ସରସ୍ୱତୀ, ଯମୁନା |
| କଣ୍ୱ ଓ ଆଙ୍ଗିରସ | ୧୩୧୫ | ଉତ୍ତର-ପଶ୍ଚିମ ଭାରତ, ପଞ୍ଜାବ |
| କଶ୍ୟପ | ୪୧୫ | ହିମାଳୟ |
| ଭରତ | ୧୭୦ | ରାବୀ |
| ଭୃଗୁ | ୪୭୩ | ବ୍ରହ୍ମବର୍ତ୍ତ |

- ଭାରତ ଅର୍ଥ ଅଖଣ୍ଡ ଭାରତ ।
- ପଞ୍ଜାବର ଅର୍ଥ ପଞ୍ଚନ୍ଦେର ଦେଶ, ଉତ୍ତର ପଥକୁ ବର୍ତ୍ତମାନର ଉତ୍ତର ପ୍ରଦେଶ ଅଟେ ।
- ନଦୀ ଅର୍ଥ – ନଦୀକୂଳରେ ଆଶ୍ରମ ବା ଗୁରୁକୁଳ ।

ଉପରୋକ୍ତ ତାଲିକାରେ, ଯେଉଁଋଷି ମାନଙ୍କର ମନ୍ତ୍ର ସଂଖ୍ୟା ୧୦୦ରୁ ଉର୍ଦ୍ଧ ଥିଲା, ସେମାନଙ୍କୁ କେବଳ ଅନ୍ତର୍ଭୁକ୍ତ କରାଯାଇଛି । ଅନ୍ୟ ଋଷିମାନଙ୍କର ନାମ, ଯେତେବେଳେ ମଣ୍ଡଳ ଆଲୋଚନା କରିବା ସେ ସମୟରେ ଉଲ୍ଲେଖ କରିବା । 'ଋକ୍-ବେଦ' ରଚନାରେ ନାରୀ ଋଷି (ଋଷିକା) ମାନେ ମଧ୍ୟ ଅଂଶ ଗ୍ରହଣ କରିଥିଲେ ।

**'ଋକ୍-ବେଦ' - ସଙ୍ଗଠନ**

'ବେଦବ୍ୟାସ' ଏହି ମନ୍ତ୍ରମାନଙ୍କୁ ଏକ ବୈଜ୍ଞାନିକ ପଦ୍ଧତିରେ 'ଋକ୍-ବେଦ'ରେ ସଙ୍ଗଠିତ କରିଥିଲେ, ଯାହା '**ଦଶତ୍ରୟୀ**' ନାମରେ ଜଣା । 'ଦଶତ୍ରୟୀ' ଅର୍ଥ ୧୦ଟି ମୁଖ୍ୟ ଋଷିକୁଳ, ଯେଉଁମାନଙ୍କ ପାଖରେ ସର୍ବାଧିକ ତ୍ରିଗୁଣମନ୍ତ୍ର ବା **'ବେଦତ୍ରୟୀ ମନ୍ତ୍ର**' ସମୁହ ଥିଲା । ତେଣୁ ୧୦ଟି ଭାଗରେ ତ୍ରିଗୁଣ ମନ୍ତ୍ରମାନଙ୍କୁ ସଙ୍ଗଠିତ କରିଥିଲେ । ପ୍ରତ୍ୟେକ ଭାଗ '**ମଣ୍ଡଳ**' ନାମରେ ଜଣା । ସେ, ମନ୍ତ୍ରସମୁହର ବିଷୟବସ୍ତୁ ଓ ପ୍ରାଧାନ୍ୟ ଅନୁସାରେ ସଙ୍ଗଠିତ କରିଥିଲେ ।

ସେ, ମନ୍ତ୍ରମାନଙ୍କୁ ତଳେ ଲିଖିତ ଯୁକ୍ତି ଅନୁସାରେ ୧୦ଭାଗରେ ସଙ୍ଗଠିତ କରିଥିଲେ -

- ପ୍ରଥମେ ସେ, **୭ଟି ବଡ଼ ଋଷିକୁଳ**, ଯେଉଁମାନଙ୍କର ମନ୍ତ୍ର ସଂଖ୍ୟା ଅଧିକ ଥିଲା, ଓ ସେମାନଙ୍କର ମନ୍ତ୍ରସମୁହ ସମଜାତୀୟ ଥିଲା । ସେମାନଙ୍କୁ ଗୋଟିଏ ଗୋଟିଏ ଭାଗରେ ବିଷୟବସ୍ତୁ ଅନୁସାରେ ସଙ୍ଗଠିତ କରିଥିଲେ (ମଣ୍ଡଳ ୨ ରୁ ୮) ।

Not for Commercial Use

- ଗୋଟିଏ ଭାଗରେ ସମସ୍ତ "**ସୋମ ସୂକ୍ତ**"ମାନଙ୍କୁ ସଙ୍ଗଠିତ କରିଥିଲେ (ମଣ୍ଡଳ - ୯ ) ।
- ଯେଉଁ ଋଷିମାନଙ୍କର ମନ୍ତ୍ର ସଂଖ୍ୟା ୧୦୦ରୁ ଉର୍ଦ୍ଧ ଥିଲା, ସେମାନଙ୍କର ମନ୍ତ୍ର ଓ ବଡ଼ ଋଷିକୁଳର ମନ୍ତ୍ରମାନଙ୍କୁ ଗୋଟିଏ ଭାଗରେ ସଙ୍ଗଠିତ କରିଥିଲେ । ଏ ସମସ୍ତ ମନ୍ତ୍ର ସମୁହ **'ପ୍ରହେଳିକା ବା କୌତୁହଳପୂର୍ଣ୍ଣ ଦର୍ଶନତତ୍ତ୍ୱ'** ବିଷୟ ଉପରେ ଆଧାରିତ ଥିଲା, ଯେଉଁଗୁଡିକ ପର ସମୟରେ 'ଉପନିଷଦ' ରଚନା କରିବା ପାଇଁ ଅନୁପ୍ରାଣିତ କରିଥିଲା (ମଣ୍ଡଳ - ୧) ।
- **ଅବଶିଷ୍ଟ** ମନ୍ତ୍ରସମୁହ, ଓ ଯେଉଁ ଋଷିମାନଙ୍କର ଅଳ୍ପ ମନ୍ତ୍ର ସଂଖ୍ୟା ଥିଲା, ତଥା ଯେଉଁ ମନ୍ତ୍ରମାନଙ୍କର ରଚୟିତା ସନ୍ଦେହଜନକ ଥିଲା, ଯେଉଁ ମନ୍ତ୍ରମାନଙ୍କର ବିଷୟବସ୍ତୁ ଉପରୋକ୍ତ ଭାଗରେ ଯୋଗ୍ୟ ବିବେଚିତ ହୋଇପାରୁନଥିଲା, ସେ ସମସ୍ତ ମନ୍ତ୍ରମାନଙ୍କୁ ଗୋଟିଏ ଭାଗରେ ସଙ୍ଗଠିତ କରିଥିଲେ (ମଣ୍ଡଳ - ୧୦) ।
- ପ୍ରତ୍ୟେକ ମନ୍ତ୍ରକୁ, ତାହାର **ବିଷୟ** ଅନୁସାରେ, ତାହାର **ଛନ୍ଦ** ରଚନା ଅନୁସାରେ, ଓ ତାହାର **ଦେବତା** ଅନୁସାରେ, ପ୍ରତ୍ୟେକ ସୂକ୍ତ ଅଧୀନରେ ରଖାଯାଇଥିଲା, ତଥା ପ୍ରତ୍ୟକ ସୂକ୍ତକୁ, ତାହାର ବିଷୟ ଅନୁସାରେ ପ୍ରତ୍ୟେକ ଭାଗରେ (ମଣ୍ଡଳ) ରଖାଯାଇଥିଲା ।

## 'ଋକ୍-ବେଦ' - ବେଦପଠନ ଓ ସଞ୍ଚାରଣ

'ଋକ୍-ବେଦ' ହଜାର ହଜାର ବର୍ଷ ଧରି ଗୁରୁ-ଶିଷ୍ୟ ଓ ପୁତ୍ର-ପୌତ୍ରମାନଙ୍କ ଦ୍ୱରା ମୌଖିକ ପରମ୍ପରାରେ ପିଢି ରୁ ପିଢି ସଂଞ୍ଚରିତ ହୋଇ ଆମ ମାନଙ୍କ ପାଖରେ ପହଞ୍ଚିଛି । ଏହାର ପଠନ ଶୈଳୀ, ସ୍ୱର ଓ ପଦ୍ଧତି ଆଦିକାଳପରି ଅକ୍ଷୁର୍ଣ୍ଣ ରହିଛିଆସିଅଛି । 'ପ୍ରକୃତିପାଠ' ଦ୍ୱାରା ବେଦମନ୍ତ୍ର ମାନଙ୍କୁ ମନେରଖିବା ପାଇଁ ଓ 'ବିକୃତିପାଠ' ଦ୍ୱାରା ବେଦମନ୍ତ୍ର ମାନଙ୍କର ଶୈଳୀ, ପଦଗଠନ ଓ ସ୍ୱର ଇତ୍ୟାଦିକୁ ମନେରଖିବା ପାଇଁ ବ୍ୟବହାର କରାଯାଇଆସୁଅଛି । ସେଇଥିପାଇଁ ଏବେ ବି **ସାରା ବିଶ୍ୱରେ ଏକ ପ୍ରକାରର ପାଠ** କରାହେଉଛି । ପର ସମୟରେ ଯେତେବେଳେ ବେଦମନ୍ତ୍ରର ଲିପିକରଣ ହେଲା, ଏହାର ରକ୍ଷା ପାଇଁ 'ବେଦାଙ୍ଗ' ଓ

Not for Commercial Use

'ପ୍ରାତିଶାକ୍ଷ୍ୟ' ଗୁଡିକ ରଚନା କରାଯାଇଥିଲା । (ଏ ବିଷୟରେ ଅଧିକ ଜାଣିବା ପାଇଁ, ପୂର୍ବରେ "ବେଦପଠନ" ବିଭାଗ ଦେଖନ୍ତୁ )।

## 'ଋକ୍-ବେଦ' - ଶାଖା ସଂହିତା

ଶାଖା ସଂହିତା, ବିଭିନ୍ନ ଋଷିକୁଳର ବେଦ ସଂସ୍କରଣ, ଅର୍ଥାତ 'ଋକ୍-ବେଦ' ସେହି ଗୋଟିଏ, କିନ୍ତୁ ଅଲଗା ଋଷିମାନଙ୍କର ଏହା ଏକ ସଂସ୍କରଣ ବା ନକଲ, ବା କପି । ଉଦାହରଣ ସ୍ୱରୂପ - ଋକ୍-ବେଦ '**ପୈଲ**' ବ୍ୟାସଦେବଙ୍କ ଠାରୁ ଶିକ୍ଷା କଲେ, ତାହା ହେଲା '**ମୂଳ ସଂସ୍କରଣ**' । ସମୟ ଅନୁକ୍ରମେ ବେଦ ଶିକ୍ଷାର ପ୍ରସାର ଓ ଅନୁସରଣକାରି ବଢିଲେ, ବେଦର ପ୍ରସାର ଆବଶ୍ୟକ ଅନୁଭୁତ ହେଲା । ସମୟାନୁକ୍ରମେ 'ପୈଲ'ଙ୍କର ଶିଷ୍ୟମାନେ ନିଜ ନିଜ ନାମରେ ତାଙ୍କର ସଂସ୍କରଣ ତିଆରି କଲେ ଓ ତାହାକୁ ଅନୁସରଣ କଲେ । ତେଣୁ ଶିଷ୍ୟଋଷି ମାନେ ମୂଳ ସଂସ୍କରଣରେ ସେମାନଙ୍କର କିଛି ଯୋଗଦାନ କଲେ ଓ ଏହାର ପଠନ ପଦ୍ଧତି ଓ କର୍ମ ପଦ୍ଧତିରେ ପରିବର୍ତ୍ତନ କରିଥିଲେ । ପ୍ରତ୍ୟେକ ଶାଖା ସଂହିତାରେ ମୂଳ ସଂସ୍କରଣ ନିଶ୍ଚିତ ଅଛି, ଯାହାକି ପ୍ରାୟ ୯୦ଭାଗ, ଆଉ ୧୦ଭାଗ ଶିଷ୍ୟଋଷି ମାନଙ୍କର ଯୋଗଦାନ । ତେଣୁ ପ୍ରତ୍ୟେକ ଶାଖା ସଂହିତାମାନଙ୍କ ଭିତରେ ବିଶେଷ ପାର୍ଥକ୍ୟ ନାହିଁ । ପାର୍ଥକ୍ୟ କହିଲେ କେବଳ ସୂକ୍ତ ଓ ମନ୍ତ୍ରମାନଙ୍କର **କ୍ରମିକ ସଂଖ୍ୟାର ପ୍ରବନ୍ଧନ**, ସେମାନଙ୍କର **ଯୋଗଦାନ**, **ପରିଶିଷ୍ଟ** ମନ୍ତ୍ରର ପ୍ରବନ୍ଧନ ଓ **କର୍ମ ପଦ୍ଧତି** ।

ପତଞ୍ଜଳି ମହାଭାଷ୍ୟ ଅନୁସାରେ 'ଋକ୍-ବେଦ'ର ଶାଖା ସଂହିତା **୨୧**ଟି ଥିଲା । ସେଥି ମଧ୍ୟରୁ ମାତ୍ର **୫**ଟି ଶାଖାର ଆଶିଂକ ବା ସଂପୂର୍ଣ୍ଣ ଉଦ୍ଧାର ହୋଇପାରିଛି । ଉଦ୍ଧାର ହୋଇଥିବା ଶାଖା ଓ ସେମାନଙ୍କ ସଂବନ୍ଧୀୟ ତଥ୍ୟ ତଳେ ଦିଆଗଲା ।

### ଶାକଲ ଶାଖା

ଶାକଲ ଶାଖା, ଏହା ସଂପୁର୍ଣ୍ଣରୂପେ ଉଦ୍ଧାର ହୋଇପାରିଛି । ଏଥିରେ ୧୦୧୭ଟି ମୂଳ ସୂକ୍ତ ଥିଲା, ଓ ଏଥିରେ ପରେ ୧୧ଟି ବାଲଖିଲ୍ୟ ସୂକ୍ତ ଯୋଗ କରାଯାଇ ଏହାକୁ ସମୁଦାୟ **୧୦୨୮**

Not for Commercial Use

ସୂକ୍ତ କରାଯାଇଥିଲା । ଏହି ଶାଖା ସବୁଠୁ ପ୍ରସିଦ୍ଧ ଓ ପ୍ରଚଳିତ । ଏହି ଶାଖା, ଜର୍ମାନୀର ସଂସ୍କୃତ ବିଷାରଦ '**ଏଫ୍ ମାକ୍ସ ମୁଲ୍ଲେର**'ଙ୍କ ଦ୍ଵାରା ଉଦ୍ଧାର କରାଯାଇଥିଲା । ଏହାର "ପଦପାଠ" ମଧ୍ୟ ଉଦ୍ଧାର ହୋଇପାରିଛି । ଏହା ଋଷି '**ଶାକଲ୍ୟ**'ଙ୍କ ଦ୍ଵାରା ରଚନା କରାଯାଇଥିଲା । ଋଷି ଶାକଲ୍ୟଙ୍କ ଗୁରୁକୁଳକୁ ଅନୁସରଣ କରୁଥିବା ଶିଷ୍ୟ, ଛାତ୍ର ଓ ବିଦ୍ଵାନମାନେ ଏହାକୁ ପାଠ କରୁଥିଲେ । ଏହା '**ଶାକଲ ସଂହିତା**' ନାମରେ ପରିଚିତ ।

### ବାଶକଲ ଶାଖା

ଶାକଲ ଶାଖା ଓ ବାଶକଲ ଶଖା ମଧ୍ୟରେ ସାମାନ୍ୟ ପାର୍ଥକ୍ୟ ଅଛି । ପାର୍ଥକ୍ୟ କହିଲେ ଶାକଲ ଶାଖା ଓ ବାଶକଲ ଶାଖାର ସୂକ୍ତ ମାନଙ୍କର କ୍ରମିକ ପ୍ରବନ୍ଧନ ଭିନ୍ନ ଭିନ୍ନ, ଓ ଶାକଲ ଶାଖାରେ ୧୧ଟି ବାଲଖିଲ୍ୟ ସୂକ୍ତ ଥିଲା ବେଳେ, ବାଶକଲ ଶାଖାରେ ୮ଟି ବାଲଖିଲ୍ୟ ସୂକ୍ତ ରହିଅଛି । ଏହା କେବଳ 'କେରଳ'ରେ ନମ୍ବୁଦ୍ରି ବ୍ରାହ୍ମଣ ସମ୍ପ୍ରଦାୟ ଦ୍ଵାରା ପାଠ କରାଯାଏ ବୋଲି କୁହାଯାଏ । ଏହା '**ବାଶକଲ**' ଋଷିଙ୍କ ଦ୍ଵାରା ରଚନା କରାଯାଇଥିଲା । ଏହା '**ବାଶକଲ ସଂହିତା**' ନାମରେ ପରିଚିତ ।

### ମାଣ୍ଡୁକାୟନ ଶାଖା

'ମାଣ୍ଡୁକାୟନ ଶାଖା' ଉଦ୍ଧାରିତ ହୋଇଥିବା ଶାଖା ମାନଙ୍କ ମଧ୍ୟରେ ସବୁଠୁ ପୁରୁଣା ବୋଲି କୁହନ୍ତି । ଏହା ଆଂଶିକ ଭାବେ ଉଦ୍ଧାର ହୋଇପାରିଛି, ସେଇଥିପାଇଁ ଏହା ପ୍ରଚଳିତ ନୁହେଁ, କିନ୍ତୁ ଅନେକ ଏହାକୁ ଗବେଶଣା ଓ ତୁଳନା ପାଇଁ ବ୍ୟବହାର କରିଥାନ୍ତି । ଏହା ଋଷି '**ମାଣ୍ଡୁକେୟ**'ଙ୍କ ଦ୍ଵାରା ରଚନା କରାଯାଇଥିଲା । ଏହା "**ମାଣ୍ଡୁକେୟ ସଂହିତା**" ନାମରେ ପରିଚିତ ।

### ଅଶ୍ଵଲାୟନ ଶାଖା

Not for Commercial Use

'ଅଶ୍ୱଲାୟନ ଶାଖା', ଆଗରୁ ଏହା ଜନସାଧାରଣଙ୍କ ପାଇଁ ଉପଲବ୍ଧ ନ ଥିଲା, କାରଣ ଏହାକୁ ଉଦ୍ଧାର କରାଯାଇ ନଥିଲା । ପ୍ରଫେସର '**ବ୍ରଜବିହାରୀ ଚୌବେ**', "ଅଲୱର ରାଜକୀୟ ଗ୍ରନ୍ଥାଳୟରୁ" ଏହାର ପଣ୍ଡୁଲିପି ପାଇଥିଲେ, ଓ ସେ ଏହାକୁ ଉଦ୍ଧାରକରି, "ଇନ୍ଦିରା ଗାନ୍ଧି ରାଷ୍ଟ୍ରୀୟ କଳାକେନ୍ଦ୍ର, ସଂସ୍କୃତି ମନ୍ତ୍ରାଳୟ, ଭାରତ ସରକାର"ଙ୍କ ଅଧୀନରେ ୨୦୦୯ ମସିହାରେ ପ୍ରକାଶିତ କରିଛନ୍ତି । ତାଙ୍କୁ ଅଶେଷ ଧନ୍ୟବାଦ । ଅଶ୍ୱଲାୟନ ଶାଖାରେ, ଶାକଲ ଶାଖାର ସମସ୍ତ ମନ୍ତ୍ର (୧୦୫୫୨) ଅଛି, ଏହା ସହିତ ୨୦୯ଟି ନୂତନ ମନ୍ତ୍ର ଅଧିକ ଅଛି । ତେଣୁ ଅଶ୍ୱଲାୟନ ଶାଖାରେ ସମୁଦାୟ **୧୦୭୬୧**ଟି ମନ୍ତ୍ର ଅଛି । ଏହି ଶାଖାରେ କେବଳ ମନ୍ତ୍ରମାନଙ୍କର ଉଦ୍ଧାର ହୋଇପାରିଛି, କିନ୍ତୁ 'ପଦପାଠ'ର ଉଦ୍ଧାର ହୋଇପାରିନି । ଅଶ୍ୱଲାୟନ ଶାଖା, ଆଚାର୍ଯ୍ୟ '**ଅଶ୍ୱଲାୟନ**'ଙ୍କ ଦ୍ୱାରା ରଚନା କରାଯାଇଥିଲା । ଏହା "**ଅଶ୍ୱଲାୟନ ସଂହିତା**" ନାମରେ ପରିଚିତ ।

### ଶଙ୍ଖାୟନ ଶାଖା

'ଶଙ୍ଖାୟନ ଶାଖା' ମଧ୍ୟ ଜନସାଧାରଣଙ୍କ ପାଇଁ ଉପଲବ୍ଧ ନାହିଁ । କିନ୍ତୁ ପ୍ରଫେସର 'ବ୍ରଜବିହାରୀ ଚୌବେ'ଙ୍କ ଅନୁସାରେ ଏହାର ମନ୍ତ୍ର ଓ ପଦପାଠର ପାଣ୍ଡୁଲିପି, "ଅଲୱର ରାଜକୀୟ ଗ୍ରନ୍ଥାଳୟ"ରେ ଉପଲବ୍ଧ ଅଛି, ସେ, ଏହା ଉପରେ ଗବେଷଣାକରି ଲୋକ ଲୋଚନକୁ ଆଣିବେ ବୋଲି କହିଛନ୍ତି । ଏହା କୁହାଯାଏ ଯେ, ଶଙ୍ଖାୟନ ଶାଖା, ଅଶ୍ୱଲାୟନ ଶାଖା ଭଳି ଓ ସେମାନଙ୍କ ମଧ୍ୟରେ ଅଳ୍ପ ପାର୍ଥକ୍ୟ ଅଛି । ଏହି 'ଶଙ୍ଖାୟନ ଶାଖା' ଋଷି '**ଶଙ୍ଖାୟନ**'ଙ୍କ ଦ୍ୱାରା ରଚନା କରାଯାଇଥିଲା ଓ ଏହା "**ଶଙ୍ଖାୟନ ସଂହିତା**" ନାମରେ ପରିଚିତ।

## 'ଋକ୍-ବେଦ' - ପାଣ୍ଡୁଲିପି

'ଋକ୍-ବେଦ' ମନ୍ତ୍ରସମୁହ ହଜାର ହଜାର ବର୍ଷ ଧରି ମୌଖିକ ରୂପରେ ପିଢ଼ି ରୁ ପିଢ଼ି ସ୍ମୃତିରେ ରହିଆସୁଥିଲା । ଇତିହାସକାରଙ୍କ ଅନୁସାରେ 'ବେଦର' ଲିପିକରଣ ପ୍ରଥମେ ଖ୍ରୀ.ପୂ ୧୭୦୦-୧୫୦୦ ମଧ୍ୟରେ ଆରମ୍ଭ କରାଯାଇଥିଲା । ତାହା ପରଠାରୁ ଧିରେ ଧିରେ ଲିପିକରଣର



Not for Commercial Use


ଆଦର ବଢିଲା । ପ୍ରଥମେ ମନ୍ତ୍ରମାନଙ୍କୁ ତାଳପତ୍ରରେ ଲେଖା ଯାଉଥିଲା ଓ ପର ସମୟରେ କାଗଜରେ ମଧ୍ୟ ଲେଖା ହେଲା ।

ମହାରାଷ୍ଟ୍ରର '**ପୁନେ**'ରେ "**ଭଣ୍ଡାରକର ଓରିଏଣ୍ଟାଲ ରିସର୍ଚ ଇନଷ୍ଟିଚ୍ୟୁଟ୍**"ରେ ସମୁଦାୟ **୨୮୦୦୦** ପାଣ୍ଡୁଲିପି ସଂରକ୍ଷିତ ଅଛି । ସେଥିମଧ୍ୟରୁ **୩୦**ଟି ପାଣ୍ଡୁଲିପି 'ଋକ୍-ବେଦ'ର । ଏହି ୩୦ଟି ପାଣ୍ଡୁଲିପିମାନଙ୍କ ମଧ୍ୟରୁ ଗୋଟିଏ 'ତାଳପତ୍ର'ରେ, ଆଉ ୨୯ଟି କାଗଜରେ ଲେଖାଯାଇଛି । ଏହି ପାଣ୍ଡୁଲିପି ମାନଙ୍କର ବିଷୟବସ୍ତୁ - "**ଋକ୍-ବେଦ ସଂହିତା**" (ଶାକଲ), "**ଋକ୍-ବେଦ ସଂହିତା ପଦପାଠ**" ଓ ଆଚାର୍ଯ୍ୟ ଶାୟଣଙ୍କର "**ଋକ୍-ବେଦ ଭାଷ୍ୟ**" ଅଟେ । ଏଥିମଧ୍ୟରୁ **ତାଳପତ୍ର** ଲିଖିତ ପାଣ୍ଡୁଲିପି ସବୁଠୁ ପୁରୁଣା (୧୪୬୪ AD), ଏହା "**ଶାରଦ ଭାଷା**"ରେ ଲେଖାଯାଇଛି, ଏହା '**କାଶ୍ମୀର**'ରୁ ସଂଗ୍ରହ କରାଯାଇଥିଲା । ବାକି ପାଣ୍ଡୁଲିପିଗୁଡିକ କାଗଜରେ ସଂସ୍କୃତରେ ଲେଖାଯାଇଛି । 'ଋକ୍-ବେଦ' ବିଶ୍ୱର ସବୁଠୁ ପୁରୁଣା ଗ୍ରନ୍ଥ ହୋଇଥିବାରୁ, ଏ ସମସ୍ତ ପାଣ୍ଡୁଲିପି ଗୁଡିକ **UNESCO "Memory of the World Register"**ରେ ଯୋଗ କରାଯାଇଛି । 'ମାକ୍ସ ମୁଲ୍ଲେର' ତାଙ୍କ ଋକ୍-ବେଦ ସଂସ୍କରଣ ପାଇଁ, ତାଙ୍କ ପାଖରେ ଇଉରୋପରୁ ଉପଲବ୍ଧ ଥିବା ୧୪ଟି ପାଣ୍ଡୁଲିପି ସହିତ ପୁନେର ତାଳପତ୍ର ଲିଖିତ ପାଣ୍ଡୁଲିପି, ଓ ୫ଟି କାଗଜ ଲିଖିତ ପାଣ୍ଡୁଲିପି ଗୁଡିକୁ ବ୍ୟବହାର କରିଥିଲେ ।

ଏହା ସହିତ ରାଜସ୍ଥାନର "**ଅଲୱର ରାଜ ପ୍ରସାଦ**"ରେ ଥିବା ଗ୍ରନ୍ଥାଳୟରେ ମଧ୍ୟ ଅନେକ ପାଣ୍ଡୁଲିପି ରହିଅଛି । ସେମାନଙ୍କ ମଧ୍ୟରୁ 'ଋକ୍-ବେଦ'ର **ଅଶ୍ୱଲାୟନ ସଂହିତା** ଓ **ଶଙ୍ଖାୟନ ସଂହିତା** ଉପଲବ୍ଧ ଅଛି । ଏହା ସହିତ ଅନ୍ୟ ସ୍ଥାନମାନଙ୍କରେ ମଧ୍ୟ ଅନେକ ପାଣ୍ଡୁଲିପି ଥିବାର ସୂଚନା ମିଳେ, ଏହା ଉପରେ IGNCA ଗବେଷଣା ଜାରି ରଖିଛି ।

**ଉଦ୍ଧାରିତ ପାଣ୍ଡୁଲିପିର ଏକ ଅଂଶ**

Not for Commercial Use




## 'ଋକ୍-ବେଦ' - ରଚୟିତା ଓ ବିଷୟବସ୍ତୁ

'ଋକ୍-ବେଦ' ରଚନାରେ **୪୦୦ ରୁ ଊର୍ଦ୍ଧ** ମନ୍ତ୍ରଦ୍ରଷ୍ଟା ଋଷିମାନଙ୍କର ଯୋଗଦାନ ରହିଥିଲା । ସେମାନଙ୍କ ମଧ୍ୟରୁ **୩୦ ଜଣ ନାରୀ ଋଷି** ବା ଋଷିକା ଥିଲେ । ଏହି ଋଷିମାନଙ୍କ ମଧ୍ୟରୁ ଅଧିକାଂଶ ୧୦ଟି ମୁଖ୍ୟ ଋଷିକୁଳର ଥିଲେ । ଋଷିକୁଳ କହିଲେ, ସେଥିରେ ମୁଖ୍ୟଋଷି, ଋଷିଗଣ, ସେମାନଙ୍କର ବଂଶ, ପରିବାର, ଓ ଶିଷ୍ୟ ଋଷିଗଣ କୁ ବୁଝାଏ । ପ୍ରତ୍ୟେକ ଋଷିକୁଳ ତାଙ୍କର ବିଶେଷତ୍ୱ, ଯଥା ଆରାଧ୍ୟ, ସାଧନା, ତପ ଓ ବିଷୟ ପାଇଁ ପ୍ରସିଦ୍ଧ । ଏହି ୧୦ଟି ଋଷିକୁଳ '**ଦଶତ୍ରୟୀ**' ନାମରେ ଜଣା ଓ ତାଙ୍କ ପାଖରେ 'ଋକ୍-ବେଦ'ର ୯୫ଭାଗ ମନ୍ତ୍ରସମୂହ ଥିଲା । ଆଉ ୫ଭାଗ ଅନ୍ୟ ମନ୍ତ୍ରଦ୍ରଷ୍ଟା ଋଷିମାନଙ୍କର ମନ୍ତ୍ରସମୂହ ଥିଲା । ଏମାନେ 'ଋକ୍-ବେଦ'ର ରଚୟିତା ଭାବରେ ଜଣା । ଅର୍ଥାତ ସେମାନଙ୍କୁ 'ଋକ୍-ବେଦ' ମନ୍ତ୍ରସମୂହ ପ୍ରକଟିତ ହୋଇଥିଲା । ତେଣୁ ଆମେ ସେମାନଙ୍କୁ 'ରଚୟିତା' ବୋଲି ସମ୍ବୋଧନ କରିବା ।

ପ୍ରତ୍ୟେକ ମନ୍ତ୍ର ଗୋଟିଏ ଋଷିଦ୍ୱାରା, ଗୋଟିଏ ଛନ୍ଦରେ ଓ ଗୋଟିଏ ଦେବତା ବା ଯୁଗ୍ମ ଦେବତାଙ୍କ ଉଦ୍ଦେଶ୍ୟରେ ରଚନା କରାଯାଇଛି । ତେଣୁ ପ୍ରତ୍ୟେକ ମନ୍ତ୍ରର ଋଷି, ଛନ୍ଦ ଓ ଦେବତା ରହିଥାଏ । ଆଗକୁ 'ଋକ୍-ବେଦ'ର ବିଷୟବସ୍ତୁ ବୁଝିବା ପୂର୍ବରୁ, ଋଷି, ଛନ୍ଦ ଓ

Not for Commerce

ଦେବତା ବିଷୟର କିଛି  ତଥ୍ୟ ବୁଝିବା ନିତାନ୍ତ ଆବଶ୍ୟକ ଅଟେ । ଆଚାର୍ଯ୍ୟ କାତ୍ୟାୟନଙ୍କ 'ସର୍ବାନୁକ୍ରମଣୀ' ଓ ଆଚାର୍ଯ୍ୟ ଯକ୍ଷଙ୍କ 'ନିରୁକ୍ତ'ରେ, ଏ ବିଷୟରେ ସ୍ୱଷ୍ଟ ଉଲ୍ଲେଖ କରାଯାଇଛି ।

ଏଠି **ଋଷିର ସଂଜ୍ଞା** କହିଲେ –

- ସେ, ଜଣେ ନାରୀ ବା ପୁରୁଷ, ଜଣେ ବିବାହିତ ବା ଅବିବାହିତ, ଓ ଜଣେ ଗୃହସ୍ଥ ବା ବନସ୍ଥ ହୋଇ ପାରନ୍ତି । ସେ,  କୌଣସି ଋଷିଙ୍କର ପୁତ୍ର, ବା ପୌତ୍ର, ବା କନ୍ୟା ବା ସ୍ତ୍ରୀ ହୋଇ ପାରନ୍ତି । ସେ, କୌଣସି ଗୋତ୍ର, ବା ବଂଶ, ବା କୁଳ, ବା ସମ୍ପ୍ରଦାୟର ଅନ୍ତର୍ଗତ ଅଟନ୍ତି । ତଥା ସେ, ମଧ୍ୟ କଥାପକଥନ ବା ଉକ୍ତି ପ୍ରଭୃକ୍ତିର ଦେବତା ହୋଇ ପାରନ୍ତି ।

- ଅନେକ ସମୟରେ ମନ୍ତ୍ରର ରଚୟିତା ଋଷିଙ୍କର ଦୁଇଟି ନାମ  ରହିଥାଏ, ତେବେ ଏହା କ'ଣ ଦୁଇଟି ଋଷିଙ୍କ ଦ୍ୱାରା ରଚନା କରାଯାଇଛି ?  ଏହାର ଉତ୍ତର, ନାଁ, ଏହା କେବଳ ଗୋଟିଏ ଋଷି ଦ୍ୱାରା ରଚନା କରାଯାଇଛି । ତେବେ ୨ୟ ନାମ କ'ଣ ପାଇଁ ? ଏହାର ଉତ୍ତର, ୨ୟ ନାମ  ତାଙ୍କର ପିତାଃ, ବା ଗୁରୁ, ବା ସ୍ୱାମୀ, ବା ଗୋତ୍ର, ବା କୁଳ, ବା ବଂଶ, ବା ସମ୍ପ୍ରଦାୟ, ବା ଉକ୍ତି ପ୍ରଭୃକ୍ତି ଦେବତା ହୋଇ ପାରନ୍ତି । ମନ୍ତ୍ରରେ ଋଷିଙ୍କର ଦୁଇଟି ନାମରୁ ଅନେକ ତଥ୍ୟ ଜଣା ପଡିଥାଏ, ଯଥା ସେ କାହା ପୁତ୍ର ବା କନ୍ୟା, କେଉଁ ଋଷିକୁଳର, କେଉଁ ଗୋତ୍ରର  ଇତ୍ୟାଦି ।

**ଉଦାହରଣ ସ୍ୱରୂପ –**

- 'ଋକ୍-ବେଦ'ର ପ୍ରଥମ ସୂକ୍ତର ରଚୟିତା - (ଋ.ବେ ୧.୧) - ମଧୁଚ୍ଛନ୍ଦାଃ ବୈଶ୍ୱାମିତ୍ରଃ ଅଟନ୍ତି । ଏଠି ରଚୟିତା ଋଷି ହେଉଛନ୍ତି ମଧୁଚ୍ଛନ୍ଦା, ସେ ବିଶ୍ୱାମିତ୍ରଙ୍କର ପୁତ୍ର/ ଶିଷ୍ୟ ।
- ସେହିପରି - (ଋ.ବେ - ୩.୬୨.୧୦) **ଗାୟତ୍ରୀ ମନ୍ତ୍ର**ର ରଚୟିତା ବିଶ୍ୱାମିତ୍ରଃ ଗାଧିନଃ ଅଟନ୍ତି । ଏଠି ରଚୟିତା ଋଷି ହେଉଛନ୍ତି ବିଶ୍ୱାମିତ୍ର, ଓ ସେ ଗାଧିଙ୍କ ପୁତ୍ର ଅଟନ୍ତି ।
- ଅନ୍ୟଏକ, (ଋ.ବେ - ୧୦.୩୯) ସୂକ୍ତର ରଚୟିତା ଘୋଷା କକ୍ଷିବତୀ ଅଟନ୍ତି । ଏଠି ରଚୟିତା ଋଷିକା ହେଉଛନ୍ତି ଘୋଷା ଓ ସେ କକ୍ଷିବନ ଋଷିଙ୍କର ସ୍ତ୍ରୀ ଅଟନ୍ତି ।

Not for Commercial Use

- ଆଉ ଏକ, (ଋ.ବେ ୧.୧୭୦) ସୂକ୍ତର ରଚୟିତା ଇନ୍ଦ୍ରঃ, ଅଗସ୍ତ୍ୟঃ ମୈତ୍ରାବରୂଣିঃ, । ଏଠି ଏହି ସୂକ୍ତର ପ୍ରକୃତ ରଚୟିତା ଋଷି ଅଗସ୍ତ୍ୟ ଅଟନ୍ତି, କିନ୍ତୁ ଉକ୍ତ-ପ୍ରଭୃକ୍ତର ଦେବତା ଇନ୍ଦ୍ର ଓ ମିତ୍ର-ବରୂଣ ହୋଇଥିବାରୁ ସେମାନେ ମଧ୍ୟ ଏହି ସୂକ୍ତର ଋଷି ବୋଲି ମାନାଯାଏ ।

'ଋକ୍-ବେଦ'ର ଦେବତା ଓ ଛନ୍ଦ ବିଷୟରେ ଆମେ ଆଗରୁ ଉପରେ ଆଲୋଚନା କରିସାରିଛେ । ଛନ୍ଦରୁ ମନ୍ତ୍ରର ଭାବ ଜଣାପଡିଥାଏ ଓ ଦେବତାରୁ ମନ୍ତ୍ରର ଶକ୍ତି ଓ ବିଷୟ ଜଣାପଡିଥାଏ ।

ଏବେ ଆମେ, ମଣ୍ଡଳ ପ୍ରବନ୍ଧନକୁ ଆଧାର କରି, 'ଋକ୍-ବେଦ'ର ବିଷୟବସ୍ତୁ, ରଚୟିତା, ଦେବତା, ଛନ୍ଦ ଓ ଅନ୍ୟ ବିଷୟରେ ସମ୍ୟକ ଜାଣିବା ।

**ମଣ୍ଡଳ - ୧**

"ମଣ୍ଡଳ-୧"କୁ '**ଶତଋଚିନঃ** ମଧ୍ୟ କୁହାଯାଏ, ଅର୍ଥାତ ଯେଉଁ ଋଷିମାନେ ୧୦୦ରୁ ଅଧିକ ମନ୍ତ୍ର 'ଋକ୍-ବେଦ'କୁ ଯୋଗଦାନ କରିଛନ୍ତି, ସେମାନଙ୍କୁ ଏହି ମଣ୍ଡଳ ସମର୍ପିତ କରାଯାଇଛି । ଏଥିରେ **୧୯୧**ଟି ସୂକ୍ତ ବା ସମୁଦାୟ **୨୦୦୬**ଟି ମନ୍ତ୍ର ରହିଅଛି । ଏହି ମଣ୍ଡଳରେ ୭ଟି ଋଷିକୁଳର ମନ୍ତ୍ରସମୁହ ସ୍ଥାନ ପାଇଥିଲା । ସେହି ଋଷିକୁଳ ଗୁଡିକ ହେଲେ - **କଣ୍ୱ** (୨୭ ସୂକ୍ତ, ୩୨୧ ମନ୍ତ୍ର), **ଆଙ୍ଗିରସ** (୯୬ ସୂକ୍ତ, ୧୦୪୭ ମନ୍ତ୍ର), **ଅଗସ୍ତ୍ୟ** (୨୭ ସୂକ୍ତ, ୨୩୯ ମନ୍ତ୍ର), **ବିଶ୍ୱାମିତ୍ର** (୧୮ ସୂକ୍ତ, ୨୩୯ ମନ୍ତ୍ର), **ବସିଷ୍ଠ** (୯ ସୂକ୍ତ, ୯୧ ମନ୍ତ୍ର), **କଶ୍ୟପ** (୧ ସୂକ୍ତ, ୧ ମନ୍ତ୍ର), ଓ **ଭରତ** (୧୩ ସୂକ୍ତ, ୧୦୦ ମନ୍ତ୍ର) ଥିଲା ।

ଏଥିରୁ **ପ୍ରଥମ ସୂକ୍ତ ଅଗ୍ନି**ଙ୍କୁ ସମର୍ପଣ କରାଯାଇଛି, ଓ ତାଙ୍କ ନାମ 'ଋକ୍-ବେଦ'ର **ପ୍ରଥମ ଶବ୍ଦ** ଅଟେ । ବାକି ସମସ୍ତ ସୂକ୍ତ ଓ ମନ୍ତ୍ରସମୁହ ମୁଖ୍ୟତঃ ଅଗ୍ନି, ଓ ଇନ୍ଦ୍ରଙ୍କ ଉଦ୍ଦେଶ୍ୟରେ, ଏହା ସହିତ ବରୂଣ, ମିତ୍ର, ଅଶ୍ୱିନ,ମରୁତ, ଉଷା, ସୂର୍ଯ୍ୟ, ଋଭୁ, ରୁଦ୍ର, ବାୟୁ, ବୃହସ୍ପତି, ବିଷ୍ଣୁ, ଦ୍ୟାସ୍ୟୁ, ପୃଥିବୀ, ଓ ବିଶ୍ୱଦେବ ଇତ୍ୟାଦିଙ୍କ ଉଦ୍ଦେଶ୍ୟରେ ରଚନା କରାଯାଇଛି । ଏହି ମଣ୍ଡଳରେ ମୁଖ୍ୟତঃ ଗାୟତ୍ରୀ, ତ୍ରିଷ୍ଟୁପ୍, ଅନୁଷ୍ଟୁପ୍, ଜଗତୀ, ବୃହତୀ ଓ ପଙ୍କ୍ତି ଇତ୍ୟାଦି ଛନ୍ଦ ବ୍ୟବହାର କରାଯାଇଛି । ଏଥିରେ ଥିବା ମନ୍ତ୍ରସମୁହ **'ପ୍ରହେଳିକା ବା କୌତୂହଳପୂର୍ଣ୍ଣ**

Not for Commercial Use

**ଦର୍ଶନତତ୍ତ୍ୱ'** ବିଷୟ଼ ଉପରେ ଆଧାରିତ ଥିଲା, ଯେଉଁଗୁଡିକ ପର ସମୟ଼ରେ 'ଉପନିଷଦ' ରଚନା କରିବା ପାଇଁ ଅନୁପ୍ରାଣିତ ଥିଲା । ଏଥିରେ ଥିବା ମୁଖ୍ୟ ଓ ପ୍ରସିଦ୍ଧ ସୂକ୍ତ / ମନ୍ତ୍ର ସମୁହର ତାଲିକା ତଳେ ଟେବୁଲରେ ଦିଆଯାଇଛି ।

| ସୂକ୍ତ | ସୂକ୍ତ ନାମ | ଦେବତା | ଋଷି | ମନ୍ତ୍ର |
|---|---|---|---|---|
| ୧.୧ | ଅଗ୍ନି-ସୂକ୍ତ | ଅଗ୍ନି | ମଧୁଛନ୍ଦାଃ ବୈଶ୍ୱାମିତ୍ରଃ | ଅଗ୍ନିମୀଳେ ପୁରୋହିତଂ... |
| ୧.୨୨ | ବିଷ୍ଣୁ-ସୂକ୍ତ | ବିଷ୍ଣୁ | ମେଧାତିଥିଃ କାଣ୍ୱଃ | ଅତୋ ଦେବା ଅବନ୍ତୁ... |
| ୧.୩୨ | ଇନ୍ଦ୍ର-ସୂକ୍ତ | ଇନ୍ଦ୍ର | ହିରଣ୍ୟସ୍ତୂପଃ ଆଙ୍ଗିରସଃ | ଇନ୍ଦ୍ରସ୍ୟ ନୁ ବୀର୍ଯ୍ୟାଣି... |
| ୧.୮୯ | ଶାନ୍ତି-ସୂକ୍ତ | ବିଶ୍ୱେ ଦେବା | ଗୌତମଃ ରାହୁଗଣଃ | ଆ ନୋ ଭଦ୍ରାଃ କ୍ରତବୋ... |
| ୧.୯୦ | ମଧୁ-ସୂକ୍ତ | ବିଶ୍ୱେ ଦେବା | ଗୌତମଃ ରାହୁଗଣଃ | ଋଜୁନୀତୀ ନୋ ବରୁଣୋ... |
| ୧.୯୯ | ଅଗ୍ନି-ଦୁର୍ଗା-ସୂକ୍ତ | ଅଗ୍ନି | କଶ୍ୟପଃ ମାରିଚଃ | ଜାତବେଦସେ ସୁନବାମ... |
| ୧.୧୬୨ | ଅଶ୍ୱମେଧ-ସୂକ୍ତ | ଅଶ୍ୱଃ | ଦୀର୍ଘତମାଃ ଔଚଥ୍ୟଃ | ମା ନୋ ମିତ୍ରୋ ବରୁଣୋ... |

**ମଣ୍ଡଳ - ୨**

"ମଣ୍ଡଳ-୨", "**ଗୃତ୍ସମଦ ମଣ୍ଡଳ**" ନାମରେ ମଧ୍ୟ ଜଣା । ଏହି ମଣ୍ଡଳ ଗୃତ୍ସମଦ ଋଷିକୁଳକୁ ସମର୍ପିତ କରାଯାଇଛି । ଏଥିରେ **୪୩**ଟି ସୂକ୍ତ ବା **୪୨୯**ଟି ମନ୍ତ୍ର ରହିଅଛି । ଗୃତ୍ସମଦ ଋଷିକୁଳର ମୁଖ୍ୟ ଋଷି 'ମହର୍ଷି **ଗୃତ୍ସମଦ ଶୌନହୋତ୍ର**' ଥିଲେ । ଗୃତ୍ସମଦ ଅଗ୍ନିଦେବ, ଓ ଗଣେଶଙ୍କର ପରମ ଭକ୍ତ ଥିଲେ, ତଥା ଇନ୍ଦ୍ରଙ୍କର ସବୁଠୁ ପ୍ରିୟ଼ ଥିଲେ । ସେଥିପାଇଁ ତାଙ୍କ ମଣ୍ଡଳରେ ଅଗ୍ନି, ଓ ଇନ୍ଦ୍ରଙ୍କର ଅନେକ ସୂକ୍ତ ରହିଅଛି, ତଥା ଅଶ୍ୱିନ, ବ୍ରହ୍ମଣସ୍ପତି, ଆଦିତ୍ୟ, ବରୁଣ, ସବିତା, ରୁଦ୍ର, ମରୁତ, ମିତ୍ରାବରୁଣ, ଓ ବିଶ୍ୱଦେବା ଆଦି ଦେବତାମାନଙ୍କର ସୂକ୍ତ ଓ ମନ୍ତ୍ର ରହିଅଛି । ଏହି ମଣ୍ଡଳରେ ୨ଟି ଋଷିକୁଳର ମନ୍ତ୍ରସମୁହ ସ୍ଥାନ ପାଇଥିଲା । ସେ ଋଷିକୁଳମାନେ ହେଲେ - **ଗୃତ୍ସମଦ** (୩୯ ସୂକ୍ତ, ୩୯୮ ମନ୍ତ୍ର) ଓ **ଭୃଗୁ** (୪ ସୂକ୍ତ, ୩୧ ମନ୍ତ୍ର) । ଏହି ମଣ୍ଡଳରେ ମୁଖ୍ୟତଃ ତ୍ରିଷ୍ଟୁପ୍, ଜଗତୀ, ଅନୁଷ୍ଟୁପ୍ ଓ ଗାୟ଼ତ୍ରୀ ଛନ୍ଦମାନଙ୍କର ବ୍ୟବହାର କରାଯାଇଛି ।

ଏଥିରେ ଥିବା ମୁଖ୍ୟ ଓ ପ୍ରସିଦ୍ଧ ସୂକ୍ତ ସମୁହର ତାଲିକା ତଳେ ଟେବୁଲରେ ଦିଆଯାଇଛି ।

Not for Commercial Use

| ସୂକ୍ତ | ସୂକ୍ତ ନାମ | ଦେବତା | ଋଷି | ମନ୍ତ୍ର |
|---|---|---|---|---|
| ୨.୧୨ | ସଜନୀୟ-ସୂକ୍ତ | ଇନ୍ଦ୍ର | ଗୃତ୍ସମଦଃ ଭାର୍ଗବଃ ଶୌନକଃ | ଯୋ ଜାତ ଏବ ପ୍ରଥମୋ... |
| ୨.୨୩.୧ | ବ୍ରହ୍ମଣସ୍ପତି-ଗଣେଶ | ଗଣେଶ | ଗୃତ୍ସମଦଃ ଭାର୍ଗବଃ ଶୌନକଃ | ଗଣାନାଂ ତ୍ୱା ଗଣପତିଂ... |
| ୨.୪୨ | କପିଞ୍ଜଲରୁପୀନ୍ଦ୍ରଃ | ଇନ୍ଦ୍ର | ଗୃତ୍ସମଦଃ ଭାର୍ଗବଃ ଶୌନକଃ | କନିକ୍ରଦଜ୍ଜନୁଷଂ ପ୍ରବ୍ରୁବାଣ... |
| ୨.୪୩ | କପିଞ୍ଜଲରୁପୀନ୍ଦ୍ରଃ | ଇନ୍ଦ୍ର | ଗୃତ୍ସମଦଃ ଭାର୍ଗବଃ ଶୌନକଃ | ପ୍ରଦକ୍ଷିଣିଦଭି ଗୃଣନ୍ତି... |

**ମଣ୍ଡଳ - ୩**

“ମଣ୍ଡଳ-୩”କୁ "**ବିଶ୍ୱାମିତ୍ର ମଣ୍ଡଳ**" ମଧ୍ୟ କୁହାଯାଏ । ଏହି ମଣ୍ଡଳ ବିଶ୍ୱାମିତ୍ର ଗୁରୁକୁଳକୁ ସମର୍ପିତ କରାଯାଇଛି । ଏହି ଗୁରୁକୁଳର ମୁଖ୍ୟ ଋଷି "**ମହର୍ଷି ବିଶ୍ୱାମିତ୍ର**" ଅଟନ୍ତି । ସେ ରାଜର୍ଷିରୁ ବ୍ରହ୍ମର୍ଷି ହେଲେ, ଓ ତାଙ୍କର ମହାନତା ପାଇଁ ସେ ସପ୍ତର୍ଷି ମଣ୍ଡଳରେ ସ୍ଥାନ ପାଇଲେ । ସେ ସବିତା (ସୂର୍ଯ୍ୟ), ଅଗ୍ନି ଓ ଇନ୍ଦ୍ରଙ୍କର ବଡ଼ ଉପାଷକ ଥିଲେ, ତଥା ତାଙ୍କର ମନ୍ତ୍ରରେ **ଗୋ ମହିମାର** ବର୍ଣ୍ଣନା ରହିଅଛି । ଏହି ୩ୟ ମଣ୍ଡଳରେ ସମୁଦାୟ **୬୨** ସୂକ୍ତ ବା **୬୧୭** ମନ୍ତ୍ର ଅଛି । ଏହି ମଣ୍ଡଳରେ ପ୍ରାୟ ସମସ୍ତ ସୂକ୍ତସମୁହ **ବିଶ୍ୱାମିତ୍ର**ଙ୍କ (୬୦ ସୂକ୍ତ, ୫୮୮ ମନ୍ତ୍ର) ଦ୍ୱାରା, ଓ **ଆଙ୍ଗିରସ,ଭୃଗୁ, ବିଶ୍ୱାମିତ୍ର** (୨ ସୂକ୍ତ, ୨୯ ମନ୍ତ୍ର) ଦ୍ୱରା ରଚନା କରାଯାଇଛି । ତାଙ୍କ ମଣ୍ଡଳରେ ଅଗ୍ନି, ଇନ୍ଦ୍ର, ଉଷା, ସବିତା, ମିତ୍ର, ଅଶ୍ୱିନ, ଋଭୂ, ପର୍ବତ ଓ ବିଶ୍ୱଦେବ ଆଦି ଦେବତାମାନଙ୍କର ସ୍ତୁତି କରାଯାଇଛି । ଏହି ମଣ୍ଡଳରେ ମୁଖ୍ୟତଃ ତ୍ରିଷ୍ଟୁପ୍, ଜଗତୀ, ଅନୁଷ୍ଟୁପ୍, ଗାୟତ୍ରୀ ଓ ବୃହତୀ ଆଦି ଛନ୍ଦମାନଙ୍କର ବ୍ୟବହାର କରାଯାଇଛି । ମହର୍ଷି ବିଶ୍ୱାମିତ୍ର, ସବୁଠୁ ପ୍ରସିଦ୍ଧ, **ଗାୟତ୍ରୀ ମନ୍ତ୍ର**ର ରଚୟୀତା ଓ ତହା, ଏହି ୩ୟ ମଣ୍ଡଳର ଅନ୍ତର୍ଗତ ।

ଏଥିରେ ଥିବା ମୁଖ୍ୟ ଓ ପ୍ରସିଦ୍ଧ ସୂକ୍ତ ବା ମନ୍ତ୍ର ସମୁହର ତାଲିକା ତଳେ ଟେବୁଲରେ ଦିଆଯାଇଛି ।

| ସୂକ୍ତ | ମନ୍ତ୍ର ନାମ | ଦେବତା | ଋଷି | ମନ୍ତ୍ର |
|---|---|---|---|---|
| ୩.୬୨.୧୦ | ଗାୟତ୍ରୀ ମନ୍ତ୍ର | ସବିତା | ବିଶ୍ୱାମିତ୍ରଃ ଗାଧିନଃ | ତତ୍-ସବିତୁର୍ବରେଣ୍ୟଂ ଭର୍ଗୋ... |
| ୩.୮ | ଯଜ୍ଞ ସୂକ୍ତ | ବିଶ୍ୱେଦେବା | ବିଶ୍ୱାମିତ୍ରଃ ଗାଧିନଃ | ଅଞ୍ଜନ୍ତି ତ୍ୱାମଧ୍ୱରେ... |
| ୩.୪ | ଆପ୍ରି ସୂକ୍ତ | ଯାଜ୍ଞିକ | ବିଶ୍ୱାମିତ୍ରଃ ଗାଧିନଃ | ସମିତ୍ସମିତ୍ସୁମନା ବୋଧ୍ୟସ୍ମେ... |

Not for Commercial Use

## ମଣ୍ଡଳ - ୪

“ମଣ୍ଡଳ-୪”, "**ବାମଦେବ ମଣ୍ଡଳ**" ନାମରେ ପରିଚିତ । ଏହି ମଣ୍ଡଳ, ଆଙ୍ଗିରସ ଗୁରୁକୁଳକୁ ସମର୍ପିତ କରାଯାଇଛି । ଏହି ଗୁରୁକୁଳର ମୁଖ୍ୟ ଋଷି "ମହର୍ଷି **ବାମଦେବ**" ଅଟନ୍ତି । ସେ ଅଗ୍ନି, ଇନ୍ଦ୍ର ଓ ସବିତାଙ୍କର ଉପାସକ ଥିଲେ । ସେ, ଏହି ୪ର୍ଥ ମଣ୍ଡଳରେ ଅଗ୍ନିଙ୍କର ଅନେକ **ରୂପ** ଓ **କାର୍ଯ୍ୟମାନ** ବର୍ଣ୍ଣନା କରିଛନ୍ତି, ତଥା **ବର୍ଷାଶାସ୍ତ୍ର, କୃଷିଶାସ୍ତ୍ର** ଓ **ଆତ୍ମା** ସଂବନ୍ଧୀୟ ସୂକ୍ତସମୁହ ରଚନା କରିଛନ୍ତି । ଏହି ମଣ୍ଡଳରେ **୫୮**ଟି ସୂକ୍ତ ବା **୫୮୯**ଟି ମନ୍ତ୍ର ରହିଅଛି । ଏହି ମଣ୍ଡଳରେ ସମସ୍ତ ସୂକ୍ତ **ଆଙ୍ଗିରସ** ଗୁରୁକୁଳ (୫୮ ସୂକ୍ତ, ୫୮୯ ମନ୍ତ୍ର) ଦ୍ୱାରା ରଚନା କରାଯାଇଛି, ସେଥିମଧ୍ୟରୁ 'ବାମଦେବ ଗୌତମ' ନିଜେ ୫୬ଟି ସୂକ୍ତ ରଚନା କରିଛନ୍ତି । ଏହି ମଣ୍ଡଳରେ ଅଗ୍ନି, ଇନ୍ଦ୍ର, ଋଭୂ, ଦଧିକ୍ରା, ବରୁଣ, ଉଷା, ଅଶ୍ୱିନ, ବାୟୁ, ବୃହସ୍ପତି, ସବିତା, ବିଶ୍ୱଦେବା, ସ୍ୱର୍ଗ-ପୃଥିବୀ, କ୍ଷେତ୍ରପତି, ଘୃତ, ଆତ୍ମା ଆଦି ଦେବତାମାନଙ୍କର ସ୍ତୁତି କରାଯାଇଛି । ଏହି ମଣ୍ଡଳ ମୁଖ୍ୟତଃ ତ୍ରିଷ୍ଟୁପ୍, ଅନୁଷ୍ଟୁପ୍, ଜଗତୀ ଓ ଗାୟତ୍ରୀ ଆଦି ଛନ୍ଦମାନଙ୍କରେ ରଚନା କରାଯାଇଛି ।

ଏଥିରେ ଥିବା ମୁଖ୍ୟ ଓ ପ୍ରସିଦ୍ଧ ସୂକ୍ତ ବା ମନ୍ତ୍ରସମୁହର ତାଲିକା ତଳେ ଟେବୁଲରେ ଦିଆଯାଇଛି ।

| ସୂକ୍ତ | ସୂକ୍ତ/ମନ୍ତ୍ର | ଦେବତା | ଋଷି | ମନ୍ତ୍ର |
|---|---|---|---|---|
| ୪.୪୦.୫ | ସୌରୀ ମନ୍ତ୍ର | ସୂର୍ଯ୍ୟଃ | ବାମଦେବଃ ଗୌତମଃ | ହଂସଃ ଶୁଚିଷଦ୍ୱସୁରନ୍ତରିକ୍ଷସଦ୍ଧୋତା... |
| ୪.୫୭ | କୃଷି ସୂକ୍ତ | କ୍ଷେତ୍ରପତିଃ | ବାମଦେବଃ ଗୌତମଃ | କ୍ଷେତ୍ରସ୍ୟ ପତିନା... |
| ୪.୫୮ | ଆଜ୍ୟ ସୂକ୍ତ | ଅଗ୍ନିସୂର୍ଯ୍ୟାବ୍-ଗୋଘୃତାନାମନ୍ୟତମଃ | ବାମଦେବଃ ଗୌତମଃ | ସମୁଦ୍ରାଦୂର୍ମିର୍ମଧୁମାଁ... |
| ୪.୫୮.୩ | ପଞ୍ଚଦେବତାପରକ | ଅଗ୍ନିସୂର୍ଯ୍ୟାବ୍-ଗୋଘୃତାନାମନ୍ୟତମଃ | ବାମଦେବଃ ଗୌତମଃ | ଚତ୍ୱାରି ଶୃଙ୍ଗା ତ୍ରୟୋ ଅସ୍ୟ... |

Not for Commercial Use

**ମଣ୍ଡଳ - ୫**

“ମଣ୍ଡଳ-୫”, "**ଆତ୍ରେୟ ମଣ୍ଡଳ**" ନାମରେ ଜଣା । ଏହି ମଣ୍ଡଳକୁ 'ଆତ୍ରେୟ ଗୁରୁକୁଳ'କୁ ସମର୍ପିତ କରାଯାଇଛି । ଏହି ଗୁରୁକୁଳର ମୁଖ୍ୟ "ମହର୍ଷି **ଅତ୍ରି**" ଅଟନ୍ତି । ସେ, ଇନ୍ଦ୍ର, ଅଗ୍ନି, ଓ ସବିତାଙ୍କର ଉପାସକ ଥିଲେ, ତଥା ଅଶ୍ୱିନୀକୁମାରଙ୍କର କୃପା ତାଙ୍କୁ ପ୍ରାପ୍ତ ଥିଲା । ତାଙ୍କୁ '**ପ୍ରଜାପତି**' ମଧ୍ୟ କୁହନ୍ତି । ସେ, ଏହି ମଣ୍ଡଳରେ ଇନ୍ଦ୍ର ଓ ଅଗ୍ନିଙ୍କର ସହକର୍ମୀଙ୍କ ବିଷୟରେ ବର୍ଣ୍ଣନା କରିଛନ୍ତି, ତଥା ମାନବ ମଙ୍ଗଳ ସକାଶେ '**ସ୍ୱସ୍ତି ସୂକ୍ତ**' ଓ **କଲ୍ୟାଣ ସୂକ୍ତ** ଆଦି ରଚନା କରିଛନ୍ତି । ଏହି ମଣ୍ଡଳରେ **୮୭**ଟି ସୂକ୍ତ ବା **୭୨୭**ଟି ମନ୍ତ୍ର ରହିଅଛି । ଏହି ମଣ୍ଡଳର ସମସ୍ତ ସୂକ୍ତ, ୫ଟି ଗୁରୁକୁଳ ଦ୍ୱାରା ରଚନା କରାଯାଇଛି, ସେମାନେ ହେଲେ, **ଆଙ୍ଗିରସ** (୩ ସୂକ୍ତ, ୧୯ ମନ୍ତ୍ର), **ଅଗସ୍ତ୍ୟ** (୧ ସୂକ୍ତ, ୪ ମନ୍ତ୍ର), **ବିଶ୍ୱାମିତ୍ର** (୨ ସୂକ୍ତ, ୧୯ମନ୍ତ୍ର), **ଅତ୍ରି** (୭୯ ସୂକ୍ତ, ୬୫୫ ମନ୍ତ୍ର), **ବସିଷ୍ଠ** (୧ ସୂକ୍ତ, ୧୫ ମନ୍ତ୍ର), ତଥା ମହର୍ଷି ଅତ୍ରି ଓ ମହର୍ଷି **କଶ୍ୟପ** (୧ ସୂକ୍ତ, ୧୫ ମନ୍ତ୍ର) । ଏହିସବୁ ସୂକ୍ତସମୁହ, ଅଗ୍ନି, ଇନ୍ଦ୍ର, ସୂର୍ଯ୍ୟ, ବିଶ୍ୱଦେବା, ମରୁତ, ମିତ୍ରା-ବରୁଣ, ଅଶ୍ୱିନ, ଉଷା, ସବିତା, ପର୍ଜ୍ୟନ୍ୟ, ପୃଥିବୀ ଓ ବରୁଣ ଆଦି ଦେବତାମାନଙ୍କ ଉଦ୍ଦେଶ୍ୟରେ ସ୍ତୁତି କରାଯାଇଛି । ଏହି ମଣ୍ଡଳରେ ଥିବା ମନ୍ତ୍ରସମୁହ, ମୁଖ୍ୟତଃ ତ୍ରିଷ୍ଟୁପ୍, ଅନୁଷ୍ଟୁପ୍, ଗାୟତ୍ରୀ, ପଙ୍କ୍ତି ଓ ଜଗତୀ, ଆଦି ଛନ୍ଦମାନଙ୍କରେ ରଚନା କରାଯାଇଛି ।

ଏଥିରେ ଥିବା ମୁଖ୍ୟ ଓ ପ୍ରସିଦ୍ଧ ସୂକ୍ତ ବା ମନ୍ତ୍ର ସମୁହର ତାଲିକା ତଳେ ଟେବୁଲରେ ଦିଆଯାଇଛି ।

| ସୂକ୍ତ | ମନ୍ତ୍ର ନାମ | ଦେବତା | ଋଷି | ମନ୍ତ୍ର |
|---|---|---|---|---|
| ୫.୫ | ଆପ୍ରି ସୂକ୍ତ | ଯାଜ୍ଞିକ | ବସୁଶ୍ରୁତଃ ଆତ୍ରେୟଃ | ସୁସମିଦ୍ଧାୟ ଶୋଚିଷେ... |
| ୫.୪୨ | ସ୍ୱସ୍ତି ସୂକ୍ତ | ବିଶ୍ୱେ ଦେବାଃ | ଭୌମଃ ଅତ୍ରିଃ | ତମୁ ଷ୍ଟୁହି ଯଃ ସ୍ୱିଷୁଃ... |
| ୫.୮୨ | କଲ୍ୟାଣ ସୂକ୍ତ | ସବିତା | ଶ୍ୟାବାଶ୍ୱଃ ଆତ୍ରେୟଃ | ତତ୍ସବିତୁର୍ବୃଣୀମହେ ବୟଂ... |

**ମଣ୍ଡଳ - ୬**

“ମଣ୍ଡଳ-୬”, "**ଭରଦ୍ୱାଜ ମଣ୍ଡଳ**" ନାମରେ ଜଣା । ଏହି ମଣ୍ଡଳ ଆଙ୍ଗିରସ ଗୁରୁକୁଳର ମହର୍ଷି ଭରଦ୍ୱାଜଙ୍କୁ ସମର୍ପିତ କରାଯାଇଛି । ମହର୍ଷି **ଭରଦ୍ୱାଜ** ଜଣେ ଦୀର୍ଘଜୀବୀ ଋଷି ଥିଲେ । ସେ, ଅନେକ ବିଦ୍ୟାର ଅଧିକାରୀ ଥିଲେ । ସେ, ଇନ୍ଦ୍ରଙ୍କ ଠାରୁ ବ୍ୟାକରଣ ଓ ଆୟୁର୍ବେଦ, ମହର୍ଷି ଭୃଗୁଙ୍କ ଠାରୁ ଧର୍ମଶାସ୍ତ୍ର ଶିକ୍ଷା କରିଥିଲେ, ତଥା ଶିକ୍ଷାଶାସ୍ତ୍ର, ଅର୍ଥଶାସ୍ତ୍ର, ଧନୁର୍ବେଦ, ଓ ଭୌତିକ ବିଜ୍ଞାନ ଆଦି ଅନେକ ବିଦ୍ୟାର ଅଧିକାରୀ ଥିଲେ । ତାଙ୍କର ଏହିସବୁ ବିଦ୍ୟା ପରସମନ୍ୱୟରେ ଅନେକ ବେଦ ଓ ଶାସ୍ତ୍ର ରଚନା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅର୍ପଣ କରିଥିଲା । 'ଋକ୍-ବେଦ'ରେ ତାଙ୍କର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଥିଲା । ସେ, ଇନ୍ଦ୍ର, ଅଗ୍ନି, ଓ ସରସ୍ୱତୀଙ୍କର ଉପାସକ ଥିଲେ । ସେ 'ଋକ୍-ବେଦ'ରେ ମାନବ ଅନ୍ତର୍ସ୍ଥିତ **ଅଗ୍ନିର ମହତ୍ୱ**, **ବାଚ୍ୟ** ଓ **ଜ୍ଞାନ**ର ପ୍ରକୃତ ବ୍ୟବହାର, ସରସ୍ୱତୀଙ୍କ ସ୍ତୁତି, **ଯୁଦ୍ଧଶସ୍ତ୍ର** ଓ **ଆତ୍ମରକ୍ଷା** ଇତ୍ୟାଦି ଅନେକ ଉପଦେଶ ଓ ସ୍ତୁତି ରଚନା କରିଛନ୍ତି । ଏହି ମଣ୍ଡଳରେ **୭୫**ଟି ସୂକ୍ତ ବା **୭୬୫**ଟି ମନ୍ତ୍ର ରହିଅଛି । ଏ ସମସ୍ତ ମନ୍ତ୍ର ଆଙ୍ଗିରସ ଗୁରୁକୁଳ ଦ୍ୱାରା ରଚନା କରାଯାଇଛି, ସେଥିରୁ ୫୬ଟି ସୂକ୍ତ **ଭରଦ୍ୱାଜ**ଙ୍କ ଦ୍ୱାର ଓ ବାକି ତାଙ୍କ ପରିବାର ଓ ଶିଷ୍ୟଙ୍କ ଦ୍ୱାରା ରଚନା କରାଯାଇଛି । ଏ ସମସ୍ତ ସୂକ୍ତସମୁହ ଅଗ୍ନି, ଇନ୍ଦ୍ର, ଗୋ, ବିଶ୍ୱଦେବା, ଅଶ୍ୱିନ, ପୂଷା, ସରସ୍ୱତୀ, ଉଷା, ମିତ୍ର-ବରୁଣ, ମରୁତ, ବିଷ୍ଣୁ, ସବିତା, ଦ୍ୟାବାପୃଥିବୀ, ରୁଦ୍ର, ବୃହସ୍ପତି ଆଦି ଦେବତାଙ୍କ ଉଦ୍ଦେଶ୍ୟରେ ସ୍ତୁତି କରାଯାଇଛି । ଏ ସମସ୍ତ ସୂକ୍ତସମୁହ ତ୍ରିଷ୍ଟୁପ୍, ଅନୁଷ୍ଟୁପ୍, ଗାୟତ୍ରୀ, ଜଗତୀ, ବୃହତୀ ଓ ଉଷ୍ଣିକ୍ ଆଦି ଛନ୍ଦରେ ରଚନା କରାଯାଇଛି ।

ଏଥିରେ ଥିବା ମୁଖ୍ୟ ଓ ପ୍ରସିଦ୍ଧ ସୂକ୍ତ ବା ମନ୍ତ୍ର ସମୁହର ତାଲିକା ତଳେ ଟେବୁଲରେ ଦିଆଯାଇଛି ।

| ସୂକ୍ତ | ମନ୍ତ୍ର ନାମ | ଦେବତା | ଋଷି | ମନ୍ତ୍ର |
|---|---|---|---|---|
| ୬.୯.୪ | ଅନ୍ତଃଅଗ୍ନି ମନ୍ତ୍ର | ବୈଶ୍ୱାନରଃ ଅଗ୍ନିଃ | ଭରଦ୍ୱାଜଃ ବାର୍ହସ୍ପତ୍ୟଃ | ଅୟଂ ହୋତା ପ୍ରଥମଃ... |
| ୬.୧୪.୨ | ଅନ୍ତଃଅଗ୍ନି ମନ୍ତ୍ର | ଅଗ୍ନିଃ | ଭରଦ୍ୱାଜଃ ବାର୍ହସ୍ପତ୍ୟଃ | ଅଗ୍ନିରିଦ୍ଧି ପ୍ରଚେତା... |
| ୬.୨୮ | ଗୋ ସୂକ୍ତ | ଗାବଃ | ଭରଦ୍ୱାଜଃ ବାର୍ହସ୍ପତ୍ୟଃ | ଆ ଗାବୋ ଅଗ୍ମନ୍ନୁତ... |
| ୬.୬୨ | ସରସ୍ୱତୀ ସୂକ୍ତ | ସରସ୍ୱତୀ | ଭରଦ୍ୱାଜଃ ବାର୍ହସ୍ପତ୍ୟଃ | ସ୍ତୁଷେ ନରା ଦିବୋ ଅସ୍ୟ... |

Not for Commercial Use

| ୬.୭୫ | ଯୁଦ୍ଧଶସ୍ତ୍ର ସୂକ୍ତ | ଯୁଦ୍ଧଶସ୍ତ୍ର | ପାୟୁଃ ଭାରଦ୍ୱାଜଃ | ଜୀମୂତସ୍ୟେବ ଭବତି ପ୍ରତୀକଂ... |
|---|---|---|---|---|

**ମଣ୍ଡଳ - ୭**

"ମଣ୍ଡଳ-୭", "**ବସିଷ୍ଠ ମଣ୍ଡଳ**" ନାମରେ ମଧ୍ୟ ପରିଚିତ । ଏହି ମଣ୍ଡଳ 'ବସିଷ୍ଠ ଗୁରୁକୁଳ'କୁ ସମର୍ପିତ କରାଯାଇଛି । ଏହି ଗୁରୁକୁଳର ମୁଖ୍ୟ 'ମହର୍ଷି **ବସିଷ୍ଠ**' ଅଟନ୍ତି । ସେ ତାଙ୍କର ସାଧନା, ନିଷ୍ଠା ଓ ବିଚାର ପାଇଁ ପ୍ରସିଦ୍ଧ । 'ଋକ୍-ବେଦ'ରେ ତାଙ୍କର ବିଚାର ଓ ଉପଦେଶ, ତାଙ୍କର ରଚନାରୁ ମିଳିଥାଏ । ତାଙ୍କ ବିଚାରରେ, ତୁଳନାତ୍ମକକୁ ଗୁରୁତ୍ୱ ଦେବା ଅପେକ୍ଷା **ଗୁଣାତ୍ମକ**କୁ ଗୁରୁତ୍ୱ ଦେବା ଆବଶ୍ୟକ, ଇନ୍ଦ୍ର ଓ ବରୁଣ ଉଭୟଙ୍କର ପରିପୁରକ, କେହି ବଡ଼ ନୁହନ୍ତି, ସମସ୍ତେ ତାଙ୍କର ଗୁଣ ପାଇଁ ଗୁରୁତ୍ୱପୂର୍ଣ୍ଣ ଓ ବଡ଼ ଅଟନ୍ତି । 'ଋକ୍-ବେଦ'ରେ ତାଙ୍କ ରଚନା ଗୁଡିକ, ଅତ୍ୟନ୍ତ ପ୍ରେରଣା ଦାୟକ ଓ ଦର୍ଶନତତ୍ତ୍ୱର ପରିଚୟ ଦିଏ, ତାଙ୍କ ମତରେ ମାନବ ନିଜର ଅର୍ଥ ବୁଝିବା ଅତ୍ୟନ୍ତ ଆବଶ୍ୟକ ଓ ସେହି ଅନୁସାରେ କର୍ମ, ଓ ଧର୍ମ କରିବା ଦରକାର, ତଥା ନିଜର ପ୍ରତିଭା ଅନ୍ୟମାନଙ୍କ ସହିତ ଆଦାନ ପ୍ରଦାନ କରି ସମାଜର ମଙ୍ଗଳ କରିବା ଦରକାର । ତାଙ୍କ ପାଖରେ '**କାମଧେନୁ**' ଓ '**ନନ୍ଦିନୀ**' ନାମକ ଗୋ ମାତା ଥିଲେ, ଯାହାକୁ ସେ ତାଙ୍କର ସନ୍ତାନ ମାନୁଥିଲେ, ଏଥିରୁ ଜଣାପଡେ ସେ ଗୋ ମହିମାକୁ କେତେ ଗୁରୁତ୍ୱ ଦେଉଥିଲେ । ସେ, ସୂର୍ଯ୍ୟ କାହିଁକି ବରେଣ୍ୟ, ନଦୀର ମହାତ୍ମ୍ୟ, ଜଳର ମହାତ୍ମ୍ୟ, ରୁଦ୍ର ଓ ବିଷ୍ଣୁଙ୍କ ମହାତ୍ମ୍ୟ ଆଦି ଅନେକ ବିଷୟରେ 'ଋକ୍-ବେଦ'ରେ ରଚନା କରିଛନ୍ତି । ସେ ଅତି ପ୍ରସିଦ୍ଧ "**ମହାମୃତ୍ୟୁଞ୍ଜୟ ମନ୍ତ୍ର**" ରଚନା କରିଥିଲେ । ସେ, "ଯୋଗ ବସିଷ୍ଠ", "ବସିଷ୍ଠ ଧର୍ମସୂତ୍ର", "ବସିଷ୍ଠ ସଂହିତା" ଆଦି ଅନେକ ଶାସ୍ତ୍ର ରଚନା କରିଥିଲେ, ଯାହା ପର ସମୟରେ 'ଯୋଗସୂତ୍ର', ଓ 'ବେଦାନ୍ତ' ଆଦି ରଚନା କରିବାପାଇଁ ପ୍ରେରଣା କରିଥିଲା । ସେ, ଅଗ୍ନି, ସୂର୍ଯ୍ୟ, ଇନ୍ଦ୍ର, ରୁଦ୍ର ଓ ବିଷ୍ଣୁଙ୍କର ଉପାସକ ଥିଲେ । ଏହି ମଣ୍ଡଳରେ **୧୦୪**ଟି ସୂକ୍ତ ବା ୮୪୧ଟି ମନ୍ତ୍ର ରହିଅଛି । ଏହି ସୂକ୍ତସମୁହ **ବସିଷ୍ଠ** ଗୁରୁକୁଳ (୧୦୨ ସୂକ୍ତ, ୮୩୨ ମନ୍ତ୍ର) ଦ୍ୱାରା ତଥା **ଆଙ୍ଗିରସ** ଓ ବସିଷ୍ଠ (୨ ସୂକ୍ତ, ୯ ମନ୍ତ୍ର) ଦ୍ୱାରା ରଚନା କରାଯାଇଥିଲା । ଏ ସମସ୍ତ ସୂକ୍ତସମୁହ, ଅଗ୍ନି, ଇନ୍ଦ୍ର, ବିଶ୍ୱଦେବା, ମରୁତ, ମିତ୍ରା-ବରୂଣ, ଅଶ୍ୱିନ, ଉଷା, ଇନ୍ଦ୍ର-ବରୂଣ, ବାୟୁ, ସରସ୍ୱତୀ, ରୁଦ୍ର, ଆପଃ, ଆଦିତ୍ୟ, ବିଷ୍ଣୁ, ବୃହସ୍ପତି, ସବିତା, ଭଗ, ଦଧିକ୍ରା, ଋଭୁ,



Not for Commercial Use

ଦ୍ୟାବାପୃଥିବୀ, ପର୍ଜନ୍ୟ ଆଦି ଦେବତାମାନଙ୍କ ଉଦ୍ଦେଶ୍ୟରେ ସ୍ତୁତି କରାଯାଇଛି । ଏହି ସମସ୍ତ ସୂକ୍ତସମୁହ ମୁଖ୍ୟତଃ ତ୍ରିଷ୍ଟୁପ୍, ଅନୁଷ୍ଟୁପ୍, ଗାୟତ୍ରୀ, ଜଗତୀ, ବୃହତୀ ଆଦି ଛନ୍ଦରେ ରଚନା କରାଯାଇଛି ।

ଏଥିରେ ଥିବା ମୁଖ୍ୟ ଓ ପ୍ରସିଦ୍ଧ ସୂକ୍ତ ବା ମନ୍ତ୍ର ସମୁହର ତାଲିକା ତଳେ ଟେବୁଲରେ ଦିଆଯାଇଛି ।

| ସୂକ୍ତ | ମନ୍ତ୍ର ନାମ | ଦେବତା | ଋଷି | ମନ୍ତ୍ର |
|---|---|---|---|---|
| ୭.୨ | ଆପ୍ରି ସୂକ୍ତ | ଯାଜ୍ଞିକ | ବସିଷ୍ଠଃ ମୈତ୍ରାବରୁଣିଃ | ଜୁଷସ୍ୱ ନଃ ସମିଧମଗ୍ନେ... |
| ୭.୪୬ | ଋଦ୍ର ସୂକ୍ତ | ଋଦ୍ରଃ | ବସିଷ୍ଠଃ ମୈତ୍ରାବରୁଣିଃ | ଇମା ରୁଦ୍ରାୟ ସ୍ଥିରଧନ୍ୱନେ... |
| ୭.୫୯.୧୨ | ମହାମୃତ୍ୟୁଞ୍ଜୟ ମନ୍ତ୍ର | ଋଦ୍ରଃ | ବସିଷ୍ଠଃ ମୈତ୍ରାବରୁଣିଃ | ତ୍ର୍ୟମ୍ବକଂ ଯଜାମହେ ସୁଗନ୍ଧିଂ... |
| ୭.୬୦.୧ | ସୂର୍ଯ୍ୟ ମନ୍ତ୍ର | ସୂର୍ଯ୍ୟଃ | ବସିଷ୍ଠଃ ମୈତ୍ରାବରୁଣିଃ | ଯଦଦ୍ୟ ସୂର୍ଯ୍ୟ ବ୍ରବୋଽନାଗା... |
| ୭.୬୨.୧-୩ | ସୂର୍ଯ୍ୟ ମନ୍ତ୍ର | ସୂର୍ଯ୍ୟଃ | ବସିଷ୍ଠଃ ମୈତ୍ରାବରୁଣିଃ | ଉତ୍-ସୂର୍ଯ୍ୟୋ ବୃହଦର୍ଚୀଂଷ୍ୟଶ୍ରେତ୍-ପୁରୁ... |
| ୭.୬୬.୧୪-୧୬ | ସୂର୍ଯ୍ୟ ମନ୍ତ୍ର | ସୂର୍ଯ୍ୟଃ | ବସିଷ୍ଠଃ ମୈତ୍ରାବରୁଣିଃ | ଯଦୀମାଶୁର୍ବହତି ଦେବ ଏତଶୋ... |
| ୭.୧୦୦ | ବିଷ୍ଣୁ ସୂକ୍ତ | ବିଷ୍ଣୁଃ | ବସିଷ୍ଠଃ ମୈତ୍ରାବରୁଣିଃ | ନୂ ମର୍ତୋ ଦୟତେ ସନିଷ୍ୟନ୍ୟୋ... |
| ୭.୧୦୩ | ମଣ୍ଡୂକ ସୂକ୍ତ | ମଣ୍ଡୂକାଃ | ବସିଷ୍ଠଃ ମୈତ୍ରାବରୁଣିଃ | ସଂବତ୍ସରଂ ଶଶୟାନା... |

**ମଣ୍ଡଳ - ୮**

“ମଣ୍ଡଳ-୮”, ଏଥିରେ 'କଣ୍ୱ ଋଷିକୁଳ'ଙ୍କର ଅଧିକାଂଶ ମନ୍ତ୍ର ଥିବାରୁ, ଏହା "**କଣ୍ୱ ମଣ୍ଡଳ**" ନାମରେ ପରିଚିତ । 'କଣ୍ୱ ଋଷିକୁଳ'ର ମୁଖ୍ୟ **ମହର୍ଷି କଣ୍ୱ**, ଜଣେ ଅତିଥି ପ୍ରିୟ ଓ ଯାଜ୍ଞିକ ଋଷି ଭାବରେ ବିଖ୍ୟାତ ଥିଲେ । ସେ, ଇନ୍ଦ୍ରଙ୍କର ଭକ୍ତ ଥିଲେ, ତଥା ତାଙ୍କୁ ଅଶ୍ୱିନଙ୍କର କୃପା ପ୍ରାପ୍ତ ଥିଲା । 'ଋକ୍-ବେଦ'ରେ ତାଙ୍କର ଅନେକ ସୂକ୍ତ ଓ ମନ୍ତ୍ର, **ଲୌକିକ ଜ୍ଞାନ-ବିଜ୍ଞାନ**, ଓ **ଅନିଷ୍ଟ ନିବାରଣ** ବିଷୟରେ ରଚିତ ହୋଇଛି । ସେ, **ଗୋ ମହିମା**ର ଉପଦେଶ ଓ ପୂଜା ବିଷୟରେ ଏହି ମଣ୍ଡଳରେ ରଚନା କରିଛନ୍ତି ।  ଏହି ମଣ୍ଡଳରେ **୧୦୩**ଟି ସୂକ୍ତ, ବା **୧୭୧୬**ଟି ମନ୍ତ୍ର

Not for Commercial Use

ରହିଅଛି । ଏଥି ମଧ୍ୟରୁ ୧୧ଟି ସୂକ୍ତ (୮.୪୯ - ୫୯) ବାଲଖିଲ୍ୟ ସୂକ୍ତ ନାମରେ ପରିଚିତ । ଏହି ମଣ୍ଡଳର ସୂକ୍ତସମୁହ ୬ଟି ଋଷିକୁଳ ଦ୍ଵାରା ରଚନା କରାଯାଇଛି, ଯଥା, **କଣ୍ଵ** (୫୫ ସୂକ୍ତ, ୯୯୩ ମନ୍ତ୍ର), **ଆଙ୍ଗିରସ** (୨୫ ସୂକ୍ତ, ୪୬୦ ମନ୍ତ୍ର), **ଅଗସ୍ତ୍ୟ** (୧ ସୂକ୍ତ, ୨୧ ମନ୍ତ୍ର), **ଅତ୍ରି** (୭ ସୂକ୍ତ, ୮୮ ମନ୍ତ୍ର), **କଶ୍ୟପ** (୬ ସୂକ୍ତ, ୭୪ ମନ୍ତ୍ର), **ଭୃଗୁ** (୪ ସୂକ୍ତ, ୪୬ ମନ୍ତ୍ର), ତଥା ମିଶ୍ରିତ (୪ ସୂକ୍ତ, ୭୬ ମନ୍ତ୍ର) । ଏହି ସୂକ୍ତସମୁହ ଇନ୍ଦ୍ର, ଅଗ୍ନି, ଅଶ୍ୱିନ, ମରୁତ, ଆଦିତ୍ୟ, ବରୁଣ, ମିତ୍ର-ବରୁଣ, ବିଶ୍ୱଦେବା, ଆଦି ଦେବତାମାନଙ୍କ ଉଦ୍ଦେଶ୍ୟରେ ସ୍ତୁତି କରାଯାଇଛି । ଏହି ସୂକ୍ତର ମନ୍ତ୍ରସମୁହ ତ୍ରିଷ୍ଟୁପ୍, ବୃହତୀ, ଅନୁଷ୍ଟୁପ୍, ଗାୟତ୍ରୀ, ଉଷ୍ଣିକ୍, ଓ ଜଗତୀ ଆଦି ଛନ୍ଦରେ ରଚନା କରାଯାଇଛି ।

ଏଥିରେ ଥିବା ମୁଖ୍ୟ ଓ ପ୍ରସିଦ୍ଧ ସୂକ୍ତ ବା ମନ୍ତ୍ର ସମୁହର ତାଲିକା ତଳେ ଟେବୁଲରେ ଦିଆଯାଇଛି ।

| ସୂକ୍ତ | ମନ୍ତ୍ର ନାମ | ଦେବତା | ଋଷି | ମନ୍ତ୍ର |
|---|---|---|---|---|
| ୮.୬୧.୧୩ | ଦୁଃସ୍ୱପ୍ନ ନିବାରଣ ମନ୍ତ୍ର | ଇନ୍ଦ୍ରଃ | ଭର୍ଗଃ ପ୍ରାଗାଥଃ | ଯତ ଇନ୍ଦ୍ର ଭୟାମହେ... |
| ୮.୯୭.୪ | କପୋଳଶକ୍ତି ମନ୍ତ୍ର | ଇନ୍ଦ୍ରଃ | ରେଭଃ କାଶ୍ୟପଃ | ଯଚ୍ଛକ୍ରାସି ପରାବତି... |
| ୮.୧୦୦ | ଇନ୍ଦ୍ର-ବାକ୍ ସୂକ୍ତ | ଇନ୍ଦ୍ରଃ | ନେମଃ ଭାର୍ଗବଃ | ଅୟଂ ତ ଏମି ତନ୍ୱା... |
| ୮.୧୦୧.୧୫-୧୬ | ଗୋ ମହିମା ମନ୍ତ୍ର | ଗୌଃ | ଜମଦଗ୍ନିଃ ଭାର୍ଗବଃ | ମାତା ରୁଦ୍ରାଣାଂ ଦୁହିତା... |

**ମଣ୍ଡଳ - ୯**

“ମଣ୍ଡଳ-୯”, "**ସୋମ ମଣ୍ଡଳ**" ନାମରେ ମଧ୍ୟ ଜଣା । ଏହି ମଣ୍ଡଳରେ କେବଳ '**ସୋମ ସୂକ୍ତ**' ସମୁହ ଅଛି । ଏହି 'ସୋମ ସୂକ୍ତ' ସମୁହ ୩ ପ୍ରକାରରେ ବ୍ୟବହାର କରାଯାଇଥାଏ, ଯଥା, ୧). ସୋମ ଲତା ବା ଗଛ ବା ଦ୍ରବ୍ୟାଦିର **ଚରିତ୍ର ବା ଲକ୍ଷଣ** ଗୁଡିକ, ୨). କିପରି '**ସୋମ ରସ**' ବାହାର କରାଯାଏ, ତା'ର ପଦ୍ଧତି ଓ ୩). '**ସୋମଯଜ୍ଞ**'ରେ ବ୍ୟବହାର ହୋଉଥିବା ସୂକ୍ତ ବା ମନ୍ତ୍ର ସମୁହ । ଏହି ମଣ୍ଡଳରେ **୧୧୪**ଟି ସୂକ୍ତ, ବା **୧୧୦୮**ଟି ମନ୍ତ୍ର ରହିଅଛି । ଏହି ସୂକ୍ତର ମନ୍ତ୍ର ସମୁହ ୯ଟି ଗୁରୁକୁଳ ଦ୍ଵରା ରଚନା କରାଯାଇଛି, ଯଥା, **କଣ୍ଵ** (୮ ସୂକ୍ତ, ୫୦ ମନ୍ତ୍ର), **ଆଙ୍ଗିରସ** (୩୦ ସୂକ୍ତ, ୨୧୭ ମନ୍ତ୍ର), **ଅଗସ୍ତ୍ୟ** (୨ ସୂକ୍ତ, ୧୨ ମନ୍ତ୍ର), **ବିଶ୍ୱାମିତ୍ର** (୫ ସୂକ୍ତ, ୪୪ ମନ୍ତ୍ର), **ଅତ୍ରି**

Not for Commercial Use

(୨ ସୂକ୍ତ, ୧୬ ମନ୍ତ୍ର), **ବସିଷ୍ଠ** (୧ ସୂକ୍ତ, ୬ ମନ୍ତ୍ର), **କଶ୍ୟପ** (୩୬ ସୂକ୍ତ, ୩୦୦ ମନ୍ତ୍ର), **ଭରତ** (୨ ସୂକ୍ତ, ୨୭ ମନ୍ତ୍ର), **ଭୃଗୁ** (୧୪ ସୂକ୍ତ, ୧୩୬ ମନ୍ତ୍ର), ତଥା ମିଶ୍ରିତ ଋଷିଗଣ (୬ ସୂକ୍ତ, ୧୯୬ ମନ୍ତ୍ର) | ଏହି ମଣ୍ଡଳର ମନ୍ତ୍ର ସମୁହ ମୁଖ୍ୟତଃ, ଗାୟତ୍ରୀ, ଜଗତୀ, ତ୍ରିଷ୍ଟୁପ୍, ଅନୁଷ୍ଟୁପ୍ ଓ ଉଷ୍ଣିକ୍ ଆଦି ଛନ୍ଦରେ ରଚନା କରାଯାଇଛି | ଏହି ମଣ୍ଡଳରେ ଥିବା ସୂକ୍ତମାନଙ୍କ ମଧ୍ୟରୁ ୯.୫ ସୂକ୍ତ "ଆପ୍ରି ସୂକ୍ତ" ଓ ଏହା ଯାଜ୍ଞିକ ଅଟେ |

**ମଣ୍ଡଳ - ୧୦**

'ମଣ୍ଡଳ-୧୦'ରେ, ଯେଉଁ ସୂକ୍ତ ସମୁହ ୧ମ ରୁ ୯ମ ମଣ୍ଡଳ ପାଇଁ ଯୋଗ୍ୟ ବିବେଚିତ ହୋଇପାରୁ ନଥିଲା, ସେ ସବୁ ଏହି ମଣ୍ଡଳରେ ଅନ୍ତର୍ଭୁକ୍ତ କରାଯାଇଥିଲା | ଏହି ମଣ୍ଡଳର ବିଷୟବସ୍ତୁ ଅନେକ ପ୍ରକାରର, ଯଥା **ପୌରାଣିକ**, **ଆଧ୍ୟାତ୍ମିକ**, **ଦର୍ଶନିକ**, **ସାମାଜିକ**, **ବିଶ୍ୱ ନିର୍ମାଣ**, **ରକ୍ଷା**, **ଜ୍ଞାନ**, **ଦାନ**, **ଧର୍ମ** ଓ **ନୀତି** ଇତ୍ୟାଦି ବିଷୟରେ ରଚନା କରାଯାଇଛି | ଏହି ମଣ୍ଡଳରେ **୧୯୧** ସୂକ୍ତ ବା **୧୭୫୪** ମନ୍ତ୍ର ରହିଅଛି | ଏହି ସୂକ୍ତର ମନ୍ତ୍ର ସମୁହ ୯ଟି ଋଷିକୁଳ ଓ ଅନେକ ଅନ୍ୟ ଋଷିଗଣଙ୍କ ଦ୍ୱାରା ରଚନା କରାଯାଇଛି | ସେମାନେ ହେଲେ, **କଣ୍ୱ** (୧ ସୂକ୍ତ, ୯ ମନ୍ତ୍ର), **ଆଙ୍ଗିରସ** (୫୮ ସୂକ୍ତ, ୪୮୫ ମନ୍ତ୍ର), **ଅଗସ୍ତ୍ୟ** (୪ ସୂକ୍ତ, ୪୦ମନ୍ତ୍ର), **ବିଶ୍ୱାମିତ୍ର** (୧୨ ସୂକ୍ତ, ୯୧ ମନ୍ତ୍ର), **ଅତ୍ରି** (୮ ସୂକ୍ତ, ୧୧୨ ମନ୍ତ୍ର), **ବସିଷ୍ଠ** (୨୬ ସୂକ୍ତ, ୨୭୬ ମନ୍ତ୍ର), **କଶ୍ୟପ** (୩ ସୂକ୍ତ, ୨୪ ମନ୍ତ୍ର), **ଭରତ** (୪ ସୂକ୍ତ, ୪୨ ମନ୍ତ୍ର), **ଭୃଗୁ** (୨୪ ସୂକ୍ତ, ୨୫୫ ମନ୍ତ୍ର), ତଥା **ମିଶ୍ରିତ** ଋଷିଗଣ (୬ ସୂକ୍ତ, ୪୪ ମନ୍ତ୍ର), ଓ **ଅଜ୍ଞାତ** ଋଷିଗଣ (୪୪ସୂକ୍ତ, ୩୭୧ ମନ୍ତ୍ର) | ଏହି ସୂକ୍ତର ମନ୍ତ୍ର ସମୁହ ମୁଖ୍ୟତଃ ଇନ୍ଦ୍ର, ଅଗ୍ନି, ସୁର୍ଯ୍ୟ, ସବିତା, ଉଷା, ପ୍ରଜାପତି, ଓ ଆପଃ ଇତ୍ୟାଦି ଦେବତା, ତଥା ଅନେକ ଅଦେବତାମାନଙ୍କର ସୁତି କରାଯାଇଛି | ଏହି ସୂକ୍ତର ମନ୍ତ୍ର ସମୁହ ସମସ୍ତ ୧୩ଟି ମୁଖ୍ୟ ଛନ୍ଦରେ ରଚନା କରାଯାଇଛି | ଏହି ମଣ୍ଡଳରେ ଅନେକ ସୂକ୍ତ ବା ମନ୍ତ୍ର ସମୁହ ଅନେକ ପ୍ରସିଦ୍ଧ ଓ ଏବେ ମଧ୍ୟ ଏହାର ବ୍ୟବହାର ହୋଇଆସୁଅଛି |

Not for Commercial Use

ଏଥିରେ ଥିବା ମୁଖ୍ୟ ଓ ପ୍ରସିଦ୍ଧ ସୂକ୍ତ ବା ମନ୍ତ୍ର ସମୁହର ତାଲିକା ତଳେ ଟେବୁଲରେ ଦିଆଯାଇଛି ।

| ସୂକ୍ତ | ମନ୍ତ୍ର ନାମ | ଦେବତା | ଋଷି | ମନ୍ତ୍ର |
|---|---|---|---|---|
| ୧୦.୧୦ | ଯମ-ଯମୀ ଉକ୍ତି | ଯମଃ ଯମୀ | ବୈବସ୍ୱତୀ | ଓ ଚିତ୍ସଖାୟଂ ସଖ୍ୟା... |
| ୧୦.୧୩ | ହବିର୍ଧାନ ସୂକ୍ତ | ହବିର୍ଧାନେ | ବିବସ୍ୱାନ୍ ଆଦିତ୍ୟଃ | ଯୁଜେ ବାଂ ବ୍ରହ୍ମ... |
| ୧୦.୧୫ | ପିତୃ ଯଜ୍ଞ ସୂକ୍ତ | ପିତରଃ | ଶଙ୍ଖଃ ଯାମାୟନଃ | ଉଦୀରତାମବର ଉତ୍ପରାସ... |
| ୧୦.୧୮ | ପିତୃ ଯଜ୍ଞ ସୂକ୍ତ | ପିତୃମେଧଃ | ସଂକୁସୁକଃ ଯାମାୟନଃ | ପରଂ ମୃତ୍ୟୋ ଅନୁ... |
| ୧୦.୩୭ | ସୂର୍ଯ୍ୟ ସୂକ୍ତ | ସୂର୍ଯ୍ୟଃ | ଅଭିତପାଃ ସୌର୍ଯ୍ୟଃ | ନମୋ ମିତ୍ରସ୍ୟ ବରୁଣସ୍ୟ... |
| ୧୦.୪୭ | ଇନ୍ଦ୍ର ବୈକୁଣ୍ଠ | ବୈକୁଣ୍ଠଃ ଇନ୍ଦ୍ରଃ | ସପ୍ତଗୁଃ ଆଙ୍ଗିରସଃ | ଜଗୃଭ୍ମା ତେ ଦକ୍ଷିଣମିନ୍ଦ୍ର... |
| ୧୦.୪୮ | ଇନ୍ଦ୍ର ବୈକୁଣ୍ଠ | ଇନ୍ଦ୍ରଃ | ବୈକୁଣ୍ଠଃ ଇନ୍ଦ୍ରଃ | ଅହଂ ଭୁବଂ ବସୁନଃ... |
| ୧୦.୫୯ | ଯାଜ୍ଞିକ | ଯାଜ୍ଞିକ | ବନ୍ଧୁଃ ଶ୍ରୁତବନ୍ଧୁଃ | ପ୍ର ତାର୍ଯ୍ୟାୟୁଃ ପ୍ରତରଂ... |
| ୧୦.୬୦.୭-୧୧ | ଜୀବ ମନ୍ତ୍ର | ଜୀବଃ | ବିପ୍ରବନ୍ଧୁଃ ଗୌପାୟନାଃ | ଅୟଂ ମାତାୟଂ ପିତାୟଂ... |
| ୧୦.୭୦ | ଯାଜ୍ଞିକ | ଯାଜ୍ଞିକ | ସୁମିତ୍ରଃ ବାଧ୍ର୍ୟଶ୍ୱଃ | ଇମାଂ ମେ ଅଗ୍ନେ ସମିଧଂ... |
| ୧୦.୭୧ | ଜ୍ଞାନ ସୂକ୍ତ | ଜ୍ଞାନମ୍ | ବୃହସ୍ପତିଃ ଆଙ୍ଗିରସଃ | ବୃହସ୍ପତେ ପ୍ରଥମଂ ବାଚୋ... |
| ୧୦.୭୫ | ନଦୀ ସୂକ୍ତ | ନଦ୍ୟଃ | ସିନ୍ଧୁକ୍ଷିତ୍ ପ୍ରୈୟମେଧଃ | ପ୍ର ସୁ ବ ଆପୋ... |
| ୧୦.୮୧-୮୨ | ବିଶ୍ୱକର୍ମା ସୂକ୍ତ | ବିଶ୍ୱକର୍ମା | ବିଶ୍ୱକର୍ମା ଭୌବନଃ | ୟ ଇମା ବିଶ୍ୱା ଭୁବନାନି... |
| ୧୦.୮୩ | ମନ୍ୟୁ ସୂକ୍ତ | ମନ୍ୟୁଃ | ମନ୍ୟୁଃ ତାପସଃ | ଯସ୍ତେ ମନ୍ୟୋଽବିଧଦ୍ୱଜ୍ର... |
| ୧୦.୮୫ | ବିବାହ ସୂକ୍ତ | ସୂର୍ଯ୍ୟଃ | ସାବିତ୍ରୀ ସୂର୍ଯ୍ୟା | ସତ୍ୟେନୋତ୍ତଭିତା ଭୂମିଃ... |
| ୧୦.୯୦ | ପୁରୁଷ ସୂକ୍ତ | ପୁରୁଷଃ | ନାରାୟଣଃ | ସହସ୍ରଶୀର୍ଷା ପୁରୁଷଃ... |
| ୧୦.୯୬ | ହରି ସୂକ୍ତ | ହରିଃ | ବରୁଃ ଆଙ୍ଗିରସଃ | ପ୍ର ତେ ମହେ ବିଦଥେ... |
| ୧୦.୯୭ | ଔଷଧ ସୂକ୍ତ | ଔଷଧୟଃ | ଆଥର୍ବଣଃ ଭିଷକ୍ | ଯା ଓଷଧୀଃ ପୂର୍ବା ଜାତା... |
| ୧୦.୧୦୭ | ଦକ୍ଷିଣା ସୂକ୍ତ | ଦକ୍ଷିଣା ଦକ୍ଷିଣାଦାତାରଃ | ଆଙ୍ଗିରସଃ ପ୍ରଜାପତ୍ୟା | ଆବିରଭୂନ୍ମହି ମାଘୋନମେଷାଂ... |

Not for Commercial Use

| | | | | |
|---|---|---|---|---|
| ୧୦.୧୦୮ | ସରମା-ପଣି ଉକ୍ତି | ସରମା ପଣୟଃ | ସରମା ପଣୟଃ | କିମିଚ୍ଛନ୍ତୀ ସରମା... |
| ୧୦.୧୧୦ | ଯାଜ୍ଞିକ | ଯାଜ୍ଞିକ | ଜମଦଗ୍ନିଃ ଭାର୍ଗବଃ | ସମିଦ୍ଧୋ ଅଦ୍ୟ ମନୁଷୋ... |
| ୧୦.୧୧୭ | ଦାନ ସୂକ୍ତ | ଧନାନ୍ନଦାନଂ | ଭିକ୍ଷୁଃ ଆଙ୍ଗିରସଃ | ନ ବା ଉ ଦେବାଃ... |
| ୧୦.୧୨୧ | ହିରଣ୍ୟଗର୍ଭ ସୂକ୍ତ | କଃ (ପ୍ରଜାପତିଃ) | ହିରଣ୍ୟଗର୍ଭଃ ପ୍ରାଜାପତ୍ୟଃ | ହିରଣ୍ୟଗର୍ଭଃ ସମବର୍ତତାଗ୍ରେ... |
| ୧୦.୧୨୩ | ବେନ ସୂକ୍ତ | ବେନଃ | ବେନଃ ଭାର୍ଗବଃ | ଅୟଂ ବେନଶ୍ଚୋଦୟତ୍-ପୃଶ୍ନିଗର୍ଭା... |
| ୧୦.୧୨୫ | ଆତ୍ମା ସୂକ୍ତ | ଆତ୍ମା | ବାକ୍ ଆମ୍ଭୃଣୀ | ଅହଂ ରୁଦ୍ରେଭିର୍ବସୁଭିଶ୍ଚ... |
| ୧୦.୧୨୭ | ରାତ୍ରି ସୂକ୍ତ | ରାତ୍ରିଃ | କୁଶିକଃ ସୌଭରଃ | ରାତ୍ରୀ ବ୍ୟଖ୍ୟଦାୟତୀ... |
| ୧୦.୧୨୯ | ନାସଦୀୟ ସୂକ୍ତ | ଭାବବୃତ୍ତମ୍ | ପରମେଷ୍ଠି ପ୍ରଜାପତିଃ | ନାସଦାସୀନ୍ନୋ ସଦାସୀତ୍ତଦାନୀଂ... |
| ୧୦.୧୩୦ | ନାସଦୀୟ ସୂକ୍ତ | ଭାବବୃତ୍ତମ୍ | ଯଜ୍ଞଃ ପ୍ରାଜାପତ୍ୟଃ | ଯୋ ଯଜ୍ଞୋ ବିଶ୍ୱତସ୍ତନ୍ତୁଭିସ୍ତତ... |
| ୧୦.୧୪୬ | ଅରଣ୍ୟ ସୂକ୍ତ | ଅରଣ୍ୟାନୀ | ଐରଂମଦଃ ଦେବମୁନିଃ | ଅରଣ୍ୟାନ୍ୟରଣ୍ୟାନ୍ୟସୌ ଯା... |
| ୧୦.୧୬୨ | ଗର୍ଭସଂସ୍ରାବ ସୂକ୍ତ | ଗର୍ଭସଂସ୍ରାବେପ୍ରାୟଶ୍ଚିତଂ | ରକ୍ଷୋହା ବ୍ରାହ୍ମଃ | ବ୍ରହ୍ମଣାଗ୍ନିଃ ସଂବିଦାନୋ... |
| ୧୦.୧୬୪ | ଦୁଃସ୍ୱପ୍ନ ନାଶନ ସୂକ୍ତ | ଦୁଃସ୍ୱପ୍ନନାଶନଂ | ପ୍ରଚେତାଃ ଆଙ୍ଗିରସଃ | ଅପେହି ମନସସ୍ପତେଽପ... |
| ୧୦.୧୬୯ | ଗୋ ସୂକ୍ତ | ଗାବଃ | କକ୍ଷୀବତଃ ଶବରଃ | ମୟୋଭୂର୍ବାତୋ ଅଭି ବାତୂସ୍ରା... |
| ୧୦.୧୭୩-୧୭୪ | ରାଜାଭିଷେକ ସୂକ୍ତ | ରାଜା | ଅଭିବର୍ତଃ ଆଙ୍ଗିରସଃ | ଆ ତ୍ୱାହାର୍ଷମନ୍ତରେଧି... |
| ୧୦.୧୭୭ | ମାୟାଭେଦ ସୂକ୍ତ | ମାୟାଭେଦଃ | ପତଙ୍ଗଃ ପ୍ରାଜାପତ୍ୟଃ | ପତଙ୍ଗମକ୍ତମସୁରସ୍ୟ ମାୟୟା... |
| ୧୦.୧୭୮ | ତାର୍କ୍ଷ୍ୟ ସୂକ୍ତ | ତାର୍କ୍ଷ୍ୟଃ | ଅରିଷ୍ଟନେମିଃ ତାର୍କ୍ଷ୍ୟଃ | ତ୍ୟମୂ ଷୁ ବାଜିନଂ ଦେବଜୂତଂ... |
| ୧୦.୧୮୩ | ପୁତ୍ରକାମ୍ୟ ସୂକ୍ତ | ଯଜମାନଃ | ପ୍ରଜାବାନ୍ ପ୍ରାଜାପତ୍ୟଃ | ଅପଶ୍ୟଂ ତ୍ୱା ମନସା... |

'ଋକ୍-ବେଦ' ରଚନାରେ ପ୍ରାୟ **୩୦ ଜଣ ନାରୀ ଋଷି** (ଋଷିକା) ଯୋଗଦାନ କରିଥିଲେ । ସେମାନେ ମଧ୍ୟ ମନ୍ତ୍ରଦ୍ରଷ୍ଟା ଥିଲେ । ସେମାନେ ହେଲେ, ଘୋଷା କକ୍ଷିବତୀ, ଦକ୍ଷିଣା ପ୍ରଜାପତ୍ୟା, ବିଶ୍ୱବାରା ଆତ୍ରେୟୀ, ଗୋଧା ଋଷିକା, ଅପାଲା ଆତ୍ରେୟୀ, ଯମୀ ବୈବସ୍ୱତୀ, ଲୋପମୁଦ୍ରା, ରୋମଶା ସ୍ୱନୟ, ଅଦିତି ଦାକ୍ଷାୟଣୀ, ରାତ୍ରି ଭାରଦ୍ୱାଜୀ, ବସୁକ୍ରପତ୍ନୀ , ସାବିତ୍ରୀ ସୂର୍ଯ୍ୟା, ଇନ୍ଦ୍ରାଣି, ସରମା ଦେବସୁନୀ, ଉର୍ବଶୀ, ଶଶ୍ୱତୀ ଆଙ୍ଗିରସୀ, ଅଦିତି, ଜୁହୂ ବ୍ରହ୍ମଜାୟା, ତ୍ୱଷ୍ଟା ଗର୍ଭକର୍ତା, ବାକ୍ ଆମ୍ଭୃଣୀ, ଶ୍ରଦ୍ଧା କାମାୟନୀ, ଶଚୀ ପୌଲୋମୀ, ସାର୍ପରାଜ୍ଞୀ, ସିକତା ନିବାବରୀ, କାଶ୍ୟପ୍ୟୌ ଶିଖଣ୍ଡିନ୍ୟୌ ଅପ୍ସରସୌ, ଜରିତା ଶାର୍ଙ୍ଗ, ସୁଦୀତିପୁରୁମିଳ୍ହୌ ଆଙ୍ଗିରସୌ, ଦେବଜାମୟଃ ଇନ୍ଦ୍ରମାତରୋ, ଇତ୍ୟାଦି ଅନେକ ।

## 'ଋକ୍-ବେଦ' ଭାଷ୍ୟ

Not for Commercial Use

ଯେଉଁ ରଚନାଗୁଡିକ ସୂକ୍ତ ବା ସୂତ୍ର ଶୈଳୀରେ କରାଯାଇଥାଏ, ତାହାର ଅର୍ଥ ବ୍ୟାଖ୍ୟା କରିବା କଷ୍ଟକର, କାରଣ ଏଥିପାଇଁ ଅନେକ ଶାସ୍ତ୍ରର ଜ୍ଞାନ ଓ ବିଷୟବସ୍ତୁର ଜ୍ଞାନ ଆବଶ୍ୟକ ହୋଇଥାଏ । 'ଋକ୍-ବେଦ' ରଚନାରେ ଅନେକ ଲୁକ୍କାୟିତ ଅର୍ଥ ଲୁଚି ରହିଛି । ଏଥିରେ ଅନେକ ରହସ୍ୟମୟ ସତ୍ୟର ଗଭୀର ଅର୍ଥ  ଛପି ରହିଛି । ବେଳେ ବେଳେ ଏଥିରେ ସାଂକେତିକ ସୂଚନା ରହିଥାଏ । ସେଇଥିପାଇଁ ଆଚାର୍ଯ୍ୟ ଓ ପଣ୍ଡିତମାନେ ଏହାର ଅର୍ଥ ବ୍ୟାଖ୍ୟା କରି, ଏହାର ଅର୍ଥ ଏକ ପୁସ୍ତକରେ ରଚନା କରିଥାଆନ୍ତି, ସେହି ରଚନାକୁ "**ଭାଷ୍ୟ**" କୁହନ୍ତି । ଭାଷ୍ୟରେ ମନ୍ତ୍ରର ପ୍ରତି **ଶବ୍ଦର ଅର୍ଥ**, ସମୁଦାୟ **ମନ୍ତ୍ରରର ବ୍ୟାଖ୍ୟା**, ଓ **ଯୁକ୍ତିଗତ ପ୍ରମାଣ** ବା **ପ୍ରାସଙ୍ଗିକ** ପ୍ରମାଣ ଦିଆଯାଇଥାଏ । ଯାହାକୁ ବ୍ୟବହାର କରି ମନ୍ତ୍ରର ଅର୍ଥ ନିର୍ଣ୍ଣୟ କରିହୁଏ । ତେଣୁ ମନ୍ତ୍ରର ଅର୍ଥ ପାଇଁ ଆଚାର୍ଯ୍ୟ ବା ପଣ୍ଡିତମାନଙ୍କ ଦ୍ୱାରା ରଚିତ ଭାଷ୍ୟ ବ୍ୟବହାର କରିବା ଉଚିତ । ଅଥବା ଯଦି ଆପଣମାନଙ୍କର ସେ ସବୁର ସାମର୍ଥ୍ୟ ଅଛି, ଆପଣ ମଧ୍ୟ ଭାଷ୍ୟ ରଚନା କରିପାରିବେ ବା ନିଜେ ମନ୍ତ୍ରର ଅର୍ଥ ବାହାର କରିପାରିବେ । ତେଣୁ ଆପଣମାନେ ପ୍ରାଚୀନ କାଳରେ ଲିଖିତ ଭାଷ୍ୟ ଗୁଡିକ ପଢି, ସେଥିରେ ଥିବା ଅର୍ଥକୁ ନେଇ ପାରିବେ ବା ନିଜେ ଏଥିରେ ଲୁଚିଥିବା ଅର୍ଥକୁ ବ୍ୟାଖ୍ୟା କରି ନିଜର ଅଧ୍ୟାତ୍ମିକ ଅର୍ଥ ବାହାର କରିପାରିବେ । ଅଥବା ନୂତନ କାଳର ଲିଖିତ ଭାଷ୍ୟ ଗୁଡିକ ବ୍ୟବହାର କରି ଅର୍ଥ ବାହାର କରିପାରିବେ ।

ପ୍ରାଚୀନ କାଳର 'ଋକ୍-ବେଦ'ର ଭାଷ୍ୟ  ଗୁଡିକ ତଳେ ଟେବୁଲରେ ଦିଆଯାଇଛି ।

| ଭାଷ୍ୟ ନାମ | ଭାଷ୍ୟକାର | ବର୍ଷ | ଭାଷା | ମନ୍ତବ୍ୟ |
|---|---|---|---|---|
| ଋଗ୍ ଭାଷ୍ୟମ | ମାଧବାଚାର୍ଯ୍ୟ | ୧୨୮୫ | ସଂସ୍କୃତ | ଆଂଶିକ ରଚିତ |
| ଋଗ୍ ବେଦ ସଂହିତା | ଶାୟଣାଚାର୍ଯ୍ୟ | ୧୩୬୦ | ସଂସ୍କୃତ | ସଂପୂର୍ଣ୍ଣ ରଚନା ଉଦ୍ଧାରିତ ହୋଇଛି |

ଉପରୋକ୍ତ ଭାଷ୍ୟମାନଙ୍କ ସହିତ, ପ୍ରାଚୀନ କାଳର ଆଉ କିଛି ଭାଷ୍ୟ ରଚନାର ପ୍ରମାଣ ମଧ୍ୟ ମିଳେ, ଯଥା ସ୍କନ୍ଦସ୍ୱାମୀ, ଭେଙ୍କଟ-ମାଧବ, ଉଦ୍ଗିତା, ମୁଦ୍ଗଲା ଆଦି ଭାଷ୍ୟକାରଙ୍କର ରଚନାର

Not for Commercial Use

ପ୍ରମାଣ ମିଳି ଥାଏ, କିନ୍ତୁ ଏ ସବୁ ମିଳିବାର ଆଶା କମ । ତେଣୁ ପ୍ରାୟ ସମସ୍ତେ ଶାୟଣାଚାର୍ଯ୍ୟଙ୍କ ରଚିତ ଭାଷ୍ୟ ବ୍ୟବହାର କରିଥାନ୍ତି ।

'ଋକ୍-ବେଦ'ର ମନ୍ତ୍ର ଓ ଭାଷ୍ୟଗୁଡିକ, ଅନେକ ଭାଷାରେ ଅନୁବାଦ ମଧ୍ୟ କରାଯାଇଛି । ତାହାର ତଲିକା ତଳ ଟେବୁଲରେ ଦିଆଯାଇଛି ।

| ନାମ | ଭାଷ୍ୟକାର | ବର୍ଷ | ଭାଷା | ମନ୍ତବ୍ୟ |
|---|---|---|---|---|
| Rigvedae specimen | Friedrich August Rosen | 1830 | Latin | Partial translation |
| Rig-Veda, oder die heiligen Lieder der Brahmanen | Max Müller | 1856 | German | Partial translation |
| Ṛig-Veda-Sanhitā: A Collection of Ancient Hindu Hymns | H. H. Wilson | 1850–88 | English | Published |
| Rig-véda, ou livre des hymnes | A. Langlois | 1870 | French | Partial translation. Re-printed Paris 1948–51 |
| Der Rigveda | Alfred Ludwig | 1876 | German | Published |
| Rig-Veda | Hermann Grassmann | 1876 | German | Published |
| Rigved Bhashyam | Dayananda Saraswati | 1877–79 | Hindi | Incomplete translation |
| The Hymns of the Rig Veda | Ralph T.H. Griffith | 1889–92 | English | Revised by J. L. Shastri in 1973. |
| Der Rigveda in Auswahl | Karl Friedrich Geldner | 1907 | German | Published |
| Hymns from the Rigveda | A. A. Macdonell | 1917 | English | Partial translation |
| Rig Veda – Hymns to the Mystic Fire | Sri Aurobindo | 1946 | English | Partial translation |
| RigVeda Samhita | Pandit H.P. Venkat Rao - LaxmanAcharya and a couple of other Pandits | 1947 | Kannada | published |
| Rig Veda | Ramgovind Trivedi | 1954 | Hindi | published |
| Études védiques et pāṇinéennes | Louis Renou | 1955–69 | French | published |
| ऋग्वेद संहिता | Shriram Sharma | 1950 | Hindi | published |
| Hymns from the Rig-Veda | Naoshiro Tsuji | 1970 | Japanese | Partial translation |

Not for Commercial Use

| | | | | |
|---|---|---|---|---|
| Rigveda: Izbrannye Gimny | Tatyana Elizarenkova | 1972 | Russian | Partial translation |
| Rigveda Parichaya | Nag Sharan Singh | 1977 | Eng / Hindi | Republished |
| Rig Veda | M. R. Jambunathan | 1978–80 | Tamil | Published. |
| Rigvéda – Teremtéshimnuszok | Laszlo Forizs (hu) | 1995 | Hungarian | Partial translation |
| The Rig Veda | Wendy Doniger O'Flaherty | 1981 | English | Partial translation |
| Pinnacles of India's Past: Selections from the Rgveda | Walter H. Maurer | 1986 | English | Partial translation |
| The Rig Veda | Bibek Debroy & Dipavali Debroy | 1992 | English | Partial translation |
| The Holy Vedas: A Golden Treasury | Pandit Satyakam Vidyalankar | 1983 | English | published |
| Ṛgveda Saṃhita | H. H. Wilson Ravi Prakash Arya and K. L. Joshi | 2001 | English | published |
| Ṛgveda for the Layman | Shyam Ghosh | 2002 | English | Partial translation |
| Rig-Veda | Michael Witzel Toshifumi Goto | 2007 | German | Partial translation |
| **ऋग्वेद** | Govind Chandra Pande | 2008 | Hindi | Partial translation |
| The Hymns of Rig Veda | Tulsi Ram | 2013 | English | Published |
| The Rigveda | Stephanie W. Jamison and Joel P. Brereton | 2014 | English | published |
| **ऋग्वेद संहिता** | Pundit Jayadeva Sharma | 1936 | Hindi | Published in 4 Vol |
| **ଋକ୍-ବେଦ (ଶାକଲ)** | ଶ୍ରୀ ପ୍ରକାଶ ପ୍ରଧାନ | ୨୦୨୦ | ଓଡ଼ିଆ | କେବଳ ମନ୍ତ୍ର |

'ଋକ୍-ବେଦ' ବିଶ୍ବର ଅନେକ ଭାଷାରେ ଅନୁବାଦ କରାଯାଇଅଛି । ଏହା 'ଋକ୍-ବେଦ'ର ମହତ୍ବକୁ ପ୍ରମାଣ କରିଥାଏ । ଯଦି 'ଋକ୍-ବେଦ' ପ୍ରକୃତରେ ବୁଝିବାକୁ ଚାହୁଁଛନ୍ତି, ତାହେଲେ ଭାରତୀୟ ପଣ୍ଡିତ ବା ଆଚାର୍ଯ୍ୟଙ୍କର ଭାଷ୍ୟ ଅନୁସରଣ କରନ୍ତୁ, କାରଣ, ପ୍ରାୟ ବିଦେଶୀଙ୍କର ଅନୁବାଦ ସଠିକ ନୁହେଁ, ବିଶେଷକରି ଇଂରାଜି ଅନୁବାଦ (it's horrible)।

## 'ଋକ୍-ବେଦ' ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦ

ଏହି ପୁସ୍ତକରେ ଆମେ, ପୂର୍ବରୁ, 'ଋକ୍-ବେଦ'ର ବ୍ରାହ୍ମଣ, ଆରଣ୍ୟକ, ଉପନିଷଦ, କଳ୍ପସୂତ୍ର, ଶିକ୍ଷା, ଓ ପ୍ରାତିଶାଖ୍ୟ ବିଷୟରେ ଆଲୋଚନା କରିସାରିଛେ । (ପୃଷ୍ଠା - ୧୭ ଠୁ)

Not for Commercial Use

## ଋକ୍-ବେଦ ସଙ୍ଗଠନ

| ବେଦ | ସଂହିତା | ବ୍ରାହ୍ମଣ | ଆରଣ୍ୟକ | ଉପନିଷଦ |
|---|---|---|---|---|
| ଋକ୍-ବେଦ | ଶାକଲ, ବାଶକଲ, ଅଶ୍ୱଲାୟନ, ଶଙ୍ଖାୟନ, ମାଣ୍ଡୁକାୟନ | ଐତରେୟ, ଶଙ୍ଖାୟନ, କୌଷୀତକି | ଐତରେୟ, କୌଷୀତକି/ ଶଙ୍ଖାୟନ | ଐତରେୟ, କୌଷୀତକି, ଆତ୍ମବୋଧ, ମୁଦ୍ଗଲ, ନିର୍ବାଣ, ତ୍ରିପୁରା, ସୌଭାଗ୍ୟଲକ୍ଷ୍ମୀ, ବହ୍ବୃଚ, ଅକ୍ଷମାଳିକା, ନାଦବିନ୍ଦୁ |

### ଋକ୍-ବେଦ ଶିକ୍ଷା ଓ ପ୍ରାତିଶାଖ୍ୟ ସଙ୍ଗଠନ

| ବେଦ | ପ୍ରାତିଶାଖ୍ୟ | ଶିକ୍ଷା |
|---|---|---|
| ଋକ୍-ବେଦ | ଋଗ୍ ବେଦ ପ୍ରାତିଶାଖ୍ୟ | ସ୍ୱରଙ୍କୁଶ ଶିକ୍ଷା, ଷୋଡ଼ଶଶ୍ଲୋକୀ ଶିକ୍ଷା, ଶୈଶିରୀୟ ଶିକ୍ଷା, ଅପିଶଲି ଶିକ୍ଷା, ପାଣିନୀୟ ଶିକ୍ଷା, ଶୌନକ ଶିକ୍ଷା, ସ୍ୱରବ୍ୟଞ୍ଜନ ଶିକ୍ଷା, |

### ଋକ୍-ବେଦ କଳ୍ପସୂତ୍ର ସଙ୍ଗଠନ

| ବେଦ | ଶ୍ରୌତସୂତ୍ର | ଶୁଲ୍ୱସୂତ୍ର | ଗୃହ୍ୟସୂତ୍ର | ଧର୍ମସୂତ୍ର |
|---|---|---|---|---|
| ଋକ୍-ବେଦ | ଅଶ୍ୱଲାୟନ ଶ୍ରୌତସୂତ୍ର, ଶଙ୍ଖାୟନ ଶ୍ରୌତସୂତ୍ର, | | ଅଶ୍ୱଲାୟନ ଗୃହ୍ୟସୂତ୍ର, କୌଷୀତକି ଗୃହ୍ୟସୂତ୍ର, ଶଙ୍ଖାୟନ ଗୃହ୍ୟସୂତ୍ର, | ବସିଷ୍ଠ ଧର୍ମସୂତ୍ର, |

## ଋକ୍-ବେଦ ଓ ଅନ୍ୟ ୩ଟି ବେଦ

'ଋକ୍-ବେଦ' ସମସ୍ତ ବେଦର ମୂଳ ଅଟେ । ଏହାର ମନ୍ତ୍ରସମୂହକୁ ଆଧାରକରି ଅନ୍ୟ ବେଦମାନଙ୍କର ରଚନା କରାଯାଇଛି । **'ସାମବେଦ'**ର ପ୍ରାୟ ୯୫ଭାଗ ମନ୍ତ୍ର 'ଋକ୍-ବେଦ'ରୁ ନିଆଯାଇଛି । 'ସାମବେଦ' ବେଦର ୧୮୭୫ଟି ମନ୍ତ୍ରସମୂହ ମଧ୍ୟରୁ ୧୫୪୯ଟି ମନ୍ତ୍ର 'ଋକ୍-ବେଦ'ରୁ ନିଆଯାଇଛି । ଏହି ମନ୍ତ୍ରସମୂହ 'ସାମବେଦ'ରେ ୨ଥର ବା ବାରମ୍ବାର ବ୍ୟବହାର

Not for Commercial Use

କରାଯାଇଛି ଓ ଏ ସମସ୍ତ ମନ୍ତ୍ରସମୁହ 'ସାମବେଦ'ରେ ସଙ୍ଗୀତ ଆକାରରେ ରଚନା କରାଯାଇଛି । ସେହିପରି '**ଅଥର୍ବବେଦ**'ର ୫୯୮୭ଟି ମନ୍ତ୍ର ସମୁହ ମଧ୍ୟରୁ ୧୩୫୦ଟି ମନ୍ତ୍ର, 'ଋକ୍-ବେଦ'ରୁ ନିଆଯାଇଛି । ଓ 'ଋକ୍-ବେଦ'ରୁ ୧୮୭୫ଟି ଯାଜ୍ଞିକ ମନ୍ତ୍ରସମୁହ '**ଯଜୁର୍ବେଦ**' ପାଇଁ ନିଆଯାଇଛି ।

## ।। ଇତି ଋକ୍-ବେଦ ।।

# ଯଜୁର୍ବେଦ

ମନ୍ତ୍ରସମୁହର ଶୈଳୀର ଦୃଷ୍ଟିକୋଣରୁ ମନ୍ତ୍ରସମୁହକୁ ୩ଟି ଭାଗରେ ବିଭକ୍ତ କରାଯାଇଛି । ଯଥା, ଋକ୍, ଯଜୁଃ ଓ ସାମ । ଛନ୍ଦରେ ନିବଦ୍ଧ ମନ୍ତ୍ରସମୁହକୁ "ଋକ୍-ବେଦ", **ଗଦ୍ୟାତ୍ମକ** ମନ୍ତ୍ରସମୁହକୁ "ଯଜୁର୍ବେଦ", ଓ ଗାନମୟ (ଗୀତମୟ) ମନ୍ତ୍ରସମୁହକୁ "ସାମବେଦ" ନାମ ଦିଆଗଲା ।

"ଯଜୁଃ" ଶବ୍ଦର ଅର୍ଥ 'ଗଦ୍ୟ' ଓ "ଯଜୁସ୍"ର ଅର୍ଥ ପୂଜା କରିବା, ଅନ୍ୟ ଏକ ବାଖ୍ୟା ଅନୁସାରେ - "ଯଜୁର୍ ଯ୍ୟାଜତେଃ", ଅର୍ଥାତ ଏହା ଯଜ୍ଞ ସମ୍ବନ୍ଧିତ କର୍ମ ଅଟେ, କାରଣ ଏ ସମସ୍ତ ଶବ୍ଦର ମୂଳ 'ଯଜ୍' ଅଟେ । ଆଚାର୍ଯ୍ୟ ଯକ୍ଷ ନିରୁକ୍ତରେ, "ଯଜୁଃ" ଶବ୍ଦ 'ଯଜ୍' ଧାତୁରୁ ଉତ୍ପନ୍ନ ହୋଇଛି ବୋଲି କହିଛନ୍ତି, ସେହି ହିସାବରେ 'ଯଜୁର୍ବେଦ'ରୁ **ଯଜ୍ଞ**ର ସ୍ୱରୂପ ନିର୍ଦ୍ଧାରଣ ହୋଇଥାଏ । 'ଋକ୍-ବେଦ' ଅନୁସାରେ, "ଯଜ୍ଞସ୍ୟ ମାତ୍ରାଂ ବି ମିମୀତ ଉ ତ୍ୱଃ" (ଋ.ବେ - ୧୦.୭୧.୧୧), ଅତଃ, ଯାଜ୍ଞିକ ଦୃଷ୍ଟିରୁ 'ଯଜୁର୍ବେଦ'ର ଉପର ନାମ "**ଅଧ୍ୱର୍ଯ୍ୟୁବେଦ**" ମଧ୍ୟ ଅଟେ । 'ଋକ୍-ବେଦ' "ଜ୍ଞାନକାଣ୍ଡ" ରୂପେ ପରିଚିତ । 'ଋକ୍-ବେଦ' ଜ୍ଞାନର ବାସ୍ତବ ପ୍ରୟୋଗ ଓ ବିସ୍ତାର 'ଯଜୁର୍ବେଦ' ଦ୍ୱାରା ହୋଇଥାଏ, ସେଥିପାଇଁ ଏହାକୁ "**କର୍ମକାଣ୍ଡ**" କୁହାଯାଏ ।

Not for Commercial Use

## 'ଯଜୁର୍ବେଦ' ପ୍ରବନ୍ଧନ

ସମ୍ପ୍ରଦାୟର ଆଧାରକୁ ମୂଳକରି 'ଯଜୁର୍ବେଦ'କୁ ୨ଟି ଭାଗରେ ବିଭକ୍ତ କରାଯାଇଛି, ଯଥା, "**ଶୁକ୍ଳ ଯଜୁର୍ବେଦ**" ଓ "**କୃଷ୍ଣ ଯଜୁର୍ବେଦ**" । **'ଆଦିତ୍ୟ-ପରମ୍ପରା'** ଦ୍ୱାରା ପ୍ରାପ୍ତ ମନ୍ତ୍ରସମୁହକୁ "ଶୁକ୍ଳ ଯଜୁର୍ବେଦ" ଓ **'ବ୍ରହ୍ମ-ପରମ୍ପରା'** ଦ୍ୱାରା ପ୍ରାପ୍ତ ମନ୍ତ୍ରସମୁହକୁ "କୃଷ୍ଣ ଯଜୁର୍ବେଦ" କୁହାଯାଏ । ଅନେକ ବିଦେଶୀ ଏହାର ନାମକୁ ଭୁଲ ଅନୁବାଦ କରିଛନ୍ତି 'ବ୍ଲାକ୍ (black) ଓ ହ୍ୱାଇଟ୍ (white) ଯଜୁର୍ବେଦ', ଯେଉଁଟାକି ସଂପୂର୍ଣ୍ଣ ଭୁଲ । ଏହା କେବଳ ୨ଟି ସୂତ୍ର ବା ପଦ୍ଧତି ବା ସମ୍ପ୍ରଦାୟ । ମହର୍ଷି **ଯଜ୍ଞବଲ୍କ୍ୟ**, ଯାହା ସୁର୍ଯ୍ୟଦେବଙ୍କ ଠାରୁ ଶିକ୍ଷା କରିଥିଲେ ତାହା "**ଆଦିତ୍ୟ ପରମ୍ପରା**", ଅର୍ଥାତ ଆଦିତ୍ୟଙ୍କ ଦ୍ୱାରା ପ୍ରାପ୍ତ; ଓ ଯାହା ବେଦରୁ ବା **ବ୍ରହ୍ମ** ଦ୍ୱାରା ପ୍ରକଟିତ ହୋଇଥିଲା, ତାହା "**ବ୍ରହ୍ମ ପରମ୍ପରା**" । ତେଣୁ 'ଆଦିତ୍ୟ ପରମ୍ପରା' ଦ୍ୱାରା ପ୍ରାପ୍ତ, "**ଶୁକ୍ଳ ଯଜୁର୍ବେଦ**" ନାମରେ ଓ 'ବ୍ରହ୍ମ ପରମ୍ପରା' ଦ୍ୱାରା ପ୍ରାପ୍ତ, "**କୃଷ୍ଣ ଯଜୁର୍ବେଦ**" ନାମରେ ଜଣା ।

## ଯଜୁର୍ବେଦ ସଂହିତା ଶାଖା

ମହାଭାଷ୍ୟକାର ପତଞ୍ଜଳିଙ୍କ ଅନୁସାରେ 'ଯଜୁର୍ବେଦ'ରେ ସମୁଦାୟ **୧୦୧**ଟି ଶାଖା ଥିଲା, ସେମାନଙ୍କ ମଧ୍ୟରୁ ୧୫ଟି 'ଶୁକ୍ଳ ଯଜୁର୍ବେଦ'ର ଓ ୮୬ଟି 'କୃଷ୍ଣ ଯଜୁର୍ବେଦ'ର । କିନ୍ତୁ ସେମାନଙ୍କ ମଧ୍ୟରୁ, 'ଶୁକ୍ଳ ଯଜୁର୍ବେଦ'ର ମାତ୍ର **୨**ଟି ଶାଖା ଓ 'କୃଷ୍ଣ ଯଜୁର୍ବେଦ'ର **୪**ଟି ଶାଖା ଉଦ୍ଧାର ହୋଇପାରିଛି ।

# ଶୁକ୍ଳ ଯଜୁର୍ବେଦ

ମହର୍ଷି **'ଯଜ୍ଞବଲ୍କ୍ୟ ବାଜସେନ୍ୟ'**ଙ୍କ ଦ୍ୱାରା ସୂର୍ଯ୍ୟଦେବଙ୍କ ଠାରୁ ଗ୍ରହୀତ ବେଦ ଶିକ୍ଷା "ଶୁକ୍ଳ ଯଜୁର୍ବେଦ" ନାମରେ ଜଣା । ତାଙ୍କ ଶିଷ୍ୟମାନେ ଏହି ଗୁରୁକୁଳର ହୋଇଥିବାରୁ, ସେମାନେ 'ବଜସନେୟୀ' ନାମରେ ଜଣାହେଲେ । ଯେହେତୁ ସେ, ସୂର୍ଯ୍ୟଦେବଙ୍କ ଆରାଧନା କରି ଏହି ଯଜୁର୍ବେଦ ପ୍ରାପ୍ତ କରିଥିଲେ ଓ ତାହାର ଅନୁସରଣକାରୀ ସମ୍ପ୍ରଦାୟକୁ "**ଆଦିତ୍ୟ ସମ୍ପ୍ରଦାୟ**" କୁହାଯାଉଥିଲା । ସେ, ସେହି ଯଜୁର୍ବେଦକୁ ତାଙ୍କର ୧୫ଜଣ ଶିଷ୍ୟଙ୍କୁ ଶିକ୍ଷା ଦେଇଥିଲେ, ପରସମୟରେ ସେହି ୧୫ଜଣ ଶିଷ୍ୟଙ୍କ ନାମ ଅନୁସାରେ **୧୫ଟି ଶାଖା** ରୂପେ ପ୍ରସିଦ୍ଧ ହେଲା । ସେହି ୧୫ଜଣ ଶିଷ୍ୟ ମାନଙ୍କ ନାମ 'ଆଚାର୍ଯ୍ୟ ଶାୟଣ'ଙ୍କ 'କାଣ୍ୱଭାଷ୍ୟ'ରେ ଉପଲବ୍ଧ ଅଛି ।

Not for Commercial Use

ସେମାନେ ହେଲେ, କାଣ୍ୱ, ମାଧ୍ୟନ୍ଦିନ, ଗାଲବ, ଔଧେୟ, ଶାପେୟି, ତାପାୟନିୟ, କାପାଲ, ପୌଣ୍ଡ୍ରବତ୍ସ, ଆବଟିକ, ପରମାବଟିକ, ପାରାଶର, ବୈନେୟ, ବୈଧେୟ, କାତ୍ୟାୟନ ଓ ବୈଜବା । କିନ୍ତୁ ସେମାନଙ୍କ ମଧ୍ୟରୁ ମାତ୍ର ୨ଟି ଶାଖା, ଯଥା, **ମାଧ୍ୟନ୍ଦିନ** ଶାଖା ଓ **କାଣ୍ୱ** ଶାଖା, ଉଦ୍ଧାର ହୋଇପାରିଛି । "ବାଜସେନେୟୀ ମାଧ୍ୟନ୍ଦିନୀ ସଂହିତା" ଆଚାର୍ଯ୍ୟ '**ମାଧ୍ୟନ୍ଦିନ**'ଙ୍କ ଦ୍ୱାରା ଓ "ବାଜସେନେୟୀ କାଣ୍ୱ ସଂହିତା" ଆଚାର୍ଯ୍ୟ '**କାଣ୍ୱ**'ଙ୍କ ଦ୍ୱାରା ରଚନା କରାଯାଇଥିଲା ।

'ଶୁକ୍ଳ ଯଜୁର୍ବେଦ'ର ଶାଖା ସଂହିତା, ତାହାର ଅଧ୍ୟାୟ, ଅନୁବାକ, ମନ୍ତ୍ର ସଂଖ୍ୟା ଓ କେଉଁ ଅଂଚଳ ମାନଙ୍କରେ ଏହାର ପ୍ରୟୋଗ ହୋଇଆସୁଅଛି, ତାହାର ତାଲିକା ତଳେ ଟେବୁଲରେ ଦିଆଯାଇଛି ।

| ସଂହିତା ନାମ | ଅଧ୍ୟାୟ | ଅନୁବାକ | କଣ୍ଡିକା/ମନ୍ତ୍ର | ଅଂଚଳ |
|---|---|---|---|---|
| ମାଧ୍ୟନ୍ଦିନୀ | ୪୦ | ୩୦୩ | ୧୯୭୫ | ବିହାର, ମଧ୍ୟପ୍ରଦେଶ, ଗୁଜୁରାଟ, ଉତ୍ତର ଭାରତ |
| କାଣ୍ୱ | ୪୦ | ୩୨୮ | ୨୦୬୮ | ମହାରାଷ୍ଟ୍ର, ଓଡ଼ିଶା, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, କେରଳ, କର୍ଣ୍ଣାଟକ, ତାମିଲନାଡୁ |

## 'ଶୁକ୍ଳ ଯଜୁର୍ବେଦ' ବିଷୟବସ୍ତୁ

'ମାଧ୍ୟନ୍ଦିନ ସଂହିତା' ଓ 'କାଣ୍ୱ ସଂହିତା'ର ବିଷୟବସ୍ତୁ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ପାର୍ଥକ୍ୟ କହିଲେ କେବଳ ମନ୍ତ୍ର ମାନଙ୍କର ସଂଖ୍ୟା ଓ ଅଧ୍ୟାୟ ମାନଙ୍କ କ୍ରମର ପ୍ରବନ୍ଧନ । ୪୦ଟି ଅଧ୍ୟାୟ ମାନଙ୍କ ମଧ୍ୟରୁ ୩୧ଟି ଅଧ୍ୟାୟ ମୁଖ୍ୟତଃ '**ଶ୍ରୌତକର୍ମକାଣ୍ଡ**' ବିଷୟ ଅଟେ । ଅଧ୍ୟାୟ ମାନଙ୍କର ବିଷୟବସ୍ତୁ ତଳ ଟେବୁଲରେ ଦିଆଗଲା ।

| ଅଧ୍ୟାୟ | ବିଷୟବସ୍ତୁ |
|---|---|
| ୧-୨ | ଦଶ ପୂର୍ଣ୍ଣମାସ ଓ ପିଣ୍ଡପିତୃ ଯଜ୍ଞ |
| ୩ | ଅଗ୍ନିହୋତ୍ର ଓ ଚାତୁର୍ମାସ୍ୟ |
| ୪-୮ | ସୋମ ସଂସ୍କାର ବର୍ଣ୍ଣନ ଓ ସୋମଯଜ୍ଞ |
| ୯-୧୦ | ବାଜପେୟ ଯଜ୍ଞ ଓ ରାଜସୂୟ ଯଜ୍ଞ |

Not for Commercial Use

| | |
|---|---|
| ୧୧-୧୮ | ଅଗ୍ନି ଚୟନ ବର୍ଣ୍ଣନ, ଶତରୁଦ୍ରିୟ ମନ୍ତ୍ର, ବସୋଧାରା ମନ୍ତ୍ର |
| ୧୯-୨୧ | ଶୌତ୍ରାମଣି ଯଜ୍ଞ |
| ୨୨-୨୫ | ଅଶ୍ୱମେଧ ଯଜ୍ଞ |
| ୨୬-୨୯ | ଖିଲମନ୍ତ୍ର ସଂଗ୍ରହ |
| ୩୦ | ପୁରୁଷମେଧ ଯଜ୍ଞ |
| ୩୧ | ପୁରୁଷସୂକ୍ତ |
| ୩୨-୩୩ | ସର୍ବମେଧ ମନ୍ତ୍ର ଓ ହିରଣ୍ୟଗର୍ଭ ସୂକ୍ତ |
| ୩୪ | ଶିବସଂକଳ୍ପୋପନିଷଦ |
| ୩୫ | ପିତୃମେଧ ଯଜ୍ଞ |
| ୩୬-୩୯ | ଘର୍ମ, ପ୍ରବର୍ଗ୍ୟ, ସଂଭରଣ, ପ୍ରୋଶନ ଓ ପ୍ରାୟଶ୍ଚିତ ଇତ୍ୟାଦି ମନ୍ତ୍ର |
| ୪୦ | ଇଶୌପନିଷଦ |

## ଶୁକ୍ଳ ଯଜୁର୍ବେଦ ବ୍ରାହ୍ମଣ

'ଶୁକ୍ଳ ଯଜୁର୍ବେଦ'ରେ ଗୋଟିଏ ବ୍ରାହ୍ମଣଗ୍ରନ୍ଥ ଉଭୟ ମାଧ୍ୟନ୍ଦିନୀ ଓ କାଣ୍ୱ ଶାଖା ପାଇଁ ଉପଲବ୍ଧ ଅଛି, ଯାହା "**ଶତପଥ ବ୍ରାହ୍ମଣ**" ନାମରେ ପରିଚିତ । ଏଥିରେ ୧୦୦ଟି ଅଧ୍ୟାୟ ରହିଥିବାରୁ, ଏହା ଶତ-ପଥ ନାମରେ ଜଣା । ସମସ୍ତ ବ୍ରାହ୍ମଣ ଗ୍ରନ୍ଥମାନଙ୍କ ମଧ୍ୟରେ ସର୍ବାଧିକ ମହତ୍ୱପୂର୍ଣ୍ଣ, ବିପୁଳକାୟ, ଓ ଯଜ୍ଞାନୁଷ୍ଠାନ ମାନଙ୍କର ସର୍ବୋତ୍ତମ ପ୍ରତିପାଦକ, ଶୁକ୍ଳ ଯଜୁର୍ବେଦୀୟ 'ଶତପଥ ବ୍ରାହ୍ମଣ' ଅଟେ । ଏହି ବ୍ରାହ୍ମଣ, ମାଧ୍ୟନ୍ଦିନ ଓ କାଣ୍ୱ ୨ଟି ଶାଖାରେ ଉପଲବ୍ଧ ଅଛି । ଯଦିଓ ଏହି ଦୁଇଟି ଶାଖାର ବିଷୟବସ୍ତୁ ଗୋଟିଏ ପ୍ରକାରର, କିନ୍ତୁ ତାଙ୍କର ବର୍ଣ୍ଣନକ୍ରମ ଓ ଅଧ୍ୟାୟରେ ଅନ୍ତର ରହିଅଛି । ଏହା ତଳ ଟେବୁଲରେ ଦର୍ଶାଯାଇଛି ।

| ଶାଖା | କାଣ୍ଡ | ଅଧ୍ୟାୟ | ବ୍ରାହ୍ମଣ ସୂତ୍ର | କଣ୍ଡିକା | ପ୍ରପାଠକ |
|---|---|---|---|---|---|
| ଶତପଥ ବ୍ରାହ୍ମଣ - ମାଧ୍ୟନ୍ଦିନୀ | ୧୪ | ୧୦୦ | ୪୩୮ | ୭୬୨୪ | ୬୮ |
| ଶତପଥ ବ୍ରାହ୍ମଣ - କାଣ୍ୱ | ୧୭ | ୧୦୪ | ୪୩୫ | ୬୮୦୬ | ୦ |

### ଶତପଥ ବ୍ରାହ୍ମଣ ବିଷୟବସ୍ତୁ

Not for Commercial Use

୧ମ ରୁ ୯ମ କାଣ୍ଡରେ ପିତୃପିଣ୍ଡ-ଯଜ୍ଞର ବିଷୟକୁ ଛାଡିଦେଲ, ଏହାର ବିଷୟକ୍ରମ, ସଂହିତାର ବିଷୟକ୍ରମ ଅନୁସାରେ ରହିଅଛି । ସଂହିତାରେ, ଏହା ଦଶପୂର୍ଣ୍ଣମାସ ସହିତ ରହିଅଛି, କିନ୍ତୁ ବ୍ରାହ୍ମଣରେ ଏହାର ବର୍ଣ୍ଣନ ଅଲଗା ରହିଅଛି । ଏହାକୁ ଛାଡିଦେଲେ, ବ୍ରାହ୍ମଣ ଓ ସଂହିତାର ବିଷୟକ୍ରମ ସମାନ । ମାଧ୍ୟନ୍ଦିନୀ ଶତପଥ ବ୍ରାହ୍ମଣ ଓ କାଣ୍ୱ ଶତପଥ ବ୍ରାହ୍ମଣ ମଧ୍ୟରେ, 'ଦଶପୂର୍ଣ୍ଣମାସ ଯଜ୍ଞ'ର ବର୍ଣ୍ଣନ ଅଳ୍ପ ଭିନ୍ନ, ଏହା ମାଧ୍ୟନ୍ଦିନୀ ଶାଖାରେ ୧ମ କାଣ୍ଡରେ ଥିବାବେଳେ, କାଣ୍ୱ ଶାଖାରେ ୨ୟ କାଣ୍ଡରେ ରହିଅଛି । ସେହିପରି ୨ୟ କାଣ୍ଡର ବିଷୟ ୧ମ କାଣ୍ଡରେ ଓ ୧ମ କାଣ୍ଡର ବିଷୟ ୨ୟ କାଣ୍ଡରେ ରହିଅଛି । ଏହା କେବଳ ଏହି ଦୁଇଟି ବ୍ରାହ୍ମଣ ଶାଖା ଗ୍ରନ୍ଥ ମଧ୍ୟରେ ଅନ୍ତର ।

'ଶତପଥ ବ୍ରାହ୍ମଣ'ର ବିଶେଷତ୍ୱ, ଏଥିରେ ଯଜ୍ଞମାନଙ୍କର ବିଭିନ୍ନ ରୂପ, ତଥା ବିଭିନ୍ନ ଅନୁଷ୍ଠାନ ମାନଙ୍କର, ଯେଉଁ ପ୍ରକାରର ଅସାଧାରଣ ପରିପୂର୍ଣ୍ଣତା ସହିତ ନିରୂପଣ କରାଯାଇଛି, ତାହା ଅନ୍ୟ କୌଣସି ବ୍ରାହ୍ମଣ ଗ୍ରନ୍ଥରେ ମିଳେ ନାହିଁ । ଆଧ୍ୟାତ୍ମିକ ଦୃଷ୍ଟିରୁ, ଯଜ୍ଞମାନଙ୍କର ସ୍ୱରୂପ ନିରୂପଣ କରିବାର ଶ୍ରେୟ, 'ଶତପଥ ବ୍ରାହ୍ମଣ'କୁ ପ୍ରାପ୍ତ ହୋଇଛି । ଏହାର କାରଣ, 'ଶତପଥ ବ୍ରାହ୍ମଣ'ରେ ଯଜ୍ଞ ମିମାଂସାର ପ୍ରାରମ୍ଭ, '**ହର୍ବିଯଜ୍ଞ**'ରୁ ହୋଇଥାଏ, ଯାହାର ମୂଳ ଆଧାର '**ଅଗ୍ନିହୋତ୍ର**' ଅଟେ ।

## ଶୁକ୍ଳ ଯଜୁର୍ବେଦ ଆରଣ୍ୟକ

ଅଧିକାଂଶ 'ଆରଣ୍ୟକ', 'ବ୍ରାହ୍ମଣ ଗ୍ରନ୍ଥ'ର ଅନ୍ତିମ ଭାଗ ଅଟେ, ତେଣୁ ପ୍ରାୟତଃ 'ବ୍ରାହ୍ମଣ ଗ୍ରନ୍ଥ'ର ପ୍ରବଚନକର୍ତ୍ତା ହିଁ 'ଆରଣ୍ୟକ'ର ପ୍ରବଚନକର୍ତ୍ତା ଅଟନ୍ତି । ତେଣୁ ଶୁକ୍ଳ ଯଜୁର୍ବେଦୀୟ "**ବୃହଦାରଣ୍ୟକ**"ର ପ୍ରବଚନକର୍ତ୍ତା ମହର୍ଷି **ଯଜ୍ଞବଲ୍କ୍ୟ** ଅଟନ୍ତି । 'ଶୁକ୍ଳ ଯଜୁର୍ବେଦ'ର ଗୋଟିଏ ମାତ୍ର ଆରଣ୍ୟକ ଅଛି, ଯାହା "ବୃହଦାରଣ୍ୟକ" ନାମରେ ପରିଚିତ । ଶୁକ୍ଳ ଯଜୁର୍ବେଦୀୟ 'ଶତପଥ ବ୍ରାହ୍ମଣ'ର ମାଧ୍ୟନ୍ଦିନୀ ଶାଖାର ୧୪ତମ ଅଧ୍ୟାୟ ତଥା କାଣ୍ୱ ଶାଖାର ୧୭ତମ ଅଧ୍ୟାୟ, 'ଶୁକ୍ଳ ଯଜୁର୍ବେଦ'ର ଆରଣ୍ୟକ ଗ୍ରନ୍ଥ ଅଟେ । 'ଆରଣ୍ୟକ'ର ମୁଖ୍ୟ ବିଷୟ ଯଜ୍ଞ ନୁହେଁ, କିନ୍ତୁ ଯଜ୍ଞ ଭିତରେ ଥିବା ଆଧ୍ୟାତ୍ମିକ ତତ୍ତ୍ୱର ମିମାଂସା ଅଟେ । ତେଣୁ ଶୁକ୍ଳ ଯଜୁର୍ବେଦୀୟ "ବୃହଦାରଣ୍ୟକ" ମଧ୍ୟ ଏହାର ପ୍ରତିପାଦନ କରିଥାଏ ।

Not for Commercial Use

## ଶୁକ୍ଳ ଯଜୁର୍ବେଦ ଉପନିଷଦ

'ଶୁକ୍ଳ ଯଜୁର୍ବେଦ'ରେ **୧୮**ଟି ଉପନିଷଦ ଅଛି, ସେମାନଙ୍କ ମଧ୍ୟରୁ "**ଇଶ ଉପନିଷଦ**" ଓ "**ବୃହଦାରଣ୍ୟକ ଉପନିଷଦ**" ପ୍ରମୁଖ ଅଟନ୍ତି । "ଇଶ ଉପନିଷଦ" କେବଳ ଗୋଟିଏ ମାତ୍ର ଉପନିଷଦ, ଯାହା 'ଯଜୁର୍ବେଦ'ରେ ରଚିତ ରହିଅଛି । ଉପନିଷଦ ମାନଙ୍କରେ "ବ୍ରହ୍ମବିଦ୍ୟା" ଓ "ଆତ୍ମବିଦ୍ୟା" ବିଷୟରେ ଜ୍ଞାନ ପ୍ରାପ୍ତ ହୋଇଥାଏ ।

## ଶୁକ୍ଳ ଯଜୁର୍ବେଦ କଳ୍ପ ସୂତ୍ର, ଓ ଅନ୍ୟ ଗ୍ରନ୍ଥ

ଶୁକ୍ଳ ଯଜୁର୍ବେଦୀୟ "**କାତ୍ୟାୟନ ଶୌତ୍ରସୂତ୍ର**" ପ୍ରସିଦ୍ଧ ଓ ପ୍ରଚଳିତ, ଓ ଏହା ଏକ ମାତ୍ର ଶୁକ୍ଳ ଯଜୁର୍ବେଦୀୟ ଶୌତ୍ରସୂତ୍ର ଅଟେ । ଶୌତ୍ରସୂତ୍ରମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ, ଶୌତ୍ରଯଜ୍ଞମାନଙ୍କର ସଂକ୍ଷିପ୍ତ, ସୁବ୍ୟବସ୍ଥିତ କ୍ରମବଦ୍ଧତାର ପ୍ରତିପାଦନ ଅଟେ । ଏହି ଉଦ୍ଦେଶ୍ୟକୁ ଧ୍ୟାନରେ ରଖି, ବ୍ରାହ୍ମଣ ଗ୍ରନ୍ଥମାନଙ୍କରେ ଉପଲବ୍ଧ ମୂଳ ସାମଗ୍ରୀକୁ କେଉଁଠି ବିସ୍ତାରକରି ଓ କେଉଁଠି ସଂକ୍ଷିପ୍ତକରି ରଚନା କରାଯାଇଛି । କାତ୍ୟାୟନଙ୍କ ରଚିତ ଶୌତ୍ରସୂତ୍ର, ଉଭୟ ମାଧ୍ୟନ୍ଦିନ ଓ କାଣ୍ୱ ଶାଖାର ପ୍ରତିନିଧୀତ୍ୱ କରିଥାଏ । ଏହାର ବିଷୟବସ୍ତୁର କ୍ରମ, ମାଧ୍ୟନ୍ଦିନ ଓ କାଣ୍ୱ ଶାଖାର ବିଷୟବସ୍ତୁର କ୍ରମ ଭଳି ରହିଥାଏ । ଏହି "କାତ୍ୟାୟନ ଶୌତ୍ରସୂତ୍ର"ରେ ୨୬ଟି ଅଧ୍ୟାୟ ରହିଅଛି । ଏଥିରେ '**ଶ୍ରାଦ୍ଧ**' ବିଷୟର ବର୍ଣ୍ଣନ ମଧ୍ୟ ରହିଅଛି ।

ସେହିପରି "ଗୃହ୍ୟସୂତ୍ର" ଗ୍ରନ୍ଥମାନଙ୍କ ମଧ୍ୟରେ, 'ଶୁକ୍ଳ ଯଜୁର୍ବେଦ'ରେ ୨ଟି ଗ୍ରନ୍ଥ ରହିଅଛି, ଯଥା, "**କାତ୍ୟାୟନ ଗୃହ୍ୟସୂତ୍ର**" ଓ "**ପାରସ୍କାର ଗୃହ୍ୟସୂତ୍ର**" । ଏମାନଙ୍କ ମଧ୍ୟରୁ "ପାରସ୍କାର ଗୃହ୍ୟସୂତ୍ର" ପ୍ରସିଦ୍ଧ ଓ ପ୍ରଚଳିତ । 'ପାରସ୍କାର ଗୃହ୍ୟସୂତ୍ର' ୩ଟି କାଣ୍ଡରେ ବିଭକ୍ତ କରାଯାଇଛି, ୧ମ କାଣ୍ଡରେ, ଅବସଧ୍ୟାୟନ, ବିବାହ, ଓ ଗର୍ଭାଧାନ ଆଦି ବିଷୟ, ୨ୟ କାଣ୍ଡରେ, ଚୁଡାକରଣ, ଉପନୟନ, ସମାବର୍ତନ, ପଞ୍ଚମହାଯଜ୍ଞ, ଶ୍ରବଣାକର୍ମ, ସୀତାଯଜ୍ଞ ଇତ୍ୟାଦି ବିଷୟ, ଓ ୩ୟ କାଣ୍ଡରେ, ଅବକୀର୍ଣ୍ଣ ପ୍ରାୟଶ୍ଚିତ ଇତ୍ୟାଦି ବିଷୟ ରହିଅଛି ।

Not for Commercial Use

ସେହିପରି କାତ୍ୟାୟନଙ୍କ ରଚିତ ଶୁକ୍ଳ ଯଜୁର୍ବେଦୀୟ "ଶୁଲ୍ବସୂତ୍ର" ଉପଲବ୍ଧ ଅଛି । ଏହି "**କାତ୍ୟାୟନ ଶୁଲ୍ବସୂତ୍ର**"ରେ ୭ଟି କାଣ୍ଡ ରହିଅଛି । ଏହାର ବିଷୟବସ୍ତୁ, 'ଯଜ୍ଞଶାଳା'ର ମାପ, 'ଯଜ୍ଞମଣ୍ଡପ'ର ମାପ, 'ଯଜ୍ଞବେଦୀ'ର ମାପ, ଓ 'ଯଜ୍ଞକୁଣ୍ଡ'ର ମାପ ଇତ୍ୟାଦି ବିଷୟର ବର୍ଣ୍ଣନ ଓ ବ୍ୟାଖ୍ୟା ରହିଥାଏ ।

ସେହିପରି 'ଶୁକ୍ଳ ଯଜୁର୍ବେଦ'ର ବେଦ-ପଠନ ସମ୍ବନ୍ଧୀୟ ଗ୍ରନ୍ଥ ସମୁହ ଉପଲବ୍ଧ ଅଛି । ଶୁକ୍ଳ ଯଜୁର୍ବେଦର "**ବାଜସନେୟୀ ପ୍ରାତିଶାଖ୍ୟ**" ପ୍ରସିଦ୍ଧ ଅଟେ । ଏହାର ରଚନା ଆଚାର୍ଯ୍ୟ କାତ୍ୟାୟନଙ୍କ ଦ୍ୱାରା କରାଯାଇଛି । ଏହା ୮ଟି ଅଧ୍ୟାୟ ଓ ୭୩୪ଟି ସୂତ୍ରରେ ବିଭକ୍ତ କରାଯାଇଛି । ଏହାର ମୁଖ୍ୟ ବିଷୟବସ୍ତୁ, ବର୍ଣ୍ଣ, ସ୍ୱର, ସନ୍ଧି, ପଦପାଠ ଓ କ୍ରମପାଠ ଇତ୍ୟାଦି ଅଟେ । ଏହାର ସୂତ୍ରମାନଙ୍କ ମଧ୍ୟରେ ୨ଟି ପରିଶିଷ୍ଟ ସୂତ୍ର ଅଛି । 'ଶୁକ୍ଳ ଯଜୁର୍ବେଦ'ର ସମ୍ବନ୍ଧୀୟ ସ୍ୱରାଦି ନିୟମର ବିବରଣ "**ପ୍ରତିଜ୍ଞାସୂତ୍ର**"ରେ ଦିଆଯାଇଛି ଓ "**ଭାଷିକସୂତ୍ର**"ରେ 'ଶତପଥ ବ୍ରାହ୍ମଣ'ର ସ୍ୱର ସଂଚାରଣର ବିଧାନ ଦିଆଯାଇଛି ।

ସେହିପରି 'ଶୁକ୍ଳ ଯଜୁର୍ବେଦ'ରେ ପ୍ରାୟ ୩୩ ରୁ ଉର୍ଦ୍ଧ 'ଶିକ୍ଷା ଗ୍ରନ୍ଥ' ରହିଅଛି । ସେମାନଙ୍କ ମଧ୍ୟରୁ "**ଯଜ୍ଞବଲ୍କ୍ୟ ଶିକ୍ଷା**" ପ୍ରସିଦ୍ଧ ଓ ପ୍ରଚଳିତ ।

'ଶୁକ୍ଳ ଯଜୁର୍ବେଦ'ର ସଂହିତା, ବ୍ରାହ୍ମଣ, ଆରଣ୍ୟକ, ଉପନିଷଦ, କଲ୍ପସୂତ୍ର, ପ୍ରାତିଶାଖ୍ୟ ଓ ଶିକ୍ଷା ଇତ୍ୟାଦି ଗ୍ରନ୍ଥ ମାନଙ୍କର ସମ୍ପୂର୍ଣ୍ଣ ତାଲିକା ତଳେ ଦିଆଯାଇଛି ।

## ଶୁକ୍ଳ ଯଜୁର୍ବେଦ ସଙ୍ଗଠନ

| ବେଦ | ସଂହିତା | ବ୍ରାହ୍ମଣ | ଆରଣ୍ୟକ | ଉପନିଷଦ |
|---|---|---|---|---|

Not for Commercial Use

| | | | | |
|---|---|---|---|---|
| ଶୁକ୍ଳ ଯଜୁର୍ବେଦ | ମାଧ୍ୟନ୍ଦିନୀ, କାଣ୍ୱ | ଶତପଥ (ମାଧ୍ୟନ୍ଦିନୀ, କାଣ୍ୱ ) | ବୃହଦାରଣ୍ୟକ | ଈଶ, ବୃହଦାରଣ୍ୟକ, ସୁବାଲ, ମନ୍ତ୍ରିକ, ନିରାଲମ୍ବ, ପୈଙ୍ଗଲ, ଅଧ୍ୟାତ୍ମ, ମୁକ୍ତିକା, ଜାବାଲ, ଭିକ୍ଷୁକ, ତୁରୀୟାତୀତ ଅବଧୂତ, ୟାଜ୍ଞବଲ୍କ୍ୟ, ଶାଟ୍-ୟାୟନୀୟ, ତାରସାର, ଅଦ୍-ବୟ ତାରକ, ହଂସ, ତ୍ରିଶିଖ-ବ୍ରାହ୍ମଣ, ମଣ୍ଡଲ-ବ୍ରାହ୍ମଣ |

## ଶୁକ୍ଳ ଯଜୁର୍ବେଦ କଳ୍ପସୂତ୍ର ସଙ୍ଗଠନ

| ବେଦ | ଶ୍ରୌତସୂତ୍ର | ଶୁଲ୍ବସୂତ୍ର | ଗୃହ୍ୟସୂତ୍ର | ଧର୍ମସୂତ୍ର |
|---|---|---|---|---|
| ଶୁକ୍ଳ ଯଜୁର୍ବେଦ | କାତ୍ୟାୟନ ଶ୍ରୌତସୂତ୍ର, | କାତ୍ୟାୟନ ଶୁଲ୍ବସୂତ୍ର, | ପାରସ୍କାର ଗୃହ୍ୟସୂତ୍ର, କାତ୍ୟାୟନ ଗୃହ୍ୟସୂତ୍ର, | ବିଷ୍ଣୁ ଧର୍ମସୂତ୍ର, |

## ଶୁକ୍ଳ ଯଜୁର୍ବେଦ ଶିକ୍ଷା ଓ ପ୍ରାତିଶାଖ୍ୟ ସଙ୍ଗଠନ

| ବେଦ | ପ୍ରାତିଶାଖ୍ୟ | ଶିକ୍ଷା |
|---|---|---|
| ଶୁକ୍ଳ ଯଜୁର୍ବେଦ | ବାଜସନେୟୀ ପ୍ରାତିଶାଖ୍ୟ | ଯଜ୍ଞବଲ୍କ୍ୟ ଶିକ୍ଷା, ବାସିଷ୍ଠ୍ୟ ଶିକ୍ଷା, କାତ୍ୟାୟନୀ ଶିକ୍ଷା, ପାରାଶରୀ ଶିକ୍ଷା, ମାଣ୍ଡବ୍ୟ ଶିକ୍ଷା, ଅମୋଘାନନ୍ଦିନୀ ଶିକ୍ଷା, ଲଘୁ ଅମୋଘାନନ୍ଦିନୀ ଶିକ୍ଷା, ମାଧ୍ୟନ୍ଦିନୀ ଶିକ୍ଷା, ଲଘୁ ମାଧ୍ୟନ୍ଦିନୀ ଶିକ୍ଷା, ବର୍ଣ୍ଣରତ୍ନପ୍ରଦୀପିକା ଶିକ୍ଷା, କେଶବୀ ଶିକ୍ଷା, ହସ୍ତସ୍ୱରପ୍ରକ୍ରିୟା ଶିକ୍ଷା, ଅୟାବସାନନିର୍ଣ୍ଣୟ ଶିକ୍ଷା, ସ୍ୱରଭକ୍ତିଲକ୍ଷଣପରିଶିଷ୍ଟ ଶିକ୍ଷା, କ୍ରମସନ୍ଧାନ ଶିକ୍ଷା, ମନଃସ୍ୱାର ଶିକ୍ଷା, ଯଜୁର୍ବିଧାନ ଶିକ୍ଷା, ସ୍ୱରାଷ୍ଟକ ଶିକ୍ଷା, କ୍ରମକାରିକା ଶିକ୍ଷା, କୌଷିକ ଶିକ୍ଷା, ତ୍ରୈସ୍ୱରୀୟ ଶିକ୍ଷା, ପରିଭାଷାଙ୍କସୂତ୍ର ଶିକ୍ଷା, ନବାଙ୍କସୂତ୍ର ଶିକ୍ଷା, କାରିକାବଲୀ ଶିକ୍ଷା, ବର୍ଣ୍ଣ ଉଚ୍ଚାରଣ ପ୍ରକାର ଶିକ୍ଷା, ସ୍ୱରଭକ୍ତି ଶିକ୍ଷା, ସମ୍ପ୍ରଦାୟ ପ୍ରବୋଧିନୀ ଶିକ୍ଷା, ବେଦପରିଭାଷାସୂତ୍ର ଶିକ୍ଷା, |

Not for Commercial Use

| | | |
|---|---|---|
| | | ବେଦପରିଭାଷାକାରିକା ଶିକ୍ଷା, କ୍ରମସନ୍ଧାନ ଶିକ୍ଷା, ମଲଶ୍ରମକୃତ ଶିକ୍ଷା, ଗଲଦୃଗ ଶିକ୍ଷା, ପଦ୍ମକାରିକାରତ୍ନମାଳା ଶିକ୍ଷା |

## || ଇତି ଶୁକ୍ଳ ଯଜୁର୍ବେଦ ||

# କୃଷ୍ଣ ଯଜୁର୍ବେଦ

ସମ୍ପ୍ରଦାୟ ଅନୁସାରେ 'ଯଜୁର୍ବେଦ'କୁ ୨ଟି ଭାଗରେ ବିଭକ୍ତ କରାଯାଇଛି | ଯାହା **'ବ୍ରହ୍ମ-ପରମ୍ପରା'**ରେ ପ୍ରାପ୍ତ ହୋଇଛି , ତାହା "କୃଷ୍ଣ ଯଜୁର୍ବେଦ" ଅଟେ | ଯେଉଁ 'ଯଜୁର୍ବେଦ' "ଋଷି **ବୈଷମ୍ପାୟନ**" "ବେଦବ୍ୟାସ"ଙ୍କ ଠାରୁ ଶିକ୍ଷା କରିଥିଲେ, ତାହା "କୃଷ୍ଣ ଯଜୁର୍ବେଦ" ଓ ଏହାର ମନ୍ତ୍ରସମୂହ ମହାତ୍ମା ଋଷିମାନଙ୍କ ଧ୍ୟାନ ଓ ତପ ସମୟରେ ତାଙ୍କୁ ପ୍ରକଟିତ ହୋଇଥିଲା | ତେଣୁ ଏହାକୁ 'ବ୍ରହ୍ମ ପରମ୍ପରା'ରେ ପ୍ରାପ୍ତ 'ଯଜୁର୍ବେଦ' କୁହାଯାଏ | 'ଶୁକ୍ଳ' ଓ 'କୃଷ୍ଣ' ଯଜୁର୍ବେଦ ମଧ୍ୟରେ ପାର୍ଥକ୍ୟ ହେଉଛି, 'ଶୁକ୍ଳ ଯଜୁର୍ବେଦ'ର ସ୍ୱତନ୍ତ୍ର ସଂହିତା, ବ୍ରାହ୍ମଣ ଓ ଆରଣ୍ୟକ ଗ୍ରନ୍ଥ ଥିଲାବେଳେ, 'କୃଷ୍ଣ ଯଜୁର୍ବେଦ'ରେ ତା'ର ସଂହିତା ଭିତରେ ବ୍ରାହ୍ମଣ ଓ ଆରଣ୍ୟକ ରହିଥାଏ |

ପତଞ୍ଜଳି ମହାଭାଷ୍ୟ ଓ ବାୟୁ ପୁରାଣ ଅନୁସାରେ "କୃଷ୍ଣ ଯଜୁର୍ବେଦ"ର **୮୬ଟି ଶାଖା** ଥିଲା | ଏହା କୁହାଯାଏ ଯେ, ଋଷି ବୈଷମ୍ପାୟନ ଏହି "କୃଷ୍ଣ ଯଜୁର୍ବେଦ" ତାଙ୍କର ୮୬ଜଣ ଶିଷ୍ୟଙ୍କୁ ଶିକ୍ଷା ଦେଇଥିଲେ ଓ ପରସମୟରେ ଏହା ଶାଖା ରୂପରେ ପ୍ରସିଦ୍ଧ ହୋଇଥିଲା | ଏଥିପାଇଁ ବୈଷମ୍ପାୟନ ଅନେକ ସ୍ଥାନ ଭ୍ରମଣ କରିଥିଲେ, ସେଥିପାଇଁ ତାଙ୍କୁ "ଚରକ" କୁହାଯାଉଥିଲା ଓ ସେ "**ଚରକଧର୍ଯ୍ୟୁ**" ଉପାଧି ପାଇଥିଲେ | ତାଙ୍କ ୮୬ଜଣ ଶିଷ୍ୟମାନଙ୍କ ମଧ୍ୟରୁ **୪୩ ଜଣଙ୍କ ନାମ** ବିଭିନ୍ନ ସୂତ୍ରରୁ ପ୍ରାପ୍ତ ହୋଇପାରିଛି | ସେମାନେ ଏହି "କୃଷ୍ଣ

Not for Commercial Use

ଯଜୁର୍ବେଦ"ର ଶାଖାମାନଙ୍କର ପ୍ରତିଷ୍ଠାତା ଥିଲେ । ସେ ଶାଖାଗୁଡିକ ହେଲେ, - ଚରକ ଶାଖା, ଆହ୍ୱରକ ଶାଖା, କଠ ଶାଖା, ପ୍ରାଚ୍ୟ କଠ ଶାଖା, କପିଷ୍ଠଳ କଠ ଶାଖା, ଚାରାଣୀୟ ଶାଖା, ବାରାୟଣୀୟ ଶାଖା, ବାର୍ତନ୍ତବୀକ ଶାଖା, ଶ୍ୱେତାଶ୍ୱତର ଶାଖା, ଉପମାନ୍ୟବ ଶାଖା, ପାତଣ୍ଡିନୀୟ ଶାଖା, ମୈତ୍ରେୟଣୀ ଶାଖା, ମାନବ ଶାଖା, ବରହା ଶାଖା, ଦୁଣ୍ଡୁଭ ଶାଖା, ଛାଗଲେୟ ଶାଖା, ହାରିଦ୍ରବୀୟ ଶାଖା, ଶ୍ୟାମାୟନ ଶାଖା, ଶ୍ୟାମ ଶାଖା, ତୈତ୍ତିରୀୟ ଶାଖା, ଔଖେୟ ଶାଖା, ଖାଣ୍ଡିକେୟ ଶାଖା, ଆପସ୍ତମ୍ବ ଶାଖା, ଭରଦ୍ୱାଜ ଶାଖା, ହିରଣ୍ୟକେଶିନ ଶାଖା, ବୌଦ୍ଧାୟନ ଶାଖା, ସତ୍ୟାଶାଢ଼ ଶାଖା, ଆତ୍ରେୟ ଶାଖା, ଆଲମ୍ବି ଶାଖା, ପଲଙ୍ଗା ଶାଖା, କମଳା ଶାଖା, ଋଚାଭ ଶାଖା, ଆରୁଣୀ ଶାଖା, ତଣ୍ଡି ଶାଖା, କଲାପ ଶାଖା, ତୁମ୍ବୁରୁ ଶାଖା, ଉଲପା ଶାଖା, ବୈଖାନସ ଶାଖା, ବାଧୂଳା ଶାଖା, ଆଗ୍ନିବେଶ୍ୟ ଶାଖା, କୌଣ୍ଡିନୟ ଶାଖା, ହାରୀତ ଶାଖା, ଓ ଐକେୟ ଶାଖା ।

ସେମାନଙ୍କ ମଧ୍ୟରୁ କେବଳ **୪ଟି ଶାଖା** ସଂହିତାର ସଂପୂର୍ଣ୍ଣ ବା ଆଂଶିକ **ଉଦ୍ଧାର** ହୋଇପାରିଛି । ସେମାନେ ହେଲେ, **ତୈତ୍ତିରୀୟ ଶାଖା, କଠ ବା କାଠକ ଶାଖା, କଠ-କପିଷ୍ଠଲ ଶାଖା,** ଓ **ମୈତ୍ରେୟଣୀ ଶାଖା** ।

'କୃଷ୍ଣ ଯଜୁର୍ବେଦ'ର ଶାଖା ସଂହିତା, ତାହାର କାଣ୍ଡ, ପ୍ରପାଠକ, ମନ୍ତ୍ର ସଂଖ୍ୟା ଓ କେଉଁ ଅଂଚଳ ମାନଙ୍କରେ ଏହାର ପ୍ରୟୋଗ ହୋଇଆସୁଅଛି, ତାହାର ତାଲିକା ତଳେ ଟେବୁଲରେ ଦିଆଯାଇଛି ।

| ଶାଖା ସଂହିତା | କାଣ୍ଡ | ପ୍ରପାଠକ | ଅନୁବାକ | କାଣ୍ଡିକା/ମନ୍ତ୍ର | ଅଂଚଳ |
|---|---|---|---|---|---|
| ତୈତ୍ତିରୀୟ | ୭ | ୪୪ | ୬୫୧ | ୧୨୦୦୦+ | ଦକ୍ଷିଣ ଭାରତ, ମହାରାଷ୍ଟ୍ର |
| କାଠକ | ୫ | ୪୦ | ୮୪୩ | ୩୦୯୩ | କାଶ୍ମିର, ଉତ୍ତର ଓ ପୂର୍ବ ଭାରତ |
| କପିଷ୍ଠଲ | ୬ | ୪୮ | - | - | ହରିୟାଣା, ରାଜସ୍ଥାନ |
| ମୈତ୍ରୟଣୀ | ୪ | ୫୪ | ୬୫୪ | ୩୧୪୪ | ପଶ୍ଚିମ ଭାରତ |

## କୃଷ୍ଣ ଯଜୁର୍ବେଦ ବିଷୟବସ୍ତୁ

Not for Commercial Use

'କୃଷ୍ଣ ଯଜୁର୍ବେଦ'ର ବିଷୟବସ୍ତୁ, 'ଶୁକ୍ଳ ଯଜୁର୍ବେଦ'ର ବିଷୟବସ୍ତୁ ପରି ମଧ୍ୟ ସମାନ । ଏଥିରେ ଦଶପୂର୍ଣ୍ଣମାସ, ପିଣ୍ଡପିତୃ ଯଜ୍ଞ, ଅଗ୍ନିହୋତ୍ର, ଚାତୁର୍ମାସ୍ୟ, ସୋମ ସଂସ୍କାର ବର୍ଣ୍ଣନ, ସୋମଯଜ୍ଞ, ବାଜପେୟ ଯଜ୍ଞ ଓ ରାଜସୂୟ ଯଜ୍ଞ, ଅଗ୍ନି ଚୟନ ବର୍ଣ୍ଣନ, ଶୌତ୍ରାମଣି ଯଜ୍ଞ, ଅଶ୍ୱମେଧ ଯଜ୍ଞ, ଖିଲମନ୍ତ୍ର ସଂଗ୍ରହ, ପୁରୁଷମେଧ ଯଜ୍ଞ, ପୁରୁଷସୂକ୍ତ, ସର୍ବମେଧ ମନ୍ତ୍ର, ପିତୃମେଧ ଯଜ୍ଞ, ଗ୍ରହଗ୍ରହଣ ଓ ପ୍ରାୟଶ୍ଚିତ ଇତ୍ୟାଦି ବିଷୟର ବିବରଣୀ ଉଲ୍ଲେଖ ରହିଅଛି ।

ଏବେ ଆମେ ଏହାର ପ୍ରତ୍ୟେକ ଶାଖା ସଂହିତା ବିଷୟରେ ଅଳ୍ପ ବହୁତ ଜାଣିବା ।

## ତୈତ୍ତିରୀୟ ଶାଖା ସଂହିତା

'ତୈତ୍ତିରୀୟ ଶାଖା'ର ପ୍ରତିଷ୍ଠାତା ଋଷି "**ତିତ୍ତିରି**" ଓ ସେ, ଏହି ସଂହିତାର ପ୍ରବାଚକ ଥିଲେ । କୃଷ୍ଣ ଯଜୁର୍ବେଦୀୟ 'ତୈତ୍ତିରୀୟ ସଂହିତା' କେବଳ ଗୋଟିଏ ସଂହିତା, ଯାହାର ସଂହିତା, ବ୍ରାହ୍ମଣ, ଆରଣ୍ୟକ, ଉପନିଷଦ, ଶୌତ୍ରସୂତ୍ର, ଓ ଗୃହ୍ୟସୂତ୍ର ଆଦି ଗ୍ରନ୍ଥସମୁହ ଅକ୍ଷୁର୍ଣ୍ଣ ରହିଅଛି । ଏହା ସଂପୂର୍ଣ୍ଣ ଭାବରେ ଉଦ୍ଧାର ହୋଇପାରିଛି । ଏହା ସଂପୂର୍ଣ୍ଣ ଦକ୍ଷିଣ ଭାରତ ଓ ମହାରାଷ୍ଟ୍ରର କିଛି ସ୍ଥାନରେ ବ୍ୟବହୃତ ହୋଇଆସୁଅଛି । 'ତୈତ୍ତିରୀୟ ଶାଖା'ରେ **ସାରସ୍ୱତ** ଓ **ଆର୍ଷେୟ** ରୂପରେ ଦୁଇଟି ପାଠ-ଭେଦ ଅଛି । ସାରସ୍ୱତ ପରମ୍ପରା ଅନୁସାରେ ଏହାର ବ୍ରାହ୍ମଣ ଓ ଆରଣ୍ୟକ, ସଂହିତା ମଧ୍ୟରେ ରହିବା ଦରକାର, ଯାହା 'ତୈତ୍ତିରୀୟ ଶାଖା'ରେ ମିଳେ, ତଥା, ଆତ୍ରେୟ ପରମ୍ପରାରେ ଏହାର ସଂହିତା, ବ୍ରାହ୍ମଣ, ଓ ଆରଣ୍ୟକ ସ୍ୱତନ୍ତ୍ର ରହିବା ଦରକାର, ଯାହା 'ତୈତ୍ତିରୀୟ ଶାଖା'ରେ ମଧ୍ୟ ମିଳିଥାଏ । ଅନ୍ୟ କୃଷ୍ଣ ଯଜୁର୍ବେଦୀୟ ଶାଖାମାନଙ୍କର, ସଂହିତା ମଧ୍ୟରେ ତାଙ୍କର ବ୍ରାହ୍ମଣ, ଓ ଆରଣ୍ୟକ ରହିଅଛି । ଏହାର ସଂହିତା, ବ୍ରାହ୍ମଣ, ଆରଣ୍ୟକ ଓ ପ୍ରାତିଶାଖ୍ୟ ର ନାମ "**ତୈତ୍ତିରୀୟ**" ।

Not for Commercial Use

ଏହି 'ଶାଖା ସଂହିତା'ରେ ୭ଟି କାଣ୍ଡ, ୪୪ଟି ପ୍ରପାଠକ ଓ ୬୫୧ଟି ଅନୁବାକ ରହିଅଛି । ଏହାର ସଂହିତା, ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦର ମନ୍ତ୍ର ସଂଖ୍ୟା ୧୨୦୦୦ରୁ ଉର୍ଦ୍ଧ ରହିଅଛି । କାଣ୍ଡାନୁକ୍ରମାଣୀ ଅନୁସାରେ ଏହାକୁ ୫ଟି ଭାଗରେ ବିଭକ୍ତ କରାଯାଇଛି । ଏହାର କାଣ୍ଡ ଅନୁସାରେ ବିଷୟବସ୍ତୁ ଗୁଡିକ ତଳେ ଟେବୁଲରେ ଦିଆଯାଇଛି ।

| କାଣ୍ଡ | ବିଷୟ |
|---|---|
| ୧ | ପ୍ରାଜାପତ୍ୟ କାଣ୍ଡ |
| ୨ | ସୌମ୍ୟ କାଣ୍ଡ |
| ୩ | ଆଗ୍ନେୟ କାଣ୍ଡ |
| ୪ | ବିଶ୍ୱଦେବ କାଣ୍ଡ |
| ୫ | ସ୍ୱାୟଂଭୁବ କାଣ୍ଡ |

### କଠ ଶାଖା ସଂହିତା

'କଠ ଶାଖା'ର ପ୍ରତିଷ୍ଠାତା ଋଷି '**କଠ**' ଅଟନ୍ତି ଓ ସେ, ଏହି ଶାଖା ସଂହିତାର ପ୍ରବାଚକ ଅଟନ୍ତି । ପତଞ୍ଜଳିଙ୍କ ଅନୁସାରେ ଏହି ଶାଖା ଅତି ଲୋକପ୍ରିୟ ଥିଲା, ଏପରିକି ସେହି ସମୟରେ ପ୍ରତ୍ୟେକ ଗ୍ରାମରେ ଏହାର ପାଠ କରାଯାଉଥିଲା । 'କଠ ଶାଖା' ବହୁତ ବଡ଼ ଓ ବିସ୍ତାରରେ ବର୍ଣ୍ଣିତ, ଏହାର ୪୪ଟି ଉପଗ୍ରନ୍ଥ ଥିଲା ବୋଲି କୁହାଯାଏ । ସେଥିପାଇଁ 'କଠ ଶାଖା'ର ବେଦରେ ଏକ ସ୍ୱତନ୍ତ୍ର ସ୍ଥାନ ରହିଅଛି । 'କଠ ଶାଖା' ସଂପୂର୍ଣ୍ଣ ଭାବରେ ଉଦ୍ଧାର ହୋଇ ପାରିନାହିଁ । ଏହାର ସଂହିତା ଉଦ୍ଧାର ହୋଇପାରିଛି, କିନ୍ତୁ ଏହାର ବ୍ରାହ୍ମଣ ସଂପୂର୍ଣ୍ଣ ଉଦ୍ଧାର ହୋଇ ପାରିନାହିଁ ଓ ଏହା ଖଣ୍ଡ ଖଣ୍ଡ ହୋଇ ପ୍ରକାଶିତ ହୋଇଛି । ଏହାର ଆରଣ୍ୟକ ନାହିଁ ।

'କଠ ସଂହିତା'ରେ ୫ଟି କାଣ୍ଡ, ୪୦ଟି ସ୍ଥାନକ ବା ପ୍ରପାଠକ, ୮୪୩ଟି ଅନୁବାକ, ଓ ୩୦୯୩ଟି ମନ୍ତ୍ର ରହିଅଛି । ଏହାର ମନ୍ତ୍ର ଓ ବ୍ରାହ୍ମଣକୁ ମିଶାଇଲେ, ଏହାର ସମୁଦାୟ ମନ୍ତ୍ର ସଂଖ୍ୟା ୧୯୦୦୦ରୁ ଅଧିକ ହେବ । ଏହାର ସଂହିତା ଓ ଉପନିଷଦର ନାମ "**କଠ**" ଓ ବ୍ରାହ୍ମଣର ନାମ

Not for Commercial Use

"**କାଠକ**" ଅଟେ । ଏହାର "**କାଠକ ଗୃହ୍ୟସୂତ୍ର**" ଅଛି ଓ ପ୍ରାତିଶାଖ୍ୟ ପାଇଁ "**ତୈତ୍ତିରୀୟ ପ୍ରାତିଶାଖ୍ୟ**" ବ୍ୟବହାର କରାଯାଏ ।

ଏହାର କାଣ୍ଡ ଅନୁସାରେ ବିଷୟବସ୍ତୁ ତଳେ ଟେବୁଲରେ ଦିଆଯାଇଛି ।

| କାଣ୍ଡ | ବିଷୟ |
|---|---|
| ୧ | ଇଠିମିକା |
| ୨ | ମାଧ୍ୟମିକା |
| ୩ | ଓରିମିକା |
| ୪ | ଯାଜ୍ୟାନୁବାକ୍ୟା |
| ୫ | ଅଶ୍ୱମେଧ ଗ୍ରନ୍ଥ |

### କପିଷ୍ଠଲ ଶାଖା ସଂହିତା

'କପିଷ୍ଠଲ ଶାଖା'ର ପ୍ରତିଷ୍ଠାତା 'ଋଷି **କପିଷ୍ଠଲ**' ଥିଲେ, ଓ ଏହି ସଂହିତାର ପ୍ରବାଚକ ଥିଲେ । ନିରୁକ୍ତ ପ୍ରବଚନକାରୀ 'ଦୁର୍ଗାଚାର୍ଯ୍ୟ' ଏହି ଶାଖାର ଅନ୍ତର୍ଗତ ଥିଲେ । ଏହି ଶାଖା ଆଂଶିକ ଭାବେ ଉଦ୍ଧାର ହୋଇପାରିଛି । ଏହାର ରଚନା ପ୍ରାୟ "କାଠକ ସଂହିତା" ଭଳି ହୋଇଥିଲେ ମଧ୍ୟ, ଏମାନଙ୍କ ମଧ୍ୟରେ ପାର୍ଥକ୍ୟ ରହିଅଛି । ଏହାର ସ୍ୱରାଙ୍କନ 'ଋକ୍-ବେଦ' ଭଳି, ତେଣୁ ଏହାର ବିଭାଜନ ମଧ୍ୟ 'ଋକ୍-ବେଦ' ପରି ଅଷ୍ଟକ ଓ ଅଧ୍ୟାୟ ପଦ୍ଧତିରେ ହୋଇଅଛି ।

ଏଥିରେ ୬ଟି ଅଷ୍ଟକ ଓ ୪୮ଟି ଅଧ୍ୟାୟ ରହିଅଛି । ଏହାର ବିଭାଜନ ତଳ ଟେବୁଲରେ ଦିଆଯାଇଛି ।

| ଅଷ୍ଟକ | ଅଧ୍ୟାୟ | ମନ୍ତବ୍ୟ |
|---|---|---|
| ୧ | ୧-୮ | ଉପଲବ୍ଧ |
| ୨ | ୯-୧୬ | ଉପଲବ୍ଧ ନାହିଁ |

Not for Commercial Use

| | | |
|---|---|---|
| ୩ | ୧୭-୨୪ | ଉପଲବ୍ଧ ନାହିଁ |
| ୪ | ୨୫-୩୨ | ୩୨, ଉପଲବ୍ଧ ନାହିଁ |
| ୫ | ୩୩-୪୦ | ଉପଲବ୍ଧ |
| ୬ | ୪୧-୪୮ | ୪୩, ଉପଲବ୍ଧ ନାହିଁ |

ଏହାର ଉପଲବ୍ଧ ଅଧ୍ୟାୟଗୁଡିକ ମଧ୍ୟ ସଂପୂର୍ଣ୍ଣ ଭାବରେ ନାହିଁ । ଏହାର ଏକ "ଗୃହ୍ୟସୂତ୍ର"ର **ପାଣ୍ଡୁଲିପି** ବାରଣାସୀର ସରସ୍ୱତୀ ଭବନ ଗ୍ରନ୍ଥାଳୟରେ ଉପଲବ୍ଧ ଅଛି । ଏହି ଶାଖାର ବ୍ୟବହାର ହରିୟାଣା ଓ ରାଜସ୍ଥାନର କିଛି ସ୍ଥାନ ମାନଙ୍କରେ ହୋଇଆସୁଅଛି ।

## ମୈତ୍ରୟଣୀ ଶାଖା ସଂହିତା

'ମୈତ୍ରୟଣୀ ଶାଖା', 'ଋଷି **ମିତ୍ରୟୁ**ଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିଲା, ଓ ସେ, ଏହି ସଂହିତାର ପ୍ରବାଚକ ଥିଲେ । ଏହାର ଅନୁସରଣକାରୀ, ସୌରାଷ୍ଟ୍ର, ଗୁଜୁରାଟ, ନାସିକ, ନାଗପୁର ଆଦି ସ୍ଥାନ ମାନଙ୍କରେ ବ୍ୟବହୃତ ହୋଇଆସୁଅଛି । ଏହାର ରଚନା ଗଦ୍ୟାତ୍ମକ ଶୈଳୀରେ କରାଯାଇଛି । ଏଥିରେ ୪ଟି କାଣ୍ଡ, ୫୪ଟି ପ୍ରପାଠକ, ୬୫୪ଟି ଅନୁବାକ ଓ ୩୧୪୪ଟି ମନ୍ତ୍ର ରହିଅଛି ।

ଏହାର ରଚନାରେ, "ମୈତ୍ରୟଣୀ" ନାମକ **ବ୍ରାହ୍ମଣ**, ଓ "ମୈତ୍ରୟଣୀୟ" ନାମକ **ଆରଣ୍ୟକ** ରହିଅଛି, । ଏହାର, "ମୈତ୍ରୟଣୀୟ" ନାମକ **ଉପନିଷଦ** ଅଛି । ଏହାର ଅନେକ 'କଳ୍ପସୂତ୍ର" ରହିଅଛି, ସେମାନଙ୍କ ମଧ୍ୟରେ '**ମାନବ**', '**ବୌଦ୍ଧାୟନ**', ଓ '**ବରାହ**' ସୂତ୍ରଗୁଡିକ ପ୍ରସିଦ୍ଧ । ଏହାର ପ୍ରାତିଶାଖ୍ୟ '**ତୈତ୍ତିରିୟ ପ୍ରାତିଶାଖ୍ୟ**' ଓ ଅନେକ ଶିକ୍ଷା ଗ୍ରନ୍ଥସମୁହ ରହିଅଛି ।

ଏହି ଶାଖାର ବିଭାଜନ ଓ ବିଷୟବସ୍ତୁ ତଳ ଟେବୁଲରେ ଦିଆଯାଇଛି ।

Not for Commercial Use

| କାଣ୍ଡ | ପ୍ରପାଠକ | ଅନୁବାକ | ମନ୍ତ୍ର |
|---|---|---|---|
| ୧ | ୧୧ (ଆଦିମ) | ୧୬୫ | ୬୯୫ |
| ୨ | ୧୩ (ମଧ୍ୟମ) | ୧୫୧ | ୭୮୩ |
| ୩ | ୧୬ (ଉପରି) | ୧୮୦ | ୪୮୫ |
| ୪ | ୧୪ (ଖିଲ) | ୧୫୮ | ୧୧୮୧ |

ଅନ୍ୟ ଶାଖାମାନଙ୍କ ପରି, ଏଥିରେ ଯାଜ୍ଞିକ ବର୍ଣ୍ଣନ, ବ୍ୟବସ୍ଥିତକ୍ରମରେ ରହିନାହିଁ । ଏଥିରେ ମୁଖ୍ୟ ବିଷୟ ଅତିରିକ୍ତ, '**ଗୋନାମିକ** ପ୍ରକରଣରେ (ମୈ. ସଂ ୪/୨) ଗାୟକ ବିଭିନ୍ନ ମନ୍ତ୍ରର ଉଲ୍ଲେଖକରି, ତାଙ୍କର ମହିମା ବର୍ଣ୍ଣନ କରିଛନ୍ତି ।

## କୃଷ୍ଣ ଯଜୁର୍ବେଦୀୟ ବ୍ରାହ୍ମଣ

କୃଷ୍ଣ ଯଜୁର୍ବେଦୀୟ ଶାଖାରେ ଏପର୍ଯ୍ୟନ୍ତ ପୂର୍ଣ୍ଣରୂପରେ ଉପଲବ୍ଧ ଓ ଅଧିକ ମହତ୍ୱଶାଳୀ ଏକମାତ୍ର ବ୍ରାହ୍ମଣ, "**ତୈତ୍ତିରିୟ ବ୍ରାହ୍ମଣ**" ଅଟେ । ଏହା ଏକ ସ୍ୱତନ୍ତ୍ର ଗ୍ରନ୍ଥ ଭାବରେ ଉପଲବ୍ଧ ଅଛି । ଅନ୍ୟ ଶାଖା ମାନଙ୍କରେ ବ୍ରାହ୍ମଣ ଓ ଆରଣ୍ୟକ, ସଂହିତା ସହିତ ସଂଲଗ୍ନ ରହିଅଛି । "ଶତପଥ ବ୍ରାହ୍ମଣ" ପରି ଏହା ସସ୍ୱର ଅଟେ ।

'ତୈତ୍ତିରିୟ ବ୍ରାହ୍ମଣ' ୩ଟି କାଣ୍ଡରେ ବିଭକ୍ତ କରାଯାଇଛି, ଏହାକୁ ଅଷ୍ଟକ ମଧ୍ୟ କୁହନ୍ତି । ଏଥିରେ ସମୁଦାୟ ୩୫୩ଟି ଅନୁବାକ ଅଛି । ଏହାର ବିଭାଜନ ଓ ବିଷୟବସ୍ତୁ ତଳ ଟେବୁଲରେ ଦିଆଯାଇଛି ।

| କାଣ୍ଡ | ଅଧ୍ୟାୟ | ବିଷୟ |
|---|---|---|
| ୧ | ୮ | ଅଗ୍ନ୍ୟାଧାନ ଯଜ୍ଞ, ଗବାମୟନ ଯଜ୍ଞ, ବାଜପେୟ ଯଜ୍ଞ, ନକ୍ଷତ୍ରେଷ୍ଟି ଯଜ୍ଞ, ଓ ରାଜସୂୟ |

Not for Commercial Use

| | | |
|---|---|---|
| | | ଯଜ୍ଞ ଆଦିର ବର୍ଣ୍ଣନ |
| ୨ | ୮ | ଅଗ୍ନିହୋତ୍ର, ଉପହୋମ, ଶୌତ୍ରାମଣି, ଓ ବୃହସ୍ପତିସବ ପ୍ରଭୃତି ବିଭିନ୍ନ ସବର ନିରୂପଣ |
| ୩ | ୧୨ | ନକ୍ଷତ୍ରେଷ୍ଟି ଓ ପୁରୁଷମେଧ ସଂବନ୍ଧୀତ ବିବରଣ |

ଏହାର ମୁଖ୍ୟ ବିଷୟ ଅତିରିକ୍ତ, ଏଥିରେ ଭରଦ୍ୱାଜ, ନଚିକେତା, ପ୍ରହଲ୍ଲାଦ ଓ ଅଗସ୍ତ୍ୟ-ବିଷୟ ଇତ୍ୟାଦି ଆଖ୍ୟାନଗୁଡିକ ରହିଅଛି । ସତ୍ୟଭାଷଣ, ବାଣୀର ମଧୁରତା, ତପୋମୟ ଜୀବନ, ଅତିଥି ସତ୍କାର, ସଂପତ୍ତିର ପରୋପକାର ହେତୁ ବିନିଯୋଗ, ବ୍ରହ୍ମଚର୍ଯ୍ୟ ପାଳନ, ଆଚାର ଦର୍ଶନ ଓ ସୃଷ୍ଟି ଇତ୍ୟାଦି ବିଷୟର ଉଲ୍ଲେଖ ରହିଅଛି ।

## କୃଷ୍ଣ ଯଜୁର୍ବେଦୀୟ ଆରଣ୍ୟକ ଓ ଉପନିଷଦ

'କୃଷ୍ଣ ଯଜୁର୍ବେଦ'ରେ ଦୁଇଟି ଆରଣ୍ୟକ ଅଛି, ସେଥିରୁ "**ତୈତ୍ତିରିୟ ଆରଣ୍ୟକ**" 'ତୈତ୍ତିରିୟ ଶାଖା'ର, ଓ ଏହା ସଂହିତା ମଧ୍ୟରେ ରହିବା ସହିତ, ଏହା ଏକ ସ୍ୱତନ୍ତ୍ର ଗ୍ରନ୍ଥ ମଧ୍ୟ ଅଟେ । "**ମୈତ୍ରାୟଣୀୟ ଆରଣ୍ୟକ**", 'ମୈତ୍ରାୟଣୀ ଶାଖା'ର, କିନ୍ତୁ ଏହା ତାହାର ସଂହିତା ମଧ୍ୟରେ ରଚିତ ଅଛି । ଅନ୍ୟ ଦୁଇଟି ଶାଖାର ଆରଣ୍ୟକ ନାହିଁ ।

'କୃଷ୍ଣ ଯଜୁର୍ବେଦ'ରେ ୩୨ଟି ଉପନିଷଦ ଅଛି, ସେମାନଙ୍କ ମଧ୍ୟରୁ ୪ଟି ଉପନିଷଦ ମୁଖ୍ୟ ଉପନିଷଦରେ ଗଣା ଯାଆନ୍ତି । ସେମାନେ ହେଲେ '**କଠ**', '**ତୈତ୍ତିରିୟ**, '**ମୈତ୍ରାୟଣୀୟ** ଓ '**ଶ୍ୱେତାଶ୍ୱତର** ।

## କୃଷ୍ଣ ଯଜୁର୍ବେଦୀୟ କଳ୍ପସୂତ୍ର ଓ ଅନ୍ୟ ଗ୍ରନ୍ଥ

'କୃଷ୍ଣ ଯଜୁର୍ବେଦ'ରେ ଅନେକ କଳ୍ପସୂତ୍ର ଅଛି, ଯଥା, ୧୧ଟି ଗୃହ୍ୟସୂତ୍ର, ୯ଟି ଶୌତ୍ରସୂତ୍ର, ୩ଟି ଶୁଲ୍ୱସୂତ୍ର ଓ ୨ଟି ବ୍ରହ୍ମସୂତ୍ର । ସେମାନଙ୍କ ମଧ୍ୟରୁ ବୌଦ୍ଧାୟନ, ମାନବ, ଭରଦ୍ୱାଜ, ଆପସ୍ତମ୍ବ,

Not for Commercial Use

ବରାହ, ଶୌତ୍ରସୂତ୍ର ଓ ଗୃହ୍ୟସୂତ୍ର ପ୍ରମୁଖ ଅଟନ୍ତି, ସେହିପରି 'ଶୁକ୍ଳ ଯଜୁର୍ବେଦ'ର ବୌଦ୍ଧାୟନ, ମାନବ ଓ ଆପସ୍ତମ୍ବ 'ଶୁଲ୍ବସୂତ୍ର' ପ୍ରମୁଖ ଓ ପ୍ରସିଦ୍ଧ ।

'କୃଷ୍ଣ ଯଜୁର୍ବେଦ'ର ଏକ ମାତ୍ର '**ତୈତ୍ତିରିୟ ପ୍ରାତିଶାଖ୍ୟ** ଏହାର ୪ଟି ଶାଖାର ପ୍ରତିନିଧିତ୍ୱ କରିଥାଏ, ତଥା ଏହାର ୨୧ଟି ଶିକ୍ଷା ଗ୍ରନ୍ଥ ଅଛି ଓ ସେଥି ମଧ୍ୟରୁ '**ପାଣିନି ଶିକ୍ଷା**' ଓ '**ଭରଦ୍ୱାଜ ଶିକ୍ଷା**' ଏହାର ୪ଟି ଶାଖାର ପ୍ରତିନିଧିତ୍ୱ କରିଥାଏ । ଏ ସମସ୍ତ ଗ୍ରନ୍ଥ 'କୃଷ୍ଣ ଯଜୁର୍ବେଦ'ର ବର୍ଣ୍ଣ, ସ୍ୱର, ସନ୍ଧି, ପଦପାଠ, ଓ କ୍ରମପାଠ ର ବର୍ଣ୍ଣନ ରହିଅଛି ।

'କୃଷ୍ଣ ଯଜୁର୍ବେଦ'ର ସଂହିତା, ବ୍ରାହ୍ମଣ, ଆରଣ୍ୟକ, ଉପନିଷଦ, କଳ୍ପସୂତ୍ର, ପ୍ରାତିଶାଖ୍ୟ ଓ ଶିକ୍ଷା ଇତ୍ୟାଦି ଗ୍ରନ୍ଥ ମାନଙ୍କର ସମ୍ପୂର୍ଣ୍ଣ ତାଲିକା ତଳେ ଦିଆଯାଇଛି ।

## କୃଷ୍ଣ ଯଜୁର୍ବେଦ ସଙ୍ଗଠନ

| ବେଦ | ସଂହିତା | ବ୍ରାହ୍ମଣ | ଆରଣ୍ୟକ | ଉପନିଷଦ |
|---|---|---|---|---|
| କୃଷ୍ଣ ଯଜୁର୍ବେଦ | ତୈତ୍ତିରୀୟ, କାଠକ, କଠ-କପିଷ୍ଠଲ, ମୈତ୍ରୟଣୀ | ତୈତ୍ତିରୀୟ, ମୈତ୍ରୟଣୀ, କାଠକ, କଠ-କପିସ୍ଥଳା | ତୈତ୍ତିରୀୟ , ମୈତ୍ରାୟଣୀୟ | କଠ, ତୈତ୍ତିରୀୟ, ଶ୍ୱେତାଶ୍ୱତର, ମୈତ୍ରାୟଣୀୟ, ସର୍ବସାର, ଶୁକରହସ୍ୟ, ସ୍କନ୍ଦ, ଗର୍ଭ, ଶାରୀରକ, ଏକାକ୍ଷର, ଅକ୍ଷି, ବ୍ରହ୍ମ, ଅବଧୂତ, କଠଶ୍ରୁତି, ସରସ୍ୱତୀ ରହସ୍ୟ, ନାରାୟଣ, କଳି ସନ୍ତରଣ, କୈବଲ୍ୟ, କାଳାଗ୍ନି ରୁଦ୍ର, ଦକ୍ଷିଣାମୁର୍ତି, ରୁଦ୍ରହୃଦୟ, ପଞ୍ଚବ୍ରହ୍ମ, ଅମୃତବିନ୍ଦୁ, ତେଜୋବିନ୍ଦୁ, ଅମୃତନାଦ, କ୍ଷୁରିକା, ଧ୍ୟାନବିନ୍ଦୁ, ବ୍ରହ୍ମବିଦ୍ୟା, ଯୋଗତତ୍ତ୍ୱ, ଯୋଗଶିଖା, ଯୋଗକୁଣ୍ଡଳିନୀ, ବରାହ |

Not for Commercial Use

## କୃଷ୍ଣ ଯଜୁର୍ବେଦ କଳ୍ପସୂତ୍ର ସଙ୍ଗଠନ

| ବେଦ | ଶ୍ରୌତସୂତ୍ର | ଶୁଲ୍ବସୂତ୍ର | ଗୃହ୍ୟସୂତ୍ର | ଧର୍ମସୂତ୍ର |
|---|---|---|---|---|
| କୃଷ୍ଣ ଯଜୁର୍ବେଦ | ବୌଦ୍ଧାୟନ ଶ୍ରୌତସୂତ୍ର,<br>ବାଧୂଳା ଶ୍ରୌତସୂତ୍ର,<br>ମାନବ ଶ୍ରୌତସୂତ୍ର,<br>ଭରଦ୍ୱାଜ ଶ୍ରୌତସୂତ୍ର,<br>ଆପସ୍ତମ୍ବ ଶ୍ରୌତସୂତ୍ର,<br>ହିରଣ୍ୟକେଶି ଶ୍ରୌତସୂତ୍ର,<br>ବରାହ ଶ୍ରୌତସୂତ୍ର,<br>ବୈଖାନସ ଶ୍ରୌତସୂତ୍ର, | ବୌଦ୍ଧାୟନ ଶୁଲ୍ବସୂତ୍ର,<br>ମାନବ ଶୁଲ୍ବସୂତ୍ର,<br>ଆପସ୍ତମ୍ବ ଶୁଲ୍ବସୂତ୍ର, | ବୌଦ୍ଧାୟନ ଗୃହ୍ୟସୂତ୍ର,<br>ବାଧୂଳା ଗୃହ୍ୟସୂତ୍ର,<br>ମାନବ ଗୃହ୍ୟସୂତ୍ର,<br>ଭରଦ୍ୱାଜ ଗୃହ୍ୟସୂତ୍ର,<br>ଆପସ୍ତମ୍ବ ଗୃହ୍ୟସୂତ୍ର,<br>ହିରଣ୍ୟକେଶି ଗୃହ୍ୟସୂତ୍ର,<br>ବରାହ ଗୃହ୍ୟସୂତ୍ର,<br>ବୈଖାନସ ଗୃହ୍ୟସୂତ୍ର,<br>ଆଗ୍ନିବେଶ୍ୟ ଗୃହ୍ୟସୂତ୍ର,<br>କାଠକ ଗୃହ୍ୟସୂତ୍ର,<br>କଠ-କପିସ୍ଥଳା ଗୃହ୍ୟସୂତ୍ର, | ବୌଦ୍ଧାୟନ ଧର୍ମସୂତ୍ର,<br>ଆପସ୍ତମ୍ବ ଧର୍ମସୂତ୍ର, |

## କୃଷ୍ଣ ଯଜୁର୍ବେଦ ଶିକ୍ଷା ଓ ପ୍ରାତିଶାଖ୍ୟ ସଙ୍ଗଠନ

| ବେଦ | ପ୍ରାତିଶାଖ୍ୟ | ଶିକ୍ଷା |
|---|---|---|
| କୃଷ୍ଣ ଯଜୁର୍ବେଦ | ତୈତ୍ତିରୀୟ ପ୍ରାତିଶାଖ୍ୟ | ଚାରାୟଣ ଶିକ୍ଷା, ଭାରଦ୍ୱାଜ ଶିକ୍ଷା, ବ୍ୟାସ ଶିକ୍ଷା, ଶମ୍ଭୁ ଶିକ୍ଷା, ପାଣିନୀୟ ଶିକ୍ଷା (ଯଜୁସ୍), କୌହଲ୍ୟ ଶିକ୍ଷା, ବୋଧାୟନ ଶିକ୍ଷା, ବାସିଷ୍ଠ ଶିକ୍ଷା, ବାଲ୍ମିକୀ ଶିକ୍ଷା, ହାରିତ୍ ଶିକ୍ଷା, ଆତ୍ତରେୟ ଶିକ୍ଷା, କୌଣ୍ଡନୀୟ ଶିକ୍ଷା, ସର୍ବସମ୍ମତ ଶିକ୍ଷା, ଆରଣ୍ୟ ଶିକ୍ଷା, ସିଦ୍ଧାନ୍ତ ଶିକ୍ଷା, ଆପିଶଲି ଶିକ୍ଷା, କାଳନିର୍ଣ୍ଣୟ ଶିକ୍ଷା, ପାରି ଶିକ୍ଷା, ଲକ୍ଷ୍ମୀକାନ୍ତ ଶିକ୍ଷା, ନବ ଶିକ୍ଷା, ଶିକ୍ଷାସମୁଚ୍ଚୟ |

## ।। ଇତି କୃଷ୍ଣ ଯଜୁର୍ବେଦ ।।

## ଯଜୁର୍ବେଦ ପାଣ୍ଡୁଲିପି ଓ ଅନୁବାଦ

Not for Commercial Use

"ଯଜୁର୍ବେଦ"ର ଅନେକ ପାଣ୍ଡୁଲିପି ଏବେବି ଅନୁବାଦ କରାଯାଇ ନାହିଁ । ଏହାର ଅନେକ ପାଣ୍ଡୁଲିପି, '**ପୁନେ**'ର ଭଣ୍ଡାରକର ଇନଷ୍ଟିଚ୍ୟୁଟ୍, **ରାଜସ୍ଥାନ**ର ଅଲବର ରାଜକୀୟ ଗ୍ରନ୍ଥାଳୟ , **ଓଡ଼ିଶା** ରାଜ୍ୟ ମ୍ୟୁଜିୟମ୍ ରେ ଓ **ବାରଣାସୀ**ର ସରସ୍ୱତୀ ଗ୍ରନ୍ଥାଳୟ ଇତ୍ୟାଦି ସ୍ଥାନ ମାନଙ୍କରେ ଉପଲବ୍ଧ ଅଛି ।

"ଯଜୁର୍ବେଦ"ର ଅନୁବାଦ ଅନେକ ଭାଷାରେ ମଧ୍ୟ ଉପଲବ୍ଧ ଅଛି । ବିଦେଶୀ ଭାଷା ମାନଙ୍କ ମଧ୍ୟରେ, ଇଂରାଜୀ, ଜର୍ମାନୀ, ଓ ରୁଷି ଭାଷାରେ, ତଥା ଭାରତୀୟ ଭାଷା ମାନଙ୍କ ମଧ୍ୟରେ ଗୁଜୁରାଟି, ତାମିଲ, ତେଲୁଗୁ, କନ୍ନଡ଼, ମାଲାୟଲମ ଓ ହିନ୍ଦି ଭାଷାରେ ଅନେକ ପଣ୍ଡିତମାନଙ୍କର ଭାଷ୍ୟ ଉପଲବ୍ଧ ଅଛି । ଭାରତୀୟ ଭାଷାରେ ଅନୁବାଦିତ ପୁସ୍ତକମାନଙ୍କ ମଧ୍ୟରେ, ଦେବୀଚନ୍ଦ, ଦୟାନନ୍ଦ ସରସ୍ୱତୀ, ଆର୍ଯ୍ୟ ସମାଜ, ଓ ଜୟଦେବ ଶର୍ମାଙ୍କ ପୁସ୍ତକ ପ୍ରମୁଖ ଅଟନ୍ତି ।

**।। ଇତି ଯଜୁର୍ବେଦ ।।**

# ସାମବେଦ

"ବେଦବ୍ୟାସ", '**ବେଦତ୍ରୟୀ**' (ଋକ୍, ଯଜୁସ୍, ସାମ୍) ମାନଙ୍କୁ ସାହିତ୍ୟିକ ପଦ୍ଧତିର ଶୈଳୀରେ (ପଦ୍ୟ, ଗଦ୍ୟ, ସଂଗୀତ) ବିଭାଜନ କରିଥିଲେ । ପଦ୍ୟରେ ଋକ୍ ଓ ଅଥର୍ବ ବେଦକୁ, ଗଦ୍ୟରେ ଯଜୁର୍ବେଦକୁ, ତଥା, ସଂଗୀତରେ ସାମବେଦକୁ ବିଭାଜନ କରିଥିଲେ । ତେଣୁ ସଂଗୀତ ସ୍ୱରୂପରେ ରଚିତ ବେଦକୁ "**ସାମବେଦ**" କୁହାଯାଏ । ସେ, ଏହି ୪ଟି ବେଦ ତାଙ୍କର ୪ଜଣ ମୁଖ୍ୟ ଶିଷ୍ୟଙ୍କୁ ଶିକ୍ଷାଦାନ କରିଥିଲେ, ସେମାନଙ୍କ ମଧ୍ୟରୁ "**ଜୈମିନି**"ଙ୍କୁ 'ସାମବେଦ' ଶିକ୍ଷାଦାନ କରିଥିଲେ । 'ଜୈମିନି'ଙ୍କ ଠାରୁ 'ସାମବେଦ'ର ପରମ୍ପରା ଆରମ୍ଭ ହୋଇଥିଲା । ପରସମୟରେ, 'ଜୈମିନି' ତାଙ୍କର ପୁତ୍ର 'ସୁମନ୍ତ'ଙ୍କୁ; 'ସୁମନ୍ତ' ତାଙ୍କ ପୁତ୍ର 'ସୁନ୍ୱାନ'ଙ୍କୁ; ଓ 'ସୁନ୍ୱାନ' ତାଙ୍କ ପୁତ୍ର 'ସୁକର୍ମା'ଙ୍କୁ "ସାମବେଦ"ର ଶିକ୍ଷା ଦେଇଥିଲେ । ପରସମୟରେ 'ସୁକର୍ମା' "ସାମବେଦ"ର ପ୍ରଚାର କରିଆସିଥିଲେ । ଏହିପରି "ସାମବେଦ"ର ଅଧ୍ୟୟନ ଓ ଅଧ୍ୟାପନା ପରମ୍ପରା ଚାଲିଆସୁଅଛି ।

Not for Commercial Use


"ସାମବେଦ"ରେ ସମୁଦାୟ **୧୮୭୫** ମନ୍ତ୍ର ଅଛି ଓ ସେଥିମଧ୍ୟରୁ ୯୫ଭାଗ ମନ୍ତ୍ର 'ଋକ୍-ବେଦ'ରୁ ଋଣ ରୂପରେ ନିଆଯାଇଛି ଓ କେବଳ ୭୫ଟି ନୂତନ ମନ୍ତ୍ର 'ସାମବେଦ'ର । ତେଣୁ ଏବେ ମନରେ ପ୍ରଶ୍ନ ଉଠିପାରେ, ଯେହେତୁ "ସାମବେଦ"ର ୯୫ଭାଗ ମନ୍ତ୍ର "ଋକ୍-ବେଦ"ରୁ ନିଆଯାଇଛି, ତା'ହେଲେ ଏହାକୁ "ସାମବେଦ" କାହିଁକି କୁହାଯାଉଛି ? ଏହାର ଉତ୍ତର ହେଉଛି, ଏହାର 'ପଦପାଠ' ଶୈଳୀ, ସ୍ୱର ଓ 'ଛନ୍ଦ' ଭିନ୍ନ, ତଥା ବେଳେ ବେଳେ "ଋକ୍-ବେଦ"ର ଅଂଶିକ ମନ୍ତ୍ର ମଧ୍ୟ ନିଆଯାଇଛି । "ଋକ୍-ବେଦ"ରେ ୩ଟି ସ୍ୱର ବ୍ୟବହୃତ ହେଉଥିବା ବେଳେ "ସାମବେଦ"ରେ **୭ଟି ସ୍ୱର** ବ୍ୟବହୃତ ହୋଇଥାଏ । ତେଣୁ "ସାମବେଦ", "ଋକ୍-ବେଦ" ଠାରୁ ଭିନ୍ନ । "ସାମବେଦ"କୁ ସଂଗୀତ ବା ଗାନ ଆକାରରେ ରଚନା କରାଯାଇଛି । ଏହାର ଶ୍ରୁତି ମଧୁର ଅଟେ । "ସାମବେଦ" ୪ଟି ବେଦ ମଧ୍ୟରୁ ସବୁଠୁ କଷ୍ଟ ଓ ସ୍ୱତନ୍ତ୍ର ଅଟେ । ଏହାର ମହତ୍ୱ "**ଶ୍ରୀକୃଷ୍ଣ**", "ଭାଗବତ ଗୀତା"ରେ ମଧ୍ୟ କହିଛନ୍ତି, "**ବେଦାନାଂ ସାମବେଦୋଽସ୍ମି**", ଅର୍ଥାତ ବେଦମାନଙ୍କ ମଧ୍ୟରେ ମୁଁ "ସାମବେଦ" । "ସାମବେଦ"ରୁ ଭାରତୀୟ **ସଂଗୀତ**, **କଳା**, **ଛନ୍ଦ** ଓ **ତାଳ** ଇତ୍ୟାଦି ସୃଷ୍ଟି । ଉପବେଦ '**ଗନ୍ଧର୍ବବେଦ**', "ସାମବେଦ"କୁ ଆଧାର କରି ତିଆରି କାରାଯାଇଛି ।

## ସାମବେଦ ସଂଗଠନ

'ସାମବେଦ'କୁ ୨ଟି ଭାଗରେ ବିଭକ୍ତ କରାଯାଇଛି, ଯଥା - **ଆର୍ଚିକ** ଓ **ଗାନ** । ପୁନଃ 'ଆର୍ଚିକ'କୁ ୨ଟି ଭାଗରେ ବିଭକ୍ତ କରାଯାଇଛି, ଯଥା, "**ପୂର୍ବାର୍ଚିକ**" ଓ "**ଉତ୍ତରାର୍ଚିକ**", ସେହିପରି 'ଗାନ'କୁ ୪ଟି ଭାଗରେ ବିଭକ୍ତ କରାଯାଇଛି, ଯଥା, "**ଗ୍ରାମଗେୟ**", "**ଆରଣ୍ୟକ ଗାନ**", "**ଉହଗାନ**" ଓ "**ଉହ୍ୟଗାନ**" ।



Not for Commercial Use




- **ଆର୍ଚିକ** - "ଋଚା" ବା "ମନ୍ତ୍ର"ମାନଙ୍କର ସମୁହ, ଯେଉଁ ମନ୍ତ୍ରସମୁହ ବିଭିନ୍ନ ପର୍ବରେ ପାଠ କରାଯାଏ, ବା ପ୍ରୟୋଗ କରାଯାଏ ।
- **ପୂର୍ବାର୍ଚିକ** - ଯେଉଁ ମନ୍ତ୍ର ବା ଋଚା ସମୁହ ଯଜ୍ଞ ସମୟରେ ପାଠ କରାଯାଏ, ତାହାକୁ "ପୂର୍ବାର୍ଚିକ" କୁହାଯାଏ । ଏହାର ବିଷୟବସ୍ତୁ "ଆଗ୍ନେୟ ପର୍ବ", ଐନ୍ଦ୍ର ପର୍ବ", "ପବମାନ ପର୍ବ" ଓ "ଆରଣ୍ୟକ ପର୍ବ" ଅଟନ୍ତି । ଏଥିରେ ମନ୍ତ୍ରସମୁହ 'ଛନ୍ଦ' ଓ 'ଦେବତା' ଅନୁସାରେ ସଂଗଠିତ ରହିଥାଏ ।
- **ଉତ୍ତରାର୍ଚିକ** - ଯେଉଁ ମନ୍ତ୍ର ବା ଋଚା ସମୁହ "ମୁଖ୍ୟ ଯଜ୍ଞ" ସମୟରେ ପାଠ କରାଯାଏ, କିନ୍ତୁ ଏହା 'ପୂର୍ବାର୍ଚିକ' ସହିତ ସମ୍ପୂର୍ଣ୍ଣ ହୋଇଥାଏ । ଏଥିରେ ମନ୍ତ୍ରସମୁହ 'ମୁଖ୍ୟ ଯଜ୍ଞ'ର କ୍ରମ ଅନୁସାରେ ସଂଗଠିତ  ରହିଥାଏ ।
- **ଗାନ** - ପୂର୍ବାର୍ଚିକ ଓ ଉତ୍ତରାର୍ଚିକ ମନ୍ତ୍ର ବା ଋଚା ସମୁହ ସଂଗୀତ ରୂପରେ ଗାଇବାକୁ "ଗାନ" ବା "**ସାମଗାନ**" କୁହନ୍ତି ।
- **ଗ୍ରାମଗେୟ** - ଯେଉଁ ସ୍ତୁତିଗାନ ଜନସମୁହରେ ବା ଗ୍ରାମରେ ପାଠ କରାଯାଏ, ତଥା ଆଗ୍ନେୟ, ଐନ୍ଦ୍ର, ଓ ପବମାନ ପର୍ବରେ, ଅଗ୍ନି, ଇନ୍ଦ୍ର, ଓ ସୋମଙ୍କ ସ୍ତୁତିଗାନ କରାଯାଏ, ତାହାକୁ "ଗ୍ରାମଗେୟ" କୁହନ୍ତି ।

Not for Commercial Use

- **ଆରଣ୍ୟକ ଗାନ** - ଯେଉଁ ସ୍ତୁତିଗାନ ଜଙ୍ଗଲ ବା ଅରଣ୍ୟରେ ପାଠ କରାଯାଏ, ତଥା ଅକ୍ର, ଦୁନ୍ଦୁ, ଶୁକ୍ରିୟ ଓ ମହାନାମ୍ନି ନାମକ ପର୍ବରେ ଯେଉଁ ସ୍ତୁତିଗାନ କରାଯାଏ, ତାହାକୁ "ଆରଣ୍ୟକ ଗାନ" ବା "ଅରଣ୍ୟଗେୟ" କୁହନ୍ତି ।
- **ଉହଗାନ** - ଯେଉଁ ମନ୍ତ୍ର ବା ଋଚା କୌଣସି ଶବ୍ଦ ନ କରି ଗାନ କରାଯାଏ, ତାହାକୁ "ଉହଗାନ" କୁହନ୍ତି ଓ ଏହା 'ଗ୍ରାମ୍ୟଗେୟ'ର ଅଂଶ ଅଟେ ।
- **ଉହ୍ୟଗାନ** - ଯେଉଁ ମନ୍ତ୍ର ବା ଋଚା ମନରେ ଗାନ କରାଯାଏ, ତାହାକୁ "ଉହ୍ୟଗାନ" କୁହନ୍ତି ଓ ଏହା 'ଅରଣ୍ୟଗାନ'ର ଅଂଶ ଅଟେ ।

ଅନ୍ୟ ବେଦମାନଙ୍କ ପରି, "ସାମବେଦ"ର ସଂହିତା, ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦସମୁହ ରହିଅଛି ।

## ସାମବେଦ ଶାଖା

ପତଞ୍ଜଳିଙ୍କ ମହାଭାଷ୍ୟ ଓ ପୁରାଣ ଅନୁସାରେ "ସାମବେଦ"ରେ ୧୦୦୦ଟି ଶାଖା ଥିଲା ବୋଲି କୁହାଯାଇଛି । '**ସାମତର୍ପଣ**' ଅବସର ସମୟରେ 'ସାମଗାନ' କରୁଥିବା ଆଚାର୍ଯ୍ୟମାନଙ୍କର ନାମ ଉଲ୍ଲେଖ ଅଛି, ସେମାନେ ହେଲେ, ରଣାୟନ, ସାତ୍ୟମୁଗ୍ରି-ବ୍ୟାସ, ଭାଗୁରି-ଔଲୁଣ୍ଡି, ଗୌଲମୁଲବି, ଭାନୁନାମ, ଔପମନ୍ୟବ, ଦାରାଳ, ଗାର୍ଗ୍ୟ, ସାବର୍ଣ୍ଣି, ବାର୍ଷଗଣି, କୁଥୁମି, ଶାଲିହୋତ୍ର, ଓ ଜୈମିନି । ସେମାନଙ୍କ ନାମରେ "ସାମବେଦ ଶାଖା" ଗୁଡିକ ଥିଲା । ସେମାନଙ୍କ ମଧ୍ୟରୁ ରଣାୟନ, କୁଥୁମି ଓ ଜୈମିନି ଆଚାର୍ଯ୍ୟଙ୍କ ନାମରେ ପ୍ରସିଦ୍ଧ **ରଣାୟନୀୟ ଜୈମିନୀୟ** ଓ **କୌଥୁମୀୟ** ବା କୌଥୁମ ଶାଖା ଉପଲବ୍ଧ ଅଛି । ତେଣୁ କେବଳ **୩ଟି ଶାଖାର ଉଦ୍ଧାର** ହୋଇପାରିଛି ଓ ବାକି ୯୯୭ଟି ଶାଖା ସଂପୂର୍ଣ୍ଣରୂପେ ବିଲୁପ୍ତ ହୋଇଯାଇଛି ।

ଏହି ଶାଖା ମାନଙ୍କ ମଧ୍ୟରୁ "**ରାଣାୟଣୀୟ ଶାଖା**", ମହାରାଷ୍ଟ୍ର, କର୍ଣ୍ଣାଟକ, ତଥା ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର କିଛି ସ୍ଥାନ ମାନଙ୍କରେ ଅଧ୍ୟୟନ ଓ ଅଧ୍ୟାପନା ହୋଇଆସୁଅଛି । "**କୌଥୁମ ଶାଖା**", ଗୁଜୁରାଟ, ଉତ୍ତରପ୍ରଦେଶ, ଓ ଓଡ଼ିଶା, ତଥା ବିହାରର କିଛି ସ୍ଥାନ ମାନଙ୍କରେ

Not for Commercial Use

ଅଧ୍ୟୟନ ଓ ଅଧ୍ୟାପନା ହୋଇଆସୁଅଛି । "**ଜୈମିନୀୟ ଶାଖା**", କେରଳ ଓ ତାମିଲନାଡୁରେ ଅଧ୍ୟୟନ ଓ ଅଧ୍ୟାପନା ହୋଇଆସୁଛି ।

"ସାମବେଦ"ର ଶାଖାମାନଙ୍କ ମଧ୍ୟରେ ବିଶେଷ କିଛି ପାର୍ଥକ୍ୟ ନାହିଁ । ପାର୍ଥକ୍ୟ କହିଲେ ମନ୍ତ୍ର ବା ଋଚା ବା ଅଧ୍ୟାୟ ବା ଖଣ୍ଡ ମାନଙ୍କର ପ୍ରବନ୍ଧନ କ୍ରମରେ ଅନ୍ତର ଅଟେ । ସେମାନଙ୍କ ମଧ୍ୟରେ 'ପାଠଭେଦ'ର ଅନ୍ତର ମଧ୍ୟ ମିଳେ । ଏହି ଉଦ୍ଧାରିତ ୩ଟି 'ସାମବେଦ ଶାଖା'ମାନଙ୍କର ମନ୍ତ୍ର ସଂଖ୍ୟା ଅଲଗା ଅଲଗା ଅଟେ । ବେଳେ ବେଳେ ଶଖାରେ ମନ୍ତ୍ରମାନଙ୍କର ବାରମ୍ବାର ବ୍ୟବହୃତ ହେତୁ, ସମୁଦାୟ ମନ୍ତ୍ର ସଂଖ୍ୟାର ପ୍ରଭେଦ ଦେଖାଯାଇଥାଏ । ତେଣୁ "ସାମବେଦ"ର ମନ୍ତ୍ର ସଂଖ୍ୟା ପ୍ରାୟ ୧୮୭୫ । ଏହି ମନ୍ତ୍ରମାନଙ୍କୁ ୨ଟି ଭାଗରେ ବିଭକ୍ତ କରାଯାଇଛି, ଯଥା, **ପୂର୍ବାର୍ଚ୍ଚିକ** ଓ **ଉତ୍ତରାର୍ଚ୍ଚିକ** ।

"ସାମବେଦ"ର **ବିଷୟବସ୍ତୁ**, ଅଧ୍ୟାୟ, ମନ୍ତ୍ର ସଂଖ୍ୟା, ଇତ୍ୟାଦି ତଳେ ଟେବୁଲରେ ଦିଆଯାଇଛି।

| ଭାଗ | ଅଧ୍ୟାୟ | ବିଷୟ | ମନ୍ତ୍ର ସଂଖ୍ୟା | ସାମଗାନ |
|---|---|---|---|---|
| ପୂର୍ବାର୍ଚ୍ଚିକ | ୧ମ | ଆଗ୍ନେୟ ପର୍ବ | ୬୪୦ | ଗ୍ରାମ ଗାନ |
| | ୨ୟ, ୩ୟ, ୪ର୍ଥ | ଐନ୍ଦ୍ର ପର୍ବ | | |
| | ୫ମ | ପବମାନ ପର୍ବ | | |
| | ୬ମ | ଆରଣ୍ୟକ ପର୍ବ | | ଅରଣ୍ୟ ଗାନ |
| ଉତ୍ତରାର୍ଚ୍ଚିକ | ୨୧ଟି | ଯଜମାନ ସମ୍ବୋଧନ, ସୋମ ସ୍ତୁତି, ଅଗ୍ନି ସ୍ତୁତି, ଇନ୍ଦ୍ର ସ୍ତୁତି | ୧୨୨୫ | |

## ସାମବେଦ ବ୍ରାହ୍ମଣ, ଆରଣ୍ୟକ, ଉପନିଷଦ, କଳ୍ପସୂତ୍ର ଓ ଅନ୍ୟ ଗ୍ରନ୍ଥ

"ସାମବେଦ"ରେ ଅନେକ ବ୍ରାହ୍ମଣ ଅଛି, କିନ୍ତୁ ସେମାନଙ୍କ ମଧ୍ୟରୁ ପ୍ରାୟ ୧୩-୧୫ଟି ବ୍ରାହ୍ମଣ ଉପଲବ୍ଧ ଅଛି । ଏହି ଉପଲବ୍ଧ ବ୍ରାହ୍ମଣମାନଙ୍କ ମଧ୍ୟରୁ ୧୦ଟି ବ୍ରାହ୍ମଣ ପ୍ରସିଦ୍ଧ ଓ ପ୍ରଚଳିତ ।

Not for Commercial Use

ସେମାନେ ହେଲେ, ତାଣ୍ଡ୍ୟ, ଷଡ଼ବିଂଶ, ସାମବିଧାନ, ଆର୍ଷେୟ, ଦେବତାଧ୍ୟାୟ, ଛାନ୍ଦୋଗ୍ୟୋପନିଷଦ, ସଂହିତୋପନିଷଦ, ବଂଶ, ଜୈମିନୀୟ, ଜୈମିନୀୟଆର୍ଷେୟ ଓ ଜୈମିନୀୟୋପନିଷଦ । ଏମାନଙ୍କ ମଧ୍ୟରୁ **'ତାଣ୍ଡ୍ୟ ବ୍ରାହ୍ମଣ'** ସବୁଠୁ ବଡ଼ । ଏହି ବ୍ରାହ୍ମଣ ସମୁହ ବିଶେଷତଃ **'ଔଦଗ୍ରାତ କର୍ମ'**ର ପ୍ରତିପାଦନ କରିଥାଏ । ପ୍ରମୂଖତଃ, ଯଜ୍ଞର ସ୍ତୋତ୍ର ସମୁହକୁ ଗାନ କରିବା, 'ଔଦଗ୍ରାତ କର୍ମ' ଅଟେ । ଏହା କୁହାଯାଏ ଯେ, ଏହି ସାମଗାନର ଧ୍ୱନିରେ ଦେବତାମାନେ ଯଜ୍ଞଶାଳାରେ ନୃତ୍ୟ କରନ୍ତି ।

"ସାମବେଦ"ରେ ୨ଟି **ଆରଣ୍ୟକ** ଅଛି, ସେମାନେ ହେଲେ, ଜୈମିନୀୟ-ଉପନିଷଦ ଓ ଛାନ୍ଦୋଗ୍ୟ ।

"ସାମବେଦ"ରେ ୧୬ଟି **ଉପନିଷଦ** ଅଛି । ସେମାନଙ୍କ ମଧ୍ୟରୁ "**ଛାନ୍ଦୋଗ୍ୟୋପନିଷଦ**" ଓ "**କେନ ଉପନିଷଦ**" ମୁଖ୍ୟ ଉପନିଷଦ ଅଟନ୍ତି । 'ଛାନ୍ଦୋଗ୍ୟୋପନିଷଦ', ୮ ପ୍ରପାଠକ ବିଶିଷ୍ଟ ଗ୍ରନ୍ଥ ଅଟେ, ସେଥିମଧ୍ୟରୁ ପ୍ରଥମ ୫ଟି ପ୍ରପାଠକରେ, "**ଉଦ୍ଗୀଥ** " (ଓଁକାର) ଓ "ସାମଗାନ"ର ସୂକ୍ଷ୍ମ ବିବେଚନ ଉପଲବ୍ଧ ଅଛି, ଓ ଅନ୍ତିମ ୩ଟି ପ୍ରପାଠକରେ, 'ଅଧ୍ୟାତ୍ମବିଦ୍ୟା'ର ବର୍ଣ୍ଣନ ରହିଅଛି । ସେହିପରି "ସାମବେଦ"ର 'କେନ ଉପନିଷଦ'ରେ ମଧ୍ୟ ଦାର୍ଶନିକ ଓ ଦିବ୍ୟଜ୍ଞାନ ବିଷୟରେ ବର୍ଣ୍ଣନ କରାଯାଇଛି । ଏହି ଉପନିଷଦ ଅନୁସାରେ, "ତପ, ଦମ, ଓ କର୍ମ, ସତ୍ୟପ୍ରାପ୍ତିର ମୂଳଦୁଆ ଅଟେ" ।

"ସାମବେଦ"ର **କଳ୍ପସୂତ୍ର**ମାନଙ୍କ ମଧ୍ୟରେ, ୩ଟି "ଶୌତ୍ରସୂତ୍ର", ୪ଟି "ଗୃହ୍ୟସୂତ୍ର" ଓ ଗୋଟିଏ "ବ୍ରହ୍ମସୂତ୍ର" ରହିଅଛି । ଶୌତ୍ରସୂତ୍ରମାନଙ୍କ ମଧ୍ୟରୁ '**ଲାଟ୍ୟାୟନ**' ଓ '**ଦ୍ରାହ୍ୟାୟନ**' ପ୍ରସିଦ୍ଧ ଓ ପ୍ରଚଳିତ, ସେହିପରି ଗୃହ୍ୟସୂତ୍ର ମାନଙ୍କ ମଧ୍ୟରୁ '**ଗୋଭିଲ**' ଓ '**ଖାଦିର**' ପ୍ରସିଦ୍ଧ ଓ ପ୍ରଚଳିତ । ସେହିପରି "ସାମବେଦ"ରେ 'ସାମଗାନ'ର ପଦପାଠ ଓ ସ୍ତୋଭଂର ସ୍ୱରୂପ ନିରୂପଣ ୩ଟି "**ପ୍ରାତିଶାଖ୍ୟ**" ଗ୍ରନ୍ଥରୁ ମିଳିଥାଏ । ସେଥି ମଧ୍ୟରୁ **'ନାରଦୀୟ ପ୍ରାତିଶାଖ୍ୟ'** ଅତ୍ୟନ୍ତ ମହତ୍ୱପୂର୍ଣ୍ଣ

Not for Commercial Use

ଅଟେ । ଏହି ପ୍ରାତିଶାଖ୍ୟରେ 'ସାମଗାନ'ର ୭ଟି ସ୍ୱର, ୩ଟି ଗ୍ରାମ, ୨୧ଟି ମୂର୍ଚ୍ଛନା, ଓ ୪୯ଟି ତାନ, ବିଷୟରେ ବ୍ୟାଖ୍ୟା କରାଯାଇଛି । ଏହା ଆଧୁନିକ ସଂଗୀତର ମୂଳଦୁଆ ଅଟେ ।

ସେହିପରି "ସାମବେଦ"ର "**ଶିକ୍ଷା**" ଗ୍ରନ୍ଥରୁ 'ସାମଗାନ'ର ବର୍ଣ୍ଣ, ସ୍ୱର, ଛନ୍ଦ, ଓ ସନ୍ଧି ବିଷୟରେ ଜ୍ଞାନ ପ୍ରାପ୍ତ ହୋଇଥାଏ । ଏମାନଙ୍କ ମଧ୍ୟରୁ 'ସାମତନ୍ତ୍ର', 'ଅକ୍ଷରତନ୍ତ୍ର', ଓ 'ପୁଷ୍ପତନ୍ତ୍ର' ଶିକ୍ଷାଗ୍ରନ୍ଥ ସମୁହ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ।

"ସାମବେଦ"ର ସମସ୍ତ ସଂହିତା, ବ୍ରାହ୍ମଣ, ଆରଣ୍ୟକ, ଉପନିଷଦ, କଳ୍ପସୂତ୍ର, ଓ ଅନ୍ୟ ଗ୍ରନ୍ଥ ମାନଙ୍କର ତାଳିକା ତଳେ ଦିଆଯାଇଛି ।

## ସାମବେଦ ସଙ୍ଗଠନ

| ବେଦ | ସଂହିତା | ବ୍ରାହ୍ମଣ | ଆରଣ୍ୟକ | ଉପନିଷଦ |
|---|---|---|---|---|
| ସାମବେଦ | କୌଥୁମ, ରାଣାୟନୀୟ, ଜୈମିନୀୟ | କୌଥୁମ, ତାଣ୍ଡ୍ୟ, ଷଡ୍‌ବିଂଶ, ସାମବିଧାନ, ଆର୍ଷେୟ, ଦେବତଧ୍ୟାୟ, ଛାନ୍ଦୋଗ୍ୟୋପନିଷଦ, ସଂହିତୋପନିଷଦ, ବଂଶ, ଜୈମିନୀୟ, ଜୈମିନୀୟଆର୍ଷେୟ, ଜୈମିନୀୟୋପନିଷଦ, ଅଦ୍-ଭୁତ, ମନ୍ତ୍ର | ଜୈମିନୀୟ-ଉପନିଷଦ, ଛାନ୍ଦୋଗ୍ୟ | ଛାନ୍ଦୋଗ୍ୟ, କେନ, ବଜ୍ରସୂଚୀ, ମହା, ସାବିତ୍ରୀ, ଆରୁଣେୟ, ମୈତ୍ରେୟ, ସଂନ୍ୟାସ, କୁଣ୍ଡିକା, ବାସୁଦେବ, ଅବ୍ୟକ୍ତ, ରୁଦ୍ରାକ୍ଷଜାବାଲ, ଜବାଲି, ୟୋଗଚୂଡାମଣି, ଦର୍ଶନ |

## ସାମବେଦ କଳ୍ପସୂତ୍ର ସଙ୍ଗଠନ

| ବେଦ | ଶ୍ରୌତସୂତ୍ର | ଶୁଲ୍ବସୂତ୍ର | ଗୃହ୍ୟସୂତ୍ର | ଧର୍ମସୂତ୍ର |
|---|---|---|---|---|

Not for Commercial Use

| | | | | |
|---|---|---|---|---|
| **ସାମବେଦ** | ଲାଟ୍ୟାୟନ ଶ୍ରୌତସୂତ୍ର, ଦ୍ରାହ୍ୟାୟନ ଶ୍ରୌତସୂତ୍ର, ଜୈମିନୀୟ ଶ୍ରୌତସୂତ୍ର, | | ଗୋଭିଲ ଗୃହ୍ୟସୂତ୍ର, ଖାଦିର ଗୃହ୍ୟସୂତ୍ର, ଜୈମିନୀୟ ଗୃହ୍ୟସୂତ୍ର, କୌଥୁମ ଗୃହ୍ୟସୂତ୍ର, | ଗୌତମ ଧର୍ମସୂତ୍ର, |

**ସାମବେଦ ଶିକ୍ଷା ଓ ପ୍ରାତିଶାଖ୍ୟ ସଙ୍ଗଠନ**

| ବେଦ | ପ୍ରାତିଶାଖ୍ୟ | ଶିକ୍ଷା |
|---|---|---|
| **ସାମ ବେଦ** | ଋକ୍ ତନ୍ତ୍ର ପ୍ରାତିଶାଖ୍ୟ<br>ସାମ ତନ୍ତ୍ର ପ୍ରାତିଶାଖ୍ୟ<br>ଅକ୍ଷର ତନ୍ତ୍ର ପ୍ରାତିଶାଖ୍ୟ<br>ପୁଷ୍ପ ତନ୍ତ୍ର ପ୍ରାତିଶାଖ୍ୟ | ନାରଦୀୟ ଶିକ୍ଷା (ମୁଖ୍ୟ), ଲୋମଶୀ ଶିକ୍ଷା, ଗୌତମୀ ଶିକ୍ଷା |

## ସମବେଦ ପାଣ୍ଡୁଲିପି ଓ ଅନୁବାଦ

"ସାମବେଦ"ର ପାଣ୍ଡୁଲିପି ସମୁହ '**ପୁନେ**'ର ଭଣ୍ଡାରକର ଇନଷ୍ଟିଚ୍ୟୁଟ୍, '**ରାଜସ୍ଥାନ**'ର ଅଲବର'ର ରାଜକୀୟ ଗ୍ରନ୍ଥାଳୟରେ, **ଉତ୍ତରପ୍ରଦେଶ** (IGNCA), ଓ **ଓଡ଼ିଶା** ରାଜ୍ୟ ମ୍ୟୁଜିୟମ୍ ରେ ରହିଅଛି । ଏବେବି ଜୈମିନୀୟ ଶାଖାର କିଛି ଅଂଶ ପ୍ରକାଶ ହୋଇପାରିନାହିଁ । କିଛି ପାଣ୍ଡୁଲିପି କାଶ୍ମିରୀ'ରେ ମିଳିବାର ସୂଚନା ପ୍ରାପ୍ତ ହୋଇଛି ।

"ସାମବେଦ"ର ଅନୁବାଦ ବିଦେଶୀ ଭାଷା ମାନଙ୍କ ମଧ୍ୟରେ, ଜର୍ମାନୀ ଭାଷାରେ ୧୮୪୮ ମସିହାରେ ହୋଇଥିଲା । ରୁଷି ଭାଷାରେ ୧୮୭୫ ମସିହାରେ ହୋଇଥିଲା । ଇଂରାଜୀ ଭାଷାରେ ୧୮୯୩ ମସିହାରେ ହୋଇଥିଲା । ନେପାଳି ଭାଷାରେ ମଧ୍ୟ ଅନୁବାଦ ହୋଇଅଛି । ସେହିପରି ଭାରତୀୟ ଭାଷା ମାନଙ୍କ ମଧ୍ୟରେ, ସଂସ୍କୃତ, ହିନ୍ଦି, ତେଲୁଗୁ, ତାମିଲ, କନ୍ନଡ଼ ଓ ମାଲାୟଲମ ଭାଷାରେ ସାମବେଦର ଅନୁବାଦ ଉପଲବ୍ଧ ଅଛି ।

**।। ଇତି ସାମବେଦ ।।**

# ଅଥର୍ବବେଦ

Not for Commercial Use

ଇତିହାସକାରମାନଙ୍କ ଅନୁସାରେ ବେଦର ବିଭାଜନ 'ତ୍ରେତୟା ଯୁଗ'ର ଆରମ୍ଭରୁ ଚେଷ୍ଟା କରାଯାଇଥିଲା । ମୁନିଋଷିମାନଙ୍କୁ ପ୍ରକଟିତ ହୋଇଥିବା "ବେଦତ୍ରୟୀ ମନ୍ତ୍ର" ସମୁହ ଅନେକ ଥିଲା, ସେଥିପାଇଁ ତାହାର ବିଷୟବସ୍ତୁ ଓ ମହତ୍ୱ ଅନୁସାରେ ବିଭାଜନ କରିବାପାଇ ୪ଜଣ "ଋତ୍ୱିକ"ଙ୍କୁ ଦାୟୀତ୍ୱ ଦିଆଗଲା । ସେମାନେ ହେଲେ - '**ହୋତା**', '**ଅଧ୍ୱର୍ଯ୍ୟୁ**', '**ଉଦ୍ଗାତା**' ଓ '**ବ୍ରହ୍ମା**'। ଏଥିପାଇଁ 'ହୋତା'ଙ୍କୁ ଋକ୍ ମନ୍ତ୍ର, 'ଅଧ୍ୱର୍ଯ୍ୟୁ'ଙ୍କୁ ଯଜୁସ୍ ମନ୍ତ୍ର, 'ଉଦ୍ଗାତା'ଙ୍କୁ ସାମନ୍ତ୍ର ଋକ୍ ମନ୍ତ୍ର ଉଚ୍ଚାରଣର ଦାୟୀତ୍ୱ ଦିଆଗଲା, କିନ୍ତୁ ଚତୁର୍ଥ ଋତ୍ୱିକ୍ '**ବ୍ରହ୍ମା**' ସିଧା ସଳଖ ଭାବରେ କୌଣସି 'ବେଦତ୍ରୟୀ' ମନ୍ତ୍ର ସହିତ ସଂଶ୍ଳିଷ୍ଟ ନଥିଲେ, ତାଙ୍କୁ ସେହି ୩ଜଣ ଋତ୍ୱିକ୍ ମାନଙ୍କର ପର୍ଯ୍ୟବେକ୍ଷଣ କରିବାର ଦୟୀତ୍ୱ ଦିଆଗଲା ।

ଏହି ପ୍ରକ୍ରିୟା ଚାଲୁଥିବା ବେଳେ, ସେମାନେ କିଛି ସ୍ୱତନ୍ତ୍ର ମନ୍ତ୍ର '**ଅଥର୍ବଣ**' ଋଷି ଓ '**ଅଙ୍ଗିରସ**' ଋଷିଙ୍କ ଠାରୁ ପାଇଲେ । ସେ ମନ୍ତ୍ରସମୁହ ଶାନ୍ତି ଓ ଅଖଣ୍ଡତା ରଖିବା, ଦୁଷ୍ଟାତ୍ମା ମାନଙ୍କର ଦୁଷ୍ଟ ଶକ୍ତିର ନିବାରଣ, ସାମାଜିକ ରିତି, ଭେଷଜ ବିଦ୍ୟା, ଓ ଶତ୍ରୁ ଜୟ ଇତ୍ୟାଦି ବିଷୟରେ ଆଧାରିତ ଥିଲା । ସେସବୁ ମନ୍ତ୍ରସମୁହଙ୍କୁ ନେଇ "ଅଥର୍ବବେଦ"ର ଭିତ୍ତିଭୂମି ସ୍ଥାପନ ଆରମ୍ଭ କରାଯାଇଥିଲା ବୋଲି କୁହାଯାଏ । ଋତ୍ୱିକ୍ "**ବ୍ରହ୍ମା**" ଏହିସବୁ ମନ୍ତ୍ରସମୁହର ପର୍ଯ୍ୟବେକ୍ଷଣ କରିବାର ଦାୟୀତ୍ୱ ନେଲେ ଓ ଏହାର ପ୍ରସାର କରିବାରେ ଯୋଗଦାନ ଦେଲେ ।

ଦ୍ୱାପରଯୁଗରେ "ବେଦବ୍ୟାସ" ବେଦ ବିଭାଜନକୁ ସଂପୂର୍ଣ୍ଣ କରିଥିଲେ । ସେ, ଏହି ବିଭାଜନ ପାଇଁ ମୁଖ୍ୟତଃ ୨ଟି ପଦ୍ଧତିର ସାହାର୍ଯ୍ୟ ନେଇଥିଲେ, ଯଥା, **ସାହିତ୍ୟିକ** ଓ **ଶ୍ରୌତଯଜ୍ଞକର୍ମ** । ତେଣୁ ମନ୍ତ୍ରସମୁହର ଲକ୍ଷଣ ଅନୁସାରେ, ସାହିତ୍ୟିକ (ପଦ୍ୟ, ଗଦ୍ୟ ଓ ସଂଗୀତ) ଓ ଶ୍ରୌତଯଜ୍ଞକର୍ମ (ମୁଖ୍ୟତଃ ବିଷୟବସ୍ତୁ) ପଦ୍ଧତିରେ ବିଭାଜନ କରିଥିଲେ । ପଦ୍ୟରେ 'ଋକ୍-ବେଦ'କୁ, ଗଦ୍ୟରେ 'ଯଜୁର୍ବେଦ'କୁ, ସଂଗୀତରେ 'ସାମବେଦ'କୁ ବିଭକ୍ତ କରିଥିଲେ । ଏହାପରେ ଅବଶିଷ୍ଟ ମନ୍ତ୍ରମାନଙ୍କୁ କେବଳ ବିଷୟବସ୍ତୁକୁ ପ୍ରାଧାନ୍ୟ ଦେଇ ଗୋଟିଏ ଭାଗ କରିଥିଲେ, ଯାହା "**ଅଥର୍ବବେଦ**" ନାମରେ ପରିଚିତ ହେଲା । ସେଇଥିପାଇଁ

Not for Commercial Use

କେବଳ "ଅଥର୍ବବେଦ"ରେ ମନ୍ତ୍ରସମୁହର ୩ ପ୍ରକାରର ଲକ୍ଷଣ, ଅର୍ଥାତ **ପଦ୍ୟ**, **ଗଦ୍ୟ**, ଓ **ସଂଗୀତ** ମିଳିଥାଏ ।

ଏହା କୁହାଯାଏ ଯେ, ଏହି ମନ୍ତ୍ରସମୁହ ମଧ୍ୟରେ ମହର୍ଷି "**ଅଥର୍ବଣ**"ଙ୍କର ଅଧିକାଂଶ ମନ୍ତ୍ର (୨୬୧୬) ଥିବାରୁ, ଏହାର ନାମ "ଅଥର୍ବବେଦ" ରଖାଯାଇଥିଲା । "ଅଥର୍ବବେଦ" ମଧ୍ୟ ଅନ୍ୟ ନାମ-ମାନଙ୍କରେ ପରିଚିତ, ଯଥା, - **ଅଥର୍ବବେଦ**, **ଅଥର୍ବାଙ୍ଗିରୋବେଦ**, **ବ୍ରହ୍ମବେଦ**, **ଭିଷଗ୍-ବେଦ**, ଓ **କ୍ଷାତ୍ରବେଦ** ।

**ଅଥର୍ବବେଦ** – ପାଣିନିଙ୍କ ଧାତୁପାଠରେ "ଥର୍ବ"ର ଅର୍ଥ ହିଂସା ବା ହିଂସା ସଂବନ୍ଧୀୟ କର୍ମ । ତେଣୁ ଏହାର ପ୍ରତିକୂଳ ଅର୍ଥରେ ଏହା "ଅଥର୍ବ", ଅର୍ଥାତ ଅହିଂସା ବା ଶାନ୍ତି ଓ ପୌଷ୍ଟିକ କର୍ମ ଅଟେ । "ଅଥର୍ବବେଦ"ର ବିଷୟବସ୍ତୁ ଏହାକୁ ପ୍ରମାଣ କରିଥାଏ, ସେହିଥିପାଇଁ ଏହି ବେଦର ନାମ "ଅଥର୍ବବେଦ" ଅଟେ ।

**ଅଥର୍ବାଙ୍ଗିରୋବେଦ** – "ଅଥର୍ବବେଦ"ରେ ଅଧିକାଂଶ ମନ୍ତ୍ର ମହର୍ଷି "ଅଥର୍ବଣ" ଓ "ଅଙ୍ଗିରସ"ଙ୍କର ଥିବାରୁ, ଏହାକୁ "ଅଥର୍ବାଙ୍ଗିରୋବେଦ" କୁହାଯାଏ । ଏହାର ଉଲ୍ଲେଖ୍ୟ "ଅଥର୍ବବେଦ", "ମହାଭାରତ", "ମନୁସ୍ମୃତି", "ଯଜ୍ଞବଲ୍କ୍ୟସ୍ମୃତି" ଓ "ଔଶନସସ୍ମୃତି" ଇତ୍ୟାଦି ଗ୍ରନ୍ଥ ମାନଙ୍କରେ ରହିଅଛି ।

**ବ୍ରହ୍ମବେଦ** – "ବ୍ରହ୍ମା" ନାମକ 'ଋତ୍ୱିକ' (ଉପରେ ଆଲୋଚିତ) ଏହାର 'ଶ୍ରୌତଯଜ୍ଞକର୍ମ' ପ୍ରତିପାଦନ କରିଥିଲେ ବୋଲି ଏହାକୁ "ବ୍ରହ୍ମବେଦ" କୁହାଯାଏ । ଆଉଏକ କାରଣ, ଏଥିରେ ଅଧିକାଂଶ ମନ୍ତ୍ର "ଆଧ୍ୟାତ୍ମକ ଚିନ୍ତନ" ବିଷୟରେ ଥିବାରୁ, ଏହା "ବ୍ରହ୍ମବେଦ" ନାମରେ ଜଣା ।

**ଭିଷଗ୍-ବେଦ** – "ଅଥର୍ବବେଦ"ରେ ଅନେକ ରୋଗ ଓ ତାହାର ଔଷଧ ବିଷୟରେ ଉଲ୍ଲେଖ୍ୟ ରହିଅଛି, ସେଥିପାଇଁ ଏହା "ଭିଷଗ୍-ବେଦ" ନାମରେ ମଧ୍ୟ ଜଣା ।

Not for Commercial Use

**କ୍ଷାତ୍ରବେଦ** – "ଅଥର୍ବବେଦ"ରେ ସ୍ୱରାଜ୍ୟ ରକ୍ଷା ପାଇଁ ରାଜକର୍ମ ସଂବନ୍ଧୀତ ଅନେକ ସୂକ୍ତ ସମୂହ ରହିଅଛି, ତଥା ଏଥିରୁ ରାଜନୈତିକ ଜ୍ଞାନ ମଧ୍ୟ ମିଳିଥାଏ, ସେଇଥିପାଇଁ ଏହା "କ୍ଷାତ୍ରବେଦ" ନାମରେ ମଧ୍ୟ ଜଣା ।

## ଅଥର୍ବବେଦ ବିଷୟବସ୍ତୁ

"ଅଥର୍ବବେଦ"କୁ ସାମାଜିକରୀତି କାଣ୍ଡ କୁହାଯାଏ, ତେଣୁ ଏଥିରେ ବ୍ୟକ୍ତିଗତ ଓ ସାମାଜିକ ଶାନ୍ତି ତଥା ରକ୍ଷା ଉଦ୍ଦେଶ୍ୟରେ ଅନେକ ମନ୍ତ୍ର ଓ କର୍ମ ରହିଅଛି । ତେଣୁ ଏହାର ବିଷୟବସ୍ତୁଗୁଡିକ ହେଲେ, **ବ୍ରହ୍ମ ତଥା ଦାର୍ଶନୀକ ସିଦ୍ଧାନ୍ତ**, **ଭୈଷଜ୍ୟ କର୍ମ**, **ଶାନ୍ତି ତଥା ପୌଷ୍ଟିକ କର୍ମ**, **ରାଜକର୍ମ**, **ସାଂମନସ୍ୟକର୍ମ**, **ପ୍ରାୟଶ୍ଚିତ୍ତ**, **ଆୟୁଷ୍ୟକର୍ମ**, ଓ **ଅଭିଚାର କର୍ମ** ଇତ୍ୟାଦି ।

### ବ୍ରହ୍ମ ଓ ଦାର୍ଶନୀକ ସିଦ୍ଧାନ୍ତ

"ଅଥର୍ବବେଦ"ରେ ବିଶେଷରୂପରେ 'ବ୍ରହ୍ମ'ର ବର୍ଣ୍ଣନ କରାଯାଇଛି । ଏହି ବେଦରେ ବ୍ରହ୍ମର ବର୍ଣ୍ଣନ ଯେତେ ବିସ୍ତାର ଓ ସୂକ୍ଷ୍ମତାର ସହିତ କରାଯାଇଛି, ତାହା ଅନ୍ୟ କୌଣସି ବେଦରେ ଦେଖିବାକୁ ମିଳେ ନାହିଁ । ଏହା କହିଲେ ଅତ୍ୟୁକ୍ତି ହେବନାହିଁ ଯେ, 'ଉପନିଷଦ'ରେ ଯେଉଁ ବ୍ରହ୍ମବିଦ୍ୟାର ବିକଷିତ ରୂପ ଦେଖିବାକୁ ମିଳେ, ତାହାର ମୂଳ ଏହି "ଅଥର୍ବବେଦ" । ଏହି ବେଦରେ ବିଭିନ୍ନ ଦୃଷ୍ଟିକୋଣରୁ ବ୍ରହ୍ମତ୍ତ୍ୱର ବିବେଚନା କାରାଯାଇଛି, ଯଥା, ବ୍ରହ୍ମ କ'ଣ ?, ତାହାର ସ୍ୱରୂପ କ'ଣ ?, ତାହାକୁ ପ୍ରାପ୍ତ କରିବାର ସାଧନ କ'ଣ ?, ସିଏ ଗୋଟିଏ କିମ୍ବା ଅନେକ ?, ତାଙ୍କର ଅନ୍ୟ ଦେବତାମାନଙ୍କ ସହିତ ସଂବନ୍ଧ କ'ଣ ?, ଇତ୍ୟାଦି ବିଷୟ ସହିତ ଜୀବାତ୍ମା ଓ ପ୍ରକୃତିର ମଧ୍ୟ ବିବେଚନା କରାଯାଇଛି । ଏଥିରେ ବିରାଟ, ବ୍ରହ୍ମ, ସ୍କମ୍ଭ, ରୋହିତ, ବ୍ରାତ୍ୟ, ଉଚ୍ଛିଷ୍ଟ, ପ୍ରାଣ, ସ୍ୱର୍ଗୌଦନ, ଆଦି ବ୍ରହ୍ମର ବିଭିନ୍ନ ସ୍ୱରୂପମାନଙ୍କର ବିସ୍ତୃତ ବର୍ଣ୍ଣନ ମିଳିଥାଏ ।

Not for Commercial Use

ଏଥିରେ ସଂସାର 'ଜଳ'ରୁ ସୃଷ୍ଟି ବୋଲି କୁହାଯାଇଛି । ପ୍ରାରମ୍ଭରେ ଇଶ୍ବର ଜଳରେ ମଞ୍ଜି ପକାଇଲେ, ସେଥିରୁ 'ହିରଣ୍ୟଗର୍ଭ'ର ଉତ୍ପତ୍ତି ହେଲା, ଓ ସେଥିରୁ ସୃଷ୍ଟିର ପ୍ରାରମ୍ଭ ହେଲା । (ଅ.ବେ - ୪.୨.୬.୮)

## ଭୈଷଜ୍ୟକର୍ମ

"ଅଥର୍ବବେଦ"ରେ ବିଭିନ୍ନ ରୋଗର ଉପଚାର ପାଇଁ ପ୍ରୟୋଗ କରାଯାଉଥିବା ସୂକ୍ତ ସମୂହ ରହିଅଛି । ସେଥିରେ ଥିବା ମନ୍ତ୍ର ସମୂହ ଦ୍ବାରା ଦେବତାମାନଙ୍କର ଆବାହନ ଓ ପ୍ରାର୍ଥନା କରାଯାଏ । ଏହି ସୂକ୍ତରେ, ବିଭିନ୍ନ ପ୍ରକାର ରୋଗର ନାମ ଓ ତାହାର ନିରାକରଣ ପାଇଁ ବିଭିନ୍ନ ପ୍ରକାର ଔଷଧର ନାମ ମିଳିଥାଏ । ଜଳଚିକିତ୍ସା, ସୂର୍ଯ୍ୟକିରଣ ଚିକିତ୍ସା, ଓ ମାନସିକ ଚିକିତ୍ସା ଇତ୍ୟାଦି ବିଷୟର ବିସ୍ତୃତ ବର୍ଣ୍ଣନ, ଏହି ବେଦରେ ମିଳିଥାଏ ।

## ଶାନ୍ତି ଓ ପୌଷ୍ଟିକ କର୍ମ

ବିଭିନ୍ନ ପ୍ରକାରର କ୍ଷତି, ଆପତ୍ତି ବା ଅବାଞ୍ଛିତ କାର୍ଯ୍ୟକଳାପରୁ ମୁକ୍ତିପାଇବା ପାଇଁ କରାଯାଉଥିବା କର୍ମଗୁଡିକୁ ଶାନ୍ତିକ-କର୍ମ କୁହନ୍ତି । ଦୁଃସ୍ବପ୍ନ-ନାସନ, ଦୁଃଶକୁନ-ନିବାରଣ (ମଙ୍ଗଳ) ଇତ୍ୟାଦି ପାଇଁ କରାଯାଉଥିବା ଦେବପ୍ରାର୍ଥନା ଆଦି ସୂକ୍ତ ସମୂହ ଏହି ବେଦର ଅନ୍ତର୍ଗତ ଅଟେ । ଐଶ୍ବର୍ଯ୍ୟ-ପ୍ରାପ୍ତି, ଓ ବିପନ୍ନିବୃତ୍ତି (ବିପଦର ଶାନ୍ତି) ପାଇଁ ପ୍ରୟୋଗ କରାଯାଉଥିବା ସୂକ୍ତ, ପୌଷ୍ଟିକ କର୍ମର ଅନ୍ତର୍ଗତ ଅଟନ୍ତି, ଯେପରିକି ପୁଷ୍ଟିବର୍ଦ୍ଧକ, ମଣିବନ୍ଧନ, ଓ ଦେବ-ପ୍ରାର୍ଥନା ଇତ୍ୟାଦି ।

## ରାଜକର୍ମ (ରାଜନୀତି)

"ଅଥର୍ବବେଦ"ରେ ରାଜନୈତିକ ବିଷୟର ବିସ୍ତାର ଭାବରେ ଉଲ୍ଲେଖ୍ୟ ରହିଅଛି । ରାଜା କିଭଳି ହେବା ଦରକାର ?, ରାଜା ଓ ପ୍ରଜାଙ୍କର କର୍ତ୍ତବ୍ୟ, ଶାସନର ପ୍ରକାର, ରାଜାଙ୍କର ନିର୍ବାଚନ ଓ ରାଜାଭିଷେକ, ରାଜାଙ୍କର ଅଧିକାର ଓ କର୍ତ୍ତବ୍ୟ, ସଭା ଓ ସମିତି ତଥା ତା'ର ସ୍ବରୂପ, ନ୍ୟାୟ ଓ ଦଣ୍ଡବିଧାନ, ସେନା ଓ ସେନାପତି, ସୈନିକର ପ୍ରକାର ଓ ତାଙ୍କର କାର୍ଯ୍ୟ, ସୈନିକର ଶିକ୍ଷା, ଅସ୍ତ୍ରଶସ୍ତ୍ର, ଯୁଦ୍ଧର ସ୍ବରୂପ, ଶତ୍ରୁ-ନାଶନ, ଓ ବିଜୟ ପ୍ରାପ୍ତ କରିବାର ସାଧନ ଇତ୍ୟାଦି ବିଭିନ୍ନ ବିଷୟ, ଏହାର ଅନ୍ତର୍ଗତ ଅଟେ ।

Not for Commercial Use

## ସାଂମନସ୍ୟକର୍ମ

"ଅଥର୍ବବେଦ"ରେ ରାଷ୍ଟ୍ରୀୟ, ସାମାଜିକ, ପାରିବାରିକ, ରାଜନୀତିକ, ତଥା ଧାର୍ମିକ ସାମଞ୍ଜସ୍ୟ ରକ୍ଷା ପାଇଁ ବିଶେଷ ମହତ୍ୱ ଦିଆଯାଇଛି, ଓ ପରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟ ସ୍ଥାପନ କରିବା ପାଇଁ ବିଭିନ୍ନ ସୂକ୍ତ ସ୍ମରଣ କରିବାର ବିଧାନ ରହିଅଛି ।

## ପ୍ରାୟଶ୍ଚିତ୍ତ (ଆତ୍ମାଲୋଚନା)

ଜ୍ଞାତ-ଅଜ୍ଞାତ ଅବସ୍ଥାରେ ହୋଇଥିବା ବିଭିନ୍ନ ତ୍ରୁଟିପୂର୍ଣ୍ଣ-କର୍ମ କାରାଣରୁ ଉତ୍ପନ୍ନ ହେଉଥିବା ସଂଭାବିତ ଅନିଷ୍ଟକୁ ଦୂରକରିବା ପାଇଁ କ୍ଷମା-ଅର୍ଚ୍ଚନା, ଦେବ-ପ୍ରାର୍ଥନା, ପ୍ରାୟଶ୍ଚିତ୍ତ-ହୋମ, ଚାରିତ୍ରିକ ବଦନାମର ପ୍ରାୟଶ୍ଚିତ୍ତ, ଓ ଅଶୁଭ ନକ୍ଷତ୍ରରେ ଜନ୍ମ ହୋଇଥିବା ପିଲାଙ୍କର ପ୍ରାୟଶ୍ଚିତ୍ତ, ଇତ୍ୟାଦି ବିଭିନ୍ନ ପ୍ରାୟଶ୍ଚିତ୍ତ ଗୁଡିକର ଉଲ୍ଲେଖ୍ୟ "ଅଥର୍ବବେଦ"ରେ ମିଳିଥାଏ ।

## ଆୟୁଷ୍ୟକର୍ମ

ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ ପାଇଁ, ଦେବତାଙ୍କ ଉପରେ ବିଶ୍ୱାସରଖି ବିଭିନ୍ନ ସୂକ୍ତ ଦ୍ୱାରା ଦୀର୍ଘାୟୁଷ ପ୍ରାପ୍ତି ପାଇଁ ପ୍ରାର୍ଥନା କରାଯାଇଥାଏ । ଏହା ଅତିରିକ୍ତ, ଦୀର୍ଘାୟୁ ପ୍ରାପ୍ତି ପାଇଁ ହସ୍ତ ତଥା ଗଳାରେ ରକ୍ଷାସୂତ୍ର ଓ ମଣି ବାନ୍ଧିବାର ବିଧାନ "ଅଥର୍ବବେଦ"ରେ ମିଳିଥାଏ ।

## ଅଭିଚାର କର୍ମ

ଦୈତ୍ୟ-ରାକ୍ଷସ ଓ ଶତ୍ରୁ ଇତ୍ୟାଦିଙ୍କ ଉଦ୍ଦେଶ୍ୟରେ କରାଯାଉଥିବା ବିଭିନ୍ନ ପ୍ରୟୋଗ ଓ ବିଧିଗୁଡିକ ଏହାର ଅନ୍ତର୍ଗତ ଅଟେ । ମାରଣ, ମୋହନ, ଉଚ୍ଚାଟନ, ବଶୀକରଣ, ଇତ୍ୟାଦିକୁ ଅଭିଚାର କୁହାଯାଏ । "ଅଥର୍ବଦେବ"ରେ ଅଭିଚାରିକ ମନ୍ତ୍ର ବହୁତ କମ ମିଳିଥାଏ ।

"ଅଥର୍ବବେଦ"ର ବିଷୟ ବିବେଚନାରୁ, ଏହା ଜଣାପଡିଥାଏ ଯେ, ଏଥିରେ ଧର୍ମ, ଅର୍ଥ, କାମ ଓ ମୋକ୍ଷ ରୂପରେ "**ପୁରୁଷାର୍ଥଚତୁଷ୍ଟୟ**"ର ସମସ୍ତ ଅଙ୍ଗର ବର୍ଣ୍ଣନ ରହିଅଛି । ଶାସ୍ତ୍ରୀୟ ଦୃଷ୍ଟିରୁ, ଧର୍ମଦର୍ଶନ, ଆଧ୍ୟାତ୍ମ, ଓ ତତ୍ତ୍ୱମିମାଂସାର ସଂବନ୍ଧୀତ ସମସ୍ତ ତତ୍ତ୍ୱ ଏଥିରେ ବିଦ୍ୟମାନ

Not for Commercial Use

ରହିଅଛି । ସମାଜଶାସ୍ତ୍ରୀୟ ଦୃଷ୍ଟିରୁ, ରାଜନୀତି, ଅର୍ଥଶାସ୍ତ୍ର, ଧର୍ମଶାସ୍ତ୍ର, ଓ ଜ୍ଞାନ-ବିଜ୍ଞାନର ଏହା ଏକ ଭଣ୍ଡାର । ସାହିତ୍ୟିକ ଦୃଷ୍ଟିରୁ, ରସ, ଅଳଂକାର, ଛନ୍ଦ, ଭାବ ଓ ଭଷାର ସୌନ୍ଦର୍ଯ୍ୟ ଏଥିରେ ବିଦ୍ୟମାନ ରହିଅଛି । ବ୍ୟବହାର ଉପଯୋଗିତା ଦୃଷ୍ଟିରୁ, ଭାବାତ୍ମକ ପ୍ରେରଣା, ମନନ-ଚିନ୍ତନ, କର୍ତ୍ତବ୍ୟ ଉପଦେଶ, ଆଚାରଶିକ୍ଷା, ଓ ନୀତିଶିକ୍ଷା, ଏଥିରେ ଭରିରହିଛି । ସାଂସ୍କୃତିକ ଦୃଷ୍ଟିରୁ, ଏଥିରେ ଉଚ୍ଚ, ମଧ୍ୟମ ଓ ନିମ୍ନ - ଏହି ତିନୋଟି ସ୍ତରର ସ୍ୱରୂପ ପରିଲକ୍ଷିତ ହୁଏ । ଅତଃ, ବିଷୟର ବିବିଧତା, ସ୍ଥୂଳରୁ ସୂକ୍ଷ୍ମତମ ତତ୍ତ୍ୱର ପ୍ରତିପାଦନ, ଓ ଶାସ୍ତ୍ରୀୟତା ସହିତ ବ୍ୟବହାରିକତାର ସମିଶ୍ରଣ "ଅଥର୍ବବେଦ"ର **ମୁଖ୍ୟ ବିଶେଷତା** ଅଟେ ।

## ଅଥର୍ବବେଦ ଶାଖା

ପତଞ୍ଜଳି ମହାଭାଷ୍ୟ ଓ ପୁରାଣ ଅନୁସାରେ "ଅଥର୍ବବେଦ"ର ୯ଟି ଶାଖା ଥିଲା । ସେମାନେ ହେଲେ, (୧) - ପୈପ୍ପଲାଦ, (୨) - ତୌଦ, (୩) - ମୌଦ, (୪) - ଶୌନକ, (୫) - ଜାଜଲ, (୬) - ଜଲଦ, (୭) - ବ୍ରହ୍ମବଦ, (୮) - ଦେବଦର୍ଶ, ଓ (୯) - ଚାରଣବୈଦ୍ୟ । ଏମାନଙ୍କ ମଧ୍ୟରୁ କେବଳ ୨ଟି ଶଖାର ଉଦ୍ଧାର ହୋଇପାରିଛି, ଯଥା **ଶୌନକ** ଓ **ପୈପ୍ପଲାଦ** । ଅନ୍ୟ ଶାଖା ଗୁଡିକ ବିଲୁପ୍ତ ହୋଇଯାଇଛି ।

### ୧ - ଶୌନକ ଶାଖା ସଂହିତା

"ଶୌନକ ଶାଖା" ସଂପୂର୍ଣ୍ଣ ଭାବରେ ଉଦ୍ଧାର ହୋଇପାରିଛି । ଏହା ପ୍ରସିଦ୍ଧ ଓ ଅଦ୍ୟାବଧି ପ୍ରଚଳିତ। ଏଥିରେ ସମୁଦାୟ ୨୦ଟି କାଣ୍ଡ, ୩୬ଟି ପ୍ରପାଠକ, ୭୩୦ଟି ସୂକ୍ତ ଓ ୫୯୮୭ ମନ୍ତ୍ର ରହିଅଛି । ଏମାନଙ୍କ ମଧ୍ୟରୁ, ୧ମ ରୁ ୭ମ କାଣ୍ଡରେ ଛୋଟ ଛୋଟ ମନ୍ତ୍ର ବିଶିଷ୍ଟ ସୂକ୍ତ ସମୁହ ରହିଅଛି । ୮ମ ରୁ ୧୨ଶ କାଣ୍ଡରେ ବଡ଼ ଓ ବିବିଧ ବିଷୟର ସୂକ୍ତ ରହିଅଛି । ୧୩ଶ ରୁ ୨୦ଶ କାଣ୍ଡରେ ଏକରୂପ ବିଷୟ ଓ ବଡ଼ ସୂକ୍ତ ସମୁହ ରହିଅଛି ।

ତଳେ କାଣ୍ଡ ଅନୁସାରେ ସୂକ୍ତ ଓ ବିଷୟର ବିବରଣ, ଟେବୁଲରେ ଦିଆଯାଇଛି ।

Not for Commercial Use

| କାଣ୍ଡ | ସୂକ୍ତ | ବିଷୟ | ମନ୍ତବ୍ୟ |
|---|---|---|---|
| ୧-୭ | ୪୩୩ | ବିଭିନ୍ନ | କ୍ଷୁଦ୍ରସୂକ୍ତ |
| ୮-୧୧ | ୩୦ | ବିଭିନ୍ନ | ବଡ଼ସୂକ୍ତ |
| ୧୨ | ୧୨ | ପୃଥିବୀ ସୂକ୍ତ, ରାଜନୈତିକ, ଭୌଗଳିକ | ବଡ଼ସୂକ୍ତ |
| ୧୩ ୧୫ | ୨୪ | ଆଧ୍ୟାତ୍ମିକ | ବଡ଼ସୂକ୍ତ |
| ୧୪ | ୨ | ବିବାହ | ବଡ଼ସୂକ୍ତ |
| ୧୬ | ୯ | ଦୁଃସ୍ୱପ୍ନ-ନାଶନ | ବଡ଼ସୂକ୍ତ |
| ୧୭ | ୧ | ଅଭ୍ୟୁଦୟ ପ୍ରାର୍ଥନା | ବଡ଼ସୂକ୍ତ |
| ୧୮ | ୪ | ପିତୃମେଧ | ବଡ଼ସୂକ୍ତ |
| ୧୯ | ୭୨ | ଭେଷଜ୍ୟ, ରାଷ୍ଟ୍ରବୃଦ୍ଧି, ଆଧ୍ୟାତ୍ମିକ | ବଡ଼ସୂକ୍ତ |
| ୨୦ | ୧୪୩ | ସୋମଯଜ୍ଞ, ଇନ୍ଦ୍ର ବୈଷୟିକ | ବଡ଼ସୂକ୍ତ |

୨ - **ପୈପ୍ପଲାଦ ଶାଖା ସଂହିତା**

ଯଦିଓ "ପୈପ୍ପଲାଦ ଶାଖା"ର ପାଣ୍ଡୁଲିପି ଉଦ୍ଧାର ହୋଇପାରିଛି (ସୁରକ୍ଷିତ ତାଳପତ୍ର ପାଣ୍ଡୁଲିପି, **ଓଡ଼ିଶା**ରୁ ମିଳିଛି), କିନ୍ତୁ ଏହାର ସଂପୂର୍ଣ୍ଣ ରଚନା ଲୋକ-ଲୋଚନକୁ ଆସିପାରିନାହିଁ । ତେଣୁ ଏହାର ଆଂଶିକ ବା କିଛି କାଣ୍ଡ ଉପଲବ୍ଧ ଅଛି, ଏହା ଉପରେ ଅନେକ ବିଦ୍ୱାନ କାର୍ଯ୍ୟ କରୁଛନ୍ତି, ଆଶା କରାଯାଏ, ଏହାର ସଂପୂର୍ଣ୍ଣ ରଚନା ଲୋକ-ଲୋଚନକୁ ନିକଟ ଭବିଷତରେ ଆସିବ । "ଶୌନକ ଶାଖା" ଓ "ପୈପ୍ପଲାଦ ଶାଖା"ର ବିଷୟବସ୍ତୁ ସମାନ । ଦୁଇଟି ଭିତରେ ପାର୍ଥକ୍ୟ କହିଲେ, ବିଷୟ, ମନ୍ତ୍ର, ଓ କାଣ୍ଡର କ୍ରମ ପ୍ରବନ୍ଧନ, ଆଉ ଏହା ମଧ୍ୟ କୁହାଯାଏ ଯେ, "ପୈପ୍ପଲାଦ ଶାଖା"ର ବୈଷୟିକ ବର୍ଣ୍ଣନ, "ଶୌନକ ଶାଖା" ଠାରୁ ତୁଳନାତ୍ମକ ବିସ୍ତୃତ ଓ ନିପୁଣ, ତଥା ବୟସରେ ପୁରୁଣା ।

## ଅଥର୍ବବେଦ ବ୍ରାହ୍ମଣ, ଆରଣ୍ୟକ, ଉପନିଷଦ, କଳ୍ପସୂତ୍ର ଓ ଅନ୍ୟ ଗ୍ରନ୍ଥ

ଉଭୟ ଅଥର୍ବବେଦୀୟ ଶାଖାମାନଙ୍କର ଗୋଟିଏ ମାତ୍ର ବ୍ରାହ୍ମଣ ଅଛି, ଯାହା "**ଗୋପଥ ବ୍ରାହ୍ମଣ**" ନାମରେ ପରିଚିତ । ଏଥିରେ ୨ଟି ଭାଗ ଅଛି, ଯଥା, ପୂର୍ବଭାଗ ଓ ଉତ୍ତରଭାଗ । ଏହାର ପୂର୍ବଭାଗରେ ୫ଟି ପ୍ରପାଠକ ଓ ସେଥିରେ ୧୩୫ କଣ୍ଡିକା ସମୁହ ରହିଅଛି, ସେହିପରି

Not for Commercial Use

ଏହାର ଉତ୍ତରଭାଗରେ ୬ଟି ପ୍ରପାଠକ ଓ ସେଥିରେ ୧୨୩ଟି କଣ୍ଡିକା ରହିଅଛି । ଏହି "ଗୋପଥ ବ୍ରାହ୍ମଣ" ମୁଖ୍ୟ ବିଷୟ "**ଶ୍ରୌତଯଜ୍ଞ**" ଅଟେ, ତଥା ଏଥିରେ ପ୍ରତିପାଦିତ ନିର୍ବଚନ ପ୍ରକ୍ରିୟା ଅତ୍ୟନ୍ତ ରୋଚକ ବିଷୟ ଅଟେ ।

"ଅଥର୍ବବେଦ"ର ସ୍ୱତନ୍ତ୍ର ଆରଣ୍ୟକ ନାହିଁ, କିନ୍ତୁ ଏହାର ବ୍ରାହ୍ମଣର ଶେଷଭାଗରେ ଆରଣ୍ୟକର ରଚନା ରହିଅଛି ।

"ଅଥର୍ବବେଦ"ର ୩୨ଟି ଉପନିଷଦ ଅଛି । ସେମାନଙ୍କ ମଧ୍ୟରୁ "ପୈପ୍ପଲାଦ ଶାଖା"ର "ପ୍ରଶ୍ନ ଉପନିଷଦ" ତଥା "ଶୌନକ ଶାଖା"ର "ମଣ୍ଡୁକ ଉପନିଷଦ" ଓ "ମାଣ୍ଡୁକ୍ୟ ଉପନିଷଦ" ମୁଖ୍ୟ ଉପନିଷଦରେ ଗଣାଯାଆନ୍ତି । ଏହାର ଅଧିକାଂଶ ଉପନିଷଦ ଆଧ୍ୟାତ୍ମିକ ବିଷୟ ଉପରେ ଆଧାରିତ ।

"ଅଥର୍ବବେଦ"ର କଳ୍ପସୂତ୍ରମାନଙ୍କ ମଧ୍ୟରେ ଗୋଟିଏ ଶୌତସୂତ୍ର ଗ୍ରନ୍ଥ ଓ ଗୋଟିଏ ଗୃହ୍ୟସୂତ୍ର ଗ୍ରନ୍ଥ ଅଛି । ଶୌତସୂତ୍ର ଗ୍ରନ୍ଥ, "**ବୈତାନା ଶୌତସୂତ୍ର**" ନାମରେ ପ୍ରସିଦ୍ଧ, ସେଥିରେ ୮ଟି ଅଧ୍ୟାୟ ଅଛି ଓ ଏହାର ବିଷୟବସ୍ତୁ ମୁଖ୍ୟତଃ ଶୌତକର୍ମ ବିନିଯୋଗ ଅଟେ । ସେହିପରି ଏହାର "କୌଶିକ ଗୃହ୍ୟସୂତ୍ର", ୧୪ଟି ଅଧ୍ୟାୟ, ତଥା ୧୪୧ଟି କଣ୍ଡିକାରେ ବିଭକ୍ତ, ଓ ଏହା ଅଥର୍ବଣ ସାହିତ୍ୟର ଏକ ମହତ୍ୱପୂର୍ଣ୍ଣ ଗ୍ରନ୍ଥ ଅଟେ ।

ସେହିପରି ଶିକ୍ଷା-ଗ୍ରନ୍ଥ ମାନଙ୍କ ମଧ୍ୟରେ, "ଅଥର୍ବବେଦ"ର ୨ଟି ପ୍ରାତିଶାଖ୍ୟ ଗ୍ରନ୍ଥ, ଯଥା "ଅଥର୍ବ ପ୍ରାତିଶାଖ୍ୟ" ଓ "ଶୌନକୀୟ ପ୍ରାତିଶାଖ୍ୟ" ଅଛି । ଏଥିରୁ "ଅଥର୍ବବେଦ"ର ପଦପାଠର ସ୍ୱରୂପ ଓ ଲକ୍ଷଣ ବିଷୟରେ ଜ୍ଞାନ ପ୍ରାପ୍ତ ହୋଇଥାଏ । ସେହିପରି, ଏହାର ଶିକ୍ଷା-ଗ୍ରନ୍ଥ ୩ଟି ଅଛି, ଯଥା, ମାଣ୍ଡୁକୀ ଶିକ୍ଷା, ବର୍ଣ୍ଣପଟଳ ଶିକ୍ଷା, ଓ ଦନ୍ତୋଷ୍ଠବିଧୀ ଶିକ୍ଷା । ଏମାନଙ୍କ ମଧ୍ୟରୁ "ମାଣ୍ଡୁକୀ ଶିକ୍ଷା" ୧୭୧ ଶ୍ଳୋକଯୁକ୍ତ ଅଟେ, ଓ ଏଥିରୁ "ଅଥର୍ବବେଦ"ର ବର୍ଣ୍ଣ, ସ୍ୱର, ଓ ସନ୍ଧି ଇତ୍ୟାଦିର ଜ୍ଞାନ ମିଳିଥାଏ ।

Not for Commercial Use

ତଳ ଟେବୁଲରେ "ଅଥର୍ବବେଦ"ର ସମସ୍ତ ସଂହିତା, ବ୍ରାହ୍ମଣ, ଆରଣ୍ୟକ, କଳ୍ପସୂତ୍ର ଓ ଅନ୍ୟ ଗ୍ରନ୍ଥମାନଙ୍କର ତାଲିକା ଦିଆଯାଇଛି ।

## ଅଥର୍ବବେଦ ସଙ୍ଗଠନ

| ବେଦ | ସଂହିତା | ବ୍ରାହ୍ମଣ | ଆରଣ୍ୟକ | ଉପନିଷଦ |
|---|---|---|---|---|
| ଅଥର୍ବ ବେଦ | ଶୌନକ, ପୈପ୍ପଲାଦ | ଗୋପଥ | - | ମୁଣ୍ଡକ, ମାଣ୍ଡୁକ୍ୟ, ପ୍ରଶ୍ନ, ଆତ୍ମା, ସୂର୍ଯ୍ୟ, ପ୍ରାଣାଗ୍ନିହୋତ୍ର, ଆଶ୍ରମ, ନାରଦପରିବ୍ରାଜକ, ପରମହଂସ, ପରମହଂସ ପରିବ୍ରଜକ, ପରଂବ୍ରହ୍ମ, ସୀତା, ଦେବୀ, ତ୍ରିପୁରାତାପିନୀ, ଭାବନ, ନୃସିଂହ ତାପନୀୟ, ମହାନାରାୟଣ, ରାମ ରହସ୍ୟ, ରାମ ତାପନୀୟ, ଗୋପାଳ-ତାପନୀ, କୃଷ୍ଣ, ହୟଗ୍ରୀବ, ଦତ୍ତାତ୍ରେୟ, ଗରୁଡ଼, ଅଥର୍ବସିରସ୍, ଅଥର୍ବଶିଖା, ବୃହଜ୍ଜାବାଲ, ଶରଭ, ଭସ୍ମଜାବାଲ, ଗଣପତ୍ୟର୍ଥବଶୀର୍ଷ, ଶାଣ୍ଡିଲ୍ୟ, ପଶୁପତିବ୍ରହ୍ମ, ମହାବାକ୍ୟ |

## ଅଥର୍ବବେଦ କଳ୍ପସୂତ୍ର ସଙ୍ଗଠନ

| ବେଦ | ଶ୍ରୌତସୂତ୍ର | ଶୁଲ୍ବସୂତ୍ର | ଗୃହ୍ୟସୂତ୍ର | ଧର୍ମସୂତ୍ର |
|---|---|---|---|---|
| **ଅଥର୍ବବେଦ** | ବୈତାନା ଶ୍ରୌତସୂତ୍ର, | | କୌଶିକ ଗୃହ୍ୟସୂତ୍ର, | |

## ଅଥର୍ବବେଦ ଶିକ୍ଷା ଓ ପ୍ରାତିଶାଖ୍ୟ ସଙ୍ଗଠନ

| ବେଦ | ପ୍ରାତିଶାଖ୍ୟ | ଶିକ୍ଷା |
|---|---|---|
| **ଅଥର୍ବବେଦ** | ଅଥର୍ବ ପ୍ରାତିଶାଖ୍ୟ<br>ଶୌନକୀୟ ପ୍ରାତିଶାଖ୍ୟ | ମାଣ୍ଡୁକୀ ଶିକ୍ଷା (ମୁଖ୍ୟ), ବର୍ଣ୍ଣପଟଳ ଶିକ୍ଷା, ଦନ୍ତୋଷ୍ଠବିଧୀ ଶିକ୍ଷା |

Not for Commercial Use

## ଅଥର୍ବବେଦ ପାଣ୍ଡୁଲିପି ଓ ଅନୁବାଦ

"ଅଥର୍ବବେଦ"ର ପାଣ୍ଡୁଲିପି ଭାରତର ଅନେକ ସ୍ଥାନ ମାନଙ୍କରେ ମିଳିଛି । **ଓଡ଼ିଶା**ର ରାଜ୍ୟ ସଂଗ୍ରହାଳୟରେ ଏଗୁଡିକ ସଂରକ୍ଷିତ ଅଛି । ଖୁସିର ବିଷୟ ଯେ, ବହୁ ଚର୍ଚ୍ଚିତ "ପୈପ୍ପଳାଦ ଶାଖା" ଓଡ଼ିଶାରେ ମିଳିଛି, ଏହାର ଅନୁବାଦ କାର୍ଯ୍ୟ ଚାଲୁଅଛି, ଆଶାକରୁଛି, ଏହା ନିକଟ ଭବିଷତରେ ଲୋକ ଲୋଚନକୁ ଆସିବ । ଆଉ କିଛି ପାଣ୍ଡୁଲିପି **ଉତ୍ତରପ୍ରଦେଶ**ରୁ ପ୍ରାପ୍ତ ହୋଇଛି, ଯହା IGNCA ରେ ସଂରକ୍ଷିତ ରଖାଯାଇଛି । **ତାମିଲନାଡୁ** ଓ **ଆନ୍ଧ୍ରପ୍ରଦେଶ** ରୁ ମଧ୍ୟ କିଛି ପାଣ୍ଡୁଲିପି ମିଳିଛି । ଏହା ସହିତ "**ଜର୍ମାନୀ**"ର ସଂସ୍କୃତ ମହାବିଦ୍ୟାଳୟରେ କିଛି ପାଣ୍ଡୁଲିପି ରହିଅଛି ।

"ଅଥର୍ବବେଦ"ର ଅନୁବାଦ ଅନେକ ବିଦେଶୀ ଭାଷାରେ ଉପଲବ୍ଧ ରହିଛି । ସେମାନଙ୍କ ମଧ୍ୟରୁ ଇଂରାଜୀ, ଜର୍ମାନୀ ଓ ରୁଷି ଭାଷାରେ ପ୍ରକାଶିତ ହୋଇଛି । ଭାରତୀୟ ଭାଷାମାନଙ୍କ ମଧ୍ୟରେ ସଂସ୍କୃତ, ହିନ୍ଦି, ତାମିଲ, ତେଲୁଗୁ, କନ୍ନଡ଼ ଓ ମାଲାୟଲମ ଭାଷାରେ ଏହାର ଅନୁବାଦ ଉପଲବ୍ଧ ଅଛି ।

୪ଟି ବେଦ ମଧ୍ୟରୁ, "ଅଥର୍ବବେଦ" ପ୍ରତ୍ୟକ୍ଷ ରୂପେ ମାନବ ଜୀବନ ସହିତ ସଂଯୁକ୍ତ ହୋଇ ରହିଅଛି । ମାନବ ଜୀବନରେ ଏହା ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ, ପ୍ରତ୍ୟେକ ସ୍ତରରେ ମାର୍ଗଦର୍ଶନ କରିଆସୁଅଛି । ଏହା ଦର୍ଶନତତ୍ତ୍ୱ ଓ ଆଧ୍ୟାତ୍ମିକ-ତତ୍ତ୍ୱରେ ମଧ୍ୟ ଉପନିଷଦ ମାନଙ୍କର ପ୍ରେରଣା ବୋଲି କୁହାଯାଏ । "ଅଥର୍ବବେଦ", ଏକମାତ୍ର ବେଦ, ଯାହା ସର୍ବାଧିକ "ଉପବେଦ" ଓ "ଶାସ୍ତ୍ର" ମାନଙ୍କର ଜନକ । "ଆୟୁର୍ବେଦ", "ଧନୁର୍ବେଦ", "ଅର୍ଥଶାସ୍ତ୍ର", "ନୀତିଶାସ୍ତ୍ର", "ରାଜନୀତି ଶାସ୍ତ୍ର", "ନ୍ୟାୟଶାସ୍ତ୍ର", "ଆଷୁଶାସ୍ତ୍ର", "ଚରକ ସଂହିତା", "ସୁଶ୍ରୁତ ସଂହିତା", "ଭେଷଜ ବିଜ୍ଞାନ", "ସାମାଜିକ ବିଜ୍ଞାନ", "ଦର୍ଶନିକ ବିଜ୍ଞାନ", " ଆଧ୍ୟାତ୍ମିକ ତତ୍ତ୍ୱ", ଏହିପରି ଅନେକ ଶାସ୍ତ୍ର ଓ ଗ୍ରନ୍ଥ ର ପ୍ରେରଣାର ସୂତ୍ର "ଅଥର୍ବବେଦ" ଅଟେ ।

**।। ଇତି ଅଥର୍ବବେଦ ।।**

**।। ଇତି ବେଦ ।।**

Not for Commercial Use

ଏବେ "ବେଦ" ବିଷୟରେ ସମ୍ୟକ ଜ୍ଞାନ ହାସିଲ କଲେ, ଏହାର ପ୍ରତ୍ୟେକ ଅଙ୍ଗ, ପ୍ରତ୍ୟଙ୍ଗ ବିଷୟରେ ମଧ୍ୟ ଅଳ୍ପ ବହୁତ ଜାଣିଲେ । ଏହାର ବିବର୍ତ୍ତନ, ସଂଗଠନ, ଯୋଗଦାନ, ମହତ୍ୱ, ପ୍ରୟୋଗ ଇତ୍ୟାଦି ବିଷୟରେ ମଧ୍ୟ ଅଳ୍ପ ବହୁତ ଜାଣିଲେ । ଏବେ ବୈଦିକ ସାହିତ୍ୟ ବିଷୟରେ ଅଳ୍ପ ବହୁତ ଜାଣିବା ।

## ବୈଦିକ ସାହିତ୍ୟ (Vedic Literatures)

"**ବେଦ**", 'ବୈଦିକ ସାହିତ୍ୟ'ର ମୂଳ ଅଟେ । ପ୍ରଥମେ "ବେଦ" ପ୍ରକଟିତ ହେଲା, ପରସମୟରେ ଏଥିରେ "**ବ୍ରାହ୍ମଣ, ଆରଣ୍ୟକ** ଓ **ଉପନିଷଦ** ଯୋଗ କରାଯାଇ, ଏହାକୁ ସଂପୂର୍ଣ୍ଣ ରୂପ ଦିଆଗଲା ।

ସମୟକ୍ରମେ "ବେଦ"ରୁ ଅନ୍ୟବେଦ ମାନଙ୍କର ରଚାନା କରାଯାଇଥିଲା, ଯାହା "**ଉପବେଦ**" ନାମରେ ଜଣାହେଲେ । "ଉପବେଦ" ୪ଟି ଅଛି, ଯଥା - "**ଆୟୁର୍ବେଦ**", "**ଧନୁର୍ବେଦ**", "**ଗନ୍ଧର୍ବବେଦ**" ଓ "**ଅର୍ଥବେଦ**" । 'ଚରଣବ୍ୟୁହ'ଙ୍କ ଅନୁସାରେ ୪ଟି "ବେଦ", ଏହି ୪ଟି "ଉପବେଦ"ମାନଙ୍କ ସହିତ ସଂଯୁକ୍ତ ଅଟନ୍ତି ।

"**ଆୟୁର୍ବେଦ**", ଚିକିତ୍ସା ସଂବନ୍ଧୀୟ ବିଷୟରେ ରଚନା କରାଯାଇଥିଲା, ଓ ଏହା "**ଋକ୍-ବେଦ**" ସହିତ ସଂଯୋଜିତ । ପରସମୟରେ ଏଥିରୁ "ଚରକ ସଂହିତା", "ସୁଶ୍ରୁତ ସଂହିତା", "ବାଗ୍ଭଟ୍ଟ ସଂହିତା", "ମାଧବନିଦାନ ସଂହିତା", "ଶାର୍ଙ୍ଗଧର ସଂହିତା" ଓ "ଭାବପ୍ରକାଶ ସଂହିତା" ଆଦି ଗ୍ରନ୍ଥ ରଚନା କରାଯାଇଥିଲା ।

"**ଧନୁର୍ବେଦ**", ଯୁଦ୍ଧ ଓ ରକ୍ଷା ସଂବନ୍ଧୀୟ ବିଷୟରେ ରଚନା କରାଯାଇଥିଲା, ଓ ଏହା "**ଯଜୁର୍ବେଦ**" ସହିତ ସଂଯୋଜିତ । ପରସମୟରେ ଏଥିରୁ "ଯୁଦ୍ଧଶାସ୍ତ୍ର", "ସୈନ୍ୟଶାସ୍ତ୍ର" ଓ "ରକ୍ଷାଶାସ୍ତ୍ର" ଆଦି ଗ୍ରନ୍ଥ ରଚନା କରାଯାଇଥିଲା ।

Not for Commercial Use

"**ଗନ୍ଧର୍ବବେଦ**", ସଂଗୀତ ଓ ପବିତ୍ର-ନୃତ୍ୟ ବିଷୟରେ ରଚନା କରାଯାଇଥିଲା, ଓ ଏହା "**ସାମବେଦ**" ସହିତ ସଂଯୁକ୍ତ । ପରସମୟରେ ଏଥିରୁ "ସଂଗୀତଶାସ୍ତ୍ର" ଓ "ନାଟ୍ୟଶାସ୍ତ୍ର" ଆଦି ଗ୍ରନ୍ଥ ରଚନା କରାଯାଇଥିଲା ।

"**ଅର୍ଥବେଦ**", ଅର୍ଥନୀତି, ଦଣ୍ଡନୀତି ଓ ରାଜନୀତି ସଂବନ୍ଧୀୟ ବିଷୟରେ ରଚନା କରାଯାଇଥିଲା, ଓ ଏହା "**ଅର୍ଥବବେଦ**" ସହିତ ସଂଯୁକ୍ତ । ପରସମୟରେ, ଏଥିରୁ "ଅର୍ଥଶାସ୍ତ୍ର", "ରାଜନୀତି ବିଜ୍ଞାନ" ଆଦି ଅନେକ ଗ୍ରନ୍ଥ ରଚନା କରାଯାଇଥିଲା ।

ଆଉ କେହି କେହି 'ଆଚାର୍ଯ୍ୟ', "ସ୍ଥାପତ୍ୟବେଦ", "ହରିତ ସଂହିତା", "ଭେଲ ସଂହିତା" ଓ "କାଶ୍ୟପ ସଂହିତା" ଆଦି ଗ୍ରନ୍ଥ ମାନଙ୍କୁ "ଉପବେଦ"ର ଅଂଶ ମାନନ୍ତି, କିନ୍ତୁ ବୈଦିକ ସମାଜ ଏହାକୁ ସ୍ୱୀକାର କରେ ନାହିଁ ।

ସମୟାନୁକ୍ରମେ, "ବେଦର" ରକ୍ଷାକରିବା ଓ ଭାବାର୍ଥ କରିବା ପାଇଁ, ଅନେକ ବିଧିବଦ୍ଧ ନିୟମଗୁଡିକ ସୂତ୍ର ଆକାରରେ ରଚନା କରାଯାଇଥିଲା । ଏହା, "**ବେଦାଙ୍ଗ**" ନାମରେ ଜଣାହେଲେ । ଏଥିରେ, ବେଦପଠନ ଓ ବେଦାର୍ଥ ନିରୂପଣ କରିବା ବିଷୟରେ ଗ୍ରନ୍ଥ ସମୁହ ରଚନା କରାଯାଇଥିଲା । "ବେଦାଙ୍ଗ"ରେ "**ଶିକ୍ଷା**", "**ବ୍ୟାକରଣ**", "**ନିରୁକ୍ତ**", "**କଳ୍ପସୂତ୍ର**", "**ଛନ୍ଦଶାସ୍ତ୍ର**", ଓ "**ଜ୍ୟୋତିଷ**" ଆଦି ୬ଟି ଗ୍ରନ୍ଥ ରଚନା କରାଯାଇଥିଲା । (ଏହି ପୁସ୍ତକରେ, ପୂର୍ବରୁ "ବେଦାଙ୍ଗ" ବିଷୟରେ ବିସ୍ତୃତ ଆଲୋଚନା କରାଯାଇଛି)

ସମୟାନୁକ୍ରମେ, "ବେଦ"ର ପୁନଃ ବିସ୍ତାର ହେଲା, ଏଥିରୁ ଆଉ ୬ଟି ଗ୍ରନ୍ଥ ସମୁହ ରଚନା କରାଯାଇଥିଲା, ଯାହା "**ଉପାଙ୍ଗ**" ନାମରେ ଜଣାହେଲେ । ଏହି ସବୁ ଗ୍ରନ୍ଥରୁ "ବେଦ"ର ଅଧିକ ସ୍ପଷ୍ଟିକରଣ ମିଳିଲା, ତଥା, ଆଧ୍ୟାତ୍ମିକ ତତ୍ତ୍ୱ ଓ ଦର୍ଶନତତ୍ତ୍ୱ ଜ୍ଞାନର ପୁନଃ ପ୍ରସାର ହେଲା । ଏହି ୬ଟି "ଉପାଙ୍ଗ" ସମୁହ ହେଲେ, "**ନ୍ୟାୟ**", "**ବୈଶେଷିକ**", "**ସାଂଖ୍ୟ**", "**ଯୋଗ**", **ମିମାଂସା**", ଓ "**ବେଦାନ୍ତ**" ।

Not for Commercial Use

"**ନ୍ୟାୟଶାସ୍ତ୍ର**", ପ୍ରଭେଦକରଣ ଓ ସିଦ୍ଧାନ୍ତ ବିଷୟରେ; "**ବୈଶେଷିକ**", ବେଦ ବିଷୟବସ୍ତୁର ନିର୍ଦ୍ଦେଶ ବିଷୟରେ; "**ସାଂଖ୍ୟ**", ସଂଖ୍ୟାର ନିୟମ ବିଷୟରେ; "**ଯୋଗ**", ଅନ୍ତଃ ଶରୀରର ରକ୍ଷା ଓ ପ୍ରସାର ବିଷୟରେ; "**ମିମାଂସା**", ବିଶ୍ଳେଷଣ ଓ ନିର୍ଣ୍ଣୟ ବିଷୟରେ; ଓ "**ବେଦାନ୍ତ**", ବ୍ରହ୍ମଜ୍ଞାନ ବିଷୟରେ ରଚନା କରାଯାଇଥିଲା ।


ଏହା ଅତିରିକ୍ତ, "**ଇତିହାସ**", "**ପୁରାଣ**", "**ଗୀତା**" ଇତ୍ୟାଦି "ବୈଦିକ ସାହିତ୍ୟ"ର ଅନ୍ତର୍ଗତ ଅଟନ୍ତି । "ବେଦ" କହିଲେ, ଏହାର ସଂହିତା, ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦ ସମୁହର ସାମାହାର ।

ଏହି ବୈଦିକ ସାହିତ୍ୟକୁ ଆଧାର କରି ଅନେକ ଗ୍ରନ୍ଥ, ଶାସ୍ତ୍ର, ସୂତ୍ର, ସିଦ୍ଧାନ୍ତ, ଦସ୍ତାବୀଜ ଆଦି ରଚନା କରାଯାଇଛି । ଏହା ଭାରତର ପ୍ରତ୍ୟେକ ସାଂସ୍କୃତିକ ସାହିତ୍ୟର ମୂଳ ଅଟେ । "ବୈଦିକ ସାହିତ୍ୟ" ଏକ ଗଭିର ସାଗର, ଏଥିରେ ଅନେକ ତଥ୍ୟ ଛପି ରହିଛି, ୫୦୦୦ ବର୍ଷ ପରେ ବି, ଏଥିରେ ଜ୍ଞାନର ଅସରନ୍ତି ଭଣ୍ଡାର ଲୁଚି ରହିଛି । ଆଗାମୀ ସମୟରେ ମଧ୍ୟ "ବୈଦିକ ସାହିତ୍ୟ"ର ପ୍ରସାର ଓ ଜ୍ଞାନର ଅନେଷ୍ୱଣ ଜାରି ରହିବ । ଏହା ଭାରତୀୟ ସାହିତ୍ୟକୁ ଦୃଢ଼ କରିବା ସଂଗେ ସଂଗେ ବିଶ୍ୱର ସାହିତ୍ୟ, ଦର୍ଶନ ଓ ଅଧ୍ୟାତ୍ମିକ-ତତ୍ତ୍ୱକୁ ଦୃଢ଼ କରିଆସୁଅଛି ।

"ବେଦ" ସହିତ, "ଉପବେଦ", "ବେଦାଙ୍ଗ", ଓ "ଉପାଙ୍ଗ"କୁ "**ବୈଦିକ ସାହିତ୍ୟ**" କୁହାଯାଏ । ଏହାକୁ "**ବେଦବୃକ୍ଷ**" ମଧ୍ୟ କୁହନ୍ତି । ଏହି "**ବେଦବୃକ୍ଷ**" କିପରି ଦେଖାଯାଏ, ତାହା ତଳେ ଦିଆଯାଇଛି ।

Not for Commercial Use

"ବେଦବୃକ୍ଷ"



ବ୍ରହ୍ମ
ब्रह्मः
ବେଦଃ
वेदः
ଋକ୍ ବେଦ
ଅଥର୍ବବେଦ
ଯଜୁର୍ବେଦ
ସାମବେଦ
ଇତିହାସ ପୁରାଣ
ଉପବେଦ
उपवेदः
ଆୟୁର୍ବେଦ
ଅର୍ଥବେଦ
ଧନୁର୍ବେଦ
ଗନ୍ଧର୍ବବେଦ
ବେଦାଙ୍ଗ
वेदान्गः
ଜ୍ୟୋତିଷ
ଶିକ୍ଷା
ଛନ୍ଦ
କଳ୍ପ
ବ୍ୟାକରଣ
ନିରୁକ୍ତ
ଉପାଙ୍ଗ
उपान्गः
ବେଦାନ୍ତ
ନ୍ୟାୟ
ଉପନିଷଦ, ବ୍ରହ୍ମସୂତ୍ର, ଗୀତା, ଇତ୍ୟାଦି
ମିମାଂସା
ବୈଶେଷିକ
ସାଂଖ୍ୟ
ଯୋଗ

ଏଥିରେ କୌଣସି ସନ୍ଦେହ ନାହିଁ ଯେ, "ବୈଦିକ ସାହିତ୍ୟ" ମାନବଜାତି ପାଇଁ ଅନେକ ଅବଦାନ କରିଆସିଅଛି । କୃଷି ବିଜ୍ଞାନ, ଜ୍ୟୋତିଷ ବିଜ୍ଞାନ, ବ୍ରହ୍ମାଣ୍ଡ ବିଜ୍ଞାନ, ଗଣିତ, ବିଜ୍ଞାନ, ନ୍ୟାୟ, ଦର୍ଶନତତ୍ତ୍ୱ, ଚିକିତ୍ସା, ଯୁଦ୍ଧବିଦ୍ୟା, ରାଜନୀତି ବିଜ୍ଞାନ, ଧାତୁ ବିଜ୍ଞାନ, ଅର୍ଥନୀତି, ସଂଗୀତ, କଳା, ଇତ୍ୟାଦି ଅନେକ ବିଷୟରେ ମାନବ ଜାତିକୁ ଦାନ କରିଆସୁଅଛି ।

ବିଶ୍ୱରେ ଆଧୁନିକ ବିଜ୍ଞାନର ବିବର୍ତ୍ତନ, ୧୫୦୦ - ୧୬୦୦ ଖ୍ରୀଷ୍ଟାବ୍ଦରୁ ଆରମ୍ଭ ହୋଇଥିଲା । ଗୈଲୀଲିଓ, ନ୍ୟୁଟନ, ଆଇନଷ୍ଟାଇନ୍, ଇତ୍ୟାଦି ବୈଜ୍ଞାନିକମାନଙ୍କର ଅବଦାନ ରହିଅଛି । ଆଜି ପର୍ଯ୍ୟନ୍ତ ବିଜ୍ଞାନ ଯାହାକିଛି ପ୍ରମାଣ କରିଛି, ତାହା ଏହି ବିଶ୍ୱ ମଧ୍ୟରେ ଥିଲା, ଏହାକୁ କେବଳ ଲୋକ ଲୋଚନକୁ ଆଣିବାରେ ସାହାର୍ଯ୍ୟ କରିଛି । କିନ୍ତୁ ଏହା ପୂର୍ବରୁ "ଆମ ପୂର୍ବପୁରୁଷ"ମାନଙ୍କୁ ଏ ସମସ୍ତ ବିଷୟ ଜଣାଥିଲା, ଏହାର ପ୍ରମାଣ "ବୈଦିକ ସାହିତ୍ୟ"ରୁ ମିଳେ । ବିଶେଷକରି "ବେଦ"ରେ ଏ ସମସ୍ତ ବିଷୟ ଉଲ୍ଲେଖ ଅଛି । ଏହାର ପ୍ରତ୍ୟେକ ବିଷୟର ତୁଳନାତ୍ମକ, ଭିନ୍ନ ପୁସ୍ତକ ଲେଖାଯାଇ ପାରିବ, ଓ ଅନେକ ପୁସ୍ତକ ମଧ୍ୟ ଉପଲବ୍ଧ ଅଛି । ଏଠି ମୁଁ କେବଳ ୨ଟି ବିଷୟର ସାମାନ୍ୟ ଆଲୋଚନା କରିବି ।

## ବେଦ ଓ ବିଜ୍ଞାନ

ଆମ ସମସ୍ତଙ୍କୁ ଜଣା ଯେ, ଗୈଲୀଲିଓ ୧୬୧୫ ରେ ବିଶ୍ୱକୁ ଜଣାଇଥିଲେ ଯେ, "**ପୃଥିବୀ ସୂର୍ଯ୍ୟ ଚାରିପଟେ ବୁଲୁଛି** ଓ ଏହା ସ୍ଥିର ନୁହେଁ" । ଏହା ମଧ୍ୟ ଆମେ ବିଜ୍ଞାନରେ ପଢିଥିଲେ । କିନ୍ତୁ, ଏହା "ବେଦ"ରେ ହଜାର ହଜାର ବର୍ଷ ପୂର୍ବରୁ ଲେଖା ଥିଲା ।

**(ଋକ୍-ବେଦ - ୧୦.୨୨.୧୪)**

ଅହସ୍ତା ଯଦପଦୀ ବର୍ଧତ କ୍ଷାଃ ଶଚୀଭିର୍ବେଦ୍ୟାନାମ୍ ।
ଶୁଷ୍ଣଂ ପରି ପ୍ରଦକ୍ଷିଣିଦ୍ୱିଶ୍ୱାୟବେ ନି ଶିଶ୍ନଥଃ ।।

ଏହାର ଅର୍ଥ " (କ୍ଷାଃ) ପୃଥିବୀ ଏକ ଇନ୍ଦ୍ରିୟଶୂନ୍ୟ ହସ୍ତ ଓ ପାଦ, ଯାହା ଗତି କରୁଛି, ଏହାର ସମସ୍ତ ବସ୍ତୁ ମଧ୍ୟ ତାହା ସହିତ ଗତି କରୁଛନ୍ତି ଓ ଏହା ସୂର୍ଯ୍ୟ ଚାରିପଟେ ଗତି କରୁଛି" ।

Not for Commercial Use

ସେହିପରି, ଆମ ସମସ୍ତଙ୍କୁ ଜଣାଯେ, 'ନ୍ୟୁଟନ' **ମାଧ୍ୟାକର୍ଷଣ ଓ ମହାକର୍ଷଣ** ପ୍ରଥମେ (୧୬୪୩ ରୁ ୧୭୨୭) ଲୋକ ଲୋଚନକୁ ଆଣିଥିଲେ । କିନ୍ତୁ ଏହା ମଧ୍ୟ ହଜାର ହଜାର ବର୍ଷ ପୂର୍ବରୁ ବେଦରେ ଲେଖା ଥିଲା ।

**(ଋକ୍-ବେଦ - ୧୦.୧୪୯.୧)**

ସବିତା ଯନ୍ତ୍ରୈଃ ପୃଥିବୀମରମ୍ଣାଦସ୍କମ୍ଭନେ ସବିତା ଦ୍ୟାମଦୃଂହତ୍ ।
ଅଶ୍ୱମିବାଧୁକ୍ଷଦ୍ଧୁନିମନ୍ତରିକ୍ଷମତୂର୍ତେ ବଦ୍ଧଂ ସବିତା ସମୁଦ୍ରମ୍ ।।

ଏହାର ଅର୍ଥ, " ସୂର୍ଯ୍ୟ, ପୃଥିବୀ ଓ ଅନ୍ୟ ଗ୍ରହମାନଙ୍କୁ ଆକର୍ଷଣ ଦ୍ୱାରା ବାନ୍ଧି ରଖିଛି, ଏହା ସେମାନଙ୍କୁ ନିଜ ଚାରିପଟେ ବୁଲାଉଛି, ଯେଭଳି ଅଶ୍ୱ ତାଲିମକାରୀ ରସିରେ ଅଶ୍ୱକୁ ନିଜ ଚାରିପଟେ ବୁଲାଏ "

ଏହିପରି ଅନେକ ଶ୍ଳୋକ, ବ୍ରହ୍ମାଣ୍ଡ ବିଷୟରେ ରହିଅଛି ।

- ଋକ୍-ବେଦ - ୪.୫୪.୫, ଋକ୍-ବେଦ - ୧.୬.୫, ଋକ୍-ବେଦ - ୮.୧୨.୩୦, ଋକ୍-ବେଦ - ୧.୩୫.୯, ଋକ୍-ବେଦ - ୧.୧୬୪.୧୩, ଯଜୁର୍ବେଦ - ୩୩.୪୩, ଓ ଅଥର୍ବବେଦ - ୪.୧୧.୧ ରେ, ମଧ୍ୟ **ମହାକର୍ଷଣ** ବିଷୟରେ ଉଲ୍ଲେଖ ଅଛି ।
- ଋକ୍-ବେଦ - ୮.୧୨.୨୮, **ମାଧ୍ୟାକର୍ଷଣ** ବିଷୟରେ ଉଲ୍ଲେଖ ଅଛି ।

ସେହିପରି, ସୁର୍ଯ୍ୟଙ୍କର ସାତଟି କିରଣ ବିଷୟରେ ମଧ୍ୟ ଉଲ୍ଲେଖ ଅଛି ।

- ଋକ୍-ବେଦ - ୧.୧୦୫.୯, - "**ସୁର୍ଯ୍ୟଙ୍କର ସାତଟି କିରଣ** ଅଛି " ।

ସେହିପରି, ଚନ୍ଦ୍ରାଲୋକ ବିଷୟରେ ମଧ୍ୟ ଉଲ୍ଲେଖ ଅଛି ।

- ଋକ୍-ବେଦ - ୧.୮୪.୧୫, - "**ସୁର୍ଯ୍ୟଙ୍କ ଦ୍ୱାରା ଚନ୍ଦ୍ର ଆଲୋକିତ**" ।

ସେହିପରି, ସୂର୍ଯ୍ୟ ଗ୍ରହଣ ବିଷୟରେ ଉଲ୍ଲେଖ ଅଛି ।

- ଋକ୍-ବେଦ - ୫.୪୦.୫, **ସୂର୍ଯ୍ୟ ଗ୍ରହଣ** ବିଷୟରେ ।

ଏହିପରି ବେଦରେ ଅନେକ ଶ୍ଳୋକ ବ୍ରହ୍ମାଣ୍ଡ ବିଷୟରେ ରହିଅଛି, ଯାହା ସମୟ ସମୟରେ ଆଧୁନିକ ବିଜ୍ଞାନ ପ୍ରମାଣ କରି ଆସୁଅଛି ।

Not for Commercial Use

## ବେଦ ଓ ଗଣିତ

'ବୈଦିକ ଯୁଗ'ରେ ଗଣିତ ମୁନିଋଷିମାନଙ୍କୁ ଭଲଭାବରେ ଜଣାଥିଲା । ସମ୍ପୂର୍ଣ୍ଣ "ଋକ୍-ବେଦ" ଛନ୍ଦରେ ରଚନା ହୋଇଅଛି । ଏବଂ ଛନ୍ଦ ସବୁ, ଅକ୍ଷର ନିୟମରେ ତିଆରି କରାଯାଇଛି । ଆପଣମାନେ ଯଦି ପୂର୍ବରୁ ଦିଆଯାଇଥିବା ଛନ୍ଦ ଟେବୁଲକୁ ଲକ୍ଷ୍ୟ କରିବେ, ଏଥିରୁ ଜାଣିପାରିବେ ଯେ, ପ୍ରତ୍ୟେକ ଛନ୍ଦ ମଧ୍ୟରେ ୪ଟି ଅକ୍ଷରର ଅନ୍ତର ଅଛି । ତେଣୁ, ଏଥିରୁ ଜାଣିହୁଏ ଯେ, ସେମାନଙ୍କୁ **ଯୋଗ ଓ ବିୟୋଗ** ଜଣାଥିଲା ।


ସେହିପରି, ଆପଣମାନେ ଯଦି "ଋକ୍-ବେଦ"ର ସଙ୍ଗଠନକୁ ଲକ୍ଷ୍ୟ କରିବେ, ଏଥିରେ ଥିବା ୬୪ଟି ଅଧ୍ୟାୟ, ୮ଟି ପୁସ୍ତକରେ ରଖାଯାଇଛି, ଯାହାକୁ, "**ଅଷ୍ଟକ**" କୁହନ୍ତି । ଅର୍ଥାତ, ୮ଟି ଅଧ୍ୟାୟ, ପ୍ରତି ପୁସ୍ତକରେ ରଖାଯାଇଛି । ତେଣୁ, ୮ X ୮ = ୬୪ । ତେଣୁ, ଏଥିରୁ ଜାଣିହୁଏ ଯେ, ସେମାଙ୍କୁ, **ଗୁଣନ ଓ ହରଣ** ଜଣାଥିଲା ।

## ବେଦ ଓ ଜ୍ୟାମିତି

ବେଦର 'ଶୁଲ୍ବସୂତ୍ର', ଜ୍ୟାମିତିର ଜନକ, ଏଥିରେ ସମସ୍ତ ପ୍ରକାରର ଆକାର ଓ ତାହାର ମାପ ବିଷୟରେ ଉଲ୍ଲେଖ ଅଛି । "ଶୁଲ୍ବସୂତ୍ର", ଯଜ୍ଞଶାଳାର ମାପ, ଯଜ୍ଞମଣ୍ଡପର ମାପ, ଯଜ୍ଞବେଦୀର ମାପ, ଯଜ୍ଞକୁଣ୍ଡର ମାପ ବିଷୟରେ ଉଲ୍ଲେଖ ଅଛି । ଆପଣମାନେ ଯଦି ଯଜ୍ଞକୁଣ୍ଡକୁ ଲକ୍ଷ୍ୟ କରିବେ, ଏହା ବିଭିନ୍ନ ଆକାରର, ଯଥା, ବର୍ଗକ୍ଷେତ୍ର, ବୃତ୍ତ, ଅର୍ଧବୃତ୍ତ, ଇତ୍ୟାଦି । ଯଜ୍ଞକୁଣ୍ଡ କରିବା ପାଇଁ ସେମାନେ, ଇଟା ବ୍ୟବହାର କରୁଥିଲେ, ଯାହାକୁ ସେମାନେ "**ଇଷ୍ଟକ**" କହୁଥିଲେ । ତେଣୁ, ଏଥିରୁ ଏହା ଜାଣିହୁଏ ଯେ, ସେମାନଙ୍କୁ **ସମସ୍ତ କ୍ଷେତ୍ରର ମାପ** ଜଣାଥିଲା, ତଥା ସେମାନେ (**ଥ୍ରୀଡି**), ଲମ୍ବା, ଚୌଡା, ଓ ଉଚ୍ଚତା ବିଷୟରେ ଜାଣିଥିଲେ । ଏହା ମଧ୍ୟ ଜଣିହୁଏ ଯେ, ସେମାନେ, **ରୁଟ୍**, **ସ୍କୋୟାର ରୁଟ୍** ଓ **ପାଇ**, ବିଷୟରେ ଜାଣିଥିଲେ ।
ତଳେ ଦିଆଯାଇଥିବା, ଫଟୋରୁ ବୁଝିପାରିବେ ।

Not for Commercial Use





COMPONENT LIST
ID | QTY | NAME | PART NO
1 | 118 | – pancami | –
2 | 36 | – ardha | –
3 | 12 | – adhyardhardha | –
4 | 26 | – | –
5 | 4 | – pada | –
6 | 4 | – | –
Total bricks – 200 nos
120
72
192
48
144
380
108
108
72
120
36
384
in angulam measures
Layer 1 of Kankaciti of BSS 12




## ଭାରତରେ ବେଦ ଅଧ୍ୟୟନ କେନ୍ଦ୍ର

"ବେଦ ଅଧ୍ୟୟନ"ର ଅର୍ଥ, ଅଭ୍ୟାସ, ଅନୁଭବ, ପ୍ରୟୋଗ, ଆତ୍ମଜ୍ଞାନ ଓ ଆତ୍ମସିଦ୍ଧି । ଅର୍ଥାତ, "ବେଦ"କୁ ମୁଖସ୍ଥ କରି, ତାହାର ଉପଯୁକ୍ତ ପ୍ରୟୋଗ କରିବା, ତଥା ଆତ୍ମଚିନ୍ତନକରି ସେଥିରୁ ସିଦ୍ଧି ପ୍ରାପ୍ତ କରିବା ଓ ସମାଜର ରକ୍ଷା କରିବା । "ବେଦ ଅଧ୍ୟୟନ"ର ଅର୍ଥ ଏହି ପୁସ୍ତକ ଭଳି ବାହ୍ୟ ଜ୍ଞାନ ହାସିଲ କରିବା, ବା କୌଣସି ମନ୍ତ୍ରର ଅର୍ଥ ବ୍ୟାଖ୍ୟା କରିବା, ବା ଗବେଷଣା କରିବା ଇତ୍ୟାଦି କଦାପି ନୁହେଁ । ଗୋଟିଏ "ବେଦ"କୁ ସଂପୂର୍ଣ୍ଣ ଅଧ୍ୟୟନ କରିବାପାଇଁ "ଗୋଟିଏ ଜନ୍ମ" ପର୍ଯ୍ୟାପ୍ତ ନୁହେଁ । ତେଣୁ ଏଥିରୁ ଆପଣମାନେ କଳ୍ପନା କରିପାରୁଥିବେ "ବେଦ ଅଧ୍ୟୟନ"ର ଅର୍ଥ କ'ଣ ।

ଭାରତରେ ଅନେକ ସ୍ଥାନରେ ବିଭିନ୍ନ ବେଦମାନଙ୍କର ଅଧ୍ୟୟନ ଓ ଅଧ୍ୟାପନା କରାଯାଉଅଛି । ପ୍ରାୟତଃ, ସମସ୍ତ ସଂସ୍ଥାଗୁଡିକ ଘରୋଇ ସଂସ୍ଥା ଅଟନ୍ତି । ଏମାନେ "ଇଉନିଭରସିଟି" ନୁହଁନ୍ତି ।

"ବେଦ ଅଧ୍ୟୟନ" ପାଇଁ କୌଣସି ସରକାରୀ ସଂସ୍ଥା, ବା ଭାରତ 'ସରକାର'ଙ୍କର ସଂସ୍ଥା, ବା ରାଜ୍ୟ 'ସରକାର'ଙ୍କ ସଂସ୍ଥା ନାହିଁ । ଏଥିପାଇଁ **ଭାରତରେ 'ସରକାର'ଙ୍କର କୌଣସି ଆର୍ଥିକ ସାହର୍ଯ୍ୟ ମିଳେ ନାହିଁ**, କାରଣ ରାଜନୈତିକ ସ୍ୱାର୍ଥ ପାଇଁ ଭାରତକୁ "**ସେକୁଲାର**" ଦେଶ କରିଦିଆ ହେଲା । ଏହା ଚିନ୍ତନ କରିବାର ବିଷୟ ଯେ, ଯେଉଁ ଦେଶରେ **୮୦ଭାଗ** ଲୋକ "ହିନ୍ଦୁଧର୍ମ"ରେ ବିଶ୍ୱାସ ରଖୁଥିବା ନାଗରିକ ଅଟନ୍ତି, କିନ୍ତୁ ସେମାନଙ୍କର ଧର୍ମଶିକ୍ଷା ସଂବନ୍ଧରେ, ତାଙ୍କ ଦେଶ, ତାଙ୍କପାଇଁ କିଛି କରିପାରିବ ନାହିଁ, କିନ୍ତୁ, ଅନ୍ୟ ପକ୍ଷରେ, ଇସଲାମ ଧର୍ମର ଶିକ୍ଷା ପାଇଁ, "ମଦରସା"କୁ ଆର୍ଥିକ ସାହାର୍ଯ୍ୟ କରିପାରିବ ।ଏହା ଏକ ଅଦ୍ଭୁତ ବିଡ଼ମ୍ବନା ।

ଯଦି ଆପଣମାନେ "ବେଦ ଅଧ୍ୟୟନ" କରିବା, ବା କରେଇବା ପାଇଁ ଚିନ୍ତା କରୁଥାନ୍ତି, ତା'ହେଲେ, ଏହା ଆପଣମାନଙ୍କର ସହାୟକ ହେବ । ଭାରତରେ କେଉଁ ସ୍ଥାନ ମାନଙ୍କରେ କେଉଁ "ବେଦ ଶାଖା" ଶିକ୍ଷା ଦିଆଯାଉଅଛି, ତାହାର ତାଲିକା ତଳେ ଟେବୁଲରେ ଦିଆଗଲା ।

Not for Commercial Use

# ଋକ୍-ବେଦ ଗୁରୁକୁଳ

| କ୍ରମ | ସଂହିତା ଶାଖା | ଗୁରୁକୁଳ | ସ୍ଥାନ | ପ୍ରଦେଶ |
|---|---|---|---|---|
| 1 | ଶାକଲ ଶାଖା | Vedavedant Gurukul Mahavidyalaya | Goontoor | **Andhra Pradesh** |
| 2 | | Shree Shankar Gurukul Veda School | Hyderabad | |
| 3 | | Guru Madanand Saraswati Peetham | Medak | |
| 4 | | Kashi Ved School | Lila Srikakulam | |
| 5 | ଶାକଲ ଶାଖା | Vidyaranay Vidyapeeth Trust | Hospet | **Karnataka** |
| 6 | | Shree Manik Prabhu Veda School | Bidar | |
| 7 | | Shree Vedmata Veda Sanskrit Gurukul | Mande | |
| | | Shree Sadguru Samarath Narayan Ashram | Davengare | |
| | | Shree Ganpati Sachhidanand Ashram | Mysore | |
| 8 | ଶାକଲ ଶାଖା | Tantra Vidyapeetham | Alwaya | **Kerela** |
| 9 | | Vadketham Brahamswyam | Trisur | |
| 10 | | Veda Shastra Vidya Trust | Koimbture | |
| 11 | ଶାକଲ ଶାଖା | Sachhidanand Veda Swadhaya Pratishthan | Purna Parbhani | **Maharashtra** |
| 12 | | Vedshastra Vidyalaya | Pune | |
| 13 | | Ved Shastra Vidya Sanskrit Mandal | Karaad | |
| 14 | | Chaturshewar Dham | Jalna | |
| 15 | | Sri Sadguru Shashanik & Saanskritik Pratishthan | Aurangabad | |
| 16 | | Shri Rameshwar Ved Vidyalaya | Bheed | |
| 17 | | Shri Dutt Devsthan Trust | Ahmednagar | |
| 18 | ଶାକଲ ଶାଖା | Shree Garuddhawaj Vasudeva Yagyavalka Ved School | Puri | **Odisha** |
| 19 | ଶାକଲ ଶାଖା | Sri Munikul Brahamacharya Veda Sansthan | Bhilvara | **Rajasthan** |
| 20 | | Guru Shikar Ved Vidyalaya | Mount Abu | |
| 21 | | Sri Madhusudan Vedic Sanskrit and Enviornment Sansthan | Alwar | |

Not for Commercial Use

| | | | | |
|---|---|---|---|---|
| 22 | ଶାକଲ ଶାଖା | Raja Ved Kavya School | Kumbhkonam | **Tamil Nadu** |
| 23 | | Sri Shivram Trust | Chennai | |
| 24 | | Kalvai Guruparampara Vedvidya Trust | Chennai | |
| 25 | | Sanadhan Veda Shastra Rigveda School | Tarunarvali | |
| 26 | | The Veda School, Jagadguru Saraswati Trust | Coimbature | |
| 27 | | Shri Daye Trust | Chennai | |
| 28 | | Shri Trai Vidya Gurukulum | Trichi | |
| 29 | | Shri Trai Vidya Gurukulum | Trichi | |
| 30 | ଶାକଲ ଶାଖା | Shree Dhudeshwar Vedvidya Peeth | Ghaziabad | **Uttar Pradesh** |
| 31 | | Acharya Patabhiram Shastri Ved Mimansa | Varanasi | |
| 32 | | Jagadguru Shankararcharya Swami Swarupanand Saraswati Nyas | Varanasi | |
| 33 | | Shree Jayendra Saraswati Ved School | Chitrakut | |
| 34 | | Pannini Kanya Mahavidyalaya | Varanasi | |
| 35 | ଶାକଲ ଶାଖା | Aarshvidya Shiskhan Prashiskhan Seva Sansthan | Champaran | **Bihar** |
| 36 | ଶାକଲ ଶାଖା | Shreeniwas Sevarth Nyas | Ibrahimpur | **Delhi** |

## ଯଜୁର୍ବେଦ ଗୁରୁକୁଳ

ଭାରତରେ ସମୁଦାୟ ୨୯୫ଟି ଗୁରୁକୁଳ ଅଛି, ଯେଉଁଠି ଉଭୟ 'ଶୁକ୍ଳ ଯଜୁର୍ବେଦ' ଓ 'କୃଷ୍ଣ ଯଜୁର୍ବେଦ'ର ଅଧ୍ୟୟନ ଓ ଅଧ୍ୟାପନା କରାଯାଉଛି । ସେଥିରୁ 'କୃଷ୍ଣ ଯଜୁର୍ବେଦ'ର ଗୁରୁକୁଳ ସଂଖ୍ୟା - ୩୨ଟି, ଅଧିକାଂଶ ଦକ୍ଷିଣ ଭାରତରେ ଅଛି ଓ 'ଶୁକ୍ଳ ଯଜୁର୍ବେଦ'ର ଗୁରୁକୁଳ ସଂଖ୍ୟା - ୨୬୩ଟି ଅଛି, ଅଧିକାଂଶ ଉତ୍ତର, ପଶ୍ଚିମ, ପୂର୍ବ ଓ ଉତ୍ତରପୂର୍ବ ଭାରତରେ ଅଛି । ସେମାନଙ୍କ ମଧ୍ୟରୁ ୨୧ଟି ଓଡ଼ିଶାରେ ଅଛି । ଗୁରୁକୁଳମାନଙ୍କର ସଂଖ୍ୟା ଅଧିକ ଥିବାରୁ, ସେମାନଙ୍କର ନାମ ଲେଖିବା ସମ୍ଭବ ନୁହେଁ, କେବଳ ଓଡ଼ିଶାରେ ଥିବା ଗୁରୁକୁଳମାନଙ୍କର ନାମ ଦିଆଯାଇଛି । ତାହାର ତାଲିକା ତଳେ ଟେବୁଲରେ ଦିଆଗଲା ।

Not for Commercial Use

## ଶୁକ୍ଲଯଜୁର୍ବେଦ ଗୁରୁକୁଳ

| କ୍ରମ | ସଂହିତା ଶାଖା | ଗୁରୁକୁଳ | ସ୍ଥାନ | ପ୍ରଦେଶ |
|---|---|---|---|---|
| 1 | କାଣ୍ୱ ଓ ମାଧ୍ୟନ୍ଦିନୀ | Shree Garuddhawaj Vasudeva \| Muktimandap Pandit Sabha | Puri | Odisha |
| 2 | କାଣ୍ୱ | Bharatiya Chaturdham Vedbhavan Nyas | Puri | |
| 3 | | Shree Garuddhawaj Vasudeva Yagyavalka Ved School | Puri | |
| 4 | | Sri Ramanandacharya Kannav Veda School | Puri | |
| 5 | | Ved School, Brahampur | Ganjam | |
| 6 | କାଣ୍ୱ | Sri Gurukul Ved School | Puri | Odisha |
| 7 | | Ved Vidyalaya | Puri | |
| 8 | | Ved Vidyalaya | Kendujhar | |
| 9 | | Gurukul Ved School | Kendujhar | |
| 10 | | Shri Gopal Jev Ved School | Cuttack | |
| 11 | | Maa Sarla Ved School | Jagatsinghpur | |
| 12 | | Shri Ramchandra Swami Charitable Trust | Puri | |
| 13 | | Shri Devya Shukla Yajurveda Kannav Ved School, | Puri | |
| 14 | | Purvamanay Goverdhan School | Puri | |
| 15 | | Shree Lingraj Vedic Shikshanushthanam | Bhubneshwar | |
| 16 | | Vashishist Gurukul School | Ganjam | |
| 17 | | Pandit Gopalchandra Ved Jyoti Vigyan Vidyapeetham | Baleshwar | |
| 18 | | Shri Ramkrishan Ved School | Puri | |
| 19 | | Shri Raghunath Ved School | Kendrajhar | |
| 20 | | Shri Atmaram Ved Vidyalaya | Cuttack | |
| 21 | | Shri Chandershekar Ji Ved School | Yadanpur | |

Not for Commercial Use

| କ୍ରମ | ସଂହିତା ଶାଖା | ଗୁରୁକୁଳ | ସ୍ଥାନ | ପ୍ରଦେଶ |
|---|---|---|---|---|
| 22 | କାଣ୍ୱ ଓ ମାଧ୍ୟନ୍ଦିନୀ | **One Place** | One Place | **Andhra Pradesh** |
| 23 | ମାଧ୍ୟନ୍ଦିନୀ | **One Place** | One Place | |
| 24 | ମାଧ୍ୟନ୍ଦିନୀ | **4 Places** | 4 Places | **Delhi** |
| 25 | ମାଧ୍ୟନ୍ଦିନୀ | **2 Places** | 2 Places | **Gujrat** |
| 26 | କାଣ୍ୱ | **One Place** | One Place | **Karnataka** |
| 27 | ମାଧ୍ୟନ୍ଦିନୀ | **30 Places** | 30 Places | **Maharastra** |
| 28 | କାଣ୍ୱ | **One Place** | One Place | |
| 29 | କାଣ୍ୱ ଓ ମାଧ୍ୟନ୍ଦିନୀ | **One Place** | One Place | |
| 30 | ମାଧ୍ୟନ୍ଦିନୀ | **37 Places** | 37 Places | **Madya Pradesh** |
| 31 | ମାଧ୍ୟନ୍ଦିନୀ | **33 Places** | 33 Places | **Rajasthan** |
| 32 | କାଣ୍ୱ ଓ ମାଧ୍ୟନ୍ଦିନୀ | **2 Places** | 2 Places | |
| 33 | କାଣ୍ୱ | **3 Places** | 3 Places | **Tamil Nadu** |
| 34 | ମାଧ୍ୟନ୍ଦିନୀ | **77 Places** | 77 Places | **Uttar Pradesh** |
| 35 | କାଣ୍ୱ ଓ ମାଧ୍ୟନ୍ଦିନୀ | **3 Places** | 3 Places | |
| 36 | କାଣ୍ୱ | **One Place** | One Place | |
| 37 | ମାଧ୍ୟନ୍ଦିନୀ | **9 Places** | 9 Places | **West Bengal** |
| 38 | କାଣ୍ୱ | **One Place** | One Place | |
| 39 | କାଣ୍ୱ | **One Place** | One Place | **Assam** |
| 40 | ମାଧ୍ୟନ୍ଦିନୀ | **5 Places** | 5 Places | |
| 41 | ମାଧ୍ୟନ୍ଦିନୀ | **3 Places** | 3 Places | **Sikkim** |
| 42 | ମାଧ୍ୟନ୍ଦିନୀ | **One Place** | One Place | **Tripura** |
| 43 | ମାଧ୍ୟନ୍ଦିନୀ | **5 Places** | 5 Places | **Bihar** |
| 44 | ମାଧ୍ୟନ୍ଦିନୀ | **One Place** | One Place | **Chatisgarh** |
| 45 | ମାଧ୍ୟନ୍ଦିନୀ | **2 Places** | 2 Places | **Haryana** |
| 46 | ମାଧ୍ୟନ୍ଦିନୀ | **One Place** | One Place | **Jharkhand** |
| 47 | ମାଧ୍ୟନ୍ଦିନୀ | **6 Places** | 6 Places | **Uttarakhand** |
| 48 | ମାଧ୍ୟନ୍ଦିନୀ | **One Place** | One Place | **Arunachal Pradesh** |

Not for Commercial Use

## କୃଷ୍ଣ ଯଜୁର୍ବେଦ ଗୁରୁକୁଳ

| କ୍ରମ | ସଂହିତା ଶାଖା | ଗୁରୁକୁଳ | ସ୍ଥାନ | ପ୍ରଦେଶ |
|---|---|---|---|---|
| 1 | ତୈତ୍ତିରୀୟ | **8 Places** | 8 Places | **Andhra Pradesh** |
| 2 | ତୈତ୍ତିରୀୟ | **5 Places** | 5 Places | **Karnataka** |
| 3 | ତୈତ୍ତିରୀୟ | **3 Places** | 3 Places | **Kerala** |
| 4 | ତୈତ୍ତିରୀୟ | **2 Places** | 2 Places | **Maharastra** |
| 5 | ତୈତ୍ତିରୀୟ | **9 Places** | 9 Places | **Tamil Nadu** |
| 6 | ତୈତ୍ତିରୀୟ | **3 Places** | 3 Places | **Uttar Pradesh** |
| 7 | ତୈତ୍ତିରୀୟ | **2 Places** | 2 Places | **Bihar** |

## ସାମବେଦ ଗୁରୁକୁଳ

ଭାରତରେ "ସାମବେଦ"ର ଗୁରୁକୁଳ **୪୪**ଟିରୁ ଅଧିକ ସ୍ଥାନରେ ଅଛି, ଯେଉଁଠି 'ସାମବେଦ'ର ଅଧ୍ୟୟନ ଓ ଅଧ୍ୟାପନା ହୋଇଆସୁଅଛି । ଗୁରୁକୁଳମାନଙ୍କର ସଂଖ୍ୟା ଅଧିକ ଥିବାରୁ, ସେମାନଙ୍କର ନାମ ଲେଖିବା ସମ୍ଭବ ନୁହେଁ । କେବଳ ଓଡ଼ିଶାରେ ଥିବା ଗୁରୁକୁଳମାନଙ୍କର ନାମ ଦିଆଯାଇଛି । ତାହାର ତାଲିକା ତଳେ ଟେବୁଲରେ ଦିଆଗଲା ।

| କ୍ରମ | ସଂହିତା ଶାଖା | ଗୁରୁକୁଳ | ସ୍ଥାନ | ପ୍ରଦେଶ |
|---|---|---|---|---|
| 1 | କୌଥୁମ | Shree Garuddhawaj Vasudeva Yagyavalka Ved School | Puri | **Odisha** |
| 2 | କୌଥୁମ | Ved School, Brahampur | Ganjaam | |

Not for Commercial Use

| କ୍ରମ | ସଂହିତା ଶାଖା | ଗୁରୁକୁଳ | ସ୍ଥାନ | ପ୍ରଦେଶ |
|---|---|---|---|---|
| 1 | କୌଥୁମ | **3 Places** | 3 Places | **Andhra Pradesh** |
| 2 | କୌଥୁମ ଓ ଜୈମିନୀୟ | **1 Place** | 1 Place | |
| 3 | କୌଥୁମ | **3 Places** | 3 Places | **Delhi** |
| 4 | କୌଥୁମ | **3 Places** | 3 Places | **Gujurat** |
| 5 | କୌଥୁମ | **1 Place** | 1 Place | **Maharastra** |
| 6 | ରଣାୟନୀୟ | **5 Places** | 5 Places | |
| 7 | ରଣାୟନୀୟ ଓ କୌଥୁମ | **2 Places** | 2 Places | **Rajasthan** |
| 8 | କୌଥୁମ | **4 Places** | 4 Places | |
| 9 | କୌଥୁମ | **3 Places** | 3 Places | **Tamil Nadu** |
| 10 | କୌଥୁମ | **9 Places** | 9 Places | **Uttar Pradesh** |
| 11 | ରଣାୟନୀୟ ଓ କୌଥୁମ | **2 Places** | 2 Places | |
| 12 | କୌଥୁମ | **3 Places** | 3 Places | **West Bengal** |
| 13 | କୌଥୁମ | **1 Place** | 1 Place | **Bihar** |
| 14 | କୌଥୁମ | **1 Place** | 1 Place | **Karnataka** |
| 15 | କୌଥୁମ | **1 Place** | 1 Place | **Uttarakhanda** |
| 16 | ଜୈମିନୀୟ | **2 Place** | 2 Place | **Kerala** |

## ଅଥର୍ବବେଦ ଗୁରୁକୁଳ

ଭାରତରେ "ଅଥର୍ବବେଦ"ର ଗୁରୁକୁଳ ୩୩ଟି ରୁ ଅଧିକ ସ୍ଥାନରେ ଅଛି, ଯେଉଁଠି 'ଅଥର୍ବବେଦ'ର ଅଧ୍ୟୟନ ଓ ଅଧ୍ୟାପନା ହୋଇଆସୁଅଛି । ଗୁରୁକୁଳମାନଙ୍କର ସଂଖ୍ୟା ଅଧିକ ଥିବାରୁ, ସେମାନଙ୍କର ନାମ ଲେଖିବା ସମ୍ଭବ ନୁହେଁ । କେବଳ ଓଡ଼ିଶାରେ ଥିବା ଗୁରୁକୁଳମାନଙ୍କର ନାମ ଦିଆଯାଇଛି । ତାହାର ତାଳିକା ତଳେ ଟେବୁଲରେ ଦିଆଗଲା ।



Not for Commercial Use

| କ୍ରମ | ସଂହିତା ଶାଖା | ଗୁରୁକୁଳ | ସ୍ଥାନ | ପ୍ରଦେଶ |
|---|---|---|---|---|
| 1 | ଶୌନକ | Shree Garuddhawaj Vasudeva Yagyavalka Ved School | Puri | Odisha |
| 2 | ପୈପ୍ପଲାଦ | Ved School, Brahampur | Ganjaam | |
| 3 | ପୈପ୍ପଲାଦ | Kanchi Kamkoti Mutt | Puri | |
| 4 | ଶୌନକ | Shri Kanchi Kamkoti Peeth | Puri | |
| 5 | ଶୌନକ | **1 Place** | 1 Place | **Andhra Pradesh** |
| 6 | ଶୌନକ | **2 Places** | 2 Places | **Delhi** |
| 7 | ଶୌନକ | **1 Place** | 1 Place | **Gujurat** |
| 8 | ଶୌନକ | **2 Places** | 2 Places | **Maharastra** |
| 9 | ପୈପ୍ପଲାଦ | **6 Places** | 6 Places | |
| 10 | ଶୌନକ | **1 Place** | 1 Place | **Madhya Pradesh** |
| 11 | ଶୌନକ ଓ ପୈପ୍ପଲାଦ | **1 Place** | 1 Place | **Rajasthan** |
| 12 | ଶୌନକ | **4 Places** | 4 Places | |
| 13 | ଶୌନକ ଓ ପୈପ୍ପଲାଦ | **2 Places** | 2 Places | **Uttar Pradesh** |
| 14 | ଶୌନକ | **5 Places** | 5 Places | |
| 15 | ଶୌନକ | **2 Places** | 2 Places | **Bihar** |
| 16 | ପୈପ୍ପଲାଦ | **1 Place** | 1 Place | **Jharkhand** |

## ବିଶ୍ୱରେ ବେଦ ଅଧ୍ୟୟନ ସ୍ଥାନ

ବିଶ୍ୱରେ "ବେଦ ଅଧ୍ୟୟନ", ପ୍ରାୟ ୨୦୦ଟି 'ଇଉନିଭରସିଟି'ରେ ଦିଆଯାଉଅଛି । କିନ୍ତୁ, ଏଠାରେ କେବଳ "ବେଦ"ର ବାହ୍ୟ ଜ୍ଞାନ ପ୍ରାପ୍ତ ହୋଇ ପାରିବ । ଏଠାରେ ଥିବା ସଂସ୍କୃତ ବିଭାଗରେ ଛାତ୍ର ମାନେ ଜ୍ଞାନ ହାସିଲ କରିବା ସଙ୍ଗେ ସଙ୍ଗେ, ଗବେଷଣା କରନ୍ତି । ସର୍ବାଧିକ ଇଉନିଭରସିଟି, ଇଉରୋପ ଓ ଆମେରିକାରେ ଅଛି । ଜର୍ମାନୀରେ ୧୪ଟି ଇଉନିଭର୍ସିଟ୍ ଓ ୧୨୦୦ ସ୍କୁଲରେ ସଂସ୍କୃତର ଶିକ୍ଷା ଦିଆଯାଉଅଛି । ଦେଶ ଅନୁସାରେ, ଇଉନିଭର୍ସିଟ୍ ସଂଖ୍ୟାର ତାଲିକା ତଳେ ଟେବୁଲରେ ଦିଆଯାଇଛି ।

Not for Commercial Use

| ମହାଦେଶ | ଦେଶ | ସଂଖ୍ୟା | ମହାଦେଶ | ଦେଶ | ସଂଖ୍ୟା |
|---|---|---|---|---|---|
| **Asia** | India | 15 | **Europe** | Austria | 1 |
| | Bangaladesh | 1 | | Belgium | 2 |
| | Nepal | 2 | | Denmark | 1 |
| | Srilanka | 2 | | Finland | 1 |
| | Bhutan | 1 | | France | 4 |
| | Cambodia | 3 | | Germany | 14 |
| | China | 1 | | Great Britain | 4 |
| | Hong Kong | 1 | | Italy | 12 |
| | Indonesia | 4 | | Netherland | 3 |
| | Japan | 1 | | Norway | 1 |
| | Laos | 1 | | Poland | 5 |
| | Malayasia | 1 | | Russia | 2 |
| | South Korea | 1 | | Spain | 1 |
| | Taiwan | 2 | | Sweden | 2 |
| | Thailand | 3 | | Switzerland | 3 |
| | Vietnam | 3 | **America** | USA | 36 |
| **Africa** | South Africa | 1 | | Canada | 7 |
| **Middle East** | Oman | 1 | | Mexico | 1 |
| | Israel | 2 | | Brazil | 1 |
| **Australia** | Asustralia | 4 | | | |
| | Fiji | 1 | | | |
| | Newzealand | 4 | | | |

"ବେଦ" ଏକ ଅସରନ୍ତି ଜ୍ଞାନର ଭଣ୍ଡାର, ଆପଣମାନେ ଏଥିରୁ ଯେତେ ଜ୍ଞାନ ପ୍ରାପ୍ତ କରିବେ, ସେତେ ଆପଣଙ୍କୁ କମ ଲାଗିବ । ୫୦୦୦ ବର୍ଷ ପରେ ମଧ୍ୟ "ବେଦମନ୍ତ୍ର" ସମୁହ ଆମ ଦୈନନ୍ଦିନ ଜୀବନରେ ବ୍ୟବହାର ହୋଇଆସୁଅଛି । ମନ୍ଦିର ପୂଜା ହେଉ, ବା ଗୃହ ପୂଜା ହେଉ, ଆମ ଜଣା ଅଜଣାରେ ଏହାର ବ୍ୟବହାର ହୋଇଆସୁଅଛି । କେତୋଟି ପ୍ରସିଦ୍ଧ ଓ ପ୍ରଚଳିତ ମନ୍ତ୍ରର ନାମ  ତଳେ ଦିଆଯାଇଛି ।

ପୁରୁଷସୂକ୍ତ, ଗାୟତ୍ରୀ ମନ୍ତ୍ର, ମହାମୃତ୍ୟୁଞ୍ଜୟ ମନ୍ତ୍ର, ଗଣପତି ବେଦ ମନ୍ତ୍ର, ନାରାୟଣ ସୂକ୍ତ, ରୁଦ୍ରସୂକ୍ତ, ରୁଦ୍ର ଚମକ, ରୁଦ୍ର ଅଷ୍ଟକ, ଅଗ୍ନିସୂକ୍ତ, ସୂର୍ଯ୍ୟସୂକ୍ତ, ବିବାହ ମନ୍ତ୍ର, ଇତ୍ୟାଦି ଇତ୍ୟାଦି ।

Not for Commercial Use

ଯଦି ଆପଣମାନେ "ବେଦ" ବିଷୟରେ ଅଧିକ ଜ୍ଞାନ ପାଇବା ଉଦ୍ଦେଶ୍ୟରେ ପୁସ୍ତକ ବା ଗ୍ରନ୍ଥ ମାନଙ୍କୁ ପଠନ କରିବାକୁ ଚାହୁଁଛନ୍ତି, ତା'ହେଲେ, ଭାରତୀୟ ପ୍ରକାଶିତ ପୁସ୍ତକ ବା ଗ୍ରନ୍ଥ ମାନଙ୍କୁ, କେବଳ ବିଶ୍ୱସନୀୟ ପ୍ରକାଶକଙ୍କ ଠାରୁ  ପ୍ରାପ୍ତ କରନ୍ତୁ । ଏହାର କାରଣ, ବିଦେଶୀ ଲେଖକଙ୍କର ଅନୁବାଦ ଗୁଡିକ ଭରସା ଯୋଗ୍ୟ ନୁହେଁ, ସେମାନଙ୍କର ଅନୁବାଦ ଅତି କ୍ଷୁଦ୍ର ଓ ଅସ୍ପଷ୍ଟ । ତା'ଛଡା, ବଜାରରେ ଅନେକ ଭ୍ରମିତ ଓ ଅସତ୍ୟ ପୁସ୍ତକ ମଧ୍ୟ ଅଛି । ଏଠାରେ କିଛି ପ୍ରକାଶକଙ୍କ ନାମ ଉଲ୍ଲେଖ କରୁଛି ।

ଚୌଖମ୍ବା ବିଦ୍ୟା ଭବନ, ବାରଣାସି । ରାମକୃଷ୍ଣ ମିସନ, ଆର୍ଯ୍ୟ ସମାଜ, ଗୀତା ପ୍ରେସ, ମୋତିଲାଲ ବଂଶୀଧର ପବ୍ଲିସର, ଘନପାଠୀ ପ୍ରକାଶନ ଇତ୍ୟାଦି ।

ଆଶାକରୁଛି, ଆପଣମାଙ୍କୁ ପୁସ୍ତକଟି ପସନ୍ଦ ଆସିଥିବ, ଅପେକ୍ଷା କରିବି ଆପଣମାନଙ୍କ ମନ୍ତବ୍ୟକୁ । ଧନ୍ୟବାଦ ।

## || ସମାପ୍ତ ||

**ଏହି ପୁସ୍ତକଟି ଡ଼ିଜିଟାଲ ରୂପରେ ତଳେ ଦିଆଯାଇଥିବା ୱେବସାଇଟ ରେ ଉପଲବ୍ଧ, ତଥା, ସଂପାଦକଙ୍କ ଦ୍ୱାରା ସଂପାଦିତ "ଋକ୍-ବେଦ" ଓଡ଼ିଆ ରେ ମଧ୍ୟ ଉପଲବ୍ଧ ଅଛି, ପାଠକମାନେ ଏହାକୁ ମୁକ୍ତରେ ଡ଼ାଉନଲୋଡ଼ କରିପାରିବେ ।**

www.scholarshoppe.com/veda-odia/

Not for Commercial Use

ଓଁ ଶ୍ରୀ ଗଣେଶାୟ ନମଃ

ପ୍ରାଚୀନ ଭାରତୀୟ ବୈଦିକ ସାହିତ୍ୟ

Vedic Literature of Ancient India

# ଋକ୍-ବେଦ

(ଋଗ୍ ବେଦ)

Rig Veda

## ଶାକଲ ସଂହିତା

Shakala Samhita

**ସଂପାଦନ - ଶ୍ରୀ ପ୍ରକାଶ ପ୍ରଧାନ**

Editor – Prakash Pradhan

**ଭାଷା - ସଂସ୍କୃତ-ଓଡିଆ**

Language – Sanskrit - Odia

**ଶୁଦ୍ଧିକରଣ (**Proofreading by)

ପଣ୍ଡିତ ଶ୍ରୀ ସନ୍ତୋଷ କୁମାର ମିଶ୍ର

ଶ୍ରୀ ନିଳାଦ୍ରି ବିହାରୀ ସତପଥୀ

**This Sacred Book**

Supported By

**Scholar Shoppe Private Limited**

No-39, B-12, 4th Main Road,

Gandhi Nagar, Adyar,

Chennai – 600020

Tamil Nadu

www.scholarshoppe.com

**&**

Fashion Brand

www.egearz.com

Not for Commercial Use